ମାଟି ପ୍ରତିମା

ଅରବିନ୍ଦ ଧଳ

Digitized by srujanika@gmail.com

ଉତ୍ତର-ଆଧୁନିକ ଓଡ଼ିଆ ଗଳ୍ପର ଏକ ଅନ୍ତରଙ୍ଗ ଅନ୍ତଃସ୍ୱର — ଅରବିନ୍ଦ ଧଳ ।

ଶ୍ରୀ ଧଳଙ୍କ ଗଳ୍ପଗୁଡ଼ିକ ଗୋଟିଏ ଗୋଟିଏ ଗୈରିକ ଗବାକ୍ଷ — ଯାହା ଫାଙ୍କ ଦେଇ ଦେଖିହୁଏ ଫାଲେ ଫଟାଭୂଇଁ ସହ ଆଂଜୁଳାଏ ଅଲରା ଆକାଶ !

ଗ୍ରାମୀଣ ଗୋଧୂଳି ଓ ସହରୀ ସକାଳ, ମୃଦଙ୍ଗ ଓ ମାଇକ୍, ସାରେଗାମା ଓ ସାଇରନ୍, ନଣବଢ଼ି ଓ ନୃତ୍ୟୋତ୍ସବ, ଯାଦୁକରୀ ଜହ୍ନ ଓ ଜିନୁଅପା, ମକାଗଛ ଓ ମଖମଲୀ ଝିଅ, ପଡ଼ିଶାଘର ବୋହୂ ଓ ବୁଢ଼ିଆଣୀ ଡାଳ, ସହିଦ୍ ଓ ସର୍କସ୍ ବାଘ, ମାଟି ପ୍ରତିମା ଓ ମାଂସର ମଣିଷ — ଅଜସ୍ର ଆୟତନର ଅଭିବ୍ୟଂଜନା ତାଙ୍କ ଗଳ୍ପସବୁ ।

ନିକଟତମ ବାସ୍ତବତାର ନିଷ୍ଠୁର ନୈରାଜ୍ୟରୁ ସୁଦୂରତମ ସ୍ୱପ୍ନର ସୁବିସ୍ତୃତ ସୀମାନ୍ତ ପର୍ଯ୍ୟନ୍ତ ସଂପ୍ରସାରିତ ତାଙ୍କ କଥା-ଚେତନା ।

'ମାଟି ପ୍ରତିମା' — ଶ୍ରୀ ଧଳଙ୍କର ସର୍ବପ୍ରଥମ କଥାକୃତି ।

Digitized by srujanika@gmail.com

ମାଟି-ପ୍ରତିମା

ଅରବିନ୍ଦ ଧଳ

Digitized by srujanika@gmail.com

ମାଟି-ପ୍ରତିମା

ଗଳ୍ପଗୁଚ୍ଛ

ଲେଖକ : ଅରବିନ୍ଦ ଧଳ ■ ପ୍ରକାଶକ : କାହାଣୀ, କଲ୍ୟାଣୀନଗର, କଟକ-୧୩ ■ ଅକ୍ଷରସଜ୍ଜା : ଅକ୍ଷର, କଲ୍ୟାଣୀନଗର, କଟକ-୧୩ ■ ମୁଦ୍ରଣ : ଟେକ୍‌ନୋ ଆର୍ଟସ ଅଫ୍‌ସେଟ୍, କଲ୍ୟାଣୀନଗର, କଟକ-୧୩ ■ ମୂଲ୍ୟ : ଟ. ୫୦/-

ପ୍ରଥମ ପ୍ରକାଶ :
ଦୋଳ ପୂର୍ଣ୍ଣିମା ■ ୧୯୯୯

© ଶୁଭଶ୍ରୀ ଧଳ

ପ୍ରଚ୍ଛଦପଟ : ଅଶୋକ ମହାନ୍ତି

MATI-PRATIMA

A Collection of Short Stories

Author : Arabinda Dhal ■ Publisher : Kahani, Kalyani Nagar, Cuttack-13 ■ Typesetting : Akshara, Kalyani Nagar, Cuttack-13 ■ Printed at : Techno Arts Offset, Kalyani Nagar, Cuttack-13 ■ Price : Rs.50/-.

First Edition :
1999

© *Subhashree Dhal*

Cover design : Ashok Mohanty

Digitized by srujanika@gmail.com

ଉତ୍ସର୍ଗ :

ପିଲାଟି ଦିନରୁ
ମୋ ଭିତରେ
ସାରସ୍ୱତ ଶ୍ରଦ୍ଧା ଓ ଆବେଦନ
ସଂଚାରିବା ସହିତ
ହାତ ଧରି
ଗପ ଶିଖେଇ ଦେଇଥିବା
ବାପା
ଓ
ପତ୍ରିକାରେ
ନୂଆ ଗପଟେ ପ୍ରକାଶ ପାଇଲେ
ଏଘର ସେଘର ହେଇ
ଚଷ୍ମା ଖୋଜି ହେଉଥିବା
ବୋଉ
ହାତରେ....
ଏଇ *'ମାଟି ପ୍ରତିମା'*
ମୋର ପ୍ରଥମ ଭକ୍ତିଅର୍ଘ୍ୟ ।

Digitized by srujanika@gmail.com

ନିଜ କଥା

ମୋ ନିଜର ବୋଲି କିଛି ନାହିଁ । କିଛି ଥିଲେ, ହୁଏତ ଲେଖି ପାରିନଥାନ୍ତି ଆଦୌ । ମୋ 'ଥିବା'କୁ ଆବୋରି ବସିଥାନ୍ତି । ଆଉ ସବୁ ଲେଖକମାନେ ବି ମୋରି ପରି ନିଃସ୍ୱ ହେଇଥିବେ ବୋଲି ମୋର ମନେହୁଏ । କେଉଁଠି ନା କେଉଁଠି ମୁଁ ଭେଟିଥିବା ମଣିଷ ଓ ତା ସୁଖଦୁଃଖ ବଣ୍ଟାରୁ ଯେତିକି ପାଇଡିଛି, ସେତିକିକୁ ସମ୍ୱଳ କରିଛି । ସୁଖ କଥା ସୁଦ୍ଧୁ ମିଛ । ନିରୋଳା ଦୁଃଖ । ସବୁ ମଣିଷ ଗୋଟାଏ ଭିନ୍ନ ପ୍ରକାର ଦୁଃଖକୁ ଆବୋରି ବସିଥାନ୍ତି । ଅସହାୟତା ଭିତରେ ଚୁପୁଡ଼ି ହେଇ ପଡୁଥିବା ମଣିଷର ଅବଶୋଷ ଓ ଯନ୍ତ୍ରଣା ହିଁ ମୋର ଅନ୍ତର୍ଦାହ । ମୋ ଗଳ୍ପର ପ୍ରାଣ ।

ମୁଁ ଏଇ କେତେ ବର୍ଷ ହେଲା ଯେମିତି, ସୂର୍ଯ୍ୟ ଉଇଁବା ଦେଖୁନାହିଁ ! ଅନୁଭବି ନାହିଁ ସଫା ଖରାର ଚିକ୍‌ମିକ୍ ରୋଷଣୀ । ଯେଉଁଠି ସୂର୍ଯ୍ୟ ଉଁ ଥିବ କି ଖରା ପଡୁଥିବ; ସେଠି ସୁଖର ଫସଲ ଅଳାଡ଼ି ହେଇ ପଡୁଥିବ; ସେମିତିକା ପୃଥିବୀରେ ମୋର କି କାମ ??

ମୋ ଅନ୍ତରଂଗ ଅନୁଭବର ମାଟିପିଣ୍ଡୁଳାମାନଙ୍କ ଭିତରେ ତ ମୁଁ ଜୀଇଁବାର ସାମର୍ଥ୍ୟ ଖୋଜେ, ଗୋଡ଼ରେ ତେଲ ଲୁଣର ବେଡ଼ି ପକେଇ ଉପରକୁ ହାତ ଟେକି ସନ୍ୟାସ ଖୋଜି ହେଉଥିବା କିଲିବିଲିଆ ସଂସାରୀ ଜଣଙ୍କୁ ଆପଣେଇ ନିଏ ନିଜ ଭିତରେ । ଅଂଧାର ସହ ସାଲିସ୍ କରୁଥିବା ନୀଳ ଜହ୍ନର ହଳାହଳକୁ ଆମୃଷ୍ଟ କରିଛି । ଫଟାମାଟିରୁ ଭାତ ଅଣ୍ଡାଳି ହେଉଥିବା ମଣିଷମାନଙ୍କୁ ନେଇ ଗପଗଛର ମଞ୍ଜି ପୋତିଛି, ବିନା ପାଣିରେ ଗଜା ମାରୁଥିବା କଣ୍ଟାବୁଦା ପରି ମୋ ଭିତରେ ଗପ ଅଙ୍କୁରିଛି ଓ ତା ଇଚ୍ଛାରେ ତାଳପତ୍ର ମେଲେଇଛି । ମୋ ହାତରେ କିଛି ଗପ ଲେଖା ଯାଇନାହିଁ । ହାତ ଯଦି ଲେଖୁଥାନ୍ତା, ତାହେଲେ ପ୍ରତିଦିନ ଶହ ସହସ୍ର ଲକ୍ଷ କୋଟି ଗପ କି କବିତା ଜନ୍ମ ନେଉଥାନ୍ତା । ଯାହା କେତୋଟି ଗପ ଲେଖିଛି, ସେ ସବୁ ସିଧା ସଳଖ ହୃଦୟରୁ କାଗଜ ଉପରକୁ ଉତୁରି ପଡ଼ିଛି । ମଣିଷର ସରଳତାକୁ

Digitized by srujanika@gmail.com

ଶୋଷଣ କରାଯିବା ପରି ଏକ ସାମାଜିକ ଅପରାଧକୁ ପାଥେୟ କରିଛି ଅନେକ ଗଳ୍ପରେ । ସୁସ୍ଥ ସମାଜ ପାଇଁ ଅଙ୍ଗୀକାରବଦ୍ଧ ହେବାକୁ ଯତ୍‌କିଂଚିତ୍ ଚେଷ୍ଟା କରିଛି ମାତ୍ର ।

ସଙ୍କଳନରେ ସ୍ଥାନିତ ଗଳ୍ପଗୁଡ଼ିକ ୧୯୯୬ ରୁ ୧୯୯୯ ମଧ୍ୟରେ ରଚିତ ଏବଂ ଝଙ୍କାର, ସମାରୋହ, ପ୍ରତିବେଶୀ, ସମର୍ପଣ, ତାଳଧ୍ୱଜ, ପଶ୍ଚିମା, ଅମୃତାୟନ, ସାବିତ୍ରୀ, ଗୋକର୍ଣ୍ଣିକା, ଇସ୍ତାହାର, ସାରଥ୍ୟ, ପ୍ରଜାତନ୍ତ୍ର, ପ୍ରଗତିବାଦୀ ଓ ଅନୁପମ ଭାରତରେ ପ୍ରକାଶିତ । ସେଇ ପ୍ରତିଷ୍ଠିତ ପତ୍ରପତ୍ରିକାମାନଙ୍କର ସମ୍ପାଦକ/ସମ୍ପାଦିକାମାନଙ୍କ ପାଖରେ ବିନମ୍ର କୃତଜ୍ଞତା ଜଣାଉଛି । ପ୍ରକାଶିତ ପ୍ରତିଟି ଗଳ୍ପର ପ୍ରତିକ୍ରିୟା ସ୍ୱରୂପ ପାଠକୀୟ ଶ୍ରଦ୍ଧା ମିଳିଛି ସ୍ୱତଃସ୍ଫୂର୍ତ୍ତ ଭାବେ । ଗଳ୍ପର ଚରିତ୍ରମାନଙ୍କ ଭିତରେ ସେମାନେ ନିଜକୁ ଓ ନିଜ ଅନ୍ତରଙ୍ଗମାନଙ୍କୁ ସାମିଲ୍ କରି ମୋ ସଫଳତା ଓ ବିଫଳତାର ମାପକାଠି ପାଲଟିଛନ୍ତି । ସେଇ ଚିହ୍ନା ଅଚିହ୍ନା ବନ୍ଧୁମାନଙ୍କର ସ୍ନେହ, ଶ୍ରଦ୍ଧା ଓ ପରାମର୍ଶକୁ ପାଥେୟ କରି କଲମ ଗାରେଇ ଚାଲିଛି ଯାହା ।

ମୋର ଅବହେଳା ଓ ଅନ୍ୟମନସ୍କତାକୁ ପ୍ରଶ୍ରୟ ଦେଇ ଆସୁଥିବା ଏ ସଙ୍କଳନର ସତ୍ତ୍ୱାଧିକାରିଣୀ ଓ କୁନିଝିଅ 'ଲିମା'ର ପରୋକ୍ଷ ପ୍ରେରଣା ଏକତ୍ର ଭାବେ ଏ ଗଳ୍ପଗୁଡ଼ିକୁ ନବଜନ୍ମ ଦେବାରେ ସହାୟକ ହୋଇଛି । ଏଇ ସବୁ ଲେଖାଲେଖି ଅବସରରେ ମୋ ବଡ଼ ଭାଇ ଅଧ୍ୟାପକ ପଦ୍ମକାନ୍ତ ଧଳଙ୍କର ଗଭୀର ପ୍ରୋତ୍ସାହନ ହିଁ କେବଳ ମତେ ଏତେ ବାଟ ଆଣି ପାରିଛି । ଲେଖକ ଓ ଚିତ୍ରଶିଳ୍ପୀ ବନ୍ଧୁ ଅଶୋକ ମହାନ୍ତିଙ୍କର ପ୍ରଚ୍ଛଦପଟରେ ପ୍ରତିଫଳିତ ଶ୍ରଦ୍ଧା ଭୁଲିବାର ନୁହେଁ । ଶେଷରେ ଜୀବନରାସ୍ତାରେ ଅନେକ ଦୁର୍ବିଷହ ଦୁଃସମୟକୁ ସାମନା କରିବା ପାଇଁ ମୋ ଭିତରେ ଅସୀମ ଧୈର୍ଯ୍ୟ ଓ ଅମାପ ବଳ ଭରି ଦେଇଥିବା ପରମପୁରୁଷ ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ପାଦପଦ୍ମରେ ମୋର ଭକ୍ତିପୂତ ଅଂଜଳି ।

ସଙ୍କଳନରେ ସ୍ଥାନିତ ଗଳ୍ପଗୁଡ଼ିକ ସାମଗ୍ରିକ ଭାବରେ ପାଠକୀୟ ଆଦର ଲାଭ କରି ପାରିଲେ, କିଛି ଲେଖି ପାରିଛି ବୋଲି ମନେ ହେବ ।

ବିନୀତ

ଅରବିନ୍ଦ ଧଳ

Digitized by srujanika@gmail.com

ସୂଚୀ

ମାଟିପ୍ରତିମା	■	୧
ସବୁଦିନେ ବଣଭୋଜି	■	୧୫
ମୃଦଙ୍ଗ ବୋଲେ ଧା-ଧା	■	୨୩
ବିଷ	■	୩୧
ଅନ୍ଧପିତା	■	୪୧
ନଈବଢ଼ିର ଦୃଶ୍ୟ	■	୪୬
ଦୁଃଖର ଦିନଲିପି	■	୫୨
ଗ୍ରହଣ ଲାଗିବା ବେଳ	■	୫୭
ପ୍ରିୟ ଗାଳ୍ପିକ	■	୬୨
ଠାକୁର ପୂଜା	■	୬୮
ସର୍କସ ବାଘ	■	୭୪
ବୁଢ଼ିଆଣୀ ଜାଲ	■	୭୮
ପଡ଼ିଶା ଘର ବୋହୂ	■	୮୨
ଫେରିବାକୁ ବାଟ ନାହିଁ	■	୮୮
ଶୋକାର୍ତ୍ତ ସକାଳ	■	୯୬
ଲୁଚିବାକୁ ଜାଗା	■	୧୦୨
ଝିଅ	■	୧୦୬
ବନ୍ଧ୍ୟା କାମଧେନୁ	■	୧୧୧
ଏତେ ପାଖରେ ମରଣ	■	୧୧୯
ସହିଦ୍	■	୧୨୪

Digitized by srujanika@gmail.com

Digitized by srujanika@gmail.com

ମାଟି-ପ୍ରତିମା

ଠକ୍‌ଠକ୍ ଶବ୍ଦ କରି କିଏ ସେ କବାଟ ପିଟୁଛି । ଯଦିବା କେହି ଡାକୁଛି, ତେବେ ମଥୁରି ଘର ଭିତରୁ ସେ କବାଟଟାକୁ ଫିଟାଉ ନାହିଁ କାହିଁକି ! ରହି ରହି ଶୁଭୁଥିବା ସେଇ ଧଡ଼ ଧଡ଼ ଶବ୍ଦରେ ଘରଟା କମ୍ପି ଉଠୁଛି । ବାଡ଼ିପଟ କୂଅମୂଳେ ଗାଧୋଉ ଗାଧୋଉ ଚିନ୍ତା କରୁଚି ମଥୁରି ଭାର୍ଯ୍ୟା ପରୀ । ଏମିତି ଅଧାଗାଧୁଆରେ ଓଦା ସରସର ଦେହ ଧରି ସେ ବା କେମିତି ଆସି କବାଟ ଫିଟାଇବ ! ବେଳକୁ ବେଳ ସେ ଶବ୍ଦ ବଢ଼ିଲା, ଆଉ ଏତକ ବି ଅନୁମାନ କରି ହେଲା ଯେ କେହି ଜଣେ ଅଧେ ନୁହଁ, ଏକାଧିକ ଲୋକଙ୍କର କବାଟ ବାଡ଼ିଆ ଶବ୍ଦ ! ଅସ୍ୱାଭାବିକ ଭାବରେ ଡର ପଶିଗଲା ତା' ଭିତରେ । ମଥୁରି ତେବେ କ'ଣ କରୁଛି ଘର ଭିତରେ ? କାହିଁକି ସେ କବାଟ ଫିଟାଉ ନାହିଁ ? କେହି କଣ ପଶି ଡକାୟତି କରିବେ ତା' ଘରେ ! ସଂଶୟରେ ଭରିଗଲା ତା ମନ । ଡକାୟତି, ପୁଣି ଦିନ ବେଳଟାରେ ! ଡକାୟତି କଲେ କ'ଣ ବା ପାଇବେ ? ତେଲ ଲୁଣର ଛୋଟ ଗୋଟେ ସଂସାର, ଗଣ୍ଡେ ଖାଇ ଦଣ୍ଡେ ଜୀ'ର ଜୀବନ । କେହି କ'ଣ ତେବେ ଆସିଛି ମଥୁରିର ସୁନ୍ଦରୀ ଭାର୍ଯ୍ୟାକୁ... ମାନେ ତାକୁ; କିଛି ବୋଲି କିଛି ବି ଭାବି ପାରିଲା ନାହିଁ ପରୀ ।

କାନି ଚୁପୁଡ଼ି ତରବର ହୋଇ ଓଦାଲୁଗାର ଫେର ବଦଳେଇ ପିନ୍ଧୁ ପିନ୍ଧୁ କୂଅମୂଳ ପାଖରୁ ପାଟି କରି କହିଲା, ହେଇଟି, ତମକୁ କ'ଣ ଶୁଭୁଚି ନା ନାଇଁ ? କିଏ ଦଳେ ଲୋକ ଦାଣ୍ଡପିଣ୍ଡାରେ ଛିଡ଼ା ହେଇ କବାଟ ବାଡେଇବାରେ ଲଗେଇଛନ୍ତି । କ'ଣ କରୁଛ ସେ ଘର ଭିତରଟାରେ ? ମଥୁରିଠାରୁ କିଛି ଉତ୍ତର ନପାଇ ତା ଛାତିର ଦୁକ୍‌ଦୁକିଟା ବଢ଼ିଗଲା ହଠାତ୍ । କ'ଣ ତା'ହେଲେ ହେଲା ତା' ଗେରସ୍ତର । ନଣ୍ଡ ଭଣ୍ଡ ହେଇ ଘର ଭିତରେ ପଶି ଦେଖିଲା ବେଳକୁ କାନ୍ଥକୁ ଲାଗି ପଡିଥିବା ବାହାର ଘର ଖଟ ଉପରେ ଜାକି ଜୁକି ହୋଇ ଆଣ୍ଠୁ ସନ୍ଧିରେ ମୁହଁ ଗୁଞ୍ଜି ସେ ବସିଛି । ହଲ୍ ନାହିଁ କି ଚଲ୍ ନାହିଁ । ତା' କାନ୍ଧକୁ ଧରି ହଲେଇ ଦେଲା ପରୀ । କେମିତି ଗୋଟାଏ ଭୟସଙ୍କୁଳ ମୁହଁରେ ବସିଛି ମଥୁରି । ଲୁହ ଛଳ ଛଳ ହେଇ ଯାଉଛି ତା ଆଖି । କିଛି ବି ବୁଝି ପାରିଲା ନାହିଁ ପରୀ । ଧୀରେ ପଚାରିଲା, କ'ଣ ହେଇଛି ? କବାଟ ଫିଟାଉ ନାହଁ କାହିଁକି ? ସେମାନେ କିଏ ?

ସ୍ତ୍ରୀକୁ ହାତ ଯୋଡ଼ି ଅନୁନୟ ଭଙ୍ଗୀରେ କହିଲା ମଥୁରି, ମୁଁ ଏଇ ଖଟ ତଳେ ଲୁଚି ଯାଉଛି । କହିଦିଅ ସେମାନଙ୍କୁ, ମୁଁ ଘରେ ନାହିଁ ବୋଲି ।

Digitized by srujanika@gmail.com

ଏକଥା ଶୁଣି ବିସ୍ମୟାଭିଭୂତ ପରୀର କଣ୍ଠସ୍ୱର ଆହୁରି ଉଚ୍ଚ ହେଲା, 'କାହିଁକି ? କି ଅପରାଧ କରିଚ ତମେ ? ଚୋରି ଡକେଇତି କରିଚ ତମେ, ନା ମଣିଷ ମାରିଚ ?'

ସେମିତି କିଛି ବି ସେ କରି ନାହିଁ ବୋଲି କାକୁତି ମିନତି କରୁଥିଲା ମଥୁରି । ତା କଥା ଶୁଣିଲା ନାହିଁ ପାରୀ । ପରିସ୍ଥିତିର ମୁହାଁମୁହିଁ ହେବାକୁ ଅଣ୍ଟା ଭିଡ଼ିଲା ଓ କବାଟ ଖୋଲିଦେଲା ।

ଏତେ ସମୟ ଧରି କବାଟ ବାଡେଇ ବାଡ଼େଇ କ୍ରୋଧ ଓ ବିରକ୍ତିରେ ଲାଲ ଦିଶୁଥିବା କିଛି ଯୁବକ ଓ ମଧ୍ୟବୟସ୍କ ପୁରୁଷ ଲୋକଙ୍କର ମୁହଁ ହଠାତ୍ ଅପରୂପ ଲାବଣ୍ୟଭରା ମଥୁରୀ ଭାର୍ଯ୍ୟାର ସକାଳୁଆ ସଜପଖଳା ମୁହଁକୁ ଦେଖି ଥଣ୍ଡା ପଡିଗଲା । ଧୀର, ନମ୍ର ଓ ଭଦ୍ରୋଚିତ ଭାବେ କେହି ଜଣେ ପଚାରିଲା, ମଥୁରି ମିସ୍ତ୍ରୀ ଘରେ ନାହାନ୍ତି କି ?

ପରୀ କିଛି କହିବ କହିବ ହୋଇ ଛେପ ଢୋକି 'ନା' ଶବ୍ଦଟେ ଉଚ୍ଚାରିବ ବୋଲି ଉଚ୍ଚାରି ପାରିଲା ନାହିଁ । ତା ପାଟିରୁ ବାହାରି ପଡ଼ିଲା, ହଁ, ସିଏ ଘରେ ଅଛନ୍ତି ।

'ଘରେ ଥିବା ସତ୍ତ୍ୱେ, ଆମେ ଏଠି କବାଟ ବାଡେଇ ବାଡେଇ ନୟାନ୍ତ ହେଲୁଣି, ଅଥଚ କେହି କବାଟ ଫିଟାଉ ନାହାନ୍ତି !' ଏମିତିଆ କଥାଟାଏ କେହି ବି ପଚାରି ବସିଲେ ନାହିଁ । ମଥୁରି ଘରେ ଥିବା ଶୁଣି ଯେମିତି ଆନନ୍ଦର ଶିହରଣ ଖେଳିଗଲା ସେମାନଙ୍କ ମୁହଁସାରା । ନିରାଶା ଭିତରୁ ଆଶାର ସଂଚାର ହେବାପରି କୋଟିନିଧି ପାଇବାର ଭାବଟେ ସୃଷ୍ଟି ହେଲା ସେମାନଙ୍କର ।

ମଥୁରି ମିସ୍ତ୍ରୀ ଖାଲି ଆଖ ପାଖର କେତେଖଣ୍ଡ ଗାଆଁ ନୁହେଁ, ଦୁର ଦୂରାନ୍ତରେ ନାଆଁ କମେଇଛି । ମଥୁରି ମୂର୍ତ୍ତି ଗଢେ । ଛଣର ଛାଞ୍ଚ ଉପରେ ମାଟିର ପ୍ରଲେପ ଦେଇ ରଙ୍ଗତୂଳୀରେ ଗଢେ ମାଟିର ପ୍ରତିମା । ସବୁ ଦୃଶ୍ୟ ଦୃଶ୍ୟାନ୍ତର ଜୀବ ଓ ନିର୍ଜ୍ଜୀବ ସତ୍ତାକୁ ଜୀବନ୍ତ କରି ତୋଳେ, ତା ହାତର ଯାଦୁକରୀ ସ୍ପର୍ଶରେ । ଗତ ତିନି ବର୍ଷ ହେଲା ଠିକ୍ ପୂଜାର ଏଇ ପାର୍ବଣ ଋତୁକୁ କେଉଁ ଦୂର ଗାଆଁକୁ ଯାଇ ଦେବୀ ମୂର୍ତ୍ତି ଗଢି ଭଲ ନାଆଁ କରିଛି । ଏ ବର୍ଷ ପାର୍ବଣ ବେଳକୁ କିନ୍ତୁ ଗାଆଁରେ ଅଛି । ମଥୁରି ମିସ୍ତ୍ରୀ ଗାଆଁ କନିଆଁ; ହେଲେ, ସିଂଘାଣୀନାକୀ ନୁହେଁ । ଏ କଥାଟା ଗାଆଁଟା ସାରା ସଭିଏଁ ଅନୁଭବ କରନ୍ତି ।

ଘର ଭିତରେ ମଥୁରି ବସିଥିବା ଖଟର ଧାରକୁ ଲାଗି ଠିଆ ହୋଇଥିଲେ ନୂଆପାଟଣାର ଲୋକ । ନୂଆପାଟଣା, ମଥୁରୀ ମିସ୍ତ୍ରୀର ଗାଁଠୁ ବେଶୀ ଦୂର ନୁହେଁ । ବାଟ ଦି' ମାଇଲ୍ ହେବ । ପୂଜା ଅବସରରେ ନୂଆପାଟଣା ଛକର ଦୁର୍ଗା ଦେଖିବାକୁ ଭାରି ଭିଡ଼ ହୁଏ । ଆଜିକୁ ଦଶବର୍ଷ ହେଲା, ସେଇଠି ଦୁର୍ଗା ମେଢ ହେଉଛି । ତା ପୂର୍ବରୁ ମେଢ ବଜାର ପ୍ରତିଯୋଗିତାରେ ବାବୁଘର ଥାନପତି ମେଢ, ବଙ୍ଗାଳୀ ସାହି ମେଢ ଓ କଅଁରପୁରର ବନଦୁର୍ଗା ମେଢ ସିନା ପ୍ରଥମ, ଦ୍ୱିତୀୟ ହେଉଥିଲେ, ନିଜ ନିଜ ଭିତରେ ଆଗପଛ ହୋଇ । କିନ୍ତୁ ଆଜିକୁ ଠିକ୍ ଦଶବର୍ଷ ତଳେ ଯେତେବେଳେ ନୂଆପାଟଣା ଚନ୍ଦାବନ୍ଦିର ମିଳିତ ଉଦ୍ୟମରେ ଗାଆଁ ମୁଣ୍ଡ ଛକରେ ଦୁର୍ଗାପୂଜା ଆରମ୍ଭ

Digitized by srujanika@gmail.com

ହେଲା, ସେବେଠାରୁ ପ୍ରତିବର୍ଷ ସେଇ ଛକଦୁର୍ଗାର ମେଢ ହିଁ ପ୍ରଥମ ହେଇ ଆସିଛି। ମଥୁରି ମିସ୍ତ୍ରୀର ଯାଦୁକରୀ ହାତର ସ୍ପର୍ଶ ହିଁ ଛକ ଦେବୀଙ୍କୁ ଉପନୀତ କରାଇଥିଲା, ଏଇ ପ୍ରଥମ ଆସନରେ। ମୃଣ୍ମୟୀ ମା ଦଶଭୁଜାଙ୍କୁ ତାଙ୍କର ଆନୁଷଙ୍ଗିକ ଅନ୍ୟ ମୂର୍ତ୍ତିମାନଙ୍କ ସହିତ ଉଭୟ ଅନୁପାତ, ଗଢଣ, ରଙ୍ଗଦିଆ ଓ ମେଢର ଡାକ କାମ ସଜ୍ଜା ଇତ୍ୟାଦିରେ ଏତେ ସୁନ୍ଦର କରି ସେ ସଜେଇଥାଏ ଯେ ନଦେଖିଲା ଲୋକ ଜାଣିପାରିବ ନାହିଁ। ମାଟିର ପ୍ରତିମା ସବୁ ଅପରୂପ ଲାବଣ୍ୟ ଓ ଅଙ୍ଗସୌଷ୍ଠବରେ ମନେହୁଅନ୍ତି ଜୀବନ୍ତ। ବାସ୍ତବିକ ମଥୁରି ମିସ୍ତ୍ରୀ ପ୍ରଶଂସାର ପାତ୍ର।

ସେଇ ନୂଆପାଟଣାର ଲୋକ, ଏ ବର୍ଷ ଦେବୀମୂର୍ତ୍ତି ଗଢିବା ପାଇଁ ଅନୁନୟ ବିନୟ ହୋଇ ଅନୁରୋଧ କରୁଛନ୍ତି ମଥୁରି ମିସ୍ତ୍ରୀକୁ। ଗତ ତିନିବର୍ଷର ପାର୍ବଣ ବେଳେ ମଥୁରି ମିସ୍ତ୍ରୀକୁ ନ ପାଇବାରୁ କେଉଁ ଗୋଟାଏ ଆର୍ଟ କଲେଜର ଛାତ୍ରକୁ ଆଣି ମୂର୍ତ୍ତି ଗଢେଇଥିଲେ। ହେଲେ ସିଏ କେଉଁ କାମକୁ ହେଲା ନାହିଁ। ଛକ ଦୁର୍ଗା ପ୍ରଥମ ହେବା ତ ଦୂରର କଥା, ପ୍ରଥମ ଦଶଟି ମେଢ ଭିତରେ ମଧ ରହିପାରିଲା ନାହିଁ। ଜିଲ୍ଲାପାଳ ଅଫିସର ଦୁର୍ଗାପୂଜା ଶୃଙ୍ଖଳା କମିଟି ତରଫରୁ ଯେଉଁ ସଭ୍ୟମାନେ ପ୍ରତିବର୍ଷ ଏ ପୁରସ୍କାରର ଆୟୋଜନ କରିଥାନ୍ତି, ସେମାନଙ୍କ ଭିତରୁ ଜଣେ ଗଲା ବର୍ଷ ମେଢ ପ୍ରତିଯୋଗିତାର ମୂଲ୍ୟାୟନ କରିବା ବେଳେ କହିଗଲା, ନୂଆପାଟଣା ଛକଦୁର୍ଗାର ପୂର୍ବ ଗଢଣ କି ପୂର୍ବ ଗୌରବ ଆଉ ନାହିଁ। ନୂଆପାଟଣା ଚଷାବସ୍ତିର ସବୁଠୁଁ ମାନ୍ୟଗଣ୍ୟ ବର୍ଷୀୟାନ ଭୋବନି ମଉସା, ଯିଏ ସପ୍ତମୀର କଳସ ପୂଜାଠାରୁ ଦଶମୀର ବିସର୍ଜନ ପୂଜା ପର୍ଯ୍ୟନ୍ତ ନିଷ୍ଠାର ସହିତ ବସି ପାଳନ କରେ, ତା ଆଖିରୁ ବି ଦି'ଧାର ଲୁହ ଗଡ଼ିପଡ଼ିଲା। ସେଇଠି ସେ କାନ୍ଦି କାନ୍ଦି ନୂଆପାଟଣାର ଯୁବକମାନଙ୍କୁ ଡାକି କହି ଦେଇଥିଲା ଯେ, ନା'ନା, ଏଥର ଆମ ମୂର୍ତ୍ତି ପୁରସ୍କାର ପାଇବାର ସମ୍ଭାବନା ମଧ ନାହିଁ।

ଛକଦୁର୍ଗା କମିଟି ସଭ୍ୟମାନଙ୍କ ପାଇଁ ପୁରସ୍କାର ଏକ ମୋହ ନଥିଲା, ଥିଲା ଏକ ଆତ୍ମସମ୍ମାନର ପ୍ରଶ୍ନ। ଦଶଖଣ୍ଡି ଗାଆଁ ଭିତରେ ଆଗମୁଣ୍ଡିଆ ହେଇ ଠିଆ ହେବାର ଗୌରବ। ଶହ ଶହ ଦର୍ଶକ ଯେତେବେଳେ ତଟସ୍ଥ ହୋଇ ବହୁ ସମୟ ଧରି ଠିଆ ହୋଇ ଛକ ଦୁର୍ଗାର ମୂର୍ତ୍ତିମାନଙ୍କ ଆଡ଼କୁ ଚାହିଁ ରହିଥାନ୍ତି, ସେତେବେଳେ ଗର୍ବ ଓ ଆନନ୍ଦରେ ଖାଲି ଭୋବନି ମଉସା କାହିଁକି, ସାରା ନୂଆପାଟଣାର ଆବାଳବୃଦ୍ଧବନିତା ଅପୂର୍ବ କୃତିତ୍ୱର ଶିହରଣ ଅନୁଭବ କରନ୍ତି, ନିଜ ନିଜ ଭିତରେ।

ଦୀର୍ଘ ତିନିବର୍ଷ ପରେ ଆଜି ଯେତେବେଳେ ସୁଯୋଗ ମିଳିଛି, ନୂଆପାଟଣାର ଯୁବଗୋଷ୍ଠୀ ମଥୁରିମିସ୍ତ୍ରୀକୁ ନେଇ ମୂର୍ତ୍ତି ଗଢେଇବା ପାଇଁ ଆପ୍ରାଣ ଉଦ୍ୟମ କରୁଛନ୍ତି। ନାଇଁ ନାଇଁ କରୁଚି ମଥୁରି, ଭିତର ଘର ପର୍ଦ୍ଦା ଆଢୁଆଳକୁ ଚାଲିଯାଇଛି ପରୀ। କେହି ଜଣେ ଯୁବକ କହୁଛି, ଆପଣ ମଥୁରିବାବୁ ଏଥର ମନା କରନ୍ତୁ ନାହିଁ। ଗଲା ତିନିବର୍ଷ ହେଲା ଆପଣଙ୍କୁ ନପାଇବାରୁ ଆମେ ବାହାରୁ ମିସ୍ତ୍ରୀ ଆଣି ମୂର୍ତ୍ତି ଗଢେଇଲୁ। ହେଲେ, ସେ କାମ ଆମ ମନକୁ ପାଇଲା ନାହିଁ। ଦଶବର୍ଷ ତଳୁ ଛକଦୁର୍ଗାର ଦେବୀ

Digitized by srujanika@gmail.com

ମୂର୍ତ୍ତି ପାଞ୍ଚଖଣ୍ଡି ଗାଆଁ ଭିତରେ ଯେଉଁ ସୁନାମ ପାଇଥିଲା, ଆମେ ତାକୁ ହରେଇ ବସିଛୁ । ଆର୍ଟ କଲେଜରୁ ପାସ୍ କରିଥିବା ଆର୍ଟିଷ୍ଟମାନେ ଯାହା ମୂର୍ତ୍ତି ଗଢ଼ିଲେ, ତାହା କାହାରି ମନକୁ ପାଇଲା ନାହିଁ । ବେଶୀ ଭଲ ହେବ ଭାବି ଆମର ସବୁ ଭେଲ ହେଇ ଯାଇଛି । ଏଥର ଅଧିକ ପଇସା ଦେବୁ ମଥୁରି ବାବୁ, ଆପଣ ମନା କରନ୍ତୁ ନାହିଁ ।

ଏମିତି ସବୁ ପାର୍ବଣ ସମୟକୁ ମଥୁରି, ମଥୁରି ବାବୁରେ ପରିଣତ ହୋଇଯାଏ । ତା' ଓଜନ ବଢ଼ିଯାଏ । ବଢ଼ିଯିବାଟା ସ୍ୱାଭାବିକ ମଧ୍ୟ, ଚାଳିଶ ବରଷର ମଥୁରି କେମିତି ବୁଢ଼ାଙ୍କ ପରି ଦେଖାଯାଏ । କୁତ୍ସିତ ଚେହେରା, ଗାଢ଼ କଳା ତା ଦେହର ରଙ୍ଗ, ମାତ୍ର ସେ ହାତ ଏମିତି ସୁନ୍ଦର ପ୍ରତିମା ଗଢ଼ିବସେ, ଯେମିତି ଜଣାଯାଏ, ସାକ୍ଷାତ୍ ବିଶ୍ୱକର୍ମା ସବାର ହେଇଛନ୍ତି ତା ଦେହରେ । ମାଟି ପିଣ୍ଡୁଳାଟେ ହାତରେ ଧରୁ ଧରୁ ସ୍ୱପ୍ନବିଭୋର ହେଇଯାଏ ମଥୁରି । ତାକୁ ଲାଗେ, ଯେମିତି ସାରା ପୃଥିବୀକୁ ସେ ଗଢ଼ିବସିବ ସେଇ କେତେକ୍ଷଣ ଭିତରେ ।

ମଥୁରି ମିସ୍ତ୍ରୀ କେଉଁ ଆର୍ଟ କଲେଜରେ ପଢ଼ି ମୂର୍ତ୍ତି ଗଢ଼ି ଶିଖିନାହିଁ । ବାପ-ଗୋସାଁବାପ ଅମଳର ବେଉସା ଟିକକ ଯାହା ବଢ଼େଇ ରଖିଛି । ଯେତେବେଳେ ସିଏ ପିଲା ଥିଲା, ବାପ ସହିତ ଯାଇ ମେଢ଼ ଆଗରେ ବସି ବନମାଟି ଚକୁଟିବା, ଜମ୍ଭୁରା କାଗଜ କାଟିବା ଠାରୁ ଆରମ୍ଭ କରି ବାର୍ଣ୍ଣିସ ଗୋଳାଇ ବାପ ହାତକୁ ରଙ୍ଗ ସଢେଇମାନ ବଢେଇ ଦେବା ଇତ୍ୟାଦି କାର୍ଯ୍ୟ କରୁଥିଲା - ଦୋମାଟିଆ ମୂର୍ତ୍ତି ଶୁଖିଗଲା ପରେ ମୂର୍ତ୍ତିରେ ଚୂନ ବୋଳୁଥିଲା । ଧୀରେ ଧୀରେ ଆଗ୍ରହ ବଢ଼ିଲା ମଥୁରିର । ବାପ ତାର ହାତକୁ ବଢେଇ ଦେଲା ବାଉଁଶ ପାତିଆ, ଦୋମାଟିଆ ଠାକୁରଙ୍କୁ ପଲିସ୍ କରିବା ପାଇଁ । ସମୟ କ୍ରମେ ମଥୁରି ଗୋଟାଏ ହାତରେ ଛଣ ବିଡ଼ା ଧରି ଆର ହାତରେ ରସି ଭିଡ଼ି, ଛାଞ୍ଚ ବାନ୍ଧିବାଠାରୁ ଆରମ୍ଭ କରି ଦୋମାଟିଆ ଚୂନ ଧଉଳା ମୂର୍ତ୍ତିରେ ରଙ୍ଗ ମାଖି ଆଖି ଫିଟେଇବା ପର୍ଯ୍ୟନ୍ତ ସବୁଥିକୁ ପାରଙ୍ଗମ ହେଇଗଲା । ଅଳ୍ପ କେଇଟା ଦିନରେ ମଥୁରିର ହାତକାମ ବୁକେଇ ପଡ଼ିଲା ତା ବାପର ହାତକୁ । ଥରେ ଗୋଟାଏ ଜାଗାରେ ମଥୁରିର ବାପା ଗଜଲକ୍ଷ୍ମୀ ତିଆରୁଥିବା ବେଳେ ମେଢ଼ ବାହାରେ, ପ୍ରୌଢ଼ ଶିକ୍ଷା କାର୍ଯ୍ୟକ୍ରମକୁ ଆଖି ଆଗରେ ରଖି, ଜଣେ କଙ୍କାଳସାର ବୁଢ଼ୀ ହସିଲା ମୁହଁରେ ସିଲଟ ଖଡ଼ି ଧରି ପାଠ ପଢୁଥିବାର ମୂର୍ତ୍ତିଟିଏ ଗଢ଼ିଥିଲା ମଥୁରି । ସେ ଅଭାବନୀୟ କାରୁକାର୍ଯ୍ୟ ଅଭିଭୂତ କରିଥିଲା ଦେଖଣାହାରୀଙ୍କୁ । ମଥୁରିର ହାତଗଢ଼ା ସେ ନିଖୁଣ ମୂର୍ତ୍ତିଟିକୁ ଦେଖି ଆନନ୍ଦାଶ୍ରୁ ଗଡ଼ି ଯାଇଥିଲା ତା ବାପାର ଆଖିରୁ, ସେଥର ଗଜଲକ୍ଷ୍ମୀ ଭସାଣି ବେଳେ, ମୃଣ୍ମୟୀ ଲକ୍ଷ୍ମୀ ମା'ଙ୍କଠାରୁ ଦର୍ଶକର ଆଖି ଘୁଞ୍ଚି ଯାଇଥିଲା ସେଇ ବୁଢ଼ୀ ମା'ଟି ଆଡ଼କୁ ।

ତାପରେ ଆଉ ପଛକୁ ଫେରି ଚାହିଁନି ମଥୁରି । ହେଲେ ମଥୁରି ମିସ୍ତ୍ରୀର ସେ ହାତଗଢ଼ା ଜୀବନ୍ତ ମାଟିପ୍ରତିମା ଗୁଡିକ ସହିତ, ବିଭିନ୍ନ ଅନୁଷ୍ଠାନରୁ ସେ ପାଇଥିବା ସମ୍ମାନ ଓ ପ୍ରମାଣପତ୍ରଗୁଡିକୁ ଦେଖିବାକୁ ବେଶୀଦିନ ବଞ୍ଚି ରହିଲା ନାହିଁ ମଥୁରିର ବାପା ।

ଆଜିକାଲି ବନମାଟି ଧରି ସାରା ବିଶ୍ୱ ଗଢ଼ିବାକୁ ସ୍ୱପ୍ନ ଦେଖୁଥିବା ମଥୁରି ବସିଛି ଖଟ ଉପରେ । ଏତେ ନାଇଁ ନାଇଁ କରୁଚି କାହିଁକି ? ନିଜକୁ ଏତେ ଦୁର୍ବଳ ଅପାରଗ

Digitized by srujanika@gmail.com

ମନେ କରୁଛି କାହିଁକି ? କିଛି ବୁଝି ପାରୁନଥିଲେ ନୂଆପାଟଣାର ଲୋକମାନେ । ମଥୁରି ମିସ୍ତ୍ରୀ କ'ଣ ଏମିତି ବଡଲୋକ ପାଲଟିଗଲା ଯା ଭିତ୍ରରେ ଯେ ତାର ଆଉ ପଇସା ଲୋଡ଼ାନାହିଁ ! ପ୍ରାଚୁର୍ଯ୍ୟ ଥାଇପାରେ, କିନ୍ତୁ ଏତେ ବଡ଼ ଜଣେ ଶିଳ୍ପୀ ତା'ର ପ୍ରଚଣ୍ଡ ପ୍ରତିଭା ଆଉ ସୃଜନଶୀଳତାକୁ ଜାଣିଜାଣି ନଷ୍ଟ କରିଦେବାକୁ ଚାହୁଁଛି କିପରି ? କିନ୍ତୁ ପ୍ରାଚୁର୍ଯ୍ୟ ତ କାହିଁ ନଥିଲା ତା ଘରେ । ଗୋଟାଏ ଗରିବ ଲୋକର ସେଇ ନଡ଼ାଛପର ମାଟିଘର ଭିତରେ ଖଣ୍ଡିଏ ଖଟ ଓ ଛୋଟିଆ ଚିଆର ଦିଓଟି ସାଙ୍ଗକୁ କିଛି ଝୋଟ ତିଆରି ତୂଳୀ, ରଙ୍ଗ ସଢେଇ ଓ ଖଟ ତଳେ ଗଡୁଥିବା କିଛି ମୁଖାଛାଞ୍ଚ । ମଥୁରି ଘରର ରୂପ-ଭେକ ଦେଖି ନିଜ ନିଜ ଭିତରେ ମୁହଁ ଚାହାଁ ଚୁହିଁ ହେଉଥିଲେ ନୂଆପାଟଣାର ଲୋକମାନେ ।

କେତେବେଳକରେ ମୁହଁ ଖୋଲିଲା ମଥୁରି ମିସ୍ତ୍ରୀ । କହିଲା, ମତେ ବାଧ୍ୟ କରନ୍ତୁ ନାହିଁ ଆପଣମାନେ । ମୂର୍ତ୍ତି ଗଢ଼ିବାର ଆଗ୍ରହ ଭାଙ୍ଗି ଯାଇଛି । ମୋର ବିଶ୍ୱାସ ଆସୁନାହିଁ, ମୁଁ ପାରିବି ବୋଲି । ମୋ ଭିତରେ, ମୋ ଘରେ, ମୋ ଚାଷ ଜମିରେ, ମୋ ଚାରିପଟରେ ଏ ବାହ୍ୟଜଗତର ଅନେକ ହାହାକାର ମତେ କାବୁ କରି ଦେଇଛି । କ୍ରୁଶବିଦ୍ଧ କରୁଛି ମୋ ସୃଜନଶୀଳତାକୁ, ମୋ ଉପରେ ଭରସା ରଖିଲେ ଆପଣମାନେ ପୁଣି ଥରେ ଲୋକହସା ହେବେ ।

ନୂଆପାଟଣା ଲୋକଙ୍କ ମନକୁ ପାଇଲା ନାହିଁ ତା କଥା । ମଥୁରି ମିସ୍ତ୍ରୀର ପାଦପାଖକୁ ଆଣ୍ଠୁମାଡ଼ି ବସି ପଡିଲେ କିଛି ଯୁବକ । ସେମାନଙ୍କ ଭିତରେ ଥିବା ଅପେକ୍ଷାକୃତ ଜଣେ ବୟସ୍କ ଲୋକ ମଥୁରିର କାନ୍ଧରେ ହାତ ରଖି କହିଲା,'ଏତେ ଜଣଙ୍କର ଉତ୍କଣ୍ଠାକୁ ପାଣି ଫୋଟକା ପରି ଫଟେଇ ଦିଅନା ମଥୁରିବାବୁ । ଆମେ କିଛି ବୁଝିପାରୁ ନାହୁଁ ଆପଣଙ୍କ ଯୁକ୍ତି । ଆପଣ ହିଁ ଭଲ ମୂର୍ତ୍ତି ଗଢ଼ିବେ । ଏ ବିଶ୍ୱାସ ବେଳକୁ ବେଳ ବଳବତ୍ତର ହେଉଛି ଆମ ମନରେ । କେମିତି କହିପାରୁଛ ମଥୁରିବାବୁ, ମୂର୍ତ୍ତି ଗଢ଼ି ପାରିବନି ବୋଲି ? ଆପଣଙ୍କ କଥା ଶୁଣି ଆମକୁ ଏମିତି ଲାଗୁଛି, ଯେମିତି ସବୁଦିନେ ସାଇକେଲ ଚଢ଼ି ହାଟକୁ ଯାଉଥିବା ଲୋକଟି ହଠାତ୍ ଦିନେ କହୁଛି, ମୁଁ ସାଇକେଲଚଢ଼ା ଭୁଲିଗଲି, ଆଉ ଚଳେଇ ପାରିବିନି ଆଜି ଠାରୁ । ଏମିତି ଉଦାହରଣଟେ ବାଢ଼ୁ ବାଢ଼ୁ ହୋ ହୋ ହୋଇ ହସିଲେ କେତେଜଣ । ସ୍ୱଳ୍ପ କେତେ ସମୟର ଏକ ଗୁରୁଗମ୍ଭୀର ପରିବେଶ ଟିକେ ହାଲୁକା ଲାଗିଲା । ନୂଆପାଟଣାର ସେଇ ଯୁବକମାନଙ୍କ ମେଳରେ ମଥୁରି ମିସ୍ତ୍ରୀର ଓଠରୁ ପିଚିକି ପଡିଲା ମେଞ୍ଚେ ହସ । ସେ ହସ ସଂଚରି ଗଲା ଘରସାରା । ନିରାଶାର ମରୁ ପ୍ରାନ୍ତରରେ ଉଦିତ ହେଲା କମନୀୟ ସୂର୍ଯ୍ୟ, ଆଶାର ନଦନଦୀ ସବୁ ବହିଗଲେ ଯେମିତି ସାଙ୍ଗସୁଙ୍ଗା ହେଇ । ମଥୁରି ମିସ୍ତ୍ରୀ ଓଠର ସେଇ ଚିରୁଡ଼ାଏ ହସ ଯେମିତି ଏ ବର୍ଷ ପାର୍ବଣରେ ନୂଆ ପାଟଣା ଛକମେଡରେ ମୂର୍ତ୍ତି ଗଢ଼ିବା ପାଇଁ ସମ୍ମତି ପ୍ରଦାନ କରି ସାରିଥିଲା ।

ସେ ଘରଟା ବି ଲାଗୁଥିଲା ହସିବା ପରି । ପଦାଘର ଝରକା ଡେଇଁ ଆସିଥିବା ଦଲକାଏ ଥଣ୍ଡା ପବନରେ ଅଗଣା ମଝିକବାଟର ପରଦା ଉଡିଯିବାରୁ ମଥୁରିଭାର୍ଯ୍ୟାର

Digitized by srujanika@gmail.com

ମୁହଁଟା ବି ଦିଶିଗଲା । ତା ତୋଫା ହସିଲା ମୁହଁରୁ ଜଣାଗଲା, ମଥୁରିର ମୂର୍ତ୍ତି ଗଢିବାର ଅନାଗ୍ରହ ତାକୁ ବି ଯେମିତି ବିଷଣ୍ଣ କରି ରଖିଥିଲା ଏଇ କେତେକ୍ଷଣ ଆଗରୁ ।

ସେମାନେ ଫେରିଯିବା ପରେ ଅଭିଯୋଗ କରିବସିଲା ପରୀ, "ଆଜିକାଲି କାହିଁକି ଏତେ ନିରାଶ ହେଇପଡୁଛ ? ନିଜ ଉପରେ ଆସ୍ଥା ହରେଇ ବସୁଛ ? ତମରି ହାତରେ ହାତ ଛନ୍ଦି ମୁଁ ଦିନେ ଗର୍ବରେ ଫାଟି ପଡୁଥିଲି । ତମର କଣ ମନେ ପଡୁନି ଆମ ବାସର ରାତିର କଥା ? ମୋ ମୁହଁକୁ ଚାହିଁ ଚାହିଁ ତମେ ଆଙ୍କି ଦେଇଥିଲ କାଗଜ କଲମରେ । ତୂଳୀ ଧରି ଚିତ୍ର ଆଙ୍କୁଥିବା ତମର ସେ ଆଙ୍ଗୁଠିମାନଙ୍କୁ ଧରି ମୁଁ ଚୁମୁଥିଲି । ଯେମିତି ଶୋଷି ନେଉଥିଲି ତୁମକୁ । ତୁମ ସୃଜନଶୀଳତାକୁ ଅନୁଭବ କରୁଥିଲି ମୋ ଆତ୍ମସତ୍ତାରେ ।"

"ତମେ ବି ମତେ ଟାଣି ଓଟାରି ସେଇ ପନ୍ଦର ବର୍ଷ ପଛକୁ ଫେରାଇ ନେଉଛ ପ୍ରଜ୍ଞା ! ତମ ନାଆଁ ଥିଲା ପ୍ରଜ୍ଞାପାରମିତା ଶୁଭଦର୍ଶିନୀ । ତୁମେ ବି ଠିକ୍ ତମ ନାଆଁ ପରି ଥିଲ । ଖୁବ୍ ସୁନ୍ଦରୀ ଓ ବୁଦ୍ଧିଦୀପ୍ତ । ମୁଁ ତୁମକୁ ଶ୍ରଦ୍ଧାରେ ପ୍ରଜ୍ଞା କିମ୍ବା ମିତା କିମ୍ବା ଶୁଭ ବୋଲି ଡାକି ପାରିଥାନ୍ତି । କିନ୍ତୁ ମୁଁ ତୁମକୁ ଶ୍ରଦ୍ଧାରେ ଡାକିବସିଲି ପରୀ । ତମେ ଥିଲ ମୋ ସ୍ୱପ୍ନରାଜ୍ୟର ପରୀ । ଶିଳ୍ପୀଟିଏ ସବୁବେଳେ ତା ସ୍ୱପ୍ନ ରାଜ୍ୟରେ ଘୂରିବୁଲେ, ପରୀ ଖୋଜେ, ଯିଏ ଗଢା ହେଇଥିବ ଗୋଟିଏ ଚାଉଳରେ, ବସିଥିବ ପକ୍ଷୀରାଜ ଘୋଡ଼ାରେ । ଚଢେଇ ପରିକା ଉଡୁଥିବ । ତମେ ନିଜକୁ ଆଇନାରେ ଦେଖିଲେ ଜାଣି ପାରିବ ମୋ ପସନ୍ଦ, ମାନେ ଜଣେ ଶିଳ୍ପୀର ପସନ୍ଦ କେତେ ନିଖୁଣ ହୋଇପାରେ । କିନ୍ତୁ ଆଜି ତମ ଶୋଇବା ଘରେ ସେଇ ଡେଙ୍ଗା ଆଇନାଟା ପାଖରେ ଠିଆ ହେଇ ଦେଖ, ଏଇ କେତେ ବର୍ଷ ଭିତରେ ଦାରିଦ୍ର୍ୟ ଭିତରେ ଦୟନୀୟ କରି ରଖିଛି ମୁଁ ତୁମକୁ । ନଗୀବାଉଁଶ ପରି କେମିତି ହେଇ ଯାଇଛି ତମ ଅଙ୍ଗସୌଷ୍ଠବ । ତମପରି ଗୋଟିଏ ଜୀବନ୍ତ ପ୍ରତିମା ପାଇଁ ଯିଏ ଥଇଥାନର ବ୍ୟବସ୍ଥା କରି ପାରିନି ଏଯାବତ୍, ଭଲ ଶାଢି ଖଣ୍ଡେ ଦେଇ ପାରିନି ପିନ୍ଧିବାକୁ, ମାଟି ଉପରେ ମାଟି ନନ୍ଦି ଏମିତି ସୁନ୍ଦର ସ୍ୱାସ୍ଥ୍ୟବତୀ ରୂପଲାବଣ୍ୟରେ ମହକୁଥିବା ମୃଣ୍ମୟ ପ୍ରତିମା ମାନଙ୍କୁ ଗଢି ବାହାବା ନେବାର କ'ଣ ଅଛି !"

ହାଁ କରି ନିଜ ଗେରସ୍ତ ମୁହଁକୁ ଚାହିଁ ରହିଥିଲା ପରୀ । ଭାବୁଥିଲା, ଗପିଯାଆନ୍ତୁ ମନଇଚ୍ଛା, ଯାହା କହିବା କଥା । ମନ ତ ଟିକେ ହାଲୁକା ହେଇଯିବ ତାଙ୍କର ।

"ମାଟିର ପ୍ରତିମା ଗଢି କେତେ ବା ପଇସା ମୁଁ ରୋଜଗାର କରିପାରିବି ?" ପୁଣି ଥରେ କହି ଚାଲିଲା ମଥୁରି । ପୁଳାଏ ପୁଳାଏ ମାଟି ଉଠେଇ ମୁଁ ଦେବୀ ମୂର୍ତ୍ତି ଗଢିଛି । ଚକ୍ଷୁଦାନ କରିଛି ମାଟିର ପ୍ରତିମାମାନଙ୍କୁ, ତୂଳୀର ଛୁଁଆରେ । ବ୍ରାହ୍ମଣ ମନ୍ତ୍ର ପଢି ଜୀବନ୍ନ୍ୟାସ ଦିଏ ତାକୁ । ଦେବୀ ଦେବୀ ବୋଲି ହୁରି ପଡ଼ିଯାଏ ଜଗତ ସାରା । ହେଲେ, ଏଇ ମାଟି ମତେ କ'ଣ ଦେଇଛି ପରୀ ? ମେଞ୍ଚେ ମେଞ୍ଚେ ଭୋକ ଆଉ ହାହାକାର ଛଡା କ'ଣ ଦେଇପାରିଛି ସେ !"

Digitized by srujanika@gmail.com

ସେଦିନ, ସେତିକିରୁ ତା କଥା ବନ୍ଦ କରେଇ, ଘରକାମରେ ମନଦେଲା ପରୀ । କେତେଦିନ ଧରି ମଥୁରିର ଦୁଃଖ ଓ ଅନ୍ୟମନସ୍କତାକୁ ସୁଧାରିବା ପାଇଁ ବୁଝେଇଲା ବାରବାର । ମାତ୍ର ମଥୁରିର ମନ ବୁଝିଲା ନାହିଁ, ତା ଭାବନାର ଅନ୍ତଃସ୍ରୋତରେ ଜମାଟବନ୍ଧା ଶୈବାଳସାଗରର ମାୟା ରଚୁଥିଲେ ଅସମାହିତ ପ୍ରଶ୍ନବାଚୀମାନେ ।

ବରଷର କେତେଟା ସମୟ ବା ସେ ମୂର୍ତ୍ତି ଗଢେ, ଆଉ ସେଥିରୁ କେତେ ବା ପଇସା ପାଏ ! ମାଟିରେ ମା'ର ମୂର୍ତ୍ତି ସେ ଗଢିଛି । ହେଲେ, ଯେଉଁ ମାଟିରେ ମେହନତ କରି ସେ ଲଙ୍ଗଳ ଚଷିଛି, ସେଥିରୁ ପାଇଛି କ'ଣ ? ଦେଖୁଛି କେବଳ ଉଦାସୀନ ବନ୍ଧ୍ୟା ମାଟିର ମୁହଁ । ମରୁଡି-ପ୍ରପୀଡିତ ମାଟି ମା'ର ଶିରାଳ ଦେହ । କ'ଣ ସେ କରିନାହିଁ ମାଟି ମା ପାଇଁ ! ରଜସ୍ୱଳା ମାଟି ମା' ଠେଇଁ ଲଙ୍ଗଳ ଛୁଇଁନି ସିଏ ରଜ ତିନିଦିନ । ବସୁମତୀ ଗାଧୁଆ କରିଛି ତା ସ୍ତ୍ରୀ ମନପ୍ରାଣ ଦେଇ । ଗର୍ଭଣା ଡାଳ ପୋତିଛି ଗର୍ଭଣା ସଂକ୍ରାନ୍ତିରେ । ଅକ୍ଷିତୃତୀୟାରେ ନୂଆ ପିନ୍ଧି ଶୁଦ୍ଧପୂତ ହୋଇ ଅକ୍ଷିମୁଠି ନେଇଛି ବିଲକୁ । ହଳ କ'ଣ ବନ୍ଦ କରି ନାହିଁକି ସିଏ ପ୍ରତି ସଂକ୍ରାନ୍ତିରେ ?

କିନ୍ତୁ କାହିଁକି ଫାଟିଗଲା ମାଟି ମା'ର ଛାତି ? ଯେଉଁ ମାଟିରେ ଦିନେ କେରି କେରି ହେଇ ଧାନକେଣ୍ଡା ସବୁ ଦକ୍ଷିଣା ପବନରେ ଲହଡି ଭାଙ୍ଗୁଥିଲା, ଏବେ ସେଠି ନିଆଁ ଜଳୁଛି । ଅଭୂତପୂର୍ବ ମରୁଡ଼ିରେ ତଳିତଳାନ୍ତ ହେଇ ଯାଇଛି ମଥୁରି । ଖାଇବା ପାଇଁ କେତେମାସ ଧାନ ମୁଗ ଗଣ୍ଡେ ଯାହା ସାଇତି ଦିଏ ଯେ ଏଥର ସେତକ ବି ହୋଇ ପାରିଲା ନାହିଁ । ମଥୁରିର ଭିଟାମାଟିକୁ ଲାଗି କେନାଲକୂଳିଆ କେତେଗୁଣ୍ଠ ଧାନଜମି ଦେଖି ପରୀର ବାପା ଟେକିଦେଇଥିଲା ତା ହାତକୁ; ସେ ମୂର୍ତ୍ତି ଗଢୁଥିଲା ବୋଲି ନୁହେଁ । ମୂର୍ତ୍ତିଗଢି କେତେ ବା ଜଣେ ରୋଜଗାର କରିପାରିବ ! ସେକଥା ବେଶ୍ ଜଣାଥିଲା ପରୀର ବାପାକୁ । ମୂର୍ତ୍ତି ବ୍ୟବସାୟରୁ ଅର୍ଜିତ ସମ୍ପତ୍ତି ସମୁଦ୍ରକୁ ଶଙ୍ଖେ । ଘର ବୋଇଲେ ତାର ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିବା ଗୋଟାଏ ରୋଗୀଣା ପୁଅ ଓ କୋଡ଼ପୋଛା ଝିଅକୁ ମିଶେଇ ଚାରିପରାଣୀ । ଆଠମାସର ହେଇଥିବା ବେଳେ ପିଣ୍ଡା ତଳକୁ ଖସିପଡି ଡାହାଣ ହାତ କହୁଣୀ ପାଖରୁ ଖସି ଯାଇଥିଲା ମଥୁରି ପୁଅର । କଲମ ଧରି ଲେଖି ପାରୁଛି ଯାହା କିଛି ସିଏ, ଅଥଚ କଣ୍ଟି ଧରି ଜମି ଚଷି ପାରିବ ନାହିଁ କି ଛାଞ୍ଚ ବାଡ଼େଇ ମୂର୍ତ୍ତି ଗଢି ପାରିବ ନାହିଁ । ଯେଉଁ ପୁଅ ଜନ୍ମବେଳେ ଦିଶୁଥିଲା ରାଜକୁମାର ପରି, ସେ ଆଜି ଦିଶୁଛି ଯେପରି କାଙ୍ଗାଳଟେ ପରି । ବାପ ଅମଳର ଋଣ ଟଙ୍କା ପରିଶୋଧ ନାଆଁରେ ନିଜ କକେଇ ଘର ତା' ଅଧେ ଜମିକୁ ଜବର ଦଖଲ କରି ଖାଉଛନ୍ତି । ତା ପାଇଁ କିଛି ବ୍ୟବସ୍ଥା ସିଏ କରିପାରୁ ନାହିଁ । ସତରେ, ଏ ଦୁନିଆରେ କେତେ ଯେ ଦୟନୀୟ ଭାବେ ସେ ବଞ୍ଚିଛି, ଭାବିଲା ବେଳକୁ ତାକୁ କିଛି ବି ଭଲ ଲାଗୁନାହିଁ । ତାକୁ ଲାଗୁଛି ଯେମିତି ସେ ମାନସିକ ବିକାରଗ୍ରସ୍ତ ରୋଗୀଟେ ପାଲଟି ଯାଉଛି ଧୀରେ ଧୀରେ । କାହାକୁ ନେଇ ସେ ଚିତ୍ର ଆଙ୍କିବ ? ସାରା ଦୁନିଆ ଲାଗୁଛି ବିଷାଦଗ୍ରସ୍ତ । ବନାନୀର ଆଉ ସେ ସବୁଜ ଶୋଭା ନାହିଁ । ମା'ମାନଙ୍କର ନିଟୋଳ ସ୍ତନ ସବୁ କ୍ଷୀରଶୂନ୍ୟ । ମା'କ୍ଷୀରର ଭ୍ରମ ସୃଷ୍ଟି କରୁଥିବା ବୋତଲ ଭୁଣ୍ଡିରୁ

Digitized by srujanika@gmail.com

କଅଁଳା ଶିଶୁମାନେ ପିଇ ଚାଲିଛନ୍ତି ମଣିଷର ହାତତିଆରି ବିଷ । ଯୁଆଡେ ଚାହିଁଲେ ବୁଭୁକ୍ଷୁ ଜନତାର ପଟୁଆର ଆଉ ଅସୁର ଶକ୍ତିରେ ବଳୀୟାନ କିଛି ପଙ୍ଗପାଳର ଦଳ । ଜଙ୍ଗଲର ହିଂସ୍ର ଜୀବଜନ୍ତୁଙ୍କଠାରୁ ବି ଆହୁରି ହିଂସ୍ର ସେମାନେ ।

ମନ ମରିଯାଇଛି ମଥୁରିର ମୂର୍ତ୍ତି ଗଢ଼ିବା ପାଇଁ । ମାତ୍ର ତା ମନର କୁମାରୀ, ତା ସାଇତା ସ୍ୱପ୍ନର ରୂପକଳ୍ପ ପରୀ ତାକୁ ବାଧ କରୁଛି ନୂଆପାଟଣା ଯାଇ ମୂର୍ତ୍ତି ଗଢ଼ିବା ପାଇଁ । କଚ୍ଛପ ଗତିରେ ପୁଣି ମୂର୍ତ୍ତି ଗଢ଼ିବାର ସ୍ପୃହା ଦାନା ବାନ୍ଧୁଛି ମଥୁରି ଭିତରେ ।

ଅତର୍କିତ ଭାବରେ ପୁଣି କବାଟରେ ଶୁଭିଲା ଠକ୍ ଠକ୍ ଶବ୍ଦ । ଦୁକ୍ ଦୁକ୍ ହେଇ ବଢ଼ିଚାଲିଲା ମଥୁରି ଛାତିର ସ୍ପନ୍ଦନ । ରୋଷେଇ ଘରୁ ରୁଣୁଝୁଣୁ ଶୁଭୁଥିଲା ପରୀହାତର ମୁଠାଏ କାଚ । ଖଟ ଉପରେ ବସି ଫଡ ଫଡ ଶବ୍ଦ କରି ଫର୍ଦ୍ଦ ଓଲଟାଇ ଇତିହାସ ଘୋଷୁଥିଲା ମଥୁରିର ପୁଅ । ଏମିତି ଅନେକ ଶବ୍ଦାନୁକାରୀ ଅବ୍ୟୟମାନଙ୍କର କୋଳାହଳ ବଢ଼ୁଥିଲା ମଥୁରିର ମୁଣ୍ଡ ଭିତରେ । ପୁଣିଥରେ କବାଟରେ ସେଇ ଶବ୍ଦ । ଏଥର ନିଜେ ଯାଇ ମଥୁରି କବାଟ ଖୋଲିଲା । ନୂଆପାଟଣାର ଭୋବନି ମଉସା ଆସିଛନ୍ତି ତା ଦୁଆରକୁ । ତା ଦୁଆରେ ଭୋବନି ମଉସାର ପାଦ ପଡ଼ିବା ଦେଖି ଆଶ୍ଚର୍ଯ୍ୟ ହୋଇଗଲା ମଥୁରି ।

ସେଦିନ ଥିଲା ବାମନ ଜନ୍ମ ସୁନିଆଁ । ଛକ ମେଢ ପାଇଁ ପ୍ରତିବର୍ଷ ମାଟି ଉଠେ ଏଇ ସୁନିଆଁ ଦିନ । ଭୋବନି ମଉସାର ପାଟି ଫିଟିବା ଆଗରୁ ମୂର୍ତ୍ତି ଗଢ଼ିବା ପାଇଁ ରାଜି ହେଇଗଲା ମଥୁରି । ସେଇ ମୁହୂର୍ତ୍ତରେ ଘରୁ ବାହାରିଲା ନୂଆପାଟଣା । ଗଲାବେଳେ କେତେ ବୁଝେଇ, ଆଶ୍ୱାସନା ଦେଇ ବଳେଇ ଦେଇଗଲା ପରୀ ।

ନୂଆପାଟଣା ଗାଆଁରେ ସବୁରି ମୁହଁରେ ଆନନ୍ଦର ଢେଉ ଚହଲିଗଲା । ମଥୁରି ମିସ୍ତ୍ରୀର ହାତଗଢ଼ା ଦେବୀ ଦେଖିବାକୁ ଉତ୍କଣ୍ଠାରେ ନାଚି ଯାଉଥିବା ବକଟେ ବକଟେ ଛୁଆଙ୍କ ସମେତ ନୂଆପାଟଣାର ବୁଢ଼ାବୁଢ଼ୀମାନେ ବି ଯୁବସୁଲଭ ଉନ୍ମାଦନାରେ ଫାଟି ପଡ଼ୁଥିଲେ ।

ଶୁଭଶଙ୍ଖ ବାଜିଉଠିଲା । ତୂରୀ, ମହୁରୀ ଓ ଢୋଲ ବାଜା ବାଜିଲା । ବ୍ରାହ୍ମଣ ସାଇର ମୁରଲୀ ନନା ଆସି ମନ୍ତ୍ର ଗାଇଲା, ଦେବୀଙ୍କ ମୂର୍ତ୍ତି ପାଇଁ ମାଟି ଉଠିଲା । ପ୍ରଥ ଝୁଡି ବଳମାଟି ନିଜେ କର୍ତ୍ତା ଭୋବନି ମଉସା ଉଠେଇବା ପରେ ଝୁଡ଼ି ଝୁଡ଼ି କରି ବୋହି ନେଇ ଗଲେ ନୂଆପାଟଣାର ଯୁବଗୋଷ୍ଠୀ । ମଥୁରିର ଅନୁମତିକ୍ରମେ ମେଢ ସାମ୍ନାର ଚଉଡ଼ା ମେଳାଘରର ଗୋଟେ କଣରେ ସେ ମାଟି ଜମା ହେଲା ।

କଚ୍ଛା ଭିଡ଼ି ଠାକୁରଙ୍କ ଉଦ୍ଦେଶ୍ୟରେ ମୁଣ୍ଡିଆ ମାରିଲା ମଥୁରି । କେରାଏ ଛଣ ଧରି ଆରମ୍ଭ କଲା ଛାଞ୍ଚବନ୍ଧା । ପ୍ରଥମେ ମା’ ଦୁର୍ଗାଙ୍କର ଛାଞ୍ଚ । ରସି ଭିଡ଼ି ଛଣର ଛାଞ୍ଚ ବାନ୍ଧୁ ବାନ୍ଧୁ ମଥୁରି ଚାରିପଟରେ ଜନଗହଳି ହେଇଗଲା । ମଥୁରି ମିସ୍ତ୍ରୀର ଛାଞ୍ଚ ବନ୍ଧାରୁ ବି ଢେର କିଛି ଜାଣିହୁଏ । ଦେହ, ହାତ-ଗୋଡ଼, ସବୁ ଛଣ ଭିଡ଼ା ହେଇ ବି ଚମତ୍କାର ଦିଶେ । ଖାଲି କାନ୍ଧ ଉପରକୁ କାଠି ଖଣ୍ଡେ ସେ ପୋତି ଦେଇଥାଏ । ସେଇଠି ପଛକୁ ହୁଏ ମୁଖା । ଠିକ୍ ଦେହକୁ ମାପିବା ପରି ମୁଖା, ଗୋଟିଏ ଛାଞ୍ଚରୁ ତିଆରି

Digitized by srujanika@gmail.com

ଚାରୋଟି ମୁହଁ ପୁଣି ମଥୁରି ହାତର ଯାଦୁକରୀ ସ୍ପର୍ଶ ପାଇ ଭିନ୍ନେ ଭିନ୍ନେ ଦିଶିବ । ଲକ୍ଷ୍ମୀ, ସରସ୍ୱତୀ, ଗଣେଶ ଓ କାର୍ତ୍ତିକ ସବୁ ଗୋଟିଏ ମୁଖାରୁ ତିଆରି ହେବ ।

ମଥୁରି ମିସ୍ତ୍ରୀର ଛାଞ୍ଚବାଡା ମୁଖା ଦେଖିଲେ, ଜଣାଯିବ ଯେପରି ସିଏ କହୁଛି ସାମ୍ୟବାଦର କଥା । କି ପୁରୁଷ କି ନାରୀ, ସବୁ ସେଇ ଗୋଟିଏ ଉତ୍ସ । ରକ୍ତ-ମାଂସର ଦେହ ନ କହି ବରଂ ତାକୁ ମାଟିପିଣ୍ଡୁଳାଟେ କୁହ, ବେଶୀ ଭଲ ହେବ । ତମେ ଚକ ଚକ ହେଇ ଯେଉଁ ଦେବୀ ମେଢ ଦେଖ, ସିଏ ଖାଲି ବିଭିନ୍ନ ରଙ୍ଗ ଓ ଜରିକାଗଜର ମାୟା । ଭିତରକୁ ଫାଡି ଦେଖିଲେ ଖାଲି ମେଞ୍ଚେ ମାଟି ଓ ଛଣ, ଠିକ୍ ଯେମିତି ତମ ଦେହ ଖାଲି ଗୋଟିଏ ରକ୍ତ ମାଂସର ଝଲକ୍ । ଭିତରକୁ ଚିରି ଦେଖିଲେ ପିଣ୍ଡୁଳାଏ ମାଟି ନୁହେଁତ ଆଉ କ'ଣ !

ପିଠି ବୁଲେଇ ମଥୁରି ମିସ୍ତ୍ରୀ ଦେଖିଲା, ମଣିଷମାନଙ୍କର ମେଳଣ ତା ଚାରିପାଖରେ । ଛଣର ଛାଞ୍ଚବନ୍ଧା ମୂର୍ତ୍ତିମାନଙ୍କର ପ୍ରାଥମିକ ସ୍ଥିତି-ସ୍ଥାପନରୁ ଦେଖଣାହାରିଙ୍କ ଗହଳି । ମେଞ୍ଚେ ଛଣ ବନ୍ଧା କାୟା ମେଳରେ ମଥୁରି ଯେମିତି ଗୋଟାଏ ପ୍ରଦର୍ଶନୀ ! ମଥୁରିକୁ ଲାଗିଲା ଯେମିତି ସିଏ ଆଉ ଟିକେ ବି ଆଗେଇ ପାରିବ ନାହିଁ । ଅଯଥା ଗହଳିଟା ତାକୁ ଅସହ୍ୟବୋଧ ହେଲା । କାମ ବନ୍ଦ କରି ହାତଗୋଡ଼ ଜାକି ବସିପଡିଲା ମଥୁରି ମିସ୍ତ୍ରୀ ।

ମଥୁରି କିଛି ନ କହିଲେ ବି ବୁଝିହେଲା । ପୂଜାକମିଟିର ସଦସ୍ୟ କେତେଜଣ ପହଞ୍ଚି ସେ ଲୋକମାନଙ୍କୁ ଘଉଡାଇ ଦେଲେ, ଆରେ ପିଲାମାନେ, ଗହଳି ଭାଙ୍ଗ ଏଠୁ । ଠାକୁର କ'ଣ କୁଆଡେ ପଳାଉଛନ୍ତି ? ଛଣବନ୍ଧା ହେଉ ହେଉ ଭୋଗବଣ୍ଟା ହେଲା ପରି ହେଉଛି । ମଥୁରି ନିରୋଳା ହେଇଗଲା ତତ୍‌କ୍ଷଣାତ୍ । ପୂଜାକମିଟିର ସବୁଠୁ ବର୍ଷୀୟାନ୍ ବୃଦ୍ଧ ଭୋବନିମଉସାକୁ ଡାକି କ'ଣ ସବୁ କହିଲା । ତା କହିବା ଭିତରେ ପୁଣି ସେହି ଅସହାୟତା ଯେମିତି କାବୁ କରି ପକାଉଥିଲା ତାକୁ ।

ବରିଷ୍ଠ ସଦସ୍ୟ କେତେଜଣ ବସି ନିଷ୍ପତ୍ତି କଲେ, ମୂର୍ତ୍ତିଗଢା ବେଳେ କେହି ଗହଳି କରିପାରିବେ ନାହିଁ । ମୂର୍ତ୍ତିଗଢା ଶେଷ ନହେବା ପର୍ଯ୍ୟନ୍ତ କେହି କିଛି ଦେଖିପାରିବେ ନାହିଁ । ଏହା ଜଣେ ଶିଳ୍ପୀର ସୃଷ୍ଟିଶୀଳତାକୁ ପ୍ରତିହତ କରିବ । ବଢିଲା ନଈର ସୁଅପରି ଶିଳ୍ପୀର ଇମୋସନ୍ । ତାକୁ ତା ଇଚ୍ଛାରେ ଗଢିବାକୁ ଦିଆଯିବା ଉଚିତ । ମୂର୍ତ୍ତିଗଢା ସରିବା ପର୍ଯ୍ୟନ୍ତ ଦୁର୍ଗାମେଲାର ତାଟି ବନ୍ଦ ରହିବ । ମୂର୍ତ୍ତିଗଢା ସମୟରେ କେହି କିଛି ମନ୍ତବ୍ୟ ଦେଇ ପାରିବେ ନାହିଁ । କେହି ସେ ଘରକୁ ଯାଇ ପାରିବେ ନାହିଁ । ଆବଶ୍ୟକ ସ୍ଥଳେ ମଥୁରି ମିସ୍ତ୍ରୀ ସେଠାରୁ ବାହାରି ତା'ର ଦରକାରୀ ଉପକରଣମାନ ସଂଗ୍ରହ କରିବ ।

ପୂଜା କମିଟିର ଏ ନିଷ୍ପତ୍ତି ଶୁଣେଇ ଦିଆଗଲା ମଥୁରିକୁ । ମୂର୍ତ୍ତିଗଢା ବାବଦକୁ ତାର ସର୍ବମୋଟ ପ୍ରାପ୍ୟ ପାଞ୍ଚଶହ ଟଙ୍କା ଧରାଇ ଦିଆଗଲା ଆଗୁଆ । ମଥୁରି ତାକୁ ଗ୍ରହଣ କଲା ଓ ପୂର୍ବପରି ଚୁପ୍‌ଚାପ୍ ସେଇ ଏକଲା ଘର ଭିତରକୁ ଯାଇ ତାର ନନ୍‌ମାଟି, ଝୋଟଗୁଣ୍ଡ, ତୂଳୀ, ରଙ୍ଗ, ମୁଖା ଛାଞ୍ଚ ଆଦି ନିଜ ଆୟତ୍ତରେ ରଖିଲା ।

Digitized by srujanika@gmail.com

ଦିନ ଗଡିଲା, ମଥୁରି ମିସ୍ତ୍ରୀ କେବଳ ତାର ଖାଦ୍ୟପେୟ ଓ ନିତ୍ୟକର୍ମ ଆଦି କାର୍ଯ୍ୟ ସମାପନ କରିବା ଉଦ୍ଦେଶ୍ୟରେ ବାହାରକୁ ଆସେ । ଖୋଲାପବନରେ ଉଡ଼ିବୁଲୁଥିବା ଚଢ଼େଇ ଓ ଶରତର ସେ ନିର୍ମଳ ଆକାଶକୁ ଚାହିଁରହେ । ପୁଣି କାଳ ବିଳମ୍ବ ନକରି ବରଡ଼ା ତାଟିକୁ ଧୀରେ ଖୋଲି ସେ ଘର ଭିତରକୁ ଯାଏ, ମୂର୍ତ୍ତିଗଢ଼ାରେ ମନ ଦିଏ । ଯେତିକି ସମୟ ପାଇଁ ସେ ବାହାରକୁ ଆସେ, କେତେଜଣ ଉତ୍ସାହୀ ଯୁବକଙ୍କର ପାଟି ଖଲଖଲ ହୁଏ ପଚାରିଦେବାକୁ, କାମ କେତେବାଟ ଗଲା ? କିନ୍ତୁ ପଚାରିପାରନ୍ତି ନାହିଁ । ପୂର୍ବବର୍ଷମାନଙ୍କଠାରୁ ମଥୁରିର ମୁହଁ ଖୁବ୍ ଇତସ୍ତତ ଓ ଗମ୍ଭୀର ଲାଗେ । ଜଣାଯାଏ, ଯେମିତି ମଥୁରି ମିସ୍ତ୍ରୀ ସୁଦ୍ଧୁ ଅଚିହ୍ନା କାରିଗରଟିଏ, ନୂଆପାଟଣା ଆସିଛି ଏଇ ପ୍ରଥମଥର ମୂର୍ତ୍ତି ଗଢିବା ପାଇଁ ।

ବେଳେ ବେଳେ ଏମିତି ବି ହୁଏ, ଆମ ନିଜ ପରିସରର ଚିହ୍ନାଜଣା ଖୁବ୍ ବେଶୀ ଆତ୍ମୀୟ କେହି ଜଣେ ଖୁବ୍ ଗମ୍ଭୀର ପାଲଟି ଯାଆନ୍ତି । ଲାଗନ୍ତି ଅନାତ୍ମୀୟ । ସାହସ କରି ପଚାରି ହୁଏନା, କେଉଁ ଦୁଃଖଦ ପରିସ୍ଥିତି ବା କେଉଁ ଅସ୍ୱାଭାବିକତା ତାଙ୍କୁ ଏତେ ବେଶୀ ଉଦାସ କରି ଦେଇଛି । ଠିକ୍ ସେମିତି ଆଜି ଉଦାସ ଲାଗୁଛି ମଥୁରି ମିସ୍ତ୍ରୀର ମୁହଁ ।

ରାତି ପାହିଲେ ତପୋଃଷଷ୍ଠୀର ସକାଳ, ଆରମ୍ଭ ହେବ ଶାରଦୀୟ ପ୍ରଥମ ଉପଚାର ବେଲବରଣୀ । ସପ୍ତମୀ କଳସ ବୁଡ଼ା, ମହାଷ୍ଟମୀର ସନ୍ଧିପୂଜା ଓ ପାଣିକଖାରୁ ବଳି ସାଙ୍ଗକୁ ନବମୀ ରାତିରେ ହେବ କାଳିସୀ ନାଚ । ଏମିତି କେତେ କଣ ପୂଜାବିଧିର ଏକ ରୋମାଞ୍ଚକର ଘୋଡ଼ାଦୌଡ଼ ଆରମ୍ଭ ହୋଇଯାଇଥିଲା ନୂଆପାଟଣାବାସୀଙ୍କ ମନଭିତରେ । କିନ୍ତୁ ସବୁ ଉତ୍ସୁକତାର ପ୍ରଥମ ପାହାଚ ହେଇ ଠିଆ ହେଇଥିଲା ସେଇ ରମଣୀୟ ଦେବୀମେଢ ଦର୍ଶନର ଅମୁହାଁ ଆବେଗ ।

ଜମାହେଇ ପଡିଲେ ନୂଆପାଟଣା ପୂଜାକମିଟିର ସଭ୍ୟମାନେ । ଭୋବନି ମଉସା ଆସି ତାଟି ଖୋଲିବେ ଓ ମଥୁରି ମିସ୍ତ୍ରୀ ହାତରୁ ବୁନ୍ଦାଏ କଳା ରଙ୍ଗ ନେଇ ରଖିବେ ଚକ୍ଷୁଦାନ ପାଇଁ । ମୂର୍ତ୍ତିଗଢ଼ା ଓ ମେଢ ସଜ୍ଜା ତ ସବୁ ସରିଯାଇଥିବ । ପୂଜାବିଧିର ମାଙ୍ଗଳିକ ପୂଜାର୍ଚ୍ଚନା ଓ ବେଲବରଣୀ କ୍ରିୟା ସମ୍ପାଦନ ପାଇଁ ମୁରଲୀନନା ଓ ରାମିଆନା' ଆସି ଠିଆ ହେଇଛନ୍ତି ପଛରେ ।

ଭୋବନି ମଉସା ଡାକିଲା, ମଥୁରି ମଥୁରି ବୋଲି । ଭିତରୁ କେହି ଜବାବ ଦେଲେ ନାହିଁ । ବାହାରକୁ ଯିବାପାଇଁ ଥିବା ବାଟଟା ଫାଙ୍କା ଥିଲା ସକାଳକୁ । ତେବେ ମଥୁରି ମିସ୍ତ୍ରୀ କ'ଣ ନାହିଁ ସେ ଘର ଭିତରେ ! ତାଳ ବରଡାର ତାଟି ଗୋଟେ କ'ଣରୁ ଆଡ଼େଇ ଦେଖିଲା ତ 'ସବୁ ସାରିଦେଲୁରେ ମଥୁରି' କହି ଭୋବନି ମଉସା ତଳେ ପଡି ଚେତାଶୂନ୍ୟ ହୋଇଗଲା । ହଠାତ୍ କିଛି କଥା ବୁଝା ପଡିଲା ନାହିଁ । ଭୋବନି ମଉସାକୁ ଟେକି ନେଇ ପାଣି ଛାଟି ସାଷ୍ଟାଙ୍ଗ କରାଇଲେ କେତେଜଣ । ତାଳବରଡାର ତାଟି ଭାଙ୍ଗି ମେଢର ମୂର୍ତ୍ତିମାନଙ୍କୁ ଦେଖିଲେ ସଭିଏଁ ।

ଏକ ବୀଭତ୍ସ ଓ ନାରକୀୟ ଦୃଶ୍ୟାବଳୀ ଗଢିଦେଇ ମଥୁରି କୁଆଡେ ଉଭାନ ହେଇ ଯାଇଛି । ଚାହିଁ ହେଉନି ସେ ଦେବୀଙ୍କ ଆଡକୁ । କେମିତି ତାର ହାତ ଗଲା

Digitized by srujanika@gmail.com

ଏମିତି କରିବାକୁ ! ଶେଷରେ ଠାକୁରଙ୍କ ସହିତ ଖେଳିଲା, ପ୍ରବଞ୍ଚନା କଲା ! ସାରା ନୂଆପାଟଣା ଗାଆଁଟାକୁ ଠକି ଦେଲାନି ଯେ ଉଚ୍ଛନ୍ନ କରିଦେଇଗଲା ଦେବୀଙ୍କୁ ।

ମୁରଲୀ ନନା ଓ ରାମିଆନା, ଆଶ୍ଚର୍ଯ୍ୟ ହେଇ ପରସ୍ପର ଚାହାଁଚାହିଁ ହେଉଥାନ୍ତି । କେହିଜଣେ କହିଲା, ଘୋର ବିପତ୍ତି ପଡ଼ିବ ଏଥର ନୂଆପାଟଣାକୁ । ସବଂଶ ଧ୍ୱଂସ ପାଇଯିବ ବି ମଥୁରି ମିସ୍ତ୍ରୀ । କି ଆଖି-ନ ଦେଖିଲା କାମଟା କରିଦେଲାରେ ମଥୁରି !

ଭୟଙ୍କର ଯୋଗିନୀ ସ୍ୱରୂପିଣୀ ମା ଦୁର୍ଗା । କଙ୍କାଳସାର ଜାନୁ ଓ ଦଶଭୁଜା । ଭିକାରୁଣୀ ବୁଢୀଟେ ପରି ଶୁଷ୍କ ସ୍ତନ ଓ ଦଦରା ପଞ୍ଜରା ହାଡ଼ ସଦୃଶ ଅବୟବ । କିନ୍ତୁ ମୁହଁଟି ଗଢିଛି ସୁନ୍ଦର ପଦ୍ମଫୁଲ ପରି, ଯଦିଓ କିଛି ଔଜ୍ଜଲ୍ୟ ନାହିଁ ସେ ମୁଖଶ୍ରୀରେ । ଅସ୍ପଷ୍ଟ ତୃତୀୟ ନେତ୍ର । କିଛି ଅସ୍ତ୍ର ଧାରଣ କରି ନାହାନ୍ତି । ଶୂନ୍ୟ ଦଶଭୁଜା । ସିଂହବାହିନୀ ମା ଦୁର୍ଗାଙ୍କର ସିଂହଟି ଖାଲି ଯାହା ଏକ ଉତ୍ତୁଙ୍ଗ ରଣହୁଙ୍କାର ଦେଇ ମହିଷାସୁରର ତଣ୍ଟିଟାକୁ ଚାପି ଧରିଛି । ମହିଷାସୁରର ମୂର୍ତ୍ତି ଦିଶୁଛି ଅତି ଭୟଙ୍କର ଓ ତେଜୋଦ୍ଦୀପ୍ତ । ସମଗ୍ର ମେଢର ଏକ ତୃତୀୟାଂଶରେ ଏକ ମହିଷି ଓ ମହିଷାସୁରର ଉଗ୍ରମୂର୍ତ୍ତି ଆସ୍ଥାନ ଜମାଇ ରହିଛି । ଦାଢିଭର୍ତ୍ତି ମହିଷାସୁରର ମୁହଁ । ଗୋଟାଏ ହାତରେ ଧରାଇ ଦିଆଯାଇଛି ଏକ ବନ୍ଧୁକ ଓ ଅନ୍ୟହାତରେ ଶାଣିତ ଛୁରିକା । ମେଢର ଅନ୍ୟାନ୍ୟ ମୂର୍ତ୍ତିମାନଙ୍କୁ ଯାହା ସେ କରିଛି, ନ କହିବା ଭଲ । ଅକଳ୍ପନୀୟ, ଅବର୍ଣ୍ଣନୀୟ ସେ ବିକ୍ଷୁବ୍‌ଧ ଚିନ୍ତାର ବିକୃତ ପରିପ୍ରକାଶ ।

'ବେଶୀ ଦିନ ଆଉ ବଞ୍ଚିବ ନାହିଁ ବୋଧେ ମଥୁରି ମିସ୍ତ୍ରୀ । ଶେଷବେଳ ତାର ଆସିଗଲା'– କୁହାକୁହି ହେଲେ ଦେଖଣାହାରି ଲୋକ । ମେଢ ଡାହାଣ ପାଖରେ ଭୟଙ୍କର ମୂଷାଟେ ଉପରେ ବସିଛି ହାତୀ ମୁଣ୍ଡିଆ ଗଣେଶ । ହାତରେ ଧନୁତୀର ନାହିଁ । ମେଞ୍ଚେ ଅଶ୍ୱତ୍‌ଥ ଓ ବରଗଛର ଡାଳପତ୍ର ଧରି ଖାଉଛନ୍ତି ଶ୍ରୀଗଣେଶ । ଭୋକରେ ପେଟ ତାଙ୍କର ଭିତରକୁ ପଶିଯାଇଛି । ହାତରେ ଗୋଟେ ଚେପ୍‌ଟା ବୋତଲ ଓ ଗୋଟାଏ ଇନ୍‌ଜେକ୍‌ସନ ସିରିଞ୍ଜ ଧରି ଶାଗୁଣା ପରି ଦିଶୁଥିବା ମୟୂର ପରେ ଉପବେଷ୍ଟିତ ଦେବଶ୍ରୀ କାର୍ତ୍ତିକେୟ । ମଦମତ୍ତ ଦିଶୁଛି କାର୍ତ୍ତିକେୟଙ୍କର ଆଖି । ପେଚା ଉପରେ ବସିଛନ୍ତି ମା ଲକ୍ଷ୍ମୀ ଠାକୁରାଣୀ- ଗାଲ ପଶିଯାଇଛି । ଭିକ୍ଷାଥାଳଟେ ଧରେଇଛି ମଥୁରି ମା' ଲକ୍ଷ୍ମୀଙ୍କ ହାତରେ । ସଯତ୍ନ ଚିରାଶାଢିଟେ ପିନ୍ଧେଇଛି । ହଂସବାହିନୀ ମା ସରସ୍ୱତୀଙ୍କୁ ଖୁବବେଶୀ ସଜେଇଛି । ବୀଣା ବି ଧରିଛନ୍ତି ମା' ବୀଣାପାଣି । ଅତ୍ୟାଧୁନିକା ଭାବରେ ମଥୁରି ତାଙ୍କୁ ପିନ୍ଧେଇଛି, ସୁନ୍ଦରୀ ପ୍ରତିଯୋଗିତାରେ ଅଂଶଗ୍ରହଣକାରୀଣୀ ପାଶ୍ଚାତ୍ୟ କୁମାରୀଟେ ପରି । ପତଳା ଝୀନବାସ ଭିତରୁ ଯୌବନୋଦ୍ଦୀପ୍ତ ଅବୟବ ଫୁଟି ଦିଶୁଚି ବାହାରକୁ ।

ସରସ୍ୱତୀଙ୍କର ଏକ ନଗ୍ନ ଚିତ୍ର ଆଙ୍କି ସମାଲୋଚନାର ଶରବ୍ୟ ହୋଇଥିଲେ ଦିନେ ବିଶ୍ୱବିଖ୍ୟାତ ଭାରତୀୟ ଚିତ୍ରକର ମକବୁଲ ଫିଦାହୁସେନ୍ । କିନ୍ତୁ ଆଜି ମଥୁରି ମିସ୍ତ୍ରୀ ଯାହା କାଣ୍ଡ ଭିଆଇଛି, ଆଇନ ଦରବାରରେ ତାକୁ ଫାଶୀ ହେବା ଅବଶ୍ୟମ୍ଭାବୀ, ମାତ୍ର ସେତେବାଟ ତ କଥା ଯିବ ନାହିଁ । ବାଡି ଠେଙ୍ଗା ଧରି ମଥୁରି ଘର ଆଡକୁ ଧାଉଁଥିବା ନୂଆପାଟଣାର ଟୋକାଦଳ ହାବୁଡରୁ ଆଜି ମଥୁରି ମିସ୍ତ୍ରୀ ଖସି ପାରିଲେ ହେଲା ।

Digitized by srujanika@gmail.com

ଓଃ ! ସେ ମେଢ ସାମନାକୁ ଚାହିଁଲା ବେଳକୁ ମୁଣ୍ଡ ବିନ୍ଧି ଉଠୁଛି । ମଥୁରି ମିସ୍ତ୍ରୀ ପାଗଳା ହୋଇଯାଇଛି ବୋଲି କହି ବୁଲୁଛନ୍ତି କେତେଜଣ । ଉପରକୁ ମଥା ଟେକି ଦେଖିଲେ ଦୁର୍ଗାଙ୍କ ମଥା ଉପରେ ମେଢର ସର୍ବାଗ୍ରେ ଶୋଭିତ ସେଇ ଶ୍ମଶାନବାସୀ ମହାଦେବ । କେବଳ କଣ୍ଠପ୍ରଦେଶରେ ନୀଳ ରଙ୍ଗ ମାଖିବ କ'ଣ, ଶିବଙ୍କ ଆପାଦ ମସ୍ତକ ନୀଳବର୍ଣ୍ଣର ବିଷ ଭରି ଦେଇଛି ମଥୁରି ।

ଭୋବନି ମଉସା ସହିତ ଅନ୍ୟ କେତେଜଣ ପୁରୁଖା ଲୋକ ଏ ବର୍ଷ ପୂଜା ବନ୍ଦ କରିଦେବା ପାଇଁ ଆଲୋଚନା କରିବା ବେଳକୁ, ମୁରଲୀ-ନନା ତାର ବିରୁଦ୍ଧାଚରଣ କଲା ଓ ସେହି ମେଢକୁହିଁ ପୂଜା କରାଯିବ ବୋଲି ଅଡ଼ି ବସିଲା । ଈଶ୍ୱର ଅରୂପ । ମେଢରେ ସଜେଇ, ଦୁର୍ଗା, ମହିଷାସୁର, ଗଣେଶ, କାର୍ତ୍ତିକ, ମହାଦେବ ଓ ଲକ୍ଷ୍ମୀ ସରସ୍ୱତୀଙ୍କୁ ଏକ ସ୍ଥିରୀକୃତ ଆସନରେ ବସେଇ ଦିଆଯାଇଛି ·ଯେତେବେଳେ, ପୂଜାକାର୍ଯ୍ୟ ବନ୍ଦ ରଖିବାର କୌଣସି ଯଥାର୍ଥତା ନାହିଁ । ରାମିଆନା' କହିଲା, ବେଲବରଣୀ ଓ କଳସପୂଜାର ଯଥାରୀତି ସମୟ ଗଡି ଯାଉଛି । ତେଣୁ କାଳ ବିଳମ୍ବ ନକରି ପୂଜା ଆରମ୍ଭ କରାଯିବ । ଯାହା ତ ହେବାର ହେଲାଣି, ପୂଜା ବନ୍ଦ କରିବାରେ ବରଂ ବେଶୀ ପାପ ହେବ ।

ସତକୁ ସତ ନୂଆପାଟଣାରେ ସେ ଛକଦୁର୍ଗା-ମେଢରେ ବୀଭତ୍ସ ଓ ବିକୃତ ଭାବରେ ଗଠିତ ମୂର୍ତ୍ତିଗୁଡ଼ିକର ଯଥାରୀତି ପୂଜାପାଠ ଆରମ୍ଭ ହେଲା । ମାଇକ୍ ବାଜିଲା । ବେଲଗଛ ପୂଜା ହେଲା । କଦଳୀଗଛ ପୋତା ହୋଇ ଶୁଭ ପଡିଲା । ଠାକୁରାଣୀ ମେଲାର ସାମ୍ନା ପଟୁ ଦେବଦାରୁ ଡାଳପତ୍ର ଓ ରଙ୍ଗୀନ କାଗଜରେ ସଜା ହେଲା । କଳସୀ ପୂଜା ପାଇଁ ଶଙ୍ଖ ଘଣ୍ଟା ବଜେଇ ଯେଉଁ ଯୁବକମାନେ ମହାଦେବଙ୍କ ପୋଖରୀକୁ ଯିବା କଥା, ଠିକ୍ ସେତିକି ବେଳକୁ ସେମାନେ ରକ୍ତମୁଖା ହେଇ ଠେଙ୍ଗାବାଡି ଧରି ଧାଇଁଛନ୍ତି ମଥୁରିର ଘର ଆଡକୁ ।

ମୂର୍ତ୍ତିଗଢାର ଶେଷ ରାତିରେ, ଦେବୀଙ୍କ ଆଖି ଡୋଳାରେ କଳାରଙ୍ଗର ଶେଷ ସ୍ପର୍ଶ ଦେଇ ମଥୁରି ଯେତେବେଳେ ନିଜେ ଚାହିଁଲା ମୂର୍ତ୍ତିମାନଙ୍କୁ, ନିଜେ ବି ନିଜକୁ ବିଶ୍ୱାସ କରିପାରିଲା ନାହିଁ । ଭୟଙ୍କର ମୂର୍ତ୍ତିମାନଙ୍କର ଉଗ୍ର ଓ ଅତିଦୟନୀୟ ଆଖିମାନଙ୍କ ସାମନାରେ ଦଣ୍ଡେ ବି ଠିଆ ହେଇ ପାରିନଥିଲା ସେ । ରାତି ପାହିବା ଆଗରୁ ନୂଆପାଟଣାର ଦୁର୍ଗାମେଲାରୁ ବିଲହିଡ଼ ଓ କିଆ ଗୋହିରୀ ଡେଇଁ ଦୌଡି ଦୌଡି ଯାଇ ଲୁଚିଯାଇଚି ପରୀର ପଣତ କାନିରେ । 'ସେମାନେ ମତେ ମାରିଦେବେ ପରୀ, ମୁଁ ମରିଯିବି ।' କିଛି ବୁଝିନପାରି ଏକ ଭୟ ସଙ୍କୁଳ ଥରିଲା ଦେହରେ ଢାବୁଡି ଧରିଥିଲା ସେ, ମଥୁରିକୁ ।

ଠିକ୍ ଏତିକି ବେଳକୁ କବାଟରେ ଧଡ ଧଡ ଶବ୍ଦ ସାଙ୍ଗକୁ ଅଶ୍ଲୀଳ ଭାଷାରେ ଶୋଧାଶୋଧି ଆରମ୍ଭ ହେଇଗଲା ତା ଦାଣ୍ଡ ଦୁଆରେ । ଦିନେ ସିନା ତଣ୍ଟତର ହେଇ କବାଟ ଫିଟେଇ ଦେଇଥିଲା, ମାତ୍ର ସେଦିନ କବାଟ ନ ଫିଟାଇବାକୁ ସ୍ଥିର କରିସାରିଥିଲା ପରୀ । ଗୋଇଠା ଓ ଠେଙ୍ଗା ଚିଅରେ ଭୁଶୁଡି ପଡିଲା· ତା କବାଟ । ଘର ଭିତରକୁ

Digitized by srujanika@gmail.com

ଧସେଇ ପଶିଲେ କିଛି ଯୁବକ, କିଏ କ'ଣ କହିଦେଇ ଗଲା, କିଏ କେତେ ପାହାର ପିଟି ଦେଇଗଲା ମଥୁରିକୁ, ତାର ହିସାବ ନାହିଁ। ଲୁହାଛଡର ପାହାର ବାଜି ମଥୁରି ତଳେ ପଡିଗଲା। ଗେରସ୍ତକୁ ବଞ୍ଚେଇବାକୁ ଯାଇ ତା ଦେହଟା ଉପରେ ହାମୁଡେଇ ପଡିଲା ପରୀ। ମଥୁରି ଭାର୍ଯ୍ୟାର ଧଳା ଫରଫର ଦେହ ଓ କଇଁ କଇଁ କାନ୍ଦ, ଏକ ସମ୍ମିଳିତ ଦରଦର ଅସ୍ତ୍ର ରୂପେ ପଛଘୁଞ୍ଚା କରି ଦେଇଥିଲା ସେଇ ଯୁବକମାନଙ୍କୁ ଚେତାଶୂନ୍ୟ ହେଇ ତଳେ ପଡ଼ିରହିଥିଲା ମଥୁରି। 'ବେଃ, ଶଳା ମଥୁରି ମିସ୍ତ୍ରୀ ମରିଗଲାନା କ'ଣ ବେ' ବୋଲି ପାଟି କରି ଛିନିକାନିଆ ହେଇ ତା ଘର ଛାଡ଼ି ଦୌଡି ପଳେଇଥିଲେ ନୂଆପାଟଣାର ସେ ବିକ୍ଷୁବ୍ଧ ଯୁବକମାନେ।

ସପ୍ତମୀ ଯାଇ ଚାଲିଲା ଅଷ୍ଟମୀ ପୂଜା। ହୁ ହୁ ହେଇ ବଢିଲା ଦେଖଣାହାରିଙ୍କ ସଂଖ୍ୟା। ହଜାର ହଜାର ସଂଖ୍ୟାରେ ଲୋକ ଦୂର ଦୂରାନ୍ତରୁ ଧାଇଁଲେ ଖାସ୍ ନୂଆପାଟଣାର ମୂର୍ତ୍ତି ଦେଖିବାକୁ। ମୂର୍ତ୍ତି ଦେଖି କିଏ ହସିଲେ ତ କିଏ ପରିହାସ କଲେ ବା କା ଆଖିରୁ ଝରିପଡିଲା ଟୋପା ଟୋପା ଲୁହ। ସାମ୍ବାଦିକମାନଙ୍କର ଭିଡ ଜମିଲା ସେଇ ମୂର୍ତ୍ତି ସାମ୍ନାରେ। ଅଜସ୍ର ଫଟୋ ଉଠିଲା, ଦିନେ ଦୁଇଦିନ ଭିତରେ ଦୈନିକ ସମ୍ବାଦପତ୍ରମାନଙ୍କରେ ସେ ଫଟୋ ଛପାଗଲା। ସେଇ ଫଟୋଚିତ୍ରମାନଙ୍କୁ ନେଇ ତର୍କ-ବିତର୍କ, ତାତ୍ତ୍ୱିକ ନିବନ୍ଧ ଓ ଯୁଗଯନ୍ତ୍ରଣାର ପୃଷ୍ଠଭୂମିରେ ସମସ୍ୟା ସମାଲୋଚନାର ସମୀକରଣମାନ ମଧ ଖବର କାଗଜର ପୃଷ୍ଠା ମଣ୍ଡନ କଲା। 'ଜଣେ ପାଗଳ ଶିଳ୍ପୀର ଉନ୍ମତ୍ତ କାଣ୍ଡ' ଶିରୋନାମାରେ ମଧ ସମ୍ବାଦ ଛପାଗଲା।

ଏଣେ ମଥୁରି ମିସ୍ତ୍ରୀ ମାଡ ଖାଇ କମ୍ପୁଥାଏ ଶହେ ଚାରି ଜ୍ୱରରେ। ମୁଣ୍ଡଟାକୁ ଗୁଞ୍ଜି ଦେଇଥାଏ ପରୀର କୋଳରେ। କଥା ବାହାରୁ ନଥାଏ ପରୀର ପାଟିରୁ। ମଥୁରି ମୁଣ୍ଡରେ ପାଣିପଟି ଦେବା ସଂଗେ ସଂଗେ ଦେହର କ୍ଷତ ସ୍ଥାନରେ ମଲମ ଲଗାଇ ଦେଉଥିଲା। ମନେ ମନେ ନିଜକୁ ଦୋଷୀ ମଣୁଥିଲା ପରୀ। ତାକୁ ଲାଗୁଥିଲା, ନାଇଁ ନାଇଁ କରୁଥିବା ଗୋଟାଏ ଲୋକକୁ ସେ ନିଜେ ହିଁ ବାଧ କରି ବିପଦ ମୁହଁକୁ ଠେଲି ଦେଇଥିଲା। ଭୋକିଲା ପେଟରେ ପରୀ ସେମିତି ଜଗିବସିଥିଲା ମଥୁରିକୁ। ଶେତା ପଡ଼ିଯାଇଥିବା ପରୀର ସେ ସୁନ୍ଦର ପଦ୍ମଫୁଲିଆ ମୁହଁଟାକୁ ମୁଣ୍ଡ ଟେକି ଚାହିଁଲା ଓ ହସିବାକୁ ଚେଷ୍ଟା କଲା ମଥୁରି; ମଉଳା ଦିଶୁଥିବା ବାସୀ କନିଅର ଫୁଲିଆ ଆଙ୍ଗୁଠିରେ ତା ଦେହକୁ ଆଉଁସି ଦେଉଛି ପରୀ। କ୍ଷୀରରେ ଭିଜେଇ ବିସ୍କୁଟ ଖୋଇଦେଉଛି ଚାମଚରେ।

ପରଦିନ ବିଜୟା ଦଶମୀ। ସେମିତି ଜାକିଜୁକି ହେଇ ପରୀକୋଳରେ ଶୋଇଥାଏ ମଥୁରି। ଘୋଡେଇ ହେଇଥାଏ ପୁରୁଣା କନ୍ଥାଟାଏ। ମଝିରେ ମଝିରେ ବିଳାପ କରି ଉଠୁଥାଏ, 'ପରୀ-ପରୀ, ମୋ ହାତଗଢା ସେଇ ମୂର୍ତ୍ତିମାନେ ବିସର୍ଜନ ପରେ ଆଜି ପାଣିକୁ ଯିବେ ?' ପରୀ ସାଉଁଳି ଦେଉଥାଏ ମଥୁରିର ମୁଣ୍ଡକୁ। ଦେହର ବଥା ବଢୁଛି ମଥୁରିର। ପଦ୍ମଫୁଲିଆ ମୁହଁଟା ଶୁଖି ସିଠା ପଡିଯାଉଥିଲା ପରୀର।

ହଠାତ୍ ଅସମୟରେ କିଏ ଜଣେ ଭଙ୍ଗା କବାଟର ଦୁଆର ବନ୍ଧ ପାଖରେ ଠିଆ ହେଇ ଡାକିଲା ମଥୁରିକୁ। ମୁହଁ ବୁଲେଇ ମଥୁରି ଦେଖିଲା, ଫୁଲମାଳଟିଏ ଧରି କିଏ

Digitized by srujanika@gmail.com

ଛିଡା ହେଇଛି ଦୁଆର ବନ୍ଧ ପାଖରେ । ବୁଢ଼ା ଲୋକଟିଏ, ହାତ ଦି'ଟା ତାଙ୍କର ଥରୁଚି । ସେଇ ଜରୁଆ ଦେହରେ ଉଠିଯାଇ 'ଭୋବନି ମଉସା, ତମେ ଆସିଛ' କହି ତାଙ୍କ ପାଦ ତଳେ ପଡିଗଲା । 'ମତେ କ୍ଷମା କରିଦିଅ ମଉସା ! ଏମିତି ଭୁଲ ଆଉ ମୁଁ କେବେ କରିବନି ।'

ଥଙ୍ଗ ଥଙ୍ଗ ହୋଇ ଭୋବନି ମଉସା କହୁଥିଲା, ଶୁଣ ମଥୁରି, କାଲି ନବମୀ ପୂଜା ରାତିରେ ସବୁ ମେଢକୁ ତନ୍ନ ତନ୍ନ କରି ଦେଖିବା ପରେ ପୂଜା କମିଟି ତରଫରୁ ଆମ ନୂଆପାଟଣାର ଦୁର୍ଗାମେଢକୁ ପ୍ରଥମ ପୁରସ୍କାର ଦିଆଯାଇଛି । ଜିଲ୍ଲାପାଳଙ୍କ ତରଫରୁ ଶିଳ୍ପୀ ମଥୁରିମିସ୍ତ୍ରୀ ପାଇଁ ମିଳିଛି ପାଞ୍ଚହଜାର ଟଙ୍କାର ସ୍ୱତନ୍ତ୍ର ପୁରସ୍କାର । ସେଇ ଖୁସି ଖବର ଟିକିକ ଜଣାଇବା ପାଇଁ ଏତେ ବାଟରୁ ମୁଁ ଧାଇଁ ଆସିଛି । ତୁମ କୃତିତ୍ୱ ପାଇଁ ଏଇ ମାଳାଟା ଆଜି ମୁଁ ତୁମକୁ ପିନ୍ଧେଇ ଦେବି ।

ଆନନ୍ଦରେ ମଥୁରି ଭାର୍ଯ୍ୟାର ମୁହଁ ପୁଣି ଥରେ ଫୁଟି ଉଠୁଥିଲା ସଜଫୁଲ ପରି । ଆନନ୍ଦରେ ଅଧୀର ଭୋବନି ମଉସା । ତାଙ୍କ ଆଖିରୁ ଆଶୀର୍ବାଦର ଲୁହ ସବୁ ଥପଥପ ହୋଇ ବହିପଡୁଥିଲା ମଥୁରିର ମଥା ଉପରେ । ଆଉ ମଥୁରି ମିସ୍ତ୍ରୀ !!! ଉଁ ନାହିଁ କି ଚୁଁ ନାହିଁ । କେବଳ ଝୁଡ଼ିଏ ବନମାଟି ପରି ଅଜାଡ଼ି ହେଇ ପଡିଥିଲା ଭୋବନି ମଉସାର ପାଦ ତଳେ ।

■■■

Digitized by srujanika@gmail.com

ସବୁଦିନେ ଝରଣାଭୋଜି

ଚିରାକନା ଖଣ୍ଡେ ନଥାଉ ପଛେ ଦେହରେ ଦେବାକୁ ଶୀତ ପଡିଲେ ଖୁସିହୁଏ ସନିଆ । ଚୁଡ଼ିଆ ଘାଟିର ପାହାଡ଼ କୋଳରେ ଛୋଟ ଗୋଟେ ଝୁମ୍ପୁଡ଼ିବସ୍ତି । ବା' ବତାସରେ ବେଶ୍ ନିରାପଦରେ ଝୁଲୁଥିବା ବାୟାଚଢେଇର ବସାପରି ତା ଝୁମ୍ପୁଡ଼ିଘର । ଗୁରୁ ଗମ୍ଭୀର ପାହାଡ଼ ଓ ନିଜ ନିଜ ଭିତରେ ଫୁସୁରୁ ଫାସୁରୁ କଥା ହେଉଥିବା ଝରାପତ୍ରର ମର୍ମର ଭିତରେ ଟିକେ ମୁଣ୍ଡ ଗୁଂଜିବା ପାଇଁ ଛୋଟ ଗୋଟେ ନୀଡ଼ । ସଂଜ ନଇଁଲେ ଛିଟିକିଣି ଦେଇ ଶାଳୁଆ କାଠର ମସ୍ତଗଣ୍ଡିଟାକୁ ଆଣି ଢିରା ଲଗେଇ ଦିଏ ସନିଆ ବୋଉ । ସଂଜ ନଇଁଲେ ସେଇଠି ଘୂରି ବୁଲନ୍ତି ଭାଲୁ, ଝିଙ୍କ, ହେଟା ଓ କଲରା ପତରିଆ । ଉଇଖିଆ ଭାଲୁର ଭୟଙ୍କରିଆ ଗୁମୁରା ଶବ୍ଦ କାନକୁ ଶୁଭେ । ଛାନିଆରେ ତା ବୋଉ କୋଳରେ ଜାକିଜୁକି ହେଇ ପଶିଯାଏ ସନିଆ । ସାରା ରାତି ଜଙ୍ଗଲର ଜହ୍ନ ଗାଧୁଆ ହୁଏ । ରୂପସୀ ତରୁଣୀର ଅଙ୍କାବଙ୍କା ଦେହର ଭୂଗୋଳ ଛୁଇଁ ଯୌବନ ଝରିଲା ପରି, ଛୋଟବଡ଼ ପଥର ଖଣ୍ଡ ଭିତରେ ଝରି ଝରି ଯାଏ ଲାଜେଇ ଝରଣା ।

ଭାରି ଶୀତୁଆ ଲାଗେ ରାତିର ଜଙ୍ଗଲ । ପାହାଡ଼ି ଜଙ୍ଗଲର ସବୁରାତି ଲାଗେ ଶୀତ ଋତୁର ରାତିପରି । ଶୀତ ପହଁରିଯାଏ ସବୁ ଝୁମ୍ପୁଡ଼ି ଘର, ସବୁ ଜଙ୍ଗଲୀ ଦେହମାନଙ୍କୁ । ଦେହସୁଆ ଶୀତ ଘସରେଇ ହୁଏ ସନିଆର ଦେହସାରା । ଜହ୍ନ ଛୁଇଁଯାଏ ତା ମନକୁ । ରାତି ପାହିବା ଚିନ୍ତାରେ ସେ ଛଟପଟ ହୁଏ । ରାତି ପାହେ । ସାରା ରାତି ନିଘଞ୍ଚ ସୁନ୍ଦରୀ ଶାଳବନାନୀର ଅଭିସାର ପଣତରେ ହଜେଇ ଦେଇଥିବା ସୁରଭିତ ପୌରୁଷର ଦୁର୍ବଳ ଦେହ ନେଇ ସୂର୍ଯ୍ୟ ଆତ୍ମ ପ୍ରକାଶ କରେ । ଫର୍‌ଚା ଦିଶେ ସାରା ଜଙ୍ଗଲ ଓ ପାହାଡ଼ । ଚଢେଇ ସବୁ କିଚିରି ମିଚିରି ଶବ୍ଦର କୋଳାହଳ ଆରମ୍ଭ କରି ଦିଅନ୍ତି । ଏମିତି ସକାଳର ସୂର୍ଯ୍ୟକୁ ଆଖି ପୂରେଇ ଚାହିଁହୁଏ । ସୂର୍ଯ୍ୟ ଚକାଭଉଁରି ଖେଳେ ମାଟିଅଗଣାରେ । ଶିଥିଳ ପାଦମାନଙ୍କୁ ବାଟ କଢେଇ ନିଏ । ଏକା ନିଃଶ୍ୱାସେ ସନିଆ ଦୌଡ଼ିଯାଏ ପାହାଡ ଡେଇଁ ସେଇ ଝରଣା ପାଖକୁ ।

ଝରଣା ପାଣିରୁ ପେଟେ ପିଏ । ଘାସ ଗାଲିଚାରେ ଗଡ଼େ । ଭାରି ନରମ ଲାଗେ ଘାସ । ସନିଆର ମନ ଖୁସି ହୁଏ । ଘାସରେ ଗଡି ବେଳେ ବେଳେ ତା ପିଠିସାରା କୁଣ୍ଢେଇ ହୁଏ । କଳା କଳା ମୁଣ୍ଡିଆ ପଥରରେ ଯାଇ ପିଠି ଘଷେ ସନିଆ । ଛାଁ କୁ ଛାଁ ଡାଳି ମାଙ୍କୁଡି ଖେଳେ । ଥୁଣ୍ଟା ଗଛକୁ କୁଣ୍ଢେଇ ଗେଲ କରେ ।

Digitized by srujanika@gmail.com

ଏମିତି ଗୋଟିଏ ଦିନ । ଗୋଟେ ବଡ ପଥର ଖଣ୍ଡର ଖୋଲ ଭିତରେ ଜାକିଜୁକି ହେଇ ପଶିଥିଲା ସନିଆ । କଳା ଅଙ୍ଗାରରେ ଗାରୋଉଥିଲା ପଥର ଛାତିରେ କେତେ କଥା । ମଝିରେ ମଝିରେ ଗୋଟେ ଶାଳପତ୍ରର ପୁଡିଆ ଭିତରୁ କ'ଣ ସବୁ ଆଣି ପାଟିରେ ପକାଉଥିଲା । ସନିଆ ଦେଖିଲା ତା ଆଡ଼କୁ କିଏ ଜଣେ ଗାଡେଇ ଗାଡେଇ ଚାହୁଁଛି । ଫୁର୍ ଫୁର୍ ହେଇ ତା କେଶ ଉଡୁଛି । କେତେ ସୁନ୍ଦର ହଳଦିଆ ରଂଗର ଜାମା ପିନ୍ଧିଛି । ଆଉଟା ସୁନା ପରି ତା ଦିହ ଦାଉ ଦାଉ ହେଇ ଜଳୁଚି । ଝିଅଟା ଦିଶୁଚି ବଣର କନିଅର ଫୁଲପରି । ତାକୁ ଟିକେ ନିରେଖି ଚାହିଁଲା ସନିଆ । ଦେଖିଲା, ସେ କନିଅର ଫୁଲିଆ ଝିଅର ହାତ, ଗୋଡ, ପାଟି ନାକ, ଆଖି କାନ ସବୁ ଅଛି । ପ୍ରଥମେ ପ୍ରଥମେ ସିନା ଦେଖି ଡରୁଥିଲା; ହେଲେ ଏବେ ଆଉ ସେ ଡରୁ ନାହିଁ । ବୁଝି ପାରିଲାଣି, ଏମାନେ ସବୁ ମଧ୍ୟ ତା'ରି ପରି ମଣିଷ ।

ପ୍ରତିଦିନ ସକାଳୁ ସଂଜ, ସେଇମାନଙ୍କୁ ସେ ଦେଖେ ସେଇ ଝରଣା କୂଳରେ । ସବୁଦିନ କିଛି ଲୋକ ଏମିତି ରଂଗ ବେରଂଗ ହେଇ ଆସନ୍ତି । ନାଚନ୍ତି, ଗାଆନ୍ତି, ଖେଳନ୍ତି, ଫଟୋ ଉଠାନ୍ତି, ରାନ୍ଧନ୍ତି ଓ ଖାଆନ୍ତି । ପୁଣି ଫେରି ଯାଆନ୍ତି ତାଙ୍କ ମଟର ଗାଡି ଚଢି । ସନିଆ ଯାଇ ମଟର ଗାଡ଼ି ଦେଖେ । ବେଳେ ବେଳେ ସନିଆର ମଟର ଗାଡ଼ିରେ ବସିବାକୁ ଭାରି ଇଚ୍ଛା ହୁଏ । ସେ ଦେଖେ; ଲୋକମାନେ ବସିବା ପରେ ଗୋଟିଏ ଜାଗାରେ ଠିଆ ହୋଇ ଜଙ୍ଗଲୀ ଜାନୁଆର ପରି ମଟର ଗାଡି ଗର୍ଜନ କରେ ଓ ଆଗପଛ ହୋଇ ମାରଣା ବଳଦ ପରି ଶିଙ୍ଗାରୀ ହୁଏ । ତା ପରେ ଅଣନିଃଶ୍ୱାସୀ ହେଇ ଦୌଡ଼ି ଦୌଡ଼ି ଚାଲିଯାଏ ।

କେଉଁଗୋଟା କଲେଜରେ ପ୍ଲସ୍ ଥ୍ରୀ ପଢୁଥିବା ସେ କନିଅର ଫୁଲିଆ ଝିଅ ବଣଭୋଜି କରିବାକୁ ଆସିଛି ସାନଘାଗରା । ଘାଟୀ ଉପରେ ଅଛି ତାଙ୍କ କଲେଜ ବସ । ତା' ସାଙ୍ଗ ସବୁ କିଏ ଯାଇ ଝରଣାରେ ଗାଧୋଇଲେଣି ତ' କିଏ ସବୁ ଯାଇ ଲନ୍‌ରେ ବସି ଫଟୋ ଉଠେଇଲେଣି । ହେଲେ ଏକା ଲୟରେ ସେ ଚାହିଁଥିଲା ସେଇ ପିଲାଟା ଆଡକୁ । କନିଆର ଫୁଲିଆ ଝିଅ ତାର ଅଲଗା ସାଙ୍ଗମାନଙ୍କ ସହିତ ଝରଣା କୂଳକୁ ଗଲା ନାହିଁ । ଗଡ଼ାଣିଆ ସର୍ପିଳ ପାହାଚ ସବୁ ଡେଇଁ ଡେଇଁ ଯିବାକୁ ପଡେ ସେଇଠିକି । ସେଇ ଗଡାଣିର ଉପର ମୁଣ୍ଡରେ ପଡିଥିବା ତଳମୁହାଁ ପାହାଚ ଉପରେ ବସି ପଡିଲା ।

ଝରଣା କୂଳରୁ ତା ନାଁ ଧରି କିଏ ଡାକୁଛି, ସ୍ୱପ୍ନା ସ୍ୱପ୍ନା ବୋଲି । ହେଉ୍ ! ଅରୁଣାଟା ଏତେ ବଡ ପାଟିରେ ଚିଲୋଉଛି । ଅରୁଣାର ଏତେବଡ ପାଟି ତ ସେ କେବେ ଶୁଣି ନଥିଲା । ବଣ ଭୋଜିରେ ଏମିତି ଅସ୍ୱାଭାବିକତା ସବୁ ପରିଲକ୍ଷିତ ହୁଏ । ଲାଜେଇ ଝିଅଟେ ବଡ ପାଟି କରିପକାଏ । ଯିଏ କେବେ ଗୀତ ଗାଇ ନଥାଏ, ନାଚି ନଥାଏ; ସେ ଭଲ ଗୀତ ଗାଏ ଓ ନାଚେ । ରାନ୍ଧି ଶିଖି ନଥିବା ଝିଅଟେ ରନ୍ଧା ବଢା କରିବାକୁ ଆଗଭର ହୁଏ । ଗୋଟିଏ ଦିନ ପାଇଁ ହେଉ ପଛେ ଏମିତି ଅସ୍ୱାଭାବିକତା ଖୁବ୍ ରୋମାଂଚକର ଓ ସ୍ମୃତି ମଧୁର ହୋଇ ରହିଯାଏ । ମାତ୍ର କେତେ ଘଣ୍ଟା ପାଇଁ

Digitized by srujanika@gmail.com

ନୂଆ ଗୋଟେ ଦୁନିଆରେ ପାଦ ଦେବା ପରି ଲାଗେ । ସାମାନ୍ୟ ଘଟଣାକୁ କେନ୍ଦ୍ର କରି ଢେରଦିନ ହେବ ଅପଡ ପଡିଥିବା ଦି' ସାଙ୍ଗର କଟି ଫିଟିଯାଏ ।

ବଣଭୋଜି ଖାଲି ଗୋଟାଏ ଦିନର ସାଉଁଟା ସ୍ମୃତି ନୁହେଁ, ମାତ୍ରାଧିକ ଛନ୍ଦକପଟ ରାଗରୋଷରେ ସଙ୍କୁଚିତ ଏକ ଅବସାଦମୟ କ୍ଳାନ୍ତ ପରିଧିରୁ ଲମ୍ଫ ଡିଆଁ ଦେଇ ଅନ୍ୟ ଏକ ଗ୍ରହର କ୍ରାନ୍ତିବଳୟରେ ମୁହଁ ଚାହାଁଚୁହିଁ ହେବାର ସୁବର୍ଣ୍ଣ ସୁଯୋଗ ।

ପୁଣିଥରେ ଅରୁଣାର ପାଟି ଶୁଭିଲା । ଡାକୁ ଡାକୁଛି ଅରୁଣା । ସେ ଡାକ ବୁଦୁବୁଦିକିଆ ଲଟା ଡାଳ ପଥର ପାହାଚ ଚଢ଼ି ତା କାନରେ ପଡୁଛି । ଝରଣା କୂଳରେ ଯେତେ ଦୂରେଇକି ଠିଆ ହେଲେ ବି ଝରଣାର ଜଳ ପଥର ଛାତିରେ ଛେଚି ହେଇ ଛିଟିକି ପଡୁଚି । ଯେମିତି କୁଣ୍ଡାଝରା ବର୍ଷା ଚୁମିଯାଉଛି ଦେହସାରା । କଲେଜ ଝିଅର ବଳିଲା ବଳିଲା ହାତଗୋଡ଼ର ସୁନାରଂଗୀ ରୁମ ଗୁଡାକ ଠିଆ ହେଇ ପଡୁଛି । ଅଦ୍ଭୁତ ଗୋଟେ ଶିହରଣ ଖେଳେଇ ହେଇ ଯାଉଚି ଦେହସାରା । ପାଖରେ ସ୍ୱପ୍ନାକୁ ନ ପାଇ ଅରୁଣାକୁ ଭଲ ଲାଗିଲା ନାହିଁ । ସେ ଉଠି ଆସିଲା ପାହାଚ ଡେଇଁ ଡେଇଁ । ଅଣନିଃଶ୍ୱାସୀ ଲାଗୁଥିଲା ଅରୁଣା । ଉପର ପାହାଚରେ ବସିଥିବା ସ୍ୱପ୍ନାର ଆଣ୍ଠୁରେ ହାତ ଭରା ଦେଇ ଝୁଙ୍କି ପଡିଲା ତା ମୁଣ୍ଡ ଉପରକୁ । ଅରୁଣାର ଧଳା ସାଲୱାର ପଞ୍ଜାବୀ ଉପରେ ବାଇଗଣୀ ରଂଗର ହରଗୌରା ଫୁଲର ପ୍ରିଣ୍ଟ ସବୁ ଭିଜି ଯାଇଥିଲା ଝରଣା ପାଣିରେ । ଏତେ ଗୁଡା ପାହାଚ ଡେଇଁ ଡେଇଁ ଆସିବା ପରେ ଖରଶ୍ୱାସରେ ତା ଛାତିଟା ଯେମିତି ପଟାଦୋଳି ଖେଳୁଥିଲା । ମୁହଁ ଭିତରେ ହସ ଚାକି ସ୍ୱପ୍ନା କହିଲା, 'ଆବେ ଅରୁଣା, ତୁ କେମିତି ଦିଶୁଚୁ ବେ ! ଛିଃ !' ଅରୁଣା ପ୍ରକୃତିସ୍ଥ ହେଲା । 'ଏ, ମା ! ମୋ ପଞ୍ଜାବୀ ଉପରୁ ବୋତାମ ଦିଟା କେତେବେଳେ ଫିଟିଯାଇଚି, ମତେ ଜମା ଜଣା ନାହିଁ ।' ଅରୁଣା ହାତରେ ହାତ ଛନ୍ଦି ସ୍ୱପ୍ନା ପାହାଚ ଗଡିଲା । ଝରଣାର ପାଦଦେଶରେ ପରିହାସ ଛଳରେ ଅରୁଣା, ପଛରୁ ଭିଡ଼ି ଧରିଲା ଅନିମାକୁ । ଛାଟିପିଟି ହେଇ ଅନିମା କହିଲା, 'ଆଉ ଲାଗେନା ବେ ଅରୁଣା; ସହଜେ ତ ଏଇ ଝରଣା ଧାରରେ ଠିଆ ହେଲେ ଲାଗୁଛି ଯେମିତି କେଉଁ ପୁରୁଷର ଉଷ୍ଣକୋମଳ ଆଙ୍ଗୁଳି ଚାଳନାରେ ସାରା ଦେହଟା ମୋର କୁତୁକୁତୁ ହେଇ ଯାଉଛି ।' ଅନିମା କବିତା ଲେଖେ । ତା କହିବା କଥାଗୁଡ଼ାକ ବି ଯେମିତି କବିତା ପଢ଼ିବା ପରି ଲାଗେ ।

ସାନ ଘାଗରାର ନୈସର୍ଗିକ ସୌନ୍ଦର୍ଯ୍ୟରେ କିଂଚିତ୍ ବିମୋହିତ ହେଲା ସ୍ୱପ୍ନା; ମାତ୍ର ଅରୁଣା କି ଅନିମା ମାନଙ୍କପରି ଆତ୍ମବିସ୍ମୃତ ହେଲା ନାହିଁ । ପାହାଡ଼ ପାଦଦେଶରେ ଠିଆ ହେଇ ଲାଗୁଛି, ଯେମିତି ଉଚ୍ଚ ଟପୋଗ୍ରାଫିର ସବୁଜ ଲନ୍‌ରେ କେହି ତାକୁ ଆକର୍ଷୁଛି । ଗାଢ଼ କଳାରଂଗର ମେଞ୍ଚେ ମାଂସର ଆବର୍ଜନା ପରି ଜୀବନ୍ତ କେହି ଜଣେ ହଠାତ୍ ଏତେ ଆତ୍ମୀୟ ଲାଗୁଛି ତାକୁ । ଲାଗୁଛି ଯେମିତି ସଫା ଲେଟର ପ୍ୟାଡ୍‌ରେ କାଳି ବୋଳି କିଏ ଆକାଂକ୍ଷା ଓ ଅନାସକ୍ତିର କବିତା ଆଙ୍କୁଛି । ଗୋଟାଏ ମୁମୂର୍ଷୁ ଆବେଗର ଆବେଦନ ସ୍ୱପ୍ନା ପାଇଁ ବେଶୀ ହେଲା; ମାତ୍ର ନିର୍ଝରିଣୀର ସକଳ ସୌନ୍ଦର୍ଯ୍ୟ ନୁହେଁ ।

ପୁଣି ତାର ପାଦ କେତେ ପାଦ ପଛକୁ ହଟିଗଲା । ଆସ୍ତେ ଆସ୍ତେ ସ୍ୱପ୍ନା ସେଇ ପିଲାଟା ପାଖକୁ ଗଲା । କଳା ମଚମଚ ଦେହ । ନୁଖୁରା କେଶ, ପଚାରିବାରୁ ପିଲାଟା

Digitized by srujanika@gmail.com

ତା ନାଁ କହିଲା । ଶାଳପତ୍ର ପୁଡିଆ ଭିତରୁ କ'ଣ ଆଣି ପାଟିରେ ଚାପି ଖାଉଥିଲା ଯେ; ସ୍ୱପ୍ନା ପଚାରିବାରୁ କହିଲା, କଲେଇ ଖାଉଚି । କିଛି ବୁଝି ପାରିଲାନି ସ୍ୱପ୍ନା । ପାଖକୁ ଲାଗିଯାଇ ଦେଖିଲା ଜୀଅନ୍ତା ଝଡିପୋକଗୁଡାକ ଖାଇଯାଉଚି ପିଲାଟା । ହଠାତ୍ ବାନ୍ତି ମାଡ଼ିଲା ତାକୁ । ରୁମାଲରୁ ବାହାର କରି ସ୍ୱପ୍ନା କାଗଜି ଲେମ୍ବୁ ଶୁଂଘିଲା । ପିଲାଟାର ଝଡ଼ିପୋକ ଖାଉଥିବାର ଦୃଶ୍ୟ, ତା ସାଙ୍ଗମାନଙ୍କୁ ଡାକି ଦେଖେଇବ ଭାବିଲା । ହେଲେ ପାରିଲାନି । ସନିଆର ନିରୀହ ଆଖିରେ କିଛିକ୍ଷଣ ବନ୍ଦୀ ହେଇଗଲା ସ୍ୱପ୍ନା । ଭାରି ସଫା ସୁତୁରୀ ସେଇ କନିଅର ଫୁଲିଆ ଝିଅଟା, ଏତେ ବେଶୀ ଅସଫା ଅପରିଛନିଆ ପିଲାଟା ପ୍ରତି ଭରାଦରଦରେ ସଂପୂର୍ଣ୍ଣ ମନସ୍କତା ହରେଇ ଦେଇଥିଲା ସେଦିନ ।

ସ୍ୱପ୍ନାର କାନ୍ଧରେ ଧୀରେ କିଏ ହାତ ଥୋଇ ଦେଲା । ଚମକିପଡି ପଛକୁ ଚାହିଁ ଦେଖିଲାତ; ମଧୁଲିତା ଅପା ଆସି ଠିଆ ହେଇଥିଲା ତା ପଛପଟରେ । ଲିତା ଅପା ଭଲ ପଢେ । ଭାରି ଚୁପ୍‌ଚାପ୍ । ଗମ୍ଭୀର ସ୍ୱଭାବର ଝିଅ । ଏମିତି ଗୋଟାଏ ପ୍ରଶ୍ନିଳ ଆଖିରେ ସ୍ୱପ୍ନା ଚାହିଁଲା ଯେ, ଲିତା ଅପା ଜାଣିପାରିଲା ସେ କ'ଣ ପଚାରିବାକୁ ଚାହୁଁଛି । କହିଲା, ତୁ ଜାଣିପାରୁନୁ କି ସ୍ୱପ୍ନା; ଏଇଟା ଗୋଟାଏ ଆଦିବାସୀ ଛୁଆ ।

ଏଇ ଆଦିବାସୀ ଶବ୍ଦଟା ସ୍ୱପ୍ନାର ମନ ଭିତରେ ଗୁଡ଼େଇ ତୁଡ଼େଇ ହେଲା ଅନେକ କାଳ । ଭାବୁଥିଲା କ'ଣ ହେଇପାରେ ଏଇ ଆଦିବାସୀର ଅର୍ଥ । ଆଦିମ ଅଧିବାସୀରୁ ଆଦିବାସୀ; ଏମିତି ବ୍ୟୁତ୍ପତ୍ତି କରାଯାଇପାରେ ବୋଧେ । କେମିତି ଗୋଟାଏ ମାଷ୍ଟ୍ରାଣୀ ଢଙ୍ଗରେ ଚଉକି ପରି ପଡିଥିବା ଖଣ୍ଡେ ପଥରରେ ବସି, ଗାଇ ଦେଇଗଲା ଲିତାଅପା ଏଇ ଆଦିବାସୀମାନଙ୍କ ବିଷୟରେ କେତେ କଥା; "ଆଦିବାସୀ ଅଧ୍ୟୁଷିତ ଏଇ କେନ୍ଦୁଝର, ଏଠାରେ ମୁଣ୍ଡା, ସାନ୍ତାଳ, ସଉରା, ବାଥୁଡି, କୋହ୍ଲ, ଜୁଆଙ୍ଗ ଲୋକମାନେ ଦେଖିବାକୁ ମିଳନ୍ତି । ସେମାନେ ଝଡିପୋକ, କାଇ ପିମ୍ପୁଡି, ମୂଷା ବେଂଗ, କଛିମ ଆଦି ଖାଇବାକୁ ଭଲ ପା'ନ୍ତି । ପଣସର ମଞ୍ଜି ଓ ଆମ୍ବର ଟାକୁଆ ଖାଇ ବିତେଇ ଦିଅନ୍ତି ସାରା ବର୍ଷ । ମହୁଲ ହାଣ୍ଡିଆ ଖାଇ ନିଜ ନିଜ ଭାଷାରେ ଗୀତ ଗାଆନ୍ତି । ଆଦିବାସୀ ଜୁଆଙ୍ଗ ଚାଙ୍ଗୁବାଜା ବଜାଏ ଆଉ ଧାଙ୍ଗିଡ଼ି ସବୁ ଅଣ୍ଟାକୁ ଅଣ୍ଟା ହାତ ଛନ୍ଦି ନାଚନ୍ତି । ବଣ ଜଙ୍ଗଲର ହିଂସ୍ରଜନ୍ତୁଙ୍କ ଗହଣରେ ଥିବା ଆଦିବାସୀ ଲୋକ କିନ୍ତୁ ହିଂସ୍ର ନୁହନ୍ତି । ଖୁବ୍ ସରଳ ଓ ସାଧାରଣ । ଏଇମାନଙ୍କୁ ବେଶ୍ ଶୋଷଣ କରିହୁଏ । ଏଇ ମାନଙ୍କ ଇଲାକାକୁ ଲୁଚିଲୁଚି ଯାଆନ୍ତି କେତେ ଧୋବଧବଳିଆ ପଙ୍ଗପାଳର ଦଳ । ଜଙ୍ଗଲଜାତ ଝୁଣା, ମହୁ, ଲାଖ ଓ କାଠ ଇତ୍ୟାଦି ଅଳ୍ପ କିଛି ପଇସାରେ ଭଣ୍ଡେଇ ନେଇ ଚୋରା ଚାଲାଣ କରି କୋଟିପତି ହୁଅନ୍ତି । ବୁଝିଲୁ ତ ! ଆଉ ଏତେଗୁଡା କ'ଣ ଚାହିଁ ରହିଛୁ ସେଇ ପିଲାଟାକୁ !"

ଏତକ କହି ଚାଲିଗଲା ଲିତା ଅପା । ଏତେ କଥା କେମିତି ଜାଣିଲା ଲିତା ଅପା ! ସମାଜତତ୍ତ୍ୱରେ ପିଜି କରୁଛି ତ; ତେଣୁ ଆଦିବାସୀମାନଙ୍କ ଜୀବନପ୍ରଣାଳୀ ସଂପର୍କରେ ତାର ଧାରଣା ରହିବାଟା ସ୍ୱାଭାବିକ ।

ଆଦିବାସୀ ଜାଣେ ନାହିଁ; କେମିତି ଲାଗେ ଖାଇଲେ ଭାତ ଡାଲି ତରକାରୀ । ଆଦିବାସୀ ଖାଲି ଜଙ୍ଗଲ କାଟେ ତା ଜୀବିକା ପାଇଁ । ଦ୍ରବ୍ୟ ଅଦ୍ରବ୍ୟ ଖାଏ, ଯାହା

Digitized by srujanika@gmail.com

ଇଚ୍ଛା । ହାଣ୍ଡିଆ ଖାଏ । ତା' ଭାଷାର ଗୀତ ସେ ମନଭରି ଗାଏ । ବିନା ପସନ୍ଦରେ ଆହାର ପରି; ନିଜ ଅଜାଣତରେ କେତେବେଳେ ମୈଥୁନ କ୍ରିୟା ସମାପନ କରିଦେଇ ଥାଏ; ନିଜେ ବି ଜାଣି ନଥାଏ । ସିଆଡକୁ ନିଘା ନଥାଏ ତାର ।

ସ୍ୱପ୍ନା ଭାବିଲା, ଆଦିବାସୀମାନଙ୍କ ସମ୍ବନ୍ଧରେ କେତେ ଟୀକା ଟିପ୍ପଣୀ ଦେଇ ପାରୁଥିବା ଲିତା ଅପା କେବେ ଦେଖିଛି କି ଆଦିବାସୀର ଘର ଓ ଗାଁ, ମୁଣ୍ଡାଲୋକର ଧନୁତୀର, ଜୁଆଙ୍ଗର ମଣ୍ଡଘର କି କନ୍ଧଝିଅର ଚିତାକୁଟା ବିବର୍ଣ୍ଣ ମୁହଁ କେବେ ଦେଖିଛି କି ଲିତା ଅପା ! ତା ପଢା ବହି ଭିତରେ ଫଟୋରେ ଦେଖିଲେ ଦେଖିଥିବ । ବହି ପଢି ପରୀକ୍ଷାରେ ଲେଖିବ ବୋଲି ଘୋଷି ଦେଇଥିବ ! ସ୍ୱପ୍ନାର ମନକୁ ପାଇଲା ନାହିଁ । ଛିଃ ! ଲିତା ଅପାର ଏମିତି ସମାଜତତ୍ତ୍ୱ ପଢିବାର ମାନେ କ'ଣ ଥାଏ ଯେ !

ହାତରେ ଖଣ୍ଡେ କଳା ଅଙ୍ଗାର ଧରି ପଥରରେ ଗାରୋଉଥିଲା ସନିଆ । ବୁଲିବୁଲି ଦେଖୁଥିଲା ସ୍ୱପ୍ନା । ସାନଘାଗରାର ସବୁ ପଥର ଛାତିରେ କି ସୁନ୍ଦର ରଂଗତୂଳୀରେ କେତେ ପୁଅଝିଅଙ୍କର ନାଁ ଲେଖାଯାଇଛି । ସବୁ ପଥର ଖଣ୍ଡରେ ଯୁକ୍ତ ଚିହ୍ନରେ ଯୋଡି ହେଇ ଯାଇଛନ୍ତି କେତେ କେତେ କଲେଜର ପୁଅଝିଅ, ପ୍ରେମିକ ପ୍ରେମିକାମାନେ । କେହି ନ ମାନିଲେ ବି; ସମାଜ ନହେଲେ ବି, ସାନଘାଗରା ତ ସେମାନଙ୍କ ପ୍ରେମକୁ ସ୍ୱୀକୃତି ଦେଇଛି । ସ୍ୱପ୍ନା ଭାବିଲା, ସନିଆଟା ଲେଖିପଢି ଜାଣିନି, ନଚେତ୍ ସାନଘାଗରାର ସବୁ ପଥର ଖଣ୍ଡରେ ଖାଲି ଲେଖା ଯାଇଥାନ୍ତା; ସନିଆ, ସନିଆ ।

କେତେଦିନର ସ୍ୱପ୍ନ ଥିଲା ଯେଉଁ ସାନଘାଗରା ପାଇଁ; ଆଜି ତାକୁ ଆଖି ପୂରେଇ ଦେଖୁଚି ସ୍ୱପ୍ନା । ଚିଂ ଚିଂ କେତେ ଅଜଣା ପକ୍ଷୀର ଗୀତ । କେନା କେନା କେତେ ଅଚିହ୍ନା ଗଛର ଡାଳ; ଛୋଟ ବଡ଼ କେତେ କିସମର ପଥର ଖଣ୍ଡ କିଏ ଯେମିତି ଜାଣି ଜାଣି ସଜେଇ ରଖିଛି ଏଠି । ହେଇ ତ; ଉପର ମୁଣ୍ଡର ବିସ୍ତୃତ ଲନ୍‌କୁ ଲାଗିଥିବା ଗୋଳିପାଣିର ଛନ୍ଦହରା ଚାଲି, ଯେଉଁଠି ଲିତା ଅପା ତା ଗୋରା ଗୋରା ଅଳତା ବୋଳା ପାଦକୁ ଚବଚବ କରୁଛି; ଛୋଟ ଛୋଟ ଗୋଳି ପାଣିର ଢେଉ, ଯୁବସୁଲଭ ଉନ୍ମାଦନାରେ ତା ପାଦ ଦୁଇଟାରେ ଚୁମା ଦେଇ ଯାଉଛି । ସତରେ ଲିତା ଅପାଟା ଭାରି ଜଣେ । ସବୁତକ ମଜା ଯେମିତି ନିଜେ ଉଠେଇ ନେଉଛି !

ଲିତା ଅପା ଉପର କ୍ଲାସର ହେଲେ ବି ଏଇ ସ୍ୱପ୍ନା ଓ ଅନିମାମାନଙ୍କ ସହିତ ଖୁବ୍‌ବେଶୀ ମିଶେ । ଖାଲି ସେତିକି ନୁହେଁ, ସାଇକୋଲଜିର ମିନି ମାଡାମଙ୍କ ସହିତ ବି ତାର ଭାରି ଦୋସ୍ତି । ଲିତା ଅପାଟା ଭାରି ଭଲ । ଠିକ୍ ପାଣି ପରି । ଯେଉଁ ଆଧାରରେ ରଖିଲେ ସେଠି ରହିଥାଏ । ଯେଉଁଠି ଗଡେଇ ଦେଲେ ସେଠି ବହି ବହି ଯାଏ । ସେଦିନ ଲିତା ଅପାକୁ ଡାକି ମିନି ମାଡାମ ପଚାରିଲେ, ଆମ ସହ ପିକ୍‌ନିକ୍‌ରେ ଯିବୁକି ସାନ ଘାଗରା ? କହିଲା, ମୁଁ ଆଗରୁ ଦେଖିଛି ଯେ, ତୁମେ ଯାଉଛ ଯେତେବେଳେ ମୁଁ ନିଶ୍ଚୟ ଯିବି । ଗୀତା କହିଲା, ନାଇଁ ମାଡାମ, ଆମେ ହରିଶଙ୍କର ଯିବା । ଆଉ ଜଣେ କହିଲା, ମୁଁତ ହରିଶଙ୍କର ଦେଖିଛି ଆମେ ପଧାନପାଟ୍ ଯିବା । ପଧାନପାଟ୍ ଦେଖିଥିବାରୁ କେହି କହି ସପ୍ତଶଯ୍ୟା ଓ ତାକୁ ବି ଆଗରୁ ଦେଖିଥିବାରୁ ପଞ୍ଚଲିଙ୍ଗେଶ୍ୱର ଯିବାକୁ ଅଡି

Digitized by srujanika@gmail.com

ବସିଲେ ଆଉ କେତେଜଣ । ମାଡାମ ସେଦିନ ରାଗିକରି କହିଲେ, ନାଇଁ ନାଇଁ, ଏମିତି କଲେ ଆମେ କୌଣସି ସ୍ଥାନକୁ ବି ଯାଇ ପାରିବା ନାହିଁ ।

ବଣଭୋଜିର ସ୍ପଟ୍ ଠିକ୍ କରିବାକୁ ପ୍ରତିଥର କ୍ଲାସରେ ଏମିତି ଝାମେଲା ହୁଏ । ଏମିତି କିଛି ସ୍ପଟ ନଥିବ ଯାହକୁ କେହି ବି ପିଲା ଦେଖି ନଥିବେ । ଶେଷକୁ ମାଡାମ୍ ନିଜେ ଠିକ କରି କହିଲେ, ଆମେ ଏଥର ସାନ ଘାଗରା ଯିବା । ସେଇ ନାଁଟା କାନରେ ବାଜୁ ବାଜୁ ସ୍ୱପ୍ନବିଭୋର ହୋଇ ଯାଇଥିଲା ସ୍ୱପ୍ନା । ମନ ଭରି ତାକୁ ଉପଭୋଗର ସମୟ ଏଇ ଗଡି ଚାଲୁଛି । ଛୋଟ ଛୁଆଟିଏ କାଳକ୍ଷେପଣ ନୀତିରେ, ଶୀଘ୍ର ସରିଯିବ ବୋଲି ନିଠେଇ ନିଠେଇ ଖାଉଥିବା ଛେନାଗଜା ପରି ଆଜି ତା ସାଙ୍ଗମାନେ ନିଠେଇ ନିଠେଇ ସାନଘାଗରାକୁ ଉପଭୋଗ କରୁଛନ୍ତି ।

ସ୍ୱପ୍ନର ରାଜକୁମାରୀ ନୁହେଁ; ସତକୁ ସତ ସବୁଜ ଶାଢି ପିନ୍ଧି ମାଛକାନ୍ଦଣାରେ ବେଣୀ ପଖାଳୁଛି ସୁନ୍ଦରୀ ସାନଘାଗରା । ନହୁଲି ବୟସୀ ସାନଘାଗରା । ତା ଉଦାସ ଆଖିରେ ଲଟକି ଯାଇଛି ପାହାଡୀ ମେଘ । ରଂଗବେରଂଗ ଫୁଲରେ ସଜ୍ଜିତ ଜୁଡା ବାସୁଚି ମହମହ । ସବୁଦିନ କେତେ ଅଚିହ୍ନା ପ୍ରେମିକ ତା'ର । ଆଖିର ଇସାରାରେ ପ୍ରଥମ ଦେଖାରେ ନିଜର ହେଇ, ସଂଜ ରତ ରତ ବେଳକୁ ପୁଣି ପର କରି ଦିଅନ୍ତି ତାକୁ । କିନ୍ତୁ ଏଇ ସନିଆଟା; ସିଏ ତ କେବେ ସାନଘାଗରାକୁ ପର କରି ଦିଏନା । ସବୁଦିନେ ଦେଖୁଛି । ତଥାପି କାହିଁକି ସେ ଏଠାକୁ ଆସେ ? ସବୁଦିନ ଦେଖି ବି ତା ମନ କଣ ମାନୁନି ! ତାକୁ ଦେଖିଲା ବେଳକୁ ଭାରି ଈର୍ଷା ଲାଗୁଛି । ସ୍ୱପ୍ନା ଭାବିଲା; ଏଇ ସନିଆଟାର ମନ କେତେ ଭଲ । ସନିଆଟା ସାନ ଘାଗରାରେ ବଣଭୋଜି କରୁଛି ସତେ ସବୁଦିନ !

ଏଇ ଶୀତଦିନେ କେତେ ଗାଡି ମଟର ଆସେ । କେତେ ପୁଅ ଝିଅ କେତେ ରଂଗର ପୋଷାକ ପିନ୍ଧି ଲନ୍‌ରେ ଖେଳନ୍ତି । ଝରଣାରେ ଗାଧାନ୍ତି, ଫଟୋ ଉଠାନ୍ତି । ସନିଆ ଏସବୁ ଦେଖେ । ଏସବୁ ଦେଖି ଚାହିଁ ଯେ ସେ କି ଆନନ୍ଦ ପାଏ, କିଛି ବି ଠଉରାଇ ପାରୁ ନଥିଲା ସ୍ୱପ୍ନା । ଗେଟ୍ ପାଖରେ ହରିଡା ଅଁଳା ବାହାଡା, କରମଙ୍ଗା ବାଦାମ, ଚା ଗୁଲୁଗୁଲା ବିକ୍ରି ହୁଏ । ସବୁଦିନେ ସନିଆ ସେଇ ଗୁଲୁଗୁଲାବାଲା ପେଟୁଆ ଦୋକାନୀ ଆଡକୁ ଚାହିଁ ପାଟିରୁ ଲାଳ ଗଡାଏ । ଦୋକାନୀ ତାକୁ ଗୋଟାଏ ଗୁଲୁଗୁଲା ଦିଏ । ତାକୁ ଖାଇ ଖାଇ ସନିଆ ପୁଣି ସେଇ ଝରଣା କୂଳକୁ ଦୌଡିଯାଏ ।

ସାନଘାଗରାରେ ମାଇକ୍ ବାଜେ । ମୁଣ୍ଡରେ ରୁମାଲ ବାନ୍ଧି ପୁଅପିଲା ସବୁ ନାଚନ୍ତି । ଅଣ୍ଟାରେ ଓଣ୍ଣି ଭିଡି ନାଚନ୍ତି ଝିଅମାନେ । ବୟସ୍କ ଲୋକ ସବୁ କୁକୁଡା କାଟନ୍ତି । ଝରଣାରୁ ପାଣି ଆଣି ରାନ୍ଧନ୍ତି । ଦରସିଝା କୁକୁଡା ମାଂସ ନେଇ ମଦ ପିଅନ୍ତି କେତେଟା ଟୋକା । ସନିଆ ଦେଖେ, ତା ବାପା ଯେମିତି ମହୁଲି ହାଣ୍ଡିଆ ଖାଇ ବାଉଳି ଚାଉଳି ହୁଏ, ଏ ବାବୁ ଗୁଡାକ ମଧ୍ୟ ସେମିତି ହୁଅନ୍ତି ।

ଭଲ ମଣିଷ ଓ ଆଦିବାସୀମାନଙ୍କ ଭିତରେ ଫରକ୍ କଣ ଯେ ! ଆଦିବାସୀ ତ ସବୁଦିନେ ଆଦିବାସୀ; କିନ୍ତୁ ଭଲ ମଣିଷ ଗୁଡାକ ଯେତେବେଳେ ଆଦିବାସୀ ପାଲଟି ଯାଆନ୍ତି; ସେତେବେଳେ ସେମାନେ କେବଳ ଆଦିମ ନୁହେଁ, ବରଂ ବଣର ହିଂସ୍ର ଜନ୍ତୁଙ୍କ ଠାରୁ ବି ଅଧିକ ହିଂସ୍ର ପାଲଟି ଯାଆନ୍ତି । ଏମିତିଆ ଭଲ ମଣିଷ ହେବାଠୁଁ

Digitized by srujanika@gmail.com

ଆଦିବାସୀ ହେବା ତ ଢେର ଗୁଣ ଭଲ । ମନେମନେ ଏମିତି କେତେ କଥା ଗୁଣୁଗୁଣେଇ ହେଉଥିଲା ସ୍ୱପ୍ନା ।

ଟାଣ ହେଉଥିଲା ଖରାବେଳର ଖରା । ହେଲେ ଶୀତ ପହଁରୁଥିଲା ସାନ ଘାଗରାରେ । ଦେହକୁ କାଟୁନ ଥିଲା ଖରାବେଳର ଖରା । ଆଉ ଶୀତ ପଡୁ ନପଡୁଣୁ କୁଆଁଙ୍ଗ ସାହିର ନହୁଲି ବୟସୀ ଧାଙ୍ଗଡ଼ି ପରି ପରସ୍ପର ଅଣ୍ଟାରେ ହାତ ଛନ୍ଦି ଏଠି ଗଛଲତା ପାହାଡ ପଥରସବୁ କଥାବାର୍ତ୍ତା ହୁଅନ୍ତି ନିଜ ନିଜ ଭିତରେ ।

ମୁଣ୍ଡରେ ହେଡ୍‌ସ୍କାର୍ଫ ଗୁଡେଇ ହେଲା ସ୍ୱପ୍ନା । ତାଙ୍କର ରୋଷେଇ ହେଉଥିବା ଜାଗାକୁ ଗଲା । ତାଙ୍କ ସାଇକୋଲୋଜିର ମିନି ମାଡାମ ଭଲ ରାନ୍ଧନ୍ତି । ସେ ମାଂସ କଷୁଥିଲେ । ଖଟା ପାଇଁ ଟମାଟୋ କାଟିଦେଲା ସ୍ୱପ୍ନା ।

ପୁଣି ସ୍ୱପ୍ନାକୁ ଡାକିଲେ ତା ସାଙ୍ଗମାନେ । ସେ ଝରଣା କୂଳକୁ ଗଲା । ଫଟୋ ଉଠେଇଲା । ମାଂସ ରାନ୍ଧୁରାନ୍ଧୁ ଫଟୋ ଉଠେଇଲେ ମିନି ମାଡାମ । ସେଠାରେ ପୁଣିଥରେ ସ୍ୱପ୍ନା ଦେଖିଲା ସେଇ ସନିଆକୁ । ଏକ ଲୟରେ ସେଇ ମାଂସ କଡେଇକୁ ସେ ଚାହିଁଥିଲା । ମିନି ମାଡାମ ମୁହଁ ବୁଲେଇ ବିରକ୍ତି ପ୍ରକାଶ କରି କହିଲେ, ଏ ଛୁଆ; ଯା ପଳା ଏଠୁ । କିଛି ବାଟ ଘୁଞ୍ଚି ଗଲା ସନିଆ । ଗୋଟାଏ ନାଗେଶ୍ୱର ଗଛର ଡାଳରେ ଝୁଲି ଖେଳିଲା । ପକେଟରୁ ବାହାର କରି ଖାଉଥିଲା ଝଡିପୋକ । ପଥରରେ ଘଷି ହେଇ ତା ପିଠି ସାରା ଖାଲି ଗାର ପକା ଦାଗ । ସନିଆ ପାଇଁ ଭାରି ବିକଳ ହେଲା ସ୍ୱପ୍ନାର ମନ । ସନିଆର ଗୋଟାଏ ଫଟୋ ଉଠାଇବ ଭାବିଲା । ହେଲେ ତା ସାଙ୍ଗ ଅରୁଣା ପାଖରେ ରହିଯାଇଥିଲା କ୍ୟାମେରା । ଅରୁଣାକୁ ମନେ ମେନ ଖୋଜି ହେଲା ସ୍ୱପ୍ନା । ଭାବିଲା ସନିଆର ଫଟୋଟେ ଉଠେଇ ତା ଆଲବମରେ ରଖନ୍ତା । ଆଲବମରେ ତା କଲେଜ ଜୀବନର ଅନେକ ମଧୁର ସ୍ମୃତି ଅଛି । ଚିଡିଆଖାନାର ଅନେକ ଜୀବଜନ୍ତୁ ଓ ସମୁଦ୍ର ଛାତିରେ ସୂର୍ଯ୍ୟାସ୍ତ ଓ ସୂର୍ଯ୍ୟୋଦୟର ଅନେକ ରମଣୀୟ ସ୍ନାପ ଅଛି । ମାତ୍ର ଜୀବନ ନିର୍ଯ୍ୟାସ ଓ ନିରୀହ ଆବେଗର ଜଳଛବିଟିଏ ନାହିଁ ତ ! ସଂପର୍କରହିତ ସୁଦୂ ଅଚିହ୍ନା କେହି ଜଣେ ଖୁବ୍ ଆତ୍ମୀୟ ଲାଗେ ବେଳେ ବେଳେ । ଝରଣା କୂଳର ଦଲକାଏ କାଲୁଆ ପବନ ଯେମିତି କାନମୁଣ୍ଡାକୁ ତାର ଝାଏଁ ଝାଏଁ କରି ଦେଉଛି; ଠିକ୍ ସେଇମିତି ଏ ସନିଆଟା ବିନା କାରଣରେ ଯେମିତି ଅସ୍ତବ୍ୟସ୍ତ କରି ପକାଉଛି ତାକୁ ।

ଗଡି ଯାଇଥିଲା ଖରାବେଳ । ବ୍ୟସ୍ତ ହୋଇ ଖାଇବାକୁ ଡାକ ପକେଇଲେ ମିନି ମାଡାମ । ଭାତ ଡାଲି କୋବି ତରକାରୀ ଓ ଟମାଟୋ ଖଟା ଖାଇବା ବେଳେ ମାଂସ ତରକାରୀ ଭଲ ରାନ୍ଧି ଥିବାରୁ ଭୁରି ଭୁରି ପ୍ରଶଂସା ହେଲା ମିନି ମାଡାମଙ୍କର । ସ୍ୱପ୍ନାକୁ କିନ୍ତୁ କାହିଁକି କିଛି ଭଲ ଲାଗିଲା ନାହିଁ । କିଛି ନ କହିବ ହୋଇ ହଠାତ୍ ତା' ପାଟିରୁ ବାହାରି ପଡ଼ିଲା ଯେ ଭଲ ଲାଗୁଛି ଟମାଟୋ ଖଟା । ସାନ ଘାଗରା ଦେଖିବାର ନିଶାରେ ବିଭୋର ହେଇ ଯାଇଥିବା ସ୍ୱପ୍ନା ଯେ ହଠାତ୍ କାହିଁକି ଏମିତି ଉଦାସ ହେଇଗଲା ଭାବି ତା ମୁହଁକୁ କେମିତି ଗୋଟାଏ ପ୍ରଶ୍ନିଳ ଦୃଷ୍ଟିରେ ଚାହିଁଲେ ମିନି ମାଡାମ । ସେତିକି ବେଳକୁ ଲିତା ଅପା ଓ ଅରୁଣା କଣ ପରସ୍ପର କାନ ପାଖରେ କୁହାକୁହି ହେଇ ହସାହସି ହେଲେ ଯେ; ଭାରି ବିବ୍ରତ ଲାଗିଲା ସ୍ୱପ୍ନାକୁ । ସେ ଭାବିଲା, ମନସ୍ତତ୍ତ୍ୱର

Digitized by srujanika@gmail.com

ଅଧ୍ୟାପିକା ବୋଲି ମିନି ମାଡାମ କହନ୍ତି, ମଣିଷର ମୁହଁ ଦେଖି ତା ମନକୁ ପଢି ହୁଏ । ମନ ଭଲ ଅଛି କି ନାହିଁ ଜାଣିହୁଏ । ମିନି ମାଡ଼ାମଙ୍କୁ ତାର ପଚାରିବାକୁ ଇଚ୍ଛା ହେଉଥିଲା ଯେ, ଏମିତି ମୁହଁ ଦେଖି ମନ ଭଲ ନଥିବାର କାରଣମାନ ଜାଣି ହୁଏ କି ?

ସରି ଯାଇଥିଲା ସେଦିନର ବଣଭୋଜି । ଝରଣା ପାଣିରେ ମୁହଁ ହାତ ଧୋଇ, ସ୍ୱପ୍ନା ଓ ତାର ସାଙ୍ଗମାନେ ସବୁ ଜିନିଷପତ୍ର ଆଣି ବସରେ ଲଦିଲେ । ମା'ର ପଣତକାନିରେ ମୁହଁ ଲୁଚୋଉଥିବା କୁନିଛୁଆ ପରି ସାନଘାଗରାର ପାହାଡ କୋଳରେ ଲୁଚିଯାଉଥିଲା ସୂର୍ଯ୍ୟ । ଭଲ ଲାଗୁଥିଲା ସାନଘାଗରାର ସଅଳ ସୂର୍ଯ୍ୟାସ୍ତ । ଇଟା ରଂଗର ଦିଶୁଥିଲା ଆକାଶ, ଗଛବୃଛ ଓ ବଣ ଭୋଜି ସାରି ଫେରୁଥିବା ସଫାରଙ୍ଗୀ ଝିଅମାନଙ୍କର ଦେହ ।

ଭାରି କଷ୍ଟ ଲାଗୁଥିଲା ସାନଘାଗରା ଛାଡି ଆସିବାକୁ । ଆଗକୁ ବଢେଇଲେ ପାଦ, ପଛରୁ ଡାକୁଥିଲା ଝରଣା । ଶୁଖିଲା ମାଟି ଉପରେ ଛିଡା ହେଲେ ବି ଯେମିତି କିଏ ଭିଜେଇ ଦେଉଥିଲା ବାରମ୍ବାର । କାନରେ ପଡୁଥାଏ ସେଇ ଝରଣାର ଛଳଛଳ ଗୀତ । ସକାଳର ଝର୍ଝରନାଦିନୀ ଅଭିନନ୍ଦନିକା, ସଂଧ୍ୟାକୁ ମର୍ମର ରାଗିଣୀ ହେଇ ତୋଳୁଥାଏ ବିଦାୟ ମୂର୍ଚ୍ଛନା । ସେତେବେଳକୁ ଗାଡିରେ ବସି ସାରିଥିଲେ ସ୍ୱପ୍ନାର ସାଙ୍ଗମାନେ । ପଛକୁ ଫେରି ଚାହୁଁଥିଲା ସ୍ୱପ୍ନା । ତା ମନ ଓଜନିଆ ଓ ଆଖି ଉଦାସ ଲାଗୁଥିଲା । ସାନଘାଗରାର ସବୁ ଚିରନ୍ତନ ସୌନ୍ଦର୍ଯ୍ୟ ଛାଡି ଆଉ ଯେମିତି କାହାର ଆକର୍ଷଣରେ ସେ ଛନ୍ଦି ହେଇ ପଡୁଥିଲା ।

ଗାଡ଼ି ଠିକ୍ ବାହାରିବା ବେଳକୁ ହେଡ୍ ସ୍କାର୍ଫ ଛାଡି ଆସିଛି ବୋଲି କହିଲା ସ୍ୱପ୍ନା । ହେଡସ୍କାର୍ଫ ଆଣିବା ବାହାନାରେ ସନିଆର ଗୋଟାଏ ଫଟୋ ନେବାକୁ ଦୌଡିଲା । ସକାଳୁ ଆସି ସେ ଗଡୁଥିବା ଘାସ ପଟାଳିରେ, ତାକୁ ସେ ପାଇଲା ନାହିଁ । ଝରଣା କୂଳରେ ବି ପାଇଲା ନାହିଁ ତାକୁ । କୁଆଡେ ତେବେ ହଠାତ୍ ଅନ୍ତର୍ଦ୍ଧାନ ହେଇଗଲା ସେ ଛୁଆଟା ! ଶେଷକୁ ସ୍ୱପ୍ନା ଉପରମୁଣ୍ଡ ଧାରପାଣିର ଝରପାଖକୁ ଗଲା, ଯାହା ନିକଟସ୍ଥ ଅଣଓସାରିଆ ଚଟାଣରେ ବସି ସେମାନେ ଖାଉଥିଲେ । ସେଇଠି ଅଧା ଖାଇ ଛାଡିଆସିଥିବା ତା ପତ୍ର ଖଣ୍ଡିକ ଉପରେ ଆଣ୍ଠେଇ ପଡିଛି ସନିଆ । ଶୁଖିଲା ଭାତ ଓ ଡାଲିକୁ ହାମୁଡି ଖାଉଛି । ଫିଙ୍ଗା ଯାଇଥିବା ମାଂସର କଣ୍ଟାଖଣ୍ଡ ଗୁଡିକୁ ଆମ୍ପୁରି ଆମ୍ପୁରି ଖାଉଛି । ଶୁଖିଲା ଭାତ, ଡାଲି ଓ ମାଂସଝୋଳର ରଂଗ ବୋଳି ହୋଇ ତା ମୁହଁଟା ଆହୁରି ବିବର୍ଣ୍ଣ ଦିଶୁଛି । ମୁହଁ ଟେକି ଡରି ଡରି ଆଗକୁ ଚାହିଁଲା ତ, ଦେଖିଲା ସମସ୍ତେ ଫେରିଗଲା ପରେ ଏକୁଟିଆ ହେଇ ଠିଆ ହେଇଛି ସେଇ କନିଅର ଫୁଲିଆ ଝିଅ । ତାକୁ ଲାଗିଲା କେହି ଜଣେ ନିଜର ଲୋକ ଯେମିତି ତା ପାଖରେ ଠିଆ ହେଇଛି । ସବୁ ଋଣ୍ଡେଇ ଚାଟି ଚାଟି ଖାଇବା ପାଇଁ ସେ, କନିଅର ଫୁଲିଆ ଝିଅଠୁଁ କେଉଁ କାଳରୁ ଯେମିତି ଅନୁମତି ପାଇ ସାରିଛି ।

ହାତ ଗଲାନି ସ୍ୱପ୍ନାର କ୍ୟାମେରାରେ କ୍ଲିକ୍ କରିବା ପାଇଁ । ଆଖି କୋଣରୁ ଢଳେଇ ଆସୁଥିଲା ଲୁହ । ପଛକୁ ମୁହଁ କରି ବସ୍ ପାଖକୁ ଫେରି ଆସୁଥିଲା ସ୍ୱପ୍ନା, ଆଉ ଜାଣୁଥିଲା; ସବୁଦିନେ ସନିଆ କି ବଣଭୋଜି କରେ ସେଠି !!

■■■

Digitized by srujanika@gmail.com

ମୃଦଙ୍ଗ ବୋଲେ ଧା-ଧା

ସକାଳୁ ସକାଳୁ କାଉ କି କୁକୁଡା ଡାକିବା ପରି ନୂଆସାହିରୁ ଗୋଟିଏ ଅଲଗା ଡାକ ଶୁଭେ । ନୂଆ ସାହିର ନଣ୍ଡାନା' ବୋଲ୍ ଡାକେ । ତା-ତେରେକେଟେ - ଧା, ତା-ତେରେକେଟେ - ଧା; ତେରେକେଟେ ଗଦିଗନ୍ ଧା; ଧା-ଧା-ଧା ।

ଏମିତି ଗୋଟାଏ ପରେ ଗୋଟାଏ ବୋଲ ଡାକିଚାଲିଥାଏ ନଣ୍ଡାନା । ଭୋର ସକାଳୁ ଅଧଘଣ୍ଟା ମୃଦଙ୍ଗ ନ ଧରିଲେ ଯେମିତି ତାର ଭାତ ହଜମ ହୁଏନା । ପୁଣି ସଂଧ୍ୟାରେ ତୁଳସୀ ଚଉରା ମୂଳେ ଯେତେବେଳେ ନଣ୍ଡାନା'ର ଭାର୍ଯ୍ୟା ଓରଫ ମଂଙ୍କୁ ବୋଉ ସଂଜବତୀ ଦେଇ ମୁଣ୍ଡିଆ ମାରେ, ସେତେବେଳେ ନଣ୍ଡାନା' ଆଉ ତାଳେ ମୃଦଙ୍ଗ ବଜାଏ । ତୁଳସୀ ଚଉରା ମୂଳେ ସଂଜବତୀ ଲାଗିଲା ବେଳକୁ ନଣ୍ଡାନା ତା ଶୋଇବା ଘର କଣ ଆଟୁବାଉଁଶରୁ ମୃଦଙ୍ଗଟାକୁ ଓହ୍ଲେଇ ଆଣି ମଥା ଲଗେଇ କଣ ସବୁ ବରବର ହୁଏ ଓ ମୃଦଙ୍ଗରେ ବନ୍ଧା ନାଲି କପଡା ଖୋଲେ । ପୁଣି ସେଇ ଓଳି ମୂଳ ପିଣ୍ଡା କଣରେ ଯାଇ ବସେ । ସେଇ ପିଣ୍ଡା କଣଟା ତାର ପ୍ରିୟ ଜାଗା, ସକାଳୁ ଆଉ ସଂଜରେ ସେଇଠି ବସି ସେ ମୃଦଙ୍ଗଟାକୁ ଟଂ ଟଂ କରେ ।

ନଣ୍ଡାନା' ମୃଦୁଙ୍ଗର ଧା ଧା ଆବାଜ୍ ଶୁଣି ସକାଳୁ ଲୋକଙ୍କ ନିଦ ଭାଙ୍ଗେ ତ, ସଂଧ୍ୟାରେ ମୃଦଙ୍ଗ ବାଜିଲେ ତରବର ହେଇ ନୂଆ ସାହିର ମାଇପେ, ସଂଜ ଗଡ଼ିଗଲା କହି ସଂଜବତୀ ଧରି ତୁଳସୀ ଚଉରା ମୂଳେ ପୂଜା କରନ୍ତି । କେତେଜଣ ଅତିପରିଚିତ ଲୋକଙ୍କର ପ୍ରିୟ ନଣ୍ଡାନା' ଡାକଟା ବାଦ୍ ତାକୁ ନୂଆ ସାହି ସମେତ ଆଖପାଖ ଗାଁର ଛୁଆଠୁ ବୁଢା ପର୍ଯ୍ୟନ୍ତ ସବୁ ମୃଦଙ୍ଗିଆ ନାଁରେ ଜାଣନ୍ତି ।

ମୃଦଙ୍ଗିଆର ନାଁ ନଣ୍ଡାକୁ, ତା ମୁଣ୍ଡଟା ପୂରା ଚନ୍ଦା, ଡେଙ୍ଗା ହେଇକି ଗୋରା ଦେହ । ଚିକ୍ ଚିକିଆ ଚନ୍ଦା ମୁଣ୍ଡ । ଖାଲି ପଛପଟକୁ ପାରି କୁଣ୍ଡେଇ ଥିବା ଚୁଟି କେରାକ ବେକ ମୂଳ ଡେଇଁ ପିଠିରେ ପଡିଛି । ଠିଆ ପାଲାର ବାୟକ ନଣ୍ଡାନା' ବୋଲ୍ ଡାକି ତାଳ ଛିଣ୍ଡେଇଲା ବେଳକୁ ଚୁଟି କେରାକ ଠିକ୍ ତା ମୃଦଙ୍ଗ ସ୍ୱରରେ ନାଚୁଥାଏ ତା ପିଠି ଉପରେ । ସକାଳୁ ଗାଧୋଇ ସାରି ନଣ୍ଡାନା' ମଥାରେ ଚନ୍ଦନ ଲେପ ଦିଏ । ଚନ୍ଦନ ମଝିକୁ ସିନ୍ଦୁର କଲି ସଜାଏ । ନଣ୍ଡାନା'ର ଚନ୍ଦାମୁଣ୍ଡକୁ ମଥା ମିଶି ଏମିତି ଏକାକାର ହେଇଥାଏ ଯେ, ତା ମଥାରେ ବହଳେ ଚନ୍ଦନ ଖାଏ । ପୂରା ମୁହଁର ଉପର ଅର୍ଦ୍ଧେକ ଏମିତି ଚନ୍ଦନ ସିନ୍ଦୁରରେ ଶୋଭା ପାଉଥାଏ ଯେ, ବଡ ଚମତ୍କାର ଦିଶେ ।

Digitized by srujanika@gmail.com

ଦିନାକେତେ (ାସ୍ତା ଦେଇ ରାତିକୁ ମୃଦଙ୍ଗିଆ ତା ଆଖଡା ଘରକୁ ଯାଉଥିଲା, ସେଇଠିକୁ ଶିରପାଳିଅ ୍ରିଆ ଆସେ, କଣ୍ଟାଣିଆ ସାହିରୁ ପାଳିଆ ଛୁଞ୍ଚିଆ ଆସେ । ମୁକୁନ୍ଦ ଆସେ । ସମସ୍ତଙ୍କ ଆଗରୁ ଆସି କେଶବ ଗାହାଣ ପହଞ୍ଚିଯାଏ । କେଉଁଦିନ ବଭ୍ରୁବାହାନ କଥା ତ କେବେ ବିଲ୍ୱମଙ୍ଗଳ କଥା । ଆଖଡା ଦେଖିବାକୁ ଗାଁର ଝିଅ ମାଇପେ ସବୁ ଆସି ଆଖଡ଼ା ଘର ଝରକା ପାଖରେ ଉଣ୍ଡନ୍ତି । ତାଙ୍କୁ ଦେଖି ହରିଆ ଛୁଞ୍ଚିଆ ନିଜ ନିଜ ଭିତରେ ଚୁମୁଟା ଚୁମୁଟି ହେଇ ଦୁନିଆ ପ୍ରକାର ଫେଚକାନିଆ କଥାବାର୍ତ୍ତା ଆରମ୍ଭ କରନ୍ତି । ହରିଆ ଆଡକୁ ଅନେଇ ନଣ୍ଡାନା ବଡ ବଡ ଆଖି କରି ଦିଏ ତ ସେଇଠୁ ସେମାନେ ଚୁପ୍ ହେଇ ଯାଆନ୍ତି । ଆଖଡା ଆରମ୍ଭ ବେଳକୁ ରବିମଉସା ଆସି ବସନ୍ତି । ରବି ମଉସା; ବୁଢା ମଣିଷଟେ ହେଲେ କଣ ହେଲା ମୁଣ୍ଡରେ ମୁଣ୍ଡେ ବୁଦ୍ଧି । କେଶବ ଗାହାଣକୁ ମଝିରେ ମଝିରେ ତାଗିଦା କରନ୍ତି, "ତୋର ବାଗ ହେଉନିରେ । ସେମିତି କଣ ଖାଲି କହି ଦେଉଚୁ ସଂଧ୍ୟା ହେଲା ସକାଳ ହେଲା ବୋଲି । ସଂଧ୍ୟା ରାଣୀ କେମିତି ଆସିଲା; ବର୍ଷା ଦିନେ ଗାଁ କେମିତି ଦିଶିଲା; ତତେ ବିଭିନ୍ନ କବିଙ୍କ କାବ୍ୟରୁ ଉଠେଇ ଆଣି କହିବାକୁ ପଡିବ । ଏମିତି ଫୁଲାଫାଙ୍କିଆ ଗାଇ ଗୋଡେଇବା କାମ ପାଲାରେ ଚଳିବନି ବାପ । ଶ୍ଳୋକ ଗାଇବୁ । ତା ଭିତରେ ବିଭିନ୍ନ କାବ୍ୟ କବିତା ଗୀତା ଭାଗବତ ରାମାୟଣରୁ କହିବୁ । ତେବେ ଯାଇ ସିନା ଲୋକଙ୍କ ମନକୁ ଛୁଇଁବୁ ।"

ନୂଆ ନୂଆ ପାଲା ଶିଖିଥିବା କେଶବ ଛାନିଆ ହୁଏ ରବି ମଉସାର କଥା ଶୁଣି । ତା ପିଠିରେ ହାତ ମାରି ମୃଦଙ୍ଗିଆ ନଣ୍ଡାନା' କହେ, "କିଛି ବ୍ୟସ୍ତ ହେବାର ନାଇଁ, କେତେ କେତେ ଗାହାଣଙ୍କ ପାଖରେ ମୁଁ କାମ କରିଚି । କେଉଁ ଗାହାଣ ପାଖରେ କେଉଁ ଗାଁରେ କି କି ବହି ଅଛି; ପୋଥିପତ୍ର ସବୁ ଅଛି; ତାକୁ ସବୁ ଆଣିବା ବାଟ ମତେ ମାଲୁମ ।"

ସେଇ କଥା ପଦକରୁ ନଣ୍ଡାନା'କୁ ପିଛା କରେ କେଶବ ଗାହାଣ । ନଣ୍ଡାନା' ଟା ମାମୁଲି ମୃଦଙ୍ଗିଆ ହେଲେ କଣ ହେବ; ଭରସା ଦେଇ କେଶବ ପରି କେତେ ନୂଆ ଟୋକାଙ୍କୁ ଗାହାଣ କରିଛି ।

ହେଲେ ଏବେ ଆଉ ସେଦିନ ନାହିଁ । ଜଲଦି ଜଲଦି ସେ ଦିନଗୁଡ଼ାକ କୁଆଡେ ଚାଲିଗଲା ! ଗାଁ ଗାଁରେ ଆଉ ପୂଜାପାଲା, ଦାଶକାଠିଆ, ଘୋଡାନାଚ, ଦକ୍ଷିଣୀ, ନାଉଧୁଡୁକି ସଖିନାଚ; ଏସବୁ କିଛି ନାହିଁ । ପାଲା ମଣ୍ଡପରେ ଆଜ ଠିଆପାଲା ଗାଉନି ଗାହାଣ । ବଭ୍ରୁ-ବାହାନ, ବିଲ୍ୱ ମଙ୍ଗଳ କି ଯମ ସାବିତ୍ରୀ କଥା କହିଲେ, କେହି କିଛି ଜାଣିପାରୁ ନାହାନ୍ତି । ଅତି ଆଧୁନିକତାର ବୀଭତ୍ସ ପଦଚାପରେ, ଚିପି ହେଇ ମାଟିରେ ମିଶିଗଲେଣି ପୁରାଣ କିମ୍ବଦନ୍ତୀର ମହନୀୟ ଚରିତ୍ରମାନେ ।

ଭିନ୍ନ ପ୍ରକାରେ ଯୁଗ ବଦଳି ଗଲା । କେଶବ ଗାହାଣ ନୂଆ ନୂଆ କେଉରାତି ପାଲା ବଜନା ପାଉଥିଲା । ପ୍ରଥମେ ପ୍ରଥମେ ସିନା ଟିକେ ଝୁଣ୍ଟୁଥିଲା; ହେଲେ ତା କଣ୍ଡ ଭଲ । ତା ଦେଇ ଭଲ ପାଲା ଉତୁରୁଥିଲା । କିନ୍ତୁ ଦିନ କେଉଟା ବାଦ ତାର ବି ଆଉ

Digitized by srujanika@gmail.com

ପାଲା ପଡ଼ିଲା ନାହିଁ । କେଶବ ଗାହାଣ ପାଲା ଛାଡ଼ି, ତା ମାମୁଁ ପାଖକୁ ଯାଇ ରାଉରକେଲାରେ ଏବେ କଣ୍ଟ୍ରାକ୍ଟି କରୁଛି । ଶିରିପାଳିଆ ହରିଆ ଯାଇ ଗୋଟାଏ ଠେଲାଗାଡ଼ି ତିଆରି କରି, ମହିଳା କଲେଜ ଆଗରେ ଗୁପ୍‌ଚୁପ୍ ବିକୁଛି ।

କିନ୍ତୁ ମୃଦଙ୍ଗ ଛାଡି ପାରିଲାନି ନଣ୍ଡାନା' । ମୃଦଙ୍ଗିଆଟା କୌଣସି ନିର୍ଦ୍ଦିଷ୍ଟ ଗାହାଣ ପାଖରେ ବନ୍ଧା ପଡିନି ଯେ; ଗାହାଣର ପାଲା ନ ପଡିଲେ, ସିଏ ହାତଗୋଡ ଢାକି ଘରେ ବସିଯିବ । ଭଲ ମୃଦଙ୍ଗିଆ ହିସାବରେ ତାର ପାଞ୍ଚଖଣ୍ଡ ଗାଁରେ ନାଁ ଡାକ ଥିଲା । ଏ ଗାୟକ ନହେଲେ ସେ ଗାୟକ; ବଇନା ପଡିଲେ ବାୟକ ଖୋଜି ଖୋଜି ଆସି ପହଞ୍ଚନ୍ତି ନଣ୍ଡାନା' ପାଖରେ । ଠିଆ ପାଲାର ମୁଖ୍ୟ ପାଲାକାରକୁ ଗାୟକ ଓ ମୃଦଙ୍ଗିଆକୁ ବାୟକ ହିଁ କୁହାଯାଇଥାଏ ।

ଏମିତି କିଛିଦିନ ଭଲ ରୋଜଗାର କଲା ନଣ୍ଡାନା' । ଥରେ ଗାଁରୁ ପାଞ୍ଚମାଇଲ ଦୂର ମଙ୍ଗଳପୁର ଗାଁରେ ପାଲା ଚାଲିଥାଏ । ଗାୟକ ଥାଆନ୍ତି ଗାୟକ ସୁନ୍ଦର ସୁରନାଥ, ବାଦୀପାଲା । ଅପର ପକ୍ଷରେ ଗାୟକ ପ୍ରତାପ ବାହିନୀପତି । ପୁରୀ, ନୟାଗଡ଼, ଗଞ୍ଜାମ, ଢେଙ୍କାନାଳ ଆଦି ବଡ ବଡ ମଣ୍ଡପରେ ସଜପାଲା କରି ଆସିଛନ୍ତି । ତେଣୁ ସୁରନାଥଙ୍କ ପାଲାଦଳକୁ ଭଲ ରକମ ଲଢେଇ କରିବାକୁ ପଡିବ । ହେଲେ କାଳ ଅକାଳକୁ ଦୁର୍ଯୋଗ ପଡ଼ିଲା । ହଠାତ୍ ସୁରନାଥଙ୍କ ଦଳର ଶିରିପାଳିଆ ମେଲେରିଆରେ ପଡ଼ିଲା । ହେଲେ ମୃଦଙ୍ଗିଆ ନଣ୍ଡାନା' ଛାଡ଼ିଲା ନାହିଁ । ଗାହାଣ ଉଠିବା ଆଗରୁ ନିଜେ ଶିରିପାଳିଆ ହୋଇ ଶ୍ରୀମାନ ଶ୍ରୀ ସତ୍ୟନାରାୟଣଙ୍କ ପ୍ରୀତ୍ୟର୍ଥେ- କହି ତା ସରୁ କଣ୍ଠରେ ଦୁର୍ଗାଙ୍କ ବନ୍ଦନାଠୁ ଆରମ୍ଭ କରି, ଦି'ପଦ ପରେ ମୃଦଙ୍ଗ ଧରି ଶ୍ରୀପାଳିଆରୁ ମୃଦଙ୍ଗିଆ ହୋଇ ଯାହା ତାଳ ଛିଣ୍ଡେଇଲାନା, ଦେଖଣାହାରିଏ ତାଜୁବ୍ । ସବୁରି ପାଟିରେ ପ୍ରଶଂସା ମୃଦଙ୍ଗିଆର; "ଏମିତିଆ ମୃଦଙ୍ଗିଆ ଯେ ମାନିବାକୁ ପଡ଼ିବ ।" ଏହି ସମୟରେ ଗୋଟାଏ ଟୋକା ପାଲାମଣ୍ଡପକୁ ଉଠି ଗୋଟାଏ ସେଫଟିପିନ୍‌ରେ ତା ଛାତିରେ ଖଣ୍ଡେ ଦଶଟଙ୍କିଆ ନୋଟ ମାରିଦେଲା ଯେ ତାଳି ଉପରେ ତାଳି ଯେମିତି ନଦି ହେଇ ପଡ଼ିଲା ମୃଦଙ୍ଗିଆ ଉପରେ । ସେଦିନ ନଣ୍ଡାନା'ର ଛାତି କୁଣ୍ଢେ ମୋଟ ।

ସବୁ ପାଲା ପରଦିନ ସକାଳେ ଆଖିରେ କଳା ଆଉ ଦରଛଡା ପାଉଡର ମୁହଁ ହେଇ ମୃଦଙ୍ଗିଆ ଆସି ଘରେ ପହଞ୍ଚେ । ମଂଜୁ ବୋଉକୁ ବଡ ଶ୍ରଦ୍ଧାରେ ଡାକେ । ମଂଜୁ ବୋଉ ଉଠିଯାଇ କବାଟ ଫିଟାଏ । ଭାରି ଅଭିମାନିଆ ଆଖିରେ ତାକୁ ଚାହେଁ । ଏମିତି ଅଭିମାନ କାହିଁକି କରେ ମଂଜୁ ବୋଉ ? ଏମିତି ପାଲା ପଡ଼ିବା ଦିନ, ସାରା ରାତି ସେ ଏକଲା ହେଇଯାଏ । ଆର ଘରେ ପୁଅ ହୁନା ଶୋଇଥାଏ । ମଂଜୁ ବୋଉର ଗୋଡ଼ ଭିତରେ ଗୋଡ଼ ଛନ୍ଦି ମଂଜୁ ଶୁଏ । ନିଜ ମରଦ, ମନର ମଣିଷଟା ପାଖରେ ନଥାଏ ବୋଲି ମଂଜୁ ବୋଉ କେମିତି ଏକୁଟିଆ ହେଇ ଯାଉଥାଏ । ଦିନ ଯାକର ଘୋ ଘୋ ଶବ୍ଦ ରାତିକୁ ଥମି ଯାଏ । ଏକା ଏକା ଶୋଇଲେ ମନ ଆଉ ଗୋଟାଏ ମନ ଖୋଜେ । ଦେହ ଖୋଜେ ଦେହ । କେଉଁ ଆଖ ପାଖ ଗାଁରେ ପାଲା ପଡିଥିଲେ, ନିଶବ୍ଦ ରାତିର ନିରନ୍ଧ୍ର ଅନ୍ଧକାର ଭିତରେ ମଂଜୁ ବୋଉ କାନରେ ଧା ଧା ଆବାଜ୍

Digitized by srujanika@gmail.com

ଶୁଭେ । ଶୁଭେ ନାହିଁ ତ; ସାରା ଦେହକୁ ତାର ଶୀତେଇ ଦିଏ । ରୋମାଂଚିତ କରିଦିଏ । ମୃଦଙ୍ଗର ଧା ଧା ଶବ୍ଦ ତା କାନରେ ପଡ଼ି ସାରା ଦେହକୁ ଚରିଯାଉଥାଏ । ତାକୁ ଲାଗୁଥାଏ ଯେମିତି ପାଖରେ ଶୋଇ ଛାତିରେ ଛାତି ଲଗେଇ ଧରି କିଏ ତାର ଆଲୁଳାୟିତ କେଶରାଶିରେ ଆଙ୍ଗୁଠି ଚଳେଇ ଯତ୍ନର ସହିତ ପାରି ଦେଉଛି ତା କାନ ଉପରକୁ । ତା କାନ ପାଖରେ ଯେମିତି ଫିସ୍ ଫିସ୍ ହେଇ କହି ଦେଉଛି; ହେଇ, କାହିଁକି ମତେ ଏତେ ଖୋଜୁଚ, ମୁଁ ପାଲାକୁ ନଗଲେ ଅମର ପଇସା ଆସିବ କେଉଁଠୁ ? ଆପେ ଆପେ ମଂଜୁ ବୋଉର ମନ ବୁଝିଯାଏ । ନିଦ ଆସିଯାଏ ଆଖିକୁ ।

ବଡ଼ି ଭୋର ସକାଳୁ ନଣ୍ଡାନା' ଘରେ ପହଞ୍ଚେ । ମଂଜୁ ବୋଉର ଲୁଗା କାନିରେ ତା କମେଇ ଟଙ୍କାକୁ ବାନ୍ଧିଦିଏ ଗଣ୍ଠି ପକେଇ । ମୁହଁରୁ ରଂଗ ପୋଛିବା ପାଇଁ ତରବର ହେଇ ମଂଜୁ ବୋଉ ଗରମ ପାଣି, ସାବୁନ ଆଉ ନଡ଼ିଆ ତେଲ ଆଣିଦିଏ ।

ବୟସ ବେଳର ଅନେକ ସ୍ମୃତିମଧୁର ଦିନ ପଛମୁହାଁ ହେଇ ଦୌଡ଼ିଯାଇଛି ଅନେକ ବାଟ । ମୁଣ୍ଡ ଉପରୁ କେତେଟା କେଶ ପାଚିଗଲାଣି ମଂଜୁ ବୋଉର । ଅନେକ ବୟସ ହେଲାଣି ମୃଦଙ୍ଗିଆକୁ । ହେଲେ ହାତରୁ ଦମ୍ ହଟିନି କି ତା ମୃଦଙ୍ଗରୁ କିରଣ ଛାଡ଼ିନି । ସେଇ ଓଳିମୂଳ ପିଣ୍ଡା କଣରେ ବସି ସକାଳୁ ସକାଳୁ ରିହ୍ ଭିଡି ଧା ଧା କରି ଆବାଜ୍ ଠିକ କରେ । ତା ଉଚ୍ଚାପିଣ୍ଡାକୁ କିଏ ଉଠୁ ଉଠୁ; ପାଲା ପାଇଁ କାଳେ କିଏ ବଇନା ଦେବା ଲୋକ ଆସିଲେ ଭାବି ଉଚ୍ଚକିତ ହେଇଯାଏ ନଣ୍ଡାନା' । ହେଲେ ସବୁ ସ୍ୱପ୍ନ ଅଧାରୁ ତାର ନିଦ ଭାଙ୍ଗି ଯାଇଥାଏ । ଆଜିକାଲି ଆଉ ଏତେ କଲ ମିଳେନା । ଦି' ଚାରି ମାସରେ କେଉଁଠି ଗୋଟାଏ ପାଲା ପଡ଼େ ତ ବଡ଼ କଥା ।

ମଂଜୁ ବୋଉ ଦିନରାତି ଚିଡ଼୍‌ଚିଡ଼୍ ହେଉଛି ବୁଢାଟା ଉପରେ । ବୁଢାଟାର ରୋଜଗାର ନାହିଁ, ଖାଲି ବସି ଖାଉଚି ବୋଲି ଅଭିଯୋଗ କରୁଚି ତା ନାଁରେ । ଯେତେବେଳେ ନଣ୍ଡାନା'ର ପାଲା ପଡୁଥିଲା, ଭଲ ଦି ପଇସା ମିଳୁଥିଲା । ସେତିକି ବେଳୁ ପେଟକୁ ମାରି ମଂଜୁ ବୋଉ ଯାହା ସଞ୍ଚି ରଖିଥିଲା; ସେ ପଇସା ସବୁ ଆସ୍ତେ ଆସ୍ତେ ଶେଷ ହେବାକୁ ଲାଗିଲା । ବସି ଖାଇଲେ ନଈ ବାଲି ସରେ । ନଣ୍ଡାନା'ର ଉପାର୍ଜିତ ଧନ; ନଈ ତ ନୁହେଁ, ଓଳିତଳ ବାଡ଼ିରେ ଖୋଳାଯାଇଥିବା ଚୁଆ ଚାରିପଟର କେଇ ଅଂଜୁଳା ବାଲି ପରି, ସିଏ ବା ଶେଷ ହେବାକୁ କେତେଦିନ ? ନଣ୍ଡାନା'କୁ ଦେଖିଲେ ଖାଲି ଗରଗର ହେଉଛି ମଂଜୁ ବୋଉ । ଦିନେ ନ ଦେଖିଲେ ପାଗଳୀ ପରି ଲାଗୁଥିବାର ବିରହ ମଧୁର ଦିନଗୁଡ଼ିକ ଦାରିଦ୍ର୍ୟର ତେଲ କଡ଼େଇ ଭିତରେ ସନ୍ତୁଳି ହେଇ ଯାଇଛି । ନଣ୍ଡାନା'ର ପାଲା ପଡ଼ିବା ଦିନ, ସାରା ରାତି ଏକୁଟିଆ ହେଇଗଲେ, ଯିଏ ଅଭିମାନରେ ଫାଟି ପଡୁଥିଲା, ଏବେ ସବୁଦିନ ପାଖରେ ପାଇ ବି ସିଏ ବୀତସ୍ପୃହ । ରାତିର ଅଂଧାର ଭିତରେ ତାକୁ ଲାଗୁଛି ଯେମିତି ଗେରସ୍ତ ନୁହେଁ, କେଉଁ ମରହଟିଆ ଅମଳର ଅଦରକାରୀ କିରଣ ଛଡ଼ା ମୃଦଙ୍ଗଟେ ଗଡୁଛି ତା ଶୋଇବା ଶେଯରେ !

Digitized by srujanika@gmail.com

ବଡ଼ପୁଅ ହୁନା ବି.ଏ. ପାଶ କରି ବାନା ହେଇ ବୁଲୁଥିଲା । ତାକୁ ମୃଦଙ୍ଗିଆ ଡାକି କହିଲା, "କେତେଦିନ ଏମିତି ବୁଲିବୁ କିରେ । ବି.ଏ. ପାସ କରିଛୁ ବୋଲି କଣ ଭାବିଛୁ କିଏ ଡାକିକି ତତେ ଗୋଟାଏ ଚାକିରୀ ଦେବ । ଚାକିରୀ ମିଳିବା ଯୁଗ ଗଲାଣି, ଯା କିଛି ପଇସା ଅଛି ନେଇ ଗୋଟାଏ ଦୋକାନ କର । ସେଥିରେ ମୃଦଙ୍ଗ, ଖୋଳ କରତାଳ, ଲାଲ୍, ଗିନି, ତୁବିତାବଲା, ବଇଁଶୀ ଝାଞ୍ଜ ଆଦି ରଖିକି ବିକି । ଆମ ପାଖ ବଜାର ନନ୍ଦିପୁରରେ ଏମିତି ଦୋକାନ ନାହିଁ ।"

ବାପ କଥାକୁ ଫୁତ୍ କରି ହସରେ ଉଡ଼େଇ ଦେଲା ହୁନା । ବାପ ଅର୍ଜିତ ଯାହା କିଛି ବଳକା ପଇସା ନେଇ ହୁନା ଗୋଟାଏ କ୍ୟାସେଟ ଦୋକାନ କଲା । ସେଥିରେ ହିନ୍ଦି ଓ ଓଡ଼ିଆ ଭଜନ, ଆଧୁନିକ ଆଉ ସବୁ ଫିଲିମ୍ ଗୀତ କ୍ୟାସେଟ୍ ବିକିଲା । ଭିଡ଼ିଓ କ୍ୟାସେଟ୍ ରଖିଲା ଆଉ ଗୋଟାଏ ଥାକରେ ।

କ୍ୟାସେଟ୍ ଦୋକାନରୁ ଭଲ ଦି' ପଇସା କମେଇଲା ହୁନା । ହେଲେ ମାସ ଦିଇଟା ଯାଇଚି କି ନାହିଁ, ତା ଭାଗ୍ୟ ଖରାପ ପଡ଼ିଲା ।

ଘଟଣାଟା ଘଟିବାର ତିନିଚାରି ଦିନ ପର୍ଯ୍ୟନ୍ତ ବି ନଣ୍ଡାନା' ଜାଣିପାରି ନଥିଲା । ଦିନକ ତଳେ କଣ୍ଟାଣିଆ ସାହି ରାଉତଘର ବୁଢ଼ା ଦେଖା ହେଲା । କହିଲା, ଆରେ ହେ ନଣ୍ଡା, ତୋ ପୁଅଟା କି ବେପାର କରୁଚି କିରେ; ତା ଦୋକାନରେ ପୁଲିସ ପଶି କଣ ସବୁ ଇଂରାଜୀ କାସେଟ୍ ଜବତ କରି ତାକୁ ଥାନାରେ ପୁରେଇଛନ୍ତି । ଆଉ କିଛି ବେପାର ମିଳିଲା ନାହିଁ ? ତୋ ପୁଅ ହେଇ ଶେଷରେ ଏଇଆ କଲା ?

ରାଉତ ଘର ବୁଢ଼ା କଥାରେ ତା ମୁଣ୍ଡ ଗୋଳମାଳ ହେଇଗଲା । ଆସି ମଂଜୁ ବୋଉକୁ କହିଲା, "ହୁନା କୁଆଡ଼େ ଗଲା କହ । ମୁଁ ମନା କରୁଛି, କି ଦୋକାନରେ ମାତିଲା, ଶେଷରେ ଆସି ତାକୁ ପୋଲିସ ବାନ୍ଧିଲା । ଲୋକ ବାଟରେ ଘାଟରେ ଛି-ଛାକର କରୁଚନ୍ତି । ଭଲ ଧନ୍ଦା ଚଳେଇଛି ଏଠି । କାଲିଠୁ କାହିଁକି କହୁନୁ ମତେ । ହୁନା କୁଆଡ଼େ ଗଲା ପଚାରିଲେ କଣ ନା; ସିଏ ରାତିରେ ଦୋକାନରେ ଶୋଇ ପଡୁଛି ! ଆରେ !! ପୁଅ ଥାନାରେ ପଶିଲାଣି, ମା କଥାକୁ ଅଣ୍ଟିରେ ପୁରେଇ ରଖୁଚି ।"

ରୋଷେଇ ଘରେ ବସି ନାକ ସୁଁ ସୁଁ କରି କାନ୍ଦୁଚି ମଂଜୁବୋଉ । ମୃଦଙ୍ଗିଆ ବୁଢ଼ା ଡରି ଡରି ଥାନାକୁ ଗଲା । ଥାନା ବାବୁ ପାଖରେ ପହଞ୍ଚିଲା ବେଳକୁ; ଥାନା ବାରଣ୍ଡାରେ ପ୍ରଥମରୁ ମୁହାଁମୁହିଁ ହୋଇଗଲା ଥାନାବାବୁ ସହିତ । ସିଏ ଥାନାବାବୁଙ୍କୁ ଦଣ୍ଡବତ ହେବ କଣ ଓଲଟି ଥାନା ବାବୁ ତାକୁ ଜୁହାର କଲା । ଏମିତି ଏକ ବିପରୀତ କ୍ରିୟାରେ ଉଭୟ ଆଶ୍ଚର୍ଯ୍ୟ ଓ ଲଜ୍ଜାରେ ନଣ୍ଡାନା'ର ମୁହଁ ରଂଗା ପଡ଼ିଗଲା ।

ଖାଲି ସେତିକି ନୁହେଁ, ଥାନାବାବୁ ତାକୁ ଚିଆର ଦେଲା ବସିବାକୁ । ନଣ୍ଡାନା'ର ମନେ ପଡ଼ିଗଲା ସାତ ଆଠବର୍ଷ ତଳେ, ଏଇ ଥାନାବାବୁର ପୁଅ ଏକୋଇଶାରେ ସିଏ ଆସି ଠିଆ ପାଲା କରିଛି । ଥାନା ବାବୁ ତାକୁ ବସେଇ ମାନଥାନ୍ କଲା । ମୃଦଙ୍ଗିଆର ପୁଅ ଥାନାରେ ପଶିଛି, ଜାଣିବା ପରେ; ତାକୁ ଥାନା ବାବୁ ଖଲାସ କରିଦେଲା । ଆଉ ଦିନେ ଏମିତି ନ କରିବାକୁ ହୁନାକୁ ଛାଡ଼ିବା ବେଳେ ପାଟି କରି ଧଡ଼କେଇ ଦେଲା ଥାନାବାବୁ ।

Digitized by srujanika@gmail.com

ପୁଅ ହୁନାକୁ ଧରି ନଣ୍ଡାନା’ ଥାନାରୁ ଫେରିଲା ସତ; ହେଲେ ଥାନାବାବୁ ତା ସାମନାରେ ହୁନାକୁ ଯେଉଁ ଦିଦି ଧଡକା ଧମକେଇଲା, ସେଥିରେ ଥାନାବାବୁ ଘରୁ ଏକୋଇଶା ପାଲାରେ ଅର୍ଜିଥିବା ମାନ ସମ୍ମାନ ଟିକକ ତାର ପାଣିହେଇଗଲା ।

କ୍ରୋଧରେ ଜର ଜର ମୃଦଙ୍ଗିଆର ଛାତି । ସଂସ୍କୃତିକୁ ଜାବୁଡ଼ି ଧରି ପାଲା ଚର୍ଚ୍ଚା କରି ବୈଦେହୀଶ ବିଳାସ ଠାରୁ ଆରମ୍ଭ କରି ଅମ୍ବିକା ବିଳାସର ପ୍ରତି ପଦକୁ ତା ମୃଦଙ୍ଗରେ ଠିକ୍ ଠିକ୍ ବୋଲ୍ ଡାକି ତାଳ କାଟୁଥିବା ମୃଦଙ୍ଗିଆର ପୁଅ ଯେ ଆଜି ଅଶ୍ଳୀଳ ସିନେମା କାସେଟ୍ ବିକି ଥାନାରେ ପଶିଛି— ଭାବିଲା ବେଳକୁ ତାର ଅପମୃତ୍ୟୁ ହେଉଥିଲା ଯେମିତି ଥରକୁ ଥର ।

ସେଦିନର ଘଟଣା ପରଠୁ ବଦନାମ ହେଲା ହୁନା । ତା କ୍ୟାସେଟ ଦୋକାନ ଆଉ ଭଲ ଚାଲିଲା ନାହିଁ । ଘର ଭିତରକୁ ଦୁର୍ଦ୍ଦିନ ଘନେଇ ପଶିଲା । ନନ୍ଦିପୁର ବଣିଆ ଦୋକାନରେ ବଂଧକ ପଡ଼ିଲା ମଂଜୁ ବୋଉର ବିଛା ମାଳିଆ ହାର । ସେଥିରେ ଯାଇ ଯେମିତି ଚଳିଲେ କେଇଟା ଦିନ । ପୁଣି ଯେଉଁ କଥାକୁ ସେଇ କଥା । ଗୋଟାଏ ଫଟା ପାଣି କୁଣ୍ଡ ପରି ସଂସାର । ଏପଟେ ପଶୁଥିବା ପାଣି ସେପଟେ ବାହାରି ଯାଉଥାଏ । କୁଣ୍ଡ ମଝିରେ ଚହଲି ଯାଉଥିବା ପାଣି ମୁନ୍ଦା ପରି ନଣ୍ଡାନା’ର ପରିବାର । ପାଲା କଲ ପଡୁନଥିଲା ବୋଲି ଘର ଭିତରଟାରେ ଖାଲି କାମୁଡ଼ି ହେଉଥିଲା ନଣ୍ଡାନା’ । ଏମିତି ଗୋଟାଏ ଗୋଟାଏ ଦିନ ଆସୁଥିଲା ଯେ ଚୁଲୀକୁ ହାଣ୍ଡି ଯାଉନଥିଲା ମଂଜୁ ବୋଉର । ସେଦିନ ଚୁଡା କି ହୁରୁମା ଖାଇ ଶୋଇ ପଡ଼ନ୍ତି ହୁନା ଆଉ ମଂଜୁ । ଉପାସିଆରେ ଖାଲି ପାଣି ଦି’ଗିଲାସ ପିଇ ଶୋଇ ପଡେ ନଣ୍ଡାନା । କୋଳରେ ମଂଜୁକୁ ପୁରେଇ ମୁଣ୍ଡ ଥାପୁଡେଇ ଶୋଇ ଦେଉ ଦେଉ ମଂଜୁ ବୋଉ ଆଖିକୁ ବି ନିଦ ଆସିଯାଇଥାଏ ।

ନଣ୍ଡାନା’ ହାତରେ ଆଉ ଠିଆ ପାଲାର କଲ୍ ନାହିଁ । କ୍ୟାସେଟ୍ ଦୋକାନ ଭାଂଗି ହୁନା ଗାଁରେ କେତେଟା ମାଇନର ପିଲାଙ୍କୁ ଟିଉସନ କରୁଛି । ପଂଚମ ଶ୍ରେଣୀ ପରୀକ୍ଷା ଦବ ମଂଜୁ । ଥରକୁ ଥର ମଂଜୁବୋଉ, ନଣ୍ଡାନା’କୁ ଧମକୋଉଚି, ଯଦି ପାଲା ପଡୁନାହିଁ, ଯାଉନା ବିଲବାଡି କାମ କରିବ । ଜୁଆଡୁ ହେଲେ ଦିପଇସା କମେଇବ ନା ସେ ମୃଦଙ୍ଗଟାକୁ ଘର ଭିତରେ ବସି ଧଡ଼ଧଡ଼ କରୁଥିବ ? ଯଦି ସେତକ ନ କରିବ ସ୍କୁଲରୁ ମଂଜୁର ନାଁ କାଟିଦିଅ । ସ୍କୁଲ ଡ୍ରେସ ନାହିଁ, ପରୀକ୍ଷା ଫିଜ୍ ଦିଆ ହେଇନି ବୋଲି ମୋ ସାଙ୍ଗରେ ଲଗେଇଚି ।

ଚଉଦ ବର୍ଷ ବୟସରୁ ନଣ୍ଡାନା’ କୁଆଡେ ମୃଦଙ୍ଗ ଶିଖିଛି । ପାଲା କରୁଛି । ଆଜି ତାକୁ ଚଉବନ । ଏ ବୟସରେ ନୂଆ କରି ବିଲବାଡ଼ିକୁ ଯାଇ ଚାଷ କାମ କରିବା କଥା ଚିନ୍ତା ବି କରି ପାରୁ ନଥିଲା ନଣ୍ଡାନା, ତାକୁ ଚାଷ କାମ କିଛି ଆସୁନଥିଲା କହିଲେ ଚଳେ ।

ସତକୁ ସତ ଫିଜ୍ ଦେଇ ନପାରିବାରୁ ସ୍କୁଲରୁ ନାଁ କଟିଗଲା ମଂଜୁର । କୂଳ ଭୁଆସୁଣୀ ମଂଜୁବୋଉ ଅଣ୍ଟାରେ ଲୁଗା ଭିଡି ବିଲକାମ କଲା । ବାଡ଼ି ବଗିଚା କଲା । ତେଲ ଲୁଣ ସଂସାର ବୋଝକୁ ନିଜେ ମୁଣ୍ଡେଇବାକୁ ତିଆର ହେଲା ।

Digitized by srujanika@gmail.com

ତଥାପି ମୃଦଙ୍ଗ ଉପରୁ ଭରସା ତୁଟେଇ ନଥିଲା ନଣ୍ଡାନା' । ପାଖ ଗାଁ ହାଟଘର ସାହି ଦଶହରାକୁ ନିଶ୍ଚେ ସାତରାତି ପାଲା ପଡ଼ିବ । ପଡ଼ିବ ମାନେ ଏକବାର ଭଲ ରକମ ପାଲା ପଡ଼େ ସେଇଠି । ଏମିତି ପଇସା ମିଳେ ଯେ ତା ବାଦ୍ ତିନିମାସ କଲ୍ ନ ପଡିଲେ ବି ମନକୁ ଏତେ ବାଧେନା ।

ସେତେବେଳକୁ ଦଶହରା ଆଉ ବାକିଥାଏ ଛଅଟା ଦିନ । ସକାଳୁ ସକାଳୁ ପିଣ୍ଡା କଣରେ ବସି ମୃଦଙ୍ଗ ବଜଉଥାଏ ନଣ୍ଡାନା', ଏହି ସମୟରେ ହାଟଘର ସାହି'ଦୁର୍ଗାକ୍ଲବର ମେମ୍ବର ନଟିଆ ଆସୁଥିଲା ତା'ରି ଆଡକୁ ଚାହିଁ ଚାହିଁ । ନଟିଆ ମୁହଁକୁ ଚାହିଁ ଜୋରରେ ବୋଲ୍ ଡାକି ମୃଦଙ୍ଗ ବାଡ଼େଇ ଚାଲିଲା ନଣ୍ଡାନା' । ଏଇ କେତେକ୍ଷଣ ଭିତରେ ଗୋଟାଏ ବଡ଼ କଲ୍ ମିଳିଯିବ ତାକୁ । ଏଥର କେତେରାତି କରିବେ, ସେଇଟା ଖାଲି ଜାଣିବା କଥା । ଏଥର ବାଦୀପାଲା କି ସିଙ୍ଗିଲ ପାଲା ସେଇ କଥାଟା ବି ପଚାରି ବୁଝିବ ବୋଲି ମନେମନେ ସ୍ଥିର କରିନେଲା ।

ନଟିଆ ମୁହଁର ବ୍ୟସ୍ତତା ଦେଖି ନଣ୍ଡାନା ଜାଣିପାରିଲା, କଲ୍ କରିବା ଡେରି ହେଇଯାଇଛି ବୋଲି ନଟିଆର ଏ ବ୍ୟସ୍ତତା । ଖଜୁରୀ ଗଛର ଗଡ଼ ପକେଇ ନଣ୍ଡାନା' କରିଥିବା ପାହାଚ ସବୁକୁ ଚଢି ଚଢି ନଟିଆ ତା ଡିଅକୁ ଉଠିବା ବେଳକୁ ନଣ୍ଡାନା'ର ଛାତି ଭିତରଟା କେମିତି ଟିକେ ଛାଡି ଟିକେ ଆନନ୍ଦରେ ଫୁଲି ପଡୁଥାଏ; ସତେ ଯେମିତି ଛାତି ନୁହେଁ, ଏକା ନିଃଶ୍ୱାସେ ଫୁଙ୍କିବାକୁ ଦମ୍ ପାଉ ନଥିବା ଗୋଟେ ଛୋଟ ଛୁଆର ରବର ବେଲୁନ୍ ସେଇଟା । ନଟିଆ ଆସି ନଣ୍ଡାନା'କୁ ମୁଣ୍ଡିଆ ମାରି ତା ଛଉ ଛଉକା ନାଲି ବାଛୁରୀଟା ଦେଖିଛ କି, ବୋଲି ପଚାରିଲା । ନଣ୍ଡାନା କହିଲା, ''ନାଁରେ ନଟିଆ, କାହିଁ ସେମିତିଆ ବାଛୁରୀ ତ ମୁଁ ଦେଖିନି ।''

କାଲି ରାତିଠୁ ହଜିଥିବା ତା ବାଛୁରୀ ନପାଇ ମୁହଁ ଶୁଖେଇ ଫେରିଯାଉଥିଲା ନଟିଆ । ତାକୁ ନଣ୍ଡାନା' ଅଟକେଇଲା । ପିଣ୍ଡା ତଳ ନଡ଼ିଆ ଗଛ ମୂଳକୁ ଡାକିନେଇ ପଚାରିଲା, ''ନଟିଆ, ଏଥର ପାଲା ବଇନା କେତେ ରାତି ପାଇଁ ଦେବକିରେ ? ଟିକେ ଆଗରୁ କଲ୍ କରିବ । ନହେଲେ ଭଲ ଗାହଣ ଭଲ ପାଳିଆ ଦଳ ଯୋଗାଡ ହେବ କେମିତି ?''

ନଣ୍ଡାନାର କଥାଟା ଶୁଣି ଟିକେ ହସିବା ପରି ଦିଶିଲା ନଟିଆର ମୁହଁ । ସେ ହସ ଦିଶୁଥିଲା ଖୁବ୍ ଅସ୍ୱାଭାବିକ । କହିଲା, ''କଣ ଆଉ ତୁମକୁ କହିବି ନଣ୍ଡାନା' । ଏଥର ଆମ କ୍ଲବର ଟୋକାଦଳ ମାତିଛନ୍ତି ଭିଡ଼ିଓ କରିବାକୁ । ତେଣୁ ଏଥର ବୋଧେ ଠିଆ ପାଲା ହେବ ନାହିଁ ।''

କଥା ପଦକ କହି ଫେରି ଯାଉଥିଲା ନଟିଆ । ନିହାତି ଅପ୍ରତ୍ୟାଶିତ ଭାବରେ ଗୋଟାଏ ଖୁଣ୍ଟ ପରି ସେଇଠି ଛିଡା ହୋଇ ରହିଲା ନଣ୍ଡାନା' । ରାଗି ତା ଆଖିଟା ଲାଲ ଦିଶୁଥିଲା । ଚୁପଚାପ ପିଣ୍ଡା କଣକୁ ଆସି ତା ନାଳିକପଡାରେ ମୃଦଙ୍ଗ ବାନ୍ଧିଲା । ବରବର ହେଇ କହିଚାଲିଥିଲା, ''ବଇନା ନଦିଅ ଶଳେ, ଭିଡ଼ିଓ କର, ନଙ୍ଗଳା ନାଚ ଦେଖ । ଖାଇଦବରେ ଶଳେ ଟୋକାଦଳ, ଆମ ପାଲାପୂଜାକୁ ତମେ ଗୋଟା ଖାଇଦବ ।''

Digitized by srujanika@gmail.com

ସେ ଦିନଟା ସାରା ଗୁମ୍ ମାରି ବସିଲା ମୃଦଙ୍ଗିଆ । ଆଉ କେବେ ବି ହୁଏତ ସିଏ ହାଟଘର ସାହି ପାଲା ମଣ୍ଡପରେ ଠିଆ ହେଇ ପାରିବ ନାହିଁ । ଏହି ଚିନ୍ତାରେ ସର୍ବାଙ୍ଗ ତାତିଗଲା ତାର ।

ମୃଦଙ୍ଗର ବୋଲ୍ ଡାକି ଡାକି ଟକ୍‌ଟକ୍ ଫୁଟୁଥିବା ତା ରକ୍ତ ସଂଚାଳନରେ ଭିଡ଼ିଓର ଭୂତାଣୁ ଗୁଡ଼ାକ ଚରି ଯାଉଥିଲା ଯେମିତି ।

ସେଥର ପୂଜା ଅବସରରେ କେଉଁଠାରେ ବି ଗୋଟାଏ ହେଲେ କଲ୍ ପଡିଲା ନାହିଁ ମୃଦଙ୍ଗିଆର । ଦୁର୍ଗାଷ୍ଟମୀର ସଂଜ ରତରତ । ତୁଳସୀ ଚଉରା ମୂଳେ ସଂଜବତୀ ଲାଗିଲା ବେଳକୁ ପିଣ୍ଡା କଣରେ ବସି ଧା-ଧା ମୃଦଙ୍ଗ ବଜୋଉଥାଏ ନଣ୍ଡାନା' । ସେଦିନ ସଅଳ ରୋଷେଇ ସାରିଥାଏ ମଂଜୁବୋଉ । ସଂଜବତୀ ଦେଇସାରି ପାଉଡ଼ର ମାରି ମୁଣ୍ଡ କୁଣ୍ଡେଇ ଭିଡ଼ିଓ ଦେଖି ବାହାରିଲେ ମଂଜୁ ଓ ମଂଜୁବୋଉ । ଫେଁ ଫେଁ ହସି ହସିକା ବାହାରି ପଡ଼ିଲେ ଭିଡିଓ ଦେଖିବାକୁ ଗାଁ ମାଇପେ ସବୁ ! ମାତ୍ର ମଂଜୁ ବୋଉର ଭିଡ଼ିଓ ଦେଖି ଯିବା ଜାଣିଲା ପରେ, ତା ଗେରସ୍ତ ମୃଦଙ୍ଗିଆର ରାଗ ପଞ୍ଚମକୁ ଉଠିଗଲା । ଯେଉଁ ଭିଡ଼ିଓ ତା ବେଉସା ବୁଡେଇ ଦେଲା, ସାରା ସଂସାର ତାର ଉପାସିଆରେ ଉଚ୍ଛନ୍ନ ହେଇଗଲା; ଆଜି ସେଇ ଭିଡ଼ିଓ ନିଶାରେ ପଡିଯାଇଛି ମଂଜୁ ବୋଉ ! ଏତକ ଭାବିଲା ବେଳକୁ ତା ଛାତିରୁ ବେକମୂଳ ଯାଏ ଗରମ ବାମ୍ଫଟେ ହାବୁକା ଖାଉଥିଲା ।

ଢୋ ଢୋ ଆବାଜ୍ କରି ସେ ନିର୍ଘାତ ପିଟି ଚାଲିଲା ମୃଦଙ୍ଗ । ସାରା ନୂଆ ସାହି ଟପି ସେ ଆବାଜ ଶୁଭୁଥିଲା ହାଟଘର ସାହି ପୂଜା ମଣ୍ଡପ ପର୍ଯ୍ୟନ୍ତ । ମଂଜୁ ବୋଉ ଭିଡ଼ିଓ ଦେଖିଯିବ ବୋଲି କହିଲା ବେଳକୁ କିଛି ଶୁଣି ନପାରିବାର ବାହାନା କରୁଥିଲା ମୃଦଙ୍ଗିଆ । ତା ଦେହର ସବୁ ବଳ ଖର୍ଚ୍ଚ କରି ମୃଦଙ୍ଗଟାକୁ ପିଟି ଚାଲୁଥାଏ ନିର୍ଘାତ୍ କିରଣ ଛଡା ପାହାର । ସାରା ଜୀବନ ଧରି ମୃଦଙ୍ଗ ତୋଳି ଆସିଥିବା କୋମଳ ରାଗ ବେତାଳ ହୋଇ ଝଡ଼ ଆଉ ଘଡଘଡିଟିଏ ସୃଷ୍ଟି କରୁଥିଲା । ଆକାଶ ଫାଟି ଚଡ଼କି ଯାଉଥିଲା । ସେ ଘଡଘଡିର ନିଆଁ ସବୁ ଜମା ହେଇ ପଡୁଥିଲା ମଂଜୁବୋଉର ମୁଣ୍ଡ ଉପରେ । ମୃଦଙ୍ଗିଆର ଆଖିରୁ ନାକରୁ ପାଣି ବାହାରି ଏକାକାର । ଡାହାଣ ହାତ ବିଶି ଆଙ୍ଗୁଠି ଫାଟି ରକ୍ତ ବାହାରୁଥାଏ । ଯେମିତି ମୃଦଙ୍ଗିଆର ହାତରୁ ନୁହେଁ, ସେଇ ମୃଦଙ୍ଗଟା ବାନ୍ତି କରୁଛି ମୁନ୍ଦା ମୁନ୍ଦା ରକ୍ତ ! ଆଉ ସମ୍ଭାଳି ପାରିଲା ନାହିଁ ମଂଜୁ ବୋଉ । ଧୀରେ ତା କାନ୍ଧକୁ ହଲେଇ ଦେଲା ଯେ, ମୃଦଙ୍ଗିଆ ହାମୁଡେଇ ପଡିଲା ତା ମୃଦଙ୍ଗ ଉପରେ । ଜବାବ ବାହାରୁ ନଥିଲା ତା ପାଟିରୁ । ତା ହାତଟା କିନ୍ତୁ ମୃଦଙ୍ଗଟାକୁ ପିଟି ଚାଲିଥାଏ ଅନବରତ । ଅଜାଣତରେ ମଂଜୁ ବୋଉର ଆଖିରୁ ଗଡ଼ିଯାଉଥିଲା ଧାର ଧାର ଲୁହ ।

ବୋଉର ଦି'ଗୋଡ ଲୁଗା ଭିତରେ ଛନ୍ଦି ହୋଇ ମଂଜୁ କହୁଥିଲା, "ବାପାର ଏ ବାଜାଟା କଣ ଆଉ ଶୁଭୁନି ବୋଉ ?"

■■■

Digitized by srujanika@gmail.com

ଛିଣ୍ଡ

ତମେ କହିଥିଲ ନା, ମକାଗଛ ଫୁଲ ଉଡ଼େଇଲା ବେଳକୁ ଆସିବ । ଏବେ ତ ମକାଗଛ ଧାନେଇଲାଣି । ଚଅଁର କାଢିଲାଣି । ଶିମିଳିତୁଳା ପରି ଉଡିଲାଣି ମକାଗଛର ଚଅଁର ଫୁଲ । ତମେ କାହିଁକି ଆସୁନ ? ତମେ କଣ ଭୁଲିଗଲ, ମକାଗଛର ଚଅଁର କାଢିବା ବେଳା । ତମେ ପା ମକାବାବୁ ! ପୁଣି ମକାଗଛ କଥା କେମିତି ଭୁଲିଯାଉଛ ? ଜହ୍ନ କଣ ଭୁଲିଯାଏ କଇଁଫୁଲ କଥା ? ସମୁଦ୍ର କଣ ଭୁଲିପାରେ ଝାଉଁବଣକୁ ? ଗୁଣିଆ କଣ ଭୁଲିଯାଏ ଝଡ଼ାଫୁଙ୍କା ଓ ବ୍ରାହ୍ମଣ ତା ମନ୍ତ୍ରପାଠ ?

କାହାକୁ ଏତେ ଭାବୁଛି ଜିନୁ ଅପା, ଦି ଗୋଡ଼ ଆଣ୍ଠୁ ଉପରେ ମୁହଁ ଥୋଇ ମାଟିକୁ ନିରେଖୁଚି । ଅପର୍ଯ୍ୟାପ୍ତ ନଖଗରରେ ତା ବସିଥିବା ପୁଳିଏ ମାଟି ଅଗଣାର ଚାରିପାଖେ ଟାଣୁଚି କେତେ ଅବୁଝା ନକ୍ସା, ସାରୁପତ୍ରରେ କେତେ ବୁନ୍ଦା ପାଣି ଢଳଢଳ ହେବା ପରି ଲୁହ ଟୁଳୁ ଟୁଳୁ ତା ଦି ଆଖି । ହରଗୌରା ପତ୍ରମାନଙ୍କର ଦି'ଧାରରେ ରାତିସାରା ବସି କିଏ ବୁନ୍ଦା ବୁନ୍ଦା ପାଣିରେ ଚିତା ଆଂକିବା ପରି ତା ଆଖିପତା ଯେମିତି କାକର ଛୁଅଁନ୍ତା ହେଇଯାଉଛି କାହାକୁ ଭାବି ଭାବି ।

ମକାଗଛ ଚଅଁର କାଢିବା ଦିନୁ ଆଉ ଜିନୁଅପା ସେ ମକାବାଡି ଆଡ଼େ ଯାଉନାହିଁ । ମାଟିକାନ୍ଥର ଦିଆଲଘେରା ଘରପଛ ବାଡିଟା କେତେ ତାର ପ୍ରିୟ ଜାଗାଟେ ଥିଲା ସତେ ! ଦିନରେ ଦଶଥର ନଗଲେ ତା ମନଶାନ୍ତି ହେଉ ନଥିଲା । ସେଇ ବାଡି; ଯେଉଁଠି କୂଅ ଚାରିପଟରେ ଇଟା ପକେଇ ଚଉତରା କରି ଜିନୁଅପା ଗାଧାଏ । ଘରୁ ନେଇ ଅଇଁଠା ବାସନ ମାଜିଦିଏ । ନିରୋଳା ଦିପହରମାନଙ୍କରେ ମଲ୍ଲୀ, ରୀନା ଓ ମୀନା ମାନଙ୍କ ସହ ବସି ଯେଉଁଠି ଦୁଃଖ ସୁଖ ହୁଏ । ତା ହାତ ଲଗା ଲଙ୍କାମରିଚ ଗଛରେ ଲାଲ ଟହ ଟହ କସିଫଳ ଦେଖି ଆନନ୍ଦରେ ଅଧୀର ହୋଇଯାଏ । ସେଇ ବାଡିପଟରେ ତା ବାପା ରଜଦୋଳି ଲଗେଇ ଦିଅନ୍ତି ପ୍ରତି ରଜକୁ ତ ଦଶହରା ପର୍ଯ୍ୟନ୍ତ ନଫିଟେଇବା ପାଇଁ କଡା ନିର୍ଦ୍ଦେଶ ପାଇଥାନ୍ତି ଜିନୁଅପାଠାରୁ ।

ସେଇ ପ୍ରିୟବାଡିଟା ଆଜି ଯେମିତି ମନା ହେଇଯାଇଛି ତା ପାଇଁ । ଦିଟା ମାସ ତଳେ ବଅସ ଡେଣା ମେଲେଇ ଦୋଳି ଖେଳିଲା ବେଳକୁ ଯେଉଁ ବାଡିଟା ପ୍ରେମ ମନ୍ଦିର ପାଲଟିଥିଲା, ସେଇ ବାଡିଟା ଆଜି ପାଲଟି ଯାଇଛି ପ୍ରତାରଣାର ପରମ ତୀର୍ଥଭୂଇଁ ।

Digitized by srujanika@gmail.com

କଟାଡାଳରୁ ନୂଆ ଶାଖା ଗଜୁରିବା ପରି ତଥାପି ଆଶା ବାଂଧିଛି ଝିନୁଅପା, ତା ମକାବାବୁ ନିଶ୍ଚେ ଆସିବ।

ଜାମୁଡାଳିଆ ଗାଁର ପ୍ରଥମ ଘର ଝିନୁଅପାର। ଉଚ୍ଚ ଡିହ। ସେଇ ଘରକୁ ଲାଗି ଅର୍ଦ୍ଧବୃତ୍ତରେ ସଜେଇ ହେଇଛି ଅନ୍ୟାନ୍ୟ ଘର ସବୁ; ଯେଉଁଠି ଠିଆ ହେଲେ ଦିଶି ଯାଉଥାଏ ଗାଁ ଲୋକଙ୍କର ବିସ୍ତୀର୍ଣ୍ଣ ଚକଜମି। ଠିକ୍ ରଜସରିକି କେଇଟା ଦିନ ବାଦ୍ ଗାଁକୁ ଆସିଥିଲା ମକାବାବୁ। ଗାଁ ଲୋକଙ୍କୁ ବସେଇ ସଭା କଲା। ଆପଣମାନଙ୍କୁ ଏଥର ସରକାରଙ୍କ ତରଫରୁ ମାଗଣାରେ ବିହନ ଓ ସାର ଯୋଗାଇ ଦିଆଯିବ। ବୈଜ୍ଞାନିକ ପ୍ରଣାଳୀରେ ଚାଷ ପଦ୍ଧତି ସବୁ ଶିଖେଇ ଦିଆଯିବ। ଆପଣମାନଙ୍କର ପଡିଆ ପଡୁଥିବା ଗୋଡ଼ା ଜମିମାନଙ୍କରେ ମକାଚାଷ କରାଯିବ। ସେଥିରୁ ଆପଣମାନେ ଯେକୌଣସି ଫସଲ ଠାରୁ ବି ଅଧିକ ଅମଳ ପାଇବେ।

ସେଦିନ ଗାଁ ଲୋକଙ୍କ ଆନନ୍ଦ କହିଲେ ନସରେ। ସତକୁ ସତ ତା ପରଦିନଠୁ ସବୁଦିନ ଗାଁକୁ ସେଇ ସରକାରୀ ଘର ଗାଡି ଆସିଲା, ବୁହା ହୋଇ ଆସିଲା ମକାମଞ୍ଜି ଓ ସାର। ଲୋକେ କହିଲେ, ହେଇ ଆସିଲା ମକାଗାଡ଼ି। ଗାଡିରୁ ଓହ୍ଲେଇଲା ସେ ବାବୁ, ଯିଏ ମକାଚାଷ ପାଇଁ ମତେଇଥିଲା, ଲୋକେ କହିଲେ ତାକୁ 'ମକାବାବୁ'। ବାବୁଟା ଥିଲା ଫିଟ୍‌ଫାଟ୍, ଚିକ୍କଣ, ଗଢାଟୋକାଟା। ବା ହେଇନାହିଁ ବୋଧେ, ସରକାରୀ ଘରେ ଚାକିରୀ କରୁଛି। ସଂପ୍ରସାରଣ କର୍ମୀ, କଥାକୁହାଙ୍କ ଗୁରୁ, ଅମଙ୍ଗଚାଷୀ ବି ମଙ୍ଗିଯିବ ତା କଥାରେ।

ବାବୁ ଗାଡିରୁ ଓହ୍ଲେଇଲେ ଘେରିଯାନ୍ତି ଜାମୁଡାଳିଆର ଲୋକ। ବୈଜ୍ଞାନିକ ପ୍ରଣାଳୀରେ ଚାଷ ହେବ ବୋଲି ହୁରି ପଡିଯାଏ ଘର ଘର ଓ ଗାଁରୁ ଗାଁ। ଗାଁର ଗୋଡ଼ାଜମିରେ ଥିବା ଚାଷୀମାନଙ୍କର ଜମି ସବୁ ଚିହ୍ନଟ ହେଲା। ମାପ ହେଲା।

ଝିନୁଅପାର ପ୍ରାୟ ଅଶୀ ଡେଇଁଯାଇଥିବା ଢେଙ୍କେ ବୁଢା ବାର୍ଦ୍ଧକ୍ୟ ପୀଡାରେ କତରାଲଗା ହେଇ ଗଲାଣି, ତଥାପି ସେ ଅବସ୍ଥାରେ ଘୋସାରି ହେଇ ଆସିଲା ପଦାକୁ। ବଡ ପାଟିଟାଏ ଚିଲେଇ ଦେଇ କହିଲା: ବିଷ, ବିଷ ସବୁ ବିଷ ! ତମକୁ ସେ ସରକାରୀ ବାବୁ ଯେଉଁ ବିହନ ଦେଉଛି ସେ ବିଷ, ସେ ସାର ବିଷ, ସରକାରୀ ଘର ଚାଷ ସବୁ ବିଷ। ଜାମୁ ଡାଳିଆର ଚାଷ ଜମି ଗୁଡାକୁ ସାର ପକେଇ ବିଷ କରି ଦିଅନା ରେ, ଗାଁ ବାଲା।

ଝିନୁ ଅପା, ବୁଢାର ହାତ ଧରି ଘର ଭିତରକୁ ନେଇଗଲା। ତା କଥା କେହି ଶୁଣିଲେ ନାହିଁ। କହିଲେ, ପାଗଳା ହେଇଗଲାଣି ଶଳା ବୁଢାଟା।

ମକାଚାଷରେ ମାତିଲେ ଜାମୁଡାଳିଆର ଲୋକ। ଝିନୁଅପାର ବାପା ବଜାରରୁ କିଣି ଆଣୁଥିବା କଂଚାମକାକୁ ସେକି ଖାଇବାର ସ୍ୱାଦ ଅଥୟ କରେ ତାକୁ। "ମକାବାବୁ ତ ସବୁଜିନିଷ ମାଗଣାରେ ଦେଉଛି। ଆମ ବାଡିପଟ କୂଅପାଖରେ ଯେଉଁପୁଳାଏ ଜାଗା ଅଛି, ସେଥିରେ ମକାଚାଷ କରିବା।" ଝିନୁ ଅପାର କଥା ଶୁଣି ତା ବାପା ଯାଇ ମକାବାବୁକୁ ଅନୁରୋଧ କଲା ତା ବାଡିପଟରେ ମକାଚାଷ କରିବାକୁ।

Digitized by srujanika@gmail.com

ମକାବାବୁ ନାଇଁ ନାଇଁ କରେ । ସରକାରଙ୍କ କ୍ଷେତ୍ର ପ୍ରଦର୍ଶନ ଯୋଜନାରେ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ଏକତ୍ର ଥିବା ଚାଷୀମାନଙ୍କ ଜମିରେ ଏହି ଚାଷ ହେବାର ଗୁରୁତ୍ୱ ତଥା ନିୟମ ସଂପର୍କରେ ତାକୁ ଅବଗତ କରାଏ । ଜିନୁଅପାର ବାପା, ମକାବାବୁକୁ ନେହୁରା ହୁଏ । ତା ବାଡିର ମାଟି ଖୁବ୍ ଭଲ ଓ ଖତୁଆ । ଏମିତି ଖତୁଆ ମାଟିରେ ଭଲ ମକା ଫଳିବ କହି ତା ବାଡି ଦେଖେଇବାକୁ ମକାବାବୁକୁ ଟାଣିଟାଣି ଅତି ଆଗ୍ରହରେ ନିଏ ।

ମକାବାବୁ ତାଙ୍କ ବାଡି ଭିତରକୁ ଯାଏ । କୂଅମୂଳ ପାଖ ଜାମୁକୋଳି ଗଛରୁ ପେନ୍ଥା ପେନ୍ଥା କୋଳି ତୋଳି ଅଣ୍ଟିରେ ପୁରୋଉଥିବା ଜିନୁ ଅପା ଠେଇଁ ତା ଆଖି ପଡେ । ଧୋବ ଫରଫର ଗୋରୀ ଜିନୁଅପା, ତା ନହକା ଅଣ୍ଟା, ହସିଲା ମୁହଁ ଓ ଢଳ ଢଳ ଆଖି ଦିଟାକୁ ଦେଖୁ ଦେଖୁ ଝଲସିଯାଏ ବାବୁର ଆଖି । ଜମି ନ ଦେଖୁଣୁ ଜିନୁଅପାକୁ ଦେଖି ହଁ ଭରିଦିଏ ମକାବାବୁ ।

ତେଣିକି ମକାବାବୁ ଯେବେ ଆସେ ସେଇ ଜିନୁଅପାର ବାଡି ପାଖରେ ତା ଗାଡି ରଖି ତା କର୍ମୀମାନଙ୍କୁ ଆଦେଶ କରେ । ଜାମୁଡାଳିଆ ଗାଁର ଲୋକମାନେ ହଳ ବୁଲେଇ, ମଇ ଦେଇ, ଲଙ୍ଗଳ ଗାର ମାରି; ଆସି ମକାବାବୁ ପାଖେ ରୁଣ୍ଡ ହୁଅନ୍ତି । ବାବୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତା' ଲୋକମାନେ ମଞ୍ଜି ଓ ସାର ବାଣ୍ଟନ୍ତି ଓ ବିଭିନ୍ନ ଜମି ପାଖରେ ଠିଆ ହୋଇ ବୈଜ୍ଞାନିକ ପ୍ରଣାଳୀରେ ଚାଷ ଶିଖାନ୍ତି ।

ସକାଳୁ ସକାଳୁ ଯେବେ ବାବୁର ଗାଡିଟା ଆସି ପହଞ୍ଚିଯାଏ, ଜାମୁଡାଳିଆର ବକଟେବକଟେ ଛୁଆ, ହେଇରେ ମକାଗାଡି ଆସିଲା କହି ହୋ ହୋ କରି, ପାଟିକରିଉଠନ୍ତି । ଯେବେ ଗାଡିଆସେ, ପେଁ ପେଁ ହର୍ଣ୍ଣ ବଜାଏ ଗାଁ ମୁଣ୍ଡରୁ । ଜିନୁଅପା ଗାଧୋଇ ସାରି ପଖାଳ ଭାତ, ଆଳୁ କୁନ୍ଦୁରୀ ଭଜା ଖାଉ ଖାଉ ଝରକା ପାଖକୁ ଉଠିଯାଇ ଦେଖେ ମକାବାବୁ ଆସିଛି କି ନା । ମକାବାବୁ ସହିତ ସିଏ ଯେ, ଏମିତି କି ପ୍ରେମରେ ପଡିଛି ଭାବି, ନିଜକୁ ନିଜେ ସରମି ଯାଏ । ସତକୁ ସତ ବାବୁର ପାଦ ଗାଁରେ ପଡିବା ଦିନ, ଛାଁକୁ ଛାଁ ଜିନୁଅପାର କଲେଜ ଯିବା ବନ୍ଦ ହେଇଯାଏ । ବୋଉ ପାଖରେ ମିଛ ଆଳ ଦେଖେଇ କଲେଜ ଯାଏନା ଜିନୁଅପା । ମାତ୍ର ସେଇ କଲେଜ ପିନ୍ଧା ଡ୍ରେସଟା ପିନ୍ଧିରହେ ଦିନସାରା । ତାଙ୍କ ମାଟିକାନ୍ଥ ଘେରା ବାଡିକୁ ବି ଜିନୁଅପାର ବାପା ସମତୁଲ କରେ । ମକା ବୁଣିବାକୁ ମନ ମାଡିପଡେ ଜିନୁଅପାର ।

ପେଁ ପେଁ ହର୍ଣ୍ଣ ବାଜିବା ଶୁଣିଲେ ପୁଣି ତା ଜେଜେ ବୁଢା ଘୋସାରି ହେଇ ପିଣ୍ଡାକୁ ଆସେ । ବିଷ ବିଷ କହି ଚିତ୍କାର କରିଉଠେ । "ସରକାରୀ ବାବୁ ବିଷ ବାଣ୍ଟୁଛି ରେ ଗାଁ ବାଲା । ଜମିଜୁମା ସବୁ ପୋଡିଯିବରେ ଗାଁ ବାଲା ।" ବୁଢାର କଥା କେହି ଶୁଣିଲେ ନାହିଁ । ବୁଢାର ଏଇ ବିଷରଡି ଶୂନ୍ୟରେ ମିଳେଇ ଗଲା । ପୁଣି ମକାଚାଷରେ ମାତି ଉଠିଲେ ଗାଁ ଲୋକ ।

ଜମିକୁ ଜମି ବୁଲି ମକାବାବୁ ତା ପ୍ରଦର୍ଶନ କ୍ଷେତ୍ର ନିରେଖି ଦେଖେ । ଶେଷକୁ ପହଞ୍ଚିଯାଏ ଜିନୁଅପାର ବାଡିରେ । ଜିନୁଅପାକୁ କଣ କଥା କହିବ ବୋଲି ସୁଯୋଗ

Digitized by srujanika@gmail.com

ଖୋଜୁଥାଏ । କେତେକଥା ପଚାରୁଥାଏ ମକାବାବୁ ଓ କହି ଚାଲିଥାଏ ଜିନୁଅପା । ତା ଉତ୍ତର ଗୁଡିକ କ୍ରମାନ୍ୱୟରେ ଏହିପରି ଥାଏ ।.... ଜିନୁ । ଜୟନ୍ତୀ ବେହେରା, ପ୍ଲସ୍ ଥ୍ରି ଫାଷ୍ଟ ଇଅର, ଚାରି କିଲୋମିଟର, ସାଇକେଲରେ ଇତ୍ୟାଦି ଇତ୍ୟାଦି । ଜାମୁଡାଳିଆ ପରି ଗୋଟାଏ ଅଖ୍ୟାତ ପଲ୍ଲୀ ଗାଁରେ ବି ଝିଅମାନେ ପାଠ ପଢି କଲେଜ ଗଲେଣି ଭାବିଲା ବେଳକୁ ଆନନ୍ଦ ଓ ଆଶ୍ଚର୍ଯ୍ୟର ବିପରସ୍ତ ଢେଉ ଚହଟିଗଲା ମକାବାବୁର ମୁହଁ ଉପରେ ।

ଢେଙ୍କେ ବୁଢା ଏମିତି କାହିଁକି ବିଷ ବିଷ ଚିତ୍କାର କରେ ବୋଲି ପଚାରିଲେ ଜିନୁଅପା କହେ ଏଇଟା କୁଆଡେ ବୁଢାର ସ୍ୱଭାବ । ଗାଁ ଭିତରକୁ ନୂଆ ଲୋକଟେ ଦେଖିଲେ ସେ ଜମା ସହିପାରେ ନାହିଁ । ପୁରୁଣା କାଳିଆ ଲୋକ ତ' ଯୁଗ କେତେ ବଦଳିଲାଣି, ଚାଷବାସ କେତେ ଆଗେଇଲାଣି; ସିଏ କେମିତି ବୁଝିବ ।

ଜିନୁଅପାର ବାପା ଦୌଡିଯାଇ ଘରୁ ଆଣିଦିଏ ଦଉଡିଆ ଖଟିଆଟିଏ ଓ ପରେ ପରେ ଜିନୁଅପା ଆଣିଦିଏ ଗୋଟେ ବେଡସିଟ୍ ଓ ତକିଆ । ଗାଁଟା ସାରା ଚାଲିଥାଏ ମକାବୁଣା । ଜିନୁଅପା ବାଡିପାଖ ସୁଲୁସୁଲୁ ପବନ ବହୁଥିବା ଚାକୁଣ୍ଡା ଗଛ ମୂଳେ ଶୋଇପଡ଼େ ମକାବାବୁ । ମିଛି ମିଛିକା ସେ ଶୋଇବା । ମଥା ଉପରେ ହାତରଖି ଶୋଇବାର ମୁଦ୍ରାଭଙ୍ଗିମାରୁ ମିଟି ମିଟି କରି ସେ ଜିନୁଅପାକୁ ଚାହେଁ । ଜିନୁଅପା ଲାଜେଇ ଲାଜେଇ ହସେ ।

ବାବୁ ପୁଣି ଉଠିପଡି ସାରା ଗାଁର ଚାଷ ଜମିରେ କେଉଁଠି କେମିତି ମକ ବୁଣା ଚାଲିଛି ବୋଲି ଯାଇ ଦେଖିଆସେ । ପୁଣି ଆସି ସେ ଖଟିଆରେ ବସେ । ଥରେ ସବୁ ଜମି ଆଡେ ବୁଲି ଆସିଲେ ତା ପ୍ୟାଣ୍ଟ ସାରା ଲାଗିଯାଇଥାଏ ଗୁଗୁଚିଆ । ଖଟିଆରେ ବସି ବାବୁ ଗୁଗୁଚିଆ ଛଡାଏ । ବାଡି ଜାମୁକୋଳି ଗଛରୁ ଟହଟହ ପାଚିଲା କୋଳି ତୋଳେ ଜିନୁଅପା । ମକାବାବୁ ଡାଆଣାଙ୍କ ପରି ତାକୁ ଚାହିଁ ଆଖି ମାରିଦିଏ । ଚମକି ପଡେ ଜିନୁଅପା । ତା ମୁହଁଟା ଈଷତ୍ ପିଆଜ ରଂଗୀ ହୋଇଯାଏ । ସୂତାଖିଅ ପରି ସରୁ ଖିଏ ହସ ଫିଟିପଡେ ତା ମୁହଁରୁ । ଜିଭ ଦେଖେଇ ଖତେଇ ହୁଏ । ଜାମୁକୋଳିଖାଇ ତା ଜିଭ ଦିଶୁଥାଏ ଜାମୁକୋଳି ରଂଗର । ବିଷଦାନ୍ତ ଭଙ୍ଗା ସାପର ମଧୁର ଚୋଟ ପରି ଭାରି ମଧୁର ଲାଗେ ମକାବାବୁକୁ ଜିନୁଅପାର ଅଭିନୟ । ଉଚ୍ଛୁଳା ନଈରେ ହଲିହଲି ଭାସି ଯାଉଥିବା ପଟେଇ ନାଆ ପରି ଅଣ୍ଟା ନହକେଇ ଯେମିତି ଭାସିଭାସି ଆସେ ଜିନୁଅପା । ପାଖକୁ ଆସି ପେନ୍ଥାଏ ଜାମୁକୋଳି ତାକୁ ଦେଇଯାଏ ।

ଏତେ ବଡ ବଡ ସୁଆଦିଆ ଜାମୁକୋଳି କେବେ ବି ଖାଇ ନଥିଲା ମକାବାବୁ । ସେ ଲୋକକଥାର କୁମ୍ଭୀର ପ୍ରେତ ତା ଭିତରେ ସଞ୍ଚାର ହେଲା । ଭାବିଲା (ସବୁଦିନ ନଈକୂଳ ଗଛରେ ଜାମୁକୋଳି ଖାଉଥିବା ମାଙ୍କଡର କଲିଜା ପରି) ଯାହା ବାଡିରେ ଏତେ ସୁଆଦିଆ ଜାମୁକୋଳି ଫଳୁଚି; ସିଏ ନିଜେ ବି କେତେ ମିଠା ଲାଗୁ ନଥିବ । ଖାଇସାରି ଆଉ ପେନ୍ଥାଏ ଜାମୁକୋଳି ମାଗିଲା । ସେ ମାଗିବାର ଶୈଳୀ କେମିତି ଭିନ୍ନେ ଲାଗିଲା ଜିନୁଅପାକୁ । ମନା କରିପାରିଲା ନାହିଁ । ଗଛରୁ ତୋଳି, ବାଡି

Digitized by srujanika@gmail.com

କୂଅପାଣିରେ ଧୋଇ ସଯତ୍ନରେ ବଢେଇ ଦେଲା ବାବୁ'ର ହାତକୁ । ଜାମୁକୋଳି ପେଣ୍ଡା ନେଉ ନେଉ ଜାଣିଜାଣି ତା ଗୋରା ଅଂଗୁଠିମାନଙ୍କୁ ଛୁଇଁଦେଲା ମକାବାବୁ । ହଠାତ୍ ଥରି ଉଠିଲା ଜିନୁଅପା । ଦଲକାଏ ଶୀତୁଆ ପବନରେ ଯେମିତି କାଲୁ ମାରିଗଲା ତା ଗୋଡହାତ ।

ସେଦିନ ପରଠୁ ମକାବାବୁ ଦେହର ସ୍ପର୍ଶ ତାକୁ କାତର କରି ରଖିଲା କିଛିକାଳ । ଜାମୁକୋଳି ମାଗିବା ବାହାନାରେ ତା ଆଖିର ଇସାରା ତାକୁ ମୋହାଚ୍ଛନ୍ନ କରିଦେଲା । ସପ୍ତାହେ ଭିତରେ ଅଙ୍କୁରି ଉଠିଲା ମକାମଞ୍ଜି । ଜିନୁଅପାର ବାଡିରେ କିଏ ଯେମିତି ସବୁଜରଂଗୀ ବେଡସିଟ୍‌ଟିଏ ପାରି ଦେଇଛି । ଗାଁର ସେଇ ପ୍ରଦର୍ଶନ ମକା କ୍ଷେତରେ ଚକ ଜମିଟା ଭରିଗଲା ସବୁଜିମାରେ । ତମାମ ଗାଁର ଚାଷୀଲୋକ ମୁହଁରେ ମକାବାବୁର ଭୂରି ଭୂରି ପ୍ରଶଂସା ହେଲା ।

ଜିନୁ ଅପାର ବି ଅନୁଭବ ହେଲା, ଯେମିତି ସବୁଜରଂଗ ପ୍ରେମପତ୍ର ସବୁ କଅଁଳିଯାଉଛି ତା ଦେହସାରା । ଆକାଶ ଆଡକୁ ନିବିଡ ଆଶ୍ଳେଷରେ ହାତ ବଢେଇ ଗଜୁରି ଯାଉଛି ଶାଖାପ୍ରଶାଖାସବୁ । ଅନୁରୂପ ଅନୁଭବରେ ବି ଶିହରିଗଲା ମକାବାବୁ । ଅଖ୍ୟାତ ପଲ୍ଲୀ ଜାମୁଡାଳିଆକୁ ସାହାରାର ମରୁବାଲି ଭାବୁଭାବୁ ଏମିତି ଜଳାଶୟଟେ ହାବୁଡି ପଡିବାର ସାକାର ସ୍ୱପ୍ନ, ଏକ ମଧୁମୟ ଶିହରଣର ମଳୟ ହେଇ ବହିଗଲା ତା ଭିତରେ । ଅଜଣାରେ ପ୍ରୀତିସ୍ପର୍ଶର କାତର ଫଗୁଣଟେ ବଉଳିଗଲା । ସାତରଂଗୀ ଫଗୁ ବୋଳି ହେଇଗଲା ଦେହସାରା ।

ଦୁଇତିନି ଦିନ ପରେ ପୁଣି ମକାବାବୁ ଆସିଲା, ସବୁଜମିରେ ଠିକ୍ ଠିକ୍ ମଞ୍ଜି ଗଜା ହେଲାକି ନାହିଁ ଦେଖିବାକୁ । ଜିନୁଅପା କଲେଜ ଗଲା ନାହିଁ ସେଦିନ ! ଗାଁ ଲୋକ ମକାବାବୁକୁ ନେଇ ଜମି ଦେଖେଇଲେ । ଜମିକୁ ଜମି ବୁଲି ନୟାନ୍ତ ହେଇ ପଡିଲା ମକାବାବୁ । ତା ନିଜ ବାଡିର କ୍ଷେତ ଦେଖେଇବାକୁ ବି ଡାକି ନେଇ ଥିଲା ଜିନୁଅପା । ଗୋଡାକୁ ଯାଇଥିଲା ବାପା ଧାନବୁଣି, ମା ଯାଇଥିଲା ପଛେ ପଛେ । ଘର ଭିତରଟାରେ ଖୁଁ ଖୁଁ ହେଇ କାଶୁଥିବା ଜେଜେବୁଢା ଓ ଏକଲା ଜିନୁ ଅପା । ମକାମଞ୍ଜି ଲଗା ଜାମୁକୋଳି ବାଡିପଟରୁ ଜନ୍ମିତ ଭଲପାଇବା, ପ୍ରୀତିର ଆସ୍ଥାନ ଜମେଇ ବସିଲା ଅଗଣାରେ । ଅପାକୁ ଲାଗୁଥିଲା ଖୁବ୍ ଏକଲା ଓ ଡରଡର । ଏକଲା ଝିଅଟେ ଦେଖି ଅଠା ହେଇଯାଉଥିବା ପୁରୁଷର ତଣ୍ଟି ପରି ମକାବାବୁ ଶୋଷ ଶୋଷ ହେଲା ପାଣି ପିଇବାକୁ ଦେଲା ଜିନୁଅପା, ସେଦିନ ଅପା ହାତରୁ କପେ ଚା ପିଇବାକୁ ମନ ବଳେଇଲା ବାବୁ । ଚା ବସିଲା ଚୁଲ୍ଲୀରେ । ଅନ୍ୟମନସ୍କ ଜିନୁ ଅପା । ଅଧେ ଚା ଉତୁରିପଡିଲା ଚୁଲୀକୁ । ଚା ପିଉ ପିଉ ମକାବାବୁ ପାଖକୁ ଡାକିଲା ତାକୁ । ଜିନୁ ଅପାର ମୁହଁକୁ ଆଉଁସି ଦେଲା ତା ହାତରେ । ଆଂଗୁଠିରେ ଟିପ୍ ଟିପ୍ କରି ଝାଡିଦେଲା ତା ସାଲୱାର ପଞ୍ଜାବୀରେ ଲାଗିଥିବା ମକାକ୍ଷେତର ଧୂଳିବାଲିକୁ । ବାଁ ହାତରେ କୋଳେଇ ଧରିଲା ତାକୁ । ତତଲା ଉହ ଉହ ଚା କପ୍‌ଟାକୁ ଢୋକ ପରେ ଢୋକ ବଦଳେଇ ପିଇଲେ ଦି'ଜଣଯାକ । ବାବୁର ସାର୍ଟପ୍ୟାଣ୍ଟରୁ ଗୁଗୁଚିଆ ସବୁ ଏଥର ଖସିଯାଇ

Digitized by srujanika@gmail.com

ଲାଗିଗଲେ ଜିନୁ ଅପାର ସାଲୱାର ପଞ୍ଜାବୀରେ । ଚାଷ ଜମିର ମାପଚୁପ ପରି ଜିନୁଅପା ଦେହର ଜ୍ୟାମିତିକୁ ହାଇଟ୍ ଆଣ୍ଡ ଡିଷ୍ଟାନ୍ସର ଗଣିତ ପରି କଷଚିଥିଲା ବାବୁ, ଚାରିତ୍ରିକ ଉନ୍ନତି ମାନଙ୍କୁ ପାଥେୟ କରି ପ୍ରୀତିର ସୋପାନରେ ପହଞ୍ଚିଥିଲା କୌଣିକ ଉନ୍ନତି ।

ଜିନୁଅପାର ମୁହଁ ପୂର୍ବଠାରୁ ଦିଶୁଥିଲା ଅଧିକ ଭୟଭୀତ, ତ୍ରସ୍ତ ହରିଣୀ ପରି ଚମକୁ ଥିଲା ଥରକୁ ଥର । ହସି ହସି କହିଲା ମକାବାବୁ, ଜିନୁ, ତମ ସାଲୱାର ପଞ୍ଜାବୀରେ ଗୁଗୁଚିଆଗୁଡାକ ଲାଗିଗଲା; ଦୂରରୁ ଦେଖିଲେ ଗୋଟାଏ ପ୍ରିଣ୍ଟ ପଡିବା ପରି ଦିଶୁଛି । ଲାଜେଇ ଓଠ ଚାପି ହସିଲା ଜିନୁଅପା । ବାବୁ କହୁଥିଲା, ଏଇ ଗୁଗୁଚିଆ ଗଛଟା କାଳେ ଗୋଟାଏ ପ୍ରେମଗଛ । ଦେଖୁନ, କେମିତି ଛୁଁ ଛୁଁ ଆଦରିଯାଏ । ନେସି ହେଇ ରହେ ଦେହସାରା । ଜୋର କରି କାଢି ନଦେଲେ; ଆପେ ଆପେ ବାହାରି ଯାଏନା । ବିଶ୍ୱସ୍ତ ହେଇରହେ ପାଖରେ ପାଖରେ ।

ଅପରପଟ ଘରୁ କମ୍ପିତ ନଟାକାଶ ଭିତରୁ ଶୁଭି ଯାଉଥିଲା ଢେଙ୍କେବୁଢାର କର୍କଶ କଣ୍ଠସ୍ୱର । ସେଇ ପୁରୁଣା ଦଦରା ରେକର୍ଡ: ବିଷ ବିଷ ସବୁ ଗଛ ବିଷ ! ବାଇଗଣ ଟମାଟରୁ ଆଳୁ ମକା, ସବୁ ବିଷ, ରେରେ ଏଏ ଗାଁବାଲା । ଗଛ ମାଟି ପାଣି ପବନ ସମେତ ସୁଦ୍ଧୁ ନିଉଛୁଣା ଏ ଚତୁର୍ଦ୍ଦିଗ ।

କେହି ବି କର୍ଣ୍ଣପାତ କଲେ ନାହିଁ ତା କଥାକୁ ।

ସେଦିନର ସଂଜ ଲାଗୁଥିଲା ଅନ୍ୟାନ୍ୟ ସଂଜଠୁ ଭିନ୍ନ । ଖୁବ ଉଦାସ । ସବୁଥର ଫେରିବା ପୂର୍ବରୁ ପୁଣି କେବେ ଆସିବ ବୋଲି ପଚାରେ ଅପା । କଥା ରଖି ମକାବାବୁ ବି ଥରେ ଦୁଇଥର ଆସିଛି ତା ପରେ । ତତଲା ଡହଡହ ବାମ୍ପଉଠା ଚା ପିଇଛି ଜିନୁଅପା ସହିତ ସାଙ୍ଗ ହୋଇ ।

ମକାକ୍ଷେତରେ ସାର ଦେଇ ହୁଡା ଟେକା ଦିନ ଗାଁ ବାଲାଙ୍କୁ ବସେଇ ମିଟିଂ କଲା ବାବୁ, "ମକା ଏଥର ଆପଣମାନଙ୍କ ଜମିରେ ଭଲ ଉତୁରିଗଲା । ଆଉ ମାସକ ପରେ ମକାଗଛ ଧାନେଇ ଚଅଁର କାଢିବ । ସେତିକି ବେଳକୁ ମକାଫୁଲରେ ଲାଗିପାରେ ଜଉପୋକ । କଳା କଳା ଉକୁଣି ପରି ସାଲୁବାଲୁ ପୋକ । ଏମିତି ପୋକ ଲାଗିଲେ ଏହି ଔଷଧ ସ୍ପ୍ରେ କରିବେ ଜମିରେ ।" ଜଉ ପୋକ ମାରୀ ଔଷଧ ସେଦିନ ବଣ୍ଟା ହେଇଗଲା ସବୁ ଚାଷୀଙ୍କୁ ।

ସେଦିନ ବି ଫେରିବା ବେଳେ ସେଇ ପଚାରିବା ଆଖିରେ ଠିଆ ହେଇଥିଲା ଜିନୁଅପା । ପୁଣି କେବେ ତମେ ଆସିବ ? ନିଜର ଲୋକ ହେଇ କଥା ଦେଇଗଲା ମକାବାବୁ : ତମ ବାଡିରେ ମକାଗଛ ଚଅଁର କାଢିଲା ବେଳକୁ ଆସିବି ।

କାହିଁ ଆସିଲା ନାହିଁ ତ' ବାବୁ । ଚଅଁର କାଢିଲାଣି ମକାଗଛ । ଶରତ ସୁଲୁସୁଲୁ ବା'ରେ ପାଟନାଳୀ ଧାରରେ ଯେମିତି କାଶଫୁଲ ମୁଣ୍ଡ ହଲେଇ ନାଚେ, ସେମିତି ଲମ୍ବା ଲମ୍ବା ଚଅଁର କାଢି ନାଚୁଛି ମକାକ୍ଷେତ । ଭାବିଭାବି ମନଟା ଆଉଟି ପାଉଟି ହେଉଛି ତା'ର । ସତରେ କଣ ସେ ଆଉ ଆସିବେ ନାହିଁ ? ଜିନୁଅପା ମନଭରି ରାଗୁଚି । ବାରିପଟକୁ ଯାଉନାହିଁ କି ମକାଗଛର ମୁହଁ ଚାହୁଁ ନାହିଁ । ପେଁ ପେଁ ହର୍ଣ୍ଣ

Digitized by srujanika@gmail.com

ଶବ୍ଦ କାନରେ ବାଜିଲେ ଝରକାପଟରୁ ବଡ ବିକଳ ହେଇ ଚାହେଁ ଜିନୁଅପା । ନିରାଶ ହୁଏ । ଅଲଗା ଅଲଗା ଗାଡି ସବୁ ଅଲଗା ରାସ୍ତାରେ ଯାଏ । କୋଳାହଳଶୂନ୍ୟ ଏକଲା ରାସ୍ତାଟେ ଲମ୍ବିଯାଉଥାଏ ଜନୁଅପାର ଆଖିରୁ । ଯେତେ ଦୂରକୁ ଚାହିଁଲେ ବି କେହି ଆସିବା ପରି ଦେଖାଯାଏ ନାହିଁ ସେ ରାସ୍ତାରେ ।

ମୁଣ୍ଡ ଉପରେ ଉଡେ ଚଅଁରଫୁଲ, ମକାଗଛର ପେଟ ଫୁଲେଇ ମକା ବାହାରେ ଗୋଟାଏ କି ଦି'ଟା, ଜିନୁଅପା ବିଲକୁଲ ଯାଇ ଦେଖେନା, ପତ୍ରାଚ୍ଛାଦ ଭିତରେ ଲୁଚିଥିବା ସେଇ କଅଁଳ ମକାକୁ । ଲିଓଟୟ କନିଆ କଣ୍ଢେଇ ମୁଣ୍ଡର ରେଶମୀ କେଶଗୁଚ୍ଛ ପରି ଫୁଲେଇ ମକାର ମଥାମଣିକୁ ।

ଚୁପ୍‌ଚାପ ଅଗଣାରେ କୋଳେଇ ନେଇ କହିଥିଲା ତ ମକାବାବୁ: ନାରୀ କ'ଣ ! ପୁରୁଷ କଣ ! ଅଲଗା ରୂପ କରି ଈଶ୍ୱର ଗଢିଛି ଯାହା; କିନ୍ତୁ ଉଭୟର ମିଳନରେ ହିଁ ସୃଷ୍ଟ ପୂର୍ଣ୍ଣାଙ୍ଗ ରୂପକଳ୍ପ । ତମେ ମହାଦେବଙ୍କ ଅର୍ଦ୍ଧନାରୀଶ୍ୱର ରୂପ କେବେ ଦେଖିଛ ଜିନୁ ? ସେଇଟା ହିଁ ପୂର୍ଣ୍ଣତାର ପ୍ରତୀକ । ମକା ଖାଇବାକୁ ଏତେ ଭଲ ପାଅ; କେବେ ଫଳନ୍ତି ମକାଗଛଟେ ଦେଖିଛ ? ଗୋଟିଏ ଗଛରେ ଉଭୟ ପୁରୁଷ ଓ ନାରୀ । ପୁରୁଷ ତା ଶୌର୍ଯ୍ୟର ଧ୍ୱଜା ଉଡାଏ ଫୁଲ ଚଅଁର କାଢି । ଶୀର୍ଷ ସ୍ଥାନରେ ରହେ । ମାତ୍ର ନାରୀତ୍ୱର ପ୍ରକାଶ ପାଏ ମଝିଗଣ୍ଠିରୁ । ନାରୀ ଥରେ ଆଖିଦୃଶିଆ ହେଲେ ସବୁରି ଆଖି ତା ଉପରେ ପଡେ । ଶୁଆଠୁ ଆରମ୍ଭ କରି କୁଆ ପର୍ଯ୍ୟନ୍ତ, ବିଲୁଆଠୁ ଆରମ୍ଭ କରି ଭାଲୁ ପର୍ଯ୍ୟନ୍ତ ।

ସତକୁ ସତ ଶୁଣିଲା ଜିନୁଅପା, ମଂଚା ବାନ୍ଧିଲେଣି ଗାଁ ଲୋକ, ରାତି ସାରା ନିଆଁହୁଳା ଜାଳି କ୍ଷେତଜଗୁଛନ୍ତି । ମକାବାସବାସରେ ପାହାଡରୁ ଗଡି ଭାଲୁ ଆସିଲେଣି । ଦିନସାରା ଫୁଲ ଉଡା ମକକ୍ଷେତ ଉପରେ ଶୁଆ ଉଡୁଛନ୍ତି । କଅଁଳ ମକାରେ ଥଣ୍ଟ ମାରି ମଞ୍ଜି ତୋଳି ନେଉଛନ୍ତି ଶୁଆ ।

ଭାରି ବୟସ୍କ ଲାଗିଲା ଜିନୁଅପାକୁ । ମକାବାବୁ କଥା ଭାବି ଭାବି ମଥା ଝିମ୍‌ଝିମ୍ ହେଲା, ପାଦ ଦିଇଟା ଲାଗିଲା ଫୁଲିଲା ଫୁଲିଲା । ତୁହାକୁ ତୁହା ବର୍ଷା ହେଲା, କାଉଁଳିଆ ସନ୍ତସନ୍ତିଆ ହେଇ ରହିଲା ପାଗ । ଏମିତି ପାଗକୁ ମକା ଚଅଁରରେ ପୋକ ଲାଗିଲା । ଚଅଁରରୁ ଡେଇଁ କଅଁଳ ମକାମୁଣ୍ଡର ରେଶମୀ ଜୁଡାକୁ ସଂକ୍ରମିତ ହେଲା ଜଉପୋକ ।

ଜିନୁଅପା ଅନୁଭବ କଲା ତା ଦେହସାରା ସେମିତି କଳାକଳା ଜଉପୋକ ଗୁଡାକ ସାଲୁବାଲୁ ହେଉଛନ୍ତି । ଛୋଟ ଗୋଟେ ଜଉପୋକରୁ ବଡରୁ ବଡ, ଆହୁରି ବଡ କରିଦେଲେ ସେ ମକାବାବୁ ପରି ଦିଶିବ ବୋଧେ, ଇସ୍ ! ଆପଣାଛାଏଁ ଆଖି ଦିଇଟା ବନ୍ଦ ହେଇଗଲା ତାର । ବନ୍ଦ ଆଖି ଭିତରୁ ଜାଲଜାଲୁଆ ଅନ୍ଧାର ଦିଶିଲା ଗୋଟାଏ ବିକୃତ ପୁରୁଷ ପଣିଆର ଲମ୍ବାଛାଇ ପରି । କେମିତି ଗୋଟାଏ ବିଚଳିତ ହେଇପଡିଲା ଅପା । ନିଜକଥା ପୁଣି ନିଜକୁ ଗନ୍ଧେଇବା ପରି ମକାବାବୁ ପ୍ରତି ଦୟାରେ ଦରିଦ୍ର ହେଇଗଲା ତା ମନ । ମନ କହୁଥିଲା ଯେମିତି, ମକାବାବୁ ଆସିବ, ନିଶ୍ଚେ ଆସିବ ।

Digitized by srujanika@gmail.com

ଏତିକି ବେଳକୁ ତା ନାକରେ ବାଜିଲା ଅସହଣି ବିଷ ଔଷଧର ଗନ୍ଧ, ଝରକା ଖୋଲି ଦେଖିଲା ଗାଁଟା ସାରା ଲୋକ ସ୍ପ୍ରେ ମେସିନ୍ କାନ୍ଧରେ ପକେଇ ମକାକ୍ଷେତରେ ଔଷଧ ପକାଉଛନ୍ତି । ସାରା ଗାଁର ମକାକ୍ଷେତରେ ବଢ଼ିଯାଇଛି ଜଉପୋକର ପ୍ରାଦୁର୍ଭାବ । ମକାବାବୁ ପାଇଁ ମଧୁରସ୍ମୃତି ଖୋଜିହେଉଥିବା ଜିନୁଅପା ଦେଖିଲା, ଖଟ ତଳେ ତା ବାପା ବି ରଖିଥିଲା ଜଉପୋକମାରୀ ଔଷଧ, ଯାହା ତାଙ୍କ ବାଡି ମକା ପାଇଁ ଦେଇଯାଇଥିଲା ମକାବାବୁ, ନା-ନା; ସେ ଔଷଧତକ ଦେଇ ପାରିବ ନାହିଁ ଜିନୁ । ସେଇତକ ଦେଇଦେଲେ କଣ ଆଉ ତାର ସ୍ମୃତି ହୋଇ ରହିବ । ମକାବାବୁ ସେଇ ଗଲା ଯେ ଗଲା ଆଉ ଆସିଲା ନାହିଁ । ମିଛଟାରେ ଭଣ୍ଡେଇ ଦେଇଗଲା ମକାଗଛ ଫୁଲ ଧରିଲା ବେଳକୁ ଆସିବ । କଂଚା ମକାସବୁ ଭାଂଗି, ନିଆଁରେ ସେକି ଖାଇଦେବା ପରେ ଖାଡି ଓ ଶୁଖିଲା ପତ୍ର ସବୁ ଚୁଲୀର ଜାଳ ହୋଇଯିବ । କଣଟା ଆଉ ରହିବ, ତାକୁ ମନେ ରଖିବା ପାଇଁ ? ବହି ଥାକରୁ କାଢିଲା ମକାବାବୁ ଦେଇଯାଇଥିବା କାଗଜ ଖଣ୍ଡେ ।

ମକାବାବୁ ତା ଠିକଣା ଲେଖା କାଗଜ ଖଣ୍ଡିକ ଦେଇଯିବା ଦିନ ଜିନୁଅପା ଦେଖିଥିଲା, ତା ଆଖିରେ ଥିଲା ଅନେକ ଭାଷାର ବୈଚିତ୍ର୍ୟ, ଆଦରି ଯିବାର ଭାଷା ଓ ଫେରିବାର ପ୍ରତିଶ୍ରୁତି । ଆଗକୁ ଚାହିଁଲେ ବି ପଛକୁ ଫେରି ପାରିବା ପରି, ମହୁମାଛି ଉଡାଣ ତାର, ବାବୁଟା ଯେମିତି ଗୋଟାଏ ବ୍ୟସ୍ତ ମହୁମାଛି !

ଠିକଣା ଲେଖା କାଗଜ ଖଣ୍ଡିକର ଉପର ଶବ୍ଦ କେତୋଟିରେ ଜିନୁଅପାର ଆଖି ଲାଖିଗଲା । ଜହ୍ନିମଞ୍ଜି ପରି ସୁନ୍ଦରିଆ ଅକ୍ଷରରେ ବାବୁ ଲେଖିଥିଲା ତା ନାଁ : ସ୍ମୃତି ରଂଜନ । କେଡେ ମିଠା ନାଁଟି ସତେ ! ସ୍ମୃତି ହୋଇ ରହିବେ ଯେମିତି ଯୁଗ ଯୁଗକୁ । ଜନ୍ମ ଜନ୍ମାନ୍ତରକୁ । ନାଁଟି ଜାଣିବା ପାଇଁ କେତେଥର ଯେ ସେ ଇଚ୍ଛା ନକରିଛି, ସେ କଥା ନୁହେଁ, ମାତ୍ର କାହିଁକି କେଜାଣି ପଚାରି ପାରି ନଥିଲା ।

ଏଇ ସ୍ମୃତି ନାଁଟିକୁ ନେଇ ଜିନୁଅପା କେବେ ଘାରିହୁଏ ନାହିଁ । ସ୍ମୃତି ରଂଜନଙ୍କ ପାଦ ଗାଁରେ ପଡିବ । ଦିନୁ, ଜାମୁଡାଳିଆର ଛୋଟଠୁ ବଡ, ସବୁରି ମୁହଁରେ ପ୍ରିୟ 'ମକାବାବୁ' ଡାକଟା ବି ତାକୁ ଭଲ ଲାଗିଛି ଭାରି । ଅଜଣାତରେ ଯେମିତି ଆପଣାର ହେଇ ପଡିବାର ମଧୁର ଭାବଟେ ତିଆରି କରିଛି ତା ଭିତରେ । ଘରଟା ଭିତରେ ଏପଟ ସେପଟ ହେଉ ହେଉ, ଖାଉ ଖାଉ କି ଡ୍ରେସ୍ ପିନ୍ଧୁ ପିନ୍ଧୁ ବି ଜିନୁଅପାର ମୁହଁରେ ହସ ଫିଟିପଡେ ଛାଁ କୁ ଛାଁ ।

ସେଇ କାଗଜ ଖଣ୍ଡିକ ଦେଇ ପଠେଇଥିଲା ଅପା, ମକାବାବୁ ପାଖକୁ । ସେଇ କାଗଜଟିକୁ ଦେଖି ସବୁ ବୁଝିପାରିବେ ସିଏ । ମିଠା ଜାମୁକୋଳି ଓ ଗରମ ଗରମ ବାମ୍ପ ଉଠା ଚା'ର ସ୍ୱାଦ ତାଙ୍କୁ ପୁଣି ଝପଟେଇ ଆଣିବ ତା ପାଖକୁ । ମାତ୍ର ତମାମ ଦିନର ପ୍ରତୀକ୍ଷା ସଂଜକୁ ମଉଳିଗଲା । ଖବର ପାଇଲା ଜିନୁଅପା ଯେ ମକାବାବୁ ଯା ଭିତରେ ବଦଳି ହୋଇ ଯାଇଛି ଅଲଗା ଜାଗାକୁ ।

Digitized by srujanika@gmail.com

ଥରୁଟେ ବି ଦେଖା ନକରି ମକାବାବୁ ଦୂରେଇଗଲା । ନିଜ ପାଖରେ ନିଜେ ଯେମିତି ଅବିଶ୍ୱସ୍ତ ହେଇ ପଡୁଥିଲା ଅପା । ଝରକା ଖୋଲି ଦେଖିଲା, ଆକାଶରେ ମଳିଚିଆ ଜହ୍ନ । ଝାପ୍‌ସା ଜହ୍ନ ଆଲୁଅରେ ଦିଶିଯାଉଚି ଗାଁ ଚାଷୀଙ୍କ ବିସ୍ତୀର୍ଣ୍ଣ ମକାକିଆରୀ । ବାଡିପଟ ମକାକିଆରୀରୁ ପତ୍ରରେ ପତ୍ର ଘଷି ହେଇ ଖସର ଖସର ଶବ୍ଦ ଶୁଭୁଛି । ଔଷଧ ବାସ୍ନାରେ ଦେହ ଭିତରଟା ଝିମ୍ ଝିମ୍ ହେଇଯାଉଛି ତାର । ଲାଗୁଛି, ପଛରୁ ଯେମିତି ଆସି କିଏ ଜଡେଇ ଧରୁଛି ତାକୁ ! କେଶ ସାଉଁଳୁଛି । ମୁହଁରେ ମୁହଁ ଘଷି ଗେଲ କରୁଛି । ବିସ୍ତୀର୍ଣ୍ଣ ମକା କ୍ଷେତରୁ ଭାସି ଆସୁଥିବା ପବନରେ ବିଷାକ୍ତ ଔଷଧର ବାସ୍ନା ! ଓଃ ! କେତେ ଭଲ ଲାଗିଲା ତାକୁ ସେ ବାସ୍ନା !

ଖଟତଳୁ ପରସ୍ତ ପରସ୍ତ ପଲିଥିନ୍‌ରେ ବାପା ସାଇତି ରଖିଥିବା ବଳକା ଔଷଧତକ ଖୋଲି ଦେଖିଲା । ତା ମାନେ' ତା ବାପା ବି କେତେବେଳେ ତାଙ୍କ ବାଡିମକାରେ ଅଧେ ଔଷଧ ପକେଇ ସାରିଛି । ହଠାତ୍ ମନେ ପଡିଗଲା ତାର, ଗୋଟା ନିରୋଳା ଦ୍ୱିପ୍ରହରେ କେମିତି ସେ ଜୁକିଜୁକି ହେଇ ପଶିଯାଇଥିଲା ବାବୁର କୋଳରେ ।

ମୁହଁରେ କପ୍ ଲଗେଇ ଆଦରରେ ଆଉଁସି ଆଉଁସି ମକାବାବୁ ପେଇ ଦେଇଥିଲା ଗରମ ଚା । ଠିକ୍ ସେମିତି ମିଳନର ଆଦିମ ଅନ୍ତିମ କ୍ଷୁଧା ଅହରହ ଝିଂଗାସୁ ଥିଲା ଜିନୁଅପାକୁ । ମକାବାବୁର ସାନ୍ନିଧ ପାଇଁ ସବୁ ଅଭିମାନ ତୁଟେଇ ଜିନୁଅପା ଧାଇଁଗଲା ତା ପ୍ରିୟ ମକାବାଡିକୁ । ବାସନ ମଜା ଚଉତରା ପାଖରେ ନଇଁ ପଡିଥିବା ଜାମୁଗଛର ଡାଳମାନଙ୍କୁ ତା ସାଧମତେ ଟାଣି ଝିଙ୍କି ଭାଂଗିଦେଲା । ମକା ବାଡିରେ ପଶି ଗୋଛା ଗୋଛା ମକାଗଛକୁ କୁଣ୍ଢେଇଧରି ଗେଲ କରୁଥିଲା ମନଇଛା ।

ରାତି କେତେ କେଜାଣି ହେଇଗଲାଣି ସେତେବେଳକୁ । ଗୋଟେ ବଣୁଆ ଜନ୍ତୁ ପରି ରାତିଅଧଟାରେ ମକାକ୍ଷେତକୁ ଘାଣ୍ଟୁଛି ଅପା । ଗୋଟା ଗୋଟା କଂଚା ମକା ଭାଂଗି ଦାନ୍ତୋଉଛି ଓ ପୁଣି ଥୁ' କରି ଦେଉଛି । ହଠାତ୍ ବଢିଗଲା ତା ଦେହର ତାତି । ଟାଁସିଆ ମକାପତ୍ରମାନ ବାଜି ତା ହାତ ମୁହଁ ସବୁ ଚିରିହେଇଯାଉଥାଏ ଯେମିତି ।

ରାତି ଘଡିକରେ ମକାବାଡିରୁ ଏ ଦୁର୍‌ଦାର୍ ଖସର ଖସର ଶବ୍ଦ ଶୁଣି ନିଆଁ ହୁଳାଟେ ଧରି ଧାଇଁ ଗଲା ତା ବାପା । ଚେତାଶୂନ୍ୟ ହୋଇ ଜିନୁଅପା ଏମିତି ପଡିଥିବାର ଦେଖି ଛାନିଆ ହେଇଗଲା । ଟେକିଟେକି ଆଣିଲା ଘର ଅଗଣାକୁ । ପାଣି ଛାଟି ସାଷ୍ଟାଙ୍ଗ କରେଇଲା ତାକୁ । ସେଦିନ ସାରାରାତି ସେଇ ଅଗଣାରେ ବହଳ ନିଦରେ ଶୋଇପଡିଲା ଜିନୁଅପା ।

ସକାଳ ହେଲା, ତାଙ୍କ ମକାବାଡିକୁ ଚାହିଁଲା । ଝଡରେ ଭାଂଗିରୁଜି ଯିବା ପରି ଖଣ୍ଡେ ପରେ ଖଣ୍ଡେ ଜାମୁଡାଳ ଖସି ପଡୁଥିଲା ବାଡି ଭିତରେ । ଦଳି ଚକଟି ହେଇ ଅଧାଜମି ମକାଗଛ ଭାଂଗି ପଡିଥିଲା । ଫେଁକିନା ଅପା ହସିଦେଲା । ବିଷ ଖାଇ ବି ସେ ମରିପାରିଲା ନାହିଁ । ବିଷ ଔଷଧ ବି କାମ କରିଲା ନାହିଁ ଗାଁ ବାଲାଙ୍କ କ୍ଷେତରେ । ମକାବାବୁ ଆଉ ଭଲ ଔଷଧ ନେଇ ଆସିଲା ନାହିଁ । ଏମିତି ଅଧାପନ୍ତରିଆ ହେଇ

Digitized by srujanika@gmail.com

ରହିଗଲା ସରକାରୀ ବାବୁଙ୍କ କାମ । ଜଉପୋକର ପ୍ରାବଲ୍ୟରେ ସାରା ଜାମୁଡାଳିଆର ମକାକ୍ଷେତ ଉଜୁଡିଗଲା ।

ଜିନୁଅପା ଭାବିଥିଲା ବିଷ ଖାଇ ସେ ପାସୋରିଯିବ ମକାବାବୁକୁ । ଉପକାରୀ ସଂବାଳୁଆଟେ ପରି ସେ ବିଷ, ତା ଦେହରୁ ପ୍ରେମ ପ୍ରଣୟ ଓ ବିରହର ଜଉପୋକ ମାନଙ୍କୁ ଖାଇ ଶେଷ କରିଦେବ । ମାତ୍ର ସେତକ ହୋଇ ପାରିଲା ନାହିଁ । ଏତିକି ନିଶ୍ଚିତ ହେଲା ଅପା ଯେ, ଦିନକୁ ଦିନ ସେ ଜ୍ୱଳନର ଜଉପୋକ ବସା ବାଂଧି ରହିବ ତା ଭିତରେ ।

ଜିନୁଅପା ଭାବିଥିଲା ବିଷ ଖାଇ ସେ ଭୁଲିଯିବ ମକାବାବୁକୁ । ସହଜରେ ଭୁଲିପାରିଲେ ସିନା ନିସ୍ତାର ମିଳିବ ଏମିତି ଝୁରିହେବାର ଯନ୍ତ୍ରଣାରୁ ? ମକାବାବୁର ଭଲପାଇବାରେ ପ୍ରେମବିହୀନ ଅବିଳତା ଅନୁଭବ କରିବାପରେ ବି ସେ ଘୃଣା କରିପାରିନଥିଲା ତାକୁ । ଘୃଣା କରିବାକୁ ଆରମ୍ଭ କରିବା ମାତ୍ରେ ଦ୍ୱିଗୁଣିତ ହେଉଥିଲା ତାର ଭଲପାଇବା । ସେ ଜାଣୁଥିଲା ବି, ଭଲପାଇବା ଗୋଟାଏ କଳା, ହେଲେ ଘୃଣା କରିବା ଏକ ନିଷ୍ଠୁର ଆଚରଣ । କିନ୍ତୁ ଗାଁରେ ବାଣ୍ଟି ଦେଇଯାଇଥିବା ବିଷ ଗୁଡାକ ବି ବିଷ ନୁହେଁ, ଭେଜାଲ ଜାଣିବା ପରେ; ପ୍ରକୃତ ଘୃଣା ବଢିଥିଲା ତା ଭିତରେ । ଇଚ୍ଛା କରି ବି ମରି ନପାରିବାର ଦୁଃଖ, ବିରହ ବେଦନାଠୁ ବଳି ଯନ୍ତ୍ରଣାଦାୟକ ହେଲା ତା ପାଇଁ । ଇଚ୍ଛା ହେଲା ତାର, ବିଷ ବିଷ କହି ବଡ ପାଟିଟାଏ ଡିଲେଇ ଦେବାକୁ; ଠିକ୍ ତା ଜେଜେ ବାପାଙ୍କ ପରି ।

■■■

Digitized by srujanika@gmail.com

ଅନ୍ଧପିତା

ହଠାତ୍ ଦିନେ ବାପା ଅନ୍ଧ ହୋଇଗଲେ । ବାପାଙ୍କ ଏତାଦୃଶ ଶୋଚନୀୟ ଅବସ୍ଥା ହେବା ପୂର୍ବରୁ କୌଣସି ଲକ୍ଷଣ ଅବା ସୂଚନା ମିଳି ନ ଥିଲା, ବାପାଙ୍କ ଆଖି ଦୁଇଟିର ଦୁଃଖଦ ପରିଣତି ବୋଧ ହେଲା ପରିବାରର ସବୁ ସଦସ୍ୟମାନଙ୍କ ପାଇଁ । ମମି ଲୁହ ଝରେଇଲା । ତାଙ୍କର ପୁଅଝିଅମାନେ ଅନେକ କାନ୍ଦିଲେ । ବାପାଙ୍କର ଏକ ଛୋଟିଆ ସଂସାର । ସାନପୁଅ ବିକାଶ ଓ ସୁଲେଖା । ଉଭୟ କଲେଜ ଯାଉଛନ୍ତି । ବଡ଼ ପୁଅ ବିଜୟ । ରାଜ୍ୟ ବାହାରେ କେଉଁ ଗୋଟା କଲେଜରେ ଡୋନେସନ୍ ଦେଇ ମେଡିକାଲ ପଢୁଛି । ଘରକୁ ଆସିନାହିଁ ଢେରଦିନ ହେଲା କିମ୍ବା ବାପାଙ୍କ ସମ୍ବନ୍ଧରେ କୌଣସି ସମ୍ବାଦ ପାଇନାହିଁ ।

ବାପାଙ୍କ ବିଷୟରେ ଖବର ପାଇ ଜମା ହେଇ ପଡ଼ିଲେ କିଛି ଗାଁ ଲୋକ, ଦୁଃଖାଭିଭୂତ ହୋଇଗଲେ ସମସ୍ତେ । ଚାରିଦିଗରୁ ସବୁକଥାକୁ ବିଚାର କରି ଯିଏ ପରିବାରର ଲଗାମ ଧରିଥିଲା; ସିଏ ଆଜି ଅନ୍ଧ । ଘରର ମୁଖିଆ ହେଇ କିଛି ବି କିଛି ଦେଖି ପାରୁ ନାହାନ୍ତି ।

ବାପା କିନ୍ତୁ ଏସବୁ କିଛି ସହିପାରୁ ନଥିଲେ, ତାଙ୍କର ଯାହା ହେଲା ହେଲା ଏତେ ଲୋକ କାହିଁକି ଆସିବେ ତାଙ୍କ ଘରକୁ ? ସିଏ କାହାରି ଦୟାର ପାତ୍ର ହେବାକୁ ଚାହୁଁ ନଥିଲେ । ସବୁଠୁ ଆଶ୍ଚର୍ଯ୍ୟ କଥା ଯେ ଅନ୍ଧ ହେଇଗଲା ପରେ ବାପାଙ୍କ ମୁଖମଣ୍ଡଳ ଖୁବ ଉଜ୍ଜ୍ୱଳ ଓ ଦୀପ୍ତିମନ୍ତ ଦିଶୁଥିଲା । ବାପାଙ୍କ ଚାଲିଚଳନ, ଖିଆପିଆ, ଗାଧୁଆପାଧୁଆ ଆଦି ନିତ୍ୟକର୍ମ ଠିକ୍ ପୂର୍ବବତ୍ ଚାଲୁରହିଥିଲା । ମାତ୍ର ବାପାଙ୍କ ଚାରିପଟରେ ଭିଡ ଓ ଲୋକ ଗହଳି ତାଙ୍କୁ ଅପ୍ରସ୍ତୁତ ଓ ଚିଡା କରେଇ ଦେଲା । ଗେଟ୍ ଆଉଟ୍, ନନସେନ୍ସ, ଇଡିଏଟ୍ କହି ବାପା ଗାଳି କଲେ ସେଇ ଲୋକମାନଙ୍କୁ ।

ବାପାଙ୍କ ଠାରୁ ଏ ପ୍ରକାର ଭର୍ତ୍ସନା ଶୁଣି ଫେରି ଯାଉଥିଲେ ଲୋକମାନେ । ସାଇ ପଡିଶାମାନଙ୍କୁ ଏତେ ବେଶି ଆଦର ଓ ଶ୍ରଦ୍ଧା କରୁଥିବା ବାପା ଯେ କାହିଁକି ଏମିତି ଚିଡିଚିଡା ପ୍ରକୃତିର ହୋଇଗଲେ, କିଛି ବୁଝା ପଡୁନଥିଲା । ସହଧର୍ମିଣୀ ଆଉ କଲେଜ ପଢୁଆ ପୁଅଝିଅମାନେ କିନ୍ତୁ ବାପାଙ୍କୁ ସମର୍ଥନ ଜଣାଉଥିଲେ । ପୁଅଝିଅ ଦୁହିଁଙ୍କୁ ଡାକି ମମି କହୁଥିଲେ: ଦେଖ ବାପାଙ୍କ ଏପରି ଅବସ୍ଥାରେ ତୁମେମାନେ ତାଙ୍କୁ ବିରକ୍ତ କରନାହିଁ । ବାପାଙ୍କ ଉପରେ ଏତେ ବେଶି ନିର୍ଭରଶୀଳ ହୁଅନାହିଁ । ଏଥର ଯାହା ଯେତେବେଳେ କରିବ ସବୁ ମତେ ପଚାରି କର ।

Digitized by srujanika@gmail.com

ଇତ୍ୟବସରେ ଝିଅର କେହି ଜଣେ ବୟଫ୍ରେଣ୍ଡ ଆସି ଗେଟ୍ ପାଖରେ ମଟର ସାଇକେଲଟାକୁ ରଖି ପେଁ ପେଁ ହର୍ଣ୍ଣ ବଜାଇଲା । ମମି ତାକୁ ହାତ ଠାରି ଡାକିଲେ ଓ ଆସିବା ପାଇଁ ଘରର ପଛପଟ କବାଟ ଖୋଲି ଦେଲେ । ମିଲିଟାରୀ କଟ୍ ଚୁଟୀକାଟି, ଆଖିରେ କାର୍ବନ ଫ୍ରେମର ଚଷମା ଓ ଦାମୀ ପରଫ୍ୟୁମ୍ ଲଗାଇ ବୟଫ୍ରେଣ୍ଡ ଜଣକ ଖୁବ୍ ବାସୁଥିଲେ । ମାମି ବାରିପଟ କବାଟ ପାଖରୁ ତାଙ୍କୁ ପାଛୋଟି ଆଣିଲେ ଏବଂ ତାଙ୍କ ସାର୍ଟର ଉପର ବଟମଟା ଲଗେଇ ଦେଇ କହିଲେ, ଏଇ ବଟମଟା ଦେଇ ଦେଲେ ହିଁ ତୁମକୁ ଭଲ ମାନେ ।

ରୋଷେଇ ଘରେ ହାତରେ ଚା' କରି ପିଉଥିବା ବାପାଙ୍କୁ ବଡ଼ ଶ୍ରଦ୍ଧାରେ ଧରି ସୁଲେଖା, ଡ୍ରଇଂ ରୁମରେ ନେଇ ବସେଇ ଟିଭିଟା ଲଗେଇ ଦେଲା । ବାପା ଟିଭି ସାମ୍ନାରେ ବସି ବଜେଟ୍ ଅଧିବେଶନର ସିଧା ପ୍ରସାରଣ ଦେଖୁଥିଲେ । ବାପାଙ୍କ ବିଷୟରେ ସବୁଠାରୁ ବଡ କଥା ହେଲା ଯେ ଅନ୍ଧ ହେଇଯିବା ପରେ ମଧ୍ୟ ବାପାଙ୍କର ଟିଭି ନିଶା କମି ନଥିଲା । ବଜେଟ୍‌ରୁ ଆରମ୍ଭ କରି ବିଜ୍ଞାପନ ପର୍ଯ୍ୟନ୍ତ, ସମାଚାରଠୁ ଆରମ୍ଭ କରି ସବୁ ସିରିଏଲ୍ ପର୍ଯ୍ୟନ୍ତ ବାପା ଦେଖନ୍ତି । ଟିଭିର ସିନେମା କାର୍ଯ୍ୟକ୍ରମ ଭିତରେ ବାରମ୍ବାର ନାମୀ ଦାମୀ କମ୍ପାନୀମାନଙ୍କର ବିଜ୍ଞାପନ ଗହଳି ମଧ୍ୟ ବାପାଙ୍କୁ ଆନନ୍ଦ ଦେଇଥାଏ ।

ପୁରୁଣା ଫ୍ରିଜ୍‌ଟେ ବିକି ଦେଇ ବାପା ନୂଆ ଫ୍ରିଜ୍‌ଟେ କିଣିଛନ୍ତି ଏଇ ଟିଭିର ବିଜ୍ଞାପନ ଦେଖି । ଏହି ଫ୍ରିଜ୍‌ଟା କିଣିବାରୁ ଗୋଟାଏ ଗ୍ରାଇଣ୍ଡର ମଧ୍ୟ ଫ୍ରିରେ ମିଳିଛି । ଏମିତି ଏବେ ବହୁତ ଜିନିଷ ମିଳୁଛି, ହେଲେ ଟିଭି ନ ଦେଖିବା ଲୋକ ସେଗୁଡା କଣ କିଣିପାରିବ ଏଇ ଯେମିତି ଟାଇଟେ କିଣିଲେ ଡଟ ପେନ୍‌ଟେ, ପରଫ୍ୟୁମ୍‌ଟେ କିଣିଲେ, ସାବୁନଟେ, ଲୁଙ୍ଗିଟେ କିଣିଲେ ଟାଓ୍ୱେଲଟେ ଫ୍ରି ଆଉ ଧୂପକାଠିଟେ କିଣିଲେ ଚାମଚଟେ ବି ଫ୍ରି ।

ନୂଆ କରି କିଣିଥିବା ସେଇ ଫ୍ରିଜ୍ ଭିତରୁ ମମି ମିଠା ପୁଡିଆଟା ବାହାର କରି ଝିଅ ସୁଲେଖାର ବୟଫ୍ରେଣ୍ଡକୁ ଦୁଇଟା ମିଠା ଖୋଇଦେଲେ ଓ ରୁମାଲଟେ ଦେଲେ ହାତ ମୁହଁ ପୋଛି ହେବାକୁ । ଏକାବେଳେ ଫ୍ରିଜ୍ ଭିତରେ ଏତେଗୁଡାଏ ମିଠା ଥିବା ଦେଖି ଆଶ୍ଚର୍ଯ୍ୟ ହେଇ ଚାହିଁବାରୁ ସୁଲେଖା ତା ବୟଫ୍ରେଣ୍ଡକୁ ବୁଝେଇ ଦେଲା, ଏମିତି କଣ ଦେଖୁଛ, ଆମର ଏମିତି ଦଶଟା କି କୋଡିଏଟା ମିଠା କିଣାଯାଏନି । ତା ବ୍ୟତୀତ ଲାଭଟା ବା କଣ । ଦୋକାନରୁ ଏକାଥରେ କେଜିଏ ମିଠା କିଣିବାରୁ ଏଇ ରୁମାଲଟା ଫ୍ରିରେ ମିଳିଲା, ଏକଥା ଶୁଣି ସୁଲେଖାର ବୟଫ୍ରେଣ୍ଡ ହସିଲା ଓ ସୁଲେଖା ମୁହଁକୁ ଚାହିଁ ଚାହିଁ ଗଣ୍ଡାଏ ଛ'ଟା ଖଣ୍ଡ ମିଠା ଖାଇଦେଲା ।

ସୁଲେଖା ଡ୍ରେସ ଅପ ହେଲା । ଗୋଟାଏ ୟୁ କଟ୍ ସ୍ଲିଭ୍‌ଲେସ ଡ୍ରେସ ପିନ୍ଧିଲା । କିଛିଦିନ ପୂର୍ବରୁ ସୁଲେଖା ବିୟୁଟି ପାର୍ଲର ଯାଇ ଓ୍ୱାନ୍ ମାଇଦ୍ କଟ୍ କରି ଆସିଥିଲା । ଟୁପିସ୍ ଡ୍ରେସ ପିନ୍ଧି ହାଇହିଲ ଲଗାଇଲା । ସୁଲେଖାର ଫ୍ରେଣ୍ଡ ଓ ମମି; ଉଭୟ ମିଶି ସୁଲେଖା ପାଇଁ ଡ୍ରେସିଂ ସେଟ୍‌ରୁ ଗୋଟାଏ ହାଲକା ରଂଗର ଲିପ୍‌ଷ୍ଟିକ୍ ଚଏସ କଲେ । ସେଇ ଲିପ୍‌ଷ୍ଟିକ୍ ଲଗେଇ ସୁଲେଖା ଗାଲରେ ରୋଜ ପାଉଡର ଦେଲା ପରେ ଖୁବ୍ ରୋମାଣ୍ଟିକ୍ ଦିଶିଲା ।

ଡ୍ରଇଂ ରୁମ ପଟେ ସୁଲେଖା ଓ ବାରିପଟେ ତା'ର ବୟଫ୍ରେଣ୍ଡ ଘରୁ ବାହାରି ଗଲେ । ବାପା ଟିଭି ଦେଖୁଥିଲେ । ପାର୍ଲିଆମେଣ୍ଟ ଅଧିବେଶନର ବ୍ରେକରେ ପ୍ୟାରିସରେ

Digitized by srujanika@gmail.com

ହେଉଥିବା ଏକ ଫେସନ ପ୍ୟାରେଡର କିଛି ଅଂଶ ଟିଭିରେ ପ୍ରଦର୍ଶିତ ହେଉଥିଲା । ବାପାଙ୍କ ଆଖିକୁ କିଛି ଦିଶୁନଥିଲେ ବି ମୁହଁ ଦିଶୁଥିଲା ହସ ହସ ।

ବାପା କିନ୍ତୁ ଆଗରୁ ଏମିତି ନଥିଲେ । ଭାରି ରକ୍ଷଣଶୀଳ ଥିଲେ ବାପା । ଘର ଭିତରଟାରେ ଢୋଟା ପିନ୍ଧି ଏପଟ ସେପଟ ହେଲେ ମଧ୍ୟ ବାପା ବିରକ୍ତ ହେଉଥିଲେ । ହାଇସ୍କୁଲରେ ପଢ଼ିବା ବେଳେ, ସୁଲେଖା କେଉଁ ଡ୍ରେସ ପିନ୍ଧି କେମିତି ଭାବରେ ସ୍କୁଲ ଯାଉଛି, ଆଗେ ତନ୍ନ ତନ୍ନ କରି ଦେଖୁଥିଲେ । ଶାଳୀନତାର ସମଗ୍ର ଆବରଣ ଭିତରେ ଉଭୟ ସୁଲେଖା ଓ ସୁଲେଖାର ମମିକୁ ସଯତ୍ନ ବର୍ଦ୍ଧିତ କରିଥିଲେ । ବିବାହ ପରେ ମମିଙ୍କର ଡ୍ରେସ ଓ ମ୍ୟାକ୍ସି ଆଦି ପିନ୍ଧିବାକୁ ବାପା ପସନ୍ଦ କରୁନଥିଲେ । କିନ୍ତୁ ହଠାତ୍ ବାପା ବଦଳିଗଲେ । ଝିଅ ତାର ବୟଫ୍ରେଣ୍ଡ ସହିତ ପାର୍କକୁ ଗଲେ ବି, ବାପାଙ୍କ ପଚାରିବାରେ; ଝିଅ ଶାଢ଼ି ପିନ୍ଧି ମନ୍ଦିରକୁ ଭୋଗ ନେଇ ଯାଇଛି ବୋଲି କୁହାଗଲା । ବାପା ସ୍ମିତ ହସି, ଶିବ ବନ୍ଦନା ଭାସି ଆସୁଥିବା ଟିଭି ପରଦା ଆଡକୁ ଚାହିଁ ମହାଦେବଙ୍କ ଉଦ୍ଦେଶ୍ୟରେ ପ୍ରଣାମ ଜଣାଇଲେ ।

ସାନପୁଅ ବିକାଶ ସକାଳ ଆଠଟାରୁ କୁଆଡ଼େ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଖେଳି ଯାଇଛି ଯେ ରାତି ଆଠଟା ପର୍ଯ୍ୟନ୍ତ ବି ଫେରିନାହିଁ । ବାପା, ବିକାଶ କାହିଁ ଗଲା ବୋଲି ପଚାରିବାରୁ; ଟୁର୍ଣ୍ଣାମେଣ୍ଟରୁ ଫେରି ସାଙ୍ଗମାନଙ୍କ ସହିତ ଭୋଜି ଖାଇବାକୁ ଯାଇଛି ବୋଲି ମମି କହିଲେ । ବାପାଙ୍କର ବିରକ୍ତ ଓ ଚିଡ୍ ଚିଡ୍ ହେବାର ପ୍ରାକ୍ ସୂଚନା ପାଇ ଅଳ୍ପ ସମୟ ପୂର୍ବରୁ ପାର୍କରୁ ଫେରିଥିବା ସୁଲେଖା, ବାପାଙ୍କ ହାତ ଧରି ନେଇ ଡ୍ରଇଂ ରୁମରେ ବସେଇ ଟିଭିଟା ଅନ୍ କରିଦେଲା ।

ଟିଭିରେ ଠିକ୍ ସେତିକି ବେଳକୁ ୱାସିଂ ମେସିନ୍‌ର ବିଜ୍ଞାପନ । ବାପା ଆଖିତରାଟି ଚାହୁଁଥାନ୍ତି ଟିଭି ପରଦାକୁ । ଧନ୍ୟ କହିବ ବାପାଙ୍କ ଆଖିକୁ । କେତେଟା ଦିନ ତଳେ ବାପାଙ୍କ କରେଣ୍ଟ ଆକାଉଣ୍ଟକୁ କପର୍ଦ୍ଦକହୀନ କରି, କାନ୍ଦି କାନ୍ଦି ମମି ଅନ୍ଧ ବାପାଙ୍କ ଠାରୁ ତାଙ୍କ ଚେକ୍ ବୁକରେ ଦସ୍ତଖତ କରାଇ ଏଇ ୱାସିଂ ମ୍ୟାସିନଟା କିଣି ଆଣିଥିଲେ । ବାପା ୱାସିଂ ମେସିନ କିଣିବାର ଯଥେଷ୍ଟ ଆବଶ୍ୟକତା ଉପଲବ୍ଧି କରୁନଥିଲେ ମଧ୍ୟ ରିହାତି ଦରରେ ମିଳୁଥିବା ୱାସିଂ ମେସିନ ସାଙ୍ଗକୁ ଓଭନ୍‌ଟେ ଫ୍ରିରେ ମିଳୁଥିବାର ଯୁକ୍ତିରେ ମମି ସେଦିନ ଜୟଯୁକ୍ତ ହୋଇ ୱାସିଂ ମେସିନ୍‌ଟା କିଣି ଆଣିଥିଲେ ।

ମାତ୍ର ଗୋଟାଏ ଦିନ ପିନ୍ଧିଥିବା ଡ୍ରେସଟାକୁ ନେଇ ସୁଲେଖା ୱାସିଂ ମେସିନରେ ସଫା କରିବାରେ ଲାଗି ପଡିଲା । ବାପା ୱାସିଂ ମେସିନ୍‌ଟା ଚାଲୁଥିବାର ଜାଣିପାରି ତାଙ୍କ ଧୋତି ଓ ପଞ୍ଜାବୀଟାକୁ ସଫା କରିବାକୁ କହିଲେ । କେବେଠୁ ସଫା ହେଇନଥିବା ବାପାଙ୍କ ମଇଳା କୋଟଟେ ପଞ୍ଜାବୀଟୀକୁ ନେଇ ବାପାଙ୍କ ଆଖି ଆଗରେ ହଲେଇ ଦେଇ ଗେହ୍ଲେଇ ହେଇ, ବାପା ତମର ଡ୍ରେସଟା ସଫା ଅଛି; ଏବେ ସଫା କରିବା ଆବଶ୍ୟକ ନାହିଁ ବୋଲି ସୁଲେଖା କହିଲା ।

ସୁଲେଖାର କଥା ଶୁଣି ବାପା ମୁହଁଟାକୁ କିମିତିଆଟା କରି ପକାଇଲେ । କଣ ଭାବୁଥିଲେ କେଜାଣି, କିନ୍ତୁ ବାପାଙ୍କ ମୁହଁଟା ହସିବା ପରି ଦିଶୁଥିଲା ।

ରାତି ଦଶଟା ପରେ ଫେରିଲା ବିକାଶ । ବାପା ଡ୍ରଇଂ ରୁମରେ ବସି ଟିଭି ଦେଖୁଥିଲେ । ବାପା କବାଟ ଖୋଲିଲେ । ବିକାଶ ଘର ଭିତରକୁ ଗଲା । ତା ପାଟିରୁ

Digitized by srujanika@gmail.com

ଭକ୍ ଭକ୍ ମଦଗନ୍ଧ ବାହାରୁଥିଲା । ସୁଲେଖା ଓ ମମି ସେ ଗନ୍ଧ ବେଶ୍ ବାରି ପାରିଥିଲେ ମଧ୍ୟ ବାପା ତାଙ୍କୁ କିଛି କହିଲେ ନାହିଁ । ବାପା କିଛି ବାସ୍ନା ବାରି ପାରି ନାହାନ୍ତି ଭାବି; ବାପାଙ୍କୁ ଥଣ୍ଡା ଧରିଛି କି ବୋଲି ବିକାଶ ତା ମମିକୁ ପଚାରିଲା । ମମି ବିକାଶକୁ କିଛି ନକହି ବାପା ବସିଥିବା ଘରର ସ୍କ୍ରିନ ଓ ଝରକାରେ ରୁମ୍ ସ୍ପ୍ରେ ଟିକେ ପକେଇ ଦେଲେ । ମଦଗନ୍ଧକୁ ମମି ତାଙ୍କ ପଣତ ଆଢୁଆଳରେ ଲୁଚେଇ ଦେଲେ । ମଦଗଂଧ ଉକୁଟି ଉଠୁଥିବା ଘର ଭିତରଟା ସାରା ଏବେ ମହ ମହ ସୁଗନ୍ଧି ।

ଟିଭି ଦେଖୁ ଦେଖୁ ବାପା, ମମିଙ୍କ ଉଦ୍ଦେଶ୍ୟରେ ଠାକୁରଙ୍କ ପାଖରେ ଭଲ ଧୂପଟେ ଲଗେଇଛ ବୋଲି ପଚାରିଲେ । ବିଲକୁଲ ଠାକୁର ପୂଜାର ସମୟ ନ ଥିବା ରାତି ଦଶଟା ବେଳେ ମମି ନିର୍ଲଜ ଭାବେ ଠାକୁର ଘରୁ ଧୂପ ବାସୁଛି ବୋଲି କହିଲା । ବାପା ହସିଲେ । ଟିଭି ଦେଖିଲେ ।

ଟିଭି ଆଡକୁ ମୁହଁ କରି କରି ବାପାଙ୍କ ବେକ ଦରଜ ହେଇ ଯାଇଥିବାରୁ, ଟିକେ ବେକ ଚିପିଦେବା ପାଇଁ ମମିଙ୍କୁ ଡାକିଲେ । ମମି ଭୀଷଣ ବିରକ୍ତ ହୋଇ, ଦିନସାରା ଖଟି ଖଟି ତାର ଆଉ ସେବା କରିବାକୁ ସମୟ ନାହିଁ ବୋଲି କହିଲା । ବାପାଙ୍କୁ ଅକର୍ମା ଲୋକଟେ କହି ଗାଳିକଲା । ଗଣ୍ଡାଏ ପେନ୍‌ସନ୍ ଆଣିବା, ବଜାରରୁ ପରିବା କିଣିବା ଓ ଟିଭି ଦେଖିବା ବ୍ୟତୀତ ଆଉ କିଛି କାମ କରୁନାହାନ୍ତି ବୋଲି ଦୋଷ ରୋପ କଲା ।

ବାପା ନୀରବିଗଲେ । ଘର ଭିତରେ ମମି ଚିତ୍କାର କଲେ, ବାପା ଏମିତି ତୁନୀ ପଡିଯାଆନ୍ତି । ବାପାଙ୍କ ବେକଦରଜକୁ ଉପଶମ କରିବାକୁ ଯାଇ ସୁଲେଖା, ବାପାଙ୍କ ବେକ ଚିପି ଦେଉ ଦେଉ କହିଲା, "ବାପା, କାଲି ଟଙ୍କା ଦେବ ତ । ଟିଭିରେ ଯେଉଁ ନୂଆ ଡିଜାଇନର ହିଲଜୋତା ଦେଖାଇଛି ସେଇଥିରୁ ମୋର ଓ ବିକାଶର ଗୋଟାଏ ଜିନ୍ ପ୍ୟାଣ୍ଟ କିଣା ହେବ ।"

ବାପାଙ୍କ ପାଟିରୁ କଥା ନବାହାରୁଣୁ ମମି ତାକୁ ଆଖିଠାରି ଡାକିଲେ । ବାପାଙ୍କ ଅର୍ଜିତ ପେନସନ ଗଣ୍ଡାକ ମମିଙ୍କ ପର୍ସରେ ଥିବାର ଜାଣିପାରି ଆଉ କୌଣସି କଥାରେ ବାପାଙ୍କୁ ଅନୁରୋଧ କରିବାକୁ ଆବଶ୍ୟକତା ନାହିଁ ଜାଣିପାରି ଶାନ୍ତିରେ ନିଃଶ୍ୱାସ ନେଲା । ପରଦିନ ମାର୍କେଟରୁ ସୁଲେଖାର ହାଇହିଲ୍ ଓ ବିକାଶର ଜିନ୍‌ସ କିଣାଗଲା । ନିଜ ପାଇଁ କିଛି କିଣୁନଥିବା ମମିକୁ ଷ୍ଟେପ୍ କଟ ହେୟାରଷ୍ଟାଇଲ ଭଲ ମାନିବ କହି ସୁଲେଖା ବିୟୁଟି ପାର୍ଲର ନେଇ ମମିଙ୍କୁ ଅପ୍‌ଟୁଡେଟ୍ କରାଉଥିଲା । ମାର୍କେଟରୁ ଫେରିଲେ ସେମାନେ ଢେର ବିଳମ୍ବରେ ଏବଂ ସେଯାବତ୍ ସଙ୍କୋଚ ଜଗୁଆଳଟେ ପରି ବାପା ଘର ଜଗିଥିଲେ ।

ହଠାତ୍ ଘରର ଦୈନନ୍ଦିନ ଚଳଣି ଭିତରେ ଗୋଟାଏ ଦୁର୍ଘଟଣା ଘଟିଗଲା ଏବଂ ସେଇଦିନ ହିଁ ଜମା ହେଇପଡିଥିଲେ ସବୁ ସାଇ ପଡିଶାର ଲୋକ, ଯାହାଙ୍କୁ କି ବାପା ଜମା ସହି ପାରୁନଥିଲେ । ଘଟଣାଟା ଥିଲା ଏଇଆ ଯେ ସୁଲେଖା ତା ବୟଫ୍ରେଣ୍ଡ ସହିତ ପାର୍କକୁ ଯାଇ ଆଉ ସେଦିନ ଫେରିଲା ନାହିଁ । ସେଇ ହ୍ୟାଣ୍ଡସମ ବେରୋଜଗାରିଆ ଟୋକାଟା ସହିତ ପ୍ରଥମେ ମନ୍ଦିରରେ ଓ ପରେ ପରେ କୋର୍ଟ

Digitized by srujanika@gmail.com

ମ୍ୟାରେଜ୍ କରିଗଲା ସୁଲେଖା । ଘରୁ ଗୋଡ କାଢ଼ିଲା ବେଳେ ସୁଲେଖା ତା ମମିର ସବୁ ଗହଣାପତ୍ର ଓ କିଛି ଦାମୀଦାମୀ ଶାଢ଼ି ଲୁଚେଇ ନେଇ ଯାଇଥିଲା । ବାପାଙ୍କ ପାଦ ତଳେ ପଡ଼ି ମୁଣ୍ଡ ବାଡେଇ କାନ୍ଦିଲା ମମି । ତମେ ଯେତେଶୀଘ୍ର ଯାଇ ପୋଲିସରେ ଖବର ଦିଅ ବୋଲି କହିଲା ।

ମମି କଥାକୁ ବାପା ଶୁଣିଲେ ନାହିଁ । ଡ୍ରଇଂ ରୁମରେ ବସିଲେ ଓ ଟିଭି ଦେଖିଲେ । ବାପା ହସିଲେ ଓ କହିଲେ, "ଟିଭି ସିରିଏଲ୍ ମାନଙ୍କରେ ଏସବୁ ତ ଗୋଟାଏ ସାଧାରଣ ଘଟଣା, ଏଥିରେ ମୁଣ୍ଡ ବାଡେଇ କାନ୍ଦିବାର କଣ ଅଛି ।"

ତୁଣ୍ଡବାଇଦ ସହସ୍ର କୋଶ ବ୍ୟାପିଗଲା । ପରଦା ଅନ୍ତରାଳରେ ରହିବା ପରି ଏପର୍ଯ୍ୟନ୍ତ ଦୃଶ୍ୟପଟ୍ଟକୁ ଆସି ନଥିବା ଏବଂ ବିଦେଶରେ ରହି ପଢୁଥିବା ବଡ଼ପୁଅ ବିଜୟ ପାଖରେ ଏ ଖବର ପହଞ୍ଚିଲା । ଦୁଃଖରେ ମ୍ରିୟମାଣ ହୋଇ ସେ ଘରକୁ ଆସିଲା । ଢେର ଦିନ ହେଲା ବିଜୟ ଘରକୁ ଆସି ନଥିଲା । ସୁଲେଖାର ଘର ଛାଡ଼ି ଚାଲିଯିବାରେ ସେ ଯେତିକି ଦୁଃଖ ପାଇନଥିଲା, ବାପାଙ୍କ ଅନ୍ଧତ୍ୱ ତାକୁ ସେତେବେଶି ବ୍ୟଥିତ କରିଥିଲା । କିନ୍ତୁ ବାପା ତାଙ୍କୁ ଏସବୁ ବିଷୟ କାହିଁକି ଜଣାଉ ନଥିଲେ ସେ କିଛି ଭାବି ପାରିଲା ନାହିଁ । ଗୋଟେ ସାଧାରଣଭାବେ ମଧ୍ୟବିତ୍ତ ପରିବାରର ଚେହେରା ତଥା ଘରଦ୍ୱାର ସଜାସଜିରେ ଏ ମହାଡମ୍ବର ଦେଖି ନିଜଘର ଅଚିହ୍ନା ଲାଗୁଥିଲା ତାକୁ । ଷ୍ଟେପ୍‌କଟ୍ ହେୟାର ଷ୍ଟାଇଲ କରି ଗୋଟାଏ ଫାଙ୍କିଲ ପ୍ଲସ ଥ୍ରି ଝିଅ ପରି ଦିଶୁଥିଲା ମମି । ତାକୁ ମମି ବୋଲି ଡାକିବାକୁ ଘୃଣା ବୋଧ ହେଲା ତାର । ନମ୍ବର ଓ୍ୱାନ ଫାଡ଼ା ପାଲଟି ଯାଇଥିଲା ସାନଭାଇ ବିକାଶ ।

ବାଲାନ୍‌ସ ଶୂନ ହେଇଯାଇଥିବା ବାପାଙ୍କର ସବୁ ପାସ୍‌ବୁକ ଖେଳେଇ ଦେଖିଲା ବିଜୟ ଓ ଘର ଭିତରେ ଯାବତୀୟ ଆସବାବପତ୍ରର ଗହଳି ଭିତରେ ସେ ଆକ୍ତାମାକ୍ତା ହେଇ ପଡ଼ିଲା ଯେମିତି । ବାପା ଚୁପଚାପ ଥିଲେ । ହସୁଥିଲେ । ଖୁବ ନିର୍ଲଜ ସେ ହସ । ମମି କାନ୍ଦୁଥିଲେ ଲୁହ ଗଡେଇ । କାଠଗଡାରେ ଛିଡା ହେଇଥିବା ଦୋଷକାରୀଟେ ପରି ମମି ତଳକୁ ମଥା ପୋତିଥିଲେ । ବିଜୟ ଚୁପ ରହିଲା ଦୁଇ ଚାରିଦିନ । ତାପରେ ଦିନେ ସକାଳୁ ହଠାତ୍ ଡ୍ରଇଂରୁମର ବଡ ସାଇଜର କଲର ଟିଭିଟାକୁ ଟେକି ଟେକି ନେଇ ଘର ଅଗଣାରେ ଛେଚି ଭାଙ୍ଗିଦେଲା ବିଜୟ । ଚମକିପଡ଼ି ଛାତିରେ ଛେପ ପକାଇଲା ମମି । ସକାଳ ନଅଟା ପର୍ଯ୍ୟନ୍ତ ଶୋଇପଡୁଥିବା ସାନଭାଇ ବିକାଶର ନିଦ ଭାଙ୍ଗିଗଲା ଓ ସେ ତା ପଢ଼ା ଟେବୁଲ ପାଖକୁ ଦୌଡ଼ିଗଲା ତତ୍‌କ୍ଷଣାତ୍ ।

ଭୂମିକମ୍ପର ଭୟାବହତା ସୃଷ୍ଟି କରିଥିବା ସେ ଭୟଙ୍କର ଆବାଜରେ ବାପାଙ୍କ ଆଖି ଖୋଲିଗଲା ! ଆଖି ଫେରି ପାଇଲେ ବାପା ! ହଠାତ କହିଲେ, "ମତେ ସବୁ ଦିଶୁଛିରେ ବିଜୟ, ସବୁ ଦିଶୁଚି ଖୁବ୍ ପରିଷ୍କାର ।" ଏତକ କହୁ କହୁ ବାପା କାନ୍ଦିଲେ, ଅସହାୟ ବାପା ଆଉଜି ପଡୁଥିଲେ ବିଜୟର ଛାତିରେ । କାନ୍ଦୁଥିଲେ ବାପା । ଅବୋଧ ଶିଶୁ ପରି କଇଁ କଇଁ ସେ କାନ୍ଦ ।

■■■

Digitized by srujanika@gmail.com

ନଈବଢ଼ିର ଦୃଶ୍ୟ

ଝିପିରି ଝିପିରି ମେଘ ହେଲେ ଭିଜିଯାଏ ନଈ । ଭିଜି ଭିଜି ଫୁଲେ । ଫୁଲି ଫୁଲି ଅତଡ଼ା ଖାଏ । ଅତଡ଼ା ଖାଏ ଏ କୂଳରୁ ପୁଣି ସେ କୂଳରୁ । ମାଇନର ପାସ କରି ନୂଆ ନୂଆ ହାଇସ୍କୁଲ ଯାଉଥିବା ଅଷ୍ଟମ ଶ୍ରେଣୀ ଝିଅଟେ ପରି ନଈ ଲାଜ ଲାଜ ହୁଏ । ଏମିତି ବର୍ଷାରେ ଫୁଲେଇ ହୁଏ ନଈ ତ, ପୁଣି ବର୍ଷା ଛାଡ଼ିଗଲେ ଲାଜେଇ ଯାଏ । ଆଷାଢ଼ ଯାଏ । ଆସେ ଧାରା ଶ୍ରାବଣ । ଶ୍ରାବଣରେ ଛେଚା ବର୍ଷା ହୁଏ । ନଈ ଗୋଳିଆ ହୋଇଯାଏ, ନଈର ବୟସ ବଢ଼ିଯାଏ ହଠାତ୍ । ଅଷ୍ଟମ ଶ୍ରେଣୀ ଝିଅର ବି । ଅଷ୍ଟମ ଶ୍ରେଣୀ ଝିଅ ବି ଲାଗୁଥାଏ ଗୋଟାଏ ଶାଖା ନଦୀ ପରି ।

ନଈ ଆରପାରିରୁ ସେ ଝିଅ ଘାଟ ପାରି ହେଇ ଆସେ । ତାକୁ ଦେଖିଲେ ନଈ ନଈ ଲାଗେ । ତା ଦେହ ନଈ ପରି । ତା ନାଁ ବି । ଗୋଳିଆ ନଈର ଛୋଟ ଛୋଟ ଲହଡ଼ି ପରି ତା ବେଣୀ ଦୋହଲୁଥାଏ । ଟେକାଟିଏ ଫିଙ୍ଗିଦେଲେ ଚହଲି ଯାଉଥିବା ତରଙ୍ଗଟେ ପରି ହସିଦିଏ ନଈ ନାଁର ଝିଅଟି । ହସି ଦେଉଥାଏ ତ, ତା ପାଲିସ କରା ଗାଲରେ ତିଆରି ହେଉଯାଉଥାଏ ଓଦା ଓଦା ଭଉଁରିଟିଏ ।

ସେପାରିରୁ ପାରି ହେଇ ଝିଅଟିଏ ଏପାରିକୁ ଆସେ । ସେପାରି ଗାଁ ସ୍କୁଲରେ ମାଇନର ପାସ କରି ଏପାରିର ସରକାରୀ ବିଦ୍ୟାଳୟରେ ଅଷ୍ଟମରେ ନାଁ ଲେଖାଏ । ନୂଆ ନାଁ ଲେଖିଥାଏ ବୋଲି ତାକୁ ଆଖି ତରାଟି ଚାହୁଁଥାନ୍ତି ସବୁ ପୁଅ ପିଲା । ତା ନାଁରେ କଥା ହୁଅନ୍ତି । ଶ୍ରେଣୀରେ ଛିଡ଼ା ହେଇ ସାର୍‌ଙ୍କୁ ପ୍ରଶ୍ନ ପଚାରେ ବୋଲି, ସବୁ ସାର୍ ତାକୁ ଭଲ ପାଆନ୍ତି । ସାର୍‌ଙ୍କୁ ଏତେ'ବେଶି ପ୍ରଶ୍ନ ପଚାରେ ବୋଲି ବିରକ୍ତ ହୁଅନ୍ତି ସବୁ ପୁଅମାନେ । ଟୋକୀ ଖଣ୍ଡକ ବେଶି ଛଟିକି ହେଉଛି ବୋଲି କଥାବାର୍ତ୍ତା ହୁଅନ୍ତି ତା ନାଁରେ ।

ନୂଆ ନୂଆ ନାଁ ଲେଖାବେଳକୁ ଝିପିରି ଝିପିରି ମେଘ ହେଉଥାଏ ତ କ୍ଲାସ ଆରମ୍ଭ ହେଲା ବେଳକୁ ବର୍ଷୁଥାଏ ମୂଷଳ ଧାରାରେ । ଏତେ ବେଶି ବର୍ଷାରେ ନଈ ସେପାରି ଝିଅ ତିନ୍ତିବୁଡି ଆସେ । ବଢ଼ି ଆସେ ନଈରେ । ଠିକ୍ କ୍ଲାସ ଆରମ୍ଭ ବେଳକୁ ଓଡ଼ିଆ ସାର୍ ଲେଖିବାକୁ ଦିଅନ୍ତି ରଚନା 'ନଈବଢ଼ିର ଦୃଶ୍ୟ' ।

ନଈବଢ଼ିର ଦୃଶ୍ୟ ସବୁଠୁ ଭଲ ଲେଖିଥାଏ ନଈ ସେପାରି ଝିଅ । ସାର୍ ତାକୁ ପ୍ରଶଂସା କରନ୍ତି । ତାର ଏତେ ବେଶି ପ୍ରଶଂସାରେ ରାଗିଯାଏ ତାଙ୍କ କ୍ଲାସର ସୂରଯ ବୋଲି ପିଲାଟେ ।

Digitized by srujanika@gmail.com

ତା ପରଦିନ ସୂରଯ ଆସେ । ନଈ ସେପାରି ଝିଅକୁ ପଛରୁ 'ନଈ' 'ନଈ' ବୋଲି ଡାକେ । ପଛକୁ ବୁଲି ଝିଅଟା ତା ନାଁ ନଈ ନୁହେଁ ବୋଲି କୁହେ । ନଈ ନୁହେଁ ତ ଆଉ କଣ ବୋଲି ଜାଣିବାକୁ ଚାହିଁଲେ ଝିଅଟା ତା ନାଁ ବିରୂପା ବୋଲି କହେ । ବିରୂପା ବୋଲି କହେତ, ଝିଅଟା ହସେ । ହସି ହସି ସୂରଜ କହେ, ବିରୂପା କଣ ଗୋଟାଏ ନଈ ନୁହେଁ !

ବିରୂପା କେମିତି ଏତେ ଭଲ ରଚନା ଲେଖିଲା ବୋଲି ପଚାରିବସେ ସୂରଯ । ତମେ ଏଇ ସ୍କୁଲରେ ଫାଷ୍ଟ ହୁଅନା ? ତମେ ଫାଷ୍ଟ ହୁଅ ବୋଲି ଆଉ କଣ କାହାକୁ ଭଲ ରଚନା ଲେଖିବା ମନା ?

ବିରୂପା କଥାରେ କଷ୍ଟ ପାଏ ସୂରଯ । ତା ମନର କଷ୍ଟ ତା ମୁହଁରେ ଦିଶିଯାଏ । ସେ ଖାସ୍ ସେଇଥିପାଇଁ ବିରୂପାକୁ ଡାକି ନଥିଲା ବୋଲି ସଫେଇ ଦିଏ । ସଂଭ୍ରମରେ ଲାଲ ଦିଶୁଥାଏ ସୂରଯର ମୁହଁ । ବିରୂପା ମୁହଁ ଉଠେଇ ଚାହେଁ ତା ମୁହଁକୁ । ମାଇଚିଆଟେ ପରି ହଠାତ୍ କାନ୍ଦ କାନ୍ଦ ହେଇଯାଇଥିବା ସୁରଯର ମୁହଁକୁ ନିଜ ହାତ ପାପୁଲିରେ ଆଉଁସି ଦିଏ ବିରୂପା ।

ଆସ୍ତେ ଆସ୍ତେ ନଈ ହୁଏ ଅଗଭୀର । ନଈ ଯେତେ ପୁରୁଣା ହୁଏ, ସେତେ ଚିହ୍ନା ଚିହ୍ନା ଲାଗେ । ନଈ ନାଁର ଝିଅ ଅଷ୍ଟମରୁ ଯାଇ ନବମରେ, ପୁଣି ନବମରୁ ଯାଇ ଦଶମରେ ପଢେ ।

ସୂରଯର ଯେବେ ବି ସାମନା ସାମନି ହୁଏ, ଲାଜେଇ ଯାଏ ବିରୂପା । ନଈର ଚୁନା ଚୁନା ଢେଉ ପରି ନିଜ ଭିତରେ କେମିତି ଗୋଟାଏ ଛନ୍ଦି ହେଇ ହେଇ ଚାଲେ ବିରୂପା । ସ୍ମିତ ହସ ଲହଡ଼ି ତୋଳୁଥାଏ ତା ଓଠ ଧାରରେ । ସୂରଯ ଭାବେ ବିରୂପା କୂଳକୁ ଦିନେ ଯିବ । ଚୁପଚାପ ବସି ଗଣିବ ତାର ଢେଉ । ହଠାତ୍ ଦିନେ ବିରୂପାରେ ବନ୍ୟା ଆସିବ । ଯୌବନରେ ଛଳ ଛଳ ହେବ ତାର ଦେହ ମନ । ନଈ ବଢିର ଦୃଶ୍ୟରେ ଆତ୍ମହରା ହେବ ସୂରଯ । ଭଲ ଭାବରେ ଅନୁଭବିବ ନଈକୁ ତ, ତାପରେ ଯାଇ ଲେଖିବ ପ୍ରବନ୍ଧ 'ନଈବଢିର ଦୃଶ୍ୟ' । ସେ ଦିନର ପ୍ରବନ୍ଧ ହେବ ଶ୍ରେଷ୍ଠ ପ୍ରବନ୍ଧ ଆଉ ବଡ ପାଟିରେ ଡାକିବ ସୂରଯ, "ଏ ନଈ ସେପାରି ଝିଅ; ଦେଖିବ ଆସ, ମୁଁ ଲେଖିଛି 'ନଈବଢିର ଦୃଶ୍ୟ'....."

ବିରୂପା ସହିତ କେତେଥର ନଈକୂଳକୁ ଯାଇଛି ସୂରଯ । ବିରୂପା ବେଳାର ଚୁନିଚୁନି ବାଲିରେ ଛନ୍ଦି ହେଇ ପଡିଛି ତାର ଗୋଡ । ସୂରଯ ଆଗରେ କହିଛି ବିରୂପା, ତାଙ୍କ ଗାଁର କାହାଣୀ । କହିଛି ବିରୂପାର ଇତିହାସ । ବନ୍ୟା ଆସିଲେ ବିରୂପାର ଛାତି କେମିତି ଫୁଲିଯାଏ । କେମିତି ତାର ଦୁଇ କୂଳ ଖାଇ ପାଣି ମାଡିଯାଏ ଗାଁ ଭିତରକୁ । ବୁଢୀ ଜାଗୁଳେଇ ମନ୍ଦିର ଭିତରେ ପାଣି ପଶିଗଲେ ଲୋକଙ୍କ ମନରେ ଛନକା ପଶେ ।

ବିରୂପା ଛୋଟ ହେଇଥିଲା ବେଳେ ଥରେ ଭୀଷଣ ବଢି ଆସିଥିଲା । ଜାଗୁଳାଇ ମନ୍ଦିରରେ ପାଣି ପଶିଗଲା ଯେମିତି, ଗାଁର ଲୋକମାନେ ଖୋଳ କରତାଳ ଧରି ନାମ କୀର୍ତ୍ତନ କଲେ । ନଡ଼ିଆ ବାଡେଇଲେ ଠାକୁରାଣୀଙ୍କ ପାଖରେ । ହେଲେ ସେଥର

Digitized by srujanika@gmail.com

ପାଣି ଆଉ କମିଲା ନାହିଁ । ଉଚ୍ଚା ଉଚ୍ଚା ଘର ଭିଅ ପର୍ଯ୍ୟନ୍ତ ପାଣି ମାଡ଼ି ଆସିଲା । ସୁବିଧା ଅସୁବିଧାରେ ଲୋକ ଏ ପାଖ ସେପାଖ ହେବା ପାଇଁ କଦଳୀଭେଳା ତିଆରି କଲେ । ବଡ ବଡ ମଂଚା ବାନ୍ଧି ତାରି ଉପରେ ବସି ରହିଲେ । ଖାଇବାକୁ ନପାଇ ବିକଳରେ ହମ୍ବାରଡ଼ି ଛାଡୁଥାଆନ୍ତି ଗାଈଗୋରୁ ସବୁ । ସେମାନଙ୍କୁ ଆଉ ବେଶି ସମୟ ଅଟକେଇ ରଖିହେଲା ନାହିଁ । ଆଖି ଆଗରେ ସୁଅ ମୁହଁରେ ଭାସି ଯାଉଥାଆନ୍ତି ଗାଈ ବଳଦ ସବୁ । ବୁଢା ବୁଢୀ ଲୋକସବୁ ପ୍ରାଣ ବିକଳରେ ରଡ଼ି ଛାଡୁଥାଆନ୍ତି ।

ନଈବଢି କଥା ଶୁଣି ସୂରଯକୁ ଭୂତଗପ ଶୁଣିବା ପରି ଲାଗୁଥାଏ । ଭୟରେ ସୂରଯ କୁଣ୍ଢେଇ ପକେଇଲା ବିରୂପାକୁ । ଏକ ନିଃଶ୍ୱାସରେ ବିରୂପା ଗପି ଚାଲିଥାଏ ସେ ମର୍ମନ୍ତୁଦ ଦୃଶ୍ୟ । ବଢି ଛାଡ଼ିବା ପରିବର୍ତ୍ତେ କିପରି ଗୋଳିଆ ପାଣିର ବଡବଡ ଲହଡ଼ି ଧକ୍‌କାରେ ତାଙ୍କ ଛାତି ଥରି ଉଠିଛି । ବିରୂପା ସେମିତି ଗପି ଚାଲିଥାଏ; ସିଏ କେମିତି ଜାକିଜୁକି ହେଇ ପଶିଥାଏ ତା ମା କୋଳରେ; ତା ବାପା ଟାଣୁଆ ନଡିଆ କତା ରସିରେ ଟାଣ କରି ବାନ୍ଧୁଥାନ୍ତି ଘରର ଆଟୁ ବାଉଁଶକୁ । ଗୋଟାଏ ହାତରେ ବିରୂପାକୁ ଧରି ଆର ହାତକୁ ମୁଣ୍ଡରେ ମାରି ‘ହେ ଭଗବାନ, ରକ୍ଷା କର ରକ୍ଷା କର’ ବୋଲି ଚିତ୍କାର କରୁଥାଏ ବିରୂପାର ମା । ଏହି ସମୟରେ ଉପୁଡ଼ି ଯାଇଥିବା ବିରାଟ ବରଗଛର ଗଣ୍ଡି ଭାସି ଭାସି ଆସୁଥିଲା ତାଙ୍କରି ଘର ସିଧା । ମଂଚା ଉପରୁ ପାଣିକୁ ଡେଇଁ ପହଁରି ପହଁରି ଯାଇ ତା ବାପା ଦିଗ ବଦଳେଇ ଦେଲେ ସେଇ ଗଛଟାର । ନଚେତ୍ ସେଇଟା ଧକ୍‌କା ଖାଇଥିଲେ ବିରୂପାର ଘର ଭାଂଗିଯାଇଥାନ୍ତା ! ତା କିଛି ସମୟ ପୂର୍ବରୁ ଯେମିତି କାନ୍ଥ ପଡ଼ି ଭାସିଭାସି ଗଲା ବିଶ୍ୱାଳ ସାହିର ଚାରିବଖରା ଘର । ନ ଦେଖିବା ଲୋକ ବୁଝି ବି ପାରିବ ନାହିଁ ସେଇ ଭାସି ଯାଉଥିବା ଘର ଉପରେ ବସି କି ଉହଳ ବିକଳ ହେଉ ଥାଆନ୍ତି ଛୁଆ ପିଲା ଆଉ ସ୍ତ୍ରୀ ଲୋକଗୁଡ଼ାକ ।

ବିରୂପା ପାଟିରେ ହାତ ଦେଇ ତା କଥା ବନ୍ଦ କରିଦେଲା ସୂରଯ- ଥାଉ ବିରୂପା, ସେତିକି ଥାଉ; ମୋ ଦେହଟା କାହିଁକି ଥରୁଚି ।

ଆରେ, ପୁଅ ପିଲାଟା, ଏତେ ଡରୁଛ କଣ ମ୍ ! ତା’ପର ଦିନ ରାତିରେ କଣ ହେଲା ଜାଣିଛ ନା- ଆମେ ସବୁ ରାତିରେ ଠାକୁରଙ୍କୁ ଡାକି ଯିଏ ଯେମିତି ଶୋଇଗଲୁ । ବାପାଙ୍କ ଆଖିରେ କିନ୍ତୁ ନିଦ ନଥାଏ । ହଠାତ୍ ରାତି ଅଧରେ ବାପା ଆମକୁ ସବୁ ଡାକି ଉଠେଇଲେ । ବାପାଙ୍କ ମୁହଁରେ ହସ ଦେଖି ଆମେ ତଳକୁ ଚାହିଁଲା ବେଳକୁ ପାଣି ହାତେ ଛାଡ଼ି ଗଲାଣି । ଆଉ ବଢି ଛାଡ଼ିଗଲା ପରେ....

ସେତିକିରୁ କଥା ଛଡ଼େଇ ସୂରଯ କହିଲା- ରୁହ ରୁହ ତାପରେ କଣ ହେଇଥିବ ମୁଁ କହି ଦେଉଛି । ତୁମ ଗାଁ ଉପରେ ଗୋଟାଏ ହେଲିକାପ୍ଟର ଉଡି ଉଡି ଖାଲି ରିଲିଫ ବାଣ୍ଟିଥିବ । ଆମ ସହରର ସବୁ ଲୋକ ତମ ଗାଁରେ ଯାଇ ଚୁଡା ଚାଉଳ ଆଉ ଲୁଗାପଟା ବାଣ୍ଟିଥିବେ ।

ସୂରଯର କଥାର ଚାତୁରୀରେ ସେଦିନ ଖୁବ ହସିଥିଲା ବିରୂପା ।

Digitized by srujanika@gmail.com

ବିରୂପା ଆଉ ସୂରଯ କଲେଜରେ ପଢିଲେ । ସେଦିନ ବିରୂପାର ଗୋଳିଆ ପାଣିରେ ଢେଉ ଖେଳୁଥିବା ଫେନିଳ ସ୍ନେହର ବଂଧନ ଏବେ ପ୍ରେମର ନଈବଢି ସୃଷ୍ଟି କଲାଣି । ବିରୂପା ନଈର ଧାର, ବାଲିର କୋମଳ ପ୍ରଶସ୍ତ ଶଯ୍ୟାକୁ ଛୁଇଁ କାଶତଣ୍ଡୀ ନାଚୁଛି । ନଈଧାରରେ ବସିଛନ୍ତି ସେମାନେ । ପରସ୍ପର ବେଶ୍ ନିକଟତର । ନଈ ଏପାରିର ମନରେ ସେପାରିର ଜହ୍ନକୁ ଭିଡ଼ି ଧରିବାର କୋମଳ ଆବେଗ ଚେଇଁ ଉଠୁଥିଲା । ବାସନାର ନଈ ବଢି ଯେମିତି ସ୍ନାୟୁର ସହରରେ ମାଡି ଯାଉଥିଲା । ଏତେ ବେଶି ବନ୍ୟା ଆସୁଥିଲା ବିରୂପା ଦେହରେ ଯେ ଡରି ଯାଉଥିଲା ସୂରଯ । ଭାସି ଯିବାର ଭୟ ଘାରୁଥିଲା ତାକୁ । ସହରରୁ ଆସୁଥିବା ଚୁଡା ଚାଉଳ ରିଲିଫ ଖାଇବା ଅପେକ୍ଷା କଣ ଭାସିଯିବା ଭଲ ନୁହେଁ ! ଏମିତି ବିରୂପା କଥାର ଚାତୁରୀରେ ଆତ୍ମହରା ହେଲା ସୂରଯ । ହାତ ପାʼନ୍ତାରେ ନଈ । ସବୁ ପାଣି ଗୋଟା ପୁଣି ତାର । ଶୋଷେଇ ଯାଉନଥିଲା ଜମା । ଆଖି ପୂରେଇ ଦେଖୁଥିଲା ନଈକୁ; ଯେମିତି ନଈଠୁ ବଳି ଆଉ କିଛି ସୁନ୍ଦର ଜିନିଷ ନାହିଁ ଏ ପୃଥିବୀରେ ।

ସେଇ ବିରୂପା, ବିରୂପା ନଈ ଆଉ କାଶତଣ୍ଡୀର ଉତ୍ତାଳ ଲହରୀକୁ ତିନିବର୍ଷ ହେଲା ଛାଡି ଆସିଲାଣି ସୂରଯ । କଣ କରୁଥିବ ଏବେ ବିରୂପା ? ବି.ଏ. ପଢୁଥିବ କି ବିରୂପା ଓଡ଼ିଆ ଅନର୍ସ ନେଇ ? ଅଷ୍ଟମ ଶ୍ରେଣୀର ନଈବଢିର ଦୃଶ୍ୟ ପ୍ରବନ୍ଧ ନ ଲେଖି ଏବେ ମାନସିଂଙ୍କ 'ମହାନଦୀରେ ଜ୍ୟୋତ୍ସ୍ନାବିହାର' ଉପରେ ହୁଏତ ତାତ୍ତ୍ୱିକ ନିବନ୍ଧ ଲେଖୁଥିବ । ବିରୂପା କଥା ତାର ଆଜି ଏତେ ବେଶି ମନେ ପଡୁଛି କାହିଁକି ?

ଖବର କାଗଜରେ ବାହାରିଛି ବ୍ରାହ୍ମଣୀ, ବିରୂପା ଓ ମହାନଦୀର ଅନ୍ୟାନ୍ୟ ଶାଖାନଦୀରେ ପ୍ରଳୟଙ୍କରୀ ବନ୍ୟା । ଲକ୍ଷ ଲକ୍ଷ ଲୋକ ପାଣି ଘେରରେ । ଅନେକ ଦିନ ତଳେ ବିରୂପା ଗୋଟାଏ ଚିଠି ଦେଇଥିଲା । ନଈକୁ ସୂରଯ ଏତେ ଭଲପାଏ ବୋଲି, ଚିଠି ଲେଖିଲେ ବିରୂପା, ଅଧେ ଖାଲି ନଈର କଥା ଲେଖେ । ବନ୍ୟା ଆସିଲେ ତାକୁ ଯେତିକି ଡର ନମାଡେ, ଅଳ୍ପ ଦିନରେ ମାନେ, ଦିନେ ଦିଦିନରେ ଯଦି ବଢି ଛାଡିଯାଏ, ତା ହେଲେ ମଜ୍ଜା ଚାଲିଯାଏ । ସତରେ ବିରୂପା କି ସ୍ମାର୍ଟ ଝିଅ ! ବିରୂପା ଆହୁଲା ମାରି ଜାଣେ । ବିରୂପା ନଈ ପହଁରି ଜାଣେ । ବିରୂପା ଯେଉଁଦିନ ଶୁଣିଥିଲା ସୂରଜ ସୁଇମିଂ ଶିଖିନି ବୋଲି ସେଦିନ ହସି ହସି ଏମିତି ବେଦମ ହେଲା ଯେ, ଅପାରଗତାର ଅପମାନରେ ଷାଣ୍ଢ ପାଲଟି ଗଲା ସୂରଯ । କ୍ଷମା ମାଗି ବିରୂପା ଆଗେ କଥା ନ କହିବା ପର୍ଯ୍ୟନ୍ତ ଜମା କଥା କହିଲା ନାହିଁ ।

ବିରୂପାର ଚିନ୍ତାରେ ଆଉଟପାଉଟ ହେଲା ତାର ମନ । ଏଇ ବର୍ଷଟା ପରେ ହୁଏତ ବିରୂପା ସହିତ ତାର ବାʼ ଘର । ଶାଢ଼ି ପିନ୍ଧି ଓଢଣୀ ଟାଣିଲେ କେମିତି ଦିଶିବ ତାର ମୁହଁ । କେମିତି ଏତେ ଜଣାଶୁଣା ପରେ ବି ଓଢଣୀ ଟେକିଲା ବେଳକୁ ଆଖି ବନ୍ଦ କରିଥିବ ବିରୂପା । ଆଗପଛେ ଓଠ ଫିଟି ହସ ବାହାରିବ; ହେଲେ ଆଖି ଫିଟୁ ନଥିବ । ଆଖିରେ ଆଖି ମିଶିଗଲେ କୁଆଡ଼େ ଭାରି ଲାଜ ମାଡ଼େ ।

Digitized by srujanika@gmail.com

ଦୀର୍ଘ ତିନିବର୍ଷ ପରେ ଆଜି ବିରୂପାକୁ ଦେଖିବା ପାଇଁ ଯାଉଛି ସୂରଯ । ଗଲା ମାସର ବନ୍ୟା ପରେ ତାଙ୍କ ଗାଁ ବିପର୍ଯ୍ୟସ୍ତ ଦିଶୁଥିବ । ଗାଁର ପତ୍ର ଫୁଲ ଲତା ଡାଳରେ ପଟୁମାଟିର ଗନ୍ଧ ସାଙ୍ଗକୁ ବିରୂପାର ସୁରମ୍ୟ ଢଳଢଳ ତନୁରେ ଅଭିସାରର ବାସ୍ନା ଲହଡି ଖେଳୁଥିବ । ସୂରଜକୁ ଦେଖି ଜୋରରେ କୁଣ୍ଢେଇ ପକେଇବ ବିରୂପା । ଜମା ବି ଛାଡିବନି । ପାଟିକରି କହିବ- କିଏ ଦେଖିବ; ଦେଖୁ; ମୁଁ କଣ ତମର ନୁହେଁ କି ?

ନିଜ ଅଲକ୍ଷ୍ୟରେ ବିରୂପାର ଘର ପାଖରେ ପହଞ୍ଚି ଯାଇଥିଲା ସୂରଜ । ନିଜ ଆଖିକୁ ବିଶ୍ୱାସ କରି ପାରୁନଥିଲା । ଭାଂଗି ଯାଇଥିଲା ବିରୂପାର ଘର । ଖୁବ୍ ବେଶି ଶୂନ୍‌ଶାନ୍ ଲାଗିଲା ତାକୁ । ଚାରିଆଡକୁ ଚାହିଁଲା ଗୋଟାଏ ଖୋଜିଲା ଖୋଜିଲା ଆଖିରେ । କିଛି ଦୂରରେ ଗୋଟାଏ ଭଙ୍ଗା ଘର ପାଖରେ ଠିଆ ହେଇଥିଲେ କିଛି ଲୋକ । ବିରୂପା କଥା ପଚାରୁ ପଚାରୁ ସେମାନେ କହି ପକେଇଲେ,- ଆଜ୍ଞା ଯେତେବେଳେ ଉତ୍ତର ପଟୁ ସୁଅ ଛୁଟିଲା, ସେତେବେଳେ କାନ୍ଥ ପଡି ତାଙ୍କ ଘର ଭାଙ୍ଗିଗଲା । ସବୁ କିଏ କୁଆଡେ ଭାସିଗଲା ପରେ ବି, ପହଁରି ପହଁରି ପାଖ ବରଗଛ ପାଖକୁ ଯାଉଥିଲା ତାଙ୍କ କଲେଜ ପଢୁଆ ଝିଅ । ହେଲେ ସୁଅ ଠେଲୁଥାଏ ତ ଉତ୍ତର ପଟୁ, କେତେ ପହଁରିବ ଝିଅ ପିଲାଟା ! ଏତିକି ବେଳକୁ ଗୋଟା ନୂଆଣିଆ ଚାଳଘର ଭିତରୁ ବାହାରି ଆସିଲା ଆଉଗୋଟାଏ ଲୋକ । କଥା ଛଡ଼େଇ କହିଲା- ନାଇଁ ଆଜ୍ଞା ସେ ଝିଅ ମରିନାହିଁ, ବଂଚିଛି । ପହଁରି ପହଁରି ନୟାନ୍ତ ହେଇପଡିଲା ବେଳେ ଗୋଟାଏ ବରଗଛର ଡାଳ ଧରି ଲଟକି ଯାଇଥିଲା । କେଉଟ ସାହିର ସେ ଡଙ୍ଗାବାହୀ ଘାଟିଆ ଟୋକା ମଦନା ପହଁରି ପହଁରି ଯାଇ ତାକୁ ପାଣିରୁ ଛାଣି ଆଣିଛି । ଦରମଲା ଅବସ୍ଥାରେ ପାଣିରୁ ଛାଣି ଆଣିବାପରେ ମଦନା ମା ଚୂଲୀ ନିଆଁରେ ସେକି ତାକୁ ସାଷ୍ଟାଙ୍ଗ କଲା । ଠିକ୍ ସେ' ଜାଣିନୁ ଆଜ୍ଞା, ଲୋକ ଯାହା କଥା ହେଉଛନ୍ତି । ଗାଁ ଜାଗୁଲେଇ ପାଖରେ ମାଳା ବଦଳେଇ ମଦନା ମାଝୀକୁ ବା' ହେଇ ସେଇ କେଉଟ ଘରେ ବୋହୂ ହେଇ ରହିଛି ଝିଅଟା । କିନ୍ତୁ ମଦନା କେଉଟ ଆଜ୍ଞା ! ଛୋଟ ଜାତିର ଲୋକ, ଆଉ ପାଠ ଦିଅକ୍ଷର ନ ଜାଣିଲେ କଣ ହେଲା ନଈ ପହଁରିବାରେ ଓସ୍ତାଦ ।

ନଈ ପହଁରିବାରେ ଓସ୍ତାଦ ! ନଈ ପହଁରିବାରେ ଓସ୍ତାଦ ! ଏଇ କଥାଟା ସୂରଯର କାନରେ ବାରମ୍ବାର ବାଜି ତାକୁ ନପୁଂସକ କରି ଦେଉଥିଲା ଯେମିତି । ନଈ ବାଲିରେ ବିରୂପା ଦେହକୁ ଲାଗି ବସି ବସି ସେ କଟେଇଥିବା ଅନେକ ସଂଧ୍ୟା । ବେଶ୍ ଗୋଟାଏ ତମସାଚ୍ଛନ୍ନ ରାତିର କଳା ପରଦାରେ ତା ମୁହଁକୁ ଢାଙ୍କି ପକାଉଥିଲା । ତାର ମନେ ପଡୁଥିଲା ସେଇ ନଈପରି ଝିଅଟା କେତେଥର ହସି ହସି ବେଦମ ହେଇ ଯାଇଚି, ଯେତେବେଳେ ଶୁଣିଛି ସୂରଜ ପହଁରା ଶିଖିନି ବୋଲି ।

ଘାଟ ପାରି ହେଇ ଫେରିବ ବୋଲି ପଛକୁ ପାଦ ବଢେଇଲା ସୂରଯ । ଲୋକଙ୍କ ମୁହଁରୁ ଯାହା ଶୁଣି ଆସିଥିଲା, ନଈ କୂଳର ସେ ଉଚା ଘରଟା ମଦନା କେଉଟର । ସେଇମିତି ଗୋଟାଏ ଘର ବି ଦେଖିଲା । ସେଇ ଘରପାଖ ଡିହ ହେବାରୁ ଟିକେ ଧୀରେ ଧୀରେ ବାଟ ଚାଲିଲା । ଆଡ଼କୁ ସାଡ଼କୁ ଚାହିଁଲା । ନଈ ମୁହାଣିଆ ହେଇ

Digitized by srujanika@gmail.com

ଗୋଟାଏ ଯେଉଁ କାଠର ଝରକା; ସିଏ ବନ୍ଦ ଅଛି । ପିଣ୍ଡା ତଳକୁ ଯେଉଁ ଗୋଟାଏ ସଜନା ଗଛ, ତା ଗଣ୍ଡି ଓ ଡାଳପତ୍ର ସାରା ପଟୁ ମାଡି ଯାଇଛି । ଭାବୁଥିଲା ସୂରଯ ସେଇ ଉଚ୍ଚା ପିଣ୍ଡାକୁ ଉଠି ଶୋଷିଲା ବାଟୋଇଟେ ପରି ପାଣି ମୁନ୍ଦାଏ ମାଗିବକି ଆଉ ପିଇବାକୁ ? କୂଳଭୂଆଷୁଣୀ ନୂଆ ବୋହୂଟିଏ ସ୍ୱଚ୍ଛ ବିରୂପା ଜଳର ପାତ୍ରଟିଏ ବଢେଇ ଦିଅନ୍ତା ତା ହାତକୁ । ପିଇବା ପୂର୍ବରୁ ପାଣି, ତା ପେଟ ପୂରି ଯାଉଥାଆନ୍ତା, ତା ଶୋଷ ମେଣ୍ଟି ଯାଆନ୍ତା । ହେଲେ ସେ କିଛି ବି କରିପାରିଲାନି । ସବୁ କଣ କରିହୁଏ, ଯାହା ସବୁ ଭାବି ହେଇଯାଏ ? ଶ୍ରଦ୍ଧାରେ ଧରି ଖେଳୁଥିବା ବେଲୁନଟି ହାତରୁ ଖସି ଆଉ କାହାର ହେଇଯାଏ । ଆକାଶର ଆନ୍ତରିକତାକୁ ପାଥେୟ କରି ଉଡୁଥିବା ନିଜର ଗୁଡ଼ି ହଠାତ୍ ଛିଡିଯାଇ ଆଉ କାହାର ବାଡିରେ ପଡିଯାଏ । କାତ ଆହୁଲା ଛାଡି ଅନ୍ୟମନସ୍କ ହେଇ ବସିପଡିଥିବା ଧୀବରର ହୁଲିଡଙ୍ଗା, ତା ଆପଣା ଛାଏଁ ଅନୁକୂଳ ଦିଗରେ ଭାସିଭାସି ଯାଏ । ତୁଠ ଅତୁଠରେ ଲାଗେ, ତାର କିଛି ଠିକଣା ରହେ ନାହିଁ । ମୁଣ୍ଡ ଛିଡିଯାଇଥିବା ଗୁଡ଼ିର ସୂତାଭର୍ତ୍ତି ନଟେଇଟି ଖାଲି ସ୍ମୃତି ହେଇ ରହିଯାଏ ଯାହା !

ନିଜ ଅଲକ୍ଷ୍ୟରେ ଘାଟ କୂଳରେ ପହଞ୍ଚି ଯାଇଥିଲା ସୂରଯ । ଗୋଟାଏ ବଳିଷ୍ଠ ଚେହେରାର ଟୋକା ଡଙ୍ଗା ବାହୁଥିଲା । ତା ପାଦରେ ଧାରେ ଅଳତାର ଗାର ପଡିଥିଲା । ସେଇ ଡଙ୍ଗା ବାହୁଥିବା ଟୋକାଟା ନୂଆ ବାହା ହେଇଥିବା ମଦନା କେଉଟ ହେଇଥିବ କି ଆଉ ! ଡଙ୍ଗାରେ ବସିଲା ସୂରଯ, ଗୋଟାଏ ଅଳତାଭିଜା ପୁରୁଷର ପାଦ, ଅନେକ ଦିନରୁ ସୂରଯର ସଂଚିତ ଦୁର୍ଲଭ ଅନୁରାଗ ଟିକକୁ ମଝି ନଈର ଜଳଭଉଁରି ଭିତରକୁ ପାଦରେ ଠେଲି ଦେଉଥିଲା ଯେମିତି । ସବୁ ଅନୁଭବ ଲାଗୁଥିଲା ଅସ୍ୱାଭାବିକ । ଅପ୍ରତ୍ୟାଶିତ ।

ଗୋଟାଏ ଗାଁ ଭିତରେ ପାଦରେ ଚାଲି ଚାଲି ଏତେ ବାଟ କେବେ ଯାଇ ନଥିଲା ସୂରଯ । ଚାହୁଁ ଚାହୁଁ ଡଙ୍ଗାରେ ଭର୍ତ୍ତି ହେଇଗଲେ ଲୋକ । ଡଙ୍ଗା ବାହିନେଲା ମଦନା କେଉଟ । ତଣ୍ଟି ଅଠା ଅଠା ହେଇଯାଉଛି । ଡଙ୍ଗାରେ ବସି ଟିକେ ତଳକୁ ହାତ ବଢେଇଲେ ପାଣି । କଳ କଳ ଛଳ ଛଳ ହେଉଛି ନଈରେ ଅନେକ ପାଣି । ହେଲେ ଆଂଜୁଳାଏ ପାଣି ଉପରେ ବି ଯେମିତି ଅଧିକାର ନାହିଁ ତାର, ସେ ସେମିତି ଶୋଷ ହେଇ ଫେରୁଚି ନଈରୁ । ଛାତି ଫୁଲେଇ କାତ ମାରୁଥିଲା ମଦନା ମାଝି । ଲାଗୁଥିଲା, ସାରା ନଈଟା ଯେମିତି ଗୋଟାପଣେ ନାଉରିଆ ମଦନା ମାଝିର !

■■■

Digitized by srujanika@gmail.com

ଦୁଃଖର ଦିନଲିପି

ସେ ଦିନର କଥା ମନେ ପଡ଼ିଲେ, ଏବେ ବି ଟୁନୀ ଅପାର ଦେହଟା ଶୀତେଇ ଉଠେ । ଟିଭି ସମ୍ବାଦର ପ୍ରଥମ ଧାଡ଼ିଟା ଶୁଣୁ ଶୁଣୁ କଇଁ କଇଁ ହେଇ କାନ୍ଦିଉଠିଲା ମୁନା । ଟୁନୀ ଅପାର କବାଟ ବାଡ଼େଇ ତାକୁ ଡାକିଲା । ରୋଷେଇ ଘରେ ଟୁନୀ ଅପା; ନିଜକୁ ବିଶ୍ୱାସ କରିପାରିଲା ନାହିଁ । କିଏ ଏମିତି କାନ୍ଦି କାନ୍ଦି ଡାକୁଛି । ମୁନାର ସ୍ୱର ! ମୁନା କାହିଁକି ଏମିତି ବିକଳ ହେଇ କାନ୍ଦୁଛି । ଅଦିନିଆ ମେଘର ଶୃଙ୍ଖଳା ଘଡଘଡିଟେ ଯେମିତି ନଦି ହେଉ ପଡୁଥିଲା ଟୁନୀ ଅପାର ମୁଣ୍ଡ ଉପରେ, ଉଠି ଆସି କର୍ବାଟ ଖୋଲିବାକୁ ତା ହାତଗୋଡ଼ ଚଳିଲା ନାହିଁ । କବାଟ ପାଖରେ ଠିଆ ହେଇ ଧକେଇ ହେଇ କାନ୍ଦୁଥିଲା ମୁନା । ଟୁନୀ ଅପାକୁ ଜାବୁଡ଼ି ଧରି କହୁଥିଲା, ଜଳିଗଲା ଟୁନୀଅପା, ନିଆଁ ଲାଗିଗଲା । ଭକ୍ତ ସମ୍ମିଳନୀରେ ନିଆଁ ଲାଗିଗଲା, ଘର ସବୁ ଜଳିଗଲା, ଭକ୍ତମାନେ ସବୁ ଜଳିପୋଡ଼ି ଗଲେ । ମୋ ବାପା ବୋଉର କଣ ହୋଇଥିବ ଅପା ?

ଟୁନୀ ଅପାର ଶାଢୀ କାନିରେ ମୁହଁ ଗୁଂଜି ଗୋଟାଏ ବରଡା ପତର ପରି ଥରୁଥିଲା ମୁନା, ମୁନାମୁହଁରୁ ଶୁଣୁଥିବା ଦାରୁଣ ଦୁଃସମ୍ବାଦରେ କାଠ ହେଇଯାଉଥିଲା ଟୁନୀଅପା । ପଡିଶା ଘରର ଝିଅ ଟୁନୀ। ତାରି ଉପରେ ମୁନାର ଖାଇବା ପିଇବା ଭାର ନ୍ୟସ୍ତ କରି ବାପା ବୋଉ ତାର ଭକ୍ତ ସମ୍ମିଳନୀକୁ ଯାଇଛନ୍ତି । ଆଖିରେ ଯାଇ ଦେଖି ନ ଆସିବା ପର୍ଯ୍ୟନ୍ତ କିମ୍ବା ମଉସା ମାଉସୀ ଫେରି ନ ଆସିବା ପର୍ଯ୍ୟନ୍ତ କେମିତି ବୁଝେଇ ହେବ ମୁନାକୁ ଯେ, ତା ବାପା ବୋଉର କିଛି ହୋଇନଥିବ ବୋଲି । କିଏ ନିୟନ୍ତ୍ରଣ କରିପାରେ ନିଆଁକୁ; ଭାଗ୍ୟକୁ । ଅସ୍ଥିର ହୃଦୟ । ସ୍ଥିର, ଜଡ଼ ପାଲଟି ଯାଉଥିବା ଦେହ । ଟୁନୀ ଅପା ପାଲଟି ଯାଉଥିଲା କିଂ କର୍ତ୍ତବ୍ୟ ବିମୂଢ଼ା ।

ଅଣାୟତ୍ତ ନିଆଁ ତାଣ୍ଡବ ନୃତ୍ୟ କରି ଜାଳିପୋଡ଼ି ଦେଲା ସବୁ ଅସ୍ଥାୟୀ ଚାଳଘର । ତମ୍ବୁ ଆଉ ତା ଭିତରେ ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ଶହ ଶହ ଭକ୍ତ । ଜାଳଜାଲୁଆ ଅନ୍ଧାରଟେ ଘେରିଗଲା ଅପାକୁ । ଟୁନୀ ଅପାର ବାପା ଟୁର୍‌ରେ ଓ ମା’ ମାମୁଁ ଘରକୁ ଯାଇଥିବାରୁ ତାଙ୍କ ଘରେ ସିଏ ବି ଏକେଲା । ଏକେଲା ଝିଅଟା କି ସାହାଯ୍ୟ କରିପାରିବ ମୁନାକୁ, ଟିଉସନ୍ ସାର୍‌ଙ୍କ ପାଖରେ ପଢ଼ା ନଷ୍ଟ କରିବ ନାହିଁ

Digitized by srujanika@gmail.com

ବୋଲି ମୁନା, ବାପା ବୋଉଙ୍କ ସାଥିରେ ସମ୍ମିଳନୀକୁ ଗଲା ନାହିଁ । କହିଲା, ମୁଁ ଟିଉସନ୍ ସାର୍‌ଙ୍କ ପାଠ ନଷ୍ଟ କରିବିନି । ଟୁନୀ ଅପା ପାଖରେ ରହିବି । କଥା ଏତକ ଭାବିବା ଭିତରେ ବି ଠୋପା ଲୁହ ଅପାର ଆଖିରୁ ଖସି ଅଠା ଅଠା ହେଇ ଯାଉଥିଲା ତା' ଓଠ ପାଖରେ । ତା' ଲୁଗା ସନ୍ଧିରେ ମୁହଁ ଗୁଂଜି ଧକେଇ ଧକେଇ କାନ୍ଦୁଥିଲା ଦଶବର୍ଷର ଛୁଆ ମୁନା, 'ଟୁନୀଅପା, ମୋ' ବାପା ବୋଉର କିଛି ହେଇ ନଥିବ ତ ଟୁନୀ ଅପା; ଏଇ ଗୋଟିଏ କଥାକୁ ମୁନା ଘୋଷି ହେଉଥିଲା ଥରକୁ ଥର ।

ଅପା ତା' ମୁଣ୍ଡ ଆଉଁସି ଦେଲା, ନିଜ ମନ ମାନୁ ନଥାଉ ପଛକେ ମୁନାକୁ ବୁଝେଇ ହେଉଥିଲା, ତୁ ବ୍ୟସ୍ତ ହ'ନା ରେ ମୁନା । ମୁଁ ରାନ୍ଧି ଦେଇଛି । ତୁ ବି'ଟା ଖାଇ ଶୋଇପଡ଼ । କାଲି ରାତି ପାହିଲେ ଆମେ ନିଜେ ଯାଇ ଦେଖି ଆସିବା । ଟୁନୀ ଅପାର କଥାରେ କିଛିଟା ଆଶ୍ୱସ୍ତ ହେଲା ମୁନା ।

ଖାଇବା ଥାଳିରେ ବସିଲେ ସିନା, କେହି ବି କିଛି ଖାଇ ପାରିଲେ ନାହିଁ । ତାପରେ ? ଖାଇବା ପରେ ଟୁନୀ ଅପା; ମୁନାକୁ କୋଳରେ ଧରି ଶୁଏଇବାକୁ ଚେଷ୍ଟା କଲା । ମୁନା ଆଖିକୁ ନିଦ ଆସୁ ନଥାଏ । ଦୁଃଖର ପାଣିକୁଣ୍ଡ ଭିତରେ ଯେମିତି କିଏ ଅଣନିଃଶ୍ୱାସୀ କରି ବୁଡ଼େଇ ମାରୁଚି ତାକୁ । ରାତି ସାରା ସେ ବିଡ ବିଡେଇ ହେଲା । କହିଲା, ଟୁନୀ ଅପା, ନିଆଁ କାହିଁକି ଲାଗିଲା । ଠାକୁର ପା ଥିଲେ, ସିଏ କାହିଁକି ନିଆଁ ଲିଭେଇ ଦେଲେନି ? ଠାକୁର ତ ପବନ ବୁହେଇ ପାରନ୍ତି, ବର୍ଷା କରେଇ ପାରନ୍ତି; ନିଆଁ କାହିଁକି ଲିଭେଇ ପାରିଲେ ନାହିଁ ? ନିଜର ଭକ୍ତ ସବୁ ନିଜ ଆଖି ଆଗରେ ମରିଗଲେ; ତାକୁ କେମିତି ଦେଖିଲେ ଠାକୁର, ମଣିଷର ଦୁଃଖ ଦେଖିଲେ ମଣିଷ ସହିପାରୁନି । ଆହାଃ କରୁଚି, ହେଲେ ସିଏ ଠାକୁର ହେଇ କେମିତି ସହି ପାରିଲେ ? ସିଏ କଣ ମିଛରେ ଠାକୁର ? ମୋ ବାପା ବୋଉ ଫୁଲ ଚନ୍ଦନ ଦେଇ ତାଙ୍କୁ ପୂଜା କରନ୍ତି । ଠାକୁର ଘର ବାସେ । ବୋଉ ଆଳତୀ ଢାଳେ । ବାପା ଘଣ୍ଟି ବଜାନ୍ତି । ବୋଉ ମତେ ଡାକି କହେ ମୁଣ୍ଡିଆ ମାରିବାକୁ । ମୁଁ ମୁଣ୍ଡିଆ ମାରେ । ବୋଉ ଆଉ ବାପା ବି ମୁଣ୍ଡିଆ ମାରନ୍ତି । ଠାକୁରଙ୍କ ଭୋଗ କେମିତି ଗୋଟାଏ ଅଲଗା ବାସେ । ବୋଉ ମତେ କୋଳରେ ପୁରେଇ କହେ, "ଦେଖି ମୁନା, ଠାକୁର କେମିତି ହସୁଛନ୍ତି ।" ମୁଁ ଦେଖିଲା ବେଳକୁ ସତକୁ ସତ ଠାକୁରଙ୍କ ଫଟୋ ଦିଶୁଥାଏ ହସ ହସ । କିନ୍ତୁ ଆଜି କଣ ଠାକୁର ହସୁଥିବେ ଟୁନୀ ଅପା ? ନିଜର ଆଖି ଆଗରେ ଶହ ଶହ ଭକ୍ତ ଜଳିପୋଡି ଗଲା ବେଳେ ଠାକୁର କଣ ହସି ପାରୁଥିବେ ? ବୋଉ ତ କହେ, ଠାକୁର ସବୁବେଳେ ହସନ୍ତି ବୋଲି । କାହିଁ ଆଜି ଟିକେ ଦେଖେ, କହି ଶୋଇବା ବିଛଣାରୁ ଉଠି ଚାଲିଗଲା ମୁନା ତାଙ୍କ ଠାକୁର ଘରକୁ । ସୁଇଚ ଟିପିଦେଲା । ସାରା ଠାକୁରଘରଟା ଆଲୋକିତ । ଠାକୁରଙ୍କ ମୁହଁକୁ ଚାହିଁ ରହିଲା କିଛିକ୍ଷଣ । କାନ୍ଦ କାନ୍ଦ ହେଇଗଲା ନିଜକୁ ନିଜେ । କଣ ଦେଖିଲା କେଜାଣି ଟୁନୀ ଅପାକୁ ଯାଇ ଶୋଇବା ବିଛଣାରୁ ଉଠେଇ ଆଣିଲା । କହିଲା, ତୁ ଦେଖିବୁ ଆ ଅପା, ଠାକୁର କେମିତି କାନ୍ଦୁଛନ୍ତି । ଖୁଦୁରୁକୁଣୀ ଓଷା ଶେଷପାଳିରେ ତୁ ଯେମିତି କଜଳ ଲଗେଇବା ବାହାନାରେ ଘିଅ ସଳିତା ଲଗେଇ ଲୁହ ଗଡ଼େଇ ଦେଉ

Digitized by srujanika@gmail.com

ଠାକୁରାଣୀଙ୍କର; ଆଉ କହୁ, ଶେଷ ପାଳିର ଓଷା ପରେ ପାଣିକୁ ଯିବେ ବୋଲି ଖୁଦୁରୁକୁଣୀ କାନ୍ଦୁଛନ୍ତି, ଜମା ସେମିତି ନୁହେଁ ଲୋ ଅପା । ତାଙ୍କ ପ୍ରିୟ ଭକ୍ତମାନେ ମରିଗଲେ ବୋଲି ଠାକୁର ଆଜି କାନ୍ଦୁଛନ୍ତି ।

ଟୁନୀ ଅପା ବିଛଣାରୁ ଉଠି ଠାକୁର ଘରକୁ ଗଲା । ଦେଖିଲା ଠାକୁର ବସିଛନ୍ତି ପୂର୍ବପରି । ନା କାନ୍ଦୁଛନ୍ତି ନା ହସୁଛନ୍ତି । ମୁନାକୁ ବୁଝେଇବାକୁ ଯାଇ କହିଲା, ‘‘ହଁରେ ମୁନା, ଠାକୁର ଆଜି ଭାରି ଦୁଃଖୀ ଲାଗୁଛନ୍ତି । ଏମିତି ନିରୋଳାରେ ବସି, ସେ ମଣିଷର ମଙ୍ଗଳ ବିଧାନ କରୁଥାନ୍ତି । ଠାକୁର ନିରାକାର, କିନ୍ତୁ ନିରୁପାୟ ନୁହେଁ । ଅସହାୟ ନୁହେଁ । ପଥରର ମୂର୍ତ୍ତି ବା କାଚ ବଂଧେଇ ଫଟୋ ଫ୍ରେମ୍ ଭିତରେ ସୀମିତ ନୁହଁନ୍ତି ସେ ସର୍ବବ୍ୟାପୀ । ମୁଣ୍ଡ ପିଟି ଦୁଃଖ ଜଣେଇବା ଆବଶ୍ୟକ ନାହିଁ; ଭକ୍ତର ଦୁଃଖରେ ଠାକୁର ଦୁଃଖୀ ହେଇ ଯାଆନ୍ତି ଆପେ ଆପେ ।’’ ଏତେ କଥା ବୁଝେଇବା ପରେ ବି ଅବୁଝା ଆଖିରେ ଚାହିଁ ରହିଥିଲା ମୁନା ।

ମୁନାକୁ କୋଳରେ ଧରି କଟିଗଲା ବିନିଦ୍ର କାଳ ରାତିଟିଏ । ଏମିତି ତ୍ରସ୍ତ ମାନସିକତାର, ଇମିତି ଅବୁଝା ପଣତ ରାତିଟିଏ କେବେବି ଭେଟି ନଥିଲା ଟୁନୀଅପା । କାଉଟାଏ କା କା ଡାକିଲା ସବୁ ସକାଳ ପରି । ନିଜର ଛାତିକୁ ପଥର ପରି ଟାଣ କରୁଥିଲା ଟୁନୀ ଅପା । ମୁନାକୁ ଧରି ଘରୁ ବାହାରିବାକୁ ହିଁ ପଡ଼ିବ । ସାହସର ସହିତ ପରିସ୍ଥିତିକୁ ସାମନା କରିବାକୁ ପଡ଼ିବ । ପ୍ରଥମ ଗାଡ଼ି ଧରି ସେଇ ସମ୍ମିଳନୀ ସ୍ଥାନକୁ ଯିବାକୁ ପଡିବ । ମୁନାକୁ ତାର ବାପା ବୋଉଙ୍କ ସହିତ ଦେଖା ନ କରାଇବା ପର୍ଯ୍ୟନ୍ତ ଏମିତି ବାଇଆ ବାତୁଳା ପରି ସେ ହେଉଥିବ । ତରବର ହେଇ ଶାଢ଼ୀ ପିନ୍ଧିଲା ଟୁନୀ ଅପା, ତା ପାଖରେ ରଖିଥିବା କିଛି ଟଙ୍କା ଆଣିଲା । ମୁନା ତାର ମାଟି କଣ୍ଢେଇର କୁମ୍ଭଟା ଭାଙ୍ଗି ପଇସା କାଢ଼ିଲା । ସକାଳର ପ୍ରଥମ ଗାଡିରେ ବସି ସେମାନେ ବାହାରିଲେ ସେଇ ସମ୍ମିଳନୀ ସ୍ଥାନକୁ, ଯେଉଁଠି ଅଭୂତପୂର୍ବ ଅଗ୍ନିକାଣ୍ଡରେ ଜଳିଯାଇଛି ସବୁ ଧର୍ମ ଓ ଈଶ୍ୱର ବିଶ୍ୱାସ । ଯେଉଁ ଅଗ୍ନିର ତାଣ୍ଡବ କାହାକୁ ବିଧବା କରିଛି, କାହାକୁ ବିପତ୍ନୀକ ତ, କାହାକୁ କରିଛି ବାପ ମା ଛେଉଣ୍ଡ ।

ମୁନାକୁ କୋଳରେ_କାଖରେ ଧରି କେଉଁଠି ବସରୁ ଟ୍ରକ୍ ତ କେଉଁଠି ଟ୍ରକରୁ ଟ୍ରେକରରେ ଯାଇ ଟୁନୀ ଅପା ପହଞ୍ଚିଲା ସେଇ ଧର୍ମସ୍ଥଳୀ ସମ୍ମିଳନୀ ପଡ଼ିଆରେ; ଯେଉଁଠି ନିଆଁ ଅଂଗାର ପାଉଁଶ ଆଉ ଶବମାନଙ୍କର ରୋଷଣୀ ଚାଲିଛି । ଯେଉଁଠି ବିକଳ କ୍ରନ୍ଦନ ଆଉ ଆର୍ତ୍ତ ଚିତ୍କାରର ଭେଟି ଦିଆଯାଉଛି ମୃତ ମଣିଷ ମାନଙ୍କୁ ଧାଡି ଧାଡି ଶବର ମେଳା ବସିଛି ।

ଚାରିଆଡକୁ ଚାହିଁ, ‘ଏଠି ମୋ’ ବାପା ବୋଉ କାହିଁ ଦେଖା ଯାଉ ନାହାନ୍ତି’ କହି ପୁଣିଥରେ ଚିତ୍କାର କରି ଉଠିଲା ମୁନା, ଅଣ୍ଟିରେ ଅଣ୍ଟିଏ ସାହସ ବାନ୍ଧି ପୋଡି ଯାଉଥିବା ଶବ ଅଣ୍ଡାଳୁଥିଲା ଟୁନୀ ଅପା । ଖୋଜୁଥିଲା ମୁନାର ବାପା ବୋଉକୁ । ଭିଡ଼ିଓରେ ଶବ ମାନଙ୍କର ଚିତ୍ର ଉଠାଯାଉଥିଲା, କିଛି ଦୂରରେ ଉଡାଜାହାଜରୁ ମନ୍ତ୍ରୀ ଓହ୍ଲେଇ ଦେଖୁଥିଲେ ସେଇ ମୃତ୍ୟୁ କବଳିତ ବୀଭତ୍ସ ଲୋକାରଣ୍ୟକୁ । ସିଝା ଭାତଡାଲିର

Digitized by srujanika@gmail.com

ପୁଡିଆ ବନ୍ଧା ଯାଉଥିଲା ଲୋକମାନଙ୍କ ଭିତରେ । ମୁନାର ବାପା ବୋଉକୁ ଖୋଜି ଖୋଜି ନୟାନ୍ତ ହେଇଗଲା ଟୁନୀଅପା । ଏଣେ ପଛରେ ଲାଞ୍ଜପରି ଭିଡି ଧରିଛି ମୁନା ।

ଟୁନୀ ଅପା କହିଲା, ତତେ ଭାରି ଭୋକ ହେଉଥିବରେ ମୁନା । ସେଇ ରିଲିଫ୍ ବଣ୍ଟା ସିଝା ଭାତ ଡାଲିର ପୁଡିଆଟେ ଧରି ମୁନାକୁ ଖୋଇଦେଲା ଟୁନୀଅପା । ନିଜେ ବି ଖାଇଲା । ପାଖରେ ଗୋଟାଏ ଚା ଦୋକାନରେ ଯାଇ ମୁହଁ ହାତ ଧୋଇଲା, ମୁନାର ମୁହଁ ଧୋଇ ଦେଇ, ପୋଛି ଦେଲା ତା ଲୁଗା କାନିରେ ।

ଅନତି ଦୂରରେ ହଠାତ୍ ଗୋଟାଏ ମାଇକ୍ ବାଜିଲା । କେଉଁ ଭକ୍ତମାନେ ମୃତ ଓ କେଉଁମାନେ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି, ସେମାନଙ୍କର ନାମ ତାଲିକା ଘୋଷଣା କରାଯାଉଥିଲା । ମୁନାକୁ ସେଇଠି ଗୋଟାଏ ଚା ଦୋକାନୀର ବେଞ୍ଚ ଉପରେ ବସେଇ ଦେଇ; କାନ୍ଦି କାନ୍ଦି ତାକୁ ଦୋକାନୀ ବୁଢାର ଦାୟିତ୍ୱ ଦେଇ ଟୁନୀଅପା ଗଲା ସେଇ ଠିକଣା ବୁଝିବାକୁ । ସେଇ ମାଇକରେ ଘୋଷଣା କରାଯାଉଥିବା ଜାଗାକୁ ଯାଇ ମୁହଁ ଗଳେଇ ଦୁଇଶହ ଲୋକଙ୍କ ତାଲିକା ଭିତରେ ଖୋଜି ଦେଖିଲା ମୁନାର ବାପା ଓ ବୋଉଙ୍କୁ । ମଉସା ମାଉସୀ ଆଉ ନାହାନ୍ତି ଏ ଦୁନିଆରେ ଭାବିଲା ବେଳକୁ; ତା ଦେହହାତ ଝିମ୍ଝିମ୍ ହୋଇଗଲା । ତା ପାଦତଳର ମାଟି ତଳକୁ ଖସିଗଲା । ଖଣ୍ଡିଆଭୂତର ଆବର୍ତ୍ତ ଭିତରେ ଶୁଖିଲା ପତ୍ରଟେ ପରି ତା ଅବସ୍ଥା । ତା ମୁଣ୍ଡ କଣ ହୋଇଗଲା । ସେ ବସି ପଡିଲା ସେଇଠି । ନିଶ୍ଚଳ ଦାରୁଭୂତ ପାଲଟିଗଲା, ପକ୍ଷାଘାତ ରୋଗୀଟେ ପରି ଅସହାୟ ହୋଇଗଲା, ଭାବି ପାରୁନଥିଲା କେମିତି ସାମ୍ନା କରିବ ମୁନାକୁ । କେମିତି କହିବ ତାକୁ ଯେ ତୋ ବାପା ବୋଉ ଆଉ ନାହାନ୍ତି ବୋଲି । ମୁନା ପାଖକୁ ଆଗେଇ ଗଲା ବେଳକୁ ନିଆଁ ହୁଳାଟେ ତରିଯାଉଥିଲା ଯେମିତି ତା ମଥାରୁ ତଳିପା ଯାଏ । ଚା ଦୋକାନ ପାଖକୁ ଯାଇ ମୁନାକୁ ଆଣିଲା, ଦରପୋଡ଼ା ଶବମାନଙ୍କ ପାଖକୁ ନେଇ ଖୋଜି ଚିହ୍ନେଇ ଦେଲା ତା' ବାପାକୁ ବୋଉକୁ ।

ମୁନା ଆଉ କାନ୍ଦି ପାରିଲା ନାହିଁ । କାଠ ପାଲଟି ଗଲା । ମୋ' ବାପା ବୋଉକୁ କ'ଣ ଠାକୁର ନେଇଗଲେ ଅପା ? ନିଆଁ କ'ଣ ମୋ' ବାପା ବୋଉକୁ ବି ଖାଇଦେଲା ? ମୁନାକୁ କ'ଣ ବୁଝେଇବ ଟୁନୀ ? ଏତେ ବକଟେ ଛୁଆ, ସବୁ ଯେମିତି ଆପେ ବୁଝି ପକାଉଛି ।

ମୁନାକୁ କୋଳରେ ଧରି ସେଇ ଅଙ୍ଗାର ଗଦାରେ ବସି ପଡ଼ିଲା ଟୁନୀଅପା । ମୃତ ବାପା ଓ ବୋଉର ମୁହଁକୁ ଧରି ଗେଲ କରୁଥିଲା ମୁନା । କହିଲା, "ଟୁନୀ ଅପା, କାଠରେ କାଠ ଘଷି ହେଇ ପ୍ରଥମେ ଯେବେ ନିଆଁ ବାହାରି ଥିଲା, ସେଦିନ ଆନନ୍ଦରେ କୁରୁଳି ଉଠିଥିଲା ଆଦିମାନବ । ସବୁଦିନ ସକାଳୁ ଉଠି ବୋଉ ଚୁଲିରେ ନିଆଁ ଲଗାଏ । କ୍ଷୀର ଗରମ କରି, ହର୍ଲିକ୍ସ ଗୋଳେଇ ମତେ ଖାଇବାକୁ ଦିଏ । ବାପା ଚା ପିଅନ୍ତି । ବୋଉ ନିଆଁ ଚୁଲି ଜାଳି ରାନ୍ଧେ । ନିଆଁ ତ ମଣିଷକୁ ଖାଇବାକୁ ଦିଏ: ପୁଣି ଆଜି କାହିଁକି ନିଆଁ ମଣିଷକୁ ଖାଇଗଲା । ନିଆଁ କ'ଣ ବେଳେ ବେଳେ ରାଗିଯାଏ କି ଟୁନୀ ଅପା ।"

Digitized by srujanika@gmail.com

ଧୀରେ ଧୀରେ ତା' ମୁଣ୍ଡକୁ ଆଉଁସି ଦେଇ ଟୁନୀ ଅପା କହିଲା, "ମୁନାରେ; ବାପା ବୋଉଙ୍କର ପୋଡ଼ା ପାଉଁଶ କିଛି ନେଇଯିବା, ତୁ ବଡ ହେଲେ, ସେଇ ପାଉଁଶକୁ ନେଇ ଗଙ୍ଗାରେ ବିସର୍ଜନ କରିବୁ ।"

ଜୁଲୁଜୁଲିଆ ପୋକ ପରି ମୁନାର ଆଖି ଦିଇଟା ଜଳି ଉଠିଲା । ହଠାତ୍ ଯେମିତି ବଢ଼ିଯାଇଥିଲା ପୃଥିବୀର ଗତି; ଉଭୟ ଆବର୍ତ୍ତନ ଓ ପରିକ୍ରମଣ । ବୟସ ବି ବଢ଼ିଯାଉଥିଲା ମୁନାର । ମୁନା ଲାଗୁଥିଲା ଗୋଟାଏ ଦାର୍ଶନିକ ପରି । କହିଲା, ଧେତ୍, ଟୁନା ଅପା, ମୋ' ବାପା ବୋଉ ପା' ଏହି ଠାକୁରଙ୍କ ପାଦ ତଳେ ମରି ଯାଇଛନ୍ତି । ତାଠୁ ବଳି ଆଉ କଣ ପବିତ୍ର ଜାଗା ଅଛି ଏ ପୃଥିବୀରେ ?

ଆଶ୍ଚର୍ଯ୍ୟ ହେଇ ମୁନାର ମୁହଁକୁ ଚାହିଁ ରହିଥିଲା ଅପା । ଏତେ ଛୋଟ ପିଲା, ଏତେ ବୁଦ୍ଧି ! କାହିଁକି ଏମିତିଆ କଥା ସବୁ ଯେ ଆଜି ବାହାରୁଛି ମୁନା ପାଟିରୁ, କିଛି ବି ଜାଣି ପାରୁନଥିଲା ଟୁନୀ ଅପା । ଅସହ୍ୟ ଦୁଃଖ ଭିତରେ ମୋକ୍ଷର ଅମୋଘ ମନ୍ତ୍ର ଉଚ୍ଚାରଣ କରୁଥିଲା ମୁନା । ଠାକୁର ନାମକ କେହି ଜଣେ ବେଦରଦୀ ବଂଧୁ ତା ଟିକି ହୃଦୟର କୋମଳ ଫୁଲ ବଗିଚାରେ କଣ୍ଟା ବିଛୋଉଥିଲା ଯେମିତି । ରକ୍ତ ଝରୁଥିଲା ମୁନାର ଛାତିରୁ । ସେଇ ରକ୍ତରେ ଭିଜି ଯାଉଥିଲା ଟୁନୀ ଅପା; ଠିକ୍ ଯେମିତି ଅପରେସନ୍ ବେଡ୍‌ରେ ନିଶ୍ଚେତ୍ ହେଇ ପଡିଥିବା ରୋଗୀଟିର ସୁପ୍ତ ଯନ୍ତ୍ରଣାରେ କ୍ଷତାକ୍ତ ହୁଏ ଚିକିତ୍ସକ ।

ଟୁନୀ ଅପା ଠିଆ ହେଇଥିଲା ଶୁଖିଲା ଖୁଣ୍ଟଟେ ପରି । ଆଶ୍ରିତ ପୋଇଡଙ୍କଟେ ପରି ସେଇ ଖୁଣ୍ଟରେ ଗୁଡ଼େଇ ହୋଇ ଯାଉଥିଲା ମୁନା । ବୁଝେଇ ସୁଝେଇ ମୁନାକୁ ଧରି ସେ ପୋଡାଜଳା ମେଲଣ ପଡିଆରୁ ବାହାରି ଆସିଲା ଟୁନୀ ଅପା । ମୁନାକୁ ଧରି ପୁଣି ଘରକୁ ଫେରି ଯିବାକୁ ପ୍ରସ୍ତୁତ ହେଉଥିଲା । ଫେରି ଆସିବା ପାଇଁ ଗାଡ଼ି ଖୋଜୁଥିଲା, କିଛି କଥା ବାହାରୁ ନଥିଲା ତା' ପାଟିରୁ । ଟୁନୀ ଅପା ମୂକ ପାଲଟି ଯାଉଥିଲା ଯେମିତି । ଅପାର ଓଠ ଧରି ମୁନା ପଚାରୁଥିଲା, ଟୁନୀ ଅପା; ଥରେ ସ୍କୁଲରେ ଗୁରୁଜୀ କହୁଥିଲେ ଠାକୁର ସର୍ବବିଦ୍ୟମାନ୍, ସର୍ବଶକ୍ତିମାନ, ଠାକୁର ଫଟୋ ଭିତରେ ଥାନ୍ତି । ଖୁଣ୍ଟ ଭିତରେ ଥାନ୍ତି । ମାଟି ପାଣି ପବନ ସବୁଠି ତ ଠାକୁର ଅଛନ୍ତି । ଠାକୁର, କ୍ଷୀର ଭିତରେ ଲହୁଣୀ ପରି । ଆମେ କ୍ଷୀର ଦେଖନ୍ତି, ଲହୁଣୀ ଦେଖି ପାରନ୍ତି ନାହିଁ । ଠାକୁର ଆମ ଘରେ ଥାନ୍ତି । ଆମ ଘଟରେ ବି ଥାନ୍ତି । ହେଲେ ଟୁନୀ ଅପା, ଆମ ଘର ଭିତର ଠାକୁର, ଆମ ହୃଦୟ ଭିତର ଠାକୁରଙ୍କୁ ଛାଡ଼ି, ମୋ ବାପା ବୋଉ ଆଉ ଏଇ ସବୁ ଲୋକମାନେ ଏଇ ସମ୍ମିଳନୀ ପଡ଼ିଆକୁ କାହିଁକି ଆସୁଥିଲେ ଯେ !

ଟୁନୀ ଅପା ପୂର୍ବବତ୍ ନିରୁତ୍ତର । ମୂକ । କିଛିଟା ଆଘାତ ପାଇଲା ମୁନା । ତା' ଦି ହାତର ପାପୁଲିରେ ଟୁନୀ ଅପାର ମୁହଁକୁ ତା ନିଜ ମୁହଁର ସାମ୍‌ନାକୁ ଆଣିଲା । ତା ଆଖିରେ ଆଖି ମିଶେଇଲା । କହିଲା, ହଉ ଟୁନୀ ଅପା, କିଛି ନ କହିଲୁ ନାହିଁ । କିନ୍ତୁ ମତେ ଆଉ କେବେ ବି ଥରେ କହିବୁନି ଠାକୁର ଅସହାୟ ନୁହନ୍ତି ବୋଲି ।

■■■

Digitized by srujanika@gmail.com

ଗ୍ରହଣ ଲାଗିବା ବେଳ

ସୁଲୁସୁଲିଆ ପବନ ବହିଲେ, ଛାତି ଭିତରେ ଜମାଟବନ୍ଧା ପଙ୍କରୁ ପଦ୍ମ ଫୁଟେ । ଖଣ୍ଡେ କଳା ବାଦଲ ଛାତିରେ ନିରିମାଖୀ ଜହ୍ନଟିଏ ମୁହଁ ଗୁଞ୍ଜିବା ଦେଖିଲେ, ଦେହରେ ସିନା ଶିହରଣର ଅସରା ଅସରା ବର୍ଷାର ଆସର ଜମେ; ହେଲେ ସେଇ ମେଘ, ସେଇ ଝଡ ଯଦି ବାୟା ଚଢେଇର ବସା ଭାଙ୍ଗିଦିଏ, ତା ହେଲେ କଣ୍ଟା ପଶିଯାଏ ସମ୍ବିତ୍‌ର ଛାତିରେ । ସମ୍ବିତ୍ ଗାଳ୍ପିକ । ସମ୍ବିତ୍ ଭାବେ, ଯଦି ମଦ ଖାଇବାଟା ନିଶା ହେଇଥାଆନ୍ତା, ତା ହେଲେ ରାସ୍ତାକଡ଼ରେ ବେଶ୍ ନିଦରେ ଶୋଇଯାଇ ହୁଅନ୍ତା । ଦୁଃଖକୁ ଧକ୍‌କା ଦେଇ ନିର୍ବାସନ ଦେଇ ହୁଅନ୍ତା । କିନ୍ତୁ ଗପ ଲେଖିବା ଯା'ର ନିଶା; ନିଜସ୍ୱ ଦୁଃଖକୁ କଣ ସିଏ ଠେଲି ଦେଇପାରିବ ? ପ୍ରତିଟି ମୁହୂର୍ତ୍ତ ତ ତାର ଦୁଃଖକୁ ଆବୋରି ନେବାର ବେଳ ।

ଚରିତ୍ର ଖୋଜେ ସମ୍ବିତ୍ ତା ଗପ ପାଇଁ । ଆଉ ଚରିତ୍ରଟିଏ ପାଇଗଲେ, ତାର ହସ ଆଉ କାନ୍ଦ ସହିତ ନିଜକୁ ସାମିଲ୍ କରିନିଏ । ରାତିର ଅନ୍ଧାର ଚିରି, ଖରାବେଳ ପବନର ଗରମ ଢେଉ ଭିତରୁ ଅବା କେଉଁ ଶରତ ସଂଧ୍ୟାର ହସହସ ଜହ୍ନର ଓଠରୁ ଓହ୍ଲେଇ ଆସେ ଗଳ୍ପ ନାୟିକାଟିଏ । ବାସ୍; ସେତିକି ପାଇଗଲେ ଗପଟିଏ ଚେଇଁ ଉଠିବ, କୁଆଁ କୁଆଁ ଡାକିବ । ଯୌବନର ଫଗୁଣ ଆସିଲେ, କୋଇଲିର ପ୍ରଥମ କୁହୁତାନ କାନରେ ବାଜିଲେ ଗଳ୍ପ ନାୟିକା କଇଁ କଇଁ ହୋଇ କାନ୍ଦି ଉଠିବ, ଆଉ ପଚାରିବ, ସମ୍ବିତ୍‌ରେ, ତୁ କଣ ଗାଳ୍ପିକ ନା ନାୟକ; ତୋ ଆଖିରେ କଣ ଲୁହ ? ଗପ ଲେଖୁଛୁ କାହିଁକି, ଦୁଃଖ ପାଉଛୁ କାହିଁକି ?

ଏମିତି କେତେ ଗଳ୍ପ ନାୟିକା ଆସନ୍ତି– ଗଳ୍ପର ଉଚ୍ଚତା ଛୁଇଁବା ପୂର୍ବରୁ ସ୍ନେହର ମଞ୍ଜିଟିଏ ପୋତି ଦେଇ ଯାଆନ୍ତି ତା ଛାତିର ଓଦା ମାଟିରେ । ଏବେ ସମ୍ବିତ୍‌ର ଛାତି ସବୁଜ ଉପତ୍ୟକାଟିଏ, ଯେଉଁଠି ଦୁଃଖର ହରରଙ୍ଗୀ ଫୁଲ ଫୁଟେ; ଆଉ ନିଇତି ସକାଳୁ ବିଚରା ସମ୍ବିତ୍ ତାକୁ ଲୁହ ଦେଇ ହୃଷ୍ଟପୁଷ୍ଟ କରେ ।

ସମ୍ବିତ୍ ବେଳେ ବେଳେ ଅସ୍ତବ୍ୟସ୍ତ ହେଇପଡେ, ଯେତେବେଳେ ପୁନେଇ ରାତିରେ ମେଘ ଉଠାଏ, ଯେତେବେଳେ ଅଶରୀରୀ ନାରୀଟିଏ ଅବା କଅଁଳିଆ କଢ଼ିଟିଏ ନିଜକୁ ନାୟିକା ସଜେଇବାକୁ ଜିଦ୍ କରି ବସନ୍ତି । ଠିକ୍ ସେମିତି ଫୁଲର କଥାଟିଏ ସିଏ

Digitized by srujanika@gmail.com

ଲେଖିବ, ଯିଏ ଫୁଟୁ ଫୁଟୁ ମଉଳି ଯାଏ; ଏମିତି ନଈର କବିତାଟିଏ ଆଙ୍କିବ, ଯିଏ ବନ୍ୟା ଆସିଲେ ହଠାତ୍ ଶୁଖିଯିବା ଦୃଶ୍ୟକୁ ଆବୋରି ବସିବ ।

ସମ୍ବିତ୍ ବସିଥାଏ ଚୁପ୍ ଚାପ୍, ଖୋଜୁଥାଏ ତା ଗପ ପାଇଁ ନାୟିକାଟିଏ । ତା ଆଖିରେ ଛୋଟ ଗୋଟେ ଅଖ୍ୟାତ ଗାଁ । କେତେ ବଖରା ଚାଳଘର, ପଛପଟକୁ ଧାଡିଏ ତାଳଗଛ । ପ୍ରତିଟି ଗଛରେ ଖୁନ୍ଦା ଖୁନ୍ଦି ଲାଲ ଟକ୍‌ଟକ୍ ତାଳ । ହଠାତ୍ ଦଲକାଏ ପବନରେ ଦୁଇତିନିଟା ପାଚିଲା ତାଳ ଖସିପଡିବାର ଶବ୍ଦ । ଝିଅଟିଏ ଦୌଡିଗଲା ତାଳ ଗୋଟେଇବା ପାଇଁ । ତା ନାଁ ଝୁମୁରି । ଝୁମୁରି କାଳୀ ଝିଅଟିଏ । ବୟସ ଚଉଦ କି ପନ୍ଦର ହେବ । ଆଗେ ଆଗେ ହଳଦିଆ ଫ୍ରକ୍ ଖଣ୍ଡେ ପିନ୍ଧି ଏଇଠି ଝୁମ୍ ଝୁମ୍ ହେଉଥିଲା; ଏବେ ଏବେ ତା ମା ତାକୁ ଶାଢ଼ି ପିନ୍ଧେଇଲାଣି । ଝୁମୁରି ବଡ ହେଲାଣି । ଦିନେ ସକାଳୁ ସମ୍ବିତ୍ ଦେଖିଲା ଝୁମୁରି ଆଲୁଳାୟିତ କୁନ୍ତଳା । ଗଭାରୁ ଖସି ଏଣେ ତେଣେ ଲାଗିଯାଇଛି ବାସି ମଧୁମାଳତୀ । ଆଖିରେ ଆଖିଏ ସପନ । ରାତିରେ ସେ ଗୋଟାଏ ନୂଆ ରାଇଜ ଦେଖୁଛି । ଦିନର ଆଲୁଅରେ ସିନା ଝୁମୁରି କଟ ଖେଳେ, କଣ୍ଢେଇକୋଳି ବୁଦାରୁ କୋଳି ତୋଳେ, ପାଚିଲା ତାଳରେ ପିଠା କରେ, ହେଲେ ରାତିରେ ଏବେ ସେ ରାଣୀ ପାଲଟି ଯାଉଛି । ତା ମା ନିଜ ହାତରେ ତା କେଶ ବାନ୍ଧି ଦେଉଛି । ମୁଣ୍ଡରେ ଫୁଲ ଖୋସି ଦେଉଛି । ଚୂନ ଖଇର ଦିଆ ପାନଖଣ୍ଡେ ଖୋସି ଦେଉଛି ଝୁମୁରି ପାଟିରେ । ଝୁମୁରିର ଓଠ ଲାଲ ଦିଶୁଛି; ରକ୍ତ ଗେଣ୍ଡୁ ପରି ଲାଲ । ହଳଦୀ ମାଖି ଦେଉଛି ତା ମା । ଝୁମୁରି ଗୋରୀ ଦିଶୁଛି । ଦେହରୁ ତାର ମହଣ ମହଣ ଚମ୍ପାର ବାସନା ଛୁଟୁଛି ।

ମହାନଗରୀ କଲିକତାର କାଳୀ ମନ୍ଦିରରୁ ଫେରୁ ଫେରୁ କୌଣସି ଉପଗଳିରେ ଖପରାଡିଆଁ ଖେଳୁଥିବା ଝିଅଟିକୁ ଦେଖିଥିଲେ ସହଜରେ ସମ୍ବିତ୍ ନାୟିକା ସଜେଇ ହୁଏତ ଲେଖି ଦେଇଥାଆନ୍ତା 'ମହାନଗରୀର ରାତ୍ରୀ' ନାମକ ଗପଟିଏ । ହେଲେ ଏଠି ରାତିର ପହିଲି ଅନ୍ଧାର ଗାଁ ଟାକୁ ଗ୍ରାସ କରୁ କରୁ, ନିରିମାଖୀ ଝିଅଟିଏ ତା ଯୌବନର ପହିଲି ପୁନେଇ ପାଳନ କଲାବେଳେ, କିଏ ଜାଣିଥିଲା ରାହୁକେତୁ ମାନଙ୍କର ଭିଡ଼ ଜମିଯିବ ତା ଘରେ, ଗ୍ରହଣ ଲାଗିଯିବ ତା ଦେହରେ ? ସହିପାରୁ ନଥିଲା ସମ୍ବିତ୍ । ତଥାପି ସେ ନାଚାର । ଜହ୍ନର ଛାତିରେ ଠେକୁଆର ଛବିଟିଏ ନ ଆଙ୍କିଲେ, କିଏ କାହିଁକି କହିବ ଇଏ ଜହ୍ନ ବୋଲି ? ପାଖୁଡ଼ାଟିଏ ଝରି ନ ପଡିଲେ କୀଟର ଶୃଙ୍ଗାର ଶଯ୍ୟାରେ, କିଏ କାହିଁକି କହିବ ଫୁଲ ଏତେ ବାସ୍ନାୟିତ ବୋଲି ?

ଝୁମୁରି ଭାବୁଛି । ଅତି ଆଶ୍ଚର୍ଯ୍ୟ ଚମତ୍କାର ତାର୍ ଭାବନା । ପହିଲି ଫଗୁଣରେ ହସ ହସ ଫୁଟନ୍ତା ଫୁଲଟିର ଏମିତି ପୁଣି ମହୁ ବାଣ୍ଟିବାର ମୋହ । ଏମିତି ସେ ଦେହର କ୍ଷୁଧା, ବୟସର ମହୁଲି ନିଶା । ସେହି ନିଶାରେ ନିଶାତୁରା ଝୁମୁରି ଭାବୁଛି, ସତରେ ମା'ଟା ତାର କେତେ ସ୍ୱାର୍ଥପର । ସିଏ ଯେତେବେଳେ ଛୋଟ ଥିଲା, ଜାଣିପାରୁ ନଥିଲା, ମା ତାକୁ ଠକି ଦେଇଛି ବୋଲି । ରାତି ହେଲେ ମା ସଜେଇ ହୁଏ । ମା'ର ମୁହଁରେ କେତେ ଶିରା ପ୍ରଶିରା, ଲୋଚାକୋଚା ଆଉ ବ୍ରଣ ଦାଗସବୁ । ମା' ତାକୁ ବହଳ

Digitized by srujanika@gmail.com

ପାଉଡର ଦେଇ ସଜାଏ । ମା ଭାରି ସୁନ୍ଦର ଦିଶେ । ଠିକ୍ ଯାତ୍ରାପାର୍ଟି ହିରୋଇନ୍ ପରି । ଗୋଟାଏ ଗୋଟାଏ ରାତିରେ କେତେ ଟଙ୍କା, ଶାଢି, ବ୍ଲାଉଜ୍‌ରେ ମା'ର ଅଣ୍ଟି ଭର୍ତ୍ତି ହେଇଯାଏ । ଆଉ ସେ ସୁଯୋଗ ମା' ତାକୁ ଏବେ ଦେଉଛି । ସତରେ ମା'ଟା ଭାରି ଢଙ୍ଗୀ ।

ଯେଉଁଦିନ ଥିଲା ଝୁମୁରି ପାଇଁ ପ୍ରଥମ ରାତି । ରାତିର ନିଃଶବ୍ଦ ପ୍ରହର । ଫୁଲରେ ଗଭା ପାରିଥିଲା ଫୁଲମତୀ ଝୁମୁରି । ଥରକୁ ଥର ଖାଲି ଆଇନା ଦେଖୁଥିଲା, ଚମକି ପଡୁଥିଲା ଝୁମୁରି । ବା'ଘର ଦିନ ତାଙ୍କ ଗାଁ କୁନିଅପା ଠିକ୍ ଏମିତି ବେଶ ହେଇଥିଲା । ଆଉ ତାର ଯେ କଣ ହେବ, ସେ କିଛି ଜାଣିପାରୁ ନଥିଲା । ମା ତାର ଦାଣ ଦରଜାଟା ଖୋଲା ରଖିଥିଲା । ଆସିଥିଲା ସରପଞ୍ଚବାବୁଙ୍କ ପୁଅ । ମୋଟା ମୋଟା ତା ନିଶ । ଗୋରା ତକ୍ ତକ୍ ତା ହାତଗୋଡ । ମୁହଁରୁ ଭକ୍ ଭକ୍ ବାହାରୁଥାଏ ମଦଗନ୍ଧ । ଏ ଗନ୍ଧ ସହିତ ଝୁମୁରି ଆଗରୁ ପରିଚିତ ଥିଲା । ତା ବାପା ତ ସବୁଦିନ ବେଳ ସରିକି କାମରୁ ଫେରିଲା ବେଳେ ଏଇ ମଦକୁ ପେଟେ ପିଇଦେଇ ଆସେ । ତା ମା'କୁ ବାଡାଏ । ବାପା ପାଟିର ଗନ୍ଧ କିନ୍ତୁ ମା' ସହି ପାରେନା । ତାକୁ ପାଖରେ ଶୁଏଇ ଦିଏନା । ଏମିତି କେତେଦିନ ଗଲା । ବାପା ଗୋଟାଏ ଅଦରକାରୀ ମଣିଷ ହେଇଗଲା ମା ପାଇଁ । ବାପା ବି କଣ ପାଇଁ କେଜାଣି ରାତିରେ ଆଉ ଘରେ ରହିଲା ନାହିଁ । ତାଙ୍କ ଗାଁ ଡାକ୍ତର ବାବୁଙ୍କ ବାରିପଟ ବାରଣ୍ଡା । ବାହାରପଟକୁ ବି ଛାତିଏ ଉଚ୍ଚର ଜାଲିକାନ୍ଥଟାଏ ଉଠିଛି । ସେଇ ଗଳିରେ ଶୋଇପଡେ ତା ବାପା ଧନିଆ । ରାତିସାରା ମଦନିଶାରେ ଟଳୁଥାଏ ଆଉ ଗପୁଥାଏ, ଡାକ୍ତର ଘର ନାଲିଆ ମାଈ କୁତୀଟା ସାଙ୍ଗରେ ।

ମଦ, ମଶା, ମାଛି, ଡାଆଁସ ଆଉ ଏଇ ନାଲିଆ କୁତୀଟାକୁ କେବେଠାରୁ ଆପଣେଇ ନେଇଛି ଧନିଆ । ଝୁମୁରି ମା, ଧନିଆକୁ ଘୃଣା କରେ । ସିଏ କୁଆଡେ ରାତିସାରା ମଦ ଖାଇ ଗଡ଼େ । ତା ମନର ଓରିମାନା ମେଣ୍ଟେଇ ପାରେନା । ହେଲେ ସେଇ ନାଲିଆ କୁତୀଟା ଧନିଆର ମନକଥା ବୁଝେ । ଧନିଆ ଛାତିରେ ବେଳେ ବେଳେ ରକ୍ତର ଜୁଆର ଉଠେ । ନାଲିଆକୁ ଛାତିରେ ଭିଡି ଧରେ ଆଉ ଭାବେ ଏଇ ନାଲିଆ କୁତୀଟା ସିନା ଦେହର ଭୋକ ମାରିବନି, ହେଲେ ମନଟାକୁ ତ ଟିକେ ହାଲୁକା କରିଦେବ । ଧନିଆ ଭାବେ, ମଣିଷପରି ନାଲିଆଟା ଏତେ ଅବିଶ୍ୱାସୀ ନୁହେଁ, ଏତେ ସ୍ୱାର୍ଥପର ନୁହେଁ । କେତେଦିନ ହେଲାଣି, ନାଲିଆ ତା କୋଳରେ ଶୋଉଛି; କାହିଁ କେଉଁଦିନ ତ ନପୁଂସକ କହି ତଡି ଦେଉନି । ସେଇ ଧନିଆ ତାର ବାପା । ଭାରି ଭଲ ପାଉଥିଲା ଝୁମୁରିକୁ । ଝୁମୁରି ହେଇଥିଲା ଛୁଆଟିଏ । କାମରୁ ଘରକୁ ଫେରିଲା ବେଳକୁ ଧନିଆ ଗାମୁଛା କାନିରେ ତା ପାଇଁ ଚଣା ଭଜା କିଣି ଆଣୁଥିଲା । ଝୁମୁରିକୁ କୋଳେଇ ନେଉଥିଲା; ତା ମୁହଁରେ ମୁହଁ ଲଗେଇ ବୋକଟିଏ ଦେଲାବେଳେ ଝୁମୁରି କହୁଥିଲ, "ଇସ୍ ବାପା ! ତୋ ପାଟି କେତେ ଗନ୍ଧ ହେଉଛି ।"

ଆଜି ସେଇ ଏକା ଗନ୍ଧ ବାହାରୁଛି ସେହି ନିଶୁଆ ଲୋକଟାର ପାଟିରୁ । ମେଘୁଆ ରାତି । ବାହାରେ ଝଡବର୍ଷା ଆରମ୍ଭ ହୋଇଯାଇଥିଲା । ବାହାରେ ଝଡ । ଭିତରେ ଝଡ ।

Digitized by srujanika@gmail.com

କାହାରିକୁ ବି ଖାତିର ନ କରି ଝୁଅାର ମୁହଁରେ ବସି ମା' ତାର ସାମନା କରୁଥିଲା ଝଡ଼କୁ । ବାହାରେ ଖୋଲା ଆକାଶ; ଭିତରେ ବହଳ ଅନ୍ଧାର, ଯାହାକୁ ସାମନା କରୁଥିଲା ଝୁମୁରି; ଠିକ୍ ତା ମା ଯେମିତି ତାକୁ ଶିଖେଇ ଦେଇଥିଲା । ଅନୁଭୂତିର ଦର୍ଜା ତାର ଖୋଲିଗଲା; ସେଇ ଦରଜା ଦେଇ ପଶି ଆସୁଥିଲା ତରଙ୍ଗାୟିତ ଜ୍ୟୋସ୍ନା । ପାଉଡର, ଝାଳ, ମଦ ଓ ମଧୁମାଳତୀର ଫେଣ୍ଟାଫେଣ୍ଟି ଗନ୍ଧ ଭିତରେ ତା ଅଣ୍ଟିରେ ଅଳାଡି ହେଇ ପଡୁଥିଲା କେତେଖଣ୍ଡ ଦି' ଟଙ୍କିଆ ନୋଟ୍ । ଭାରି ସଫା ଚକ୍‌ଚକିଆ ନୋଟ । ଯେତେଥର ଗଣୁଛି, ତାର ଗଣା ଭୁଲ ହେଇଯାଉଛି । ଝୁମୁରି ପୁଣିଥରେ ମୂଳରୁ ଗଣୁଛି ।

ପହିଲି ମାଘର ଛାତିଥରା ଶୀତ । ଧନିଆ କାଶରେ ଖୁଁ ଖୁଁ ହେଉଛି । ନାଲିଆ କୁତୀଟା ବି ତା କୋଳରେ ପଶି କୁଁ କୁଁ ହେଉଛି । ଶୀତରେ ଥରି ଯାଉଛି ଦେହ । ରାତି ଅଧ ହେଲାଣି, ସିଏ ଶୋଇନି । ତା ନାଲିଆ ବି ଶୋଇନି । ହଠାତ୍ ଥଣ୍ଡା ମାଡିଆସିଛି ଯେମିତି ସେଦିନ ରାତିରେ । ଶୀତରେ ଥରିଯାଉଥିଲା ଧନିଆର ଦେହ । ଭାବିଲା, ଘର ପାଖକୁ ଯାଇ ଓଳି ତଳେ ଥିବା ଛିଣ୍ଡା ହେଁସଟା ନେଇ ଆସିବ; ସେଇ ବିଲିକମଳଟା ଘୋଡେଇ ହେଇ ଶୋଇବ; ନାଲିଆକୁ ବି ଘୋଡେଇ ଦେବ । ସେଇ ରାତିରେ ଉଠି ଧନିଆ ଚାଲିଲା ଥରି ଥରି ଘର ପାଖକୁ ।

ଘର ପାଖରେ ପହଞ୍ଚି ଯାହା ଦେଖିଲା, ସେଥିରେ ତାର ଶୀତ ଛାଡିଗଲା । ଚାରି ପାଞ୍ଚଟା ଟୋକା ଝୁମୁରିକୁ କୁଆଡେ ଟାଣୁଛନ୍ତି । ଝୁମୁରି ଯାଉନି । ପାଟି ଚିଲୋଉଛି ଝୁମୁରି ମା, "ଆଲୋ ଯାଉନୁ ଲୋ ପୋଡାମୁହିଁ, ତତେ ଆଣି ରାତି ପାଇବା ଆଗରୁ ଛାଡିଦେଇ ଯିବେନି ? ଘରେ ଖାଲି ମରିବୁ ପୋଡାମୁହିଁ; ତୁ ଯିବୁନି; ଆଉ ସିଏ ଖାଲି ତୋ ପାଖକୁ ଆସୁଥିବେ !"

କଥା ଏତକ ଶୁଣୁ ଶୁଣୁ ଧନିଆ ମୁଣ୍ଡକୁ ରକ୍ତ ଚଢିଗଲା । ତା' ଅଜାଣତରେ ତା' ଘରେ ନିତିଦିନ ଚାଲିଥିବା ଡ୍ରାମାର ପ୍ରତିଟି ଦୃଶ୍ୟ ନାଚିଯାଉଥିଲା ତା ଆଖିରେ । ଓଳିମୂଳୁ ଛାତିଏ ଉଚ୍ଚର ମୂଳିଆ ବାଉଁଶଟା ଆଣି ଗୋଡ଼େଇ ପିଟିଲା ସେଇ ଲୋକଗୁଡାକୁ । ଝୁମୁରି କଇଁ କଇଁ ହୋଇ କାନ୍ଦୁଥିଲା । ଆଉ ଝୁମୁରି ମା' ତାର ନିତିଦିନିଆ ଦେହ ଘଷିଆ ଘଟଣା ପରି ମୁହଁ ମୋଡିଦେଲା । ଝୁମୁରିକୁ ଘର ଭିତରକୁ ଟାଣି ନେଇଗଲା, ଆଉ ବାପକୁ ତାର କବାଟ କିଳିଦେଲା । ଧନିଆ ଭାବିଥିଲା, ତାର ବାହାରେ ଶୋଇବା ଦିନଠାରୁ ବୋଧେ ଝୁମୁରି ମା ଅଭିମାନ କରିଥିବ । ମନେ ପକାଉଥିବ ଧନିଆ ସହିତ ତାର ନିବିଡ଼ ଭାବେ ଭଲପାଇବାର ଦିନ ଗୁଡ଼ିକୁ । ଲୁହ ଝରାଉଥିବ । ମାତ୍ର ସେ ଜାଣିନଥିଲା ଝୁମୁରି ମା'ର ପ୍ରତିଟି ରାତି ଏବେ ନୂଆ ନୂଆ ମଧୁଶଯ୍ୟାର ରାତି ବୋଲି ! ନିଜେ ତ ଯାହା କଲା କଲା, ଶେଷରେ ତା ସଜଫୁଲ ଝିଅକୁ ବି... ।

ପୁଣି ଦଲକାଏ ଶୀତୁଆ ପବନ । ପୁଣି ତାକୁ ଶୁଭିଲା ନାଲିଆର କୁଁ କୁଁ କାନ୍ଦ । ନାଲିଆକୁ ଭାରି ଶୀତ ହେଉଛି, ନାଲିଆ କାନ୍ଦୁଛି । ଆଉ ଝୁମୁରୀ ? ସିଏ କାହିଁକି କାନ୍ଦୁଛି କେଜାଣି ? ବାରିପଟ ଓଳିରୁ ଛିଣ୍ଡା ହେଁସ ଧରି ଦୌଡିଲା ଧନିଆ । ନାଲିଆକୁ

Digitized by srujanika@gmail.com

ଧରି ଗେଲ କଲା, ଆଉ କହିଲା, "ନାଲିଆରେ, ମୁଁ ମଣିଷ ନ ହେଇ କୁକୁରଟାଏ ହେଇଥିଲେ କେତେ ଭଲ ହେଇଥାନ୍ତା କହିଲୁ।"

ସେଦିନର ଶୀତୁଆ ରାତି ଅସରାଏ କୁହୁଡି ବିଞ୍ଚି ଦେଇ ଘୁଞ୍ଚି ଯାଉଥିଲା। ଖରା ପଡିଲାଣି ଧନିଆ ଛାତିରେ। ଧନିଆ ଉଠିଲା। କେତେବେଳୁ ସକାଳ ହେଲାଣି। ଗାଁରେ ପାଟିଗୋଳ ଶୁଭିଲା। ଧନିଆ ବାହାରକୁ ଆସିଲା; ଚାରିଆଡକୁ ଚାହିଁଲା ଦେଖିଲା, ତାରି ଘର ଆଗରେ ଶହ ଶହ ଲୋକ ଜମା ହେଇ ପଡିଲେଣି। ଧନିଆ କାଶି କାଶି ଧାଇଁଲା ତା ଘର ଆଡକୁ। ତା ଘର ସାମନାରେ ଆମ୍ବଗଛ। ଏଇ ଗଛରୁ ସିଏ ଆମ୍ବ ତୋଳେ; ଝୁମୁରି ଖାଏ। ଏଇ ଗଛର କେନା କେନା ଡାଳରେ ଡେଇଁ ଡାଳିମାଙ୍କୁଡି ଖେଳୁଥିଲା ଝୁମୁରି। ସେଇ ଗଛରେ ପଟାଦୋଳି ବାନ୍ଧି ଦେଲେ, ତା ଝିଅ ରଜଦୋଳି ଖେଳେ; ଯେଉଁ ଗଛରେ ଆଜି ରକ୍ତ ଜୁଡୁବୁଡୁ ହେଇ ଝୁଲୁଛି। କିଏ କହୁଛି, ଝୁମୁରି ଆତ୍ମହତ୍ୟା କରିଛି, କିଏ କହୁଛି ତାକୁ ମାରି ଟାଙ୍ଗି ଦିଆଯାଇଛି ! ପୋଲିସବାଲା ଶବକୁ ଘେରି ରହିଛନ୍ତି।

ଧନିଆ ପହଞ୍ଚିଲା କ୍ଷଣି ତାକୁ କେତେ ଲୋକ ଘେରିଗଲେ। ଆଉ ପୋଲିସକୁ ଚିହ୍ନେଇ ଦେଉଥିଲେ, "ହେଇ, ଏଇ ଝୁମୁରିର ବାପା ଧନିଆ।"

ସକାଳ ହେଲା ବେଳକୁ ଝୁମୁରି ମା'କୁ କେହି ଦେଖି ନଥିଲେ ସେଦିନ। ସମସ୍ତଙ୍କ ଆଖିରେ ଖାଲି ସେଇ ରକ୍ତ ଜୁଡୁବୁଡୁ ଝିଅଟିଏ ଆଉ ତାର ଖୁଁ ଖୁଁ କାଶୁଥିବା ବାପା। ପୋଲିସ୍ ଘେରରେ କଳାକାଠ ପଡିଯାଇଥିବା ବାପା ଆଉ ରକ୍ତ ଜଡ଼ସଡ଼ ତା ଝିଅ। ସଙ୍ଗେ ସଙ୍ଗେ ଧନିଆ ହାତରେ ହାତକଡି ପକେଇ ତାକୁ କେତେଟା ପୋଲିସ୍ ଝିଙ୍କି ନେଉଥିଲେ। ପଛରେ ଭୋ ଭୋ ଭୁକୁଥିଲା ନାଲିଆ କୁତୀ; ଆକୁ ତାକୁ କାମୁଡି ଗୋଡ଼ାଉଥିଲା। ଧନିଆ ଫେରି ଚାହିଁଲା ପଛକୁ। ନାଲିଆର ଲୁହ ଛଳ ଛଳ ଆଖିରେ ଥରେ ଆଖି ମିଶେଇଲା।

ଯା ଭିତରେ କେତେଦିନ ବିତିଗଲାଣି।

ଝୁମୁରି ମା ବଂଚିଛି କି ମରିଛି ସେ ଖବର କାହାରି ପାଖରେ ନାହିଁ। ଧନିଆ ଜେଲ୍‌ରୁ ଫେରିନି। ନାଲିଆ ଆଉ ସେ ପୁରୁଣା ପିଣ୍ଡା ଗଳିରେ ଶୋଉନି। ଏବେ ବି ରାତିର ନିଶବ୍ଦ ଅନ୍ଧାର ଭିତରେ କଇଁ କଇଁ ଅତି ବିକଳ କାନ୍ଦ ଶୁଭେ। କାହାକୁ ଶୁଭେ କି ନାହିଁ କେଜାଣି, ହେଲେ ସମ୍ପିତ୍ ଶୋଇପାରେନା; ଆଉ ଜାଣି ବି ପାରେନା, ଏ କାନ୍ଦଣା କାହାର ? ଝୁମୁରିର ନା ନାଲିଆର......

■■■

Digitized by srujanika@gmail.com

ପ୍ରିୟ ଗାଳ୍ପିକ

କେତେବେଳୁ ରାତି ପାହିଥିଲେ ବି ବିଛଣାରେ ଶୋଇ ରହିଥିଲା ସୁମିତ୍ରା । ବାହାରେ ଆକାଶ ଭର୍ତ୍ତି ମେଘ । ଶୀତୁଆ ସଞ୍ଜ ପରି ଲାଗୁଥିଲା କଅଁଳ ସକାଳ । ସୁମିତ୍ରାର ଇଚ୍ଛା ହେଉଥିଲା ଆଉ ପହଡେ ନିଦ ଆସି ଯାନ୍ତା'କି । ପାଖଘରୁ ଶୁଭୁଥିଲା ବୋଉର ଚୁଡି ଝଣଝଣ ଶବ୍ଦ । ସକାଳୁ ଉଠି ବୋଉ ବାସିକାମ କରୁଥିଲା ଓ ବାପା ଦାନ୍ତ ଘଷୁ ଘଷୁ କ'ଣ ସବୁ ଗପି ଚାଲିଥିଲେ ବୋଉ ସହିତ । ବିଛଣାରେ ଶୋଇ ଶୋଇ ବାପାଙ୍କ କଥାକୁ କାନ ଡେରିଥିଲା ସୁମିତ୍ର ।

ବାପା କହୁଥିଲେ ତା ବା'ଘର ବିଷୟରେ । କାଲି କିଏ ତାଙ୍କ ଅଫିସରେ ଆଣି ପ୍ରସ୍ତାବଟେ ଦେଇଛି । ପୁଅଟା ଖବରକାଗଜ ଅଫିସ୍‌ରେ କ'ଣ କାମ କରୁଛି । ଏମିତି ସବୁ ପତ୍ରପତ୍ରିକାରେ ତା'ର ଲେଖା ବାହାରୁଛି । ପିଲାଟାର ନାଁ ସତ୍ୟପ୍ରିୟ ରଥ । ଭାରି ଧୀରସ୍ଥିର, ନମ୍ର ଓ ଭାରି ଗୁଣ'ର ପିଲା ।

ସେଇ ନାଁଟା କାନରେ ବାଜୁ ବାଜୁ ସ୍ୱପ୍ନ ବିଭୋର ହୋଇଗଲା ସୁମିତ୍ରା ଏଇ କ'ଣ ସେଇ ଗାଳ୍ପିକ ସତ୍ୟପ୍ରିୟ ! ସେ କଣ ତେବେ ଅବିବାହିତ ! କୌଣସି ବିବାହ ପ୍ରସ୍ତାବ ଶୁଣି ସୁମିତ୍ରା ଆଜିପରି ଏତେଟା ଆତ୍ମହରା ହୋଇନଥିଲା । ତା ବହିଥାକରେ ସତ୍ୟପ୍ରିୟର କେତେଖଣ୍ଡ ହାତଲେଖା ଚିଠି ଅଛି । ସତ୍ୟପ୍ରିୟର ଲେଖାଟେ ପଢିଲେ ଏତେ ମିଠା ଲାଗେ ଯେ, ଚିଠିଟେ ଲେଖିବାକୁ ଇଚ୍ଛା ହୁଏ । ସବୁ ଚିଠିର ଏତେ ସୁନ୍ଦର ଉତ୍ତର ସିଏ ଦିଅନ୍ତି ଯେ, ସେ ଚିଠି ସବୁକୁ ସାଇତି ରଖିବାକୁ ମନବଳାଏ ।

ସ୍ମୃତିର ପ୍ରୀତିଫରୁଆରେ ସେ ଚିଠି ସବୁକୁ ସାଇତି ରଖିଥିଲା ସୁମିତ୍ରା । ଗଳ୍ପ ପାଇଁ ଗତବର୍ଷ ସାହିତ୍ୟ ଆକାଦେମୀ ପୁରସ୍କାର ପାଇଲେ ସତ୍ୟପ୍ରିୟ । କଣ ଏତେ କମ ବୟସରୁ ! ଭାବି ପାରୁନଥିଲା ସୁମିତ୍ରା । ଅନେକ ଥର ତା'ର ଇଚ୍ଛା ହୁଏ, ତା ପ୍ରିୟ ଗାଳ୍ପିକଟିକୁ କେଉଁଠି କେମିତି ଥରେ ଦେଖନ୍ତା କି ! ଥରେ ଶାରଦୀୟ ବିଶେଷାଙ୍କ 'ଓଁକାର' ପତ୍ରିକାରେ ଲେଖକ ଲେଖିକାମାନଙ୍କର ଲେଖାସବୁ ଫଟୋ ସହିତ ପ୍ରକାଶ ପାଇଥିଲା । ସୂଚୀପତ୍ରରୁ ସତ୍ୟପ୍ରିୟର ନାଁଟା ପଢି ସେ ଖୋଲିଥିଲା ତା ମୁହଁ ଦେଖିବାକୁ । ହତାଶାରେ ଭରି ଯାଇଥିଲା ତା ମନ । ଅନ୍ୟ ସ୍ରଷ୍ଟାମାନଙ୍କର ଫଟୋ ସହିତ ଲେଖା ପ୍ରକାଶ ପାଇଥିଲେ 'ବି, ସତ୍ୟପ୍ରିୟଙ୍କର କେବଳ ଲେଖାଟି ପ୍ରକାଶ ପାଇଥିଲା । ସତ୍ୟପ୍ରିୟର ଗପ ପଢି ଚିଠିଟେ ଲେଖିଲାବେଳେ, ସୁମିତ୍ରାର ଯେ କେତେଥର ବୟସ ପଚାରିଦେବାକୁ ଇଚ୍ଛା ନ ହେଇଛି, ସେ କଥା ନୁହେଁ । ହେଲେ ଅନଧିକାର ଚର୍ଚ୍ଚା ସେ କରି ନାହିଁ । ଫ୍ୟାନ୍‌ଟିଏ ତା ପ୍ରିୟ ଲେଖକଠାରୁ ଏକ ନିର୍ଦ୍ଦିଷ୍ଟ ଦୂରତାରେ ରହିବା

Digitized by srujanika@gmail.com

କଥା । ତା ବୟସ ବା ପାରିବାରିକ ଜୀବନ ସଂପର୍କରେ ଜାଣିବାକୁ ଇଚ୍ଛା କରିବା ମଧ୍ୟ ଠିକ୍ ନୁହେଁ ।

ସୁମିତ୍ରା ନିଜ ଭିତରେ କିଛିଟା ଅଲଗା ଅନୁଭବ କଲା । ତା ଛାତି ଭିତରେ ଆଉ ଗୋଟାଏ ପୃଥିବୀର ଆବର୍ତ୍ତନ ଓ ତତ୍‌ଜନିତ ଦିନରାତି ଖେଳ ଆରମ୍ଭ ହୋଇଯାଇଥିଲା । କାହା ଚିନ୍ତାରେ ଦିନଟେ ଉଦ୍‌ଭାସିତ ହୋଇଯାଏ ତ ପୁଣି କାହା ସ୍ୱପ୍ନରେ ରାତିଟିଏ ଆସେ । ଏମିତି ରାତିରେ ଛୁଇଁ ହେଉ ନଥିବା କାହା ପାପୁଲି ସ୍ପର୍ଶରେ ତା ହୃଦ୍‌ଯନ୍ତ୍ର, ପାକସ୍ଥଳୀ ଓ ଯକୃତ୍ ସବୁ ସତେ ମଲ୍ଲୀ ଫୁଲ ପାଲଟି ଯାଆନ୍ତି । ନିଜ ଦେହ ନିଜକୁ ବାସେ । ମହଣେ ମଲ୍ଲୀର ଭାର ସହି ନପାରି ଶବ୍ଦ କରି ନଇଁ ପଡୁଥିବା ଶାଖାଟେ ପରି ଶବ୍ଦ ଶୁଭେ ତା ଭିତରୁ । ଏମିତି ଶବ୍ଦଟେ ଶୁଣି ଚମକି ପଡେ ସୁମିତ୍ରା ଓ ଭାବେ ପେପରବାଲା ବୁଢା, ଏବେ ହୁଏତ ଫିଙ୍ଗି ଦେଇ ଯାଇଥିବ ଦୈନିକ ସମ୍ବାଦପତ୍ର । ସମ୍ବାଦପତ୍ରର ରବିବାର ବିଶେଷ ପୃଷ୍ଠାରୁ ସେ ଖୋଜିବ ସତ୍ୟପ୍ରିୟର ରବିବାରିଆ ଫିଚର 'ଦର୍ପଣ' । ସତ୍ୟପ୍ରିୟ ରଥର ''ଦର୍ପଣ'' ପଢିବା ପାଇଁ ସେ ଅପେକ୍ଷା କରିଥାଏ ସାତଦିନ । ସାତଦିନରେ ଥରେ ଏମିତି ଦର୍ପଣ ଆସେ ତ, ତାକୁ ଥରେ ପଢିଦେଲେ, ସାରା ରବିବାରଟା ଖୁସି ଲାଗେ । ଏମିତି ଭଲ ଲେଖାଟେ ପଢିଲା ପରେ ତ ଗାଛିକର ନାଁଟା ଛାଇପରି ଗୋଡାଏ କିଛିକାଳ । ଭଲ କବିତାଟେ ପଢିଲାବେଳେ ଲାଗୁଥାଏ ଯେମିତି ପାଖରେ କେଉଁଠି ଛିଡା ହୋଇ କବିଟିଏ ହାତ ପତେଇଛି ମୁଠାଏ ପାଠକୀୟ ଶ୍ରଦ୍ଧା ପାଇଁ !

ହଠାତ୍ ତା'ର ମନେ ପଡ଼ିଗଲା ସୌରୀନ୍ଦ୍ର ବାରିକଙ୍କ 'ଆକାଶ ପରି ନିବିଡ' ସ୍ନେହ କାଙ୍ଗାଳ କବିଟିଏ ମୁଁ/ ମତେ ଟିକେ ପଢିବ/ ତମର କିଛି ଯିବନି/ ଅଥଚ ମତେ ସବୁ ମିଳିଯିବ ।

ଭାବିହେଲା ସୁମିତ୍ରା । ପାଠକ ଯଦି ଲେଖାଟିଏ ପଢେ, କ'ଣ ଯେ ଅବା ମିଳିଯାଏ ଲେଖକକୁ ! ସିଏ ତ ସତ୍ୟପ୍ରିୟର ଅନେକ ଗପ ପଢିଛି । ଅନେକଟା'ବି ପାଇଛି । ଦୁଃଖ ବେଳେ ସାନ୍ତ୍ୱନା ପାଇଛି । ସୁଖ ବେଳେ ଭୁଲିଯାଇଛି ନିଜକୁ । ଗାଡ଼ିରେ ବସିଥିବା ଯାତ୍ରୀଟିର ଆଖିରେ ପଛକୁ ଦୌଡୁଥିବା ଗଛବୃଛମାନଙ୍କ ପରି ପଛକୁ ଧାଉଁଥିବା ମୁହୂର୍ତ୍ତମାନଙ୍କଠାରୁ ସାଉଁଟିଛି ଅନେକ ଜୀବନାନୁଭୂତି ।

ମଣିଷର ଜୀବନ ବୋଇଲେ ଆଉ କଣ କି ? ଗୋଟାଏ ଟ୍ରେନ ଯାତ୍ରା । କଥାରେ କହନ୍ତି ସମୟ କାହାକୁ ଅପେକ୍ଷା କରେ ନାହିଁ । ସମୟ ଗୋଟାଏ ଅପେକ୍ଷା କରିବ ନ କରିବ କ'ଣ ? ଆମେ ତା'ର କୋଉ ଗୁଣକୁ ଗୁଣେ ନା କୋଉ କୋଣରୁ କୋଣେ ଯେ ସିଏ ଆମକୁ ଅପେକ୍ଷା କରିବା ନକରିବା ଠେଇଁ କଥା ପଡ଼ିଚି । ସମୟ ତ କାଳ ଆଁ ମେଲେଇ ବସିଛି ଗୋଟାଏ ଠାଁ । ତା ବିରାଟ ପାଟି ଭିତରେ ଶିରା ଶିରା ହେଇ ରେଳ ଧାରଣା ଲମ୍ବିଯାଇଛି ତା ଗର୍ଭ ଗୃହକୁ । ରେଳ ଗାଡି ପରି ପୃଥିବୀ ଗଡୁଛି ସେ ଧାରଣା ଉପରେ । ତା' ଓଠ, ଜିଭ, ତଣ୍ଟି ଓ ଅନ୍ତନାଳୀ ଦେଇ ଭିତରକୁ ଗଲାବେଳକୁ ଯାବତ୍ ଦିନରାତି ଓ ଋତୁ ପରିବର୍ତ୍ତନର ଖେଳ ଚାଲିଛି । ମଣିଷ ସେଇ ରେଳଗାଡିର ଯାତ୍ରୀ । ତା ଯାତ୍ରା ସରିଗଲେ ଓହ୍ଲେଇ ପଡୁଛି । କାଳଗର୍ଭରେ ଲୀନ ହୋଇଯାଉଛି । ଓହ୍ଲେଇଗଲା ବେଳେ ଦେହରୂପୀ ମାଟିପିଣ୍ଡୁଳାଟାକୁ ଫିଙ୍ଗିଦେଇ ଯାଉଛି ପୃଥିବୀର ମାଟି ଉପରେ ।

Digitized by srujanika@gmail.com

ପୃଥିବୀଟା ସେମିତି ଗଡୁଛି ଫୁଟବଲ ପରି । ମାଦଳ ପରି । ନିଜ ଘର ଭିତର ପାଣି ପବନ ଦେଇ ଜୀବ ପାଳୁଛି ସିନା; କିନ୍ତୁ ପର ନିୟନ୍ତ୍ରଣରେ ଗଡୁଛି କାଳର ଆଁ ଭିତରେ । ସୁଦ୍ଧୁ ବୋକା ମଣିଷମାନେ ଯାତ୍ରୀ ସାଜିଛନ୍ତି । ଗଛର ପଛ ଦୌଡା ଦେଖୁଛନ୍ତି । ଖୁସି ହେଉଛନ୍ତି । କିଏ କାହିଁକି ଦୌଡ଼ିବ ? ନା କାଳ ନା ଗଛ । ଗଛ ପରି ଗୋଟାଏ ଠାଁ ବସିଛି କାଳ । ପାଦରେ ପାଣି ପିଉଛି । ଆଁ ମେଲିଛି । ବଡ଼ ଆଁ ।

ସତ୍ୟପ୍ରିୟର ଗୋଟାଏ ଗପ ଭିତରୁ ଏମିତି ଗୋଟାଏ ପାରାଗ୍ରାଫ ପଢିଦେଇ ହତଚକିତ ହେଇପଡ଼ିଥିଲା ଦିନେ ସୁମିତ୍ରା, ନିଜ ଭିତରେ ଭାଙ୍ଗି ଖଣ୍ଡ ଖଣ୍ଡ ହେଇ ପୁଣି ଯୋଡି ହେଇ ଯାଇଥିଲା । ସତ୍ୟପ୍ରିୟର ଗଳ୍ପକୁ ନେଇ ଥରେ ସାରା ରାତି ଛଟପଟ ହେଇଥିଲା ସୁମିତ୍ରା । ସେଇ ସତ୍ୟପ୍ରିୟ ସହିତ ପୁଣି ତା'ର ବିବାହ ପ୍ରସ୍ତାବ । ତା ଭଲ ପାଇବାଟା ଯେ ଗଳ୍ପରୁ ଗାଳ୍ପିକ ପାଖକୁ ସଂକ୍ରମିତ ହୋଇଯିବ, କେବେ ବି ଭାବି ପାରି ନଥିଲା ସୁମିତ୍ରା । ବିବାହ ପରେ ନିଜ ପ୍ରାଣପ୍ରିୟକୁ ନେଇ ଅନେକ ମଧୁଚନ୍ଦ୍ରିକାର ସ୍ୱପ୍ନ ହୁଏତ ଦେଖୁଥାନ୍ତି ଝିଅମାନେ; ମାତ୍ର ସୁମିତ୍ରା ଭାବୁଥିଲା ସେ କେମିତି ପାଲଟିଯିବ ଏଣିକି ସତ୍ୟପ୍ରିୟର ସବୁ ଗଳ୍ପମାନଙ୍କର ଏକ ନମ୍ବର ପାଠିକା, ଲୁଚେଇ ଲୁଚେଇ ପଢିଦେବ ତା ଅଧାଲେଖା ଗପମାନଙ୍କୁ । ଏମିତି ଭାବୁ ଭାବୁ ପେପର ବାଲା ବୁଢା ଫିଙ୍ଗି ଦେଇଗଲା ସେଦିନର ପେପର ଓ ତତ୍‌କ୍ଷଣାତ୍ ସୁମିତ୍ରା ଉଠିଯାଇ ଖୋଲୋଉଥିଲା, ସତ୍ୟପ୍ରିୟର ଫିଚର 'ଦର୍ପଣ' ପଢିବାକୁ ।

ଖବରକାଗଜଟିର ଆରମ୍ଭରୁ ଶେଷଯାଏ ଖୋଜି ଖୋଜି ସତ୍ୟପ୍ରିୟର ଦର୍ପଣ ନ ପାଇବା ପରେ ଆତ୍ମପ୍ରତ୍ୟୟ ଫେରିପାଇଲା ସୁମିତ୍ରା ଯେ ସେଦିନ ରବିବାର ନଥିଲା । ଛାଁ କୁ ଛାଁ ଲାଜେଇଗଲା ଓ ଭାବିଲା ରବିବାର ଗୁଡା ଏତେ ଡେରି ଡେରି କରି କାହିଁକି ଆସନ୍ତି ଯେ !

ଗାଧୁଆ ପାଧୁଆ ସାରି ସୁମିତ୍ରା ଠାକୁର ପୂଜା କରିବାକୁ ଗଲା, ଠାକୁର ସବୁ ଜାଣିପାରନ୍ତି ଓ ତାଙ୍କୁ ନିର୍ଦ୍ଦିଷ୍ଟ ଭାବରେ କିଛି ମାଗିବାର ଆବଶ୍ୟକତା ନଥାଏ ଜାଣି ମଧ୍ୟ ସେଦିନ ଯେମିତି କିଛି ତା'ର ମାଗି ହେଇଯାଉଥିଲା । ସେ ଦିନ ସାରା ଚାହୁଁଥିଲା ସୁମିତ୍ରା, ବାପାଙ୍କ ଅଫିସ ଫେରିବା ବାଟକୁ । ବାପା ଫେରିବା ପରେ ସେଇ ପ୍ରସ୍ତାବ ସଂପର୍କରେ ପୁଣି ତା ବୋଉ ସହିତ ଆଲୋଚନା କରିବେ । ସବୁ ବେଳେ ପ୍ରସ୍ତାବଟିଏ ନୂଆ ନୂଆ ଆସିବାରେ ବାପା, ବୋଉ, ମାମୁଁ ଓ କକାମାନଙ୍କ ମଧ୍ୟରେ ସେ ପ୍ରସ୍ତାବର ଭଲମନ୍ଦ ସଂପର୍କରେ ଢେର୍ ଆଲୋଚନା ହୁଏ ।

ସେଦିନ ଅଫିସ ସମୟ ଗଡେଇ, ସଂଧ୍ୟାକୁ ବାପା ଆସିଲେ । ସତକୁ ସତ ବାପାଙ୍କ ସହିତ ମାମୁଁ ବି ଆସିଥିଲେ । ପାଖ ଘରେ ମିଛୁଟାରେ ଶୋଇ ଶୋଇ ସୁମିତ୍ରା କଥାବାର୍ତ୍ତା ଶୁଣୁଥିଲା । ବାପାଙ୍କ ଠାରୁ ସତ୍ୟପ୍ରିୟ ସଂପର୍କୀୟ ପ୍ରସ୍ତାବଟା ଶୁଣୁ ଶୁଣୁ ଭୀଷଣ ବିରକ୍ତ ହେଲେ ତା ମାମୁଁ । ଖବର କାଗଜ ଅଫିସରେ କ'ଣ କାମ କରୁଛି । ଗପ କବିତା ଲେଖୁଛି । ସାପ୍ତାହିକ ଫର୍ଦ୍ଦରେ କ'ଣ ସବୁ ଫିଚର ଲେଖି କେତେ ପଇସା ପାଉଥିବ ଯେ, ସେଥିରେ ସଂସାର କରି ଚଳିବ ? ଏତଦ୍ ବ୍ୟତୀତ ସତ୍ୟପ୍ରିୟ ଦୁଇଟି ପ୍ରତିଷ୍ଠିତ ସାହିତ୍ୟ ପତ୍ରିକାର ଯଥା କ୍ରମେ ସହ-ସମ୍ପାଦକ ଓ ପରିଚାଳନା ଦାୟିତ୍ୱରେ

Digitized by srujanika@gmail.com

ଅଛି ଏବଂ ସେଥିରୁ ମଧ୍ୟ କିଛି ରୋଜଗାର କରେ ବୋଲି ବାପା ଉଲ୍ଲେଖ କଲେ । ଏ କଥା ଶୁଣି ମାମୁଁ ହସିଲେ ଓ କହିଲେ, ଯା ହେଲେ ବି ଏମିତି ଗୋଟାଏ ପିଲାର ଭବିଷ୍ୟତ କଣ ? ଏକାଡେମୀ ପୁରସ୍କାର ପ୍ରାପ୍ତ ସତ୍ୟପ୍ରିୟ ରଥ ଆପଣଙ୍କ ଜ୍ୱାଇଁ ବୋଲି କହି କିଛି ଆତ୍ମସନ୍ତୋଷ ପାଇ ପାରନ୍ତି; ମାତ୍ର ଦାରିଦ୍ର୍ୟ ଓ ଅଭାବବୋଧ ଭିତରେ ସେ ବଞ୍ଚି ରହିବ ଚିରକାଳ ।

ସେଦିନ ସଂଧ୍ୟାରେ ମାମୁଁ ତାଙ୍କ ଘରକୁ ଚାଲିଯିବା ପରେ, ବାପା ବୋଉକୁ ଡାକି ପଚାରିଲେ, ''ଏ ପ୍ରସ୍ତାବ ସଂପର୍କରେ ଏବେ କ'ଣ କରିବା କୁହ । ପୁଅ ଘରକୁ ମଧ୍ୟ ପ୍ରସ୍ତାବଟା ଯାଇଥିଲା; ପୁଅଟା ବିଭା ହେବାକୁ ନାଇଁ ନାଇଁ କରୁଚି । ତାଙ୍କ ଘର ଲୋକ ସବୁ ପ୍ରାୟତଃ ରାଜି ।'' ଉଦାସ କଣ୍ଠରେ ବାପା ଏସବୁ କହୁଥିଲେ । ମାମୁଁଙ୍କ ସହିତ ଆଲୋଚନା ପରେ ମନ ତାଙ୍କର ଭାଙ୍ଗି ଯାଇଥିଲା ।

ସଫେଇ ଦେଉଥିଲା ବୋଉ, ''ପୁଅ ନାଇଁ ନାଇଁ କରିବାରେ କ'ଣ ଅଛି । ବା'ଘର ପ୍ରସ୍ତାବ ପଡ଼ିଲାବେଳେ କେଉଁ ପୁଅ କି ଝିଅ, ହଁ କରନ୍ତେ କି ଆଉ । ଆମେ ହେଲେ ଝିଅ ଘର ବାଲା, ଆଗେଇବା କଥା ହେଲେ ଆମକୁ ଆଗେଇବାକୁ ପଡ଼ିବ ।''

ମାମୁଁଙ୍କ କଥା ଶୁଣି ପାଖ ଘର ବିଛଣାରେ ଶୋଇ ଶୁଖିଯାଇଥିବା ସୁମିତ୍ରା, ପୁଣି ବୋଉ କଥା ଶୁଣି ଫୁଲିଉଠିଲା ଆନନ୍ଦରେ । ମନେ ମନେ କହୁଥିଲା ଯେମିତି, ''ବିବାହ ପ୍ରସ୍ତାବ ଶୁଣି କେଉଁ ପୁଅ କି ଝିଅ ହଁ କରନ୍ତି ନାହିଁ ସିନା, ତୁ ଆଜି ମତେ ଥରେ ପଚାରେ ବୋଉ । ସତ୍ୟପ୍ରିୟକୁ ସାଥୀ ଭାବେ ପାଇବା ପାଇଁ ଅଳାଜୁକୀଟେ ପରି ହଁ କହିଦେବା ପାଇଁ ମୋ ପାଟି ଟାକୁଟାକୁ ହେଉଛି ।''

ଏମିତି ପ୍ରସ୍ତାବଟେ ଆଲୋଚନା ହେବା ପରେ ବାପା, ବୋଉକୁ ଡାକି ପଚାରନ୍ତି ଓ ତା ବୋଉ ସୁମିତ୍ରା ପାଖରେ ଭିନ୍ନ ପ୍ରସଙ୍ଗରୁ ଟାଣି ଓଟାରି ଆଣି କଥା ପକାଏ ନିରୋଳାରେ । ସୁମିତ୍ରା ସବୁ ଶୁଣେ । କିଛି କହେନା, ହେଲେ ପ୍ରସ୍ତାବଟେ ଶୁଣୁ ଶୁଣୁ ସୁମିତ୍ରା ମୁହଁରେ ଆଙ୍କି ହେଇ ଯାଉଥିବା ଇଚ୍ଛା ଓ ଅନିଚ୍ଛାର ରେଖା ସବୁକୁ ବେଶ୍ ଚିହ୍ନିପାରେ ତା ବୋଉ ।

ପରଦିନ ରାତିରେ ରୋଷେଇ ଘର ଥାକ ସଜାଡୁ ସଜାଡୁ ବୋଉ କଥା ଉଠେଇଲା । ପରିବା କାଟୁଥିଲା ସୁମିତ୍ରା । ପୁଅ ଚାକିରି କରିନି ବୋଲି ତା'ର ରୋଜଗାର ସମ୍ବନ୍ଧୀୟ ସବୁକଥା ଡରି ଡରି କହୁଥିଲା ବୋଉ । ହେଲେ ସିଏ ଆଶ୍ଚର୍ଯ୍ୟ ହେଲା ଯେ ଖୁବ୍ ଖୁସିରେ ସୁମି ପ୍ରସ୍ତାବଟିକୁ ଗ୍ରହଣ କରୁଥିଲା । ହସ ହସ ଦିଶୁଥିଲା ସୁମିର ମୁହଁ । ଅନ୍ୟମନସ୍କ ହୋଇ ଆଳୁଗୁଡ଼ାକ ଏମିତି ବେସାଇଜିଆ କରି କାଟୁଥିଲା ଯେ, ବୋଉ ଜାଣିପାରୁ ନଥିଲା, ଭଜା କି ତରକାରୀ, କଣ କରିବ ।

ପ୍ରସ୍ତାବ ବିରୁଦ୍ଧରେ ମାମୁଁ କହିଥିବା କଥା ସଂପର୍କରେ ବୋଉ କିଛି କହୁନଥିଲା । ବରଂ ଅପେକ୍ଷା କରୁଥିଲା ସମୟ ସୁବିଧା ଦେଖି ତା ବାପାଙ୍କୁ କହିବ ଝିଅର ମନକଥା । ବାପା ଫେରିବା ପରେ ଅଫିସରୁ, ବୋଉ ସବୁକଥା କହିଲା । ଝିଅର କେମିତି ହଠାତ୍ ଏଇ ପ୍ରସ୍ତାବଟା ପ୍ରତି ଆଗ୍ରହ ଆସୁଛି ଭାବି ବାପା ବିସ୍ମିତ ହେଲେ । ଅବଶ୍ୟ ବାପା ଜାଣନ୍ତି, ସତ୍ୟପ୍ରିୟ ଲେଖକ; ଆଉ ସୁମିତ୍ରାର ଗଳ୍ପ, କବିତା ଓ ଉପନ୍ୟାସ ଆଦି

Digitized by srujanika@gmail.com

ପଢ଼ିବାର ଅଭ୍ୟାସ ହାଇସ୍କୁଲ ବେଳରୁ ହିଁ ଅଛି । ସୁତରାଂ ଲେଖକମାନଙ୍କ ପ୍ରତି ସମ୍ବେଦନଶୀଳତା ରହିବା ସ୍ୱାଭାବିକ ତା ପକ୍ଷରେ । ହେଲେ ବାପା ଆଉ ମନ ପରିବର୍ତ୍ତନ କରିପାରୁ ନଥିଲେ । ଭାବପ୍ରବଣତାରେ ବୁଡ଼ି ନଯାଇ ସେ ଭବିଷ୍ୟତ କଥା ହିଁ ଭାବୁଥିଲେ ।

ମାମୁଁ, ବାପାଙ୍କ ମୁଣ୍ଡରେ ପୂରେଇଥିବା 'ଭବିଷ୍ୟତ'ର ଭୂତ, ଲମ୍ବା ଲମ୍ବା ପାହୁଣ୍ଡ ପକେଇ ଆସି ବର୍ତ୍ତମାନର ଗତିଶୀଳତାର ପଥ ଅବରୁଦ୍ଧ କରୁଛି । ସୁମିତ୍ରା ତା ପ୍ରିୟ ଗାଳ୍ପିକଟିକୁ ନେଇ ନୂଆ କରି ଗଢ଼ୁଥିବା ସ୍ୱପ୍ନର କୋଣାର୍କଟିକୁ, ମୁଣ୍ଡି ମାରିବା ତ ଦୂରର କଥା, ଅଧାଗଢ଼ାରୁ ଭାଙ୍ଗି ଚୂରମାର କରିଦେଉଛି ।

ମାମୁଁ କେଉଁଠୁ ଶୁଣି ଦେଇଥିବା ଆଉ ଦୁଇଟା ପ୍ରସ୍ତାବ ସଂପର୍କରେ ବାପା କହୁଥିଲେ । ଜଣେ ସରକାରୀ ଚାକିରି କରିଛି ପୂର୍ତ୍ତ ବିଭାଗରେ ଓ ଆଉ ଜଣେ କଣ୍ଟ୍ରାକ୍ଟର । ଉଭୟ ପଇସା ବାଲା, ସେଇଠାରେ ବାହା ହେଲେ ସୁମି ଖୁସିରେ ରହିବ ।

ସବୁ ଶୁଣି ସୁମିତ୍ରାର ଖୁସି ବରଫ ପରି ମିଳେଇ ଯାଉଥିଲା । ତା ଖୁସିକୁ କେମିତି ବାପା ଓ ମାମୁଁମାନେ ମନଇଚ୍ଛା ନିୟନ୍ତ୍ରଣ କରୁଥିଲେ, ସେ ଭାବିପାରୁ ନଥିଲା । ସରଳ ସାହିତ୍ୟିକଟିର ହାତ ଧରିବାର ସୁଯୋଗକୁ ହାତଛଡ଼ା କରି ଲୁହାଛଡ଼ କି ସିମେଣ୍ଟ ଖାଇ ବଞ୍ଚିଥିବା କଣ୍ଟ୍ରାକ୍ଟର କି ସରକାରୀ ଘରେ ଗୋଲାମୀ ଖଟୁଥିବା ଲୋକଟିର ହାତ ଯେ ସେ କାହିଁକି ଧରିବ, ସେଇଆ ହିଁ ଭାବି ହେଉଥିଲା । ସମସ୍ତଙ୍କଠାରୁ ଏକ ସମାନ୍ତର ଦୂରତାରେ ବାଟ ଚାଲେ ସତ୍ୟପ୍ରିୟ । ସତ୍ୟପ୍ରିୟ ତା ସପ୍ନର ସାକାର ପୁରୁଷଟିଏ । ନିର୍ଭେଜାଲ ପୁରୁଷ ପଣିଆର ଉପପାଦ୍ୟଟିଏ । ସୁମିତ୍ରା ସେଇ ଉପପାଦ୍ୟର ସରଳରେଖାଟିଏ ହେବାକୁ ଚାହେଁ, ବାପା ମାମୁଁ କଷୁଥିବା ଜଟିଳ ଅଭେଦର ଇନ୍‌ଫିନିଟି ହେବାକୁ ନୁହେଁ । ମନ ଚାହୁଁଥିବା ମନଟିଏ ଲୋଡ଼ା ତା'ର; ସମୃଦ୍ଧି ଲୋଡ଼ା ନୁହେଁ ।

ପରେ ପରେ ଦିନେ ଦୁଇ ଦିନ କେତେଟା କଥା ଚିନ୍ତା କଲା ସୁମିତ୍ରା । ସତ୍ୟପ୍ରିୟ ସଂପର୍କୀୟ ଆଉ କୌଣସି ଆଲୋଚନା ଘରେ ହେଉ ନଥିବାରୁ, ହଠାତ୍ ପବନ ପିଇ ଫୁଲି ଉଠିଥିବା ତା ସ୍ୱପ୍ନର ବେଲୁନ୍‌ଟା ସଂକୁଚିତ ହେବାକୁ ଲାଗିଲା ଧୀରେ ଧୀରେ । ଭାବିଲା ସତ୍ୟପ୍ରିୟକୁ ତା ପ୍ରସ୍ତାବ ସଂପର୍କୀୟ ଓ ତା'ର ଇଚ୍ଛା ଓ ଅନିଚ୍ଛାର ଫେଣ୍ଟାଫେଣ୍ଟି ଚିଠିଟେ ଲେଖିବ । ମନକଥା ସବୁ ଖୋଲିଦେବ । ତା'ର ଅନଧିକାର ଅନୁପ୍ରବେଶ ପାଇଁ କ୍ଷମା ବି ମାଗିବ ସେଇ ଚିଠିରେ । ସତକୁ ସତ ସେଇଆ କଲା ସୁମିତ୍ରା ଏବଂ ଦଶବାର ଦିନ ପରେ ସତ୍ୟପ୍ରିୟଠାରୁ ଚିଠିଟିଏ ପାଇଲା । ଚିଠି ଖୋଲିଲା । ସେଇ ପୁରୁଣା ଚିହ୍ନା ଅକ୍ଷର । କେହି ଜଣେ ନିଜର ଲୋକ ଯେମିତି ଶ୍ରଦ୍ଧାରେ ଚିଠିଟେ ଦେଇଛି ତାକୁ । ଯେମିତି ଅକ୍ଷରରେ ସେ କେତେଥର ତା ପାଠକୀୟ ମତାମତ ଉପରେ ଧନ୍ୟବାଦ ସମ୍ବଳିତ ଉତ୍ତର ପାଇଥିଲା । ପ୍ରଥମ ଥର ପାଇଁ ସତ୍ୟପ୍ରିୟର ଚିଠି ସେ ଲୁଚେଇ ପଢ଼ିଲା ।

ସୁମିତ୍ରା,

ସ୍ନେହକାଙ୍ଗାଳ ଲେଖକଟିଏ ମୁଁ । ଖାଲି ସ୍ନେହ ଓ ଭଲପାଇବାକୁ ନେଇ ବଂଚିଥାଏ । ସତ୍ୟନିଷ୍ଠ ହେଇ ଖାଲି କଲମ ଗାରେଇବା ମୁଁ ଶିଖିଛି । ଜୀବନ ସାଥୀପାଇଁ ମୁଁ ବି ମନେ ମନେ କବିତା ବୁଝୁଥିବା ଝିଅଟିଏ ଖୋଜୁଥିଲି । ଖୋଜୁଥିଲି, ଆଧୁନିକ ଗପ ଭିତରୁ ଜୀବନର ସ୍ୱାଦ ଚାଖୁଥିବା ଝିଅଟିଏ । ଦାମ୍ପତ୍ୟ ଜୀବନର ସ୍ୱପ୍ନରେ ବିଭୋର

Digitized by srujanika@gmail.com

ହୋଇ କୌଣସି ଦୁଃସାହସିକ ପଦକ୍ଷେପ ମୁଁ ନେଇ ପାରିବିନି । ପ୍ରସ୍ତାବ ପକାଇଥିବା ମଧ୍ୟସ୍ଥି, ଆମ ଘରେ ଆସି ତୁମ ରୂପ ବର୍ଣ୍ଣନା କରୁଥିଲା । ଅନିନ୍ଦ୍ୟ ସୁନ୍ଦରୀ ତମେ । ମୋ ସାନଭଉଣୀ ତା ହାତରୁ ତୁମ ଫଟୋ ନେଇ ଚୁମା ଦେଉଥିଲା । ମାତ୍ର ତମେ ଜାଣିନା, ଭାରି ରୁକ୍ଷ ଚେହେରାର ମଣିଷଟିଏ ମୁଁ । ଭୀଷଣ କଳା ଦେହ । ତିନିବର୍ଷ ତଳେ ଏକ ସାରସ୍ୱତ ଗଳ୍ପ ଆସରରୁ ଘରକୁ ଫେରିବା ବେଳେ ସ୍କୁଟର ଧକ୍କାରେ ମୋର ବାଁ ଗୋଡ ଓ ବାଁ ପଟ ଆଖିଟି ନଷ୍ଟ ହୋଇଯାଇଛି । ମୋର ଏ କିମ୍ଭୂତ କିମାକାର ଚେହେରା ସଂପର୍କରେ ମଧ୍ୟସ୍ଥି କଣ କିଛି ବି କହି ନାହିଁ ତୁମ ଘରେ ? ମତେ ଦେଖିଲେ ତମେ ଭୟ ପାଇଯିବ ସୁମିତ୍ରା । ମୋ ବାପା ଓ ସାନଭଉଣୀ ସିନା ମୋ ବା'ଘର ପାଇଁ ଯିଦି ଲଗାଇଛନ୍ତି ; ପ୍ରସ୍ତାବ ପକାଉଛନ୍ତି, ହେଲେ ମୁଁ ସାରାଜୀବନ ଅବିବାହିତ ରହିବାକୁ ନିଷ୍ପତ୍ତି ନେଇଛି । ମୁଁ ଖାଲି ତୁମର ପ୍ରିୟ ଗାଳ୍ପିକଟିଏ ହୋଇ ବଂଚି ରହିବାକୁ ଚାହେଁ । ଭୁଲ ବୁଝିବନି । ମୋର 'ଯାତ୍ରା' ଗଳ୍ପଟି ତ ପଢ଼ିଛ । କାଳ କେମିତି ବଡ଼ ଆଁଟେ କରି ବସିଛି । ଗାଡ଼ିରେ ବସି ତମେ ତା ଭିତରକୁ ଧାଉଁଛ । ଆଗେଇଯିବ ସୁମିତ୍ରା । ଗଛମାନେ ପଛକୁ ଦୌଡୁଛନ୍ତି ବୋଲି ଭାବିବ ନାହିଁ ଜମା, ଶୁଭକାମନା କରି ରହୁଛି ।

(ଇତି)

ତୁମର ପ୍ରିୟ ଗାଳ୍ପିକ ସତ୍ୟପ୍ରିୟ

ଚିଠି ଖଣ୍ଡକ ଛାତିରେ ଜାକି କଇଁ କଇଁ ହେଇ କାନ୍ଦି ଉଠିଲା ସୁମିତ୍ରା । କାନ୍ଦ ଶୁଣି ରୋଷେଇ ଘରୁ ଦୌଡ଼ି ଆସିଲା ବୋଉ । ଏଥର ବୋଉକୁ ଖୁବ୍ ଜୋରରେ କୁଣ୍ଢେଇ କାନ୍ଦିଲା ସୁମି । ବୋଉର ଆଖିରେ ପଡ଼ିଯିବ ବୋଲି, ହାତର ପାପୁଲି ଭିତରେ ଜାକି ଜୁକି ଧରିଥିଲା ସତ୍ୟପ୍ରିୟର ଚିଠି । ହଠାତ୍ ଏମିତି କାନ୍ଦିବାର କାରଣ କିଛି ବୁଝି ନପାରି, ବୋଉ, ତା ପଣତ କାନିରେ ଲୁହ ପୋଛି ଦେଇ ମୁଣ୍ଡ ଆଉଁସିବାରେ ଲାଗିଥିଲା ସୁମିତ୍ରାର ।

■■■

Digitized by srujanika@gmail.com

ଠାକୁର ପୂଜା

ରାତି ନ ପାହୁଣୁ ରାମପ୍ରସାଦ ବାବୁଙ୍କ ଘର ବାରଣ୍ଡାରେ ଲୋକମାନଙ୍କର ଗହଳି ଲାଗିଛି । ଏତେ ଗୁଡିଏ ଲୋକ; ଅଥଚ ପାଟିଗୋଳ ଟିକେ ବି ଶୁଭୁନି । ପାଟି କଲେ ବାବୁଙ୍କ ନିଦ ଭାଙ୍ଗିଯିବ । ବାବୁଙ୍କ ନିଦ ଭାଙ୍ଗିବାର ତାକତ ବା କାହାର ଅଛି ? ତୁଳୀତଳ୍ପ ଡନ୍‌ଲପ୍ ଶଯ୍ୟାର ଆକର୍ଷଣ ଛାଡି ନା ବାବୁ ଉଠିପାରୁଛନ୍ତି; ନା ନିଦ୍ରାଦେବୀ ତାଙ୍କ ଦେହର ଆସର ତ୍ୟାଗ କରିପାରୁଛନ୍ତି । ବାବୁଙ୍କ ଘୁଙ୍ଗୁଡ଼ି ଶବ୍ଦରେ ବିରକ୍ତ ହୋଇ ମା’ ସାନ୍ତାଣୀ ଉଠି ପଡ଼ନ୍ତି । ରାମ ପ୍ରସାଦଙ୍କ ଧର୍ମପତ୍ନୀ ଓରଫ ମା’ ସାନ୍ତାଣୀ ଉଠିଲେ ବାବୁଙ୍କ ମଥା ଆଉଁସି ଉଠାନ୍ତି ।

ଶୟନ ପରିତ୍ୟାଗ ପୂର୍ବକ ବାବୁ ଉଠିଆସି ଆରାମ ଚେୟାରରେ ବସନ୍ତି । କାଚ ଝରକାରେ ପ୍ରତିଫଳିତ ହୋଇ ମେଞ୍ଚେ ଖରା ଯାଇ ତାଙ୍କ ଥନ୍ତଲ ପେଟରେ ପଡ଼େ । ଗହଳି ଜମେଇ ଥିବା ଲୋକମାନେ ବାବୁଙ୍କ ସାମ୍ନାକୁ ଧାଡି ବାନ୍ଧି ଆସନ୍ତି । ସେମାନେ ସବୁ କେଉଁ ଧର୍ମଘଟ ବା ଆନ୍ଦୋଳନକାରୀ ଦଳ ନୁହଁନ୍ତି । ସେମାନେ ସବୁ ବାବୁଙ୍କ ନିଜ ଲୋକ । ଛିଡା ହୋଇ ଥାଆନ୍ତି ଚୁପ୍ ଚାପ୍ । କାହାର ଚାକିରି ପିତା ଲାଗୁଚି ଯେ ବାବୁଙ୍କ ଆଗରେ ବଡ ପାଟିରେ କଥା କହିବ ? ଏମିତି ପ୍ରତିଦିନ ସକାଳୁ ନିଜ ଲୋକମାନଙ୍କ ଗହଳି ପର୍ବ ବାବୁଙ୍କୁ କର୍ମତତ୍ପର କରିଦିଏ ।

ବାବୁଙ୍କ ଚାକର ଚାକରାଣୀ ପୂଜାରୀ ପୂଜକ ମିଶି ବାର ଚଉଦ ଜଣ । ତା ବାଦ୍ ଜମିଥିବା ଲୋକମାନଙ୍କ ଭିତରେ ତାଙ୍କ ଗାଡିର ଡ୍ରାଇଭର କଣ୍ଡକ୍ଟର ଓ ହେଲ୍‌ପରମାନେ । ଗୋଟାଏ ଟେକ୍ସଟାଇଲ୍ସ ମିଲ୍‌ରେ ପାର୍ଟନରସିପ୍ ବାଦ୍ ବାବୁ କୋଡିଏ ଖଣ୍ଡ ବସ୍ ଓ ବାର ଖଣ୍ଡ ଟ୍ରକ୍‌ର ମାଲିକ । ସମସ୍ୟା ଓ କାର୍ଯ୍ୟବ୍ୟସ୍ତତା ହିଁ ବାବୁଙ୍କ ଜୀବନ । ରାମପ୍ରସାଦ ଟ୍ରାଭେଲ୍‌ସର କର୍ମଚାରୀମାନଙ୍କ ଭିଡ ଲାଗିଥାଏ ସକାଳୁ । କେଉଁ ଗାଡିର ଟାୟାର ବଦଳିବ ତ କେଉଁ ଗାଡିବାଲା ଟଙ୍କା ଡିପୋଜିଟ୍ କରିବ । ପାରାଦ୍ୱୀପକୁ ଲୁହା ବୋଝେଇ ଟ୍ରକ୍‌ଟା କେଉଁଠି ରାସ୍ତାରେ ପଲଟି ଯାଇଛି ତ’ କେଉଁଠି ଛୋଟକାଟରେ ଆକ୍ସିଡେଣ୍ଟ କରିଥିବାରୁ ରାଉରକେଲା ରାସ୍ତାରେ ପୋଲିସ୍ ତାଙ୍କର ଗୋଟାଏ ବସ୍ ଅଟକାଇଛି । ଏ ସବୁକାମକୁ ଖାତର ନଥାଏ ରାମ ପ୍ରସାଦଙ୍କର । ଫୋନ୍ ଉଠେଇଲେ କାମ ହେଇଗଲା ଜାଣ । କୁଞ୍ଚିନେତାଠୁଁ ଆରମ୍ଭ କରି ବଡ ବଡ ନେତା ମନ୍ତ୍ରୀ ସବୁ ବାବୁଙ୍କ ପକେଟ ଭିତରେ । ସକାଳୁ ସ୍ନାନ ଶୌଚ ସାରି ଟିଫିନ୍ ଖାଇ ବାବୁ ତାଙ୍କର ଖୋଲିଥିବା ପ୍ରସାଦ ଟ୍ରାଭେଲ୍‌ସ ଏଜେନ୍‌ସିର ଅଫିସ ଘରେ ବସିଥାଆନ୍ତି ଦିନସାରା । ପ୍ରତିଦିନ ଗାଡିବାଲାଙ୍କ ଠାରୁ ପଇସା ଆଦାୟ କରନ୍ତି ମା’ ସାନ୍ତାଣୀ ।

ସକାଳୁ ପୂଜାରୀ ଚା' କରି ଚାକରାଣୀ ହାତରେ ପଠେଇ ଦିଏ । ସକାଳ ଚା'ରୁ ଟିଫିନ୍‌ରେ ଚାଓମିନ୍ ଓ ମିଲ୍‌ରେ ଚିକେନ୍ ମସାଲା ପର୍ଯ୍ୟନ୍ତ ସବୁ ବୁଝିବା ପାଇଁ ରାତି ପାହିଲେ ପୂଜାରୀର ମୁହଁ ଉପରକୁ ହଜାର ଦି'ହଜାର ଟଙ୍କା ଫିଙ୍ଗି ଦିଅନ୍ତି । ଘର ଭିତରେ ବାବୁ, ମା' ସାନ୍ତାଣୀ ପୁଅ ଝିଅ ବୋହୂ ଓ ନାତି ନାତୁଣୀ; ଏ ସବୁକୁ ନେଇ ଗୋଟାଏ ମଧ୍ୟମ ଧରଣର ପରିବାର । ଦିନସାରା ଛୁଆଠୁ ବୁଢା ପର୍ଯ୍ୟନ୍ତ କାହାରି ନା କାହାରି ଫର୍ମାସୀରେ କିଛି ନା କିଛି ଖାଦ୍ୟ ପ୍ରସ୍ତୁତି ଚାଲିଥାଏ ପୂଜାରୀମାନଙ୍କ ଦ୍ୱାରା ।

ବାବୁଙ୍କ ଦୁଇପୁଅ ଭିତରୁ ବଡ ପୁଅ ଅଭିଜିତ୍ ବର୍ଷକ ବାରମାସ ତାଙ୍କ ଘରର ଉପରକୁ ଉପର ଭଡାଟିଆମାନଙ୍କ ପାଇଁ ତିଆରି ଚାଲିଥିବା ଘର କାମ ଟିକେ ବୁଝାସୁଝା କରୁଥିବା ବେଳେ ଅବିବାହିତ ସାନପୁଅ ଜଗଜିତ୍ ସହରର ଗୋଟାଏ ନାଁ କରା ଗୁଣ୍ଡା ପାଲଟିଥାଏ । ସହରର ବଦନାମୀ ଜୁଆ ଆଡାରେ ତାର ଦାଦାଗିରି ଅବ୍ୟାହତ ରହିଥାଏ । ବୋହୂ ଓ ନାତି ନାତୁଣୀମାନେ ଯାବତୀୟ ଫେସନ ଓ ଟିଭି, ଭିଡିଓ ଇତ୍ୟାଦିରେ ସମୟ କାଟିଥାନ୍ତି । କଲେଜ ଯାଉଥିବା ଝିଅ ସୁଚେତା ପାଇଁ ଗୋଟାଏ ମାରୁତି ଭ୍ୟାନ୍ କରିଦିଆଯାଇଛି ଯେ ସେଥିରେ ସେ ତା'ର କଲେଜ୍ ଯିବା ଆସିବା ମାର୍କେଟିଂ ଇତ୍ୟାଦି କରିବାରେ ସ୍ୱାବଲମ୍ବୀ ହୋଇଯାଇଛି ।

ପ୍ରତ୍ୟହ ସକାଳୁ ପୁଅ ବୋହୂ ଝିଅ ଓ ନାତି ନାତୁଣୀମାନଙ୍କୁ କିଛି ନା କିଛି ଟଙ୍କା ବାଣ୍ଟି ସନ୍ତୁଷ୍ଟ ହୁଅନ୍ତି ନିଜେ ରାମପ୍ରସାଦ ବାବୁ । କେବଳ ସାନପୁଅ ଜଗଜିତ୍ ତାର ମଦପାଣି ଓ ଜୁଆଖେଳ ପାଇଁ ଯାହା କିଛି ପଇସା ମା' ସାନ୍ତାଣୀଙ୍କ ଠାରୁ ଝଡେଇ ନେଇଥାଏ ।

ଯାବତୀୟ ବିଜିନେସ୍ ବ୍ୟାପାର ଭିତରେ ମୁଣ୍ଡ ପୂରେଇଥିବା ରାମ ପ୍ରସାଦ ବାବୁଙ୍କର ଆଉ ଗୋଟାଏ ବଡ ଧରଣର ଦୁର୍ବଳତା ହୋଇ ପୂଜକ ମଙ୍ଗୁଳିନନା ଛିଡା ହୁଏ ତାଙ୍କ ସାମ୍‌ନାରେ । ବାବୁଙ୍କ ହାତରେ ସମୟ ନଥିଲେ ସୁଦ୍ଧା ଜବରଦସ୍ତ ଦୁଇମିନିଟ ଅଟକାଇ ତାଙ୍କ ମୁଣ୍ଡରେ ବଡ ଚନ୍ଦନ କଲି ସଜେଇ ଥୋପାଏ ସିନ୍ଦୁର ଦିଏ । ମାତ୍ର ବାବୁଙ୍କୁ ଭୁଲରେ କେବେ ପାଦୁକାପାଣି ପାଇବାକୁ ଦିଏ ନାହିଁ । ଠାକୁର ପୂଜାରେ କୌଣସି ବିଘ୍ନ ନ ହେବା ପାଇଁ ତଥା ଠିକ୍ ଠିକ୍ ପୂଜା ରୀତିନୀତି କରିବା ପାଇଁ ତାଙ୍କୁ ସବୁଠାରୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଥିଲେ ମଧ୍ୟ, ଏଇ ଠାକୁରଙ୍କର ପାଦୁକ ପାଣି ପ୍ରତି ଥିବା ଘୃଣାଭାବ କଥା ମଙ୍ଗୁଳି ନନାଙ୍କୁ ବେଶ୍ ଜଣା ଥିଲା ।

ସବୁଦିନ ସକାଳେ ଗହଳି ଭିତରେ ବାବୁଙ୍କ ଠାରୁ ପ୍ରାପ୍ୟ ଆଦାୟ ବେଳେ ସବୁଠାରୁ ଅଧିକ ଭାଗ ମାରିନିଏ ଏଇ ମଙ୍ଗୁଳି ନନା । ଠାକୁରଙ୍କୁ ସନ୍ତୁଷ୍ଟ ନ କରି ପାରିଲେ ଯେ ସବୁ ବିଜିନେସ ତାଙ୍କର ବୁଡିଯିବ, ଏଇ ଧାରଣାଟା ବଳବତ୍ତର ରହିଥାଏ ବାବୁଙ୍କ ମୁଣ୍ଡରେ । ତାଙ୍କ ଡ୍ରଇଂ ରୁମ୍‌ରେ ରଂଗୀନ ଅକ୍ଷରରେ ଲେଖା ଥିବା ଧାଡିଟିଏ "ଧନ ଅର୍ଜନେ ଧର୍ମ କରି - ଧର୍ମେ ପ୍ରାପତ ନରହରି", ବାବୁଙ୍କ ମୁଣ୍ଡକୁ ବେଶି ଗୋଳମାଳ କରିଦିଏ । ସୁତରାଂ ପରୋକ୍ଷରେ ଏଇ ମଙ୍ଗୁଳି ନନା ପ୍ରତି ବାବୁଙ୍କର ଦୁର୍ବଳତା ବଢିଯାଏ ।

Digitized by srujanika@gmail.com

ଠାକୁରଙ୍କ ଅପାର କୃପାରୁ ଯେତେବେଳେ ବାବୁଙ୍କର ଧନ ସମ୍ପତ୍ତି, ବ୍ୟାଙ୍କ ବାଲାନ୍ସ, କୋଠାବାଡ଼ି ଓ ବୋହୂମା', ମା' ସାନ୍ତାଣୀଙ୍କର ଯାବତୀୟ ଦାମୀ ଦାମୀ ଶାଢ଼ି ଓ ରତ୍ନ ଖଚିତ ଅଳଙ୍କାରମାନଙ୍କର ସଂଖ୍ୟା ବଢ଼ି ବଢ଼ି ଚାଲିଛି; ସେହି ସମୟରେ ତାଙ୍କର ଏକ ଛୋଟ ଟୁଙ୍ଗୀ ଘରେ ମଙ୍ଗୁଳି ନନାର ଠାକୁର ପୂଜା କରିବା କଥାଟା ବାବୁଙ୍କର ମନକୁ ପାଇଲା ନାହିଁ। ଠାକୁର ପୂଜା ଉଦ୍ଦେଶ୍ୟରେ ବାବୁ ତାଙ୍କ ଘର ପଛ ବାଡ଼ି ପଟକୁ ଥିବା ଚାରିଗୁଣ୍ଠ ଜମିରେ ସାତ ବଖରା ଘର ତୋଳେଇ, ତାକୁ ମାର୍ବଲ ଛାଉଣୀ କରି ଏକ ଠାକୁର ପୂଜାର ମଂଦିର ତିଆରି କଲେ। ଠାକୁରଙ୍କ ପାଇଁ ଗୋଟାଏ ପରିବର୍ତ୍ତେ ସାତ ବଖରା ଘର ତୋଳା ଯାଇଥିବାରୁ ସବୁଘର ସଜାଇବା ପାଇଁ ଠାକୁରମାନଙ୍କର ଅଭାବ ରହିଲା।

ରାମ ପ୍ରସାଦ ବାବୁଙ୍କ ନାଁରେ ମିଛ କହିବା ଠିକ ନୁହିଁ। ଯାବତୀୟ କାର୍ଯ୍ୟ ବ୍ୟସ୍ତତା ଭିତରେ ନିଜେ ସିନା ଥରେ ଠାକୁରଙ୍କୁ ମୁଣ୍ଡିଆ ମାରିବାକୁ ଯାଇ ପାରନ୍ତି ନାହିଁ; ମାତ୍ର ଠାକୁର ପୂଜା ବାବଦରେ ଖର୍ଚ୍ଚ କରିବାକୁ କୁଣ୍ଠା ପ୍ରକାଶ କରନ୍ତି ନାହିଁ। ପୂଜକ ମଙ୍ଗୁଳି ନନା ଗୁହାରି କଲେ ଦୁଇ ଚାରିମିନିଟ୍ ନଷ୍ଟ କରି ବାବୁ ତା କଥା ଶୁଣନ୍ତି। ଠାକୁର ପୂଜାର ବଡ଼ ମନ୍ଦିରଟେ ନିର୍ମାଣ ହୋଇସାରିବା ପରେ ମଙ୍ଗୁଳି ନନାର କାମ ଚପଟ ପଡ଼ିବ ବୋଲି ବାବୁ ଆଉ ଛଅ ଜଣ ନୈଷ୍ଠିକ ବ୍ରାହ୍ମଣଙ୍କୁ ନିଯୁକ୍ତି ଦେଲେ। ପୂଜା ନିମିତ୍ତ ଏକ ନମ୍ବର ଠାରୁ ଆରମ୍ଭ କରି ସାତ ନମ୍ବର ଠାକୁର ଘର ପର୍ଯ୍ୟନ୍ତ ବିଭିନ୍ନ ପୂଜକଙ୍କ ଭାଗରେ ପଡିଲା। ପ୍ରତିଟି ଘରେ ଠାକୁର ବିଗ୍ରହ ପ୍ରତିଷ୍ଠା ପୂର୍ବରୁ; ଈଶ୍ୱର "ସର୍ବବ୍ୟାପୀ, ସର୍ବବିଦ୍ୟମାନ" ଏଇ ନ୍ୟାୟରେ ପୂଜକମାନେ ଶୂନ୍ୟ କୋଠରୀରେ ମଧ୍ୟ ପୂଜା କରି ଚାଲିଥାନ୍ତି।

ବାବୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନହେଲେ ମଧ୍ୟ ମଙ୍ଗୁଳି ନନା ଦେଇଥିବା ଠାକୁରମାନଙ୍କର ଏକ ତାଲିକାନୁଯାୟୀ ବରାଦ ଦିଆ ବଡ଼ ବଡ଼ ବିଭିନ୍ନ ପଥରର ଗଣେଶ କାର୍ତ୍ତିକ, ଶିବ, ଦୁର୍ଗା, ଲକ୍ଷ୍ମୀ, ସରସ୍ୱତୀ ନବଗ୍ରହ ଓ ଜଗନ୍ନାଥଙ୍କର ଦଶ ଅବତାର ସୁଦୃଶ୍ୟ ମୂର୍ତ୍ତି ସମେତ ସାଧାରଣତଃ ହିନ୍ଦୁ ଧର୍ମରେ ପୂଜା ପାଉଥିବା ବିଭିନ୍ନ ଦେବ ଦେବୀଙ୍କର ବରାଦଦେଇ ଗଢାଯାଇଥିବା ମୂର୍ତ୍ତିମାନଙ୍କୁ ଟ୍ରକରେ ବୋହିଆଣି ସେଇ ଘର ମାନଙ୍କର ସ୍ଥାପନ କରାଗଲା। ଠାକୁର ପୂଜା ପରିସରରେ ବିଗ୍ରହ ପ୍ରତିଷ୍ଠା ଅବସରରେ ସହରର ବହୁ ଲୋକ ଭୋଜି ଖାଇ ସେଦିନ ରାମ ପ୍ରସାଦଙ୍କର ଜୟ ଜୟକାର ଧ୍ୱନୀ ଦେଇ ଭୂରି ଭୂରି ପ୍ରଶଂସା କରିଥିଲେ।

ପରଦିନ ଠାରୁ ଠାକୁର ପୂଜାର ପରିସର କେବଳ ରାମ ପ୍ରସାଦଙ୍କର ନ ହୋଇ ସର୍ବସାଧାରଣଙ୍କ ପାଇଁ ମଧ୍ୟ ଖୋଲା ରହିଲା। ସବୁ ଦେବ ଦେବୀଙ୍କର ବିଗ୍ରହ ଥିବାରୁ ନୀତି ନିୟମାନୁଯାୟୀ ବାର ମାସର ତେର ପର୍ବ ସେଇଠି ପାଳିତ ହେଲା। ଦଶହରା, ଗଣେଶ ପୂଜା, ଶିବରାତ୍ରୀ, କାର୍ତ୍ତିକେଶ୍ୱର ପୂଜା ଓ ଶ୍ରୀଗୁଣ୍ଡିଚା ଅବସରରେ ମଧ୍ୟ ସେଠାରେ ଭକ୍ତମାନଙ୍କର ଭିଡ ଲାଗି ରହିଲା।

Digitized by srujanika@gmail.com

ନିଜ ବାଡିପଟ ଠାକୁର ପୂଜା ମନ୍ଦିରର ବର୍ଷନ ବାରମାସ ଏ ପ୍ରକାର ଲୋକ ଗହଳିରେ ଅସହିଷ୍ଣୁ ହେବା ପରିବର୍ତ୍ତେ ରାମ ପ୍ରସାଦ ବାବୁ ଆନନ୍ଦିତ ହେଲେ । ରାମ ପ୍ରସାଦ ଜଣେ ଈଶ୍ୱରପ୍ରେମୀ ଧର୍ମ ପରାୟଣ ବ୍ୟକ୍ତି ବୋଲି ଜନମୁଖରେ ପ୍ରଚାରିତ ହେଲା ।

ବିଭିନ୍ନ କାର୍ଯ୍ୟବ୍ୟସ୍ତତା ନେଇ ଯଥେଷ୍ଟ ବ୍ୟସ୍ତ ରହୁଥିଲେ ମଧ୍ୟ ଠାକୁରଙ୍କ ପୂଜା, ଭୋଗ ସାମଗ୍ରୀ, ଲୁଗାପଟା ବାବଦରେ ଖର୍ଚ୍ଚ ଆଦିରେ ପଇସା ଦେବାକୁ କେବେ ରାମପ୍ରସାଦ କୁଣ୍ଠା ବୋଧ କରିନାହାନ୍ତି । ବରଂ ବାହାରୁ ଆସୁଥିବା ଶହ ଶହ ଭକ୍ତ ମାନଙ୍କଠାରୁ କୌଣସି ଦାନ ଦକ୍ଷିଣା ଆଦି ଗ୍ରହଣ ନକରିବାକୁ ପୂଜକମାନଙ୍କୁ କଡାକଡି ଭାବରେ ନୋଟିସ ଜାରି କରିଥିଲେ । ଏ ବାବଦରେ ପୂଜା ମନ୍ଦିରରେ ଏକ ନୋଟିସ ଲେଖି ଝୁଲାଇ ଦିଆଯାଇଥିଲା । ଯେତେ ଯାହା କଲେ କିଏ ମାନୁଛି ? ଯିଏ ପୂଜା କଲା, ସିଏ ତା କ୍ଷମତା ଅନୁଯାୟୀ ପଚିଶି ପଚାଶ ପଇସା ହେଉ ପଛେ, ପୂଜକମାନଙ୍କୁ ଦେଇଯାଆନ୍ତି । ରାମ ପ୍ରସାଦଙ୍କ ଭୟରେ ପୂଜକମାନେ ଡରି ଡରି ସେ ପଇସା ରଖନ୍ତି ।

ସହରରେ ବହୁ ଭକ୍ତ ଠାକୁରଙ୍କ ସେବା ପୂଜା ଆଳରେ ରାମ ପ୍ରସାଦବାବୁ, ମା ସାନ୍ତାଣୀ ଓ ତାଙ୍କ ବୋହୂ ଝିଅମାନଙ୍କୁ ଦେଖିବା ପାଇଁ ଆଖି ବୁଲାନ୍ତି । ମାତ୍ର ବଡି ଭୋର୍‌ରୁ ସଂଧ୍ୟା ଆଳତୀ ପର୍ଯ୍ୟନ୍ତ ଜଗି ରହିଲେ ମଧ୍ୟ ସେମାନଙ୍କର ଦର୍ଶନ ମିଳେ ନାହିଁ । ରାମ ପ୍ରସାଦ ଓ ତାଙ୍କ ସ୍ତ୍ରୀ ପିଲାମାନେ ଯେ କେଉଁ ସମୟରେ ଦର୍ଶନ ପାଇଁ ଆସନ୍ତି, ତାହା ଲୋକମାନଙ୍କ ପାଇଁ ଗୋଟାଏ ଅଜଣା କୌତୂହଳ ହୋଇ ରହିଯାଏ ।

ପୂଜା ପରିସରରେ ସବୁବେଳେ ଧୂପଦୀପ ଝୁଣା ମହ ମହ ହୋଇ ବାସୁଥାଏ । ସେଇ ବାସ୍ନାରେ ଯେମିତି ପ୍ରୀତ ରାମପ୍ରସାଦଙ୍କର ପରିବାର । ରାମପ୍ରସାଦ ଈଶ୍ୱରଙ୍କର ନା ଈଶ୍ୱର ରାମପ୍ରସାଦଙ୍କର ଆଶ୍ରିତ, କିଛି ବି ବୁଝାପଡ଼େ ନାହିଁ । ଦରମାଖିଆ ପୂଜକମାନଙ୍କ ବାଦ ସେମାନଙ୍କର ଠାକୁର ଘରେ ପ୍ରବେଶ ଅନାବଶ୍ୟକ; ଏପରି ଖିଆଲରେ ସନ୍ତୁଷ୍ଟ ଓ ମୋହାଚ୍ଛନ୍ନ ଥିଲେ ରାମପ୍ରସାଦଙ୍କର ପରିବାର ।

ମାତ୍ର ସବୁଦିନ ସମାନ ନଥାଏ । ସୁଖ ଓ ସନ୍ତୋଷ ଭିତରେ ବୁଡି ବୁଡି ପହଁରୁଥିବା ମଣିଷଟିଏ ଅକସ୍ମାତ ପଡିଯାଏ ଦୁଃଖର ଜଳ ଭଉଁରିରେ । ଶଗଡ଼ ଗୁଳାରେ ଜୀବନ ଗଡିଯାଏ କିଛି ବାଟ । ବଡ ପଥର ଖଣ୍ଡଟେ ନଦୀ ଶଯ୍ୟାରେ ଗଡି ଗଡି କ୍ଷୟପ୍ରାପ୍ତ ହେବା ପରି, ଏଇ ଦେଢେମାସ ଭିତରେ ରାମପ୍ରସାଦଙ୍କ ଅବସ୍ଥା ଖରାପ ହେଇଯାଇଛି । ଲୋକ ଲୋଚନରେ ସହରର ଗଳିକନ୍ଦିରେ ସିଏ ଚର୍ଚ୍ଚାର ଚରିତ୍ରଟିଏ ପାଲଟିଯାଇଛନ୍ତି । ତାଙ୍କ ସୁଖର ସାମ୍ରାଜ୍ୟ ଭିତରକୁ ଦୁଃଖ ଧସେଇ ପଶିଯାଇଛି । ତାଙ୍କ ପରି ଏତେଟା ଦୁର୍ଘଟଣାର ସମ୍ମୁଖୀନ ହେଲେ, ଯେ କେହି ଲୋକର ବି ମାନସିକ ଭାରସାମ୍ୟ ନଷ୍ଟ ହୋଇଯିବା ସ୍ୱାଭାବିକ ।

ସାନପୁଅ ଜଗନ୍ନିତ୍ ମଦ ଖାଇ ରାସ୍ତାରେ ଟଳି ଟଳି ଆସିବା ସମୟରେ ତା ଉପରେ ଟ୍ରକ ଚଢିଗଲା ଓ ତାର ସ୍ପଟ୍ ଡେଥ୍ ହୋଇଗଲା । ଏ ଅଘଟଣର କେତେଟା ଦିନ ପରେ ରାମପ୍ରସାଦଙ୍କ ଝିଅ ସୁଚେତା ସ୍ୱଇଚ୍ଛାରେ ଗୋଟାଏ ଛତରା ଟୋକା ସାଥିରେ

Digitized by srujanika@gmail.com

ଘର ଛାଡି ଚାଲିଗଲା । ଚୋରମାନେ ଘରୁ ବହୁ ଟଙ୍କା ଓ ଅଳଙ୍କାରପତ୍ର ସବୁ ଲୁଟେଇ ନେଇଗଲା । ଏମିତି ଗୋଟାଏ ସମ୍ବେଦନଶୀଳ ଘଟଣାରେ ରାମ ପ୍ରସାଦଙ୍କ ସବୁ ମାନସମ୍ମାନ ଓ ପ୍ରତିପତ୍ତି ନଷ୍ଟ ହୋଇଗଲା । ପୁଅର ମୃତ୍ୟୁଠୁ ବଳି କଷ୍ଟଦାୟକ ହେଲା ଝିଅର ସ୍ୱେଚ୍ଛାଚାରିତା । ପ୍ରାୟ ଅର୍ଦ୍ଧାଧିକ ଗାଡି ତାଙ୍କର ବିଭିନ୍ନ କାରଣରୁ ବନ୍ଦ ହୋଇ ପଡି ରହିଲା ଗ୍ୟାରେଜରେ । ଅତି ବିଶ୍ୱସ୍ତ ବନ୍ଧୁର ବିଶ୍ୱାସଘାତକତା ହିଁ ତାଙ୍କୁ ଓହରେଇ ଆଣିଲା ଟେକ୍ସଟାଇଲ ମିଲ୍‌ର ବିଜିନେସ୍ ପାର୍ଟନରସିପ୍‌ରୁ ।

ମନବଳ ଭାଙ୍ଗିଗଲା ରାମପ୍ରସାଦଙ୍କର । ଝିଅ ଘର ଛାଡି ଚାଲିଯିବା ପରଠାରୁ ମା’ ସାନ୍ତାଣୀ ଶଯ୍ୟାଶାୟୀ । କଫ ଓ କାଶ ଲାଗି ରହିଲା ଅହରହ । ମା’ ସାନ୍ତାଣୀଙ୍କୁ ଯକ୍ଷ୍ମା ଧରି ପକେଇଛି ବୋଲି ଡାକ୍ତର ରିପୋର୍ଟ କଲେ । ଔଷଧ ଓ ଫଳମୂଳ ଖାଇ ରୋଗ ବିଛଣାରେ ପଡି ରହିଲେ ମା’ ସାନ୍ତାଣୀ । ଚାକର ପୂଜାରୀମାନେ ଏ କଥା ଜାଣି ପାରି, ନିଜ ନିଜ ଭିତରେ କଣ ଫୁସ୍‌ଫୁସ କଥାବାର୍ତ୍ତା ହୋଇ ଘର ଛାଡି ଚାଲିଗଲେ ।

ଧନ ସମ୍ପଦ ଭରା ରାଜବାଟୀ ସଦୃଶ ଘର ଭିତରଟା ନିସ୍ତବ୍ଧ ଖାଁ ଖାଁ ଲାଗିଲା । ପ୍ରାଣ ପ୍ରାଚୁର୍ଯ୍ୟ ଭରା କୋଳାହଳ ଥମିଗଲା ମାସ କେତେଟାରେ । ବଡପୁଅ ଲବି ଦେଇ ଗୋଟାଏ ଛୋଟକାଟର ଚାକିରିରେ ପଶିଗଲା ଓ ବୋହୂ, ପିଲାମାନଙ୍କୁ ଅର୍ଥାତ୍ ରାମପ୍ରସାଦଙ୍କ ନାତି ନାତୁଣୀମାନଙ୍କୁ ନେଇ ବାପଘରେ ସମୟ ଅତିବାହିତ କଲା । ଐଶର୍ଯ୍ୟର ପୁରୁଣା ଉଚାକାନ୍ଥ ପାଚେରୀ ଉପରେ ଯେମିତି ଯନ୍ତ୍ରଣାର ଅନେକ କଣ୍ଟା ଓ ଗୁଳ୍ମ ମାଡି ଯାଉଥିଲା ।

ଠାକୁର ମନ୍ଦିରରେ ସେ ଲୋକ ଗହଳି ଆଉ ନାହିଁ । ମଙ୍ଗୁଳି ନନାକୁ ଛାଡି ଅନ୍ୟ ପୂଜକମାନେ ସବୁ ଚାଲିଯାଇଛନ୍ତି । ଠାକୁରଙ୍କ ପାଇଁ ଏତେ କରି କରି ଶେଷରେ ତାଙ୍କୁ ଏହି ସବୁ ଦଣ୍ଡ ଭୋଗିବାକୁ ପଡିଲା, ଭାବି ବାବୁ ଠାକୁରଙ୍କୁ ମନେମନେ ଖୁବ୍ ଗାଳି କଲେ । ଶେଷରେ ମଙ୍ଗୁଳି ନନାର ପରାମର୍ଶ କ୍ରମେ ସହର ବାହାରର ଜଣେ ଜ୍ୟୋତିଷକୁ ନେଇ ନିଜର ଜାତକପତ୍ର ଦେଖେଇଲେ । ମଙ୍ଗୁଳି ନନା ବି ଯାଇଥିଲା ବାବୁଙ୍କ ସାଥିରେ ।

ସର୍ବତୋଭାବେ ଜାତକ ଦେଖି, ଭଲ ଭାବରେ ପରୀକ୍ଷା ନିରୀକ୍ଷା ଗଣାପୋଛା କରି ଜ୍ୟୋତିଷ ଯେଉଁ କଥା ପଦକ କହିଲା ସେଥିରେ ରାଗି ନିଆଁ ବାଣ ହୋଇଗଲେ ରାମପ୍ରସାଦ । ଜ୍ୟୋତିଷ ମହାଶୟ ରାମପ୍ରସାଦଙ୍କର ଠାକୁର ଭକ୍ତି ନଥିବାରୁ, ତଥା ଠାକୁର ପୂଜା କରୁ ନଥିବାରୁ ଏପରି ମହାଦଶା ଭୋଗ କରିବାକୁ ପଡିଲା ବୋଲି କହିବାରୁ; ଏକି ବିପରୀତ କଥା କହୁଛ ବୋଲି, କହି ପାଟି କରି ଉଠିଲେ ରାମପ୍ରସାଦ ବାବୁ । ମାସକୁ ଠାକୁର ପୂଜା ବାବଦକୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ରାମପ୍ରସାଦଙ୍କୁ ଏପରି ମିଥ୍ୟା ଦୋଷାରୋପ କରି ପାରୁଛ ? ତୁମ ଜ୍ୟୋତିଷ ବିଦ୍ୟା ମିଛ । ତୁମ ଗଣନା ଓ ଅନୁମାନ ସବୁ ଭୁଲ ପ୍ରମାଣିତ ହୋଇଛି ।

ଏକ ନିରୋଳା ସ୍ଥାନକୁ ନେଇ ରାମପ୍ରସାଦଙ୍କ ରାଗ ଶାନ୍ତି କରାଇ ମଙ୍ଗୁଳି ନନା ବୁଝାଇ କହିଲା, ‘‘ଜ୍ୟୋତିଷ ଠିକ୍ କହିଛନ୍ତି ବାବୁ । ଆପଣ ଠାକୁର ପୂଜା କରି

Digitized by srujanika@gmail.com

ନାହାନ୍ତି । ଆପଣ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ବରାଦ କରି ଠାକୁରଙ୍କର ରୀତିନୀତି ବିଧି ବିଧାନ ଅନୁସାରେ କରେଇଛନ୍ତି । ମାତ୍ର ଆପଣ ନିଜେ କେତେବେଳେ ଠାକୁର ପୂଜା କଲେ ? ଜୀବନରେ କେବେ ଦୀପଟିଏ ଜାଳି ଆପଣ ଠାକୁରଙ୍କ ପାଖରେ ଆଣ୍ଠୁ ମାଡି ବସିଛନ୍ତି ? ସହରର ଶହ ଶହ ଭକ୍ତ, ଝିଅ ବୋହୂମାନେ ଆପଣଙ୍କ ପୂଜା ପରିସରରେ ଆସି ବାର ବ୍ରତ ଉପବାସ କରି ପୂଜା କରୁଥିବା ବେଳେ ଆପଣଙ୍କ ପତ୍ନୀ ଓ ବୋହୂ କେବେ କିଛି ପୂଜା ବ୍ରତ କରିଛନ୍ତି କି ? ଆପଣଙ୍କର କେଉଁ ଘରେ କେଉଁ ଠାକୁର ରହି ପୂଜା ପାଉଛନ୍ତି ଆପଣ କହିପାରିବେ ? ପରୋକ୍ଷରେ କହିବାକୁ ଗଲେ, ଚାକର ପୂଜାରୀମାନଙ୍କ ପରି ପଇସା ବଦଳରେ ଆପଣ ଠାକୁରଙ୍କୁ ନିଜ ଅକ୍ତିଯାର ଓ ନିୟନ୍ତ୍ରଣାଧୀନ କରି ନାହାନ୍ତି କି ?

ମଙ୍ଗୁଳି ନନାର କଥା ସବୁ ଯନ୍ତ୍ରବତ୍ ଶୁଣୁଥାନ୍ତି ରାମପ୍ରସାଦ ବାବୁ । ପୂଜକ ନନାର ପ୍ରତିଟି କଥା ତାଙ୍କୁ ଲାଗୁଥାଏ ଶୁଦ୍ଧ ମନ୍ତ୍ରୋଚ୍ଚାରଣ ପରି । ଜ୍ୟୋତିଷ ପାଖରୁ ଫେରିବା ପରେ ଘର ଭିତରକୁ ଯିବା ପୂର୍ବରୁ ଦୌଡି ଦୌଡି ଯାଇ ଠାକୁର ଘରର କବାଟ ଖୋଲି ଲମ୍ବ ଭାବରେ ଠାକୁରଙ୍କ ପାଦ ତଳେ ପଡିଯାଇ ଭୋଭୋ କରି କାନ୍ଦି ଉଠିଲେ ରାମପ୍ରସାଦ ବାବୁ । ମହ ମହ ଧୂପବାସ୍ନାରେ ଠାକୁର ଘର ମହକୁଥାଏ । ଠାକୁର ଘର ଭିତରେ ଏମିତି ଏକ ସ୍ୱର୍ଗୀୟ ତଥା ଅମୃତ ଉପଲବ୍ଧିରେ ରାମପ୍ରସାଦଙ୍କ ପ୍ରାଣ ପଖାଳି ହୋଇଯାଉଥିଲା ଯେମିତି । ଠାକୁର ଘର ଛାଡ଼ି ମୁହୂର୍ତ୍ତକ ପାଇଁ ମଧ୍ୟ ପଦାକୁ ଆସିବାକୁ ମନ ଯାଉ ନଥିଲା ତାଙ୍କର । ପାଖରେ ଠିଆ ହୋଇ ମଙ୍ଗୁଳି ନନା ଦେଖୁଥିଲା ସେଦିନ ଠାକୁରଙ୍କ ମୁହଁ ଦିଶୁଥିଲା ଅପେକ୍ଷାକୃତ ହସ ହସ ।

■■■

Digitized by srujanika@gmail.com

ସର୍କସ ବାଘ

ସହରରେ ସର୍କସ ପଡିଛି । ଗ୍ରେଟ ଡାଇମଣ୍ଡ ସର୍କସ । ସହରର କାନ୍ଥବାଡରେ ଛାଇଯାଇଛି ରଂଗୀନ୍ ପୋଷ୍ଟର ସବୁ । କେଉଁଠି ହାତୀ କରୁଛି ଶିବପୂଜା ତ କେଉଁଠି ବଂଧୁକ ଫୁଟାଉଛି ଶୁଆ । କଞ୍ଚା ମାଛ ଖାଇ ଦେଉଛି ମଣିଷ । ତାର ଉପରେ ଚାଲୁଛି ଭାଲୁ, ମହାବଳ ବାଘର ବିରାଟ ଆଁ ଭିତରକୁ ମୁଣ୍ଡ ପୁରେଇ ଦେଉଛି ସର୍କସ ସୁନ୍ଦରୀ ।

ସହରର ଏ ମୁଣ୍ଡରୁ ସେ ମୁଣ୍ଡଯାଏ, ଡାକବାଜି ଯନ୍ତ୍ରରେ ପ୍ରଚାର ଚାଲିଛି । ସୁବର୍ଣ୍ଣ ସୁଯୋଗ ହରାନ୍ତୁ ନାହିଁ । ଆପଣଙ୍କ ନିକଟସ୍ଥ ଟାଉନ ହାଇସ୍କୁଲ ପଡିଆରେ ବହୁ ଜନ ସମାଗମରେ ପ୍ରତ୍ୟହ ତିନିଗୋଟି ସୋ'ରେ ଆଗେଇ ଚାଲିଛି ଗ୍ରେଟ୍ ଡାଇମଣ୍ଡ ସର୍କସ । ନିଜେ ଦେଖିବା ସଂଗେ ସଂଗେ ପରିବାର ଓ ବଂଧୁବାଂଧବଙ୍କୁ ଦେଖିବାର ସୁଯୋଗ ଦିଅନ୍ତୁ । ଆଉ ମାତ୍ର ଅଳ୍ପ ଦିନ ପାଇଁ ଆପଣଙ୍କ ସହରରେ ଗ୍ରେଟ୍ ଡାଇମଣ୍ଡ ସର୍କସ ।

ଗୋଟାଏ ଦଦରା ସାଇକେଲକୁ ଠେଲି ଠେଲି ଅଫିସ ଯିବା ବାଟରେ ଅନ୍ୟମନସ୍କ ହେଇ ପଡିଲା ଅନାମ । ଆଜି ଅଫିସରୁ ଶୀଘ୍ର ଫେରିବାକୁ ପଡିବ । ଘରେ ସ୍ତ୍ରୀ ସୁମତୀ ଦେବୀଙ୍କ ଫରମାସୀ । ମୁନା ଓ ମିଲି ସବୁଦିନ ଲଗାଇଛନ୍ତି । ଆଜି ଯେମିତି ହେଲେ ସର୍କସ ଯିବାକୁ ପଡିବ । ସୁମତୀର ମାମୁଁ ଝିଅ ଭଉଣୀ ସତିଆ ଦେଇ ତା ପିଲାମାନଙ୍କୁ ନେଇ ଆସିବ । ତେଣୁ ତାଙ୍କ ପାଇଁ ମଧ ଟିକେଟ୍ କାଟିବାକୁ ପଡିବ । ଖବର ଦେଇ ଦେଇ ଏତେ ଦିନକେ ଯେତେବେଳେ ସତିଆ ଦେଇ ତା ପିଲାମାନଙ୍କୁ ନେଇ ଆସୁଛି, ଭଲ ରକମର ଚର୍ଚ୍ଚା କରିବାକୁ ପଡିବ ।

ଅନାମ ପକେଟରୁ ମନିପର୍ସ ବାହାର କଲା । ଅଛି ଜମା ତିରିଶ ଟଙ୍କା । ମାସର ଶେଷ ସପ୍ତାହ । ଏମିତି ସବୁ ମାସର ଶେଷ ସପ୍ତାହକୁ କାଙ୍ଗାଳ ଭିକାରୀଟାଏ ପାଲଟି ଯାଏ ଅନାମ । ଧାର ଉଧାର କରେ । ଏ ମାସରେ ଧାର୍ ମାଗେ ଟାଇପିଷ୍ଟ ବିବିକୁ ତ' ଆର ମାସରେ ଆକାଉଣ୍ଟାଣ୍ଟ ଦାସ ବାବୁଙ୍କୁ । ଅନାମକୁ ଅଫିସରେ ସମସ୍ତେ ଭଲପା'ନ୍ତି ତାର କାର୍ଯ୍ୟଦକ୍ଷତା ଆଉ ସାଧୁତା ପାଇଁ । ସମସ୍ତେ ବିଶ୍ୱାସ କରନ୍ତି । ଧାର ଦିଅନ୍ତି ।

ଅନାମକୁ ଭାରି ଲାଜ ମାଡେ ଧାର ମାଗିବାକୁ । ଅଭାବବୋଧ ଆଉ ତେଲ ଲୁଣ ସଂସାରର ଜଂଜାଳ ଭିତରେ ଲାଜ ସରମ ସବୁ ପେଶି ହେଇଯାଏ । ବାଁ ହାତରେ

Digitized by srujanika@gmail.com

ଅନାମ ଆଉଁସି ପକାଏ କାନ। ପାଟିରୁ ବାହାରି ପଡେ, ପୁରୁଣା ଗୀତର ଦଦରା ରେକର୍ଡ ପରି 'ସାର୍‌, ସ୍ତ୍ରୀ ବେମାର, ଟଙ୍କା ପଚାଶଟା ଦେଇଥିବେ। ଦରମା ପାଇଲେ ଦେଇଦେବି।'

ଅଫିସରେ କାନ୍ଥ ଘଣ୍ଟାକୁ ଚାହିଁଲା ଅନାମ। ଦି'ଟା ବାଜିଲାଣି। ଆଗରୁ ଯାଇ ସର୍କସ ପଡିଆରେ ଟିକେଟ୍‌ କରି ଅପେକ୍ଷା କରିବାକୁ ପଡିବ। ସୁମତୀ, ତା ସତିଆ ଦେଇ ଆଉ ପିଲାମାନଙ୍କୁ ନେଇ ତିନିଟା ବେଳକୁ ସର୍କସ ପଡିଆରେ ପହଞ୍ଚିବ। ସାଢେ ତିନିଟାରେ ସୋ ଆରମ୍ଭ।

ପୁଣିଥରେ ବଡବାବୁଙ୍କ ଟେବୁଲ ପାଖରେ ଗୋଡ ଭାଂଗି ମୁଣ୍ଡ ଆଉଁସିଲା ଅନାମ। ଏକା ବେଳେ ଦି' ଦିଟା ଗୁହାରି। ଅଫିସରୁ ଶୀଘ୍ର ଘରକୁ ଯିବ ଆଉ ପଚାଶ ଟଙ୍କା ଉଧାର। ଥଣ୍ଡା ମୁଣ୍ଡରେ ବସିଥିଲେ ବଡବାବୁ। ପକେଟରୁ ବାହାର କରି ପଚାଶ ଟଙ୍କା ଦେଲେ। ଘରକୁ ଫେରିବାକୁ ଅନୁମତି ବି ପାଇଲା।

ଅନାମ ସର୍କସ ପଡିଆରେ ପହଞ୍ଚିଲା। କାଉଣ୍ଟରରେ ଧାଡିରେ ଛିଡା ହେଲା, ଟିକେଟ ବାବଦକୁ ଖର୍ଚ୍ଚ ହେଲା ଚାଳିଶ ଟଙ୍କା। ଟିକେଟ୍‌ କାଟିସାରି ଘରମୁହାଁ ଚାହିଁଲା ଅନାମ। ସୋ ଆରମ୍ଭର ଯଥାପୂର୍ବରୁ ଦି'ଟା ରିକ୍ସାରୁ ସୁମତୀ ସତିଆ, ମୁନା ମିଲି ଓ ସତିଆ ଦେଈର ପିଲା ଦୁଇଜଣ ଓହ୍ଲେଇଲେ। ସୁମତୀ, ଅନାମକୁ ଟିକେ ପାନଦୋକାନ ଉହାଡକୁ ଟାଣି ନେଇ କହିଲା, ସତିଆ ଦେଈର ଅଣ୍ଟା ଦରଜ। ଚାଲି ଚାଲି ଏତେ ବାଟ ଆସିପାରିବନି ବୋଲି କହିଲା, ତମେ ରିକ୍ସା ଭଡାଟା ଦେଇଦିଅ। ନ ହେଲେ କଥାଟା ଖରାପ ହେବ। ଅନାମ ତରବର ହେଇ ପକେଟରୁ ଦଶଟଙ୍କା ବାହାର କରି ରିକ୍ସାବାଲାକୁ ଦେଲା।

ସତିଆ ଦେଈ ହସିଲା। ସତିଆ ଦେଈର ନିର୍ଦ୍ଦେଶରେ ତା ଛୁଆମାନେ ଅନାମକୁ ପାଦଛୁଆଁ ଜୁହାର କଲେ। ଅନାମ ଛୁଆଙ୍କୁ କୋଳେଇ ନେଲା। ନାଁ ପଚାରିଲା। କିଏ କେଉଁ ଶ୍ରେଣୀରେ ପଢୁଛି, ସବୁ ପଚାରି ବୁଝିଲା।

ସର୍କସ ଆରମ୍ଭ ହେବାର ଘଣ୍ଟି ବାଜିଲା, ଗେଟ୍‌ ଖୋଲିଗଲା। ନିଜ ନିଜ ସିଟ୍‌ରେ ଯାଇ ବସିଲେ ଦର୍ଶକମାନେ। ଝିଲିମିଲି ପୋଷାକ ପିନ୍ଧି ଭଳିକି ଭଳି ଖେଳ ଦେଖେଇଲେ ସର୍କସର ପୁଅଝିଅମାନେ। ମୁହଁରେ ରଂଗ ବୋଳି ବିଚିତ୍ର ବର୍ଣ୍ଣ ହୋଇ ଲୋକମାନଙ୍କୁ ହସାଉଥିଲେ ସର୍କସର ଜୋକର। ଅନାମ ଭାବିଲା, ସତରେ କେତେ ବିଚିତ୍ର ଅଭିନୟ କରିବାକକୁ ପଡେ ଏ ଦୁନିଆରେ। ଅନିଚ୍ଛା ସତ୍ତ୍ୱେ ବାରମ୍ବାର ହସିବାକୁ ପଡେ ଏଠି। ଜୋକର ଖେଳ ଦେଖି ସୁମତୀ ଦେବୀଙ୍କ ମୁହଁରେ ଆନନ୍ଦର ଛଟା। ହସି ହସି ଗଡି ଯାଉଥିଲା ସତିଆ ଦେଈ। ଭାଲୁର ସାଇକେଲ ଚାଳନା ଦୃଶ୍ୟ ଦେଖି ତାଳିମାରି ନାଚୁଥିଲେ ଛୋଟ ଛୋଟ ପିଲାଗୁଡାକ। ସର୍କସର ତମ୍ବୁ ଭିତରେ ଭୀଷଣ ଗରମ ହେଉଛି। ଝାଳରେ ଭିଜି ଗଲାଣି ସୁମତୀ ଦେବୀଙ୍କ ମିରର୍‌ ଫିଟିଂ ବ୍ଲାଉଜ। ଅସ୍ତବ୍ୟସ୍ତ ହେଲାଣି ସତିଆ ଦେଈ। ସୁମତୀ କହିଲେ "ଆସିଲା ବେଳେ ଘରୁ ବିଞ୍ଚଣାଟା ନେଇ ଆସିଥିଲେ ଭଲ ହୋଇଥାଆନ୍ତା।" ଠିକ୍‌ ଏହି ସମୟକୁ ତମ୍ବୁ ଭିତରେ ଆସି ଗହଳି କଲେଣି

Digitized by srujanika@gmail.com

ସର୍କସ ପାର୍ଟିର ପେଶାଦାର ବୁଲା ବିକାଳି । ବାଦାମ୍ ବାଲା, ଆଇସ୍‌କ୍ରିମ୍ ବାଲା, ବିଞ୍ଚଣା ବାଲା ଓ ଫୁଟି ବିକାଳି । ଦର୍ଶକ ଗ୍ୟାଲେରୀରେ କେତେଟା ଚଳନ୍ତି ଦୋକାନ ଯେମିତି ଏ ମୁଣ୍ଡରୁ ସେ ମୁଣ୍ଡ ଯାଏ ଦୌଡୁଥାଏ । ନାହିଁ ନଥିବା ଦର । ବୁଲା ବିକାଳି ଠାରୁ ହାତରେ ଛୁଆମାନେ ଧରି ସାରିଲେଣି ଗୋଟାଏ ଲେଖାଏଁ ଫୁଟି । ସତିଆ ଦେଈ ହାତରେ ଧରିଲାଣି ତାଳପତ୍ରର ଫୋଲଡିଂ ବିଞ୍ଚଣା । ମୟୂର ପରି ପୁଚ୍ଛ ବିସ୍ତାର କରୁଛି ବିଞ୍ଚଣା । କିଣିବ ବୋଲି ବଡ ଆଗ୍ରହରେ ଧରିଛି ସତିଆ ଦେଈ । ସୁମତୀ ଚାହିଁଲେ ଅନାମ ଆଡକୁ । ଚାହୁଁ ନ ଥିଲେ ତ ଯେମିତି କିଛି କହୁଥିଲେ । ନିର୍ଦ୍ଦେଶ ଦେଉଥିଲେ । ବିବାହର ଦୀର୍ଘ ପନ୍ଦର ବର୍ଷ ପରେ ସୁମତୀର ଠାର ବୁଝିବାକୁ ବାକି ନଥିଲା ଅନାମର । ପର୍ସ ଖୋଲି ବିଞ୍ଚଣା ଓ ଫୁଟି ବିକାଳିକୁ ପଇସା ଦେଲା । ତାର ଇଚ୍ଛା ହେଲା ସ୍ତ୍ରୀ ସୁମତୀର କାନ ପାଖରେ କହିଦେବ ଯେ, ତା ପାଖରେ ଆଉ ବେଶି ପଇସା ନାହିଁ । ଏମିତି ସବୁ ଏତେ ବାଜେ ଖର୍ଚ୍ଚ କଲେ ସିଏ ଆଉ ପଇସା ଦେଇ ପାରିବନି । କିନ୍ତୁ କହିବ କହିବ ଭାବି କହି ପାରିଲାନି । ପୁରୁଷ ପଣିଆର ଗୋଟାଏ ସ୍ୱାଭିମାନ ଅଛି । ସେଇ ସ୍ୱାଭିମାନର ସର୍ପାଘାତ ହେଲା ଅନାମକୁ । ଫୁଟି ପିଉଛନ୍ତି ମୁନା, ମିଲି ଓ ସତିଆ ଦେଈର ପିଲାମାନେ । ବିଞ୍ଚଣା ବୁଲେଇ ବୁଲେଇ ଦେହରୁ ଝାଳ ମାରୁଥିଲା ସତିଆ ଦେଈ । ପୂର୍ଣ୍ଣମୀର ଜୁଆର ଯେମିତି ପୂର୍ଣ୍ଣତାରେ ଲହଡି ଭାଂଗୁଥିଲା ସୁମତୀର ମୁହଁରେ ।

ପଞ୍ଜୁରୀ ଭିତରୁ ଗର୍ଜନ କରୁଛି ମହାବଳ ବାଘ । ଏବେ ସର୍କସ ସୁନ୍ଦରୀ ମିସ୍ ଲୋରାଙ୍କ ଲୋମହର୍ଷଣକାରୀ ଖେଳ ଆରମ୍ଭ ହେବ । ସର୍କସ ସୁନ୍ଦରୀର ଯୌବନୋଚ୍ଛଳ ମାଂସପେଶୀ ସବୁ ଚକ୍ ଚକ୍ କରୁଛି । ଚର୍ବିଳ ଚାଇନା ରୋହୀ ପରି ଦିଶୁଛି ମିସ୍ ଲୋରା । ପଞ୍ଜୁରୀ ଭିତରୁ ଗର୍ଜନ କରି ବାହାରିଲା ମହାବଳ ବାଘ । ଚାବୁକରେ ପିଟିଲା ମିସ୍ ଲୋରା । ଥମିଗଲା ବାଘ । କେମିତି ଗୋଟାଏ ଜିତିଯିବାର ଗର୍ବରେ ମୁରୁକି ହସିଲା ଲୋରା । ଅନାମକୁ ଲାଗିଲା ଠିକ୍ ସୁମତୀ ପରି ତା ହସ । ସୁମତୀ ପରି ବି ମିସ୍ ଲୋରାର ଖଣ୍ଡା ଧାର ନାକ ।

ଏମିତି କଥା ମାନିଥାଏ ସର୍କସ ବାଘ । ଗୋଟାଏ ଚାବୁକ ପ୍ରହାରରେ ଲୋରାର ଛାତିରେ ଆଣି ମୁଣ୍ଡ ଗୁଂଜିଲା ବାଘ । ଅନାମ ଭାବିଲା, ସତରେ କେତେ ଅସହାୟ ଏଇ ସର୍କସ ବାଘ । ନିଜର ସବୁ ବାଘ ପଣିଆକୁ ବନ୍ଧା ପକେଇ ଦେଇଛି ଲୋରାର ପାଦ ତଳେ ।

ସେ ଦିନର ଶେଷ ଖେଳ ଥିଲା ଶୂନ୍ୟରେ ଦୋଳି ଖେଳ । ସତିଆ ଦେଈର ପିଲାମାନେ ଶୋଇପଡିଲେଣି କେତେବେଳୁ । ଖେଳ ଶେଷ ହେଲା । ରିକ୍ସାରେ ବସି ଘରକୁ ଫେରିଲେ ସୁମତୀ, ସତିଆ ଓ ପିଲାମାନେ । ପଛେ ପଛେ ସାଇକେଲରେ ଘରକୁ ଫେରିଲା ଅନାମ । ପଇସା ଦେଇ ସେ ରିକ୍ସା ବିଦା କଲା । ପୋଷାକ ବଦଳେଇଲା । ଖଟବାଡରେ ପ୍ୟାଣ୍ଟସାର୍ଟ ବଦଳେଇ ରଖୁ ରଖୁ ପୁଣି ଥରେ ପର୍ସ ଖୋଲି ଦେଖିଲା । କାଲିର ଖର୍ଚ୍ଚ ପାଇଁ ଆଉ ଅଛି ମାତ୍ର ଆଠ ଟଙ୍କା ।

Digitized by srujanika@gmail.com

ଆରପଟ ଘରେ ଶାଢ଼ି ବଦଳାଉଥିଲେ ସୁମତୀ ଓ ସତିଆ ଦେଇ ହାତୀ ଓ କୁକୁରମାନଙ୍କ ପରି ନିଜ ନିଜ ଭିତରେ ଖେଳ କରୁଥାନ୍ତି ସୁମତି ଓ ସତିଆ ଦେଇର ପିଲାମାନେ । ଏବେ ରାତି ଖାଇବା ଯୋଗାଡରେ ଲାଗିପଡିଲାଣି ସୁମତୀ । ସତିଆଦେଇ ନିଜେ ରୋଷେଇ କରିବାକୁ ଚାଲିଗଲା । ସୁମତୀ ରୋଷେଇ ଘରୁ ଆସି ଚୁପ୍‌ଚୁପ୍ ସ୍ୱାମୀକୁ କହିଲା, "ହେଇଟି, ଦିନେ ନାହିଁ ନା କାଳେ ନାହିଁ, ସତିଆ ଦେଇ ଓ ତା ପିଲାମାନେ ଆସିଛନ୍ତି । ତମେ କାଲି ସକାଳେ ଯାଇ ବଜାରରୁ ମାଂସ କିଲେ ଆଣିବ, ଆମ ଘରୁ ଏମିତି ସାଧା ତରକାରୀ ଭଜା ଖାଇ ଗଲେ ସିଏ କଣ ଭାବିବ ? ତମେ କାଲି ସକାଳୁ ଶୀଘ୍ର ବଜାର ଯାଇ ଖାଣ୍ଟି ଖାସି ମାଂସ ଦେଖିକରି ଆଣିବ । କିଲୋ ଶହେ ଟଙ୍କା ନେଉ ପଛେ ପାଣିମିଶା ମାଂସ ଆଣିବନି ।" ତରତର ହୋଇ ପୁଣି ରୋଷେଇ ଘରକୁ ଚାଲିଗଲା ସୁମତୀ ।

ସେ ଦିନ ରାତିରେ ଭାରି କ୍ଳାନ୍ତ ଓ ଅବସନ୍ନ ଅନୁଭବ କଲା ଅନାମ । ଖାଇଦେଇ ଶୋଇପଡିଲା । ଶୋଇ ଶୋଇ ସ୍ୱପ୍ନ ଦେଖିଲା ରାତିରେ । ସିଏ ପଞ୍ଜୁରୀ ଭିତରେ ମହାବଳ ହେଇ ଗର୍ଜନ କରୁଛି ଆଉ ଲିମିଲି ପୋଷାକ ପିନ୍ଧି ହାତରେ ଚାବୁକ ଧରି ପିଟୁଛି ସୁମତୀ । ସୁମତୀ, ମିସ୍ ଲୋରା ଠାରୁ ଅଧିକ ସୁନ୍ଦର ଦିଶୁଛି । ଖୁବ୍ ଜୋର୍‌ରେ ମାରୁଛି ଚାବୁକ । ଖୁବ୍ ଦକ୍ଷ ତା'ର ଚାବୁକ ଚାଳନା । ଅସହାୟ ହେଇ ପଡୁଛି ମହାବଳ । ଗୋଟିଏ ପରେ ଗୋଟିଏ ବୋଲ ମାନୁ ମାନୁ ହଠାତ୍ ଉତ୍‌କ୍ଷିପ୍ତ ହେଇ ପଡ଼ିଲା ମହାବଳ । ମହାବଳ ତା'ର ବିରାଟ ଆଁ ଭିତରେ ସର୍କସ ସୁନ୍ଦରୀର ମୁଣ୍ଡଟାକୁ ପେଷି ଦେବା ବେଳେ, ନିଦ ବାଉଳାରେ ବଡ ଗର୍ଜନଟାଏ ପକେଇଲା ଅନାମ ।

ସୁମତୀଙ୍କ ନିଦ ଭାଂଗିଗଲା । ପଚାରିଲା, "ତମର କ'ଣ ହେଲା କି ? ଏତେ ବଡ ପାଟିକରିଲ ଯେ ?" ଅନାମ ନିଦରୁ ଉଠିବସିଲା କିଛିକ୍ଷଣ, କହିଲା "ନା ସୁମତୀ- ସିଏ ଗୋଟାଏ ଦୁଃସ୍ୱପ୍ନ ।"

■■■

Digitized by srujanika@gmail.com

ବୁଢ଼ିଆଣୀ ଜାଲ

ଜାଲରେ ପଡ଼ିଛି ହିମାଂଶୁ ସାମଲ । ବୁଢ଼ିଆଣୀ ଜାଲ । ଛନ୍ଦାଛନ୍ଦି ଜାଲର ଅଠାକାଠିରୁ ଆଉ ଯେମିତି ତା'ର ନିସ୍ତାର ନାହିଁ । ସେଇ କଳାମୁଣ୍ଡି ବୁଢ଼ିଆଣୀ ତା'ର ସର୍ବନାଶ କରିଛି । ରକ୍ତ ମାଂସ ଚୋଷି ଖାଇଛି । ତା'ର ଉଡାଣ ଦେଖି ତ ସେ ଉଡୁଥିଲା । ଅନ୍ତରର ସ୍ନେହ ଦେଇ ହୃଦୟ ଭରା ପ୍ରତିଶ୍ରୁତି ଦେଇ ଯିଏ ମୁକ୍ତ ପତଙ୍ଗ ପରି ଉଡ଼େଇଥିଲା, ସେଇ ଯେ ନାଭିରୁ ଅଠା କାଢ଼ି ଜାଲ ବିଛାଉଛି, ସେ କଥା କେମିତି ସେ ଜାଣିଥାଆନ୍ତା ! ଚାହୁଁ ଚାହୁଁ ତା' ଦେହର କଅଁଳ ମାଂସ ପାଖୁଡ଼ାକୁ ଚୋଷି ଦେଇଛି ବୁଢ଼ିଆଣୀ ।

ହିମାଂଶୁ ଆଖିରୁ ନିଦ ଲିଭିଯାଇଛି । ତଥାପି ସକାଳର ଛାଇ ପଡୁନି ମାଟି ଉପରେ । ଦିଆସିଲି ମାରି ନିଜର କ୍ଷୁଦ୍ର କାଚ ଚିମିନ୍‌ଟିକୁ ଲଗାଇଲା । ନିଷ୍ପ୍ରଭ ଆଲୋକର ନିସ୍ତରଙ୍ଗ ଶିଖା ଘରର ବହଳ ଅନ୍ଧାରକୁ ଦୂର କରିପାରୁନି, ଯେମିତି ହିମାଂଶୁକୁ ଜାବୁଡ଼ି ଧରିଥିବା ଜାଲର କୁହୁଡ଼ିକୁ ବି ମଧ୍ୟାହ୍ନର ଉତ୍ତପ୍ତ ରଶ୍ମି ଦ୍ରବୀଭୂତ କରିପାରୁନି ।

ହିମାଂଶୁ ଆଉଥରେ ମଶାରୀ ଟେକି ଝରକା ଫାଙ୍କରୁ ଦୂର ଦିଗ୍‌ବଳୟକୁ ଚାହିଁଲା । ପାହାନ୍ତି ଆକାଶର କାବ୍ୟତାରା ମାଟିରେ ବୁଣିଦେଇଛି କିଛି ମଇଳା ଆଲୁଅ । ସ୍ତୂପ ସ୍ତୂପ ବାଲି ଆଉ ଡେଙ୍ଗା ତାଳଖଜୁରୀ ସବୁ ଠିଆ ହେଇଛନ୍ତି ଅଶରୀରୀ ପରି । ଖଦଡ଼ ଜାମା ପ୍ୟାଣ୍ଟ ପିନ୍ଧା ମଣିଷରୂପୀ ଭୂତ ଗୁଡ଼ାକ ଭାଷଣ ଦେଉଛନ୍ତି ଦୂର ଦିଗ୍‌ବଳୟରେ । ସେଇ ଭାଷଣର ଅଠାକାଠିରେ ହାତଗୋଡ଼ ଭାଙ୍ଗି ଗୋଟାଏ ପଙ୍ଗୁ, ପକ୍ଷାଘାତ ରୋଗୀର ଭାଗ୍ୟ ନେଇ ପଡ଼ିଚି ହିମାଂଶୁ । ଏବେ ବି ଦିଶୁଛି ସେଇ ଖଦଡ଼ ପିନ୍ଧା ଡେଙ୍ଗା ମଣିଷର ରୂପ । କଳାମୁଣ୍ଡି ବୁଢ଼ିଆଣୀଟାଏ ଯେମିତି ସତେ !

ଓଃ ! ତା' ମୁଣ୍ଡଟା କଣ ହେଇଗଲା । ଧକ୍ ଧକ୍ ହେଇ ବାମପଟ ଅଧକପାଳି ବିନ୍ଧି ଉଠୁଛି । ଯନ୍ତ୍ରଣାର ଅନ୍ତର୍ଦାହ ତା' ସ୍ନାୟୁଗ୍ରନ୍ଥିକୁ ଜାଳି ପୋଡ଼ି ଛାର୍ ଖାର୍ କରିଦେଉଛି ।

କଲେଜ ୟୁନିୟନ୍‌ର ସଭାପତି ହିମାଂଶୁ ସାମଲକୁ ବିରୋଧୀ ଦଳର ଜଣେ ମୁଖ୍ୟ ନେତା ଚନ୍ଦ୍ରକାନ୍ତ ବହିଦାର ସକ୍ରିୟ ରାଜନୀତିରେ ଭାଗ ନେବାକୁ ପ୍ରୋତ୍ସାହିତ କରିଥିଲେ ଯେଉଁଦିନ, ସେଦିନ ଥିଲା ହିମାଂଶୁର ଦ୍ୱାବିଂଶ ଜନ୍ମତିଥି । ଜନ୍ମତିଥିରେ ଅନେକ ବନ୍ଧୁ ଉପହାର ଦେଇଥିଲେ ପୁସ୍ତକ, ବାର୍ଥଡେ କାର୍ଡ, ପେନ୍ ଓ ଚଳିତ ବର୍ଷର ସୁଦୃଶ୍ୟ ଡାଏରୀ । ଶୁଭ ଜନ୍ମତିଥିରେ ସ୍ୱାଗତ ଜଣାଇବାକୁ ଆସି କଲେଜ ଡ୍ରାମାର ଶ୍ରେଷ୍ଠ

Digitized by srujanika@gmail.com

ଅଭିନେତ୍ରୀ କୁମାରୀ କାଦମ୍ବିନୀ ନିଜ ହାତ ତିଆରି କାକରା ପିଠା ସହିତ ହାତବୁଣା ରୁମାଲ ଖଣ୍ଡେ ଦେଇଥିଲା ଉପହାର ସ୍ୱରୂପ ।

କାଦମ୍ବିନୀ ନିଜର କମ୍ରକଜ୍ଜ୍ୱଳ ଆୟତ ଆଖିରେ ଯାହା କହିଥିଲା, ହିମାଂଶୁ ହୁଏତ ଠିକ୍ ବୁଝି ପାରିଥିଲା । କାରଣ କଲେଜ ନିର୍ବାଚନରେ ଜିତିଲେ ହିମାଂଶୁଠାରୁ ଯେଉଁ ପୁରସ୍କାର ନେବ ବୋଲି ସେ ପ୍ରତିଶ୍ରୁତି ପାଇ ଦିନରାତି ଅକ୍ଲାନ୍ତ ପରିଶ୍ରମ କରି କଲେଜ ଝିଅଙ୍କର ବହୁ ଭୋଟ୍ ହିମାଂଶୁ ସପକ୍ଷରେ ଆଣିପାରିଥିଲା, ସେ ପ୍ରତିଶ୍ରୁତିର ଉପହାର ହିମାଂଶୁ ଦେଇ ପାରିନଥିବାରୁ କାଦମ୍ବିନୀ ଅଭିମାନ କରିଥିଲା ।

କାଦମ୍ବିନୀର ଚଳଚପଳ ପ୍ରଣୟ ତରଙ୍ଗରେ ଭାସିଯାଇ ନଥିଲା ହିମାଂଶୁ । ତା' ଆଗରେ ଥିଲା କର୍ତ୍ତବ୍ୟର ଏକ ସୁଦୂରପ୍ରସାରୀ ରାସ୍ତା । କଲେଜର ପନ୍ଦର ଶହ ପିଲାଙ୍କର ମୁଖପତ୍ର ପରି ପ୍ରକାଶିତ ହୋଇଛି ହିମାଂଶୁ ସାମଲ— ଛାତ୍ରମାନଙ୍କ ପାଇଁ ପାଠାଗାର, ବୁକ୍ ବ୍ୟାଙ୍କ୍, ଗରିବ ଛାତ୍ରଙ୍କ ଦରମା ଛାଡ, ଉନ୍ନତ ଧରଣର ଲାବୋରେଟୋରୀ, ଆଲୋଚନା ଚକ୍ର, ସିମ୍ପୋଜିୟମ୍, ଇଣ୍ଟର କଲେଜ ଡିବେଟ୍, କ୍ରିକେଟ୍ ମ୍ୟାଚ୍... ପିକ୍‌ନିକ୍... ନିଜେ ଶିକ୍ଷାମନ୍ତ୍ରୀ ଆସିବେ ବୃକ୍ଷ ରୋପଣ ସପ୍ତାହକୁ । କଲେଜ ରାସ୍ତାର ଦୁଇକଡ଼ରେ ରୋପଣ ହେବ କଦମ୍ବ ଆଉ କୃଷ୍ଣଚୂଡ଼ା ।

ଏତେ ସମସ୍ୟାର ଅଗ୍ନିଝଡ଼ ଭିତରେ କାଦମ୍ବିନୀର ଅଭିସାରରେ ମନସ୍ଥତା ହରେଇ ନଥିବା ହିମାଂଶୁ କିନ୍ତୁ ତା'ର ନିଜସ୍ୱ ହରେଇ ଦେଇଥିଲା ଚନ୍ଦ୍ରକାନ୍ତ ବହିଦାରର ଉପଢୌକନ ପାଇ । ସେ ଉପହାର ଥିଲା ବିଡ଼ାଏ ପାମ୍ଫଲେଟ୍ । ଚନ୍ଦ୍ରକାନ୍ତର ରାଜନୀତି ମନ୍ତ୍ର ହିମାଂଶୁକୁ ମନ୍ତ୍ରମୁଗ୍ଧ କରିଥିଲା । ସେଦିନ ଚନ୍ଦ୍ରକାନ୍ତର ଅଗ୍ନିମୟ ଭାଷଣ, ନୂତନ ଆଶା ସଂଚାର କରିଥିଲା ତା' ହୃଦୟରେ । ଚନ୍ଦ୍ରକାନ୍ତ କହି ଚାଲିଥିଲା ସେହି ନିର୍ଜନ କୋଠରୀ ମଧ୍ୟରେ ତା'ର ରାଜନୀତି ପୁରାଣର ପ୍ରଥମ ଅଧ୍ୟାୟ... ଦେଶର ରାଜନୀତିକୁ ଦୃଷ୍ଟି ଦିଅ ବନ୍ଧୁ । ଆଜିର ଅନେକ ନେତା ମନ୍ତ୍ରୀ ଦିନେ ଥିଲେ ଛାତ୍ରନେତା । ରାଜନୀତିର ଅଗ୍ନି ପ୍ରବାହକୁ ସେମାନେ ଦିନେ ସାହସର ସହିତ ଲମ୍ଫ ପ୍ରଦାନ କରିଥିଲେ । କଣ୍ଟକିତ ଗୁଳ୍ମଭରା ରାସ୍ତାରେ ଦୌଡ଼ି ଦୌଡ଼ି ଶେଷରେ ସେମାନେ ପାଇଛନ୍ତି ଗୋଲାପର ଫୁଲମାଳା ଆଉ ହେନାର ସୁରଭି । ଆସ ହିମାଂଶୁ । ଲାଗିପଡି ଏ ସରକାରକୁ ବଦ୍‌ନାମ୍ କଲେ ଆଗାମୀ ନିର୍ବାଚନରେ ଆମ ଦଳ ସଂଖ୍ୟା ଗରିଷ୍ଠତା ଲାଭ କରିବ । ଆଉ ତମେ ବି ଦିନେ ପାର୍ଟି ତରଫରୁ ଟିକେଟ୍ ପାଇ ସେଇ ପାର୍ଟି ପଇସାରେ ଲଢ଼ିବ । ବିଜୟ ସୁନିଶ୍ଚିତ । ତା'ପରେ ତମେ ମନ୍ତ୍ରୀ ହେବ । ସ୍ୱପ୍ନର ସୁରଭିତ ଫୁଲବନ ହସି ଉଠିବ । ତମରି ଉପରେ ନିର୍ଭର କରିବ ଏ ଦେଶର ଭବିଷ୍ୟତ । ବିଚାର କରି ଦେଖ ହିମାଂଶୁ... ଚାକିରି କରି ଏ ଯୁଗରେ ପେଟ ପୋଷି ହୁଏନାହିଁ । ସକାଳୁ ସଂଧ୍ୟାଯାଏ ଫାଇଲ ଚାଷ କରି ପେଟ ପୂରେନା । ଏ ଦେଶରେ ଅନେକ ସ୍ୱର୍ଣ୍ଣପଦକ ଲାଭ କରିଥିବା ଛାତ୍ର ସୀମିତ ଆର୍ଥିକ ସଙ୍କଟ ମଧ୍ୟରେ ଛଟପଟ ହୁଅନ୍ତି । ଉଚ୍ଚ ହେବାକୁ ହେଲେ ଦରକାର ଟଙ୍କା । କିଛି ନା କିଛି ବ୍ଲାକ୍ ମନି । ଏ ଯୁଗରେ କିଏ ସଚ୍ଚୋଟ ? ଆଦର୍ଶର ପିରାମିଡ ତୋଳି କେହି ବଡ ହୋଇଛି ନା ତମେ ହେବ ?

Digitized by srujanika@gmail.com

ହିମାଂଶୁ ହୃଦୟରେ ଜାଗିଉଠିଥିଲା ଆଉ ଏକ ପୃଥିବୀର ଚିତ୍ର । ପୂର୍ଣ୍ଣିମା ରାତିର ଭ୍ରମ ସୃଷ୍ଟି କରୁଥିବା ଅନେକ କାବ୍ୟତାରା, ଅନେକ ଧ୍ରୁବତାରା ଜଳି ଉଠିଥିଲା ସେଇ ପୃଥିବୀରେ । ବିକ୍ଷୁବ୍ଧ ଇଚ୍ଛାମାନେ ଚେଇଁ ଉଠିଥିଲେ ତା' ଭିତରେ । ସରକାରକୁ ବଦନାମ୍ କରି ଅନ୍ୟ ଏକ ରାଜନୀତିକ ସଂସ୍ଥା ଫାଇଦା ଉଠାଇବା ହେଉଛି ଆଜି ରାଜନୀତିର ପ୍ରଥମ ମୁହାଁଣି । ମନ୍ତ୍ରୀଙ୍କ ସଭାରେ ଗଣ୍ଡଗୋଳ କରାଇବାକୁ ହେବ, ବଡ ବଡ ଅଫିସରଙ୍କୁ ସତରେ ହେଉ କି ମିଛରେ ହେଉ, ଜନସ୍ୱାର୍ଥର ଦ୍ୱାହୀ ଦେଇ ଘେରାଉ କରିବାକୁ ହେବ । ଏମିତି ରାଜନୀତିକ ପୃଷ୍ଠଭୂମି ତିଆରି କରି ଉନ୍ମୁକ୍ତ କରିବାକୁ ହେବ ରାଜନୀତିର ପ୍ରବେଶ ଦ୍ୱାର ।

ହିମାଂଶୁ ସାମଲ ଉଦ୍‌ବୁଦ୍ଧ ହେଲା । ରବର ବେଲୁନ ପମ୍ପ ପିଇ ସ୍ଫୀତ ହେଲା ପରି ଫୁଲି ଉଠିଲା ସେ । ପାଠପଢ଼ା ଛାଡ଼ି ନିର୍ବାଚନ ବେଳେ ଚନ୍ଦ୍ରକାନ୍ତ ବହିଦାର ପାଇଁ ଗାଁକୁ ଗାଁ ବୁଲି ଭୋଟ୍ ପ୍ରଚାର କଲା । ସଭା ସମିତି କରି ତଣ୍ଟିଫଟା ଚିତ୍କାର କରି ଭାଷଣ ଦେଲା । ହିମାଂଶୁର ଏହି ମିଛ ଆଦର୍ଶକୁ ତା'ର ଛାତ୍ରବନ୍ଧୁମାନେ କେହି ବି ସମର୍ଥନ କଲେ ନାହିଁ । ସମସ୍ତେ କହିଲେ, ହିମାଂଶୁ ଏବେ ବିରୋଧୀ ଯୁବ ସାମ୍ମୁଖ୍ୟ ଦଳର ନେତା । ତା'ର ଗତି ଅଲଗା । ସେ ଆଉ ଛାତ୍ର ନାହିଁ, ରାଜନୀତିର ମୁଖା ପିନ୍ଧିଛି ।

ବି.ଏ.ରେ ତିନିଥର ଫେଲ୍ ହେବା ପରେ ହିମାଂଶୁ ସିଂହାବଲୋକନ କଲା ଅତୀତକୁ । ତା'ର ବନ୍ଧୁମାନଙ୍କ ଦେହରେ ଅନର୍ସ ଓ ଡିଷ୍ଟିଂସନ୍‌ର ଡେଣା ଲାଗିଲା ପରେ ସେମାନେ ଆକାଶର ନୀଳିମାକୁ ଛୁଇଁ ଉଡି ବୁଲୁଛନ୍ତି । ପୁସ୍ତକକୀଟ କହି ଯେଉଁ ନୀଳମାଧବକୁ ସମସ୍ତେ ଚିଡ଼ାଉଥିଲେ, ସେ ବିଶ୍ୱ ବିଦ୍ୟାଳୟରେ ପଦାର୍ଥ ବିଜ୍ଞାନରେ ଗୋଲ୍ଡ଼ ମେଡ଼ାଲ ପାଇ ଫରେନ୍ ଗଲା । ମାଇଚିଆ ବୋଲି ଯେଉଁ ପ୍ରଭାତରଂଜନକୁ କହୁଥିଲେ ସେ ଏବେ ଷ୍ଟେଟ୍‌ବ୍ୟାଙ୍କର ପ୍ରୋବେସନ୍ ଅଫିସର । କଲେଜ ୟୁନିୟନ୍‌ର ଡ୍ରାମାଟିକ ସେକ୍ରେଟାରୀ ସରୋଜ ଓଡ଼ିଆ ଚଳଚ୍ଚିତ୍ରର ଉପନାୟକ ଭୂମିକାରେ ପୁରସ୍କାର ପାଇଲାଣି । କାଦମ୍ବିନୀ ତା'ର ଲେବର ଅଫିସର ସ୍ୱାମୀ ସହିତ ବର୍ତ୍ତମାନ ଦିଲ୍ଲୀରେ । ସେମାନେ ଆକାଶର ପ୍ରଶାନ୍ତ ନୀଳିମାରେ ଉଡୁଥିବାବେଳେ ହିମାଂଶୁ ଅନୁଭବ କରେ ସେ ଯେମିତି ପକ୍ଷାଘାତ ରୋଗୀ ପରି ଏହି ଓଦାମାଟିରେ ଘୋଷାରି ହେଉଛି ।

ସହରର ଉପାନ୍ତରୁ ଫେରିଆସିଲା ହିମାଂଶୁ ତା'ର ଏହି ମଶା, ଡାଆଁଶ, ପୋକ ଜୋକ, କିଆ ଚାକୁଣ୍ଡା ଘେରା ଅନ୍ଧାରୁଆ ଗାଁକୁ । ବାପା ବିଦାୟ ନେଇ ଗଲେ । ହିମାଂଶୁକୁ ଦିନେ ପୂର୍ଣ୍ଣେନ୍ଦୁ କରିବାକୁ ଯାଇ ସେ ଅମାବାସ୍ୟର ଅନ୍ଧାରକୁ ବରି ନେଇଥିଲେ । ଅଭାବରୁ ଅନେକ ଜମି ବିକ୍ରୀ ହୋଇ ଯାଇଛି ଯା ଭିତରେ, ବାପାଙ୍କର ମୃତ୍ୟୁ ପରେ ହିମାଂଶୁର ପରିବାର ତାକୁ ବଧେଇ ଜଣେଇଛି ଅନେକ ଯନ୍ତ୍ରଣାର ଶଙ୍ଖ ବଜେଇ । ଘରେ ରୋଗୀଣା ମାଆ ରାଜଯକ୍ଷ୍ମାରେ ପୀଡିତା । ହିମାଂଶୁ ପାନେ ଔଷଧ ଦେଇ ପାରୁନି ତାକୁ । ଦୁଇ ଭଉଣୀଙ୍କ ବିବାହ ବୟସ ଅତିକ୍ରାନ୍ତ । ହିମାଂଶୁ ଉପରେ ଅଭିମାନ କରି ଅନ୍ଧାର ଘରେ ଉପାସିଆ ମନ ନେଇ ସେମାନେ ଶୋଇଯାଇଛନ୍ତି । ବଡ଼ ଭଉଣୀର ତାଗିଦ୍, ହିମାଂଶୁ ବାହା ହେଉ । ବଡ ଭଉଣୀ ବିବାହ କରିବ ନାହିଁ ବୋଲି ଜିଦ୍ କରୁନି ଯେ, ଅଭିମାନର

Digitized by srujanika@gmail.com

କୁରାଢୀଚୋଟ ମାରୁଛି । ସାନଭଉଣୀ ଅନୀତା ମାଟ୍ରିକ୍ ପାସ୍ କରି ଗାଁରେ ଟିଉସନ୍ କରୁଛି । ତା’ ନାଁରେ କାନ୍ଥବାଡ଼ରେ ଅନେକ କଥା, ଅନେକ ଅଶ୍ଳୀଳ ଚିତ୍ର । ତାକୁ ମଧ୍ୟ ହିମାଂଶୁ ଦେଖି, ଆଖି ବୁଜି ବୁଜି ବାଟ ଚାଲୁଛି ।

ନିର୍ବାଚନ ହେଲା । ପାର୍ଟି ଅଫିସରୁ ଫେରି ଆସିଲା ହିମାଂଶୁ ନିରାଶ ହୋଇ । ଚନ୍ଦ୍ରକାନ୍ତ ବହିଦାର ନିର୍ବାଚନରେ ଲଢ଼ି ମନ୍ତ୍ରୀ ହେଲା । ହିମାଂଶୁ ଯାଇଥିଲା କହିବାକୁ ନିଜର କ୍ଲାନ୍ତ ଜୀବନର ଆତ୍ମଲିପି । ନେତା ନ ହେଲା ନାହିଁ ସୀମିତ ଆୟରେ ଖଣ୍ଡେ ଚାକିରି ଦେବାକୁ ଅନୁରୋଧ କରିଥିଲା । କେତେଥର ଦୌଡ଼ିଲା ତା’ ପାଖକୁ । ଛୋଟକାଟର ରାସ୍ତା ମରାମତି କାମରେ କେଉଁଠି, ଖଣ୍ଡେ କଣ୍ଟ୍ରାକ୍ଟ କାମ ପାଇବାକୁ କେତେ ନେହୁରା ହେଇଥିଲା । ସବୁଥର ଅନେକ ପ୍ରତିଶ୍ରୁତି । ମାତ୍ର ଦୌଡ଼ି ଦୌଡ଼ି ଏପର୍ଯ୍ୟନ୍ତ କାମ ଖଣ୍ଡେ ପାଇଲା ନାହିଁ ।

ପତଳା ନହକା ଚେହେରାର ଚନ୍ଦ୍ରକାନ୍ତ ବହିଦାର୍ ଖାଇଖାଇ ଏବେ ଥନ୍ତଲପେଟୁ ହୋଇଗଲାଣି । ଗାଁରେ ବୁଲି ସେଦିନ କର୍ମୀ ସମ୍ମିଳନୀ କରୁଥିଲା । ଚନ୍ଦ୍ରକାନ୍ତର ସଭାରେ ସେଦିନ ଲୁଚି ଲୁଚି ଷଣ୍ଢ ପୁରେଇବାକୁ ଚାହୁଁଥିଲା ହିମାଂଶୁ । ହେଲେ ସେ ପାରିଲା ନାହିଁ । ମନବଳ ଭାଙ୍ଗିଯାଇଥିଲା ତା’ର । ଅଠାଜାଲରେ ବୁଢ଼ିଆଣୀ ସବୁ ମାଂସ ହାଡ଼ ପଲପଲ କରି ଖାଇଗଲା ପରେ ତା’ ଧମନୀର ରକ୍ତସ୍ରୋତ ସ୍ଥିର । ଅଚଞ୍ଚଳ ।

ବିସ୍ଫୋଟକ ପରି କେବଳ ଫୁଟୁଥିଲା ହିମାଂଶୁ । କେହି ଜଣେ ବିକଳ ହେଇ ତା’ ଭିତରୁ କାନ୍ଦି କାନ୍ଦି ପଚାରୁଥିଲା— ହିମାଂଶୁରେ, କ’ଣ ହେଲା ତୋର ? କାହିଁକି ମାତିଥିଲୁ ସେ ରାଜନୀତିଆ ଲୋକଙ୍କ କଥାରେ ? କେଉଁ ଆଡ଼କୁ ହେଲୁନି । କ’ଣ କରିବୁ ଏବେ !

ଡରି ଛାନିଆ ହେଇଗଲା ହିମାଂଶୁ । ବିଛଣାରୁ ଉଠି ବସିଲା, ଖଟଟା ଉପରେ ଜାକିଜୁକି ହେଇ ଥରୁଥିଲା ଗୋଟାପଣ ବରଡା ପତର ପରି । ସକାଳ ହେଇ ଆସୁଥିଲା । ପୁରୁଣା ଚାଳ ଛପରରେ ଛାଣି ହେଇ ସକାଳର ଝାପ୍‌ସା ରଙ୍ଗ ବିଞ୍ଚି ହୋଇ ପଡୁଥିଲା ଘର ଭିତରେ ।

ଉପରକୁ ଚାହିଁ ଦେଖିଲା ହିମାଂଶୁ । ନାଭିରୁ ଅଠା କାଢ଼ି ଜାଲ ବିଛେଇ ବିଛେଇ ଚାଳ ସଙ୍ଗା ମଥାନ ପର୍ଯ୍ୟନ୍ତ ଉଠିଯାଉଥିଲା ବଡ଼ କଳାମୁଣ୍ଡି ବୁଢ଼ିଆଣୀଟିଏ । ହାତ ପା’ନ୍ତାରୁ ଅନେକ ଉଚ୍ଚକୁ ।

■■■

Digitized by srujanika@gmail.com

ପଡ଼ିଶା ଘର ବୋହୂ

ମୁନାର ଚିଠି ଖଣ୍ଡକ ପାଇଲା ପରେ ଉଛନ୍ନ ହେଲା ବୁଢ଼ୀର ମନ । ମୁନା ବାପା ସାଥିରେ ଲଗାଇଲା । ତମେ ଆଉ ଏଥର ଦୂରବାଟ କହି ଭୁଲେଇଲେ ଚଳିବ ନାହିଁ । ମୁନା ଲେଖିଛି, ନାତି ଟୋକା ଜନ୍‌ମର ଜନ୍ମଦିନ । ତମେ ଗଲେ ଏକାଥରେ ଠାକୁର ଦେଖାକୁ କଦଳୀ ବିକା; ଦିଇଟା ଯାକ ହେବ । ପୁଅ ବୋହୂ ପାଖରେ ରହିବ । ନାତି ଜନ୍ମଦିନ ଦେଖିବ ଆଉ ଭୁବନେଶ୍ୱର ସହର ବି ବୁଲି ଦେଖିବ ।

ବୁଢ଼ା ଆଖିରେ ଛଳ ଛଳ ହେଇ ନାଚିଗଲା ନାତି ଟୋକାର ମୁହଁ । କେଡେ ବକଟେ ହେଇଥିଲା । କାନ୍ଧକୁ ଧରି ଚାଲୁଥିଲା । ଛୋଟ ଛୋଟ ଖେଳଣା ଧରି ବୁଢ଼ାର ମୁହଁ ଉପରକୁ ଫିଙ୍ଗୁଥିଲା । ଏବେ ତାକୁ ଚାରି ପୁରି ଯିବ । ବାତ୍ସଲ୍ୟ ସ୍ନେହରେ ଆଉଟି ପାଉଟି ହେଇଗଲା ବୁଢ଼ାର ମନ । ବୁଢ଼ୀକୁ ଚାହିଁ କହିଲା, "ଏଥର ତା'ହେଲେ ମୋ ସହିତ ଭୁବନେଶ୍ୱର ଯିବ ତ ! ତମ ଘସିପଚା, ଲାଉ ରଞ୍ଜା ଦିଆ ଆଉ କାଳୀ ଗାଈ ଲୋଭ ଛାଡ ।"

ବୁଢ଼ୀ କହିଲା, "ତମକୁ କାହିଁକି ଏତେ ଚିନ୍ତା ମାଡ଼ି ପଡୁଛି କି ? ମୋ ଲାଉରଞ୍ଜା, କାଳୀଗାଈ ବ୍ୟବସ୍ଥା ମୁଁ କରିକି ଯିବିନି କି ? ଆଜି ସକାଳେ କୁନିମାକୁ କହୁଥିଲି । ସେ ରାଜି ହେଇଗଲା । କହିଲା, ଯାଉନୁ ଲୋ ମୁନା ମା, ତୋ ପୁଅ, ବୋହୂ ଆଉ ନାତି ଟୋକାକୁ ଦେଖିଆସିବୁ । ଏଇ ଗାଈ ବକଟକ କଣ ମତେ ବଳେଇଯିବ । ଏତିକି ତୋ ପାଇଁ କରିପାରିବିନି ।"

ତହିଁ ଆରଦିନ ସକାଳୁ ସକାଳୁ ବୁଢ଼ାବୁଢ଼ୀ ଭୁବନେଶ୍ୱରକୁ ବସ୍ ଧରିଲେ । ଅରୁଆ ଚାଉଳ ଓ ବିରି ଗଣ୍ଠିଲି ବୁଢ଼ୀ ହାତରେ ଦେଖି ବିରକ୍ତ ହେଲା ବୁଢ଼ା । ବୁଢ଼ୀ କହିଲା, ମୋ ନାତିର ଜନ୍ମଦିନ ପାଇଁ ନେଉଛି । ଅରୁଆ ଚାଉଳ ବିରିଦି'ଟା ବହୁରେଇ ସକାଳୁ ବାଟି, ଜନ୍ମଦିନରେ ମୋ ନାତି ପାଇଁ ଚକୁଳି ପିଠା ଦି'ଟା କରିଦେଲେ; ସିଏ ଖାଇବ । ମୁନା କଥା ବି ଜାଣିନା, ଘରେ ଥିଲେ ସେ ଚକୁଳି ପିଠା ଖାଇବାକୁ କେତେ ଭଲ ପାଏ ।

ପୁଅ ପାଖରେ ଭୁବନେଶ୍ୱରରେ ପହଞ୍ଚିଲା ବେଳକୁ ଦିନ ଗୋଟାଏ । ଭୋକରେ ହଂସା ଉଡ଼ିଯାଉଥାଏ ବୁଢ଼ାର । ଜୁହାର ହେଲେ ମୁନା ଆଉ ବୋହୂ ରୋଜାଲିନ୍ ।

Digitized by srujanika@gmail.com

ପଚାରି ବୁଝିଲା ମୁନା । ବାପା ବୋଉ ସକାଳୁ ବସ୍ ଧରି ଆସିଛନ୍ତି, ଖାଇନାହାନ୍ତି । ମୁନା ଉପରେ ବିରକ୍ତ ହେଲା ରୋଜାଲିନ୍ । ବେଡ୍‌ରୁମକୁ ଟାଣି ନେଇ କହିଲା, ତମ ବାପା ବୋଉଙ୍କର ଯଦି ଆସିବାର ଥିଲା ତାହେଲେ ଚିଠି ଦେଇ ଜଣେଇକି ଆସିଲେ ନାହିଁ କାହିଁକି? ଦିନ ଦି'ଟା ବାଜିଲାଣି, ରୋଷେଇ ହେଇ ଖିଆପିଆ ସରିଲାଣି । ତମେ ଯାଇ ହୋଟେଲରୁ କଣ କିଣିକି ଆଣ । ମୁଁ ତାଙ୍କ ଖାଇବା ପାଇଁ କିଛି କରିପାରିବିନି । କାଲି ସକାଳେ ପୁଅ ଜନ୍ମଦିନ । ଦୁନିଆ ଲୋକର ନିମନ୍ତ୍ରଣ । ରାତିସାରା କେକ୍ ତିଆରି ହେବ । ଘର ଡେକୋରେସନ୍ ହେବ । ଏତେ ଝମେଲା ଭିତରେ ମୁଁ ଏ ବୁଢାବୁଢୀଙ୍କର ଦାୟିତ୍ୱ କିଛି ନେଇପାରିବିନି ।

ବାଧ୍ୟ ଶିଶୁଟେ ପରି ମୁନା, ହୋଟେଲରୁ ଯାଇ ବାପା ବୋଉଙ୍କ ପାଇଁ ଖାଇବାକୁ ଆଣିଲା । ବାପା କହିଲେ, ଚୁଡ଼ାମୁଢି କଣ ଦି'ଟା ଖାଇଦେଇଥିଲେ ହେଇଥାଆନ୍ତା, ତୁ ଏତେ ଖରାରେ ଯାଇ ହୋଟେଲରୁ ଆମ ପାଇଁ ଖାଇବାକୁ ଆଣିଲୁ । ବୋହୂର ଦେହ ଭଲ ନାହିଁ କି ? ଆମେ ଆସିବା ବେଳୁ ସିଏ କଣ, ସେ ଘରେ ଶୋଇଛି ।

ମୁନା ନିରୀହ ଆଖିରେ ଚାହିଁଥିଲା ବାପାଙ୍କ ମୁହଁକୁ । କଣ କହିବ କହିବ ଭାବିଲା । ବୋଉକୁ ପଚାରିଲା, ''ବୋଉ, ବାପା କାହିଁକି ଏତେ ଶୁଖି ଯାଇଛନ୍ତି ? ବାପାଙ୍କ ଦେହ ଆଉ ଭଲ ରହୁନାହିଁ କି ?''

ବୋଉ ଆଉଁସି ପକେଇଲା ମୁନାର ମୁହଁକୁ । ଯେମିତି ପିଲାଦିନେ ଦିନକୁ ଦଶଥର ତା ପଣତରେ ଝାଡ଼ି ପକୋଉଥିଲା ତା ଧୂଳିଆ ମୁହଁକୁ । କହିଲା, ''ନାଁରେ, ତମ ଭଲରେ ଆମର ସବୁ ଭଲ । ଆସି ଚମ ନୁତୁନୁତୁ ହେଲାଣି । ବାଳ ପାଚିଲାଣି । ଆମର ଆଉ ଗୋଟା ଭଲ କଣ, ମନ୍ଦ କଣ ।''

ବୋଉର ଏଇ କଥା ପଦକରେ ମୁନା କୋହ ସମ୍ଭରଣ କରିପାରିଲା ନାହିଁ । ମୁହଁ ତଳକୁ ପୋତିଲା । ଅଲକ୍ଷ୍ୟରେ ତାର ଦି' ବୁନ୍ଦା ଲୁହ ଝରିପଡ଼ିଲା ଆଖିରୁ । ନିଜକୁ ସମ୍ଭାଳି ନେଲା । ଅନେକ ଦିନ ହେଲା ସିଏ ଘରକୁ ଯାଇ ନଥିବାରୁ ମନେ ମନେ ଯେମିତି କ୍ଷମା ମାଗି ହେଉଥିଲା ।

ମୁନା ପୁଣି ପ୍ୟାଣ୍ଟ ସାର୍ଟ ପିନ୍ଧି ଘରକୁ ବାହାରିଗଲା । କାଲି ପୁଅ ଜନ୍ମଦିନ ପାଇଁ ତାର ବନ୍ଧୁମାନଙ୍କୁ ନିମନ୍ତ୍ରଣ କରିବାକୁ ପଡ଼ିବ । ଭୋଜି ଦାୟିତ୍ୱ ବୁଝୁଥିବା ତା କଲୋନୀର ଲୋକମାନଙ୍କ ସହିତ କ'ଣ ଆଲୋଚନା କରିଆସିବ ।

ଭିତର ଘରେ ବୋହୂ ରୋଜାଲିନ୍ କଣ ସବୁ ହିସାବପତ୍ର କରିବାରେ ବ୍ୟସ୍ତ ଥିଲା । ବାପା ପଦାଘର ଖଟରେ ଶୋଇ ଗଡ଼ପଡ ହେଲେ । ପିଣ୍ଡାରେ ଯାଇ ଠିଆ ହେଇଥିଲା ମୁନାବୋଉ । ପଡିଶା ଘର ବୋହୂ ରୀନା ତା ଝରକା ଫାଙ୍କରୁ ବୁଢୀକୁ ଚାହିଁ ହସିଲା । ଜୁହାର ହେଲା, ହାତ ଠାରି ଡାକିଲା । ବୁଢୀ ତା ଘରକୁ ଗଲା । ଦୂରରୁ ଚାହିଁ ଜୁହାର କରିଥିଲା ଯେ ତା ମନ ମାନି ନଥିଲା; ଆଉ ଥରେ ପାଦ ଛୁଇଁ ଜୁହାର ହେଲା ।

ହାତ ଧରି ତା ଶୋଇବା ଘର ଖଟରେ ନେଇ ବସେଇ ଦେଲା । ବୁଢୀର ମନେ ପଡ଼ିଗଲା । ଟ୍ରକ୍‌ରେ ସବୁ ଜିନିଷପତ୍ର ଧରି ମୁନା, ରୋଜାଲିନ୍ ଓ କୁନିପୁଅ ଜନ୍‌କୁ

Digitized by srujanika@gmail.com

ନେଇ ଯେବେ ପ୍ରଥମ ଥର ଆସିଥିଲା, ଠିକ୍ ସେତିକି ବେଳକୁ ରୀନୁ ନୂଆ ବା' ହେଇ ଆସିଥାଏ। ଟିକେ ମୁହଁ ଦେଖେଇବ ବୋଲି, ଏଇ ରୀନୁ, ନାକେଦମ୍ କରି ଦେଇଥିଲା କଲୋନୀର ସ୍ତ୍ରୀ ଲୋକମାନଙ୍କୁ। ହାତେ ଲମ୍ବ ଓଢଣୀ ଜବରଦସ୍ତ କରି ଟେକିଲେ ବି ଆଖି ବନ୍ଦ କରିଦେଉଥିଲା। ପାଦର ଝୁଣ୍ଟିଆ, ହାତର ଶଙ୍ଖା ଓ ମଥାର ସିନ୍ଦୁର ତାକୁ ଲଜ୍ଜା ଓ ସମ୍ଭ୍ରମରେ ନୁଆଁଣିଆ କରିଦେଉଥିଲା।

ମୁନାବୋଉ ଅନୁଭବ କଲା, ସେଦିନର ଲଜ୍ଜାନତା; ନୂଆବୋହୂର ମିଛ ଅଭିନୟ ନଥିଲା। ଆଜି ବି ସେଇ ଶାଳୀନତା, ଧୀର କଥାର ସ୍ୱର, ଆଚାର ବ୍ୟବହାର ମନ କିଣି ନେଉଥିଲା। ରୀନୁ କହିଲା, ମାଉସୀ, ଏତେ ବାଟରୁ ଆସିଛ, ଆଜି ତୁମ ଗୋଡ଼ କଣ ହେଇଯାଉଥିବ। ଏଇଠି ଆମ ଘରେ ଟିକେ ଶୋଇପଡ। ମୁଁ ଗୋଡ଼ ଚିପି ଦେବି।

ବୁଢୀ ନାଇଁ ନାଇଁ କରୁଥିଲା। ରୀନୁ ତାର ଗୋଡ଼ ଚିପିଦେଲା। ଗୋଡ଼ ଚିପି ଦଉ ଦଉ କହିଲା, ମାଉସୀ, ତମେ କାହିଁ ଅନେକ ଦିନ ହେବ ଆସି ନଥିଲ ! ମଉସା ବି ଆସିନଥିଲେ। ଏଠି ରାସ୍ତାରେ ଯାଉଥିବା ବୁଢା ବୁଢୀ ଲୋକଙ୍କୁ ଦେଖିଲେ ତମ ନାତି ମା' ମା'; ଜେଜେ, ଜେଜେ ବୋଲି ଡାକିଦିଏ। ତମେ ଏଥର ମଝିରେ ମଝିରେ ଆସି ଟିକେ ବୁଲିଯିବ ମାଉସୀ।

ବୁଢୀ ଆଖିରୁ ଢକେଇ ଆସିଲା ଲୁହ। ଆଖିର ଲୁହକୁ ରୀନୁ ଆଖିରୁ ଲୁଚେଇବାକୁ ଚେଷ୍ଟା କରିବି ପାରୁ ନଥିଲା ବୁଢୀ। ମାଉସୀଙ୍କ ମନରେ କଣ ଯେ କହି ସେ ଦୁଃଖ ଦେଲା, ଏ କଥା ଭାବି ଭାଙ୍ଗିପଡ଼ିଲା ରୀନୁ। ଦୁଃଖ ଦୁଃଖ ହେଇଗଲା ତା ମୁହଁ। ମାଉସୀର ଆଖି କ'ଣରେ ଢକେଇ ଆସିଥିବା ଲୁହ ବୁନ୍ଦାଟେ ଭିତରେ କିଛି ଖୋଜିହେଲା ଯେମିତି।

ବୁଢ଼ୀ ଏଥର ଉଠିଲା। କହିଲା; ବୋହୂ, ମୁଁ ଯାଏ; ତେଣେ ମଉସା ଏକୁଟିଆଟା କଣ କରୁଥିବେ। ଆସିଲା ବେଳେ ରୀନୁ ଘର ଟେବୁଲ ଉପରେ ଥିବା ସେଦିନର ଖବରକାଗଜଟା ଦେଖିଲା। ମଉସାଙ୍କର ସବୁଦିନେ ଖବରକାଗଜ ପଢିବା ଅଭ୍ୟାସ ଅଛି। ଏଇଥିରେ ତାଙ୍କର କିଛି ସମୟ କଟିଯିବ କହି ଖବରକାଗଜଟା ମାଗି ଆଣିଲା।

ଘରକୁ ପଶି ଦେଖିଲା ଭିତର ଘରେ କିଏ ଝିଅମାନେ ବସି ଜନ୍ମଦିନ ପାଇଁ ବେଲୁନ୍ ଫୁଙ୍କି ଘର ସଜେଇବାରେ ବ୍ୟସ୍ତ ତ ଆଉ କେତେ ଜଣ ଅଣ୍ଡା ମଇଦା ଫେଣ୍ଟି କେକ୍ ତିଆରି କରିବାରେ ଲାଗି ପଡ଼ିଲେଣି। ବୁଢା ସେମିତି ଦାଣ୍ଡଘର ଖଟରେ ଚାହିଁ ଚାହିଁ ଶୋଇଛି। ବୁଢା ରାଗିଲା ଆଖିରେ ତାକୁ ଚାହିଁଲା। କହିଲା, "କୁଆଡ଼େ ଚାଲିଗଲ ? ଆରାମରେ ଶୋଇପଡ଼ି ଚାଲିଆସିଲ। ଏଠି ମୁଁ ଶୋଇପାରୁଛି ନା ବସିପାରୁଛି। ଦଳେ ଝିଅ ଆସି ହେଁ ହେଁ ଫେଁ ଫେଁ ହେଉଛନ୍ତି ସେ ଘରେ ଯେ ମତେ ଟିକେ ନିଦ ହେଉନାହିଁ। ବୋହୂଟା ଅଛି ସେ ଘରେ। ଟିକେ କହୁନାହିଁ କି, ପାଟି କରନା, ସେ ଘରେ ବାପା ଶୋଇଛନ୍ତି।"

ବୁଢା ପାଟିରେ ହାତ ଦେଲା ବୁଢୀ; "ପାଟି କରନା, ତମେ ଏମିତି ପାଟି କରୁଛ, ଜାଣିଲେ ଲୋକମାନେ ଏଠି କ'ଣ ଭାବିବେ।

Digitized by srujanika@gmail.com

ବୁଢୀ ହାତରେ ଖବର କାଗଜ ଖଣ୍ଡିକ ଦେଖି ସାନ୍ତ୍ୱନା ପାଇଲା ବୁଢା । ତମେ କେଉଁଠୁ ଆଣିଲ, ମୁଁ ମନେ ମନେ ଏଇଟାକୁ ଖୋଜି ଦେଉଥିଲି ।" ଏତକ କହି ବୁଢା, ତା ବ୍ୟାଗ୍‌ରୁ ଚଷମା କାଢି ଖବର କାଗଜ ପଢିବାରେ ଲାଗି ପଡ଼ିଲା ।

ଖବର କାଗଜର ପୃଷ୍ଠା ଉପରେ ମଗ୍ନ ଥିଲା ବୁଢା । ତା'ର କାନ୍ଧକୁ ଧରି ହଲେଇ ଦେଲା ବୁଢୀ । ବୁଢା ମୁଣ୍ଡ ଟେକି ଦେଖିଲା ବେଳକୁ ବୁଢୀର ମୁହଁ ଦିଶୁଥିଲା ହସ ହସ । ଖୁସିରେ ଆତ୍ମହରା ହେଲାଭଳି କହିଚାଲିଥିଲା, ହେଇ, ତମେ ଜାଣିଚନା, ପଡ଼ିଶାଘର ବୋହୂଟିନା, ଭାଆରି ଭଲ । ବ୍ୟବହାରରେ ମନ କିଣିନେବ । ମୁଁ ତା'ରି ଘରେ ବସିଥିଲି । ଆମ ଗାଁ କଥା, ଘର କଥା ସବୁ ପଚାରୁଥିଲା । ତମ ଦେହ ପା' କଥା ବି ପଚାରି ବୁଝିଲା ।

ଏତକ କହୁ କହୁ ତାର ମନେ ପଡ଼ିଗଲା ଘରୁ ଆଣିଥିବା ବିରି ଓ ଅରୁଆ ଚାଉଳ କଥା । ରାତି ପାହିଲେ ନାତି ଜନ୍ମଦିନ । ଆଜିଠୁଁ ବତୁରେଇ ଦେଇଥିଲେ କାଲି ସକାଳୁ ବାଟି ଚକୁଳି ପିଠା କରିବ । ସକାଳୁ ଗାଧୋଇ ପାଧୋଇ ନୂଆ ଜାମା ପିନ୍ଧିବ ଜନ୍ । ଚନ୍ଦନ୍ ଟିପା ଲଗେଇ ସାରିବା ପରେ, ତା ଜେଜଙ୍କ କୋଳରେ ବସେଇ ଚକୁଳି ପିଠା ଖଣ୍ଡେ ଖୋଇଦେବ । ତେଣିକି ତାଙ୍କର କି ଜନ୍ମଦିନ କରୁଛନ୍ତି କରୁଥାନ୍ତୁ ଦିନସାରା ।

ରୋଷେଇ ଘର ଥାକରେ ଥୋଇଥିବା ଗଣ୍ଠିଲିକୁ ଫିଟେଇ କେତେ ଅରୁଆ ଚାଉଳକୁ କେତେ ବିରି ପକେଇବ ବୋଲି ଭାବି ହେଉଥିଲା ବୁଢୀ । ରୋଷେଇ ଘରେ ଖଡ୍‌ଖାଡ୍ ଶବ୍ଦ ଶୁଣି ବୋହୂ ରୋଜି ଯାଇ କହିଲା, "ନା-ନା, ସେଗୁଡ଼ାକ ଆଜି ପାଣିରେ ଭିଜାନା । କାଲି ତ ସକାଳେ ତାର ସାଙ୍ଗମାନେ ଆସିଲେ, ଗାଧୋଇ ସାରି ସିଏ କେକ୍ କାଟିବ । କେକ୍ ଖାଇବ, ତା ସହିତ ପୁଣି ଅରୁଆ ବିରି ଚକୁଳି ଖାଇବ ! ରାତିରେ ଭୋଜି, ପିଲାଟାର ଦେହ ରହିବ ତ !"

ଠିକ୍ ସେତିକି ବେଳକୁ ମୁନା ଘରକୁ ଆସିଲା ଓ ରୋଜାଲିନ୍‌ର ପାଟି ଶୁଣି ରୋଷେଇ ଘରକୁ ଯାଇ କହିଲା, "ବୋଉ, ସେଇ ଗୁଡାକ ଥାଉ: ଆଜି ନ ହେଉ । ତାକୁ ଅନ୍ୟ ଦିନେ ଆମେ ପିଠା କରି ଖାଇବୁ । ଆଜି ଆଉ ଏ ଗହଳି ଭିତରେ, ତୁ ବୁଢୀ ମଣିଷ ସେ ପିଠା ଫିଠା ଧନ୍ଦା କରନା ।"

ମରିଗଲା ବୁଢୀର ମନ, ନାତି ଜନ୍ମଦିନ ପାଇଁ କେତେ ଶ୍ରଦ୍ଧାରେ ଆଣିଥିବା ବିରି ଅରୁଆ ଚାଉଳକୁ ପୁଣି ଗଣ୍ଠି ପକେଇ ରଖିଦେଲା ସେଇ ଗଣ୍ଠିଲି ଭିତରେ । ତା ଶ୍ରଦ୍ଧା ଟିକକ ଯେମିତି ତା ଲୁଗା କାନିରେ ଗଣ୍ଠି ପଡ଼ି ଯାଉଥିଲା; ବତୁରି ପାରିଲା ନାହିଁ ।

ରୋଷେଇ ଘରେ କଣ ସବୁ କଥା ହେଉଥିଲେ ମୁନା, ମୁନା ବୋଉ ଓ ରୋଜାଲିନ୍ । କିଛି ଶୁଭୁ ନଥିଲା ବୁଢାକୁ । ସେ ଖବର କାଗଜ ପଢିବାରେ ବ୍ୟସ୍ତ ଥିଲା । ତା' ନେଇ ଆସିଲା ରୋଜାଲିନ୍ । ବୁଢା ହାତରେ ଖବରକାଗଜ ଦେଖି ଏଇଟା ତାଙ୍କ ଘରୁ ଏଠାକୁ କେମିତ ଆସିଲା ବୋଲି ପଚାରୁ ପଚାରୁ ଲାଗି ଉଠିଲା । ବୋହୂର ଉଗ୍ରମୂର୍ତ୍ତି ଦେଖି ବୁଢା ଡରି ଡରି କହିଲା, "ଏଇଟା ବୋଉ ଆଣିଛି ।"

Digitized by srujanika@gmail.com

ବୋଉ ଆଣିବା କଥା ଶୁଣି ରାଗି ନିଆଁବାଣ ହେଲା ଓ କହିଲା, ''ବୋଉ ତ କିଛି ବୁଝୁନାହାନ୍ତି; ମନଇଚ୍ଛା ଗୋଟା କାରବାର ଚଳେଇଛନ୍ତି ଏଠି । ତାଙ୍କ ଘର ସହିତ ଆମର ଭଲ ପଡୁନି । ତାଙ୍କ ଘରୁ ଖବର କାଗଜ ଆଣି ପଢିବା କଣ ଦରକାର ! କହିଥିଲେ ତ ଇଏ ମାର୍କେଟରୁ ଚାରିପାଞ୍ଚଟା ଖବରକାଗଜ ନେଇ ଆସି ଥାଆନ୍ତେ ।''

ଏତକ କହି ତରବର ହେଇ ଚାଲିଗଲା ବୋହୂ । ତାର ଏ ରାଗ ଦେଖି ବୁଢୀ ଖବର କାଗଜ ଖଣ୍ଡକ ନେଇ ପଡିଶା ଘରକୁ ଗଲା । ରୋଜାଲିନ୍ ସହିତ କାହିଁକି ପଡୁନାହିଁ ବୋଲି ପଚାରିବାରୁ ଅପରାଧୀଟେ ପରି ଠିଆ ହେଇଥିଲା ରୀନୁ । କହିଲା, ମାଉସୀ ମୋର ସବୁ ଭୁଲ, ଯେତେହେଲେ ମୁଁ ଛୋଟ । ଭାଉଜଙ୍କୁ ଉପଦେଶ ଦେବା ପରି, ମୁଁ କିଛି କହିବା କଥା ନୁହେଁ । ଘର ଆଗରେ ତୁଳସୀ ଗଛଟେ ପୋତି, ଗାଧୋଇ ସାରି ତୁଳସୀ ଗଛରେ ପାଣି ଦେବା ଓ ସନ୍ଧ୍ୟାରେ ସଞ୍ଜବତୀ ଦେବାକୁ କହିଥିଲି ବୋଲି ରୋଜି ଭାଉଜ ରାଗିଲେ । ବେଶୀ ଆଦର୍ଶ ଦେଖେଇ ହଉଚୁ ବୋଲି ରାଗି କରି ମତେ କହିଲେ ଓ ତା' ପରଦିନଠୁ ଆଉ କେବେ କଥା ବି କହୁନାହାନ୍ତି । ମୁଁ କେତେଥର ଆଗେ କଥା କହିଥିଲେ ବି ରୋଜି ଭାଉଜ ଆଉ ମିଶୁ ନାହାନ୍ତି ମୋ ସହିତ ।

ରୀନୁର କଥା ଶୁଣି ପୋଡ଼ିଗଲା ବୁଢୀର ମୁହଁ । ଖବରକାଗଜଟା ଥୋଇ ଦେଇ କେମିତି ଫେରିଆସିବ ବୋଲି ବୁଦ୍ଧିବାଟ ଦିଶୁନଥିଲା ତାକୁ । ତା ଫେରିବାରେ ବୁଢା ପଚାରିଲା, ପଡ଼ିଶା ଘର ବୋହୂ ଆଉ କଣ କହୁଥିଲା କି ?

କଣ କହିବ କହିବ ଭାବି ବୁଢୀ କେତେ ସମୟ ଚାହିଁ ରହିଲା ବୁଢାର ମୁହଁକୁ । ଭାବି ଭାବି କେତେବେଳକରେ କହିଲା, ପଡ଼ିଶା ଘର ବୋହୂଟି, ମୋ ବୋହୂ ହେଇଥାଆନ୍ତା କି !

କିଛିକ୍ଷଣ ନୀରବ ରହି ଦୀର୍ଘଶ୍ୱାସଟେ ଛାଡିଲା ବୁଢା ।

ପରଦିନ ଘରସାରା ବେଲୁନ ଓ ନାଲିନୀଳ କାଗଜର ଫୁଲ ସଜା ଗଲା । କୁନି କୁନି ପିଲାଙ୍କ ମେଳରେ ଚନ୍ଦନ ସିନ୍ଦୁର ନାଇ, ନୂଆ ଜାମା ପିନ୍ଧି କେକ୍ କାଟିଲା ଜନ୍ । ରାତିକୁ ଭୋଜି ହେଲା ନିମନ୍ତ୍ରିତ ଅତିଥିମାନେ ରଙ୍ଗୀନ କାଗଜରେ ଗୁଡା ହୋଇଥିବା ଉପହାରମାନ ବଢେଇଦେଲେ ଜନ୍ ହାତକୁ ।

ଭୋଜିର ଏତେ ବେଶୀ ତେଲମସଲା ଖାଦ୍ୟ ବୁଢାର ଦେହରେ ଗଲାନାହିଁ । ଛାଡି ଚୋଇଲା । ବୁଢୀକୁ ଡାକି ସେଇ ରାତିରେ କହିଲା, ହେଇ କାଲି ରାତି ପାହୁ ପାହୁ ଘରକୁ ବାହାରିବ । ଜନ୍ମଦିନ ଫନ୍ମଦିନ ଅନେକ କିଛି ହେଇଗଲା ଦି' ଦିନ ଭିତରେ । ଆଉ କାହିଁକି ରହିବା !

ସକାଳୁ ସକାଳୁ ବାହାରି ପଡ଼ିଥିଲେ ବାପା ଓ ବୋଉ । ଆରପଟ ଘରୁ ଉଠି ପଡ଼ିଲା ମୁନା । ବାପା ବୋଉଙ୍କ ଘରକୁ ବାହାରିବା ଦେଖି ଆଶ୍ଚର୍ଯ୍ୟ ହେଲା ଓ କହିଲା, ଆଉ ଦିନଟେ ରୁହ ବାପା, ଟିକେ ବୁଲାବୁଲି କରି ଯିବ । ଲିଙ୍ଗରାଜ ମନ୍ଦିର ଦେଖିଯିବ ବୋଲି ବୋଉ କହୁଥିଲା ।

Digitized by srujanika@gmail.com

ମୁନାର କଥା ସବୁ ନସରୁଣୁ ଆଉ କେବେ ସୁବିଧା ଦେଖି ଆସିବୁ ବୋଲି କହିଲା ବୁଢା । ନିଦ ଭାଙ୍ଗିଲା ଜନ୍‌ର । ଦୌଡ଼ି ଆସିଲା ଜେଜେ ଓ ବୁଢୀମା ପାଖକୁ । ଜନ୍‌କୁ ଧରି ବୋବ ଦେବାରେ ଲାଗିପଡ଼ିଲେ ବୁଢାବୁଢୀ ।

ସିନ୍ଦୁରା ଫାଟୁଥିଲା ଆକାଶରେ । ସକାଳ କୋଳରେ ଆରମ୍ଭ ହେଇଯାଇଥିଲା ଚଢେଇଙ୍କ କିଚିରି ମିଚିରି । ନିଦରୁ ଉଠି ନଥିଲା ରୋଜାଲିନ୍ । କାଲି ଭୋଜି ପରେ ବେଶୀ ରାତିରେ ଶୋଇଥିବାରୁ ରୋଜାଲିନ୍ ଉଠି ପାରିନି ବୋଲି କହି ହେଉଥିଲା ମୁନା । ମୁନାର କଥା ଶୁଣି ନ ଶୁଣିବା ପରି ଘରୁ ବାହାରୁଥିଲେ ବାପା ବୋଉ । ଫେରିଗଲା ବେଳକୁ ଜନ୍ କହିହେଉଥିଲା ଥରକୁ ଥର, "ଜେଜେ ଆସିବ; ବୁଢୀ ମା' ଆସିବୁ; ନିଶ୍ଚେ ଆସିବୁ ।"

ପୋଷାସାପର ବିଷଦାନ୍ତ ଭାଙ୍ଗିପାରୁ ନଥିବା ଅକ୍ଷମ ଅପାରଗ ସାପୁଆ କେଳାଟେ ପରି ଦାଣ୍ଡ ଦୁଆରେ ଛିଡା ହେଇଥିଲା ମୁନା । ଅସନ୍ତୁଷ୍ଟ ଦେଖଣାହାରୀ ପରି ଫେରିଯାଉଥିଲେ ବାପା ବୋଉ ।

ଘର ଆଗ ତୁଳସୀ ଚଉଁରା ମୂଳେ ମୁଣ୍ଡିଆ ମାରି ସୂର୍ଯ୍ୟଙ୍କୁ ପାଣି ଟେକୁଥିଲା ପଡ଼ିଶା ଘର ବୋହୂ ରୀନୁ । ଏମାନଙ୍କ ବାହାରିବା ଦେଖି, ତରବର ହେଇ ପୂଜା ସାରି ଘର ଭିତରକୁ ଚାଲିଗଲା । ଝରକା ଫାଙ୍କରୁ ଯାଇ ମାଉସୀ ମଉସାଙ୍କୁ ଚାହିଁ ରହିଲା ।

ବଡ଼ ବଡ଼ ପାଦ ପକେଇ ଆଗେ ଆଗେ ଚାଲୁଥିଲା ବୁଢୀ । ଗଲାବେଳେ ଥରକୁ ଥର ପଛକୁ ଫେରି ଚାହୁଁଥିଲା ବୁଢା । ବୁଢାର ଏମିତି ହାବଭାବ ଦେଖି ବୁଢୀ କହିଲା ସଅଳ ପାଦ ପକେଇ ଆସ; କଣ ଏତେ ପଛକୁ ଚାହୁଁଛ ?

ବୁଢା କହିଲା, ନାଇଁ ମୁନାବୋଉ, କିଛି ନାଇଁ ଯେ; ମୁଁ ପଛକୁ ଚାହୁଁଥିଲି, ସେ ପଡ଼ିଶାଘର ବୋହୂକୁ ଟିକେ ଦେଖିଥାନ୍ତି ।

■■■

Digitized by srujanika@gmail.com

ଫେରିବାକୁ ବାଟ ନାହିଁ

ବସ୍‌ରୁ ଓହ୍ଲେଇ ଗୋଟାଏ ଅଚିହ୍ନା ପୃଥିବୀରେ ପାଦ ଦେଲା ପିନା । ମଥା ଉପରେ ବାହା ମେଲେଇ ଛିଡ଼ା ହୋଇଥାଏ ବିଶାଳ ଚାକୁଣ୍ଡା ଗଛ । ପାଦ ତଳେ ମଡ଼ମଡ଼ ହେଉଥାଏ ମେଞ୍ଚେ ଶୁଖିଲା ପତ୍ର । ଅଚିହ୍ନା ମାଟି ଓ ଗଛବୃଛ । ପ୍ରିୟ ଗୋଟେ ଚିହ୍ନା ମଣିଷ ପାଇଁ ଚାରିଆଡ଼କୁ ଚାହିଁ ହେଉଥାଏ ପିନା । କାହିଁ କେଉଁଠି ଅବିନାଶ ଦେଖାଯାଉ ନାହିଁ ତ ! କୁଆଡ଼େ ଗଲା ତା' ହେଲେ ଅବିନାଶ ? ଏବେ ସିଏ କ'ଣ କରିବ ? ଅନେକ ସ୍ୱପ୍ନ ଓ ସଂଶୟକୁ ପାଥେୟ କରି, କେମିତି ବସ୍‌ରେ ସିଏ ବୁହା ହେଇ ଆସିଛି ଏତେ ବାଟ । ଏମିତି ସାହାସଟେ ଯେ ସେ କାହିଁକି କଲା, ନିଜେ ବି ବୁଝିପାରୁ ନଥିଲା । ସଂଜ ଘନେଇ ଆସୁଛି । ଅନତିଦୂରରୁ କିଛି ଗୋଟାଏ ଆବାଜ୍ ଶୁଣି ଚମକି ପଡ଼ିଲା ପିନା । ଚାହିଁ ଦେଖିଲା କିଏ ତିନିଜଣ ଲୋକ ତା'ରି ଆଡକୁ ଆସୁଛନ୍ତି । ସେମାନଙ୍କ ଚେହେରାରେ ଲଟକି ଥିଲା ଯେମିତି ଗୋଟାଏ ଜିଣିଯିବାର କ୍ଷୁଧା । ଚାହାଣୀ ଅସ୍ୱାଭାବିକ । ଆଉ କେହି ବି ନଥିଲେ ପିନାର ପାଖରେ । ହଠାତ୍ ତା' ଛାତିଟା ଧଡ଼ପଡ଼ ହେବାକୁ ଲାଗିଲା ।

ସେ ଲୋକ ତିନିଜଣ ଯେତିକି ପାଖେଇ ଆସୁଥାନ୍ତି, ତା' ଛାତିର ସ୍ପନ୍ଦନ ସେତିକି ବଢ଼ିବଢ଼ି ଯାଉଥାଏ । କୁଆଡ଼େ ଗଲା ତେବେ ଅବିନାଶ ? ଏତିକି କ'ଣ ଜାଣିପାରିଲାନି ବସ୍‌ରୁ ଓହ୍ଲେଇବା ପରେ ଏ ନିଛାଟିଆ ଜାଗାଟାରେ କ'ଣ କରିବ ସିଏ ? କୁଆଡ଼େ ଯିବ ଏ ସଞ୍ଜ ବେଳଟାରେ ? ଅବିନାଶ ତ କହେ, ବସ୍ ଷ୍ଟପ୍‌ରୁ ମାତ୍ର ଅଧକିଲୋମିଟର ଦୂର ତା'ର ଭଡାଘର । କାହାକୁ ପଚାରିବ ସେ ଘରର ଠିକଣା ? ବସ୍‌ଷ୍ଟପ୍‌ରେ ଉଠା କେବିନ୍ ଦି'ଟା । ପାନ ଦୋକାନ କି କ'ଣ ହୋଇଥିବ ପ୍ରାୟ । ସଞ୍ଜ ନ ହେଉଣୁ କିଏ କୁଆଡ଼େ ଦୋକାନ ବନ୍ଦ କରି ଗଲେଣି । କିଛି ଦୂରରୁ ଦିଶୁଥିଲା ଦପଦପ୍ ହେଇ ଜଳୁଥିବା ଗୋଟାଏ ଢାବାର ଆଞ୍ଜନିଆଁ । ପାଖେଇ ଆସିଲେଣି ଲୋକ ତିନିଟା । ଲୁଙ୍ଗି ଓ ପଞ୍ଜାବୀ ପିନ୍ଧିଛି ଗୋଟାଏ ଦାଢିଆ ଲୋକ । ଜଣେ ଖାଲି ଗୋଟାଏ ଢିଲା ହାପ୍‌ପ୍ୟାଣ୍ଟ ପିନ୍ଧିଛି । ଆଉ ଗୋଟାଏ ଟୋକା ଫୁଲ୍‌ପ୍ୟାଣ୍ଟ ଉପରେ ହାତକଟା ଗଞ୍ଜି ପିନ୍ଧିଛି, ହାତରେ କଡା ଗଳେଇଛି । ଏଇ କେତେ କ୍ଷଣ ଭିତରେ କ'ଣ ଯେ ହେଇଯିବ ତା'ର କିଛି ବି ଭାବି ପାରୁନଥିଲା ପିନା ।

Digitized by srujanika@gmail.com

ପାଖରେ ପହଞ୍ଚି ଦାଢ଼ିଆ ଲୋକଟା ଖୁବ୍ ଧୀର ସ୍ୱରରେ ପଚାରିଲା: ଦିଦି, ଆପଣ ଅବିନାଶ ବାବୁଙ୍କ ପାଖକୁ ଆସିଛନ୍ତି କି ?

ଦିଦି ଡାକ ଓ ଆପଣ ସମ୍ବୋଧନରେ ସଂଶୟ ଫେରିପାଇଲା ପିନା । କହିଲା, ମତେ ଟିକେ ଆପଣମାନେ ଅବିନାଶ ବାବୁଙ୍କ ବସାକୁ ବାଟ କହିଦେବେ ?

ସେମାନଙ୍କ ଭିତରୁ ଆଉ ଜଣେ କହିଲା, "ବାବୁ ଦିଦିନ ହେବ କୁଆଡ଼େ ଜରୁରୀ କାମରେ ଚାଲିଗଲେ । ଆପଣ ଆସି ପହଞ୍ଚିବା କଥା ମଧ୍ୟ ଜାଣିଛନ୍ତି । ଆମ ସାଙ୍ଗରେ ସେଇ ଡାବା ପର୍ଯ୍ୟନ୍ତ ଆସନ୍ତୁ ।"

ରହସ୍ୟର ବଳୟ ଭିତରେ ଅଣ ନିଃଶ୍ୱାସୀ ହେଇ ପଡୁଥିଲା ପିନା । ଆଗକୁ ଯିବାକୁ ପାଦ ଚଳୁ ନଥିଲା ତା'ର । ସ୍ଥିର ନିଶ୍ଚଳ ହେଇ ଯାଉଥିଲା ସେଇ ଗୋଟାଏ ଠାଁରେ । ଆଉ ଜଣେ କହିଲା, "ଆମକୁ ଦେଖି ଡରିଯାଉଛନ୍ତି ପ୍ରାୟ । ଆମେ ଆଜ୍ଞା ଏଇ ଡାବାରେ କାମ କରୁ । ଦିନରାତି ଆମର ଖଟଣୀ । ଡାବା ପାଖରେ ସେଇ ଯେଉଁ ବୁଢ଼ା ବସିଛି; ସିଏ ଏଇ ଡାବାର ମାଲିକ । ଏଇ ମାଲିକ ବୁଢ଼ାର ଅବିନାଶ ବାବୁଙ୍କ ସହିତ ଭଲ । ତାଙ୍କରି ଘରକୁ ଲାଗି ଅବିନାଶ ବାବୁଙ୍କ ଭଡ଼ାଘର । ସେଇ ବୁଢ଼ା ପାଖରେ ବାବୁ କ'ଣ ଖବର ଦେଇ ଯାଇଛନ୍ତି । ବୁଢ଼ା ଆମକୁ କାଲିଠାରୁ ଜଗେଇଛି । ଏ ଦୁଇତିନି ଦିନ ଭିତରେ ଯଦି କେହି ଝିଅଟେ ଆସି ଅବିନାଶ ବାବୁଙ୍କୁ ଖୋଜେ, ଆମେ ନେଇ ତା'ରି ପାଖରେ ପହଞ୍ଚେଇ ଦେବୁ ।"

ଅନନ୍ୟୋପାୟ ପିନା । ଯେତେ ବୁଝିଲେ ବି ମନ ବୁଝୁନଥିଲା ତା'ର । ଆଶଙ୍କାର ଭୂତଟେ ଭୟର କୁହେଳୀ ସୃଷ୍ଟି କରୁଥିଲା ତା' ଭିତରେ । ଅବିନାଶଟା କେତେ ଅବିବେକୀ ସତେ । କେତେ ହୀନସ୍ତା କରି ଦେଇଯାଇଛି ତାକୁ । ସେଇ ତିନିଜଣଙ୍କ ସାଥିରେ ଯାଇ ବୁଢ଼ା ପାଖରେ ପହଞ୍ଚିଲା । ଭାବୁଥିଲା, ଏଇ ଲୋକମାନେ କିଛି ଚାଲ୍ ଖେଳୁଛନ୍ତି କି ତା' ସହିତ ?

ତାକୁ ଦେଖି ବୁଢ଼ା ଖଣ୍ଡେ ଖଟିଆ ଦେଲା ବସିବାକୁ । ବୁଢ଼ାଠାରୁ ପିନା ଜାଣିଲା ଯେ କ'ଣ ଜରୁରୀ କାମରେ ଅବିନାଶ ବାହାରକୁ ଯାଇଛି । ବୁଢ଼ା କହିଲା, "ବ୍ୟସ୍ତ ହୁଅନା ଝିଅ । ଅବିନାଶ ବାବୁର ଭଡ଼ାଘର ମୋ ଘରକୁ ଲାଗିଛି । ବାବୁ ତାଙ୍କ ଘର ଚାବି ମଧ୍ୟ ଦେଇଯାଇଛନ୍ତି । ଖାଇବା ପିଇବାର ସବୁ ବ୍ୟବସ୍ଥା ମଧ୍ୟ ହେଇଯିବ ଏଇଠି । ବାବୁ ତ ଆମ ହୋଟେଲରେ ସବୁଦିନ ଖାଆନ୍ତି । ଏକୁଟିଆ ରହିବାକୁ ଡର ଲାଗିବ ନିଶ୍ଚୟ । ମୋ ଝିଅ ଲିତା; ଅଷ୍ଟମ ଶ୍ରେଣୀରେ ପଢୁଛି । ତାକୁ ପଠେଇବି । ରାତିଟା ଅବିନାଶ ବାବୁଙ୍କ ଘରେ କଟେଇ ଦେବେ । ଏବେ ତ ଆଉ ଫେରିବାକୁ କିଛି ଗାଡ଼ି ନାହିଁ । ରାତି ପାହିଲେ ଯାଇଁ, ଯାହା ହେବ ।"

ଅବିନାଶ ଉପରେ ଭାରି ରାଗ ଲାଗୁଥିଲା । ସୁଖର ସ୍ୱପ୍ନରେ ଭାସି ଭାସି ଦୁଇଶହ କିଲୋମିଟର ଆସିବା ପରେ ତା'ର ଅନୁପସ୍ଥିତିକୁ ଆଦୌ ସହି ହେଉନଥିଲା । ଦୀର୍ଘ ତିନିବର୍ଷ ହେବ ଅବିନାଶ ସହ ତା'ର ସଂପର୍କ । ଉଦ୍ଭିଦ ବିଜ୍ଞାନରେ ପିଜି କରିବା ସମୟରେ କେତେକ ଜଙ୍ଗଲି ବୃକ୍ଷର ପ୍ରଜାତି ସଂପର୍କରେ ତଥ୍ୟ ସଂଗ୍ରହ କରି ଏକ ପ୍ରୋଜେକ୍ଟ ପ୍ରିପେୟାର କରିବାକୁ ପିନା ଆସିଥିଲା ଶିମିଳିପାଳ । ସେଇଠି ଅବିନାଶ

Digitized by srujanika@gmail.com

ସହ ତା'ର ପ୍ରଥମ ଭେଟ । ଫରେଷ୍ଟ ରେଞ୍ଜର ଅବିନାଶ ଦାସ । ପ୍ରୋଜେକ୍ଟ ପ୍ରସ୍ତୁତି ପାଇଁ ଯଥେଷ୍ଟ ସାହାଯ୍ୟ ପାଇଥିଲା ଅବିନାଶ ଠାରୁ ।

ଶିମିଳିପାଳର ସୁରମ୍ୟ ବନାନୀ । କେତେ ଅଚିହ୍ନା ଗଛର ଶାଖା ପ୍ରଶାଖାରୁ ଭାସି ଆସୁଥିଲା ଅଜଣା ପକ୍ଷୀର ଗୀତ । ମନଲୋଭା ସଞ୍ଜୁଆ ଜହ୍ନ । ଗିରିବର ନନ୍ଦିନୀ, ଖରସ୍ରୋତା ବନ୍ୟ ଝରଣାର ଝୁମୁରୁଝୁମୁ ପାଉଁଜିର ସୁର ମୋହାଚ୍ଛନ୍ନ କରିଥିଲା ପିନାର ତନୁଲତାକୁ ।

ବରେଇପାଣିର ଗେଷ୍ଟହାଉସ୍ ପାଖରେ ପ୍ରଥମ ସନ୍ଦର୍ଶନରେ ଆକର୍ଷି ଥିଲା ସେଇ ସୁଦର୍ଶନ ସୌମ୍ୟକାନ୍ତି ଅବିନାଶ । ପ୍ରଜାତି ସଂଗ୍ରହରେ ସାହାଯ୍ୟ କରିଥିଲା ତାକୁ । ଚିହ୍ନେଇ ଦେଇଥିଲା ସବୁ ଅଜଣା ଗଛବୃଛଙ୍କୁ । ଅଚିହ୍ନା ଲୋକର ଠିକଣା ସାଇତି ରଖିବା ପରି ଅଜଣା ଗଛବୃଛର ଜାତିପ୍ରଜାତି ସବୁ ଟିପି ରଖେ ପିନା । ଅଜଣା ମୁଲକର ଅଚିହ୍ନା ପରିବେଶରେ ଦରଦରେ ହାତ ବଢେଇ ଦେଇଥିବା ସେଇ ଅପରିଚିତ ପୁରୁଷଟି ହଠାତ୍ ତା' ପାଇଁ କେତେ ଯେ ଆପଣାର ହେଇଗଲା । ଏତେ ପାଖରେ ଓ ଏତେ ନିରୋଳାରେ ପାଇବି ପ୍ରେମଭିକ୍ଷା କରିନଥିଲା ଅବିନାଶ । ଦେହର ସ୍ପର୍ଶ ପାଇଁ ବ୍ୟାକୁଳ ହୋଇପଡ଼ି ନଥିଲା କେବେ । ବରଂ ତା' ଚାଲାଖି ପଣରେ ଗମ୍ଭୀର ସ୍ବଭାବରେ ପରିବର୍ତ୍ତିତ ହୋଇଥିଲା ତା' ବ୍ୟକ୍ତିତ୍ୱ । ଉଦ୍ଭିଦ ବିଜ୍ଞାନ ସମ୍ବନ୍ଧୀୟ ଟ୍ୟାକ୍ସୋନୋମିକାଲ ଜ୍ଞାନ ବ୍ୟତୀତ ସମଗ୍ର ରାଜ୍ୟର ପ୍ଲାଣ୍ଟ ସ୍ପେସିଜ୍, ଫ୍ଲୋରା, ଫାଉନା ଇତ୍ୟାଦିର ଭୌଗୋଳିକ ସ୍ଥିତି ସଂପର୍କରେ ସେ ଲେଖି ଦେଇଥିବା ଏକ ତୁଳନାତ୍ମକ ବିବରଣୀରୁ ଅବିନାଶର ପ୍ରଚଣ୍ଡ ମେଧା ଶକ୍ତିର ପରିଚୟ ପାଇଥିଲା ପିନା । ଖୁବ୍ ଚୁମ୍ବକୀୟ ଥିଲା ସେ ପୁରୁଷ ପଣିଆ । ଆପଣା ଛାଁଏ ପିନା ଟାଣି ହେଇଯାଇଥିଲା ତା ପାଖକୁ । ଜାତି-ଗୋତ୍ର, ଭଲ-ମନ୍ଦ, ଚିହ୍ନା-ଅଚିହ୍ନା ସବୁରି ନିର୍ବିଶେଷରେ ସେମାନେ ଖାଲି ପାଲଟି ଯାଇଥିଲେ ନାରୀ ଓ ପୁରୁଷ । ପ୍ରେମ ଜୁବୁବୁଡୁ ପ୍ରେମିକାଟିଏ ପାଲଟି ଯାଇଥିଲା ପିନା ।

ପିନାର ଆୟତ ଆଖିରେ ଆଉ ଏକ ଶିମିଳିପାଳର ନକ୍ସା ଆଙ୍କିଥିଲା ଅବିନାଶ । ଆଖିରେ ଆଖିରେ ଆପଣାର ହୋଇଯାଇଥିଲେ ଉଭୟେ । କିଛିକ୍ଷଣ ପାଇଁ ନିଶ୍ଚଳ ହେଇଯାଇଥିଲା ଝି ଝି ଝିଙ୍କାରୀର ସୁର, ଫଡ଼ଫଡ଼ ଚଢେଇର ପର, ବଣ କୁକୁଡ଼ା ଚିଆଁର ଚିରିଂ ଚିଂ ଶବ୍ଦ ଓ ପାହାଡ଼ ଖୋଲରୁ ଉଇଖିଆ ଭାଲୁର ଭୟଙ୍କର ଗୁମୁରା ଶବ୍ଦ । ପ୍ରେମରେ ପଡ଼ିବାର ସେ ଯେଉଁ ପ୍ରଥମ ଅନୁଭୂତି; ମହୁଠୁ ବି ମିଠା, ଜହ୍ନଠୁ ବି ଆହୁରି କମନୀୟ । ସତରେ କି ବିମୁଗ୍ଧ ଅନୁଭବ । ଅନନ୍ୟ ଶିହରଣ । କେଉଁ ଅଜଣା ହାତର କାରସାଦୀରେ ସବୁବଣଫୁଲ, ଫୁଲ ଶର ହୋଇ ସେଦିନ କ୍ଷତାକ୍ତ କରିଥିଲା ସେ ଦୁଇଜଣକୁ କେଜାଣି; ପାଲଟି ଯାଇଥିଲା ପିନା କିମ୍ବଦନ୍ତୀର ସେଇ ରତିକାମିନୀ ଓ ଅବିନାଶ ତା'ର ପରମ ପ୍ରେମିକ କାମଦେବ । କେହି କାହାକୁ ନଛୁଇଁ ବି, ଯେମିତି ଗୋଟା ପୁଣି ଅନୁଭବ କରୁଥିଲେ । ପାଦ ତଳର ମାଟି ଫାଟି ଯାଉଥିଲା ଧୀରେ ଧୀରେ ।

ଏବେବି ଅନେକ ସମୟ ପିନା ଭାବେ; ସେଇ ଦିନଠୁ କି ସତେ ଅବା ଶିମିଳିପାଳରେ ସୃଷ୍ଟି ହେଇଛି ଏତେ ଫାଟ । ପର୍ଯ୍ୟଟକମାନଙ୍କୁ ସବୁବେଳେ ସେ ପାହାଡ

Digitized by srujanika@gmail.com

ପାଖକୁ ଯିବାକୁ ଅନୁମତି ଦିଆଯାଉ ନାହିଁ । ଆକଟ କରାଯାଉଛି ଢେର ବେଶୀ । ସଂରକ୍ଷଣ କରାଯାଉଛି ଶିମିଳିପାଳର ସକଳ ସୌନ୍ଦର୍ଯ୍ୟ । ଆଉ ବିବର୍ଣ୍ଣ ହେବାକୁ ଦିଆଯିବ ନାହିଁ ସୁନ୍ଦରୀ ଶିମିଳିପାଳକୁ ।

ପ୍ରଥମ ପ୍ରେମର ସେଇ ଅମଳିନ ଦୃଶ୍ୟପଟ କ୍ଷଣେ ଆଖି ଆଗରେ ନାଚି, ପୁଣି ଚାଲିଗଲା । ଆତ୍ମପ୍ରତ୍ୟୟ ଫେରି ପାଇଲା ପିନା । ଅବିନାଶ ସହିତ ତା'ର ସେଦିନ ପ୍ରଥମ ଯୋଗସୂତ୍ର ସ୍ଥାପନ ଯେ ପରବର୍ତ୍ତୀ ପର୍ଯ୍ୟାୟରେ ଗାଢ଼ ପ୍ରେମ ଓ ପ୍ରେମରୁ ପ୍ରଜାପତି ଘଟସୂତ୍ରରେ ପରିଣତ ହେବାକୁ ଯାଉଛି, ଭାବିଲା ବେଳକୁ କେମିତି ସ୍ୱପ୍ନ ଦେଖିବା ପରି ଲାଗୁଥିଲା ତାକୁ ।

ଆଉ କେଇଟା ମାସ ପରେ ଅବିନାଶ ସହିତ ତା'ର ବାହାଘର । ପିଜି ପାସ୍ କରିସାରିବା ପରେ ନୂଆକରି ଖୋଲିଥିବା ଗୋଟାଏ ବାଳିକା ସ୍କୁଲରେ ଶିକ୍ଷୟିତ୍ରୀ ପିନା । ତା' ଘରଠୁ ଚାଳିଶ କିଲୋମିଟର ଦୂର । ଯିବା ଆସିବା କରି ସ୍କୁଲ କରିବା ସମ୍ଭବ ହେଲା ନାହିଁ । ଅନ୍ୟ ଶିକ୍ଷୟିତ୍ରୀମାନଙ୍କ ସହିତ ମେସ୍ କରି ରହିଲା । ସେଇ ଶିକ୍ଷୟତ୍ରୀ ବନ୍ଧୁମାନେ ଅବିନାଶ ବିଷୟରେ ନାନା କଥା କହି ତାକୁ ଚିଡାନ୍ତି । ବିରହ ବେଦନାରେ ସିକ୍ତ କରନ୍ତି ତା'ର ହୃଦୟକୁ । ଏମିତି ସମୟରେ ତା'ର ଅବିନାଶ କଥା ବହୁତ ମନେ ପଡ଼େ । ତାକୁ କେମିତି ଅବିନାଶ ସହିତ ଗପିବାକୁ ଭଲ ଲାଗେ । ଭଲ ବି ଲାଗେ ନିରୋଳାରେ ତା' କୋଳରେ ମଥା ରଖି ଜହ୍ନ ଦେଖିବାକୁ । ଜହ୍ନ ଦେଖିବାକୁ ଏତେ ବେଶୀ ଭଲ ପାଏ ବୋଲି ଅବିନାଶ ତାକୁ ଚିଠି ଲେଖିଲେ ଖାଲି ଜହ୍ନର କଥା ଲେଖେ ।

ସବୁବେଳେ ଲେଖୁଥିଲା ଅବିନାଶ, ‘‘ପିନା, ତମେ କେବେ ଆସିଲେ ଆମେ ଶିମିଳିପାଳ ଯିବା । ବରେଇପାଣି ଗେଷ୍ଟ ହାଉସ୍‌ରେ ରହିବା । ଜହ୍ନ ରାତିରେ ବରେଇପାଣିର ବିରହୀ ଝରଣା ଓ ନିଘଞ୍ଚ ବନାନୀ ଏକ ବିମୁଗ୍ଧ ସୌନ୍ଦର୍ଯ୍ୟରେ ଝଲସି ଉଠେ । ତମେ ଯେତେବେଳେ ଜଙ୍ଗଲି ଗଛର ପ୍ରଜାତି ସଂଗ୍ରହ କରୁଥିଲ, ସେତେବେଳେ କେତେ ଜଙ୍ଗଲି ହାତୀ ଓ ହରିଣ ଦେଖିଥିବ । କିନ୍ତୁ ବାଘ ଦେଖି ନଥିବ । ବରେଇ ପାଣିର ଗେଷ୍ଟ ହାଉସ୍‌ରୁ ଜହ୍ନରାତିରେ ମହାବଳ ବାଘର ବିଚରଣ ଦେଖାଯାଇଥାଏ । ମଝିରେ ମଝିରେ ଶୁଭିଯାଏ ଭୟଙ୍କର ବାଘର ହେଣ୍ଟାଳ । ବରେଇପାଣିର ବାଘ ତମେ ଦେଖିଥିବା ଚିଡ଼ିଆଖାନାର ବାଘ ପରି ନୁହେଁ । ବାଘ ଏଠି ଠିକ୍ ବାଘପରି ଲାଗେ । ତା' ଚିତ୍ରିତ ଦେହ ଖୁବ୍ ଭୟଙ୍କର ଲାଗେ ।’’

ଏମିତି ଭାବପ୍ରବଣ ଅବିନାଶ । କଥା କଥାରେ ମନକୁ ଛୁଏଁ । ଅବିନାଶର ପବିତ୍ର ଭଲପାଇବାରେ ଅନ୍ଧୁଣୀ ହେଇଯାଏ ପିନା । ଅନ୍ଧୁଣୀ ହେଇଯାଏ ତ ପରିଷ୍କାର ଦିଶେ ଅବିନାଶର ସୌମ୍ୟକାନ୍ତି ମୁହଁ । ଭାରି ଇଚ୍ଛା ହୁଏ ଅବିନାଶକୁ ଦେଖିବାକୁ । ଇଚ୍ଛା ବି ହୁଏ ଦେଖିବାକୁ ବରେଇପାଣିର ବାଘ । ହେଲେ ଏତେ ବାଟ ଆସିବା ସମ୍ଭବ ହୁଏନା ତା' ପକ୍ଷରେ । କିଛିଦିନ ତଳେ ଅବିନାଶ ଠାରୁ ଚିଠିଟେ ପଢ଼ି ବ୍ୟତିବ୍ୟସ୍ତ ହୋଇ ପଡିଥିଲା ପିନା । ସେଇ ଚିଠିରୁ ଜାଣିଥିଲା, ଅବିନାଶ ଅସୁସ୍ଥ । ପ୍ରାୟ ତିନିଚାରି ମାସ ହେବ ଦେହ ଭଲ ରହୁନାହିଁ । କ୍ରମାଗତ ଭାବେ ଜ୍ୱର ଓ ମୁଣ୍ଡବ୍ୟଥା ଲାଗି ରହୁଛି ।

Digitized by srujanika@gmail.com

ଚିଠି ପାଇ ଅସ୍ଥିର ହେଲା ମନ। ଏତେ ବାଟ ଆସିବା ପାଇଁ ସେଇ ଅସ୍ଥିରତା ହିଁ ହେଲା ତା'ର ମନବଳ।

ବସ୍‌ରେ ଆସିବା ବେଳେ ଅବିନାଶର ଅସୁସ୍ଥତା ମିଛ କଥାଟେ ହୋଇପାରେ ବୋଲି ସେ ଭାବିଲା। ତାକୁ ନେଇ ବରେଇପାଣିର ଝରଣା ଦେଖିବ ବୋଲି, ଏମିତି ମିଛର ଆଶ୍ରୟ ନେଇଥାଉ ପଛେ, ହେଲେ ଦେହ ତା'ର ଭଲଥାଉ। ଏମିତି ସୁଖକର ସ୍ୱପ୍ନରେ ସେ ଭିଜି ଭିଜି ଆସିଥିଲା ବାଟସାରା। ଯଦି ତା'ର ରହିବାର ନଥିଲା, ଏତେ ବେଶୀ ସ୍ୱପ୍ନ କାହିଁକି ଦେଖାଉଥିଲା ? ଅଭିମାନର ଶୀତଳ କ୍ରୋଧ ବସା ବାନ୍ଧୁଥିଲା ତା' ଭିତରେ।

ଯା' ଭିତରେ କେତେବେଳେ ଢାବାର ସେ ମାଲିକ ବୁଢ଼ା ପଛେ ପଛେ ଯାଇ ଅବିନାଶର ଘର ପାଖରେ ପହଞ୍ଚିଗଲାଣି ଜଣାନାହିଁ ତାକୁ। ତା' ପାଖକୁ ଲାଗି ଛିଡ଼ା ହେଇଥିଲା ବୁଢ଼ାର ଝିଅ ଲିତା।

ବୁଢ଼ା ଖୋଲି ଦେଇଗଲା ଅବିନାଶ ବାବୁଙ୍କର ଘର। ସେଦିନ ରାତିରେ ଲିତା ଓ ପିନା ସାଙ୍ଗ ହୋଇ ରହିଲେ ସେଇ ଘରେ। ଲିତାକୁ ପାଖରେ ପାଇ ଆଶ୍ୱସ୍ତ ଅନୁଭବ କଲା ପିନା। ତାଙ୍କ ପଛକୁ ପଛ ଯାଇ ପହଞ୍ଚିଯାଇଥିଲେ, ତାକୁ ବଦମାସ ମନେ ହୋଇଥିବା ସେଇ ତିନିଜଣ। ଜଣେ ଜଗ୍‌ରେ ପାଣି ଭର୍ତ୍ତି କରି ଦେଇଗଲା ତ, ଆଉ ଜଣେ ପ୍ଲେଟ୍‌ରେ ଢାବାରୁ ସଜ ପ୍ରସ୍ତୁତ କରି ଧରି ଆଣିଥିଲା ରାତି ଖାଇବା ପାଇଁ। ତା' ପଛକୁ ଆଉ ଜଣେ ମହମବତୀ ଓ ଡିଆସିଲଟେ ଆଣି ଦେଇଗଲା। କହିଗଲା, ଦିଦି, ରାତିରେ କାଳେ ଲାଇନ୍ କଟିଯିବ, ସେଥିପାଇଁ ଏଇଟାକୁ ରଖି ଦେଇଯାଉଛି।

ଖାଇସାରି ପର୍ସରୁ ପଇସା ବାହାର କରୁଥିଲା ପିନା। ପିନାର ମୁହଁକୁ ଚାହିଁ ହାତ ଯୋଡି ଥିଲା ସେଇ ଲୁଙ୍ଗି ପଞ୍ଜାବୀ ପିନ୍ଧା ଦାଢିଆ ଲୋକଟା। କହିଲା, ଅବିନାଶ ବାବୁ ନାହାନ୍ତି ମାନେ, ଆପଣ ଆଜି ଆମର ଅତିଥି। ଆପଣଙ୍କ ଠାରୁ ପୁଣି ପଇସା ନେବୁ ? ମାଲିକ ବୁଢ଼ା ମନା କରିଛି ଦିଦି। ପଇସା ଦେବା ଦରକାର ନାହିଁ। ଆପଣ ଏଥର ଶୋଇ ପଡ଼ନ୍ତୁ।

ସେଦିନ ସେଇଠି ପିନା ଓ ଲିତା, ଏକାଠି ଖାଇ ଶୋଇ ପଡ଼ିଲେ। ଶୋଇ ଶୋଇ ଗପୁଥିଲା ଲିତା, ଅବିନାଶ ବାବୁ କେମିତି ତାକୁ ସବୁଦିନେ ଚକୋଲେଟ୍ ଦିଅନ୍ତି। ତାଙ୍କ ସ୍କୁଲରେ କେମିତି ପଢାପଢି ହୁଏ। ତାଙ୍କ ସ୍କୁଲର ଡେଙ୍ଗୀ ହେଇକି କାଳୀ ଦିଦିଟା କେମିତି ଖାଲି ପାଠ ପଚାରି ପିଟେ। ଲିତା କହିଲା, ଦିଦି, ଆପଣ ବି ଗୋଟାଏ ସ୍କୁଲରେ ଦିଦି ଅଛନ୍ତି ନା ? ଆପଣ ଆମ ସ୍କୁଲର ଦିଦି ହେଲେ ବଢ଼ିଆ ହୁଅନ୍ତା ! ଏମିତି କେତେ କ'ଣ ଗପୁ ଗପୁ ଲିତା ଆଖିକୁ ନିଦ ଲାଗି ଯାଇଥିଲା। ଏମିତ ସ୍ୱପ୍ନଟେ ଖାଲି ଲିତା କାହିଁକି ଅବିନାଶ ବି କେତେ ଥର ଦେଖେଇ ଥିଲେ ତାକୁ। ଖୁବ୍ ଧୀରେ କାନ ପାଖରେ ଫିସ୍ ଫିସ୍ ହେଇ କହିଥିଲେ, ପିନା, ଆମର ବିବାହ ପରେ ତୁମକୁ ଟ୍ରାନସ୍‌ଫର କରି ନେଇଯିବି ମୋ ପାଖକୁ। ମୁଁ ରହୁଥିବା ଜାଗାରେ ଗୋଟାଏ ସ୍କୁଲ ଅଛି। ତମେ ସେଇଠି ପାଠ ପଢେଇବ। ସ୍ୱପ୍ନରେ ସ୍ୱପ୍ନରେ କାଠିକୁଟା ଥୋଇ ଏମିତି ଭବିଷ୍ୟତର ନୀଡ ରଚେ ଅବିନାଶ।

Digitized by srujanika@gmail.com

କେତେବେଳୁ ଲିତା ଶୋଇ ପଡ଼ିଲାଣି । ପିନା ଆଖିକୁ ନିଦ ଆସୁ ନାହିଁ । ଅବିନାଶର ହ୍ୟାଙ୍ଗରରେ ଟଙ୍ଗା ଯାଇଥିବା ସାର୍ଟ, ଜୋତାଷ୍ଟାଣ୍ଡ, ଟେବୁଲ୍, ଫୁଲଦାନୀ ଓ ଟେବୁଲ୍ ଲ୍ୟାମ୍ପ ଆଦି ଯାବତୀୟ ଆସବାବ ପତ୍ର ଉପରେ ତା'ର ଦୃଷ୍ଟି ପହଁରି ଯାଉଥିଲା । ସତେ ଯେମିତି ଖୋଜି ହେଉଥିଲା ଅବିନାଶକୁ । ଟେବୁଲ ଉପରେ ଫୁଲଦାନୀ ଓ ଟେବୁଲ୍ ଲ୍ୟାମ୍ପର ଠିକ୍ ମଝିରେ ରଖାଯାଇଥିବା ଧଳା ଲଫାପାଟିଏ ଉପରେ ତା'ର ଦୃଷ୍ଟି ପଡିଲା । ଲଫାପା ଉପରେ କେବଳ ଲେଖାଥିଲା 'ପିନା' । ସେଇଟିକୁ ଆଣି ଦେଖିଲା ତ' 'ତା' ଭିତରେ ଥିଲା ତା' ଉଦ୍ଦେଶ୍ୟରେ ଚିଠିଟିଏ । ତିନିଦିନ ତଳେ ଅବିନାଶ ଲେଖି ଦେଇ ଯାଇଛି ।

ପିନା,

ପ୍ରାଣର ପ୍ରତିମା ମୋର ! ମୁଁ ଜାଣିଛି ତମେ ନିଶ୍ଚୟ ଆସିବ । ମତେ ନପାଇ ଖୁବ୍ ହତାଶ ହୋଇଯିବ । ମୁଁ କିନ୍ତୁ ଏମିତି ଜାଣି ଜାଣି ଚାଲିଯାଉଛି । ମତେ ନଦେଖିବା ଠାରୁ ଦେଖିବାଟା ବେଶୀ ଯନ୍ତ୍ରଣାଦାୟକ ହେଇଥାନ୍ତା ତମ ପାଇଁ । ତୁମକୁ ଦେଖେଇବା ପାଇଁ ମୋର ଆଉ ମୁହଁ ନାହିଁ । ଆଉ କେତେଟା ଦିନ ଭିତରେ ଗୋଟାଏ ଘଟଣା ହୁଏତ ଚାରିଆଡେ ରାଷ୍ଟ୍ର ହେଇଯିବ । ଆଉ ମୁଁ; ଖାଲି ତୁମ ଆଖିରେ ନୁହେଁ, ସାରା ଦୁନିଆ ଆଖିରେ ଘୃଣ୍ୟ ଗୋବର ପୋକଟିଏ ପାଲଟିଯିବି । କଟକ ବଡ଼ ଡାକ୍ତରଖାନାରେ ମୋର କ୍ରମାଗତ ଅସୁସ୍ଥତା ନେଇ ଡାକ୍ତରମାନେ ରକ୍ତ ପରୀକ୍ଷା କରି, ମୋ ରକ୍ତରେ ଏଚ୍.ଆଇ.ଭି. ପଜିଟିଭ୍ ଥିବାର ରିପୋର୍ଟ କରିଛନ୍ତି । ମୋର ଯେ ଏମିତି କାହିଁକି ହେଲା; ମୁଁ କିଛି ଜାଣି ପାରୁନାହିଁ । ତମର ସୌଭାଗ୍ୟ ଯେ, ଆମର ଏ ପର୍ଯ୍ୟନ୍ତ ବିବାହ ହୋଇ ନାହିଁ । ମୁଁ ତୁମକୁ ନୁହେଁ କିମ୍ବା କାହାରିକୁ ମଧ୍ୟ ବିବାହ କରି ମୋ ଦେହର ଏଡସ୍ ଭୂତାଣୁଗୁଡାକ ସଂଚରି ଯିବାକୁ ଦେବି ନାହିଁ । ମୁଁ ଏଇ ଘର ଛାଡ଼ିଲି ଯେ ଛାଡ଼ିଲି । ଭାବୁଛି ଏ ଦୁନିଆଁକୁ ଆଡ଼େଇ ଆଡ଼େଇ କେଉଁଠି ଲୁଚିଯିବି କିମ୍ବା କେଉଁ ଆଶ୍ରମରେ କଟେଇ ଦେବି, ମୃତ୍ୟୁକୁ ଅପେକ୍ଷା କରି କରି ଅଳ୍ପ କେଇଟା ଦିନର ବଳକା ଆୟୁଷ ମୋର । ମୋ ବସାରେ ଗୋଟାଏ ଦିନ ରହି ତମେ ଫେରିଯିବ ଓ ସବୁଦିନ ପାଇଁ ଭୁଲିଯିବ ମତେ ।

। ଇତି ।

ଅବିନାଶ

ଅବିନାଶର ଚିଠି ପଢି ଭୟରେ ସେ ଥରୁଥିଲା ବରଡ଼ା ପତର ପରି । ସିର୍‌ସିର୍ ହେଇଗଲା ପାଦର ତଳିପା । ତା' ପ୍ରେମର ଉସମାନ୍‌ବାଦ୍ ଭିତରକୁ ଏଡ଼ସ୍ ଭାଇରସ୍‌ଗୁଡ଼ାକ ଭୟାବହ ଭୂମିକମ୍ପ ହୋଇ ପଶି ଆସୁଥିଲା । ଭାଙ୍ଗି ମାଟିଗୋଡ଼ି ପାଲଟି ଯାଉଥିଲା ତା' ସ୍ୱପ୍ନର ଇମାରତ୍ । ଅବିନାଶ ପ୍ରତି ଦୟାରେ ଆର୍ଦ୍ର ହେଇ ଯାଉଥିଲା ତା' ଛାତି । କାଠ କାଠ ହେଇଯାଉଥିଲା ଦେହ । କେମିତି ରାତି ପାହିଲେ ଫେରିଯିବ ତା' ସ୍କୁଲର ମେସ୍‌କୁ, ସେଇ ଚିନ୍ତା, ଆଶଙ୍କା ଓ ସମବେଦନାର ଜ୍ୱଳନରେ ତା' ଆଖିପତା ଚାପି ହେଇଯାଉଥିଲା । ସେ ଶୋଇଥିବା ଖଟଟା ଯେମିତି, ଶୂନ୍ୟରେ ଖୁବ୍ ଉଚ୍ଚକୁ ଉଠି ପୁଣି ଦ୍ରୁତଗତିରେ ତଳକୁ ଖସୁଥିଲା । କିଏ ଯେମିତି ତାକୁ କହୁଥିଲା, ତୁ ଆଉ କୁଆଡିକୁ ହେଲୁନି ପିନା; କୋଉ କୂଳର ହେଲୁନି । ଏବେ କ'ଣ କରିବୁ ତୁ ।

Digitized by srujanika@gmail.com

ନିଜ କଥା ଟିକେ ବି ଚିନ୍ତା କରୁନଥିଲା ପିନା । ଅବିନାଶର ମୁହଁଟା ଯେମିତି ଅତି ଦୟନୀୟ ଭାବେ ଝଲସି ଉଠୁଥିଲା ଆଖି ସାମନାରେ । ଥରୁଟେ ଦେଖନ୍ତା କି ତାକୁ । କୁଆଡ଼କୁ ଏମିତି ଲୁଚିଛପି ଚାଲିଗଲା ଅବିନାଶ । ତା' ମନ କହୁଥିଲା ଯେମିତି, ...ତମେ ଫେରିଆସ ଅବିନାଶ । ମୁଁ ଟିକେ ଦେଖିବି ତମକୁ । ପଣତ କାନିରେ ଆଉଁସି ଦେବି ତମ ଦେହ । ଝାଳ ପୋଛି ଦେବି ମଥାରୁ । କାହାକୁ କେଉଁଠି ତମେ ଲୁଚିବ ଅବିନାଶ ? ସବୁଆଡ଼େ ତ ହାଉଡାଉ ମଣିଷଙ୍କ ଭିଡ । ଥରୁଟିଏ ଆସ । ଏ ଦୁନିଆ ତମକୁ ଘୃଣା କଲେ ବି ମୁଁ ଭଲପାଇବି, ମୋ ଛାତିର ଶେଯରେ ଶୁଆଇ ପଣତ କାନିରେ ଲୁଚେଇ ରଖିବି ତୁମକୁ ।

ଏମିତି ଭାବନାର ବୁଢ଼ୀଆଣି ଜାଲ, ନରମ ଅଠାର ନାଭିସୂତା ନୁହେଁ; ବରଂ ଲୁହାର ଜଞ୍ଜିର ପରି ବେଢ଼ି ପକାଉଥିଲେ ପିନାକୁ, ଚାରିପଟରୁ ।

ସକାଳ ହେଲା । ସକାଳର ସଫାରଙ୍ଗ ଖୁବ୍ ମଳିଚିଆ ଦିଶିଲା ସେଦିନ । ଆଇନା ସାମନାରେ ଠିଆ ହେଇ ନିଜକୁ ଦେଖୁଥିଲା ପିନା । ବୀଭତ୍ସ ଦିଶୁଥିଲା ତା' ରୂପ । ଅଠା ଅଠା ହେଇଯାଉଥିଲା ତା' କେଶଗୁଚ୍ଛ । କୋଟି କୋଟି ସଂଖ୍ୟାରେ ଆଖିକୁ ଦେଖାଯାଉ ନଥିବା ଭୟଙ୍କର ଭୂତାଣୁମାନଙ୍କ ଦ୍ୱାରା ଯେମିତି ସାରା ରାତି ଧର୍ଷିତା ହୋଇଯାଇଛି ପିନା !

ବିଛଣାରୁ ଉଠି ବାଏ ବାଏ ଦିଦି କହି ଲିତା ତା' ଘରକୁ ଗଲା । ଲୁଙ୍ଗି ପଞ୍ଜାବୀ ପିନ୍ଧା ଦାଢ଼ିଆ ଲୋକଟା ଚା' କପ୍‌ଟେ ଧରି ଆସିଲା । କପ୍‌ଟା ବଢ଼େଇ ଦେଲା ପିନାର ହାତକୁ । କହିଲା: ଯଦି କିଛି ନଭାବନ୍ତ, ଦିଦି, ଗୋଟାଏ କଥା କହନ୍ତି ।

ପିନା ମୁଣ୍ଡ ହଲେଇ ସମ୍ମତି ଦେବା ପରେ କହିଚାଲିଲା ସେଇ ଲୋକଟା; ଦିଦି, ଆମେ ଜାଣିଛୁ, ଆପଣ ଏଇ ଅବିନାଶ ବାବୁଙ୍କ ଭାବୀପତ୍ନୀ । ହେଲେ କେତେଟା କଥା, ଆମେ ତ ବୁଝେଇ ବୁଝେଇ ପାରିଲୁନି । ଆପଣ ଟିକେ ବାବୁଙ୍କୁ ବୁଝେଇ ଦିଅନ୍ତୁ । ସେଇଥିରେ ପଡ଼ି ଲୋକଟାର ଦିହ ଖରାପ ହେଇଗଲାଣି କି କ'ଣ ? ଖାଲି ମଦ, ମଦ । ହେଲେ ସେଗୁଡ଼ା ଦିଦି, ମୁଁ ଛୁଁଏନା । ଭାରି ଗନ୍ଧାଏ । ବାବୁ ସେଗୁଡ଼ାକ ପାଣି ଭଳି ପିଉଛି । ବାବୁଟା ଭାରି ଭଲ ଲୋକ । ହେଲେ ଏଇଗୁଡ଼ାକ ପିଇକି ତ ମୁଣ୍ଡ ଖରାପ କରୁଛନ୍ତି । ଯେତେ ମନା କଲେ ବି ସେଇ ପୁରୁଣା ପଡ଼ା ଆଡ଼େ ଯିବା କ'ଣ ଦରକାର ? ଭାରି ବାଜେ ମାଇକିନାଗୁଡ଼ାକ ଅଛନ୍ତି ସେଇ ପଡ଼ାରେ । ପାଠ ଶାଠ ପଢ଼ି ବାବୁଟା ଏ ବୁଦ୍ଧି କାହିଁକି ଧରିଛି ? ତମେ ଟିକେ ତାଙ୍କୁ ବୁଝେଇ ଦବ ଦିଦି । ତମ କୁହା ସେ ନିଶ୍ଚୟ ମାନିବେ ।

ଏକା ନିଃଶ୍ୱାସରେ ଏତ ଗୁଡା କଥା କହିଦେଇ ଚାଲିଗଲା ସେ ଦାଢ଼ିଆ ଲୋକଟା । ନିର୍ଲିପ୍ତ ନୟନରେ ଚା' କପ୍‌ଟା ଧରି ବସିଥିଲା ପିନା । ଗୋଟାଏ ଢୋକ ବି ପିଇ ପାରି ନଥିଲା । ନିଜ ଆଖି ଆଗରେ କେବଳ ମୁହୂର୍ତ୍ତ ମୁହୂର୍ତ୍ତରେ ବଦଳିଯାଉଥିବା ଦୃଶ୍ୟପଟ । କାହା କଥା ସେ ଶୁଣୁଛି । ଇଏ କ'ଣ ସେଇ ଅବିନାଶ, ଯାହାକୁ ନେଇ ସେ ଅନେକ ସ୍ୱପ୍ନ ଦେଖେ ? ମଣିଷମାନେ କ'ଣ ସତରେ ବହୁରୂପୀ ? ଚରିତ୍ର କ'ଣ ଗୋଟାଏ ରଙ୍ଗ ବଦଳୁଥିବା ଏଣ୍ଡୁଅ ପରି ? ଦେହର କ୍ଷୁଧା କ'ଣ ଏତେ ଥିଲା ଅବିନାଶର ? ଥିଲା ଯଦି ସେ ପ୍ରକାଶ ଆଚରଣ କରୁନଥିଲା କାହିଁକି ? ଭଲ ପାଉଥିବା

Digitized by srujanika@gmail.com

ମଣିଷଟିଏ ଯାହା'କି ଯେ କୌଣସି ମୁହୂର୍ତ୍ତରେ ଦେଇ, ପାରିଥାନ୍ତା, ସେଇଟା ପାଇଁ ନିଶାଗ୍ରସ୍ତ ମନ ନେଇ ଏତେ ବିକାର ତାକୁ ଗ୍ରାସ କଲା କେମିତି ? ଅବିନାଶର ଏଚ୍.ଆଇ.ଭି. ସଂକ୍ରମଣ ସଂପର୍କରେ ଆଉ କିଛି ସନ୍ଦେହ ନଥିଲା ତା'ର । ଅବିନାଶ ପ୍ରତି ଦୟାରେ ଆର୍ଦ୍ର ହୋଇ ତା' ହୃଦୟରେ ଯୋଡେଇ ହେଇଥିବା ଇଟାକାନ୍ଥଟେ ଉପରେ ଘୃଣାର ପଲସ୍ତରା ପଡ଼ିଗଲା । ପିନା ଭାବୁଥିଲା ମନେ ମନେ, ତମକୁ ମୁଁ ନିରୀହ ହରିଣଟେ ଭାବୁଥିଲି ଅବିନାଶ ! ତମେ ଯେ କେତେବେଳେ ଲୁଚିଛପି ପାଲଟି ଯାଇଛ ବରେଇପାଣିର ବାଘ !

ସବୁ ପୁରୁଷ ଲୋକ କ'ଣ ଏମିତି ? ପ୍ରଥମ ଦର୍ଶନରେ ପରମଦମ୍ଭ ଓ ଗାମ୍ଭୀର୍ଯ୍ୟରେ ପରିପୁଷ୍ଟ ଶୋଭନ ପୁରୁଷ ପରି ଆଚରଣ । କଉତୁକିଆ ହରିଣଛୁଆ ପରି ନିରୀହ । କ୍ଷୀରରେ ସର ପକାଇବା ପରି କଥାର ଯାଦୁରେ ପ୍ରେମର ପଟୁ ମଡେଇ ଦିଅନ୍ତି ନାରୀ ହୃଦୟର ସବୁଜ ସମତଳ ବନାନୀରେ; ମାତ୍ର ସେଇ ଉଚ୍ଛୁଳା ସୁଅର ଉଜାଣି ପ୍ରୀତିସ୍ପର୍ଶ ଯେ ପରବର୍ତ୍ତୀ ପର୍ଯ୍ୟାୟରେ ବନ୍ୟାର ତାଣ୍ଡବ ରଚି ଦେଇଯିବ; କିଏ ବା କାହିଁକି ଏମିତି ଦୁର୍ଭାବନାକୁ ଆଣି ସାଇତି ରଖିବ ତା' ପ୍ରେମର ପ୍ରଥମ ପୃଷ୍ଠା ସୂଚୀପତ୍ରରେ ? ଯୌବନର ପାହାଚ ଚଢୁଥିବା ତରୁଣୀଟିଏ ତ ଜହ୍ନର ନାତିଶୀତୋଷ୍ଣ ଅନୁଭବ ପାଇଁ କାତରି ଉଠିବା ସ୍ୱାଭାବିକ । ରାତିର ଗାଢ ଶୀତଳ ଅନ୍ଧାରକୁ ସ୍ୱପ୍ନ ଦେଖିବ ବା କାହିଁକି ? ପିନାର ଜୀବନରେ ଯଦି ସେମିତି କିଛି ଘଟି ଯାଇଛି; ତେବେ ତା'ର ଦୋଷ କ'ଣ ?

ଦୁର୍ଭାବନାର ଘୂର୍ଣ୍ଣିବାତରେ ଶୁଖିଲା ପତ୍ରମାନଙ୍କ ପରି ସ୍ଥିତିଶୂନ୍ୟା ହୋଇଯାଉଥିଲା ପିନା । ସେ ଦାଢିଆ ଲେକଟାକୁ କିଛି କହିବ କହିବ ଭାବି ନୀରବ ରହି ଯାଇଥିଲା । କ'ଣ ଆଉ କହିପାରିଥା'ନ୍ତା ? କେମିତି ତାକୁ ବୁଝେଇଥାନ୍ତା ଯେ ନେଡ଼ିଗୁଡ଼ କହୁଣୀକୁ ବହିଗଲାଣି ବୋଲି ? ଏଡ୍‌ସ୍‌ର ଭୂତାଣୁଗୁଡାକ ଅବିନାଶକୁ ଦୁର୍ଗମ ଅରଣ୍ୟରେ ନିକ୍ଷେପ କରିଛନ୍ତି । ଏବେ ଆଉ ଫେରିବାକୁ ବାଟ କାହିଁ ତା'ର ??

ତରବର ହେଇ ସକାଳର ନିତ୍ୟକର୍ମ ସାରିଲା ପିନା । ବାହାରିଲା ବସ୍‌ଷ୍ଟପ୍‌କୁ । ପୁଣିଥରେ ଆସିଥିଲେ ସେଇ ଲୋକ ତିନିଜଣ । ମାଲିକ ବୁଢାକୁ ଦେବା ପାଇଁ ଘର ଚାବି ପକେଇ ରଖିଲା ସେ ଦାଢିଆ ଲୋକଟା । ପିନାର ପଛେ ପଛେ ସେମାନେ ବସ୍ ପାଖକୁ ଗଲେ । ବସ୍ ଛାଡ଼ିବା ବେଳକୁ ଜୁହାର ହେଲେ ତାକୁ । ପୁଣି କେବେ ଥରେ ଆସିବାକୁ ବିନମ୍ର ଅନୁରୋଧ କଲେ ।

ବସ୍ ଛାଡ଼ିଦେଲା । ବସ୍‌ରୁ ମୁହଁ ଫେରେଇ ସେଇ ଲୋକତିନିଜଣଙ୍କୁ ସତୃଷ୍ଣ ନୟନରେ ଚାହିଁ ରହିଥିଲା ପିନା । ଭାବୁଥିଲା, ବଦ୍‌ମାସ ମନେ ହେଉଥିବା ଏଇ ଲୋକ ତିନିଜଣ କେତେ ସରଳ ଓ ଭଦ୍ର ସତେ ! ହେଲେ ଅବିନାଶ ! ଅତିମାତ୍ରାରେ ଶାନ୍ତ ଓ ସୌମ୍ୟ ଲାଗୁଥିବା ଅବିନାଶ; କେତେ ନୀଚ, ଘୃଣ୍ୟ ! ଛି !! ଯା ଇଚ୍ଛା ତା' ବି କୁହାଯାଇ ପାରେ ତାକୁ ।

ବସ୍‌ଟା ଯାକର ଲୋକ ଚାହିଁ ରହିଥିଲେ ତା' ମୁହଁକୁ । ଲୁହ ଡବ୍‌ଡବ୍ ପିନାର ଆଖି ।

■■■

Digitized by srujanika@gmail.com

ଶୋକାର୍ତ୍ତ ସ୍ୱପ୍ନ

ଅଣ୍ଟିରେ ଅଣ୍ଟିଏ ଦୁଃଖ ଧରି ବସିଛି ଅନିମା । ହାତଗୋଡ ଛାଟି, ତା ମାଂସଳ ଛାତିରୁ ଟିକିଏ ଅମୃତ ପାଇଁ ମୁଣ୍ଡ ଠେସୁଥିବା ଦୁଃଖ ଟିକକ କଣ ତାର ଏକାନ୍ତ ନିଜସ୍ୱ ? ଔଷଧ ବିତରଣକୁ ନେଇ ସ୍ୱାମୀ ସଂଜୟ ଓ ଫ୍ୟାକ୍ଟ୍ରି କାମରେ ଶ୍ୱଶୁର ଅଭିଜିତ୍ ବାବୁ ବ୍ୟସ୍ତ । ଛଅ ମାସ ହେଲା କୋଳ ଭିତରେ ଛଟପଟ ହେଉଥିବା ରୋଗୀଣା ଛୁଆଟା କଣ ଏ ଘରର ସମ୍ପତ୍ତି ନୁହେଁ ! ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ବ୍ୟାଙ୍କର ଲେଜର ପୃଷ୍ଠାରେ ପେଟ ଫୁଲେଇ ପଡିଥିବା ବାଲାନ୍ସ ଆକାଉଣ୍ଟ ସହିତ କଣ ଛୁଆଟା ତୁଳନୀୟ ନୁହେଁ ! ଏମିତି କେତେ କଣ ଭାବୁଥାଏ ଅନିମା । ଛୁଆଟାକୁ କୋଳରେ ଧରି ବିତିଗଲାଣି କେତେ ବିନିଦ୍ର ରଜନୀ । ଚେଷ୍ଟା କଲେ ବି ଆଖିକୁ ନିଦ ଆସୁନି । ଏମିତି ଏକ ପରିସ୍ଥିତିରେ ବି, ପଇସା ଓ ପ୍ରାଚୁର୍ଯ୍ୟକୁ ନେଇ ସ୍ୱପ୍ନର ସରହଦ ଡେଇଁ ଯାଉଥିବା ସ୍ୱାମୀ ଓ ଶ୍ୱଶୁରଙ୍କ ପାଇଁ ତା ମନରେ ସନ୍ଦେହର ଜାଲ ବୁଣି ହେଉଯାଏ ।

ବିବାହର ଛଅ ବର୍ଷ ପରେ ଅନିମା ପୁତ୍ରବତୀ ହୋଇଥିଲା । ନିଃସନ୍ତାନ ରହିଥିବାର ଦୁଃଖ ଦୀର୍ଘ ଦିନ ଧରି ଜାଲ ପରି ତାକୁ ଚାରି ପଟରୁ ବେଢି ଧରିଥିଲା । ସେ ଅସହାୟତାର ଜାଲ ଛିନ୍ନ କରି କୁନ୍‌ମୁନ୍ କୋଳକୁ ଆସିଥିଲା । ପୁଅ କୋଳକୁ ଆସିବା ପରେ ଆନନ୍ଦ ଉଲ୍ଲାସରେ ଫାଟି ପଡ଼ିଥିଲା ଚୌଧୁରୀ ଘର । ଏକୋଇଶା ପାଳନ ଅବସରରେ ଦୁଇ ହଜାର ଲୋକଙ୍କ ପାଇଁ ଭୋଜିଭାତର ଆୟୋଜନ ହୋଇଥିଲା । ଚୌଧୁରୀ ଘରର ତ୍ରିତଳ ସୁରମ୍ୟ ଅଟ୍ଟାଳିକା ରଂଗୀନ ଆଲୁଅ ଓ ତୋରଣରେ ଝଲସି ଯାଇଥିଲା । ସ୍ୱାମୀଙ୍କ ଠାରୁ ପାଇଥିବା ଦାମୀ ଶାଢ଼ି ଚୁଡି ପିନ୍ଧି ଦେବୀ ପ୍ରତିମା ପରି ଦିଶୁଥିଲା ଅନିମା । ନିଜ ରୂପ ତୁଳନାରେ ଗହଣାଗାଣ୍ଠିର ସମ୍ଭାର ଖୁବ ଭାରି ମନେ ହେଉଥିଲା ଅନିମାର । ବାଇଶି କ୍ୟାରେଟ ଖାଣ୍ଟି ଗିନିସୁନାର ତାରକସି ବୈଚିତ୍ର୍ୟ ଅନିମାର ବେକରୁ ଛାତି ଯାଏଁ ଗୋଟାଏ ଇନ୍ଦ୍ରମହଲର ମାୟା ରଚୁଥିଲା ସତେ !

ଆଉ ମାସଟେ ପରେ କୁନ୍‌ମୁନ୍‌କୁ ବର୍ଷେ ପୂରିଯିବ । ଜନ୍ମର ପାଞ୍ଚମାସ ପରେ ହଠାତ୍ ରୁଗ୍‌ଣ ହେଇଯାଇଥିଲା କୁନ୍‌ମୁନ୍, ରୋଗୀଣା ଛୁଆ ଟା ପାଇଁ ସମୟ ଦେଇ ଭଲ ଡାକ୍ତର ଦେଖେଇବାକୁ କଣ କାହାରିକୁ ତର ସହୁନାହିଁ । ମଝିରେ ମଝିରେ ପେଟ ବାମ୍ଫେଇ ଯାଉଛି । ଗୋଡହାତ ନାଠି ନାଠି ହେଇ ଯାଉଛି । ଦିନେ ଖାଉଛି ତ ଦିନେ ଦିନେ ଖାଡା ଉପାସ ରହିଯାଉଛି । ଡବାକ୍ଷୀର ଖାଉ ଖାଉ ପୁଣି ଭକ ଭକ କରି ବାନ୍ତି କରି ପକାଉଛି ।

Digitized by srujanika@gmail.com

ପାଖା ପାଖି ଥିବା ସବୁ ଡାକ୍ତରଙ୍କୁ ଦେଖେଇ ଯାବତୀୟ ଔଷଧ ଖୋଇଲାଣି ଅନିମା । ସଂଜୟ ଔଷଧ ବିତରଣ କାମରେ ବିଭିନ୍ନ ଜିଲ୍ଲା ପରିକ୍ରମା କରୁଛନ୍ତି । ଶ୍ୱଶୁର ଆଜିକି ପନ୍ଦର ଦିନ ହେବ ଫ୍ୟାକ୍ଟ୍ରି ପାଇଁ କଣ୍ସବୁ ରସାୟନ ଦ୍ରବ୍ୟ କିଣିବା ପାଇଁ ରାଜ୍ୟ ବାହାରକୁ ଚାଲି ଯାଇଛନ୍ତି । ଯିବା ପୂର୍ବରୁ ଆଣି ଦେଇଥିଲେ ଗୋଟାଏ ଆୟୁର୍ବେଦ ଟନିକ୍ । ଛୁଆଟାର ଏ ଅବସ୍ଥାରେ ଟନିକ ଭିଟାମିନ୍ ଖାଇବାର ପ୍ରୟୋଜନ କିଛି ଉପଲବ୍ଧି କରିପାରିଲା ନାହିଁ ଅନିମା । ସେ ଔଷଧତକ ଖାଇସାରିବା ପରେ କିଛି ବି ପରିବର୍ତ୍ତନ ହୋଇନଥିଲା ତାର । ତିନିଦିନ ତଳେ ସଂଜୟ ଫେରିଥିଲେ ଘରକୁ । ହାତରେ ଥିଲା ଛୋଟ ହୋମିଓ ପ୍ୟାଥିର ପୁଡିଆ ଔଷଧ । ମୁଣ୍ଡରେ ହାତ ଦେଇ ବସି ପଡିଥିଲା ଅନିମା । ଛୁଆଟା ଭୋଗୁଥିବା ଯନ୍ତ୍ରଣାର ଘାସଡିଆଁ ଝିଣ୍ଟିକାଟା ତା ଛାତିର ନରମ ଗହଳ ପତ୍ର କେରାକ ଭିତରକୁ ଖପ୍‌କିନା ଡେଇଁ ଯାଇଥିଲା । ତା କୁନିକୁନି ପାଟିରେ କାନ୍ଦି ଚିଇରା ଛାଡିଲେ ଯେମିତି ଛୁରୀ ଚାଲିଯାଉଥିଲା ଅନିମାର ଛାତିରେ । ଏଇ ଦୁଇତିନିଦିନ ଭିତରେ ଛୁଆଟାର ସ୍ୱାସ୍ଥ୍ୟବସ୍ଥାରେ କୌଣସି ଉନ୍ନତି ଘଟି ନଥିଲା ।

ସଂଜୟଙ୍କ କୋଳକୁ ଛୁଆଟାକୁ ଟିକେ ଧରିବାକୁ ଦେଇ ଆଇନା ସାମନାରେ ଉଠି ଠିଆ ହେଲା ଅନିମା । ଗୋଟାଏ ଦୁଃଖ ସଂଜର ମହଳଣ ତା ମୁହଁକୁ ମଳିନ କରିଦେଇଥିଲେ ବି ତା ଗହମ ରଂଗୀ ଦେହର ଭୂଗୋଳ ଥିଲା ପୂର୍ବ ପରି ଅକ୍ଷତ । ଛାତିରେ ନିଟୋଳ ମାଂସର ଦୁର୍ଗ । ଅନେକ ଥର ଅନିମା ନିଜକୁ ଖୁବ୍ ଆଖି ପୂରେଇ ଦେଖେ । ନିଜ ଯୌବନର ସମ୍ଭାରକୁ ନାରୀ ନିଜେ ଯେତେ ଆଖି ପୂରେଇ ଦେଖେ, ଚାହେଁ, ଆଉ କେହି ହୁଏତ ସେତିକି କରି ପାରନ୍ତି ନାହିଁ । ନିଜ ଭିତରେ ସେଦିନ ତାର ଭାବାନ୍ତର ସୃଷ୍ଟି ହେଲା । ଓଃ ! ତାକୁ ଲାଗିଲା ଯେମିତି ତା' ଛାତି ଉପରେ ଅତୀବ ସୁନ୍ଦର, ଆକର୍ଷଣୀୟ ତଥା ଅଦରକାରୀ ଅପଦାର୍ଥ ଦିଇଟାକୁ ସେ ସାଇତି ରଖିଛି କେଉଁ କାଳରୁ । ଗୋଟାଏ ଭୟାବହ ଭୂମିକମ୍ପରେ ସେ ଦୁର୍ଗଦୁଇଟି ତାର ଭୁଶୁଡି ପଡନ୍ତା କି ! କୁନ୍‌ମୁନ୍ ଜନ୍ମ ହେବାର ପନ୍ଦର ଦିନ ଭିତରେ ଯେଉଁ ଛାତିରୁ ଅମୃତର ଧାରା ଶୁଖିଯାଇ ଧୂ ଧୂ ବାଲିବନ୍ତର ଭେଳିକି ସୃଷ୍ଟି କରିଛି, ସେମିତି ସୌନ୍ଦର୍ଯ୍ୟ ରହି ଲାଭ କଣ ! ଜନ୍ମ ହେବା ଦିନଠୁ ଯାବତୀୟ ଡବାକ୍ଷୀରର ବୋତଲ ପିଇ ବଂଚି ରହିଛି କୁନ୍‌ମୁନ୍ ।

ସେଇଠି ଠିଆ ହେଇ ଅପ୍ରତ୍ୟାଶିତ ଭାବରେ ଭେଁ କିନା କାନ୍ଦି ଉଠିଲା ଅନିମା । ହତବାକ୍ ସଂଜୟ । ଏତେ ଦିନ ପରେ ଆଜି ଏତେ ସମୟ କୁନ୍‌ମୁନ୍‌କୁ ଧରିବା ପରେ ତା ଭିତରୁ ପିତୃତ୍ୱ ବିଳପି ଉଠିଲା, ଉଭୟ କୁନ୍‌ମୁନ୍ ଓ ଅନିମାର ମୁହଁକୁ ସେ ଚାହିଁ ରହିଲା ଅନେକ ବେଳ ଯାଏ । ତାକୁ ଯେମିତି ସେଦିନ ଜଣାଗଲା ଯେ ତା ସୀମିତ ପୃଥିବୀ ଭିତରେ ଅର୍ଥଠାରୁ ବଳି ଆହୁରି କେତେ ସୁନ୍ଦର ଜିନିଷ ସବୁ ଅଛି । ସେ ଭାବିଲା, ନା ଆଉ ନୁହେଁ । ନିଜ ବ୍ୟବସାୟକୁ ଗୁରୁତ୍ୱ ଦେଇ ସ୍ତ୍ରୀ ଓ ଗୋଟାଏ କଅଁଳା ଶିଶୁ ପାଇଁ ଢେର ଅନ୍ୟାୟ କରିବାର ସେ ଉପଲବ୍ଧି କଲା । ଅନେକ ହତାଶାର ଅଂଧାର ପରେ ଆଶାର ସୂର୍ଯ୍ୟ ଛୁଇଁ କଅଁଳି ଥିବା ଫୁଲ ଚାରାଟି ଯେମିତି ଝାଉଁଳି ଯାଉଛି ଧୀରେ ଧୀରେ । ଅନିମା ଓ କୁନ୍‌ମୁନ୍‌କୁ ଧରି ବାହାରର କୌଣସି ଭଲ ଡାକ୍ତର ଦେଖେଇବାକୁ ସେ ସିଦ୍ଧାନ୍ତ ନେଲା ।

Digitized by srujanika@gmail.com

ସୁଯୋଗ କ୍ରମେ ପରଦିନ ଫେରିଥିଲେ ଅଭିଜିତ୍ ବାବୁ । ଅନିମା ଦେଖିଲା, ଶ୍ୱଶୁରଙ୍କ ମୁହଁରେ ଥିଲା କିଛି ପାଇଯିବାର ଉଜ୍ଜ୍ୱଳତା । ଲମ୍ବା ଟୁର୍‌ରୁ ଫେରି ଆସିବା ପରେ ନିଜ ବ୍ୟବସାୟ ଓ ଫ୍ୟାକ୍ଟ୍ରି କାମକୁ ନେଇ କିଛି ଟୀକା ଟିପ୍ପଣୀ ଦେବା ଅପେକ୍ଷା ଅନିମା କୋଳରୁ ନାତି କୁନ୍‌ମୁନ୍‌କୁ ନେଇ ବୋକ ଦେଇଥିଲେ, ଗେଲ କରିଥିଲେ ।

କୁନ୍‌ମୁନ୍ ପାଇଁ ସବୁ ସୁଖ ନଷ୍ଟ ହେଇଯାଉଥିବା ନିଜ ପରିବାର ଉଦ୍ଦେଶ୍ୟରେ ଘୋଷଣା କରିଥିଲେ ଏକ ସୁଖକର ସମ୍ବାଦ । ଭାରତ ପ୍ରସିଦ୍ଧ ଶିଶୁ ଡାକ୍ତର ସୁକୁମାର ଦେ ଏବେ ଦି ମାସ ପାଇଁ କଟକ ଆସିଛନ୍ତି ଡେପୁଟେସନରେ ।

ସେତକ ଶୁଣିବାର କେତେକ୍ଷଣ ଭିତରେ ଅନିମା ନିଜକୁ ପ୍ରସ୍ତୁତ କରି ନେଇଥିଲା । ନିଜେ ଡ୍ରାଇଭିଂ କରି ନେବା ପାଇଁ ପୋଟିକୋରୁ ଗାଡ଼ି ବାହାର କରିଥିଲେ ସଂଜୟ । ଅନିମାର ଅନୁରୋଧ କ୍ରମେ ନିଜର ସମସ୍ତ ଫ୍ୟାକ୍ଟ୍ରି କାମକୁ ପଛ କରି କୁନୁମୁନ୍‌କୁ ନେଇ କଟକ ଯିବା ପାଇଁ ଆସି ଗାଡ଼ିରେ ବସିଥିଲେ ଅଭିଜିତ୍ ବାବୁ ।

ଖୁବ୍ ଧୀରେ ଗାଡି ଚଳେଇ ନେଇଥିଲେ ସଂଜୟ । ଅଳ୍ପ କେତେ ଘଣ୍ଟା ଭିତରେ ସେମାନେ ଡକ୍ଟର ସୁକୁମାର ଦେ'ଙ୍କ ଘର ସାମ୍ନାରେ ପହଞ୍ଚି ଯାଇଥିଲେ । ଚିକିତ୍ସା ବିଜ୍ଞାନ ଓ ଡକ୍ଟର ଦେ'ଙ୍କୁ ନେଇ ଯେତେ ପ୍ରଶଂସା ବା ପ୍ରଶସ୍ତି ଗାନ କଲେ ବି ତାଙ୍କର ଦକ୍ଷତା ଓ ଅଭିଜ୍ଞତାକୁ ତାହା ବୁଝେଇ ଯିବ ନାହିଁ ।

ସେ ଜଣେ ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଚିକିତ୍ସାବିତ୍ । ଦିଲ୍ଲୀର ସର୍ବଭାରତୀୟ ଚିକିତ୍ସା ବିଜ୍ଞାନ ଅନୁଷ୍ଠାନରେ ନିଜର ପ୍ରାଥମିକ ଚାକିରି କାଳ ସମୟରେ ସେ ପାଇଥିଲେ ଭେଷଜ ବିଜ୍ଞାନର ସର୍ବୋଚ୍ଚ/ଜାତୀୟ ପୁରସ୍କାର, ମାତ୍ର ପରବର୍ତ୍ତୀ ପର୍ଯ୍ୟାୟରେ ଉଚ୍ଚଶିକ୍ଷା ପାଇଁ ସେ ଜୀବନର ଅର୍ଦ୍ଧେକ ସମୟ କାଟିଛନ୍ତି ଆମେରିକା ଓ ଅଷ୍ଟ୍ରେଲିଆରେ । ବ୍ରେନ୍ ଡ୍ରେନ୍ ବିରୁଦ୍ଧରେ ଆନ୍ଦୋଳନ ଜାରି ରଖିଥିବା ବହୁ ଭାରତୀୟ ସ୍ୱାସ୍ଥ୍ୟ ସେବା ଅନୁଷ୍ଠାନ ଓ ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ, ତାଙ୍କର ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପାଇଁ ଦାବୀ ହୋଇ ଆସୁଥିଲା । ଖୁସିର ବିଷୟ ଯେ ଏହି ଖ୍ୟାତନାମା ଡାକ୍ତରଙ୍କ ଜନ୍ମଭୂମି ଓଡ଼ିଶା । ସେ ଦୁଇବର୍ଷ ହେଲା ଭାରତ ଫେରିବା ପରେ ଏବେ ବିଭିନ୍ନ ରାଜ୍ୟମାନଙ୍କୁ ଡେପୁଟେସନ୍‌ରେ ଯାଉଛନ୍ତି । ଶିଶୁ ଅପପୁଷ୍ଟି ଓ ତଦ୍‌ଜନିତ ଅପମୃତ୍ୟୁ ସଂପର୍କରେ ଫରେନ୍ ଏଡ୍‌ରେ ବୃହତ୍ତର ଗବେଷଣାରେ ନିଜକୁ ନିୟୋଜିତ କରିଛନ୍ତି । ଡକ୍ଟର ଦେଙ୍କର ସବୁଠାରୁ ବଡ ଗୁଣ ହେଲା ଏୟା ଯେ, ସେ ଯେଉଁଠାକୁ ଯାଆନ୍ତି, ତାଙ୍କ ଘରକୁ ଆସୁଥିବା ରୋଗୀମାନଙ୍କୁ ଜଣେ ସାଧାରଣ ଡାକ୍ତର ଭାବରେ ଦେଖି ଔଷଧ ଲେଖିଥାନ୍ତି, ତାଙ୍କୁ ଦେଖିଲେ କେହି ଅନୁଭବ କରି ପାରିବ ନାହିଁ ଯେ,' ସେ ଏତେ ବେଶୀ ପ୍ରତିଭାର ଅଧିକାରୀ ।

କଲିଂବେଲ୍ ଶୁଣି କର୍ମଚାରୀ ଜଣେ ଆସି ଆଗ ଦରଜା ଖୋଲିଦେଲା ଏବଂ ତା କହିବା ମୁତାବକ ଡ୍ରଇଂରୁମ ସୋଫାରେ ବସି ସେମାନେ ଡାକ୍ତରଙ୍କ ଆସିବାକୁ ଅପେକ୍ଷା କଲେ ।

Digitized by srujanika@gmail.com

ଗୋଟାଏ ରୋଗୀଣା ଛୁଆର ଚିନ୍ତାରେ ଆଉଟୁ ପାଉଟୁ ହେଇଯାଉଥିଲା ଅନିମା, ତା ମୁହଁ ଦୁଃଖଭରା, ଉଦାସ । ଅତି ସାଧାରଣ ନିମ୍ନ ମଧ୍ୟବିତ୍ତ ପରିବାରର ବୋହୂଟିଏ ପରି ଦିଶୁଥିଲା । କୁନ୍‌ମୁନ୍‌ର ଦେହ ଭଲ ହେବା ପାଇଁ ତା ବାପଘର ଗାଁର ବୁଢୀ ଢାଗୁଳାଇ ଠାକୁରାଣୀଙ୍କୁ ମନାସୀ କେତେ କଣ ମାନସିକ କରୁଥିଲା, ତାର ହିସାବ ନାହିଁ । କୁନ୍‌ମୁନ୍‌ର ସ୍ୱାସ୍ଥ୍ୟ ନେଇ ହଠାତ୍ ବ୍ୟସ୍ତ ହେଇ ପଡିଥିବା ସଂଜୟ ଓ ଅଭିଜିତ୍ ବାବୁଙ୍କ ମୁହଁରେ ଆଶାର ଆଲୋକ ଝଲସି ଯାଇଥିଲା । ଥରେ ଡକ୍ଟର ସୁକୁମାର ଦେଙ୍କ ପାଖରେ ପହଞ୍ଚିଗଲା ପରେ ସବୁରୋଗୀ ନିରୋଗ ପାଲଟି ଯାଆନ୍ତି ।

ଭିତର ଘରର ଦର ଆଉଜା କବାଟ ଠେଲି ଆସିଲେ ଡକ୍ଟର ଦେ । ଅତି ସାଧାରଣ ମଣିଷଟିଏ ସତରେ । କୁନ୍‌ମୁନ୍‌କୁ ଦେଖୁ ଦେଖୁ ହାତ ଆଉଁସି ଦେଲେ । ଆଶଙ୍କାରେ ଭରପୁର ଅନିମାର ପାଉଁଶିଆ ଦିଶୁଥିବା ମୁହଁକୁ ଦେଖି କହିଲେ, କିଛି ବ୍ୟସ୍ତ ହେବାର ନାହିଁ । ନିଶ୍ଚୟ ଭଲ ହୋଇଯିବ ।

ଡାକ୍ତରଙ୍କ ପାଟିରୁ ଏ ଅଭୟ ବାଣୀ ଶୁଣିବା ପରେ ଅନିମା ଓଠରେ ଚହଲିଗଲା ଧାଡିରେ ହସ । ସତେ ଯେମିତି ସେଇ ମୁହୂର୍ତ୍ତରୁ ହାତଗୋଡ ଛାଟି ଖେଳିଲା କୁନ୍‌ମୁନ୍ । ଜଣେ ଜଣେ ଏମିତି ଡାକ୍ତର ଥା'ନ୍ତି, ଯାହାଙ୍କର ହାତ ଆଉଁସା ଓ କଅଁଳ କଥାରେ ରୋଗୀର ରୋଗ ଅଧା ଭଲ ହୋଇଯାଏ ।

ପୁଅକୁ ଧରି ଡାକ୍ତରଙ୍କ ଟେବୁଲ ପାଖ ଛୋଟ ଟୁଲଟିରେ ବସିଲା ଅନିମା, କୁନ୍‌ମୁନର ଛାତି ଓ ପିଠିରେ ଷ୍ଟେଥୋ ପକେଇଲେ ଡାକ୍ତର । ନିଜ ହାତର ଆଂଗୁଠିମାନଙ୍କ ସାହାଯ୍ୟରେ ଛାତିରୁ ତଳିପେଟ ପର୍ଯ୍ୟନ୍ତ ଚିପି ଚିପି ଦେଖିଲେ । ନାଡି ଚିପି ପ୍ରଶ୍ୱାସର ମାତ୍ରା ଠଉରାଇଲେ । ପ୍ରଥମେ ସ୍କାନିଂ କରିବାକୁ ପଡିପାରେ କହୁଥିଲେ ବି ପରେ ପୁଣି ସ୍କାନିଂର ଆବଶ୍ୟକତା ଅନୁଭବ କଲେ ନାହିଁ । ଡାକ୍ତରଙ୍କ ମୁହଁ, ଆଖି ଓ ହାତର କଲମକୁ ବଡ ଆଶଙ୍କିତ ଅବସ୍ଥାରେ ତିନିଜଣଯାକ ଚାହିଁ ରହିଥିଲେ । ପୂର୍ବରୁ ଖାଇଥିବା ଔଷଧର ପ୍ରେସକ୍ରିପ୍‌ସନ ସବୁ ପଢିଦେଖିଲେ ଡାକ୍ତର ।

ପ୍ୟାଡ୍‌ରୁ ଖଣ୍ଡେ କାଗଜ ଚିରିଲେ । ନାଁ ଲେଖିଲେ- କୁନ୍‌ମୁନ୍ । ବୟସ ଏଗାର ମାସ । ଡାକ୍ତରଙ୍କ ପ୍ରେସକ୍ରିପ୍‌ସନର ଚିଠା ଥିଲା ଗୋଟିଏ ମାତ୍ର ଇନ୍‌ଜେକ୍‌ସନ୍ । ମାତ୍ର ତିରିଶି ଟଙ୍କା ପଡୁଥିବା ଏଇ ଇନ୍‌ଜେକ୍‌ସନ୍ ଟି ସହିତ ଡିସ୍‌ପୋଜେବଲ ସିରିଞ୍ଜ ଆଣିବାକୁ ପରାମର୍ଶ ଦେବା ସଙ୍ଗେ ସଙ୍ଗେ ନିଜେ ସେ ଇନ୍‌ଜେକ୍ସନଟି ଦେବାକୁ ପ୍ରସ୍ତୁତ ହୋଇଥିଲେ ଡକ୍ଟର । ଡାକ୍ତରଙ୍କ ଟେବୁଲ ପାଖକୁ ଝୁଙ୍କି ପଡି ପ୍ରେସକ୍ରିପ୍‌ସନ ଚିଠାଟିକୁ ଦେଖିଲେ ସଂଜୟ ଓ ଅଭିଜିତ୍ ବାବୁ ।

ଚାହୁଁ ଚାହୁଁ ଅନିମାର ଆଖି ଆଗରେ ଅଭାବନୀୟ ଘଟଣାଟିଏ ଘଟିଗଲା । ଡକ୍ଟର ଦେ'ଙ୍କ ସାମନାରେ ଯାଇ ହାତ ଯୋଡି ଠିଆ ହେଇ ପଡିଲେ ଅଭିଜିତ୍ ବାବୁ । ସବିନୟ ଅନୁରୋଧ କଲେ, ଦେଖନ୍ତୁ ସାର୍, ଆପଣ ଏଇ ଔଷଧଟିକୁ ବଦଳାଇ ଦିଅନ୍ତୁ ।

ଅଭିଜିତ୍ ବାବୁଙ୍କ ମୁହଁକୁ ତଟସ୍ଥ ହୋଇ ଚାହିଁଲେ ଡକ୍ଟର ଦେ । ବାପାଙ୍କ ମୁହଁକୁ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଥିଲେ ସଂଜୟ ଓ ଅନିମା । ଦୀର୍ଘ ତିରିଶି ବର୍ଷର ଗବେଷଣା

Digitized by srujanika@gmail.com

ଓ ଚିକିତ୍ସା କାଳ ମଧ୍ୟରେ ଏମିତି ପରିସ୍ଥିତିର ସମ୍ମୁଖୀନ ହୋଇନଥିଲେ ଡକ୍ଟର । ଏତେ କମ ଦାମର ମାତ୍ର ଗୋଟିଏ ଔଷଧ ଲେଖିବା ପରେ ବି ଏ ପ୍ରକାର ଅନିଚ୍ଛାର କାରଣ ଖୋଜି ପାଉନଥିଲେ । ନିଜ ପାଖରେ ନିଜେ ଯେମିତି ଅବିଶ୍ୱସ୍ତ ହୋଇ ପଡିଲେ । ପୁଣିଥରେ ନିଜ ଲେଖା କାଗଜଟିକୁ ଦେଖିନେଲେ । କୁନ୍‌ମୁନ୍‌ର ମୁହଁକୁ ଚାହିଁଲେ । ଏପରି ସଙ୍କଟାପନ୍ନ ଅବସ୍ଥାରେ ଥିବା ତଥା ଏକ ସୁନିଶ୍ଚିତ ମୃତ୍ୟୁ କବଳରୁ ଛୁଆଟାକୁ ରକ୍ଷା କରିବାକୁ ଠିକ୍ ଔଷଧ ସେ ଲେଖିଥିବାର ପରଖି ନେଲେ ।

ଡାକ୍ତରଙ୍କ ସାମନାରେ ଥର ଥର ଦେହ ଓ ପ୍ରକମ୍ପିତ ଓଠରେ ଠିଆ ହେଇଛନ୍ତି ଅଭିଜିତ୍ ବାବୁ । ଶ୍ୱଶୁରଙ୍କର ଏ ପାଗଳାମି ଦେଖି ନିର୍ବାକ ପାଲଟି ଯାଉଥିଲା ଅନିମା । ସଂଜୟ ଚୁପ୍ ହୋଇ ଠିଆ ହେଇଛନ୍ତି । ଯେମିତି ରୋଗାକ୍ରାନ୍ତ କୁନ୍‌ମୁନ୍‌ର ଜୀବନକୁ ନେଇ ତା ଶ୍ୱଶୁର ଗୋଟାଏ ଅଖାଡୁଆ କଥା ବାହାର କରୁଛନ୍ତି, ତାର କିଛି ବି ପ୍ରଭାବ ପଡୁନାହିଁ ସଂଜୟ ଉପରେ ।

କୁନ୍‌ମୁନ୍‌କୁ ଆସନ୍ନ ମୃତ୍ୟୁରୁ ବଞ୍ଚେଇବା ପାଇଁ ଠିକ୍ ଔଷଧଟି ଲେଖିଥିବା ଡଃ ଦେ ଖାଲି ଆଶ୍ଚର୍ଯ୍ୟ ହୋଇ ଅଭିଜିତ୍ ବାବୁଙ୍କ ଅପ୍ରାସଙ୍ଗିକ ଅନୁରୋଧର କାରଣ ପଚାରି ବସିଥିଲେ ।

କଣ କହିବେ କହିବେ ହେଇ ଗୋଟିଏ ସ୍ଥାନରେ ଠିଆ ହେଇ ଭୁଶୁଡି ପଡୁଥିଲେ ଅଭିଜିତ୍ ବାବୁ । ନିଜ ବିବାହର ଛଅବର୍ଷ ଭିତରେ ନିଜ ଶ୍ୱଶୁରଙ୍କ ପରି ଜଣେ ଏତେ ଟାଣୁଆ ଲୋକ ଏମିତି ଭାଂଗି ଖଣ୍ଡ ଖଣ୍ଡ ହେଇଯିବାର କେବେ ଦେଖିନଥିଲା ଅନିମା ! ଡକ୍ଟରଙ୍କୁ ଚାହିଁ କହିଲେ ଅଭିଜିତ ବାବୁ, ଏ ଔଷଧ ବଦଳାଇ ଦିଅନ୍ତୁ ସାର୍ ! ଏଇଟା ମୋ ଅଣ୍ଡରଗ୍ରାଉଣ୍ଡ ଫ୍ୟାକ୍ଟ୍ରିରେ ଅପମିଶ୍ରଣ କରାଯାଉଛି । ଏଥିରେ ଔଷଧ ମାତ୍ର ପାଞ୍ଚଭାଗ ଆଉ ପଞ୍ଚାନବେ ଭାଗ ଆଜେ ବାଜେ ସଲଟ୍ କମ୍ପୋଜିସନ, କିଛି ଡିଷ୍ଟିଲ ୱାଟର ଓ ଫିଲର ମ୍ୟାଟେରିଆଲ୍ । ନିଜ ସିଟ୍‌ରେ ବସି ଥରି ଉଠିଲେ ଡାକ୍ତର । ଗୋଟାଏ ସଇତାନ୍‌ର ଜମାନବନ୍ଦୀ ପରି ଅଭିଜିତ୍ ବାବୁଙ୍କ ପାଟିରୁ ବାହାରି ପଡିଥିବା କଥାରେ ନିଜକୁ ବିଶ୍ୱାସ କରିପାରିଲା ନାହିଁ ଅନିମା । ଆଖି ଦିଇଟା ତାର ଅସ୍ୱାଭାବିକ ଭାବରେ ବଡ ହେଇଗଲା ।

କେତେ କେତେ ଡାକ୍ତରଙ୍କୁ ବଦନାମ କରିବା ସହିତ ଲକ୍ଷ ଲକ୍ଷ ଶିଶୁ ଅପମୃତ୍ୟୁ ଓ ଦିନକୁ ଦିନ ଔଷଧ ବିରୁଦ୍ଧରେ ରୋଗର ପ୍ରତିରୋଧ ଶକ୍ତି ବଢାଇ ବିଭିନ୍ନ ଶିଶୁରୋଗକୁ ଅସାଧ ଓ ଦୁରାରୋଗ୍ୟ କରି ଦେଉଥିବା ଜଣେ ସଇତାନକୁ କି ଭାଷାରେ କଣ କହିବେ, କିଛି ମୁଣ୍ଡ କାମ କରୁ ନଥିଲା ତାଙ୍କର । ନିକଟସ୍ଥ ପୋଲିସ ଷ୍ଟେସନକୁ ଫୋନ୍ କରିବେ, ନା ନିଜ ତରଫରୁ ଗୋଟାଏ କେଶ୍ ଦାଏର୍ କରିବେ; କିଛି ବି କରିବାକୁ ଯେମିତି ସେ ଅସମର୍ଥ ହେଇ ପଡୁଥିଲେ । ଆଗରୁ କେବେ ନିଜକୁ ଏତେ ଅସହାୟ ଅନୁଭବ କରିନଥିଲେ ଡକ୍ଟର । ଏ ଦୁନିଆର ସଫା ଅନ୍ଧାର ଭିତରେ ଅନେକ ସଇତାନ ଲୁଚି ରହିଥିବା ସମସ୍ତେ ଜାଣନ୍ତି; ମାତ୍ର ସେମାନଙ୍କ ଭିତରୁ ଜଣକୁ ସାମନା

Digitized by srujanika@gmail.com

କରିବା ଯେ କେତେ କାଠିକର ପାଠ । ମୁଣ୍ଡ ତଳକୁ କରି କିଛି ଭାବି ହେଲେ ଡକ୍ଟର ଦେ ।

ଫାକ୍ଟ୍ରି ନାଁରେ ନିଜ ଶୋଇବା ଘରର ତଳେ ଅଣ୍ଡ ଗ୍ରାଉଣ୍ଡ ଘର ହୋଇ ଶିଶୁଖାଦ୍ୟ, ଔଷଧ ସବୁକୁ ଅପମିଶ୍ରଣ କରି ସ୍ଲୋ ପଏଜନ୍‌ରେ ପରିଣତ କରୁଥିବା ଶ୍ୱଶୁର ଓ ସ୍ୱାମୀଙ୍କର ମୁହଁ ଚାହିଁବାକୁ ବି ଘୃଣା ଲାଗୁଥିଲା ଅନିମାକୁ । ତାକୁ ଲାଗୁଥିଲା ଯେମିତି ଗଣ ଶିଶୁହତ୍ୟାର ସତ୍କାର ହେଇ ପାରୁନଥିବା ଶବମାନଙ୍କର ତୂଳୀତଳ୍ପ ଶେଯରେ ସେ ଶୁଏ । ଶିଶୁ ଚମଡାରେ ତିଆରି ଦାମୀ ଶାଢ଼ି ସେ ପିନ୍ଧେ । ଶିଶୁ ହାଡ଼ର ତାରକସି ଗହଣାରେ ସଜେଇ ହେଇ, କ୍ରୋଡ଼ପତି ଶ୍ୱଶୁରଙ୍କ ବୋହୂ ହେଇ ଗୋଟାଏ ଧନାଢ୍ୟ ପରିବେଶରେ ବଂଚିରହେ । ଛି ! ଛି ! ସିଏ ରହୁଥିବା ଘର ଭିତରେ ଯେ, ଗୋପନରେ ଏତେ କଥା ହେଇଯାଏ, ସେ ଜାଣିପାରେ ନାହିଁ ।

ବଡ ବିକଳ ଦୃଷ୍ଟିରେ ଡକ୍ଟର ଦେ ଚାହିଁଲେ ଅନିମାର ମୁହଁକୁ ଓ ଧୀରେ ଧୀରେ ପଲ୍‌ସରେଟ୍ ଖସି ଯାଉଥିବା କୁନ୍‌ମୁନ୍‌ର ନିରୀହ ମୁହଁ ଓ ଢୁଲୁଢୁଲୁ ଆଖି ଦୁଇଟିକୁ । ଅଭିଜିତ ବାବୁଙ୍କ ପ୍ରଭାବ ଓ ଗୁଡ୍‌ୱିଲରେ ଅନ୍ୟ କୌଣସି କମ୍ପାନୀ ମଧ୍ୟ ସେଇ ଏକା କମ୍ପୋଜିସନର ଔଷଧ ପ୍ରସ୍ତୁତ ନକରିବା ଥିଲା ଆଉ ଏକ ଆଭିଜାତ୍ୟର ଘୃଣିତ କାହାଣୀ ।

ପୁନଃ ଡକ୍ଟରଙ୍କ ନିର୍ଦ୍ଦେଶରେ କୌଣସି ବିକଳ୍ପ ନଥିବା ସେଇ ଇନ୍‌ଜେକସନ୍‌ଟିକୁ ହିଁ ଆଣି ତାଙ୍କ ହାତକୁ ବଢେଇ ଦେଇଥିଲେ ସଂଜୟ । ଡକ୍ଟର ସୁକୁମାର ଦେ ସିଲ୍ ଭାଙ୍ଗି ସିରିଞ୍ଜ ଭିତରକୁ ଶୋଷେଇ ନେଉଥିଲେ ଇନ୍‌ଜେକସନ । ନିଜ କୋଳ ଉପରେ କୁନ୍‌ମୁନ୍‌କୁ ପେଟେଇ ଶୋଇଦେଇଥିଲା ଅନିମା । ଇନ୍‌ଜେକସନ୍ ଦେବା ପୂର୍ବରୁ ଅନିମାର ଲୁହ ଡବଡବ ଆଖି ଦୁଇଟିକୁ ଅତି ଅସହାୟ ଭାବରେ ଚାହିଥିଲେ ଡକ୍ଟର । କୁନ୍‌ମୁନ୍‌ର ବିଚାରେ ଇନ୍‌ଜେକ୍‌ସନ୍‌ଟି ଫୋଡିଦେଇ୍ କହିଲେ, ଏଥର ଈଶ୍ୱରଙ୍କୁ ଡାକ ।

■■■

Digitized by srujanika@gmail.com

ଲୁଚିବାକୁ ଜାଗା

ମନ ଭଲ ନଥିଲେ, ଦେହ ହୁଏତ ଭଲ ଥାଇପାରେ; କିନ୍ତୁ ଦେହଥରେ ଅସୁସ୍ଥ ହେଲେ ମନ ଭଲ ରହେନା । ମନରେ ବ୍ୟଥା ହୁଏ । ଦୁର୍ବଳତାରେ ମଣିଷଟିଏ ଝୁରିହୁଏ ତା'ର ସୁସ୍ଥ ଶରୀରର ଶୌର୍ଯ୍ୟ, ବିର୍ଯ୍ୟ ଓ ଚଳଚଞ୍ଚଳ ମଧୁମୟ ଦିନଗୁଡ଼ିକୁ । ରୋଗୀଟିଏ ରୋଗଶଯ୍ୟାରେ ଆନ୍ଦୋଳିତ ହୁଏ, ଏହି ଦୁର୍ବଳ ମାନସିକତାରେ । ବୃଦ୍ଧ ଖୋଜେ ତାର ଚପଳ କୈଶୋର, ବୟସ୍କ ମହିଳାଟିଏ ପଛମୁହାଁ ହେଇ ଭାବୁଥାଏ ଆଉ ଥରେ ଫେରି ଆସନ୍ତା କି ତା'ର ନହୁଲି ଯୌବନର ମହୁଲି ବସନ୍ତ ! ଏସବୁ ଖିଆଲି ଚିନ୍ତା ଅତିମାତ୍ରାରେ ମନସ୍ତାତ୍ତ୍ୱିକ । କେହି ଜାଣି ଜାଣି ପଛକୁ ଚାହେଁନାହିଁ । ପଛକୁ ତାର ଚାହିଁ ହେଇଯାଏ । ମାତ୍ର ସବୁ ଭୁଲ ମଣିଷର ହେଇଯାଇ ନଥାଏ; ଅନେକାଂଶରେ ସେ ଭୁଲ୍ ହିଁ କରିଥାଏ । ଏ ଆନ୍ଦୋଳନ ତ ସ୍ୱତଃ ଆବୋରିଥାଏ ମଣିଷର ମନକୁ; ଅବିନାଶ ବା ସେଥିରୁ ବାଦ ଯାଇଥାନ୍ତା କିପରି ?

ଅବିନାଶ ମିଶ୍ର । ବୟସ ଚାଳିଶି ପାଖାପାଖି । ପିଲାଟି ଦିନରୁ କେବେ ଡାକ୍ତରଖାନାର ମୁହଁ ଚାହିଁନଥିବା ଅବିନାଶ ଏଇ ଛଅମାସ ହେଲା ଏ ଡାକ୍ତରଖାନାରୁ ସେ ଡାକ୍ତରଖାନା, ବିଭିନ୍ନ ପ୍ରକାର ରକ୍ତ, ମଳ, ମୂତ୍ର, ପରୀକ୍ଷା କରି କରି ଆକ୍ତାମାକ୍ତା ହେଇପଡ଼ିଲାଣି । ଛଅମାସ ହେଲାଣି ଅବିନାଶ ଅସୁସ୍ଥ । ଜ୍ୱର ବାନ୍ତି ଲାଗି ରହିଛି । ତାପମାତ୍ରା ସଂପୂର୍ଣ୍ଣ କମିଯାଉନି ଦେହରୁ । ସବୁ ସହିବାର ଶକ୍ତି ଯେମିତି ହଜିଗଲାଣି ତା'ର ସ୍ୱାସ୍ଥ୍ୟ କେତେ ଭଲ ଥିଲା ଆଉ ସ୍କୁଲ ବେଳରୁ ସାଙ୍ଗମାନେ ତାକୁ କେମିତି ପହଲିମ୍ୟାନ୍ କହି ଚିଡ଼ାଉଥିଲେ, ସେ ସବୁ ମନେ ପଡ଼ିଯାଉଥିଲା । ତା ଅପେକ୍ଷା ଓ ଭାବନାରେ ପୂର୍ଣ୍ଣଚ୍ଛେଦ ପକେଇ ଆସିଲେ ଡକ୍ଟର ଗୁପ୍ତା । ଚାରିଦିନ ତଳେ ଡକ୍ଟର ଗୁପ୍ତା ତା'ର ରକ୍ତ ନେଇଥିଲେ ପରୀକ୍ଷା କରିବା ପାଇଁ । ଆଜି ପୁଣି ଆଉ ପୁଳାଏ ଔଷଧ କିଣିବାକୁ ପଡ଼ିବ ତାକୁ । ଡକ୍ଟର ଗୁପ୍ତାଙ୍କର ରିପୋର୍ଟ କିଛି ସାଇତି ରଖିବାକୁ ପଡ଼ିବ । ବେଳେବେଳେ ମନଟା ତା'ର ବିଦ୍ରୋହ କରିଉଠେ । ଭାବେ, ଡାକ୍ତରର ତଣ୍ଟିଟା ଧରି ପଚାରିବ, "ଆବେ ଶଳା, ଭଲ କରିପାରୁନା ମତେ ଆସି ଏତେଦିନ ହେଲାଣି, କି ଡାକ୍ତରୀ ପାଠ ପଢ଼ିଛ ବେ ?"

ପିଅନ ହାତରେ ଡକ୍ଟର ଗୁପ୍ତା ଡକେଇଲେ ଅବିନାଶକୁ । ରୋଗ ଓ ରିପୋର୍ଟ ସଂପର୍କରେ ଆଲୋଚନା ନ କରି ସେଦିନ ଅବିନାଶର ପାରିବାରିକ ଜୀବନ ସଂପର୍କରେ ସେ କେତେ କଥା ପଚାରିଥିଲେ । ସ୍ତ୍ରୀ ସହିତ ଅବିନାଶଙ୍କର ଏବେ କେମିତି କଟୁଛି

Digitized by srujanika@gmail.com

ଦାମ୍ପତ୍ୟ ଜୀବନ । ପିଲାପିଲି କେତୋଟି ଓ କେତେ କେତେ ବଡ଼ ହେଲେଣି ସେମାନେ । ଡକ୍ଟର ଗୁପ୍ତା ତାଙ୍କ ନିଜ ବିଷୟରେ ମଧ୍ୟ ଅନେକ କଥା କହିଚାଲିଥିଲେ, ନିହାତି ଭାବପ୍ରବଣ ହୋଇ । ଜଣେ ଡାକ୍ତରକୁ ଏତେବେଶି ଭାବପ୍ରବଣ ହେବାର କେବେ ଦେଖିନଥିଲା ଅବିନାଶ । ଭାବପ୍ରବଣତାରେ କମିଯାଇଥିଲା ମନର ଦୂରତା । ସେମାନେ ଭୁଲିଯାଇଥିଲେ, ଜଣେ ଡାକ୍ତର ଓ ଆଉ ଜଣେ ରୋଗୀ । କଥା ପ୍ରସଙ୍ଗରେ ଡକ୍ଟର ଗୁପ୍ତା, ସହଧର୍ମିଣୀଙ୍କ ବ୍ୟତୀତ ଆଉ କେବେ କାହା ସହିତ ଦୈହିକ ସଂପର୍କ ଥିବା କଥା ମଧ୍ୟ ପଚାରିଥିଲେ ।

ଏମିତି ପ୍ରଶ୍ନଟେ ପୁଣି ବଡ଼ ବଡ଼ ହେଇଗଲା ଅବିନାଶର ଆଖି ଦି'ଟା । ହଠାତ୍ ସନ୍ଦେହର ବୁଢ଼ୀଆଣି ଜାଲ ଭିତରେ ଛନ୍ଦି ହେଇପଡ଼ିଲା ଅବିନାଶ । 'ଆପଣ କାହିଁକି ମତେ ଏତେ କଥା ପଚାରୁଛନ୍ତି ?' ହଠାତ୍ ଅବିନାଶର ସ୍ୱରଟା ରୁକ୍ଷ ଶୁଭିଲା । "ମୋର ସେମିତି କେବେ କାହା ସହିତ ସଂପର୍କ ନାହିଁ ବା ନଥିଲା ମଧ୍ୟ ।" ପୁଣି ଥରେ ଡାକ୍ତର ଗୁପ୍ତା ପଚାରିଲେ, "ଆଚ୍ଛା, ଅବିନାଶ ବାବୁ ! ଆପଣ କେବେ କାହାକୁ ରକ୍ତ ଦେଇଛନ୍ତି ବା ନେଇଛନ୍ତି କିମ୍ବା ଏଇ ପାଞ୍ଚ ଦଶବର୍ଷ ଭିତରେ, ଏମିତି କେବେ ହେଇଛି କି, କୌଣସିଠାରେ ବିଶୋଧିତ ହୋଇନଥିବା ଛୁଞ୍ଚିରେ ଆପଣ ଇନ୍‌ଜେକ୍ସନ ନେଇଛନ୍ତି । ସେମିତି କିଛି ମନେ ପଡୁଛି ?" ଅବିନାଶ ସ୍ପଷ୍ଟ ମନା କରିଦେଲା ଯେ ସେମିତି କେବେ ବି କିଛି ହେଇନି ତା'ର । ଏମିତି କେବେ କୌଣସି କାରଣରୁ ସେ ଅସୁସ୍ଥ ହୋଇ ଇଞ୍ଜେକ୍ସନ ନେଇନାହାନ୍ତି ମଧ୍ୟ । ଅବିନାଶର କଣ୍ଠ ଥରୁଥିଲା । ଡରି ଡରି ପଚାରିଲା, "କୁହନ୍ତୁ ତ ଡକ୍ଟର; କଣ ହେଇଛି ମୋର" ।

ସ୍ଥିର ଓ ଧୀର ସ୍ୱରରେ ଡକ୍ଟର କହିଲେ "ଦେଖନ୍ତୁ ଅବିନାଶ ବାବୁ, ଆପଣଙ୍କ ବ୍ଲଡ୍ ସାମ୍ପୁଲକୁ ଆମେ ଏଚ୍.ଆଇ.ଭି. ଟେଷ୍ଟ କରୁଥିଲୁ । ପ୍ରାଥମିକ ରିପୋର୍ଟରୁ ଏହା ପଜିଟିଭ୍ ବାହାରିଛି । ମାତ୍ର ଆପଣଙ୍କଠାରୁ ସବୁକଥା ଶୁଣିବା ପରେ ମୁଁ ସନ୍ଦେହରେ ପଡ଼ିଯାଇଛି । ଆଜି ମତେ ଆଉଥରେ ପରୀକ୍ଷା କରିବାକୁ ପଡ଼ିବ । ଏମିତି ସ୍ଲାଇଡ୍, ମୁଁ ଏଠାରେ ପ୍ରଥମ ଦେଖୁଛି । ଆପଣ ତାହେଲେ କାଲି ଆସନ୍ତୁ ଅବିନାଶବାବୁ । ରିପୋର୍ଟ ସମ୍ବନ୍ଧୀୟ ଆଉ ଟିକେ କଂକ୍ରିଟ୍ ତଥା କ୍ଲିଅର ପିକ୍‌ଚର ମିଳିଯିବ ।"

ଅବିନାଶ ଫେରୁଥିଲା ଡକ୍ଟର ଗୁପ୍ତାଙ୍କ କ୍ଲିନିକ୍‌ରୁ । ବଳ ପାଉ ନଥିଲା ବାଟ ଚାଲିବାକୁ । ଡକ୍ଟରଙ୍କ ଶେଷ କେତେପଦ କଥା ଶିଥିଳ କରି ଦେଇଥିଲା ତାର ହାତଗୋଡ଼କୁ । ଆଗକୁ ବଢୁନଥିଲା ତାର ଅବଶ ପାଦ । ତା ଆଗେ ଆଗେ ଆଉ ଗୋଟାଏ ଅବିନାଶ ଦୌଡୁଥିଲା ଭୟରେ । ପଛକୁ ମୁହଁ ବୁଲେଇ ତାକୁ କହୁଥିଲା, "ଅବିନାଶ ମିଶ୍ର ! କେତେଦିନ ଆଉ ଡାକ୍ତରଙ୍କୁ ମିଛ କହିବୁ । ଏଚ୍.ଆଇ.ଭି. ପଜିଟିଭ୍ ବାହାରିଛି ତୋ ରକ୍ତରୁ ! ତା' ମାନେ ତତେ ଏଡ୍‌ସ ହେଇଛି ଅବିନାଶ ।"

ଅବିନାଶର ମୁଣ୍ଡ କ'ଣ ହେଇଗଲା । ରାସ୍ତାକଡ଼ କଲଭଟ ଉପରେ ସେ ବସିପଡ଼ିଲା କିଛିକ୍ଷଣ । ଟିଉବ୍ ୱେଲ୍ ମାଡ଼ି ମୁହଁ ଧୋଇଲା । ଫେରିଆସିଲା ତା ଫରେଷ୍ଟ ରେଞ୍ଜଅଫିସ୍ ପାଖ ଛୋଟିଆ ଭଡ଼ା ଘରକୁ । ସେଇଠି ଅଧିକାଂଶ ସମୟରେ ଏକୁଟିଆ

Digitized by srujanika@gmail.com

ରହେ ଅବିନାଶ । ସ୍ତ୍ରୀ ଓ ଛୋଟ ପୁଅଝିଅ ଦି'ଟା ରୁହନ୍ତି ଗାଁ'ରେ, ସହରଠାରୁ ପ୍ରାୟ ଚାଳିଶ କିଲୋମିଟର ଦୂରରେ । ସବୁ ଶନିବାର ରବିବାର ଯାଇ ଗାଁ'ରୁ ବୁଲିଆସେ ଅବିନାଶ ।

ଚାଲି ଚାଲି ତାର ସେ ଛୋଟିଆ ଭଡ଼ାଘର ପାଖରେ ପହଞ୍ଚିଲା । ଭାରି ଭୋକ ଲାଗିଲା ତାକୁ । ପାଖ ନନ୍ନା ହୋଟେଲରେ ଖାଇଦେଇ ଆସି ଶୋଇପଡ଼ିଲା ନିଦ ହେଲାନାହିଁ । ସେମିତି ପଡ଼ିରହିଲା ଖଟରେ ।

ସମୟ ସୂଅରେ ପହଁରୁ ପହଁରୁ ନିଜ କଲାକର୍ମର ଜଳଭଉଁରିଟା ତାକୁ ଟାଣିନେଉଥିଲା ତିନିବର୍ଷ ପଛକୁ, ସୁକର ପଡ଼ାର ଡାକ ବଙ୍ଗଳାକୁ । ଯେଉଁଠି ଅନେକଦିନ କଟେଇଥିଲା ସିଏ । ସେଇଠି ରହି ଗନ୍ଧମାର୍ଦ୍ଦନର କ୍ଷୟପ୍ରାପ୍ତ ବନ୍ୟ ସଂପଦ ସଂପର୍କୀୟ ତଥ୍ୟ ସଂଗ୍ରହ କରୁଥିଲା । ନିଇତି ସଂଧ୍ୟା ହେଲେ ଡାକ ବଙ୍ଗଳାକୁ ଶୁକୁଟା ଚୌକିଆ ଆସେ । ଅବିନାଶର ଫରମାସୀରେ କୁକୁଡ଼ା କାଟେ । କୁକୁଡ଼ାମାଂସ ସାଙ୍ଗକୁ କେତେବେଳେ ଅବିନାଶର ବିଦେଶୀ ବୋତଲରେ ଭାଗ ବସାଏ ଶୁକୁଟା ତ, କେତେବେଳେ ଶୁକୁଟାର ଦେଶୀ ମହୁଲିକୁ ଢକ୍ ଢକ୍ କରି ପିଇଯାଏ ଅବିନାଶ । ଅବିନାଶ ଥରେ ପି'ଦେଲେ ଆଖି ଲାଲ ଲାଲ କରି କଣ ସବୁ ଇଂରାଜୀରେ ଗପେ ଯେ, ଡରିଯାଏ ଶୁକୁଟା । ରାତି ଗଭୀର ହେଲେ ଶୁକୁଟାକୁ ଡାକି କହେ, "ଆବେ ଶୁକୁଟା; ସୁକରପଡ଼ାରୁ ଗୋଟାଏ ସୁନ୍ଦରିଆ ଝିଅଟେ ଆଣିବୁ ଯା' !" ଶୁକୁଟା ବାଧ୍ୟ ହୋଇ ବୋଲ କରେ ଓ ଅବିନାଶଠାରୁ ଢେର୍ ବକ୍‌ସିସ୍ ପାଏ ।

ଥରେ ଶୁକୁଟା ଆଣିଥିବା ଗୋଟା ଝିଅର କଥା ମନେପଡ଼ିଲା ତାର । ଝିଅଟା ଅବିନାଶକୁ ଦେଖି ଡରିଗଲା । ଡରି ଡରି କହିଲା- "ନା ବାବୁ, ଆମ ବସ୍ତିରେ ଆମେ ଆଉ ସେ ଧନ୍ଦା କରୁନୁ । ଆଗରୁ ସେ ସବୁ ଘରେ ଘରେ ଥିଲା । ନ ଡାକିଲେ ବି ଆପେ ଆପେ ଆମେ ଆସୁଥିଲୁ । ଭଲ ଦି' ପଇସା ରୋଜଗାର ହେଉଥିଲା । ଆଜି ମତେ ଶୁକୁଟା ଜବରଦସ୍ତ କରି ଆଣିଛି । ହେଲେ ତୁ କି ଜାଣିବୁ ବାବୁ, ଚାରି ଛ'ମାସ ତଳେ ଆମ ଗାଁ'କୁ ଡାକ୍ତରମାନେ ଆସି କେମ୍ପ କରି ରହିଲେ । ଘରେ ଘରେ ପଶି ବୁଝେଇଲେ । ରକ୍ତ ପରୀକ୍ଷା କଲେ । ପ୍ରାୟ ଆମ ଗାଁର ସବୁ ଲୋକଙ୍କୁ କ'ଣ ଗୋଟାଏ ରୋଗ ଥିବାର ସନ୍ଦେହ କଲେ । ଘରେ ଘରେ ଟଙ୍କା ବଣ୍ଟା ହେଲା । ଡବଲ ମଜୁରୀରେ ଆମ ଗାଁ ଲୋକଙ୍କୁ କାମ ମିଳିଲା । ଆମେ ସବୁ ସେଇ ଦିନୁଠୁ ଏ ଧନ୍ଦା ଛାଡ଼ି ଦେଇଚୁ ବାବୁ ।"

ଲାଲ୍ ଲାଲ୍ ଦିଶୁଥିଲା ଅବିନାଶରେ ଆଖି । ସେ ଜବରଦସ୍ତି କଲା । ପୁଣି ଝିଅଟା କହିଲା, "ଜବରଦସ୍ତି କରନା ବାବୁ; ଆମେ ତ ବଣ ମୂଳକ ଲୋକ । ଚେରମୂଳି ଖାଇ ପେଟ ସଫା କରିଦେବୁ । ହେଲେ ରୋଗଟା ତୋ ଦେହକୁ ଡେଇଁଯିବ ବାବୁ । କିଛି ମାନି ନଥିଲା ଅବିନାଶ । ସେଇଥର ହିଁ ଶେଷଥର, ସେ ଗୋଟାଏ ଦିନ ପାଇଁ ଯାଇଥିଲା ସୁକରପଡ଼ା, ଅନେକଦିନ ପରେ ପାଇଥିଲା ଗୋଟାଏ ରଙ୍ଗିନ୍ ରାତି । ଅନେକ ବର୍ଷା ପରେ ଉଦାସ ଆକାଶର ଇନ୍ଦ୍ରଧନୁ ପରି, ସେ ଝିଅଟାକୁ ନେଇ ନିଜ ଦେହସାରା ବୋଳି ହେଇଥିଲା ସାତ ରଙ୍ଗର ମହକ ।

Digitized by srujanika@gmail.com

ରାତି ପାହିବା ଆଗରୁ ଶୁକୁଟା ସେ ଝିଅଟାକୁ ନେଇ ଛାଡ଼ି ଆସିଥିଲା ତା ବସ୍ତିରେ । ପ୍ରାୟ ତିନିବର୍ଷ ହେଲାଣି ଅବିନାଶ କେବେ ଆଉ ସୁକରପଡ଼ାର ଡାକବଙ୍ଗଳାକୁ ଯାଇନି, ହେଲେ ଡାକବଙ୍ଗଳାର ଅନେକ ପୁରୁଣା ରାତି ତା ରକ୍ତ ମାଂସରେ ରୋପି ଦେଇଛି ଏଡ଼୍ସର ମଞ୍ଜି ।

ସମ୍ବିତ୍ ଫେରିପାଇଲା ଅବିନାଶ । ଭୟରେ ଖଟ ବାଡ଼କୁ ଜାବୁଡ଼ି ଧରିଲା । ବନ୍ଦ ଝରକାର କ୍ଷୁଦ୍ର ଫାଙ୍କ ଦେଇ ସୁ-ସୁ ପବନ ପଶିଆସୁଥିଲା ଘର ଭିତରକୁ । ଯା ଭିତରେ ରାତି ହେଇ ଯାଇଥିଲା । ଅବିନାଶ ଆଉ ରାତିରେ ଖାଇବା ପାଇଁ ଘର୍ ବାହାରିନି । ଦୁଇଚାରିଦିନ ପୂର୍ବରୁ ତା ସ୍ତ୍ରୀ ମନ୍ଦାକିନୀ ଲେଖିଥିବା ଖଣ୍ଡେ ଚିଠି ଉପରେ ତା'ର ନଜର ପଡ଼ିଗଲା । ଏଇ କେତେ ସପ୍ତାହ ହେଲା ସେ କାହିଁକି ଘରକୁ ଯାଇନି ଏବଂ ତାର ଦେହ ଭଲ ନଥିଲା ବୋଲି ସେ ଖାଉଥିବା ଔଷଧ ସବୁରେ ତାର ଦେହ ଭଲ ହେଲାଣି ନାଁ ନାହିଁ, ତଥା ଡାକ୍ତର୍ ତା ରୋଗ ବିଷୟରେ କ'ଣ କହୁଛନ୍ତି ଇତ୍ୟାଦି ଇତ୍ୟାଦି । ମନ୍ଦାକିନୀର ମୁହଁଟା ମନେ ପଡ଼ିଯିବାରୁ ତା' ଆଖି ଲୁହ ଛଳ ଛଳ ହେଲା । ମନ୍ଦାକିନୀକୁ କିପରି ମୁହଁ ଦେଖେଇବ ଭାବିଲା ଅବିନାଶ ଅବା ମନ୍ଦାକିନୀକୁ ଆଡ଼େଇ ଆଡ଼େଇ କେଉଁଠି ସେ ରହିପାରିବ ? ବିଛଣାରେ ସେମିତି ପଡ଼ିରହିଥିଲା । ଅନ୍ଧାରରାତିର ଭୂତଟେ ତା ଗର୍ଦ୍ଦନ ଉପରେ ବସି କହୁଛି—ଏଡ଼୍ସ-ଏଡ଼୍ସ-ତତେ ଏଡ଼୍ସ ହେଇଛି ଅବିନାଶ, ମୃତ୍ୟୁ ତୋର ଅବଶ୍ୟମ୍ଭାବୀ ।

ଉଠି ବିଛଣାରେ ବସିଲା ଅବିନାଶ । ଭାବିଲା, ଆଉ କାହିଁକି ପରୀକ୍ଷା କରିବ ଡକ୍ଟର ଗୁପ୍ତା । ମତେ ଏଡ଼୍ସ ହିଁ ହେଇଛି । ଆଉ ଥରେ ଡକ୍ଟର ଗୁପ୍ତାଙ୍କୁ ସମ୍ମୁଖୀନ ହେବାର ସାହସ ନଥିଲା ତାର । ଭାବିଲା ରାତି ପାହିଲା ବେଳକୁ ଯାଇ ଟ୍ରେନ୍ ଧରିବ । କୁଆଡ଼େ ଯିବ ?? ହଁ, ସେ ଯିବ ପୁରୀ, ବୃନ୍ଦାବନ, ରାମେଶ୍ୱରମ୍ ବଦ୍ରିନାଥ ଏମିତି କେତେକ'ଣ । ବୁଲି ବୁଲି କହିବ ଠାକୁରଙ୍କୁ "ମୁଁ ପାପ କରିଛି ଠାକୁର୍, ମତେ ଏଇଥରକ କ୍ଷମା କରିଦିଅ । ମତେ ମୃତ୍ୟୁ ଦିଅନା ଠାକୁର ମତେ ବଞ୍ଚିବାକୁ ଦିଅ । ପ୍ରୟାଗରେ ପବିତ୍ର ବୁଡ଼ ପକେଇ ତା ଦେହରୁ ଏଡ଼୍ସ ଭୂତାଣୁ ଗୁଡ଼ାକୁ ସଫା କରିଦେବ ଅବିନାଶ ।

ସକାଳର ଖରା ମାଟି ଛୁଇଁଲା ବେଳକୁ ପାଗଳ ପ୍ରାୟ ହେଇ ପ୍ଲାଟଫର୍ମ ଆଡ଼େ ଧାଉଁଥିଲା ଅବିନାଶ । ଦେଖିଲା ପ୍ଲାଟଫର୍ମରେ ଗୋଟାଏ ଖବରକାଗଜ ବିକାଳୀକୁ ଘେରିଛନ୍ତି ଥୋଡ଼େ ଲୋକ । ଚିତ୍କାର କରି କରି ସେ ଖବରକାଗଜ ବିକୁଥିଲା । ରହି ରହି ପଢୁଥିଲା ସେଦିନ ତା ପ୍ରଥମ ପୃଷ୍ଠାରୁ ରୋମାଞ୍ଚକାରୀ ସମ୍ବାଦ "ଗୁପ୍ତା କ୍ଲିନିକ୍‌ରେ ପ୍ରଥମ ଏଡ଼୍ସରୋଗୀ ଚିହ୍ନଟ; ଏଡ଼୍ସ ଆସିଛି-ସାବଧାନ ସାବଧାନ ।"

ଅନତି ଦୂରରୁ ଖବରକାଗଜବାଲାର ଏ ଚିତ୍କାର ଶୁଣି ଭୟରେ କେଉଁଠି ଟିକେ ଲୁଚିଯିବାକୁ ଜାଗା ଖୋଜୁଥିଲା ଅବିନାଶ ।

■■■

Digitized by srujanika@gmail.com

ଝିଅ

ପାଣି ଗ୍ଲାସେ ପାଇଁ ବାପା ଡାକ ପକେଇଛନ୍ତି । ପ୍ରଥମ ଥର ପାଇଁ ଆଶା ଶୁଣିଲା ଯେ, ବାପା ତା ନାଁ ଧରି ଡାକୁଛନ୍ତି । ଆଶା... ଆଶା; ପାଣି ଗିଲାସେ ଆଣିଲୁ ।

ଆଶାର ମୁହଁରେ କେମିତି ଗୋଟାଏ ବିସ୍ମୟ ମିଶ୍ରିତ ହସ, ବାପାଙ୍କ ପାଟିରେ ତା ନାଁଟି କେମିତି ତାକୁ ଅଲଗା ପଣରେ ଆପଣାର କରୁଥିଲା । ପିଲାଟି ଦିନରୁ ଆସି, ଆଜି ବାହା ସାହା ହୋଇସାରିଲାଣି; କାହିଁ କେବେ ତ ବାପା 'ଝିଅ' ବ୍ୟତୀତ କିଛି ଅଲଗା ନାଁରେ ତାକୁ ସମ୍ବୋଧନ କରି ନଥିଲେ । ବରଂ ଏଇ ଆଶା ନାଁଟି ଥିଲା ବୋଉର ଅତି ପ୍ରିୟ । ବୋଉ କଥା ଭାବିଲା ବେଳକୁ ପୁଣି ତା ଆଖି ଲୁହ ଛଳ ଛଳ ହୋଇଗଲା । ପିଲାଟି ଦିନରୁ ବାପାଙ୍କ ପ୍ରତି ତାର ଭାରି ଡର ଥିଲା । ବାପାଙ୍କୁ ଦେଖିଲେ ସିଏ ଲୁଚୁଥିଲା । ବୋଉ ଯେମିତି ଥିଲା ତାର ଗୋଟାପୁଣି ନିଜର । ବୋଉର ଦି' ଗୋଡ଼ ଭିତରେ ସିଏ ଛନ୍ଦି ହେଇପଡୁଥିଲା । ଆଲଣାରୁ ବୋଉର ଲୁଗା କାଢ଼ି ଆଣି ଘଣ୍ଟାଚକଟା କରି କନିଆବେଶ ହେଉଥିଲା; ମାଡ଼ ଖାଉଥିଲା । ହେଲେ ତା ସତସତିକା କନିଆ ବେଶ ଦେଖିବା ପାଇଁ ବୋଉ ରହିଲା ନାହିଁ । ସାମାନ୍ୟ ଜ୍ୱରରୁ ଭୀଷଣ ମୁଣ୍ଡବ୍ୟଥା ଓ ବାନ୍ତି ହେଇ ସବୁଦିନ ପାଇଁ ବୋଉ ବିଦାୟ ନେଇଗଲା ।

ବାପାଙ୍କ ସାମନାରେ ସିଝାପାଣି ଗିଲାସେ ଧରି ଆଶା ଛିଡ଼ା ହୋଇଥିଲା । ବା' ଘରର ବର୍ଷୁଟେ ପରେ ବି ବାପାଙ୍କ ପ୍ରତି ଡର ଆଦୌ ଛାଡ଼ି ନଥିଲା ତାର । ବଡ଼ ବଡ଼ ଆଖିରେ ବାପା ଚାହିଁଲେ ତାକୁ । ଆଶା ଜାଣେ, ବୋଉ କଥା ମନେ ପଡ଼ିଲେ ହିଁ ବାପା ଏମିତି ତାକୁ ବଡ଼ ବଡ଼ ଆଖିରେ ଚାହାନ୍ତି । ଏ ଜରାଜୀର୍ଣ୍ଣ ଉତ୍ତର ବୟସରେ ବି ଆଶାବୋଉର ସ୍ମୃତି ଅନେକ ସମୟରେ ତାଙ୍କ ଭିତରେ ଚେଇଁ ଉଠେ । ଦିଗୋଡ଼ ଲମ୍ବେଇ କୁନି ଝିଅକୁ ପକେଇ ତେଲ ମାଲିସ୍ କରିବାବେଳେ ସବୁବେଳେ ବୋଉ ପାଟିରୁ ବାହାରିଥିଲା ଗୋଟିଏ କଥା, ଝିଅଟା ମୋର ବାପା ମୁହାଣ୍ଡିଆ ହୋଇଛି । ବାପ ମୁହାଣ୍ଡିଆ ହେଲେ ଝିଅମାନେ ସୁଖୀ ହୁଅନ୍ତି । ମୋ ଝିଅ ବହୁତ ସୁଖୀ ହେବ, ତା ବାପକୁ ବି ସୁଖୀ କରିବ ।

ମନେ ମନେ ଭାବନ୍ତି ହରିହର ବାବୁ । ପରିହାସ ଛଳରେ ବି କହୁଥିଲେ, ଆଉ ପ୍ରଥମରୁ ଯୋଉ ପୁଅ ଦୋ'ଟି ତମେ ଜନ୍ମ କରିଚ; କଣ ସେମାନେ କରିବେ, ସୁଖୀ ନା ଦୁଃଖୀ । ଛାଡ଼ ଛାଡ଼ ! ଦି ପୁଅ ପରେ ବି ଏଇ ଝିଅଟି ପାଇଁ ସିନା ତମର ଆଶା

Digitized by srujanika@gmail.com

ଥିଲା । ହେଲେ ଜନ୍ମହେଉ ହେଉ ତା ବା'ଘର, ଯୌତୁକ ଦେବା କଥା ଭାବି ଭାବି ମୋ ମୁଣ୍ଡ ବ୍ୟଥା ହୋଇଗଲାଣି ।

ଅନେକ ଦିନର ପୁରୁଣା କଥାଗୁଡ଼ାକ ସବୁ ଗୋଟି ଗୋଟି ହେଇ ମନେ ପଡ଼ିଯାଉଥିଲା । ହରିହର ବାବୁଙ୍କର ପତ୍ନୀ ରମାଙ୍କ ଆଶା ପୂରଣ କରି ଝିଅଟି ଜନ୍ମ ହୋଇଥିବାରୁ ତା ନାଁ ଦିଆଯାଇଥିଲା ଆଶା । ଆଶାର ଉପରକୁ ଶିବଶଙ୍କର ଓ ସବାବଡ଼ ନାରାୟଣ । ସ୍ତ୍ରୀ ପିଲା ନେଇ ଉଭୟ ବାହାରେ । ନାରାୟଣ ମଧ୍ୟପ୍ରଦେଶରେ ରହେ । ବ୍ୟାଙ୍କରେ ଚାକିରି କରେ । ମଝିଆ ଶିବଶଙ୍କର ବ୍ୟବସାୟ କରେ, କଣ୍ଟ୍ରାକ୍ଟ କରେ, ହେଲେ ସେତକ ବି ଗାଁ'ରେ ନୁହେଁ, ଦିଲ୍ଲୀରେ । ଗାଁ'ର ମାଟି ଯିଏ ନ ମାଡ଼ିଲା, ବିପଦ ବେଳରେ ବାପ ସାମ୍ନାରେ ଠିଆ ହେଇ ନପଡ଼ିଲା, ସେମାନେ ସବୁ ସହରିଆ । ଭାରତ ବାହାରକୁ ନୁହେଁ; ସ୍ୱାର୍ଥର ଆଟାଚି ଧରି ଏ ପଞ୍ଚାୟତ ବାହାରକୁ ଯିଏ ବାହାରିଗଲା ସୁଖ ବୋହି ବୋହି ସେଗୁଡ଼ା ସବୁ ବିଦେଶିଆ । ଛାଡ଼ । ଥଳକୂଳ ନମାନି ଆଖି କୋଣରୁ ଉତୁରି ପଡୁଥିବା ଲୁହ ବୁନ୍ଦାମାନଙ୍କୁ ନିଜ ଗାମୁଛା କାନିରେ ଶୋଷେଇ ନେଲେ ହରିହର ବାବୁ ।

ବାପାଙ୍କୁ ନେଇ ଅନେକ ସମୟରେ ଅନେକ କଥା ଭାବେ ଆଶା । ଅନ୍ୟମନସ୍କ ହୁଏ । ମଧ୍ୟବୟସ୍କମାନଙ୍କର କ୍ରୋଧ ସେମାନଙ୍କର ଉତ୍ତର ବୟସକୁ ଏତେ ଯେ ଇମୋସନରେ ରୂପାନ୍ତରିତ ହୋଇଯାଏ, କେବେ ବି ଭାବି ପାରୁ ନଥିଲା ଆଶା । ବାପା ଥିଲେ ପ୍ରଚଣ୍ଡ କ୍ରୋଧୀ । ବାପାଙ୍କୁ ଦେଖିଲେ ବୋଉ ଡରେ । ଡରି ଡରି ବାପାଙ୍କ ପାଖକୁ ଚା ଧରିଯାଏ, ଡରି ଡରି ତରକାରୀରେ ଲୁଣ ପକାଏ । ତିଳକୁ ତାଳ କରି ବୋଉକୁ ଦୋଷରେ ପକାଇବା ଓ ତା ଉପରେ ବିରକ୍ତ ହେବା ଯେମିତି ଥିଲା ବାପାଙ୍କର ମୁଖ୍ୟ କାମ । ମାତ୍ର ବିବାହ ପରେ କେତେବର୍ଷ ଆଦ୍ୟଯୌବନ ଓ ତାରୁଣ୍ୟର ଉତ୍ସାହରେ ବାପା; ବୋଉକୁ ପ୍ରଚୁର ପ୍ରେମ କରୁଥିଲେ କି ନାହିଁ ସେ କଥା ଆଶା ଜାଣିପାରି ନାହିଁ; କାରଣ ଆଶା ଥିଲା ରମାଦେବୀ ଓ ହରିହର ବାବୁଙ୍କ ଶେଷ ସନ୍ତାନ । ଆଶାର ଖିଆଲ ଆସିବା ବେଳକୁ, ଉଭୟ ବୟସ ଓ ଝଂଝାଳକୁ ନେଇ ଚାଳିଶି ଟପି ଯାଇଥିଲେ । କିଛି ଗୋଟାଏ ପଢ଼ିବା ବେଳେ ବାପା ଓ ବୋଉ ବ୍ୟବହାର କରୁଥିବା ଚାଳିଶା ଚଷମାକୁ ଦେଖି କିର୍ କିର୍ ହେଇ ହସିବା ବ୍ୟତୀତ ଆଶାର ଆଉ କିଛି ମନେ ନାହିଁ ।

ବାପା ବୋଉଙ୍କ କଥା ଭାବିଲେ ଯୁଗ ଅନେକ ବଦଳିଲା ପରି ଆଶା ଅନୁଭବ କରେ । ଘରେ ଘରେ ବାପାମାନଙ୍କ ପ୍ରତି ବୋଉମାନଙ୍କର ଥିବା ଭୟ ପରି ଏକ ସାମାଜିକ ଶୃଙ୍ଖଳତା ଆଉ ଏବେ ନାହିଁ । ସ୍ତ୍ରୀଙ୍କୁ ଡରି ସ୍ୱାମୀମାନେ ଚଳପ୍ରଚଳ କରିବା ଯେମିତି ଶତାବ୍ଦୀର ଶେଷ ସ୍ୱର ହେଇ ପଡ଼ିଛି ଏବେ । ଠିକ୍ ସେମିତି ଆଶାକୁ ବି ତା ସ୍ୱାମୀ ରମେଶ । ରମେଶ ସୁପୁରୁଷ, ଜ୍ଞାନୀ ଓ ଚାକିରି କ୍ଷେତ୍ରରେ ଯଥେଷ୍ଟ କାର୍ଯ୍ୟଦକ୍ଷ । ରୂପର ପସରା ମେଲିଥିବା ସୁଗୃହିଣୀ କହିବା ବ୍ୟତୀତ ଅନ୍ୟ କଣ ହୋଇପାରେ ଆଶାର ଯୋଗ୍ୟତା ? ତଥାପି ତ ରମେଶ ହାରେ । କଥା କଥାରେ ଆଶା ପାଖରେ ରମେଶ କାହିଁକି; ସବୁଠି ପୁରୁଷର ଜାଣି ଜାଣି ହାରିଯିବାଟା ଯେ ପୁରୁଷ ଲୋକର ବଡ଼ପଣ, ତାକୁ ନାରୀମାନେ ଅନୁଭବ କରିବା ଉଚିତ୍ ।

Digitized by srujanika@gmail.com

ମାତ୍ର ଆଶା ଓ ରମେଶ ଜୀବନରେ ଆକସ୍ମିକ ଝଡ଼ ପରି ଏକ ସମସ୍ୟା ଆସିଛି; ଯାହାକୁ ସାମନା କରିବା ବେଳେ ଉଭୟ ଏକ ହେଇଛନ୍ତି । କେହି କାହା ସହ ବାଦ, ପ୍ରତିବାଦ କରୁନାହିଁ । ଆଶା ବି ଅନୁଭବ କରିଛି, ଏଥିରୁ ନିସ୍ତାର ପାଇବା ପାଇଁ ରମେଶ ବ୍ୟତୀତ କେହିବି ସାହାଯ୍ୟ କରିପାରିବେ ନାହିଁ ।

ଦୀର୍ଘ ପନ୍ଦର ଦିନ ହେବ ବାପାଙ୍କ ପାଖରେ ଆସି ଅଛି ଆଶା ଓ ତା ସହିତ ରମେଶ । ଆଶାର ଭାଇଭାଉଜମାନେ ତାଙ୍କ ପିଲା, ତାଙ୍କ ସଂସାର ନେଇ ବାହାରେ । ଘର ଭିତରେ ଏକଲାପଣରେ ବନ୍ଦୀ ହୋଇପଡ଼ିଛନ୍ତି ହରିହର ବାବୁ । ପଡ଼ିଶା ଘର ଝିଅ ଟୁନୀ ରାନ୍ଧିବାଢ଼ି ଦେବାଠୁଁ ଆରମ୍ଭ କରି ଔଷଧ ଖୋଇଦେବା ପର୍ଯ୍ୟନ୍ତ ଯାହା ସବୁ କରୁଛି, କୋଉ ସ୍ତ୍ରୀ ପିଲାବି ଏମିତି କାହାର କରିବେ ନାହିଁ । ମାତ୍ର ପନ୍ଦର ଦିନ ହେବ ସେ ସବୁ ଦାୟିତ୍ୱ ଆଶା, ନିଜେ ମୁଣ୍ଡେଇଛି । ବାପାଙ୍କର ଡାଇବେଟିସ୍, ହାଏ ସୁଗାର ହୋଇଯାଇଛି । ପ୍ରେସର ଠିକ୍ ରହୁନାହିଁ । ହଠାତ୍ ଅଛି ଅଛି, ପଲ୍‌ସ ରେଟ୍ ବି କମି ଯାଉଛି । ସେଥିରେ ପୁଣି ବାନ୍ତି ହେଉଛି ମଝିରେ ମଝିରେ । ପାଖରେ ରହି ଆଶା କ୍ଷୀର ପେଇବା ଠୁ ଆରମ୍ଭ କରି ସିଝା ପାଣି ଦେବା, ଔଷଧ ଖୋଇଦେବା ପର୍ଯ୍ୟନ୍ତ ସବୁ ଦାୟିତ୍ୱ ବୁଝୁଛି । ରମେଶ ଓ ଆଶା, ହରିହର ବାବୁଙ୍କ ଏ ଅବସ୍ଥାରେ ଦି ଖୁଆରେ କାନ୍ଧ ଭରା ଦେଇ ଘରୁ ପଦାକୁ ନବା ଆଣିବା କରିବା, ଝାଡ଼ା ପରିସ୍ରା କରେଇ ନେବା କେଉଁଥିରେ ଟିକିଏ ବି ଘୃଣା ଭାବ ପୋଷଣ କରିନାହାନ୍ତି ।

ଶ୍ୱଶୁରଙ୍କ ଦେହ ପାଇଁ ସ୍ତ୍ରୀ ସହିତ ଆସି ଶ୍ୱଶୁର ଘରେ ରହି, ଚାଳିଶି କିଲୋମିଟର ଦୂର ସହରକୁ ଯିବା ଆସିବା କରି ଚାକିରି କରିବାରେ ମଧ୍ୟ ଥକି ପଡୁନାହାନ୍ତି ରମେଶ । ସବୁଦିନ ସନ୍ଧ୍ୟାକୁ ଅଫିସରୁ ଫେରିବାରେ, ସରିଯାଇଥିବା ଔଷଧ, କେଉଁଦିନ ସେଓ, ଅଙ୍ଗୁର ବା କେବେକେବେ ହର୍ଲିକ୍ସ କି କମ୍ପ୍ଲାନ୍ ହାତରେ ଧରି ଆସନ୍ତି ରମେଶ ।

ଝିଅ ଜ୍ୱାଇଁଙ୍କଠାରୁ ଏମିତି ସେବାଯତ୍ନ ପାଇବା ଥିଲା ହରିହର ବାବୁଙ୍କ ପକ୍ଷରେ ସମ୍ପୂର୍ଣ୍ଣ ଅନାକାଂକ୍ଷିତ । ସେ ବି ଠିକ୍ ସେଇଆ ଚାହିଁନଥିଲେ । ମାତ୍ର ଦିନୁଟିଏ ପାଇଁ ସେମାନଙ୍କୁ ଦେଖିବାକୁ ଖାଲି ଯାହା ଇଚ୍ଛା କରିଥିଲେ । ରମେଶକୁ ଦେଖି ଯେତିକି ଖୁସି ହେବା କଥା, ସେତକ ସେ ହୋଇପାରନ୍ତି ନାହିଁ । ଏଠାରେ ରହି ଦିନରାତି ଗୋଟାଏ ରୋଗିଣା ବୁଢ଼ାର ଗୁହମୂତ ହେଇ ସେବା କରିବା ହିଁ ହେବ ସେମାନଙ୍କ ଭିତରେ ମନୋମାଳିନ୍ୟର ପ୍ରଥମ କାରଣ, ଏକଥା ଜଳ ଜଳ ହେଇ ଦେଖାଯାଉଥିଲା ତାଙ୍କୁ ।

ସତକୁ ସତ ଦିନ କେତେଟା ଭିତରେ ତାଙ୍କର ଭାବନା ବାସ୍ତବ ରୂପ ନେଇଥିଲା । ବାପାଙ୍କ ଆଖିକୁ ନିଦ ଆସିଯାଇଛି ଭାବିବା ମାତ୍ରେ ସେ ଦ୍ୱନ୍ଦ୍ୱ ଟିକକ ଆରମ୍ଭ ହୋଇଯାଉଥିଲା ସେମାନଙ୍କ ଭିତରେ । ଅନେକ ଥର କିଛି ଗୋଟାଏ ଅଘଟଣ ଓ ଅଶାନ୍ତି ଘଟିଯାଉଥିବାର ସେ ଅନୁଭବ କରିବା ପରେ କାନପାରି ଶୁଣିବାକୁ ଚେଷ୍ଟା କରିଛନ୍ତି । ମାତ୍ର କିଛି ଭଲ କରି ଶୁଣିପାରି ନାହାନ୍ତି । କେବଳ ଏତିକି ଶୁଣିଛନ୍ତି, ରମେଶ କହୁଛି, "ଚାଲ, ଆଉ ବିଳମ୍ବ କଲେ ଅସୁବିଧା; ସବୁ କାମରେ ଏମିତି

Digitized by srujanika@gmail.com

ବିଳମ୍ବ କରାଯାଏ ନା ।'' ସବୁ ବୁଝିବା ପରି ଥିଲା ଆଶାର ମୁହଁ । ରମେଶର କଥାକୁ ଗୁରୁଜ୍ଞାନ କରି ଶୁଣୁଥିଲା । ମାତ୍ର ବାପାଙ୍କୁ ଏ ଅବସ୍ଥାରେ ଗୋଟାଏ ଦିନ ପାଇଁ ବି ଛାଡ଼ି ଯିବାକୁ ମାନସିକ ପ୍ରସ୍ତୁତି ନଥିବାଟା ହିଁ ଥିଲା ତାର ସମସ୍ୟା ।

ଏସବୁ ଶୁଣି ନିଜ ଭିତରେ ରୋଗ ବଢ଼ିଗଲା ପରି ଅନୁଭବ କଲେ ହରିହର ବାବୁ । ତାଙ୍କ ପରି ଗୋଟାଏ ବୃଦ୍ଧର ଜରା ଓ ବାର୍ଦ୍ଧକ୍ୟ ଭିତରେ ସେମାନଙ୍କର ଫୁଲଫୁଟା ତାରୁଣ୍ୟ ଯେପରି ପେଶି ହେଇଯାଉଛି ବୋଲି ତାଙ୍କର ଅନ୍ତରାତ୍ମା ଅନୁଭବ କଲା ; ତଥାପି ପ୍ରକୃତ ସମସ୍ୟାଟି କ'ଣ, ଜାଣିବା ପାଇଁ ଆଗ୍ରହ ବଢ଼ିଲା ତାଙ୍କ ଭିତରେ । ସେଦିନ ରାତିରେ ଲୁଚି ଲୁଚି ଝିଅ ଜ୍ୱାଇଁଙ୍କ ଭିତରେ ଥିବା ସବୁ ସମସ୍ୟାରେ ଶାମିଲ୍ ହେବାକୁ ମନ ବଳିଲା ତାଙ୍କର । କାନ ପାତି ଯାହା ଶୁଣିଲେ, ସେଥିରେ ନିଜକୁ ବିଶ୍ୱାସ୍ କରିପାରିଲେ ନାହିଁ । ରମେଶର କଣ୍ଠସ୍ୱର ଥିଲା ପୂର୍ବଠାରୁ ଅଧିକ ଦୃଢ଼; ''ଦେଖ ଆଶା, ବର୍ତ୍ତମାନ ତମ ଦେହର ଅବସ୍ଥା ଯାହା, ଅଧିକ ବିଳମ୍ବ ହେଲେ ବିପଦକୁ ଡାକି, ଆଣିବା କଥା ହେବ । କୋଡ଼ିଏ ଦିନ ତଳେ ସ୍କାନିଂ ରିପୋର୍ଟରୁ ଝିଅଟେ ଅଛି ଜାଣିସାରିବା ପରେ କେତେ ଦିନ ଆଉ ଅପେକ୍ଷା କରିବା ? ଆବରସନ୍ ସମୟ ଗଡ଼ିଯାଉଛି । ଡାକ୍ତର କହିଛନ୍ତି, ଏଇଟା ପ୍ରକୃଷ୍ଟ ସମୟ । ସମୟ ଗଡ଼ିଗଲେ ବହୁତ ଅସୁବିଧା ହେବ । ଚାଲ, କାଲି ସକାଳୁ ବାହାରି ପଡ଼ିବା । ଗୋଟାଏ ଦିନ କଣ ବାପା ଚଳିପାରିବେ ନାହିଁ ? ସେ କନ୍ୟାଭ୍ରୂଣଟା ତମ ପେଟରୁ ସଫା ନ ହେବା ପର୍ଯ୍ୟନ୍ତ ମାନସିକ ଅବସ୍ଥା ଭଲ ରହୁନାହିଁ । ବାପା ହୁଏତ ଭାବୁଥିବେ, ତାଙ୍କ ସେବା କରିବାକୁ ପଡୁଛି ବୋଲି ଆମେ ଅଶାନ୍ତି ହେଉଛେ । ହେଲେ ପ୍ରକୃତ ସମସ୍ୟାଟା ତ ଆଉ ତାଙ୍କୁ ବୁଝେଇ ହେବ ନାହିଁ । କାଲି ଗୋଟାଏ ଦିନ ହସ୍‌ପିଟାଲରୁ ଫେରିବା ପରେ, ବାପାଙ୍କ ଦେହ ସମ୍ପୂର୍ଣ୍ଣ ଭଲ ହେବା ପର୍ଯ୍ୟନ୍ତ ଆମେ ଏଇଠି ରହିବା ।''

ହରିହର ବାବୁଙ୍କ ଆଖିରେ ଲୁହ । ପ୍ରକୃତ ସମସ୍ୟାଟା କ'ଣ ବୁଝିବାକୁ ବାକି ରହିଲା ନାହିଁ । ପାଦ ଚାପି ଚାପି ଆସି ବିଛଣାରେ ଗଡ଼ି ପଡ଼ିଲେ । ଆଖିକୁ ଆଉ ନିଦ ଆସିଲା ନାହିଁ । ବିନା ନିଦରେ ବି ଅନେକ ଭୟଙ୍କର ସ୍ୱପ୍ନ ତାଙ୍କୁ କିଲିବିଲି କରି ପକାଉଥିଲା । କୁନି କୁନି ପାଟିରେ ଅଜା ଅଜା କହି ଦୌଡ଼ି ଆସୁଥିବା ଟିକି ନାତୁଣୀଟିକୁ ତାଙ୍କର, ଦାଢୁଆ ଛୁରୀ କଇଁଚି ଧରି କିଏ କାଟି ପକାଉଛି । ପଳପଳ ରକ୍ତ ମାଂସ କରି ତୁଳା ଭିଣିଲା ପରି ଛୁଆଟାକୁ ନିଃଶେଷ କରି ଦେଉଛି । ଓଃ ! ହରିହର ବାବୁଙ୍କ ମୁଣ୍ଡଟା ବିନ୍ଧି ଉଠିଲା, ରାତି ପାହିଲେ ବଳି ପଡ଼ିବାକୁ ଯାଉଥିବା ଗୋଟାଏ ମଣିଷ ପଣିଆକୁ କେମିତି ସେ ସମ୍ମୁଖୀନ ହେବେ, ସେଇ ଚିନ୍ତାରେ ସାରା ରାତି ଛଟପଟ ହେଲେ ।

କେତେବେଳୁ ରାତି ପାହିଲାଣି, ଜାଣି ପାରିନାହାନ୍ତି ହରିହର ବାବୁ । ରାତିର ବହଳ କଳା ଅନ୍ଧାରକୁ ଜାବୁଡ଼ି ପଡ଼ିଛନ୍ତି କେତେବେଳେ ଯାଏ । ହସ୍‌ପିଟାଲ ଯିବା ପାଇଁ ଶାଢ଼ି ପିନ୍ଧି ସାମନାରେ ଆସି ଠିଆ ହୋଇ ହୋଇପଡ଼ିଛି ଆଶା । ପଛକୁ ପ୍ୟାଣ୍ଟସାର୍ଟ ପିନ୍ଧି ରମେଶ । ସକାଳୁ ସକାଳୁ ଗାଧୁଆ ପାଧୁଆ କରି ସେମାନେ ବାହାରି

Digitized by srujanika@gmail.com

ସାରିଥିଲେ । କଥା ଆରମ୍ଭ କଲା ଆଶା; ବାପା, କାମ ଅଛି ଟିକେ ମେଡିକାଲ୍ ଯାଉଛି । ସନ୍ଧ୍ୟା ପୂର୍ବରୁ ଫେରି ଆସିବୁ । ପଡ଼ିଶା ଘର ଝିଅ ଟୁନୀକୁ ସବୁ କହି ଦେଇଯାଇଛି । ତମର କିଛି ଅସୁବିଧା ହେବନି ।

ପେଡ଼ିରୁ ବାହାରୁ ବାହାରୁ ଫଁ କରି ଉଠୁଥିବା ସାପଟେ ପରି ବାପାଙ୍କ ଶ୍ୱାସ ପ୍ରଶ୍ୱାସରେ ଭୟଙ୍କର ଗର୍ଜନ ବାହାରୁଥିଲା । "କାମ ଅଛି; ମୁହଁ ଖୋଲି କହିପାରିବ ସେ କାମଟା କ'ଣ, ନିଜ ହାତରେ ଗୋଟାଏ ମଣିଷ ମାରିବାକୁ ଯାଉଛ ତ ! ଛି ! ଛି !" ଏତକ ଏକ ନିଃଶ୍ୱାସରେ କହି ପକେଇବା ପରେ ଭୋ କରି କାନ୍ଦି ଉଠିଲେ ବାପା । ତାଙ୍କ ଦି'ହାତର ଖୁଆକୁ ପଛପଟରୁ ଧରି ପକେଇଲେ ରମେଶ । ପଣତ କାନିରେ ଆଶା ବାପାଙ୍କ ଆଖିରୁ ଲୁହ ପୋଛି ଦେଲା ।

ବାପାଙ୍କ ଦେହଟା ଗୋଟାପଣେ ଥରୁଥିଲା । କହିଲେ, ଆରେ ଝିଅଛୁଆଟାଏ ଜନ୍ମ କରିବ ବୋଲି ଜାଣିପାରି, ତାକୁ ମାରିଦେବାକୁ ଯାଉଛୁ । କୋଉ ପୁଅ ଜନ୍ମ ହୋଇ କ'ଣ ଆଲୁଅ କରି ପକାଉଛନ୍ତି ଯେ, ତୋ ଝିଅ ପାରିବନି । ମୋ ଝିଅ ତ ହେଇ ସବୁ ପାରୁଛି । ମଲା ଗାତରୁ ମତେ ବଞ୍ଚେଇଛି । ତୁ ତ ହେଇ ମୋର ଦେଖାଶୁଣା କରୁଛୁ । ଏ ବିପଦ ବେଳେ ତମେ ଝିଅ ଜ୍ୱାଇଁ ଦିଟା ମୋର ଯାହା କରୁଚ; କାହିଁ ପୁଅ ବୋହୂ ତ କଲେ ନାହିଁ । ବୁଢ଼ାବେଳେ ଅତି କମ୍‌ରେ ନାଁ ଡାକି ଡାକି ମରିବି ବୋଲି ଠାକୁରଙ୍କ ନାଁରେ ତାଙ୍କ ନାଁ ଦେଇଥିଲି ନାରାୟଣ ଆଉ ଶିବଶଙ୍କର । ବଡ଼ ହେଲେ; ମଣିଷ ହେଲେ ସତ । ହେଲେ କୋଉ ବାପା ବୋଉଙ୍କର କ'ଣ କରିପକେଇଲେ ? ହେଇ ତୋ ବୋଉ ମଲା ତୋରି କୋଳରେ ମୁଣ୍ଡ ରଖି । ଭେଣ୍ଡା ଭେଣ୍ଡା ପୁଅ ଦିଟା ଦଶଦିନ ଆସି ପହଞ୍ଚିଲେ ଶୁଦ୍ଧି ହେବା ପାଇଁ । ଅପନ୍ତରାରେ ଫୋପାଡ଼ିଲା ପରି ମତେ ଏଠି ଫୋପାଡ଼ି ଦେଇଛନ୍ତି । ତୁ ତ ମତେ ବଞ୍ଚେଇଛୁ । ତୋ ବୋଉ ଥିଲେ ଦେଖିଥାନ୍ତା । ତମେ ଦିଜଣ ଆଜି ମୋର କି ସେବା କରୁଚ । ଭାବିଲେ ଲାଗୁଚି, ତୋ ବୋଉ କ'ଣ ସବଜାଣ୍ଟ ଥିଲା ନା କ'ଣ । ଜାଣିଥିଲା ମଲା ବେଳକୁ ପୁଅମାନେ ପାଖରେ ରହିବେ ନାହିଁ । ଖାଲି ଝିଅ ଠିଆ ହେଇଥିବ । ନିର୍ମାଲ୍ୟ ପାଣି ଟୋପେ ଦେଉଥିବ । ସତରେ ଲୋ ଝିଅ । ତୁ ଜନ୍ମ ହେବା ପାଇଁ ତୋ ବୋଉର ଯିଦ୍ ଥିଲା ଅନେକ । ସେଇ ତୋ ନାଁ ଦେଇଥିଲା ଆଶା ।

ସେତିକିରୁ କଥା ବନ୍ଦ କରି ଗାମୁଛାରେ ଲୁହ ପୋଛୁଥିଲେ ହରିହର ବାବୁ । ବାଧ ଶିଶୁ ପରି ପରସ୍ପର ମୁହଁ ଚାହାଁ ଚୁହିଁ ହେଉଥିଲେ ରମେଶ ଓ ଆଶା । ଆଶା ଓଠର ଲାଜୁଆ ହସ, ପ୍ରାପ୍ତିର ସ୍ପର୍ଶ ହେଇ ସଂଚରି ଯାଉଥିଲା ରମେଶର ମୁହଁ ପର୍ଯ୍ୟନ୍ତ ।

ସତସତିକା ସକାଳଟେ ଯେମିତି ଠିକ୍ ସେତିକି ବେଳୁ ହିଁ ଆରମ୍ଭ ହୋଇଥିଲା ସେଦିନ ।

■■■

Digitized by srujanika@gmail.com

ବନ୍ଧ୍ୟା କାମଧେନୁ

ସକାଳ ପହରୁ ଗୁହାଳ ଦୁଆର ମୁହଁରେ ବସି ବାଇଆ ମା' କଣ୍ଟୁଛି । ଭଲ କରି କାନ ପାରି ନ ଶୁଣିଲେ ସେ କାହାକୁ କ'ଣ କହୁଛି, କିଛି ବୁଝାପଡ଼ିବ ନାହିଁ । ଗୋଟାଏ ଠାଁ ବସି ଏମିତି ଛିନିକାନିଆ କରି ଶୋଧୁଚି ଯେ, ତା ବେକ ଶିର ଦୁହିଁ ହେଇ ଯାଉଚି । କିଏ ଟିକେ ଛୁଞ୍ଚି ଫୋଡ଼ି ଦେଇଥିବ ସତ, ନହେଲେ ବାଇଆ ମା ସକାଳୁ ସକାଳୁ ତା ପୋଥି ପୁରାଣ ଖୋଲିବ ନାହିଁ । ଥରେ ତା ପୋଥି ଆରମ୍ଭ ହେଲେ ଜାଣ ଓଳିଏ ବକର ବକର ହେବ । ଗାଳି ଦଉ ଦଉ ପୁଣି ବାହୁନି ବାହୁନି କାନ୍ଦିବ । ବାହୁନିବା ଭିତରେ ତା ତମାମ୍ ଜୀବନର ଦୁଃଖ ଗାଏ । କାନ୍ଦି କାନ୍ଦି ଲୁହ ଲୁହାଣ ହୁଏ ।

ସଇଁ ଘର ମାଧିଆକୁ, କିବା ଖରାପ କଥାଟା ସିଏ ପଚାରିଥିଲା । ଗାଁ'ର ପାଳିଗାଇ ରଖୁଚି । ଆଉ ସେଥିରେ କଥା ପଚାରିଲେ ତା ମାନସମ୍ମାନ ଚାଲିଯାଉଚି । ବେଶାପଡ଼ିଆରେ ପାଳିଗାଇ ଚରିଲା ବେଳେ କଣ୍ଡାଣିଆ ସାହି ଆଡୁ ସେ ନାଲା ଷଣ୍ଢ ଆସୁଚି କି ନା, ପଚାରିଦେଲା ସେଇଠୁ କ'ଣ ଏମିତି ଅସଜ କଥାଟା ହେଇଗଲା । ମାଧିଆଟା ବୁଢ଼ା ଖୋକଡ଼ ହେଲାଣି, ବା ହେଇଥିଲେ ହେଁସେ ପିଲା ଜନ୍ମ କରନ୍ତାନି; କ'ଣ କିଛି ଜାଣିନି ? ବେହିଆଟା, ମୁହଁରେ ଗାମୁଛା ଜାକି ହସୁଚି । ଆରେ ବାଇଆମାର କାଳୀ (ଗାଈ)ଟା ପାଗିଚି ବୋଲି ସିଏ ପଚାରିଲା । ଗାଁ'ର ଠାକୁର ଷଣ୍ଢ ବଳିଆକୁ ତ, ତମେ ଟୋକାଦଳ ଗାଁ'ରୁ ହୁରୁଡ଼େଇଲା, ଗାଇ ପାଳିନିଆ, ଛତରଖିଆ, ପୋଡ଼ାମୁହାଁ, ଜୋଗନୀଖିଆ, ଝାଡ଼ାପଶା ମାଧିଆ ! ଆରେ ହେଏଇ, ବାଇଆମା'ର ଗାଈଟା ପାଇଁ ସିଏ ତତେ ଗଲା ପଚାରିବାକୁ । ନହେଲେ ତୁଟା କୋଉ ମଣିଷରେ ମଣିଷଟାବେ, ତୋ ସାଙ୍ଗରେ ବାଇଆ ମା ଯିବ କଥା କହିବାକୁ । ଅଳପେଇସା ! ମୁହଁରେ ଗାମୁଛା ଜାକି ହସୁଚି, ଥିରକିନା କ'ଣଟା କହିଦେଇ ଯାଉଚି; ଭାବୁଚି ବାଇଆମା କାଲୁଣି । ତାକୁ ଶୁଭିବ ନାହିଁ । କହିଲା କଣନା ତୁ ତ ବାଞ୍ଝ, ତୋ ଗାଈ ବାଞ୍ଝ; ଷଣ୍ଢ କଥା କାଇଁକି ପଚାରୁଚୁ ?

ବାଇଆ ମା ଗୁହାଳ ଦୁଆର ମୁହଁରୁ ଉଠିଯାଇ ସଇଁଘର ଓଳି ମୁହଁର ସେ ଅଣଓସାରିଆ ଗଳିରେ ଯାଇ ବସିଲା । ମନବୋଧ କରି ବହେ କାଢ଼ିଲା, ଆବେ ହେ ମାଧିଆ, ଯାବ ନୁଛୁଣା, କେଡ଼େ କଥାଟାଏ କହିଦେଇ ଗଲୁ ! କିଏ ବାଞ୍ଝ କି ନୁଆଁ, ଜାଣିନୋଉଁ ଯଦି ତୋ ମା'କୁ ପଚାରେ, ତୋ ବଡ଼ମା'କୁ ପଚାରେ । ହାଁରେ; କେଡ଼େ କଥାଟାଏ ମତେ କହିଦେଲୁରେ ।

ବାଇଆମା'ର କହିବା ଢଙ୍ଗରୁ ଲାଗୁଥିଲା ଯେମିତି ମାଧିଆ କଥାରେ ତା ଅନ୍ତର ଜଳିଯାଉଚି । ତା ହୃଦୟ କାନ୍ଦୁଚି । ବାଇଆ ମା'ର ପିଲାଛୁଆ ନାହିଁ । ଏବଂ ବାଇଆ ବି ତା

Digitized by srujanika@gmail.com

ଜନ୍ମିତ ସନ୍ତାନ ନୁହେଁ; ଏକଥା ସତ ତା ସତ୍ତ୍ୱେ ବି ସେ କାହିଁକି ବନ୍ଧ୍ୟା ନୁହେଁ, ସେ କଥା କ'ଣ ସିଏ ଗାଁ' ବାଲାଙ୍କୁ ଘର ଘର କରି ବୁଝାଇବ । ସବୁଗୁଡ଼ାକ ଯାବ ଜାଣିସିଥାଣା । ସତରଥର ବାରଲୋକଙ୍କ ପାଟିରୁ ଏଇ ବିକୃତ ବିଶେଷଣଟା ଗୋଟାଏ ପାହାଡ଼ ଭଳିଆ ତା ଉପରେ ନଦି ହେଇପଡ଼ିଛି । ଛାତିକୁ ପଥର କରି ବାଇଆମା ସବୁ ସହିଛି । ହେଲେ ତା କାମଧେନୁ ଭଳିଆ ଗାଈକୁ ବାଞ୍ଝ କହିଲେ ସେ କେମିତି ସହିବ ।

ଦି'ଟା ମାସ ତଳେ ମାଧିଆ ମା' ଘରକୁ କାଳୀର କ୍ଷୀର ଯାଉଥିଲା । ମାଧିଆ ସାନଭାଇ ଟାଇଫଏଡ଼ରୁ ଉଠିବସି ପାରୁ ନଥିଲା, ବାଇଆ ମା ପାଖରେ ଆସି ଗୋଡ଼ ଭାଙ୍ଗି ଠିଆ ହେଲା, ବାଇଆ ମା' ଲୋ, ସଂଜକୁ କ୍ଷୀର ଅଧସେର ଲେଖାଁ ଦବୁ । ସାନପୁଅଟା ଦୁର୍ବଳିଆରୁ ବାଟ ଚାଲି ପାରୁନି । ଡାକ୍ତର କହିଛି କ୍ଷୀର ପେଇବାକୁ । କ୍ଷୀର ଅଧସେର ନେଲେ, ତାକୁ ଟିକେ ହର୍ଲିକ୍ସ ଗୋଳେଇ ଖୁଆନ୍ତି ।

ସେତେବେଳକୁ ତା କାଳୀର କ୍ଷୀର ନାଗୁଆରେ ଲାଗିଯାଇଥିଲା । ତଥାପି ମାଧିଆମା'ର ବିକଳ ଦେଖି ତା ଆଖିରୁ ଲୁହ ଆସିଗଲା, କହିଲା, ତୋ ପୁଅ ପାଇଁ ମୁଁ ଯେମିତି ହେଲେ କ୍ଷୀର ପଠେଇବି । ଗୋଟାଏ ମଣିଷ ଆଗରେ ଦୁଃଖ ଗପିଲା ଭଳିଆ କାଳୀ ଆଗରେ ମା' ମାଧିବୋଉର ସାନପୁଅ କଥା କହିଲା । ତା କାନମୁଣ୍ଡ ଆଉଁସିଲା । ବେକ ସାଉଁଳିଲା, କେରାଏ କଅଁଳ ଦୁବ ଦେଲା ଖାଇବାକୁ । ସବୁଦିନ ଛଅସେର ଦେଉଥିବା କାଳୀ ସେଦିନ ସଂଜକୁ ଆଠସେର କ୍ଷୀର ଦେଇଥିଲା । ଅନନ୍ଦରେ ଅଧିରା ହେଇପଡ଼ିଥିଲା ବାଇଆମା ।

କାଳୀଲୋ, ମୋ କାମଧେନୁ ଲୋ, ବୋଲି କହି କହି ଦିନସାରା ସେଇ ଗାଈଟା ସାଙ୍ଗରେ ଭଳଭଳ ହେଉଥିଲା । କାଳୀର ପ୍ରଥମ ବିଅଣରେ ମାଈଛୁଆଟାଏ ପକେଇଥିଲା । କଅଁଳା ବାଛୁରୀଟାକୁ, ଦୁହିଁବା ପୂର୍ବରୁ ଖୁଣ୍ଟରୁ ଖୋଲି ଦେଉଥିଲା ବାଇଆ ମା କଅଁଳା ବାଛୁରୀ ଥରେ ମୁଣ୍ଡିଆ ମାରିଦେଲେ, ଥପ ଥପ କରି କାଳୀର ଥନରୁ ଝରିପଡ଼େ । ଘନଭରି ବାଛୁରୀ କ୍ଷୀର ପିଏ । ବାଛୁରୀର ମନ ଶାନ୍ତି ହେବା ପୂର୍ବରୁ କେବେ ସେ ପଦ୍ଧା ଧରି ଝିଙ୍କି ଆଣେ ନାହିଁ । କାଳୀ କେବେ କାହାରି ପାଇଁ କାର୍ପଣ୍ୟ କରିନାହିଁ । ନା ତା ବାଛୁରୀ ପାଇଁ, ନା ବାଇଆ ମା' ପାଇଁ ।

ଆଉ ଆଜି ସେଇ ଭଳିଆ ଗାଈକୁ ମାଧିଆ କହୁଚି କ'ଣ ନା, ବାନ୍‌ଝ ! ବାଇଆ ମା'ର ଗାଳିଶୋଧା ଶୁଣି ମାଧିଆର ମା' ଲାଜରେ ମୁହଁ ଲୁଚେଇଚି, ମାଧିଆ ଉପରେ ରାଗି ନିଆଁବାଣ ହେଇଚି, ତା ମାଧିଆଟା ପାଠ ପଢ଼ିଲା ନାହିଁ । ଗାଈ ଚରେଇଲା । କୁଳ ବେଉସାରେ ବାପକୁ ଶାହା ହେଲା ନାହିଁ । ଗାଁ' ଟୋକାଙ୍କ ସାଙ୍ଗରେ ମିଶି କ୍ଲବଘର କରିଛି । ନିଇତି ସଂଜକୁ ସେଇଠି ଆଖଡ଼ା କରୁଚି । ଖଟି କରୁଚି । ଝିଅ ବୋହୂଙ୍କୁ ଯାବନ୍ତ ଦେଖେଇ କହୁଚି । ବାରି କଳି ଆଣି ଘରେ ପୁରୋଉଚି । ଆଉ କାହାକୁ ପାଇଲା ନାହିଁ, ଶେଷରେ ବାଇଆ ମା ଭଳିଆ ଚିଡ଼େଇ ମାଇକିନାଟାକୁ କହିଲା କଣ'ନା ବାନ୍‌ଝ । ବାଇଆର ମା' ନୁହେଁ ବୋଲି ବାଇଆ ମା' ବାନ୍‌ଝ, ଏ ଅଦ୍‌ଭୁତ ଚିନ୍ତା କେମିତି ତା ମୁଣ୍ଡରେ ପଶିଲା କେଜାଣି ।

Digitized by srujanika@gmail.com

ସେତେବେଳକୁ ନୂଆ ବା ହେଇ ଆସିଥାଏ, ବାଇଆ ମା' ଅତସୀ । ଅପରୂପ ଲାବଣ୍ୟରେ ଭରା ତା ହଳଦୀ ଗୋରୀ ଦେହକୁ ଦେଖି ଈର୍ଷାରେ ନଇଁ ଯାଇଥିଲେ ନୂଆସାହିର ମାଇପେ । ନୂଆବୋହୂଟି ପାଖରେ ଅଭିଆଡ଼ୀ ଝିଅଙ୍କର ଭିଡ଼ ଲାଗି ରହିଥିଲା, ବାସନ୍ତୀ ତେଲ ଲଗେଇଦେଇ ଅତସୀ କାହାର ମୁଣ୍ଡ କୁଣ୍ଡେଇ ଦେଉଥିଲା ତ' କାହାକୁ ଅଳତା ନଖପାଲିସ୍ ଲଗେଇ ଦେଉଥିଲା । ନୂଆ ବୋହୂଟିର ତାଳୁରୁ ତଳିପା ଯାଏ, କେହି ବାରିବାକୁ ନାହିଁ । ତା ଚାଲିବା, ବସିବା, ହସିବା ଓ କଥା କହିବା ସବୁ ଖୁବ୍ ଢଙ୍ଗରେ ଥିଲା ।

ନୂଆ ବୋହୂଟି ଏତେ ରୂପର ଗୁଣର ହେଇଥିବା ସତ୍ତ୍ୱେ ବଡ଼ ଯା' ବାସନ୍ତୀର ତା ପ୍ରତି କ୍ରମ ବର୍ଦ୍ଧିଷ୍ଣୁ ଅଶ୍ରଦ୍ଧାକୁ ସେ ବେଶ୍ ହୃଦୟଙ୍ଗମ କରୁଥିଲା । ସାନବୋହୂ ଭାବରେ ରୋଷେଇବାସଠୁ ଆରମ୍ଭ କରି ଘରର ସବୁ ଦାୟିତ୍ୱ ମୁଣ୍ଡେଇବା ପରେ ବି, ଈର୍ଷାନ୍ୱିତା ବାସନ୍ତୀ ଥିଲା ତା ପାଇଁ ଏକ ପ୍ରଶ୍ନବାଚୀ, ଜଣଙ୍କର ସମ୍ମାନ ଓ ଶ୍ରଦ୍ଧା ଯେ ତା'ର ପ୍ରତିପକ୍ଷକୁ କାହିଁକି ଏତେ ଅସୁଖୀ କରାଏ, ବୁଝିପାରୁନଥିଲା ଅତସୀ । ସତରେ ଦେଇ ଦେଇ ନପାଇବାର ଉଦାହରଣର କିଛି ଅଭାବ ନାହିଁ ଏ ଦୁନିଆରେ ।

ବଡ଼ ଯା' ବାସନ୍ତୀ ବାଉଁଶ କଣି ଖଣ୍ଡେ । ତା ଦିହରେ ମାଉଁସ ପୂଳାଏ ନାହିଁ । ଆଠବର୍ଷ ହେଲା ବା' ହେଲାଣି ଯେ, କୋଳକୁ ପିଲା ବକଟେ ଆସି ନାହିଁ । ସାନ ଯା' ଅତସୀ ପ୍ରତି ବାସନ୍ତୀର ଈର୍ଷା ଓ ଅସହିଷ୍ଣୁତା ହେଇପାରେ ଆଉ ଗୋଟାଏ ଅବଶୋଷ ଓ ଅବସାଦର କାହାଣୀ ।

ବାସନ୍ତୀ ପାଖରେ ଆଣି ଅତସୀକୁ ଖାଲି ଠିଆ କରେଇଦେଲେ, ଯେ କେହି ଲୋକ ସେ ନିର୍ଦ୍ଦିଷ୍ଟ କାରଣଟି ଖୋଜି ପାଇବାରେ ଅସୁବିଧା ହେବ ନାହିଁ । ଅତସୀର ବଳିଷ୍ଠ ଅଙ୍ଗ ସୌଷ୍ଠବ ଯେ କେବଳ ବାସନ୍ତୀକୁ ଅସୁଖୀ କରିଛି, ସେ କଥା ନୁହେଁ, ବରଂ ସାନକୁ ନେଇ ସେ ଦେଖୁଥିବା ଅନେକ ରାତିର ସ୍ୱପ୍ନ, ସକାଳୁ ସଂଜ ଯାଏ ଭୟଙ୍କର ଦୁଃସ୍ୱପ୍ନ ହେଇ ତାକୁ ପିଛା କରେ । ସଂଶୟରେ ମନ ଭରିଯାଏ । ଦିଅର କଲିକତା ଚଟକଳରେ କାମ କରେ ବା ଘର ପାଇଁ ଏକାଥରେ ଦେଢ଼ମାସ ଛୁଟି ଆଣିଛି । ଦିଅର କଲିକତା ନଯାଇ ବେଶୀଦିନ ଘରେ ରହିଲେ ଯେମିତି ବାସନ୍ତୀର ଛାତି କୋରି ବିଦାରୀ ହେଇଯାଉଥିଲା । ରାତି ପାହିଲା ବେଳକୁ ଅତସୀର ଅଲରା କେଶ, ଅସଜଡ଼ା, ଶାଢ଼ୀ ଓ ମଥାରୁ ଗାଲ ପର୍ଯ୍ୟନ୍ତ ନେସିନାସି ହେଇଯାଇଥିବା ସିନ୍ଦୂର ଟୋପାକୁ ଦେଖି ଦିହ ଜଳିଯାଏ ବାସନ୍ତୀର । ସବୁବେଳେ ତାକୁ ଲାଗୁଛି ଯେମିତି ଅତସୀ ଗର୍ଭବତୀ ହେଇପଡୁଛି । ପୂର୍ଣ୍ଣତୋୟା ନଦୀଟିଏ ପରି ଛଳ ଛଳ ହେଇ ବହିଯାଉଚି । ନଈପଠାରେ ସବୁ ଖାଲ ଢିପ ଉଚ୍ଚନୀଚ ଅବବାହିକାରେ ପଟୁ ମାଡ଼ିଯାଇ କ୍ରମେ ମାଟି ମା' ଶ୍ୟାମଳ ରଙ୍ଗର ଶାଢ଼ୀଟେ ଗୁଡ଼େଇ ହେଇପଡୁଛି ।

ଗୋଟାଏ ଅଗଣା ଭିତରେ ଏଘର ସେଘର ହେଇ ବାସନ୍ତୀ ଓ ଅତସୀର ଶୋଇବା ଘର । ସ୍ୱାମୀ ସହିତ ବାସନ୍ତୀର ସୁଖ ସହବାସ ଏବେ କେବଳ ଦୈହିକ ଯାତନା ଆଉ ମନସ୍ତାପ ଭିତରେ ସୀମିତ ରହିଛି । କେବଳ ବାସନ୍ତୀ ପାଇଁ, ମିଳନକୁ ଜୀବନର ଏକ ସୁଖାତ୍ମକ ସନ୍ଧିକ୍ଷଣ ବୋଲି କୁହାଯାଇପାରିବ ନାହିଁ । କ'ଣ ମିଳିଛି ତାକୁ ଏ ଆଠବର୍ଷ ଭିତରେ । ଅନେକ ମିଳନର ରାତି, ପସରା ପସରା ଦୁଃଖର ଫୁଲଶେଯ ପାରିଦେଇଛି । ଆଉ ଏବେ ସେଘରର ଆଠଫୁଟ ଦୂରତାରେ ଭାସି ଆସୁଚି ରଜନୀଗଂଧାର ମହକ ।

Digitized by srujanika@gmail.com

ସବୁବେଳେ ବାସନ୍ତୀର ଅନୁଭବ ହେଉଛି ଯେମିତି ଖାଇବା ଜିନିଷ ଗୁଡ଼ାକୁ ଭକ ଭକ କରି ବାନ୍ତି କରି ପକାଉଛି ଅତସୀ । ପାଦ ତାର ଫୁଲିଯାଉଚି । ଆଚାର ବୋତଲଟାରୁ ଫଡ଼ା ଫଡ଼ା ଆମ୍ବୁଲ ଚାଟି ସଫା କରି ଦେଉଛି । ଗର୍ଭାଶୟର ପାଣି ବେଲୁନ ଭିତରେ ମୁଣ୍ଡିଆ ମାରି ଛୁଆଟେ ଖେଳୁଚି ଅତସୀର ପେଟରେ । ଓଃ !! ସେତକ ଭାବିଲା ବେଳକୁ ବାସନ୍ତୀର ଆତ୍ମହତ୍ୟା କରିଦେବାକୁ ଇଚ୍ଛା ହେଉଥିଲା ।

ମାତ୍ର ସମସ୍ତଙ୍କୁ ଆନନ୍ଦିତ ଓ ଆଶ୍ଚର୍ଯ୍ୟଚକିତ କରି ସଂପୂର୍ଣ୍ଣ ଭାବରେ ଅପ୍ରତ୍ୟାଶିତ ଘଟଣାଟିଏ ଘଟିଲା ଘର ଭିତରେ । ଅତସୀ ବା'ଘରର ଦି'ଟା ମାସ ପରେ ବଡ଼ ଓ ସାନ, ଏକ ସମୟରେ ସନ୍ତାନ ସମ୍ଭବା ହେଇପଡ଼ିଥିଲେ । ଆନନ୍ଦ ଉଲ୍ଲାସରେ ପଡ଼ିଲା ଉଠିଲା ଘର, ଘରୁ ସାହିକୁ, ସାହିରୁ ଗାଁ'କୁ କଥା ଖସିଗଲା, ଲୋକେ କଥାହେଲେ, ସାନ ଯା ଅତସୀ ଭାରି ଲକ୍ଷ୍ମୀମନ୍ତ । ନିଜେ ଗର୍ଭଧାରଣ କରିବା ସଙ୍ଗେ ସଙ୍ଗେ ବଡ଼ ଯା ବାସନ୍ତୀର ବି ଭାଗ୍ୟ ବଦଳେଇ ଦେଇଥିଲା । କେଉଁ ଗୋଟାଏ ଶୁଭକ୍ଷଣରେ ସାନବୋହୂ ପାଦ ଦେଇଥିଲା ଯେ ବଡ଼ ବୋହୂର ବନ୍ଧ୍ୟାଦୋଷ କଟିଗଲା । ଅନାବାଦୀ ଗୋଚର ପାଳରେ ସତେ ଯେମିତି ଜାତି ଜାତିକା ଫୁଲର ବଗିଚାଟେ ହସିଉଠିଲା ।

ତା'ପରଠୁ ବାସନ୍ତୀର ସ୍ୱଭାବ ସଂପୂର୍ଣ୍ଣ ବଦଳି ଯାଇଥିଲା । ନିଜକୁ କେବେ ନିଜ ପାଖରେ ଛୋଟ ମନେ କରିନି । ସ୍ୱାମୀଙ୍କ ପୌରୁଷକୁ ନେଇ ଆଖିରେ ମାଡ଼ିଯାଇଥିବା ସନ୍ଦେହର ପରଳ ଆପେ ଆପେ ଦୂର ହେଇଯାଇଛି । ସାନ ଯା ଅତସୀକୁ ଅଧିକରୁ ଅଧିକ ଭଲ ପାଉଥିଲା ସେହିଦିନଠାରୁ ।

ମଣିଷର ହସଖୁସି ସୁଖର ସଂସାରକୁ ଈଶ୍ୱର ସହିପାରନ୍ତି ନାହିଁ । ବେଳ ଦେଖି ମନ୍ଦ ବିଚାର କରନ୍ତି । ନିକିତିରେ ଭାଗ ବସେଇଥିବା ପରି କାହା ଦୁଃଖ କାଢ଼ି ସୁଖଦେବେ ବୋଲି, ସେ ଦୁଃଖକୁ ଓଟାରି ଆଣି ଆଉ କାହା ଉପରେ ଲଦି ପକାନ୍ତି । ଆଗପଛ ହେଇ ଅତସୀର ପିଲାଟେ ହେବାର ଛଅଦିନ ପରେ ବଡ଼ ଯା ବାସନ୍ତୀ ମଧ୍ୟ ପୁତ୍ରବତୀ ହୋଇଥିଲା । ଏକୋଇଶ ଦିନ ବି ପୁରିନାହିଁ । ଥଣ୍ଡା ଜଡ଼ସଡ଼ ହେଇ ଅତସୀର କୁନିଛୁଆଟି ଜଡ଼ପାଲଟିଗଲା, ତା କୁଆଁ କୁଆଁ ରାବ, ହାତଗୋଡ଼ ଛାଟିବାର କେଳ ବନ୍ଦ ହେଇଯାଇଥିଲା ସବୁଦିନ ପାଇଁ । ସେଇ ଦୁଃଖରେ ବାସନ୍ତୀର ପୁଅ ପାଇଁ ବିଧିବଦ୍ଧ ଭାବରେ ଏକୋଇଶିଆ ପାଳନ କରାଯାଇନଥିଲା ସତ; ଦୁଃଖ ଭୁଲିବା ପାଇଁ ବଡ଼ ଯା'ର ପୁଅକୁ କାଖେଇ ଅତସୀ ପାଟିରୁ ବାହାରି ପଡ଼ିଥିବା ଗେଲବସରର ବାଇଆ ଧନ ଶବ୍ଦଟିରୁ ହିଁ, ଛୁଆଟିର ନାଁ ରହିଯାଇଥିଲା 'ବାଇଆ' । ନିଜ ସନ୍ତାନ ମରିଗଲା ପରେ କେବଳ ମାନସିକ ଦୁଃଖ ନୁହେଁ, ଅନେକ ଦୈହିକ କଷ୍ଟ ପାଇଚି ଅତସୀ । ତା'ର ଉତୀର୍ଣ୍ଣ ସ୍ତନଯୁଗଳରେ ଅମୃତ ଭରିମାଡ଼ିଛି । ବିରୂପାର ବନ୍ୟା ଘେରି ବନ୍ଧ ଭାଙ୍ଗି କୂଳ ଲଂଘନ କରିବା ପରି ଅତସୀର ଶାଢ଼ୀ ବ୍ଲାଉଜ୍ ଭେଦି କ୍ଷୀର ଛିଟିକି ପଡୁଚି । ଠିକ୍ ସେତିକି ବେଳକୁ ସ୍ୱାସ୍ଥ୍ୟଗତ କାରଣରୁ କ୍ଷୀର ଧାରଣ କରିବାର ଶକ୍ତି ହରେଇଥାଏ ବାସନ୍ତୀ । କଅଁଳା ଛୁଆଟା ଆଉଁ ଆଉଁ ହେଇ ବାସନ୍ତୀର ହାଡୁଆ ଛାତିରେ ମୁଣ୍ଡ ପିଟୁଥାଏ । ନିଜ ସ୍ୱାଭିମାନକୁ ସମ୍ଭାଳି କରି ନିଜ ଭିତରେ ବାସନ୍ତୀ ସଂକୁଚିତ ହେଇଯାଉଥାଏ । ଗୋଟାଏ ଅଗଣା ଭିତରେ ଛୁଆକୁ କ୍ଷୀରଦବା ପ୍ରସଙ୍ଗ କାନ ଅଛି ସୁନା ନାହିଁ; ସୁନା ଅଛି କାନ ନାହିଁ ପରି ହେଇ ଯାଇଥାଏ । ସିଝାପାଣି ଅସୁଲ

Digitized by srujanika@gmail.com

ପିଉଥାଏ ବାଇଆ । ଶାଶୁବୁଢ଼ୀ ତ ବଞ୍ଚିଥାନ୍ତି ସେତେବେଳେ । ତାଙ୍କ ଦେହ କି ଏକଥା ସହିବ । ସିଧା ବାସନ୍ତୀ କୋଳରୁ ଛୁଆଟାକୁ ଟେକିନେଇ ଅତସୀର ଛାତିରେ ଚାପିଦେଲେ, ସାନ ମା'ଠୁ କ୍ଷୀର ପିଇ ଯେ ବାଇଆ ସୁସ୍ଥସବଳ ଡଉଲ ଡାଉଲ ହେଇଥିଲା, ସେତିକି ନୁହେଁ ବାଇଆକୁ କ୍ଷୀର ପେଇବା ପରେ ଛାତିର ଦରଜ ଓ ମୁଣ୍ଡବିନ୍ଧା ପର୍ଯ୍ୟନ୍ତ ସମସ୍ତ ଦୈହିକ ଯନ୍ତ୍ରଣାରୁ ମୁକ୍ତି ପାଇଥିଲା ଅତସୀ, ଜନ୍ମିତ ସନ୍ତାନକୁ ହରେଇବାର ଦୁଃଖ ଭୁଲିଯାଇଥିଲା ।

ସେଇଦିନଠୁ ଅତସୀକୁ ବାଇଆମା' ନାଁରେ ଡାକିଛନ୍ତି ସାହିର ମାଇପେ । ଅତସୀକୁ ଏମିତି ବାଇଆ ମା ଡାକିବାରେ ଦୁଃଖ କରିନି ବାସନ୍ତୀ ବରଂ ଆହ୍ଲାଦିତ ହେଇଛି । ସ୍ତ୍ରୀ କୋଳରେ ହାତଗୋଡ଼ ହଲେଇ ଖେଳୁଥିବା ପୁତୁରାକୁ ଦେଖି ନିଜ ସନ୍ତାନକୁ ହରେଇବାର ଦୁଃଖ ବି ଭୁଲିଛି ଅତସୀର ସ୍ୱାମୀ, ପୁଣି ଥରେ ଅତସୀ ଗର୍ଭବତୀ ହେଉ ଏଇ ସ୍ୱପ୍ନ ଟିକକ ତାଙ୍କ ଭିତରେ ଡେଇଁ ଉଠିଛି ବାରମ୍ବାର । ବାଇଆ କ୍ଷୀର ନଛାଡ଼ିବା ଯାଏ ଅତସୀର ମା' ହେବା ସମ୍ଭବ ହେଉନି । ବରଂ ସ୍ୱାମୀଙ୍କୁ ଅତସୀ ବୁଝେଇ କହିଛି । କଣ ଏତେ ଛୁଟି ନେଇ କି ଆସୁଛ । ମତେ ନ ଦେଖି ରହିପାରୁନ । ଏଇ ବାଇଆଟା ପାଇଁ; ନଚେତ୍ ମୁଁ ତମ ସାଙ୍ଗରେ କଲିକତା ଚାଲିଯାଆନ୍ତି । ହେଇ ଶୁଣ ବାଇଆକୁ ଦୁଇ ପୁରି ତିନି ଚାଲିଲାଣି । ବୋଉ ଓ ବଡ଼ଦେଇ ସମସ୍ତେ ତାକୁ କ୍ଷୀର ଛଡ଼େଇଦେବାକୁ କହିଲେଣି । ହେଲେ ସତ କହୁଛି, ବାଇଆଟାକୁ ଘଡ଼ିଏ ଛାତିରେ ନ ଜାକିଲେ ମତେ ନିଦ ହେଉନି, ଏଥର କିନ୍ତୁ ତାକୁ ଛଡ଼େଇ ଦେବି, ବୁଢ଼ାଟା ହେଲାଣି ଆସି; ଲୋକବାକ ଠିଆ ହେଇଥିବେ, ଆସି ଛାତି ଉପରୁ ଶାଢ଼ୀ ଟାଣି ପକୋଉଚି । ସିଏ ତ ଏବେ ଚୁଡ଼ାଗୁଣ୍ଡ, ସିଝା ତରକାରୀ ଇତ୍ୟାଦି ସବୁ ଖାଇଲାଣି, ତମେ ଆସିଲେ ଆର ଥରକୁ ମୁଁ ତମ ସାଙ୍ଗରେ କଲିକତା ଚାଲିଯିବାରେ କିଛି ଅସୁବିଧା ନାହିଁ ।

କରମ ଫଟା ପଡ଼ିଲେ କେହି ଯୋଡ଼ି ପାରନ୍ତି ନାହିଁ । ଈଶ୍ୱର ବାଟ ଆଗୁଳିଲେ କେହି କଢ଼େଇ ନେଇପାରନ୍ତି ନାହିଁ । କଲିକତାରୁ ଫେରନ୍ତି ବସ ସୋର ପାଖରେ ଆଣ୍ଡ୍ରାଟ୍ରକ ସାଙ୍ଗରେ ମୁହାଁମୁହିଁ ଧକ୍କାରେ ଅତସୀର ସ୍ୱାମୀ ଏ ସଂସାରର ସବୁ ମାୟା ତୁଟେଇ ଦେଇ ଚାଲିଗଲା । ଅତସୀର ଲାଲ୍ ଟହ ଟହ ସିନ୍ଦୂର ବୋଳା ମଥା ଉପରକୁ ଅକାଳ ଚଡ଼କ ଛିଡ଼ି ପଡ଼ିଲା ।

ବିବାହର ଚାରିବର୍ଷ ପରେ ଅତସୀ ବିଧବା ହେଇଗଲା । ତା ଦେହର ଫୁଲଫୁଟା ବଗିଚାରେ ଆଉ ପ୍ରଜାପତି ଉଡ଼ି ବୁଲିଲା ନାହିଁ । ତା ବୟସର ବୈତରଣୀ ଆଉ ସମୁଦ୍ର ଛୁଇଁଲା ନାହିଁ । ଅନେକ ବର୍ଷ ବିତିଗଲାଣି ଯା ଭିତରେ । ଅଳ୍ପ ବୟସରେ ବିଧବା ହେଇଥିଲେ ବି ଅତସୀର ପାଦରେ କେବେ ଶିଉଳି ଲାଗିନାହିଁ । ଅତସୀର ବିତର୍କିତ ଜୀବନ ସଂଗ୍ରାମ କ୍ରମେ ଗୋଟାଏ ନିଃସର୍ତ୍ତ କିମ୍ବଦନ୍ତୀରେ ପରିଣତ ହେଇଯାଇଛି । ଶାଶୁ ଶ୍ୱଶୁର ଏ ସଂସାର ଛାଡ଼ି ଚାଲିଯିବା ପରେ ଏତେ ବଡ଼ ଖଞ୍ଜାର ଦାୟିତ୍ୱ ଅତସୀର ମୁଣ୍ଡ ଉପରେ ବୋଝ ହେଇ ରହିଚି । ପାରିବାରିକ ଜୀବନରେ ଅନେକ ଝଡ଼ ଉଠି ପୁଣି ଥମିଯାଇଛି । ଅତସୀର ଧୈର୍ଯ୍ୟ ଓ ସହିଷ୍ଣୁତା ପାଖରେ ସବୁ ସମସ୍ୟା ହାର୍ ମାନିଛି । ଏବେ ନିଜ ଶ୍ୱଶୁର ଘର ପାଖରେ ଯା' ଦେଢ଼ଶୁର ଜମି କିଣି ଘର କରି ରହୁଛନ୍ତି । ପରକୁ ପର ଆଉ ଗୋଟାଏ ପୁଅ ଓ ଝିଅ

Digitized by srujanika@gmail.com

ହେଇଛନ୍ତି ବାସନ୍ତୀର । ଯେଉଁମାନଙ୍କୁ ଏତେ ବେଶୀ ନିଜର କରିଥିଲା, ସେଇମାନଙ୍କ ପାଖରେ ପୁଣି ଅଲୋଡ଼ା ସାମଗ୍ରୀଟେ ହେଇଗଲା ଅତସୀ, ଏକା ବାଇଆ ଘରେ ରହି ଗାଁ'ପାଖ କଲେଜରେ ପଢୁଛି । ଘରର ପୁରୁଣା ତଥା ବିଶ୍ୱସ୍ତ କୋଠିଆ ଉପରେ ଚାଷବାସର ସମସ୍ତ ଦାୟିତ୍ୱ ନ୍ୟସ୍ତ । ଅମଳ ହେଉଥିବା ଧାନ, ମୁଗ, ବିରି, ନଡ଼ିଆରୁ ଅଧାରୁ ଅଧିକ, ଅତସୀ ପଠେଇଦିଏ ଯା'ଦେଢ଼ଶୁରଙ୍କ ପାଖକୁ । ପାଖରେ ବାଇଆର ଉପସ୍ଥିତି ହିଁ କେବଳ ତା ଅବଶିଷ୍ଟ ଜୀବନର ଏକମାତ୍ର ସାନ୍ତ୍ୱନା ।

ଏବେ ଜୀବନର ଅପରାହ୍ନରେ ଅତସୀ, ତା ବୟସ ଥିଲା ବେଳେ ତାକୁ ଦେଖିଥିବା ଜାଣିଥିବା ଲୋକମାନେ ହିଁ କେବଳ ତା ମୃତ ସନ୍ତାନ କଥା ଜାଣନ୍ତି । ସେତକ ଯିଏ ଜାଣିନାହାନ୍ତି; ଆଉ କେବଳ ଜାଣନ୍ତି ବାଇଆ ତାର ପୁଅ ନୁହେଁ ସେମାନେ ଭାବନ୍ତି ବାଇଆ ମା' ବନ୍ଧ୍ୟା । ଏକଥା କାନରେ ବାଜିଲେ ବାଇଆ ମା'ର ସେ ଅମୃତଭରା ହୃଦୟଟା ଫାଟି ଖଣ୍ଡ ଖଣ୍ଡ ହେଇଯାଏ । ନିଜ ଭିତରେ ସେ ଶ୍ୱାସରୁଦ୍ଧ ହେଇପଡ଼େ । ଅଲାଜୁକ ମଣିଷ ପାଟିରେ ବାଡ଼ବତା ଦେଇନଥିବା ଈଶ୍ୱରଙ୍କୁ ମନଭରି ଗାଳିଗୁଲଜ କରେ, ବାହୁନି ବାହୁନି କାନ୍ଦେ ।

ଲୋକେ କୁହନ୍ତି ବୟସ ବଢ଼ିବା ସଙ୍ଗେ ସଙ୍ଗେ ବାଇଆ ମା କୁଆଡ଼େ ଭାରି ଚିଡ଼ା ଧରିଗଲା, ହେଲେ କେବେ ତ ସିଏ ବାଇଆ ଉପରେ ଚିଡ଼ିନାହିଁ କି ବିରକ୍ତ ହେଇନାହିଁ । ବରଂ ଆଷାଢ଼ର ବାରିଧାରା ପରି ମା'ର ମମତା ଅଜାଡ଼ି ଦେଇଛି ଅଯାଚିତ ଭାବରେ । ଏଇ କେତେବର୍ଷ ହେଲା କାଳୀଟା ବି ଯେମିତି ତା'ର ଆପଣା ପଣରେ ବାନ୍ଧି ପକେଇଛି ତାକୁ । ବାଇଆ ମା'ର ଦୁଃଖ ଅପ୍ରମିତ । ବାଇଆ ଆଖିରୁ ଲୁଚେଇ ଲୁଚେଇ ସେ ଗଡ଼ୋଉଥିବା ଲୁହକୁ; କାଳୀ ତା ଲୋମଶ ଦେହରେ ଶୋଷେଇ ନେଇଛି । ପୁରୁଷ ସୁଲଭ ଦୁର୍ବଳତା ଓ ନୀଚ ପଣିଆକୁ ସେ ହାଡ଼େ ହାଡ଼େ ପରଖିଚି । ବିଧବାର ବେଶ କେବେ ତାରୁଣ୍ୟର ଇନ୍ଦ୍ରଧନୁକୁ ଫିକା କରିଦେଇ ପାରିନାହିଁ । ବିନା ଆଭୂଷଣରେ ବି ତା ଦେହର ବର୍ଦ୍ଧିତ ସୌନ୍ଦର୍ଯ୍ୟରେ ପ୍ରଗଳ୍ଭ ଅନେକ କାମନାର ତୀରକୁ ବୁମେରାଂ ପରି ପ୍ରତ୍ୟାଖ୍ୟାନ କରିଛି । କେତେ ଟାହିଟାପରା ଶୁଣି ଶୁଣି ଦିହ ଘସରା ହେଇଛି । ତାକୁ ଆଉ ପଦେ କହିଥିଲେ ସମ୍ଭାଳି ନେଇଥାନ୍ତା; ହେଲେ ପୋଡ଼ାମୁହାଁ ମାଧିଆଟା ତା କାଳୀକୁ କହିଲା କ'ଣ ନା ବାନ୍ଝ !

କାଳୀ ତ ଥରେ ବାଛୁରୀ ପକେଇଚି, ହେଲେ ନୂଆ ସାହିର ଏମିତି ଅନେକ କାଳୀ, ଚାନ୍ଦ ମୁଣ୍ଡ, ଘୁଂଗୁରୀ, ବଉଳା ସବୁ ଏଣିକି ଚିର କୁମାରୀ ହେଇ ରହିଯିବେ । ଦଳେ ଅପରିଣାମଦର୍ଶୀ ଯୁବକଙ୍କ ଖେଳ ସାରା ଗାଁ'ଟା ପାଇଁ କାଳ ହେଇଗଲା । ମାଧିଆ, ହରିଆ, ଛୁଆଁ, ବାଜିଆ, ନଣ୍ଡା ଓଗେର ଟୋକାଦଳଙ୍କର ଏ ମାଙ୍କଡ଼ାମି । ପନି ପରିବା ଖାଇଯାଉଚି, ଫସଲ ନଷ୍ଟ କରୁଚି, ତଳି କିଆରୀ ଘାଣ୍ଟି ଚକୁଟି ପକୋଉଛି ବୋଲି ଷଣ୍ଢଟାକୁ ଗାଁ'ରୁ ତଡ଼ିଦେଲେ । ଗାଁ'ର ବୟସ୍କ ଲୋକ, ଗୁରୁଜନଙ୍କୁ ମାନିଲେ ନାହିଁ । ତଳି କିଆରୀ ନଷ୍ଟ କରୁଛି ବୋଲି ତା ସାରା ଜୀବନ କିଛି କମ ଥର କିଳାପାହାର ଖାଇ ନଥିଲା ବଳିଆ । ବଳିଆ ଠାକୁରଙ୍କ ଷଣ୍ଢ । ଗାଁ'ର ଲୋକମାନେ ଯେଉଁ ହାତରେ କିଳା ପାହାର ଦେଇଥାନ୍ତି, ପୁଣି ଦିନୁଟେ ବାଦ ସେହି ହାତରେ ପାଞ୍ଚଣ ଖଣ୍ଡେ ଧରି ତାଙ୍କ ଗରମ ଗାଈଟା ଛାଡ଼ ଯିବା

Digitized by srujanika@gmail.com

ପାଇଁ ବଳିଆକୁ ଖୋଜି ହୁଅନ୍ତି । ସେହି ହାତରେ ଧାନ କୁଳାଏ ନେଇ ଖୁଆନ୍ତି । ବଳିଆ ଷଣ୍ଢ ଏଇ ଗାଁ'ରେ କେତେ ଯେ ଗାଈଙ୍କୁ ସନ୍ତାନ ସମ୍ଭବା କରାଇଛି, ତାର ହିସାବ ନାହିଁ । ଘରେ ଗୁଆଘିଅ, କ୍ଷୀର, ଛେନା ଲହୁଣିରେ ଯଦି ନୂଆସାହିର ଲୋକେ ଭାସିଥିବେ, ତାହେଲେ ସେଇ ବଳିଆ ଷଣ୍ଢ ପାଇଁ । ବଳିଆଟା ବୁଲା ପଶୁ । ଭୋକ ହେଲେ ଖାଇବ । ଏଠି ସେଠି ମୁହଁ ମାରିଛି ସତ; ହେଲେ କେଉଁଦିନ କାହାର ଫସଲ ଉଜାଡ଼ି ଦେଇନିତ । ତା ଜୀବଦ୍ଦଶାରେ ଏ ଗାଁ ବାଲାଙ୍କୁ ଦେଲା ଖୁବ୍ ବେଶୀ । ପ୍ରତିବଦଳରେ ଅନେକ ଯାତନା ପାଇଲା । ଯେତେ ବଳଦ ଏ ଗାଁ' ଚାରିପିଠି ଚବିଶି ମାଣ ଜମିକୁ ହଳ କରୁଛନ୍ତି, ଏ ସବୁ ତା'ରି ପୁଅ । ବଳିଆ ଷଣ୍ଢର ଔରସରୁ ଜନ୍ମନେଇ ତାଗଡ଼ା ହେଇଛନ୍ତି । ଟାଣୁଆ ମାଟିକୁ ଫଟେଇ ହଳ କରୁଛନ୍ତି । ମହୀ ଟାଣୁଛନ୍ତି । ସେଇ ମାଟିରୁ ସୁନାର ଫସଲ ଉତୁରୁଛି । ମଣିଷ ଦାନା ଖାଉଚି ।

ଶେଷରେ ନୂଆ ସାହିର ଟୋକାଙ୍କ ମୁଣ୍ଡରେ ଦୁର୍ବୁଦ୍ଧି ପଶିଲା । ଫସଲ ଖାଉଛି ବୋଲି ତା ଲାଞ୍ଜରେ ନିଆଁହୁଳା ବାନ୍ଧି ଛିନ୍‌କାନିଆ କରି ଗୋଡ଼େଇଲେ । ଗାଁ'ରୁ ତଡ଼ିଲେ । ପଚାରିବାରୁ କହିଲେ, ଷଣ୍ଢ କିଛି ଦରକାର ନାହିଁ । ଷ୍ଟକ୍‌ମ୍ୟାନ୍ ପାଖକୁ ନେଇଯିବ । ସେଇଠି କୃତ୍ରିମ ପ୍ରଜନନ କରାଯାଉଛି । ଇନ୍‌ଜେକ୍ସନ ନେଲେ ବାଛୁରୀ ଜନ୍ମହେବ । ଜରସୀ ବାଛୁରୀ । ଜରସୀ ଗାଈ କ୍ଷୀର ଦେଲା ବେଳକୁ ଦେବ ପାଞ୍ଚଗୁଣା ଅଧିକ ।

ବାଇଆମା ଥରେ ଲୋକ ଦେଇ ପଠେଇଥିଲା କାଳୀକୁ । ହରିଆ ଘର ଗାଈ ବି ଯାଇଥିଲା ଷ୍ଟକ୍‌ମ୍ୟାନ୍ ସେଣ୍ଟରକୁ । ଇନ୍‌ଜେକ୍ସନ ଦିଆଗଲା । ସେଗୁଡ଼ା ସୁଦୁ ପୁରୁଣା ଷ୍ଟକ ଜିନିଷ । ବାଇଆ ମା'ର ଗାଈ ନା ହରିଆ ଘର ଗାଈ; କେହିବି ସେ ଇନ୍‌ଜେକ୍ସନ ନେଇ ଫଳବତୀ ହେଲେ ନାହିଁ । ମାସକ ପରେ ପୁଣି କାଳୀ ଋତୁମତୀ ହେଲା । ଏଥର ନିଜେ ବାଇଆ ମା ପଘାରେ ଝିଙ୍କି ଝିଙ୍କି ଇନ୍‌ଜେକ୍ସନ ଦେବାକୁ ନେଇଗଲା । କଲେଜ ବନ୍ଦ କରି ବାଇଆ ଯାଇଥିଲା ଗାଈ ପଛରେ ଗୋଡ଼େଇ ଗୋଡ଼େଇ । ଡାକ୍ତର ବାବୁ ଆସି କାଳୀକୁ ଦେଖିଲେ, କହିଲେ, ଖାଲି ଟିକେ ଗରମ ହେଉ ହେଉ ଗାଈକୁ ଧରି ଚାଲି ଆସୁଛ । ଇନ୍‌ଜେକ୍ସନ ଦେବାର ଗୋଟାଏ ନିର୍ଦ୍ଦିଷ୍ଟ ଟାଇମ୍ ଅଛି ନା ନାହିଁ । ତମେ ଯେଉଁଦିନ ଚାହିଁବ ସେଦିନ ନେଇଆସିଲେ ତା ଠେଇଁ ବାଛୁରୀ ରହିଯିବ । ଆଉ ଦି'ଦିନ ପରେ ଆଣିବ ଯା । ଡାକ୍ତରଖାନା ପର୍ଯ୍ୟନ୍ତ ଏତେ ବାଟ ଯାଇ ଅଣନିଶ୍ୱାସୀ ହେଇ ପଡ଼ିଥିଲା ବାଇଆ ମା । ହାଁ ଟା କରି ଘଡ଼ିଏ ଚାହିଁ ରହିଲା ସେ ଡାକତର ମୁହଁକୁ । ଦି କୋଶ ବାଟ ପୁଣି ଭିଡ଼ି ଭିଡ଼ି କାଳୀକୁ ଫେରେଇ ଆଣିଲା ।

ଗାଁ'ର ବାସନା ବାରି ବାରି ପୁଣି ଦିନେ ବଳିଆ ଷଣ୍ଢ ନୂଆ ସାହି ଆଡ଼କୁ ମୁହେଁଇଲା । କେତେ କଷ୍ଟରେ ଗାଁ'ରୁ ତଡ଼ିଥିବା ଟୋକାଦଳ ଭାବିଲେ ସାମାନ୍ୟ ଷଣ୍ଢଟା ପାଖରେ ହାରିଗଲେ, ଗାଁ'ରେ ମିଟିଂ ବସେଇ ଷଣ୍ଢକୁ କେମିତି ଦିଚାରିଟା ଜିଲ୍ଲା ପାର କରିବେ, ସେକଥା ଚିନ୍ତା କରିବାକୁ ଲାଗିଲେ । ଟ୍ରକ୍ ଡାଲାରେ ଷଣ୍ଢକୁ ପୁରେଇ ଦୂରଜାଗାରେ ନେଇ ଛାଡ଼ିବେ ବୋଲି ସ୍ଥିରହେଲା, ପାଖାପାଖି ଚାରିଖଣ୍ଡ ଗାଁ'ରୁ ଟଙ୍କା ଆଦାୟ କଲେ । ଟ୍ରକ୍ ଯୋଗାଡ଼ ହେଲା, ସାରା ଗାଁ'ର ଯୁବକମାନେ ଯେମିତି ଷଣ୍ଢ ତଡ଼ିବା ନିଶାରେ ଚୁର୍ ହେଇଯାଇଥିଲେ । ଗାଁ' ଶେଷମୁଣ୍ଡ ଅଙ୍କିରାକୁଳ ରାସ୍ତାରେ ଟ୍ରକ୍ ରହିଲା, ଡାଲା ଖୋଲି ପଛୁଆ ପଟା ପଡ଼ିଲା ଷଣ୍ଢ ଚଢ଼େଇବା ପାଇଁ ।

Digitized by srujanika@gmail.com

ଗୋଟେ ଆତଙ୍କବାଦୀକୁ କାବୁ କରିବା ପାଇଁ ଚାରିପଟରୁ ଘେରି ଆସୁଥିବା ପୋଲିସ୍ ଛାଉଣୀ ପରି, ସେମାନେ କିଆରୀ ମୁଣ୍ଡରେ ବାଉଁଶ ଆଡ଼ା ପକେଇ ବଳିଆକୁ କାବୁ କଲେ । ବେକରେ ପଘା ବାନ୍ଧି ଝିଙ୍କି ଆଣିଲେ ଟ୍ରକ୍ ପର୍ଯ୍ୟନ୍ତ । କେତେ କଷ୍ଟରେ ଡାଲାକୁ ଚଢ଼ିଥିଲା ବଳିଆ । ଡାଲା ବନ୍ଦ କରି ନେଇଯିବାକୁ ଟ୍ରକ୍ ଷ୍ଟାର୍ଟ କରିଥିଲା ଡ୍ରାଇଭର । ଅଙ୍କିରା ତଳ ଦି'ମାଣିଆ ପାଟରୁ ହଲପିଟି ଆସୁଥିବା ବଳଦଟାଏ ଆସି ଟ୍ରକ୍ ଆଗରେ ଠିଆ ହେଇପଡ଼ିଲା । ଅପହରଣକାରୀମାନଙ୍କର ଦ୍ରୁତ ଧାବମାନ ଗାଡ଼ିଟା ସାମନାରେ ଯେମିତି ଲେବଲ କ୍ରସିଂ ଗେଟ୍ ପଡ଼ିଯାଇଛି ହଠାତ୍ ।

ବଳଦର ନିରୀହ ଆଖି ଯୋଡ଼ିକ ଲୁହ ଟୁଳୁ ଟୁଳୁ । ଟ୍ରକ୍ ଆଗରେ ବାଟ ଘେରିଥିବାରୁ ଡ୍ରାଇଭର ଷ୍ଟାର୍ଟ ବନ୍ଦ କରିଦେଲା । ପାହାର ପରେ ପାହାର ହେଇ ରକ୍ତନୋଳା ଫାଟି ପଡ଼ିଥିବା ବଳିଆର ଦେହ ଦେଖି ବଳଦ ଆଖିରୁ ଯେମିତି ରକ୍ତ ଝରୁଥିଲା । ଏ ଗାଁ'ର ଜମି ଚଷୁଥିବା ସବୁ ହଳକ୍ଷମ ବଳଦ, ବଳିଆର ପୁଅ । ସେଦିନ ତା ବାପର ଦୟନୀୟ ଅବସ୍ଥା ଦେଖି କେମିତି ସହିପାରିଥାଆନ୍ତା । ରକ୍ତ ସବୁ ଲୁହ ହୋଇ ଆଖିରୁ ତା'ର ନିଗିଡ଼ି ପଡୁଥିଲା । ଆଖି କୋଣ ପେଜୁଆ ଦିଶୁଥିଲା, ବଳଦଟାକୁ ପୁଣି ଟ୍ରକ୍ ଆଗରୁ ହୁରୁଡ଼େଇବା ପାଇଁ କିଳା ଧରି ଡେଇଁ ପଡ଼ିଲେ ସେମାନେ, ସେଇ ସୁଯୋଗରେ ବଳିଆ ପୁଣି ପିଟି ହୋଇ ଡାଲାରୁ ତଳକୁ ଘୁଷୁରିଗଲା, ବିଚରା ଅନେକ ପାହାର ଖାଇଥିଲା ଦିନସାରା । ଲାଞ୍ଜରେ ନିଆଁ ଲାଗି ପିଠିପଟ ରୁମ ଅଧେ ପୋଡ଼ିଯାଇଥିଲା । ଅଣବାଗିଆ ହେଇ ପଡ଼ିଗଲା ଯେ ଆଉ ଉଠିଲା ନାହିଁ । ପାଟିରୁ ଫେଣ ବାହାରି ପଡ଼ିଲା । ନାକରୁ ନାକୁଆ ପାଣି ବୋହିଗଲା । ଆଖି, ଆଖିପତା ସବୁ ସ୍ଥିର, ଶିଥିଳ ହେଇଗଲା ।

ଟ୍ରକ ଭଡ଼ା ବାବଦକୁ ଜବାବ ହେଇଥିବା ଟଙ୍କାରୁ ଅଧା ନେଇ ଚାଲିଗଲା ଟ୍ରକ୍ ବାଲା । ମୁଖ୍ୟ ରାସ୍ତାରେ ଅର୍ଦ୍ଧାଧିକ ଜାଗା ମାଡ଼ି ପଡ଼ି ରହିଥିଲା ବଳିଆର ଶବ । ବଳଦଟା ସେମିତି ଲୁଳୁ ଲୁଳୁ ଆଖିରେ ଜଗି ରହିଥିଲା ତା ବାପର ମୃତ ଦେହକୁ ।

ଷଣ୍ଢ ହଟେଇବାକୁ ଠେଙ୍ଗାବାଡ଼ି ନିଆଁହୁଳା ଧରି ଯାଇଥିବା ଯୁବକମାନେ ଗାଁ' ଭିତରକୁ ଫେରୁଥିଲେ ଚୁପ୍‌ଚାପ୍ । ବଳିଆର ମୃତ୍ୟୁ ସମ୍ବାଦ ସାରା ଗାଁ'ଟାକୁ ସମବେଦନାରେ ଉଦ୍‌ବେଳିତ କରିଥିଲା । ବଳିଆ ଷଣ୍ଢର ନିର୍ବାସନକୁ ସହଜରେ ଗ୍ରହଣ କରିନେଇଥିବା ଗାଁ'ର ଲୋକମାନଙ୍କୁ, ତା'ର ମୃତ୍ୟୁ ଯେମିତି ଭୟ ସଙ୍କୁଳ କରିଦେଇଥିଲା । ବାଇଆ ମା'ର ପାଦତଳୁ ମାଟି ଖସିଯାଇଥିଲା; କେତେଦିନରୁ ଫାଟି ଆଁ' କରିଥିବା ଅତଡ଼ା ଖଣ୍ଡେ ଯେମିତି । ବେଳକୁ ବେଳ ତା'ର ରକ୍ତଚାପ ବଢ଼ିଯାଉଥିଲା । ଦଉଡ଼ିଯାଇ କାଳୀର ବେକକୁ ସାଉଁଳି କୁଣ୍ଢେଇ ପକେଇଥିଲା ବାଇଆ ମା' । କାଳୀର ଲୁହଭର୍ତ୍ତି ଆଖିରେ ତା ନିଜକୁ ଭଲକରି ଦେଖିଲା । ଥିଲା ଥିଲା ଭୋ କିନା କାନ୍ଦି ଉଠିଲା ।

ଆଖିରୁ ଦିଠୋପା ଲୁହ ଗଡ଼େଇ ହମ୍ବାରଡ଼ିଟାଏ ଛାଡ଼ିଲା କାଳୀ । ବାଇଆ ମା'କୁ ଲାଗିଲା ସେ ନିଜେ ଯେମିତି ହମ୍ବାଳି ଛାଡୁଛି । ପାଖାପାଖି ଗାଁ' କେତେଖଣ୍ଡ ଖାଲି ଗାଈବଳଦଙ୍କ ହମ୍ବାରଡ଼ିରେ କମ୍ପି ଉଠୁଛି ।

■■■

Digitized by srujanika@gmail.com

ଏତେ ପାଖରେ ମରଣ

ଗାଁଟା ସାରା ଚହଳ । ସବୁରି ମୁହଁରେ ସେଇ ଗୋଟିଏ କଥା । ସିଂହ ଘର ବୁଢୀ ଆଉ ନୁହେଁ, ଏଇ ଦି'ଦିନ ଭିତରେ ଚାଲିଯିବ । ପିଲା ଠୁଁ ବୁଢାଯାଏ ନିତିଦିନିଆ କାମଧନ୍ଦାକୁ ପଛରେ ପକେଇ ସିଂହ ଘର ଆଡେ ଦୌଡୁଛନ୍ତି । ମଲା ବିଛଣାରେ ବୁଢୀ ପଡିଛି । ବୁଢୀର ପାଟି ପାଖରେ ନିର୍ମାଲ୍ୟ ପାଣିର ଗିନାଟିଏ । ଚାମଚଟିଏ ପଡିଛି ତା ଭିତରେ । ଯିଏ ଆସିଲା ବୁଢୀ ମୁହଁରେ ଚାମଚେ ନିର୍ମାଲ୍ୟ ପାଣି ଦେଇ, ଆହାଃ ପଦୁଟିଏ କହି ଚାଲିଗଲା । ନଣ୍ଡା ମା ବୁଢୀ ଆସି ଥରକୁ ଥର ବୁଢୀର ନାଡି ଚିପି ପକଉଥାଏ । ଦୀର୍ଘଶ୍ୱାସ ଟିଏ ପକେଇ କହୁଥାଏ ବାରଟା ବାଜିଲାଣିରେ ବାପ, ଆଉ ନୁହେଁ । ପଡିଶା ଘରୁ ସାବିଅପା ଆସି ମୁହଁ ହଲେଇ କହୁଥାନ୍ତି, ''ଆଜି ପୂନେଇ ଗୁରୁବାର- ଯା ହେଉ ବୁଢୀର ଯୋଗ ପାଗଟା ଭଲ । ଭଲରେ ଭଲରେ ଯାଉ । କେତେ ଦିନ ଆଉ ବୁଢୀଟା ଘାଂଟି ହେଇଥାନ୍ତା । ଆସି ନବେ ଧରିଲାଣି ।''

ଏ ବୟସରେ ବି ବୁଢୀ ବିଲକୁ ଯାଇ କାମ ଦେଖୁଥିଲା । ଭାରି ଟାଣୁଆ ହାଡ ବୁଢୀର । ହାଡ ନୁହେଁ ତ କଉଡି । ମୁଲିଆଙ୍କ ସାଙ୍ଗରେ କାଦୁଅ ବିଲକୁ ପଶି ବାଳୁଙ୍ଗା ବାଛିବା ଠାରୁ ଆରମ୍ଭ କରି ଗାଈ ବଳଦଙ୍କ ପାଇଁ କିଆରୀ ହିଡ଼ରୁ ବୋଝ ବୋଝ ଘାସ କାଟିବା ପର୍ଯ୍ୟନ୍ତ, ସବୁଥିକୁ ବୁଢୀର ପାରିଲା ପଣ । ଶାନ୍ତି ବୋଉ ଖୁଡି ଆସି ବୁଢୀର ଓଠ ହଲେଇ ଡାକିଲା, ''ଅପା, ଅପା'' ।

ଅପାର ଆଉ ଜବାବ ନଥିଲା, ଘଡ ଘଡ ହେଲାଣି । ମଣିଷ ଚିହ୍ନି ପାରୁନଥିଲା । ଶାନ୍ତି ବୋଉ ଖୁଡି ଆଖିରୁ ଠକ୍ ଠକ୍ କରି ଲୁହ ଗଡିଗଲା । ବୁଢୀ ଟିକେ ମୁହଁ ବୁଲେଇ ଆଖି ଜୁଳୁ ଜୁଳୁ କରି ଅନେଇଲା । ଚିହ୍ନିଲା କି ନାହିଁ କିଏ ଜାଣେ । ପାଟି ଫିଟେଇବା ପାଇଁ ବୁଢୀର ଜୁ ନଥିଲା । କଣ ଗୋଟାଏ ମଝିରେ ମଝିରେ କହୁଥିଲା । ଘଡ ଘଡ ନିଃଶ୍ୱାସରେ ସବୁ କଥା ଚାପି ହେଇ ଯାଉଥିଲା । ବୁଢୀ ପାଇଁ କାହା ଆଖିରୁ କେତେ ଲୁହ, ବା ପାଟିରୁ କେତେ ପ୍ରଶଂସାର ସୁଅ ଛୁଟିଲା ବେଳେ, ଘର ଭିତରେ ଗୋଟିଏ ଅଦ୍‌ଭୂତ ସୁନ୍ଦର ଦୃଶ୍ୟ ଦେଖିବାକୁ ମିଳିଥିଲା । ବୁଢୀର ମୁଣ୍ଡ ପାଖକୁ ଲାଗି ତାର ଏମ.ଏ. ପଢୁଆ ନାତୁଣୀ ବୋହୁ ରୀତୁ ବସି ଗୀତାର ପୃଷ୍ଠା ଓଲଟାଉଥିଲା ।

Digitized by srujanika@gmail.com

ସବୁରି କାନରେ ପ୍ରତିଧ୍ୱନି ହେଉଥିଲା ମୃତ୍ୟୁର ମହାନ ଆବାହନୀ ମନ୍ତ୍ର "ବାସାଂସି ଜୀର୍ଣ୍ଣାନି ଯଥା ବିହାୟ - ନବାନି ଗୃହ୍ଣାତି ନରୋପରାଣି - ତଥା ଶରୀରାଣି ବିହାୟ ଜୀର୍ଣ୍ଣା; ନ୍ୟନ୍ୟାନି ସଂଯାତି ନବାନି ଦେହୀ..." ।

ମଝିରେ ମଝିରେ ରୁଦ୍ଧ ହେଇ ଯାଉଥିଲା ରୀତୁର କଣ୍ଠ । ସିଂଘ ଘରେ ପାଦ ଦେବା ଦିନ ଏଇ ବୁଢୀକୁ ଦେଖି ଡରିଯାଇଥିଲା ରୀତୁ । ସିଂହ ଘରର ସିଂହ ଭଳିଆ ବୁଢୀ । କଥା କଥାରେ ତାକୁ ରୀତିମତ ର୍ୟାଗିଙ୍ଗ୍ କରୁଥିଲା । ପାଖରେ ବସେଇ ବୁଢୀ ବତେଇ ଦେଇଥିଲା ବୋହୂ ହେଇ ଚଳିବାର ଆଦବ କାଇଦାସବୁ । ରାତିରେ ଖାଇ ସାରିବା ପରେ ବୁଢୀର ସେଇ ଅଳନ୍ଧୁ ଲଗା, ପାନଛେପ ଭର୍ତ୍ତି ଘର ଭିତରକୁ ଡରି ଡରି ପାଦ ପକାଉଥିଲା ରୀତୁ । ସିଂହର ଘର ଭିତରକୁ ନିରୀହ ଛେଳି ଛୁଆଟାକୁ କିଏ ଠେଲି ଦେଉଛି ଯେମିତି । ଶ୍ୱଶୁର ଆଉ ବୁଢୀଶାଶୁର ପାଦ ଚିପି ଦେବାକୁ ଯାଉଥିଲା । ବୁଢୀର ହାତ ମାପରେ ଚାଖଣ୍ଡେ କରି ପାଦ ପକାଉଥିଲା ରୀତୁ । ମୁଣ୍ଡରେ କେତେ ବାଟ ଓଢଣା ପକାଇବ, କେତେ ନଇଁ ନଇଁ ଚାଲିବ, କାହାକୁ କେମିତି ଲାଜ କରିବ, କେମିତି ଆସ୍ତେ ପାଟିରେ କଥା କହିବ, ଦୁଆର ବନ୍ଧରେ ବସିବ ନାହିଁ, ଘରର ସବୁ ଲୋକ ଖାଇ ସାରିବା ପରେ ଖାଇବ, ସବୁ ଲୋକ ଶୋଇଲା ପରେ ଶୋଇବାକୁ ଯିବ, ଆଉ ବଡି ଭୋରରୁ ସମସ୍ତେ ଉଠିବା ଆଗରୁ ଉଠିବ । ଶୋଇବା ବିଛଣାରୁ ଉଠିଗଲା ବେଳେ ସ୍ୱାମୀର ପାଦଛୁଇଁ ମୁଣ୍ଡିଆ ମାରିଯିବ । ରାତି ନପାହୁଣୁ ଗାଈ ଗୁହାଳୁ ଟିକେ ଗୋବର ଆଣି ଘରେ ବାହାରେ ପବିତରା ପାଣି ପକାଇବ । ସଂଜକୁ ତୁଳସୀ ଚଉରା ମୂଳେ ସଂଜବତୀ ଦେଇ ଜୁଆର ହେବ ।

ସତକୁ ସତ ବୁଢୀର ଆତ୍ମୀୟତାର ବୁଢୀଆଣୀ ଜାଳ ଭିତରେ ଛନ୍ଦି ହେଇ ପଡୁଥିଲା ରୀତୁ, ନୀଳ ମାଛିଟି ଭଳି ।

ରୀତୁ ଆଉ ବୁଢୀମା କୁ ଡରୁନଥିଲା । ଅବିବାହିତ ବୟସରେ ବେଲବଟମ୍ ପିନ୍ଧି କଲେଜ ପିକ୍‌ନିକ୍‌ରେ ବ୍ରେକ୍ ଡ୍ୟାନ୍‌ସ କରୁଥିବା ମିସ୍ ସୁଚରିତା ଯେ ଏତେ ଶୀଘ୍ର ସିଂହ ଘରର ସୁନାବୋହୂ ହୋଇଯିବ, ସିଏ ନିଜେ ବି ବିଶ୍ୱାସ କରିପାରୁ ନଥିଲା । ଜୀବନରେ କେବେ ବି ଗୁହାଳ, ଗାଈଗୋଠ, କଖାରୁ ଲଟା ଦେଖିନଥିବା ରୀତୁ ଏବେ ଗାଈ ଦୁହିଁ ଶିଖିଲାଣି, ବଡି ପାରି ଶିଖିଲାଣି । ବଜାରରୁ ବାପା କିଣି ଆଣୁଥିବା ଶୁଖିଲା ଶାଗ ପରିବର୍ତ୍ତେ ଘର ପିଜାରୁ ପୋଇ ଆଉ କଖାରୁ ଡଙ୍କ ତୋଳି ଆଣୁଥିଲା । ବୁଢୀମାର ପାଦରେ ପାଦ ମିଶେଇ କେମିତି ବୁଢୀ ହେଇ ଯାଇଥିଲା ପିଲାଟା । ରୀତୁ ବାଢି ନଦେଲେ ଭାତ ରୁଚୁ ନଥିଲା ବୁଢୀକୁ । ବୁଢୀକୁ ଖଣ୍ଡେ ନୂଆ ନପିନ୍ଧେଇଲେ ନିଜେବି କେବେ ନୂଆ ଖଣ୍ଡେ ପିନ୍ଧୁ ନଥିଲା ରୀତୁ । ବୁଢୀକୁ ଛାଡି ସ୍ୱାମୀଙ୍କ ସାଙ୍ଗରେ ସହରକୁ ଯିବାବି କଷ୍ଟ ହେଇ ପଡୁଥିଲା । କି ଅଦ୍ଭୁତ ଆକର୍ଷଣରେ ସେ ବାନ୍ଧି ହେଇଯାଉଛି ନିଜେ ବି ବିଶ୍ୱାସ କରିପାରୁନଥିଲା ।

ମିଳନର ପ୍ରଥମ ରାତିରେ ଶୋଭନ୍ କହୁଥିଲେ, କୁଆଡେ ଏ ବୁଢୀମା'ର ନାତୁଣୀବୋହୂ ଦେଖିବାର ଏକା ଜିଦ୍‌ରେ ଚାକିରୀ ପାଇବା ପୂର୍ବରୁ ସିଏ ବିବାହ

Digitized by srujanika@gmail.com

ହୋଇଥିଲେ ତାକୁ । ଶୋଭନ୍ ପିଲାଦିନୁ ତାଙ୍କ ମା'କୁ ହରେଇଥିବାର ଦୁଃଖ ମିଳେଇ ଯାଇଥିଲା ବୁଢ଼ୀମାର ବାତ୍ସଲ୍ୟ ସ୍ନେହରେ । ରୀତୁ ବି ବିବାହ ପରେ ବିବାହିତ ଜୀବନର ସେ ଶୂନ୍ୟସ୍ଥାନଟିକକ ଅନୁଭବ କରିନାହିଁ । ବୁଢୀମାର କୋଳ ପାଖରେ ପିଲାଙ୍କ ପରି ଜାକିଜୁକି ହେଇ ଶୁଣିଛି ସାହାଡା ସୁନ୍ଦରୀ, ସତୀ ସାବିତ୍ରୀ, କୁନ୍ତୀ, ଦମୟନ୍ତୀ ଆଉ କୃଷ୍ଣ ଅର୍ଜୁନ ଗପ । ଭଲଥିଲା ବେଳେ ବୁଢୀ ଡାକୁଥିଲା, ''ରୀତୁରେ, ମୋ ମା'ଟା ପରା, ଆଜି ଘଡିଏ ଗୀତା ପଢିବୁ ତ !''

ପ୍ରଥମ ଥର ପାଇଁ ଗୀତା ପଢିବା ଦିନ ଦୁଇଚାରି ପଦ ପରେ ଥମ୍ କରି ରହିଯାଇଥିଲା ରୀତୁ, ଆଉ ଭାବିଥିଲା ପଚାରିବ, ମା' ତମେ କଣ 'ଗୀତା' ବୁଝିପାରୁଛ ? ରୀତୁ ଚାହିଁଲା ବେଳକୁ ବୁଢୀର ମୁହଁରେ ଗୋଟାଏ ଆନନ୍ଦର କୋମଳ ଆବେଗ ଛାଇ ଯାଉଥିଲା । ପଦ ପରେ ପଦ ପଢି ଚାଲୁଥିଲା ରୀତୁ ।

ଏମିତି କିଛି ଦିନ ପରେ ଗୀତା, ରାମାୟଣ, ଭାଗବତ ପଢିଲା ବେଳେ ନିଜ ଦେହ ଭିତରେ କେମିତି ଗୋଟାଏ ଭିନ୍ନ ଉପଲବ୍ଧିର ଦୁଆର ଖୋଲିଯିବାର ଅନୁଭବ ହେଲା ତାର । ଭିତରେ ଭିତରେ କାହାର ଶୀତଳ ସ୍ପର୍ଶରେ ଯେମିତି ପଖାଳି ହେଇଯାଉଥିଲା ଆତ୍ମା । କଲେଜରେ ବି.ଏ. ପଢିଲା ବେଳେ ବାପାଙ୍କୁ ଲୁଚେଇ ଲୁଚେଇ ଉପନ୍ୟାସ କି ଡିଟେକ୍‌ଟିଭ ପଢୁଥିଲା ସୁଚରିତା । ଭୂତପ୍ରେତଙ୍କ ଭୟ ବଢିଯାଉଥିଲା ସବୁବେଳେ । ଶୋଇବା ଘରର ଫ୍ୟାନ୍‌ଟି ଖସିପଡିବ କି, ଗାଧୁଆ ଘର ଉପରେ କେଉଁ ସନ୍ତ୍ରାସବାଦୀର ବୋମାଟିଏ ପଡିବାର ଭୟ ଘାରିଯାଉଥିଲା । କେତେବେଳେ ଝାପ୍ସା ଜହ୍ନ ଆଲୁଅରେ ସ୍ନାୟୁରେ ନିଆଁ ଲାଗିଯାଉଥିଲା ତ' ଶୀତୁଆ ସଂଜରେ ଭିଜି ଯାଉଥିଲା ତା ପିନ୍ଧାବାସ ।

ହଠାତ୍ ମନସ୍ଥତା ଫେରିପାଇଲା ରୀତୁ । ଆଖିର ଲୁହରେ ଅଠା ଅଠା ହେଇଯାଇଥିଲା ତା ଓଠ । ସମସ୍ତଙ୍କୁ ଆଖି ଆଗରେ ଦେଖି ଯେମିତି କାହାରିକୁ ଦେଖିପାରୁନଥିଲା କିଛି ସମୟ ପାଇଁ । ଶ୍ୱଶୁର, ସ୍ୱାମୀ ସମସ୍ତେ ଘେରି ବସିଲେଣି ମା ପାଖରେ । ଗୀତା ବହି ସେତିକିରେ ରଖିଦେଇ ସମସ୍ତଙ୍କ ମୁହଁକୁ ଚାହିଁଲା । ଘର୍ ଭିତରେ ସମସ୍ତଙ୍କ ଆଖିରୁ ଲୁହ ଝରିପଡୁଥିଲା ନୀରବରେ । କେହି ଆଉ କାହାରିକି କିଛି କହିପାରୁନଥିଲେ । ବୁଢୀ ଏଥର ଗୋଟାକିଆ ପକେଇଲାଣି । ଛୁଅନ୍ତା ହେଇଯିବି କହି ବିଛଣା ପାଖରୁ ଘୁଞ୍ଚିଗଲେ ଶାନ୍ତିମା ଖୁଡି । ବୁଢୀମାର ପାଦରେ ହାତ ମାରିଲା ରୀତୁ । ବରଫ ପରି ଶୀତଳ ଲାଗୁଛି । ହାତର ଆଙ୍ଗୁଠି ନାଠି ନାଠି ହେଇ ଯାଉଛି । ନାକରେ ହାତ ମାରିଲେ ହାଁତ କୋଲମାରି ଯାଉଛି । ବୁଢୀର ମୁଣ୍ଡ ପାଖରେ ବସି ପୁଣିଥରେ ମୁଣ୍ଡ ଆଉଁସି ଦେଲା । ବୁଢୀ ରୀତୁର କୋଳ ଆଡକୁ କେମିତି ଟିକିଏ ଠେଲି ହେଇଗଲା । ରୀତୁ ବୁଢୀମାର ମୁଣ୍ଡକୁ ଆଣି ତା କୋଳରେ ଥୋଇଦେଲା । ଆଉ ଚାମଚେ ନିର୍ମାଲ୍ୟ ଜଳ ମୁହଁରେ ଦେଇଛି ରୀତୁ, ଟିକେ ପେଟକୁ ନେଇଛି ତ ଆଉ ଟିକେ ପଦାରେ ପଦାରେ ବାହାରି ଯାଇଛି । ଅପ୍ରତ୍ୟାଶିତ ଭାବେ ମୁହଁଟା ମୋଡି ହେଇଗଲା ବୁଢୀର । ହଠାତ୍ ଭୀଷଣ କ୍ରନ୍ଦନ ରୋଳରେ କମ୍ପି ଉଠିଲା ସିଂହ ଘରର ଅଗଣା । କାଠ-ପରି

Digitized by srujanika@gmail.com

ସମସ୍ତଙ୍କର ମୁହଁକୁ ଅନେଇ ରହିଥିଲା ରୀତୁ । କାନ୍ଦି ପାରୁନଥିଲା ଜମା, ଶୂନ୍ୟ ନିଶ୍ଚଳ ହେଇ ଯାଉଥିଲା ।

ହଠାତ୍ ଘର ଭିତରଟା ଶୂନ୍ୟ ହେଇଗଲା । କିଏ କୁଆଡେ ଉଠି ଚାଲିଗଲେ । ରୀତୁର କୋଳରେ ଅତି ଆଦରରେ ଶୋଇଥାଏ ମୃତ୍ୟୁ । ଧୋବା ଡକେଇ ଗଛ କାଟିବାରେ ଲାଗି ପଡିଲେଣି ତା ଶ୍ୱଶୁର । ପାଳ ଦଉଡି ବଳି କୋକେଇ ତିଆରିରେ ଲାଗି ପଡିଲେଣି ଶୋଭନ୍ । କିଏ କହୁଥିଲା, ବୁଢୀର କାନରୁ ନୋଳିଟା ଖୋଲିଦିଅ ତ କିଏ କହୁଥିଲା— ଯା ହେଉ, ବୁଢୀଟା ଆଜି ଭଲ ଦିନରେ ଯାଇଛି । ଆଉ କିଏ ଆସି କହୁଥିଲା— ଘରେ ଶବ ପଡ଼ି ରହିଲା, ଜଲଦି ଦିନରୁ ଦିନରୁ ଏ କାମ ସାରିଦିଅ । ଶୀତଦିନକୁ ରାତିରେ ଏ କାମ ବଡ ଅସୁବିଧା ।

ସତକୁ ସତ ସେଇ କୋକେଇରେ ଶୋଇଲା ବୁଢୀମା, ରାମ ନାମ ସତ୍ୟ ହେ କହି ସବୁ ଧାଇଁ ଗଲେ ଶ୍ମଶାନ ଆଡ଼କୁ । ଶବ ପଛେ ପଛେ ଧୀର ପାଦ ପକେଇ ଶ୍ମଶାନ ଆଡକୁ ଯାଉଥିଲା ସିଂହଘର ବୋହୂ ରୀତୁ । ଶ୍ୱଶୁର ସବୁ କର୍ମ କଲେ । ବୁଢୀମା'କୁ ଗାଧୋଇ ଦେଇ ନୂଆଲୁଗା ପିନ୍ଧେଇ ଦେଲେ । ସଫା ଖପରାରେ କଦଳୀ, ଢାଇ ସିଝେଇ ତା ପାଟିରେ ଦେଲେ । ତାପରେ ଯୁଇ ସଜେଇବାରେ ଲାଗିପଡିଲେ ଗାଁର ମୁରବୀ ଲୋକ ସବୁ । ମା'ର ଆଣ୍ଠୁ ଦି'ଟାକୁ ପେଟ ପାଖକୁ ଆଣିଲେ । ହାତ ଦିଟାକୁ ସେଇ ଆଣ୍ଠୁ ସନ୍ଧିରେ ଜାକି ଧରିଲେ । ରୀତୁର ମନେ ପଡିଗଲା ମୋଟା ଜୁଲୋଜି ବହିର ଚିତ୍ର । ମା ଗର୍ଭରୁ ବାହାରିବା ପୂର୍ବରୁ ପୂର୍ଣ୍ଣାଙ୍ଗ ଭ୍ରୂଣଟିଏ ପରି ବୁଢୀମା । ବୁଢୀମା କଅଁଳା ଛୁଆଟିଏ । ସେଇମିତି ଫେରିଯାଉଛି, ଯେମିତି ଆସିଥିଲା । ଜୀବନର ଲୁଚକାଳି ଖେଳ, ବର କନିଆ ଖେଳ, ଛକା ପଞ୍ଝା ଖେଳ ସବୁ ତାର ସରିଯାଇଥିଲା । ବୁନ୍ଦାଏ ବି ଲୁହ ଗଡୁନଥିଲା ରୀତୁର ଆଖିରୁ । ମୁଖାଗ୍ନି ଦେଲେ ତା ଶ୍ୱଶୁର । ମୃତ୍ୟୁକୁ ଏତେ ନିକଟରେ କେବେ ବି ଦେଖିନଥିଲା ରୀତୁ । ଆଖି ତରାଟି ଯୁଇ ଭିତରକୁ ଚାହିଁ ଦେଖିଲା ବୁଢୀମା'ର ସ୍ତନ, ଓଠ, ପାଦ ସବୁ ଫୋଟକା ପରି ଫୁଟି ପାଣି ହେଇଯାଉଥାଏ । ନାକରେ ବାଜୁଥିଲା ପୋଡା ମଣିଷର ଗନ୍ଧ । ମରଶରୀରର ମର୍ମାନୁଭବ ଭିତରେ ଜୀବନର ସ୍ୱାଦ ଚାଖି ହେଇଯାଉଥିଲା ଯେମିତି ଆପେ ଆପେ ।

ବୁଢୀମା ମରିଯାଇଛି । ମା'ର ଦଶପାଳନ, ଏଗାର ଦିନର ଭୋଜି ସବୁ ସରିଯାଇଛି । ସେଇଦିନଠୁଁ କିନ୍ତୁ ରୀତୁକୁ ସବୁବେଳେ ଅନ୍ୟମନସ୍କ ଲକ୍ଷ୍ୟ କରୁଛନ୍ତି ଶୋଭନ୍ । ରାତିରେ ସ୍ୱପ୍ନ ଦେଖୁଥିଲା ରୀତୁ, ଭୀଷଣ ଭାବରେ ଦୁଃସ୍ୱପ୍ନ । ମାତ୍ର ପାଞ୍ଚ ବର୍ଷ ତଳର କଲେଜ କୁଇନ୍ ସୁଚରିତା ଏବଂ ଅନ୍ୟାନ୍ୟ ରୂପସ୍ନିଗ୍ଧା ତରୁଣୀମାନେ ହଠାତ୍ ବୁଢୀ ହେଇଯାଇଛନ୍ତି, ସୁନ୍ଦରୀ, ଅତି ସୁନ୍ଦରୀ ଓ ଅଳ୍ପସୁନ୍ଦରୀ ମାନଙ୍କ ଭିତରେ ଆଉ କିଛି ତଫାତ୍ ନାହିଁ । ଯୌବନ ଛଳ ଛଳ ହାତ ପାଦସବୁ ଶିରାଳ ଦିଶୁଛି । ସ୍ତନ ସବୁ ଶୁଷ୍କ, ଅଦରକାରୀ ଅପଦାର୍ଥ ପରି ପଡ଼ିରହିଛି । ବ୍ଲାଉଜ ପିନ୍ଧିବାର ବୟସ ଅତିକ୍ରାନ୍ତ । ଖାଲି ଯାହା କଙ୍କାଳ ସାର ଦେହକୁ ଘୋଡ଼େଇ ରଖିବାପାଇଁ ଶାଢୀର ଅପଚେଷ୍ଟା । ରାସ୍ତାରେ କାଠିଡିଆଁ ଖେଳୁଥିବା ଛୋଟ ଛୋଟ ପିଲାସବୁ ତାଙ୍କ ପାଇଁ

Digitized by srujanika@gmail.com

ଯାଇ ସଜାଡୁଛନ୍ତି । ଏମିତି ଦୁଃସ୍ୱପ୍ନ ଦେଖି ବିଡି ବିଡେଇ ଉଠି ଶୋଭନକୁ ଜାବୁଡ଼ି ଧରେ ରୀତୁ । ରୀତୁର ଅନ୍ୟମନସ୍କତାରେ ମ୍ରିୟମାଣ ହେଇପଡୁଛି ଶୋଭନ । ଗ୍ରହଶାନ୍ତି ପାଇଁ ପଣ୍ଡିତ ଜ୍ୟୋତିଷମାନଙ୍କର ପରାମର୍ଶ ନେଉଛି । ହେଲେ କିଛି ପରିବର୍ତ୍ତନ ନାହିଁ । ରୀତୁର ଏ ଅବସ୍ଥାରେ ସମସ୍ତେ ଚିନ୍ତାଗ୍ରସ୍ତ; ହେଲେ ନିରୁପାୟ ରୀତୁ । ମୁହୂର୍ତ୍ତ ମୁହୂର୍ତ୍ତରେ ସେ କେମିତି ଗୋଟାଏ ଐଶ୍ୱରିକ ଚେତନାର ସମ୍ମୋହନୀ ବାସ୍ନା ଉପଲବ୍ଧି କରୁଛି ।

ତା ଆଖି ଆଗରେ ନାଚିଯାଉଛି ବୁଢୀମାର ମୃତ୍ୟୁ । ନିଜ ସାମନାରେ ଆଙ୍କି ହେଇଯାଉଛି ମରଣର ସ୍କେଚ୍ । ଆଉ କେତେବେଳେ ଆଖିରେ ତାର ନାଚିଯାଉଛି ମରଣର ତୀର୍ଥଭୂମି କୁରୁକ୍ଷେତ୍ର, ଗୋଟାଏ ସୁସଜ୍ଜିତ ରଥରେ ଅମାନିଆ ଅର୍ଜ୍ଜୁନ । ଆଖିରେ ଲୁହ । ମରଣକୁ ହାତ ଠାରି ଡାକୁଥିବା ଶହେ ଆପଣାର ଲୋକ । ଅନ୍ୟ ପକ୍ଷରେ ପରମ ପୁରୁଷ ପରମେଶ୍ୱର ପ୍ରାଣସଖା କୃଷ୍ଣ, ଆଉ ବିଶ୍ୱରୂପର ଅଦୃଶ୍ୟ ଛାୟାଚିତ୍ର ।

ରାତିର ଅଂଧାର ଭିତରେ ରୀତୁକୁ ନିବିଡ ଆଶ୍ଳେଷରେ ଜାବୁଡି ଧରି ଚୁମ୍ବନଟିଏ ଆଂକିଦେଲେ ପ୍ରତ୍ୟୁତ୍ତରରେ ରୀତୁ ପଚାରୁଛି, "ଶୋଭନ୍, ତମେ ରାମକୃଷ୍ଣ ପରମହଂସଙ୍କ ବିଷୟରେ କିଛି ଜାଣିଛ ?"

ଏବେ ଏବେ ରାତିର ବୟସ ବଢିଗଲେ, ଶୋଭନ୍‌କୁ ନିଦ ହେଇଗଲା ଜାଣି ଚୁପ୍ ଚୁପ୍ ଉଠେ ରୀତୁ । ମୁହଁ ହାତ ଧୋଇ ଆସେ, ଘର ଭିତରେ ଧୂପ ଦିଏ । ଶୋଭନଙ୍କ ନିଦ ଭାଙ୍ଗିଯିବା ଭୟରେ ମିଞ୍ଜି ମିଞ୍ଜି ଡିବିରଟିଏ ଜାଳିଦେଇ ବିଛଣା ତଳୁ କାଢିଆଣି ପଢୁଥାଏ ବହିଟିଏ 'ମୃତ୍ୟୁ ପରେ ମଣିଷ' ।

■■■

Digitized by srujanika@gmail.com

ସହିଦ୍

ଅଗଣା ଭିତର ମାଟି ଅଧକାନ୍ଥି ଉପରେ ଆଇନା ଥୋଇ ଆଉଥରେ ନିଜକୁ ଦେଖିଲା ମହୀଧର । ନିଶ ମୋଡ଼ିଲା, ତା ହିପ୍‌ପୀ ଚୁଟୀକୁ ସାଇଜ କରି ପଛ ପଟକୁ ପାରି କୁଣ୍ଢେଇଲା । ମହୀଧରର ମୋଟା ହେଇକି ଡେଙ୍ଗା ଚେହେରା, କଳା ମଚ ମଚ ଦେହ । ଦୃଷ୍ଟି ଆକର୍ଷଣ କରିବା ପରି ନିଶ ହଳେ ରଖି ଟିକେ ଟିକେ ଉପରକୁ ମୋଡ଼ିଛି । ତା ଡେଙ୍ଗା ମୁଣ୍ଡରେ ଦିନକୁ ଦଶଥର ବାଜୁଥାଏ ଝୁମ୍ପୁଡ଼ି ଘରର ନଇଁ ପଡ଼ିଥିବା ରୁଅ ଆଉ ଛାଉଣୀ ବାଉଁଶ ।

ସକାଳୁ ସକାଳୁ ଖଦଡ ପଞ୍ଜାବୀଟା ପିନ୍ଧି ମହୀଆ ନେତାବେଶ ହେଲା ସେଦିନ । ଗେହ୍ଲେଇ ହେଇ ସ୍ତ୍ରୀ ମାଳକୁ ଡାକି କହିଲା, ମାଳ ଲୋ ରଇଥା, ଏଇଥର ମୁଁ ପଇସା ସଞ୍ଚି ଉଚା ମଥାନିଆ ଘରଟେ କରିଦେବି ।

ହସି ହସି ମୁହଁ ମୋଡ଼ିଦେଲା ମାଳ । କହିଲା– ଯାଉଛି ମ ତେଣେ କେତେ କାମ ପଡ଼ିଚି । ସକାଳ ପହରୁ ତମର ଏ ଅଫୁଲା କଥା ଶୁଣିବାକୁ ମୋର ତର ନାହିଁ ।

ଛୋଟ ଗୋଟେ ଝୁମ୍ପୁଡ଼ି ଘର ଭିତରେ ତାର ସୁଖର ସଂସାର । କିଛି ସେ ଖୋଜି ହେଇନି ମହୀଆ ପାଖରୁ । ଭଲ ଶାଢ଼ି, ଭଲ ଖାଇବା ନା ଭଲ ଘର । ମହୀଆ ପାଖରେ ଥିଲେ ସେଇ ଝୁମ୍ପୁଡ଼ି ଭିତର ଶାଗ ପଖାଳ ତା ପାଇଁ ଅମୃତ ହେଇଛି । ମୁହଁ ଖୋଲି ଏ କଥା କହି ହୁଏନା ତ; ମନେ ମନେ ଭାବି ହେଇ ଯାଉଥାଏ ମାଳର । ଏତିକି ବେଳକୁ ବାରିପଟ ସଜନା ଗଛରେ ପେଚାଟେ ବସି ରାଉ ରାଉ ଶବ୍ଦ କରୁଥାଏ । ମାଳ ଛାତିରେ ଛନକା ପଶିଲା । ଘର ଭିତରକୁ ଆସି ତା ସ୍ୱାମୀ ମହୀଆକୁ କୁଣ୍ଢେଇ ଧରି କହିଲା, ହେଇ ! ତମେ ଆଜି କୁଆଡ଼େ ଯାଇ ପାରିବନି । ମୋ ମନକୁ ପାପ ଛୁଉଁଚି ।

ଆଉ ଟିକେ ଛାତି ଉପରକୁ ଭିଡ଼ି ଆଣି ତାକୁ ଚୁମାଟେ ଦେଲା ମହୀଧର । କହିଲା– ଆଲୋ ହେ, ତୁ କିଛି ବୁଝୁଚୁ ନା ନାହିଁ । ଏଇ ଶ୍ରମିକ ବସ୍ତି ଭିତରେ ଏତେଲୋକ ଥାଉ ଥାଉ ନେତା ହେବାକୁ ମତେ ବଛା ଯାଇଚି । ଗୋଟାଏ ଦିନ ପାଇଁ ହେଉ ପଛେ ନେତା ହେବାର ମାନେ ତୁ କିଛି ବୁଝିଚୁ । ମୁଁ ଆଗରେ ସ୍ଲୋଗାନ୍ ଦେଇ ଗଲେ, ମୋରି ପଛରେ ହଜାରେ ବସ୍ତିଲୋକ ଜୟ ଜୟ ଜିନ୍ଦାବାଦ୍ କହି କହି ଯିବେ । ସମସ୍ତଙ୍କ ଛାତିରେ ଖାଲି ନାଲିଆ ରିବନ ଖଣ୍ଡେ ଖଣ୍ଡେ ମରାହେଲେ ଏକା ମୋରି ଛାତିରେ ମୋଟା ଫୁଲମାଳ ପଡ଼ିବ । କାଲି ଖୋଦ୍ ବିରୋଧୀ ଦଳର ନେତା ମୋରି

Digitized by srujanika@gmail.com

ମାଟି ପିଣ୍ଡାରେ ବସି କଣ ସବୁ କହିଯାଇଚି ଜାଣିଚୁ ? ପାଖା ପାଖି ଦି ଚାରିଖଣ୍ଡ ବସ୍ତିରୁ ବୁଝେଇ ବୁଝେଇ ହଜାର ଲୋକଙ୍କୁ ବାହାର କରାଯାଇଛି । ସରକାରଙ୍କ ବିରୁଦ୍ଧରେ ଆନ୍ଦୋଳନ ହେବ । ସକାଳୁ ଧର୍ମଘଟ ଆରମ୍ଭ ହୋଇ ସଂଧ୍ୟାକୁ ଶେଷ ହେବ । ସଂଧ୍ୟା ହେଇଗଲେ ସବୁ ଲୋକଙ୍କ ହାତକୁ ପଚାଶ ଟଙ୍କା ଲେଖାଏଁ ଧରେଇ ଦିଆଯିବ । ଗୋଟାଏ ଦିନପାଇଁ ସମସ୍ତେ ରେଳ ଧାରଣା ଉପରେ ବସିବେ । ସ୍ଲୋଗାନ୍ ଦେବେ । ମୁଁ ବସିବି ଆଗରେ । ମାଇକିର ସ୍ପିକରଟା ମୋରି ମୁହଁ ପାଖରେ ରହିବ, ଇନ୍‌କିଲାବ-ଜିନ୍ଦାବାଦ୍ । ସରକାର ହାୟ ହାୟ ! ଦରଦାମ ବୃଦ୍ଧି ଚଳିବ ନାହିଁ, ଯଦି ଚଳିବ-ନିଆଁ ଜଳିବ । ମୋରି ଚିତ୍କାରରେ କରମଣ୍ଡଳ ଏକ୍ସପ୍ରେସ୍ ବି ଅଟକି ଯିବ ଲୋ ମାଳ ! ଏସବୁର ଫଟୋ ବି ଉଠିବ, ଖବର କାଗଜରେ ଛପାଯିବ । ଆଉ ସବୁଠୁ ବଡ କଥାଟା କଣ ଜାଣିଚୁ ? ଏଇ ରାସ୍ତାରୋକ ଆନ୍ଦୋଳନରେ ସାମିଲ ହେଇଥିବା ସମସ୍ତଙ୍କୁ ପଚାଶ ଟଙ୍କା ଲେଖା ମିଳିବା ବେଳେ ଏକା ମତେ ମିଳିବ ଦି' ହଜାର ଟଙ୍କା ।

ହଠାତ୍ ମାଳର ଆଖିଟା ବଡ ବଡ ହେଇଗଲା । ଗୋଟାଏ ଦିନରେ ତା ସ୍ୱାମୀ ମହୀଆକୁ ମିଳିବ ପୁଣି ଏତେ ଗୁଡାଏ ଟଙ୍କା । ନେତା ହେଲେ ପୁଣି ଏମିତି ହୁଏ । ଏସବୁ ନେତା ଫେତା ହେବାର ମାନେ କିଛି ବୁଝି ପାରୁନଥିଲା ମାଳ । ଖାଲି ଏତିକି ଜାଣୁଚି, କାଲି ଆଣି କିଏ ଜଣେ ବଡ ନେତା ଦେଇଯାଇଥିବା ଏଇ ପଞ୍ଜାବୀଟା ପିନ୍ଧିଲେ ମହୀଆ ଆଜି ନେତା ହେବ ।

ଦି ହଜାର ଟଙ୍କାରେ ତିଆରି ଗୋଟାଏ ସ୍ୱପ୍ନର ବୁଢୀଆଣି ଜାଲରେ ଛନ୍ଦି ହେଇ ପଡୁଥିଲେ ଗେରସ୍ତ ଭାରିଯା ଦି ଜଣ ଯାକ । ଏଇ ଟଙ୍କା ପାଇଲେ ପ୍ରଥମେ ଗୋଟାଏ ଉଚ୍ଚା ମଥାନିଆ ଘରଟେ ତୋଳିବ ମହୀଆ । ତାପରେ ଗୋଟାଏ ଜରି ପାଢ଼ିବାଲା ଶାଢ଼ିଟେ କିଣିବ ମାଳ ପାଇଁ । କିନ୍ତୁ ସିଧା ମନା କରିଦେଲା ମାଳ । ନା- ନା ତମେ ଟଙ୍କା ଆଣିଲେ ଆମେ କିଛି ନକରି ଆଗେ ଚାଉଳ ଦି ଚାରିବସ୍ତା କିଣି ରଖିଦେବା । କେତେବେଳେ ତମର ଫାକ୍‌ଟେରୀ ବନ୍ଦ ହେଇ ଯାଉଚି ଯେ କାମ ମିଳୁନି । ପୁଣି ଏସନ ଯୋଉ ମରୁଡି ପଡିଛି । ମାଟି ଫାଟି ଆଁ କରିଚି । ଯୋଉ ବିଲରେ ଦିନେ ସୁନା ଫଳୁଥିଲା, ଏବେ ସେଠି ଖାଲି ହୁ ହୁ ନିଆଁ ଜଳୁଚି । କାହା ଜମିବାଡିରେ ଗଣ୍ଡେ ମୂଲକାମ ମିଳିବାକୁ ନାଇଁ । ତମେ ଟଙ୍କା ଆଣିଲେ ଆମେ ଚାଉଳ କିଣି ରଖିଦେବା ।

ଖୁସିରେ ପୁରି ଉଠୁଥିବା ମାଳର ପୁଟୁକି ଗାଲକୁ ବାଁ ହାତରେ ଚିପିଦେଲା ମହୀଆ । କହିଲା, ଯାଉଚି ଲୋ ମାଳ । ଖରାବେଳକୁ ସେଇଠି ଖାଇବାକୁ ମିଳିବ । ମୋ ପାଇଁ ଆଜି ରାନ୍ଧିବୁ ନାହିଁ । ତୁ ତୋର କଣ ଗଣ୍ଡାଏ ରାନ୍ଧି ଖାଇଦେବୁ, ମୁଁ ଯାଇ ଫେରୁ ଫେରୁ ସଂଜ ।

ସେଇ ସକାଳୁ ସକାଳୁ ବସ୍ତିମୁଣ୍ଡ ଜାଗୁଳାଇ ଠାକୁରାଣୀଙ୍କ ପାଖରେ ଜମା ହେଇପଡ଼ିଲେ ହଜାରେ ଲୋକ । ର୍‍ୟାଲି ଆରମ୍ଭ ହେଲା । ସବା ଆଗରେ ରହିଲା ମହୀଧର । ସାହି ବସ୍ତି ଦୋକାନ ବଜାର ସମେତ ଲୋକଙ୍କ ଘର ଛାତ; ଯୁଆଡେ ଚାହିଁଲେ ସିଆଡେ ଲୋକ; ମୁହଁ ଗଳେଇ ର୍‍ୟାଲି ଦେଖୁଛନ୍ତି । ଖୋଦ୍ ବିରୋଧୀ ଦଳର

Digitized by srujanika@gmail.com

ନେତା ସରକାରଙ୍କ ବିରୁଦ୍ଧରେ ଏ ରେଳରୋକ ଆନ୍ଦୋଳନର ଡାକରା ଦେଇଛନ୍ତି । ଛାଗୁଳାଇ ମନ୍ଦିର ପାଖରୁ ମନ୍ତ୍ରୀଙ୍କ ଘର ଓ ସେଇଠୁ ବଜାର ପରିକ୍ରମା କରି ର୍‍ୟାଲି ଯାଇ ପହଞ୍ଚିବ ପ୍ଲାଟ୍‌ଫର୍ମରେ । ତାପରେ ରେଳ ଧାରଣା ଉପରେ ବସି ରେଳରୋକ କରାଯିବ ।

ମନ୍ତ୍ରୀଙ୍କ ଘର ସାମ୍‌ନାରେ ଖୋଦ୍ ବିରୋଧୀ ଦଳର ନେତା ଭାଷଣ ଦେଲେ । "ଗରିବ ଖଟିଖିଆ ଲୋକର ଦୁଃଖ ସରକାର ବୁଝୁନାହାନ୍ତି । ଯେଉଁମାନେ ହାଡଭଙ୍ଗା ମେହନ୍ତି କରି ଏ ମାଟିକୁ ଶସ୍ୟଶ୍ୟାମଳା କରିଛନ୍ତି; ଏ ଦେଶକୁ ଖାଦ୍ୟ ଯୋଗାଉଛନ୍ତି; ସେମାନେ ଆଜି ଦିନେ ଖାଇଲେ ଦି ଦିନ ଉପାସ । ମରୁଡି ସାହାଯ୍ୟ ମିଳିବ ମିଳିବ ବୋଲି ମିଳି ପାରିଲା ନାହିଁ । ସରକାରୀ ସାହାଯ୍ୟ ସବୁ ବାଟ ମାରଣା ହେଲା । ଗରିବ ଖଟିଖିଆ ଲୋକର ଅଣ୍ଟାପିଠି ଭାଙ୍ଗି ପଡିବା ବେଳେ ପୁଣି ଦରଦାମ ବଢ଼ି ବଢ଼ି ଚାଲିଛି । ଏଇ ପ୍ରତିବାଦରେ ଆଜି ବାରଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି ।"

ନେତାଙ୍କ ତଣ୍ଟି ଫଟା ଭାଷଣ ଓ ସମୂହ ଜନତାର କରତାଳିରେ କମ୍ପି ଉଠୁଥାଏ ଯେମିତି ମାଟି ଓ ଆକାଶ । ର୍‍ୟାଲି ଯାଇ ପ୍ଲାଟଫର୍ମରେ ପହଞ୍ଚିଲା । ଖୋଜି ଖୋଜି ବହୁ କଷ୍ଟରେ ଯୋଗାଡ ହେଇଥିବା ହଜାରେ ଲୋକ ବସିଲେ ରେଳ ଲାଇନ୍ ଉପରେ । ସବା ଆଗରେ ବେକରେ ଫୁଲମାଳ ଓ ମଥାରେ ଠାକୁରାଣୀ ସିନ୍ଦୁର ବୋଳି ହୋଇ ବସିଛି ମହୀଧର ।

ପ୍ଲାଟଫର୍ମ ଉପରେ ଠିଆ ହେଇ ବିରୋଧୀ ଦଳର ତୁଙ୍ଗ ନେତାମାନେ ଭାଷଣ ଦେଇ ଚାଲିଛନ୍ତି । ନେତାମାନଙ୍କର ଭାଷଣ କିଛି ବୁଝିପାରୁ କି ନପାରୁ ବଡ ଯୋରରେ ମୁଣ୍ଡ ଟୁଙ୍ଗାରୁଛି ମହୀଧର । ରକ୍ତ ତାତି ଯାଉଛି ଯେମିତି ତାର । ସ୍ଲୋଗାନ୍ ଦେଇ ଦେଇ ତା ତଣ୍ଟି ବସିଗଲାଣି ।

ଦିନ ଗଡୁଛି । ଛୋଟ ହେଇ ଯାଉଛି ମଣିଷର ଛାଇ । ଛୋଟ ହେଇ ହେଇ ଶେଷରେ ମିଶିଗଲା ମଣିଷ ଦେହରେ । ମଧ୍ୟାହ୍ନ ହେଲା । ପୁଣି ଛାଇ ବଢ଼ିବ । ଖୁବ୍ ଲମ୍ବିଯିବ । ମହୀଧର ଆଖି ଆଗରେ ନାଚିଗଲା ସେଇ ଲମ୍ବା ଲମ୍ବା ଛାଇକୁ ଲିଭେଇ ଦେଉଥିବା ଗୋଟାଏ ସ୍ୱପ୍ନିଳ ସୂର୍ଯ୍ୟାସ୍ତ । ସେଇ ସଂଜକୁ ଗୋଠ ବାହୁଡା ଗୋରୁ ପଲ ପରି ଗାଁ ରାସ୍ତାରେ ଧୂଳି ଉଡେଇ ଫେରିବେ ଆନ୍ଦୋଳନକାରୀ ବସ୍ତି ବାସିନ୍ଦା ସବୁ । ସେଇ ସଂଜକୁ ପୂରିଯିବ ବାରଘଣ୍ଟା । ବନ୍ଦ ସଫଳ ହେବ । ଆଉ ତା ପରେ ଘର ଫେରନ୍ତାରେ ମାଳର ଅଣ୍ଟିରେ ସିଏ କୁଢେଇ ପକେଇବ ଦି ହଜାର ଟଙ୍କା । ଏତେଗୁଡାଏ ଟଙ୍କା ଦେଖି ଗେରୁଆ ଗୋଧୂଳି ପରି ମାଳର ମୁହଁ ଉପରକୁ କଅଁଳି ଆସୁଥିବ ଗୋଟିଏ ଅଦିନିଆ ଜହ୍ନ । ଏକାବେଳକେ ଏତେଗୁଡାଏ ଟଙ୍କା ଗଣିବ ବୋଲି ଅଣନିଃଶ୍ୱାସୀ ହୋଇ ପଡୁଥିବ ମାଳ ।

ଭାଷଣ ଶୁଣିବା ପାଇଁ ଆଉ ମନ ବଳିଲା ନାହିଁ ମହୀଆର । ତାତିଲା ଲୁହାର ରେଳ ଧାରଣା ଉପରେ ବସି ବି ଏତେ ବେଶି ସ୍ୱପ୍ନ ବିଭୋର ହେଇ ଯାଉଥିଲା ମହୀଧର । ମଣିଷର ବାଡ଼, ପ୍ଲାଟଫର୍ମର ଦୁଇପଟରେ ଅଟକି ଦେଲାଣି କେତେକେତେ

Digitized by srujanika@gmail.com

ଏକ୍ସପ୍ରେସ ଆଉ ମାଲ ବୋଝେଇ ଟ୍ରେନ୍। ହଠାତ୍ ସରକାରୀ ଘରୁ ନୋଟିସ୍ ଆସିଲା, ମାଇକ୍‌ରେ ପ୍ରଚାର କରାଗଲା– "ଏ ଆନ୍ଦୋଳନ ବନ୍ଦ କରନ୍ତୁ। ରେଳ ଧାରଣା ଉପରୁ ଉଠଯାଆନ୍ତୁ। ଟ୍ରେନ୍‌ଗୁଡ଼ିକ ଆଉ ବେଶି ସମୟଧରି ଅଟକି ପାରିବ ନାହିଁ।"

ଚାହୁଁ ଚାହୁଁ ପ୍ଲାଟଫର୍ମର ଚାରିପାଖ ପୁଲିସ୍ ଛାଉଣୀରେ ଭରିଗଲା। ଆନ୍ଦୋଳନକାରୀମାନଙ୍କୁ ଘଉଡାଇବା ପାଇଁ ପୁଲିସ ପକ୍ଷରୁ ଲୁହବୁହା ଗ୍ୟାସ୍ ସାଙ୍ଗକୁ ଫାଙ୍କା ଗୁଳି ଚାଳନା କରାଗଲା। ଛତ୍ରଭଙ୍ଗ ଦେଲେ ପ୍ରାୟ ଅର୍ଦ୍ଧାଧିକ ଲୋକ। ହେଲେ ମହୀଧର ଉଠିଲା ନାହିଁ ରେଳଧାରଣା ଉପରୁ। ତା ସାଙ୍ଗରେ ବି କିଛି ନମକସଚ୍ଚା ଲୋକ। ବିରୋଧୀ ଦଳର ତୁଙ୍ଗ ନେତାମାନେ କିଏ କୁଆଡେ ଛତ୍ରଭଙ୍ଗ ଦେଲେ ତ କିଏ ବଂଧା ହେଇଗଲେ ଥାନାକୁ। ମାତ୍ର ମହୀଧର ସମେତ କିଛିଲୋକ ସେଇଠି ବସି ସ୍ଲୋଗାନ୍ ଦେଇ ଚାଲିଥାନ୍ତି ସରକାର ବିରୁଦ୍ଧରେ। ପୁଲିସର କାର୍ଯ୍ୟାନୁଷ୍ଠାନ ବିରୁଦ୍ଧରେ। ତାପରେ ଚାଲିଲା ପୁଲିସର ଆଖିବୁଜା ଗୁଳିଚାଳନା।

ଥମିଗଲା କୋଳାହଳ। ସକାଳୁ ଲୋକାରଣ୍ୟ ଦିଶୁଥିବା ପ୍ଲାଟଫର୍ମ ହଠାତ୍ ଜନମାନବଶୂନ୍ୟ ଇଲାକାଟେ ପାଲଟିଗଲା। କେହି ରହିଲେ ନାହିଁ ସେଇଠି; ନା ଆନ୍ଦୋଳନକାରୀ ନା ପୁଲିସ। ଖାଲି ରେଳଧାରଣା ଉପରେ ମନ୍ଦା ମନ୍ଦା ହେଇ ଭାସୁଥିଲା ମଣିଷର ରକ୍ତ। ଟ୍ରେନଗୁଡ଼ିକ ଗଡି ଚାଲିଲା ଗନ୍ତବ୍ୟସ୍ଥଳକୁ। ରକ୍ତସ୍ନାତ ଶବଗୁଡାକ ଯେ ଆଖି ପିଛୁଳାକେ କୁଆଡେ ବୁହା ହେଇଗଲା, ତାର ଠିକଣା ରହିଲା ନାହିଁ।

ସେଦିନ ସଂଜକୁ ଆନ୍ଦୋଳନକାରୀମାନେ କିଏ ଘରକୁ ଫେରିଲେ ତ କିଏ ଫେରିଲେ ନାହିଁ। ସଂଜ ଗଡି ଯାଉଥିଲା। ମହୀଧର ଫେରୁନଥିଲା ଘରକୁ। କିଏ କହିଲା– ମହୀଧର ମରିଛି ତ; କିଏ କହିଲା ଥାନାକୁ ବନ୍ଧାହୋଇ ଯାଇଛି। କିଏ କିଏ କହିଲେ ମଧ ମହୀଧର କେଉଁଠି ଲୁଚିଯାଇଛି ପୁଲିସ ଭୟରେ।

ମହୀଧରର ଫେରିଲା ସଂଜକୁ ଚାହିଁ ବସୁଥିଲା ମାଳ।

ଅନେକ ସଂଜ ଗଡ଼ିଯାଇଛି ଯା ଭିତରେ, ମହୀଧରର ସଠିକ ଖବର କେହି ଦେଇ ପାରିନାହାନ୍ତି। ନେତା ହେବା ଦିନ ଖଦଡ ପଞ୍ଜାବୀଟା ପିନ୍ଧି ତା ମଣିଷଟା ଯେ କେତେ ସୁନ୍ଦର ଦିଶୁଥିଲା; ଆଇନା ଦେଖୁଥିଲା ଥରକୁ ଥର; ସେ ସବୁ ତାର ମନେ ପଡ଼ି ଯାଉଥିଲା। ତା ବା ଘର ଦିନ ବରବେଶରେ ବି ଏତେ ସୁନ୍ଦର ଦିଶୁ ନଥିଲା ମହିଆ। କାହିଁକି ଯେ ମହୀଆ ଘରକୁ ଫେରୁନି! ତାରି ଚିନ୍ତାରେ ଉବୁଟୁବୁ ହେଲା ମାଳ। ନେତା ଫେତା ହେଲେ ଏମିତି କଣ ସବୁଲୋକ ଘରଛଡା ହେଇଯାଆନ୍ତି। ତା ଝୁମ୍ପୁଡି ଆଗ ଅଣ ଓସାରିଆ ରାସ୍ତାରେ ସବୁ ପାଦଶବ୍ଦ ତାକୁ ଶୁଭୁଥିଲା ମହୀଆ ଆସିବା ପରି। ଚମକି ପଡି ଥରକୁ ଥର ଛାତିରେ ଛେପ ପକାଉଥିଲା ମାଳ।

କେତେଟା ଦିନ ବାଦ୍, ମହୀଆ ବିଷୟରେ ଜଣେ ସରକାରୀ ଘର ବାବୁ ଆସି କଣ ଖବର କଲେ। ତାଙ୍କ କଥାର ଭାବଭାଷା କିଛି ବୁଝିପାରିଲା ନାହିଁ ମାଳ। ଏତିକି ଖାଲି ଜାଣିଲା ଯେ, ସେଦିନ ସଂଜକୁ ସହରରେ କଣ ସଭା ହେବ। ସେଇ ସଭାରେ

Digitized by srujanika@gmail.com

ମହୀଆ ପୁରସ୍କାର ପାଇବ । ତାର ବହୁ ଆକାଙ୍କ୍ଷିତ ଅନାଗତ ସଂଜର ସେଇ ଦୁଇହଜାର ନୁହେଁ; ଏକାଥରେ ମିଳିବ ଦଶ ହଜାର ଟଙ୍କା । କିଛି ବି ଭାବି ପାରୁନଥିଲା ମାଳ । ତା ଆଗରେ ଠିଆ ହେଇ କେହିଜଣେ ଅପରିଚିତ ଅଜଣା ଲୋକ ତାକୁ କଥାରେ କିମିଆ କରୁଥିଲା ଯେମିତି । ଲୋକଟା ଏତକ ଖବର ଦେଇ ଚାଲିଗଲା ।

ସଂଜକୁ ଗୋଟାଏ ଗାଡି ଆସି ତା ଦୁଆରେ ଲାଗିଲା । ଗାଡିରୁ ଓହ୍ଲେଇ ଜଣେ ଲୋକ ତାକୁ ସଭାକୁ ଯିବାକୁ କହିଲା । ଲାଜ ଲାଜ ହେଇ ଯାଇ ଗାଡିରେ ବସିଲା ମାଳ । ଅନେକ ଦିନ ପରେ ଥରେ ମହିଆକୁ ଦେଖିବାର ମୋହ ତାକୁ ଆନନ୍ଦରେ ଲହୁଲୁହାଣ କରୁଥିଲା ଯେମିତି ।

ସତକୁ ସତ ଗାଡ଼ି ଯାଇ ଗୋଟାଏ ସଭାସ୍ଥଳରେ ପହଞ୍ଚିଲା । ନାଲି ନୀଳ ଆଲୁଅରେ ସଜା ଯାଇଥିବା ଏତେ ବଡ଼ ସଭା ତା ଜୀବନରେ କେଉଁଠି କେବେ ଦେଖି ନଥିଲା ମାଳ । ତାକୁ ଗୋଟାଏ ଚିଆର ଦିଆଗଲା ବସିବାକୁ । ଚାରିଆଡକୁ ଆଖି ବୁଲେଇ ମାଳ ଖୋଜି ହେଉଥାଏ ତା ଗେରସ୍ତ ମହୀଆକୁ । ହେଲେ ଭରସି କାହାରିକୁ ପଚାରିପାରୁ ନଥାଏ । ତାକୁ ଲାଜ ଖାଇ ଯାଉଥାଏ । ଆଖି ଉଠେଇ ଟିକେ କଣେଇ କଣେଇ ମହୀଆକୁ ଖୋଜି ହେଉଥାଏ ତ, ପୁଣି ପଣତ କାନି ପାଟିରେ ଚାପିଧରି ତଳ ମୁହାଁ ହେଇ ବସୁଥାଏ । ସାଥୀହରା ପକ୍ଷୀଟେ ଯେମିତି ଧୁନ୍ଦାଳି ହେଇ ଖୋଜି ହେଉଥାଏ ତା ସାଥୀକୁ; ଛୋଟ ଗୋଟେ ନୀଡରୁ ସମଗ୍ର ଆକାଶ ।

ସଭା ଆରମ୍ଭ ହେଲା । ବଡ ବଡ ନେତାମାନଙ୍କ ଭାଷଣ ଶୁଣି କିଛି ଠଉରାଇ ପାରୁନଥିଲା ମାଳ । କିନ୍ତୁ ମହୀଆର ନାଁଟା ତାକୁ ମନ୍ତ୍ରୀଙ୍କ ଭାଷଣ ଭିତରେ ଶୁଭୁଥିଲା ମଝିରେ ମଝିରେ । ଶେଷରେ ତାକୁ ଡକାଗଲା ସେଇ ମଂଚ ଉପରକୁ । ତା ହାତରେ ଗୋଟାଏ ସଫା ଧଳା ଲୁଗା, ମୋଟା ଛପା କାଗଜଟେ ଆଉ ଧରେଇ ଦିଅଗଲା ଲଫାପା ଭର୍ତ୍ତି ଦଶହଜାର ଟଙ୍କା । ସେଇ ସଭାମଂଚ ଉପରେ କାଳେ କେଉଁଠି ବସିଥିବ ବୋଲି ମାଳ ଲୁହ ଛଳ ଛଳ ଆଖିରେ ଖୋଜି ହେଉଥିଲା ମହୀଆକୁ ।

ମାଳ ପାଖକୁ ଆସି ଜଣେ ବାବୁ କହିଲେ ଯେ ମହୀଆ ସହିଦ୍ ହେଇଛି । ମହୀଆ ସହିଦ୍ ହେଇଥିବାର ଶୁଣି ଆନନ୍ଦରେ ପୂରିଉଠିଲା ମାଳର ଛାତି । ଏଇ ସହିଦ୍ ହେବାର ମାନେ ଟା ପୁଣି କାହାକୁ ପଚାରିବ ପଚାରିବ ହେଇ ଲାଜେଇ ଗଲା । ଭାବିଲା, ମହୀଆ ତ ଦେଖା ହେଇଗଲେ ସବୁ ବୁଝେଇ ଦିଅନ୍ତା । ସିଏ ମାଇପି ଲୋକଟା ହେଇ ଆଉ କାହାକୁ କାହିଁକି ଯିବ ପଚାରିବାକୁ ?

ମାଳ ହାତର ରୁଣୁଝୁଣୁ ପାଣିକାଚ ଆଉ ମଥାର ଲାଲ ଟହଟହ ସିନ୍ଦୁର ଟୋପା ଆଗରେ ମଂଚର ଉଜ୍ଜ୍ୱଳ ଆଲୁଅ ସବୁ ନିଷ୍ପ୍ରଭ ହେଇ ଯାଉଥିଲା ସେଦିନ ।

■■■

Digitized by srujanika@gmail.com

ଅରବିନ୍ଦ ଧଳ

କେନ୍ଦ୍ରାପଡ଼ା ଜିଲ୍ଲାନ୍ତର୍ଗତ ଇନ୍ଦୁପୁରସ୍ଥ ଧୂମାତ ଶାସନ ଗ୍ରାମରେ ଅରବିନ୍ଦ ଧଳଙ୍କର ଜନ୍ମ —୧୯୬୭ ମସିହାରେ । ତାଙ୍କ ପିତା ଅବସରପ୍ରାପ୍ତ ଶିକ୍ଷକ ଶ୍ରୀ ଗୌରାଙ୍ଗ ଚରଣ ଧଳ ଜଣେ ନାଟ୍ୟକାର ତଥା ଔପନ୍ୟାସିକ । ତାଙ୍କରି ପ୍ରେରଣାରେ ପରିପୁଷ୍ଟ ହୁଏ ଅରବିନ୍ଦଙ୍କ ଗଳ୍ପମନସ୍କ ଲେଖକ ଜୀବନ ।

ମ୍ୟାଟ୍ରିକ୍‌ଠାରୁ ଆରମ୍ଭ କରି ସ୍ନାତକୋତ୍ତର କୃଷି ପର୍ଯ୍ୟନ୍ତ - ସମସ୍ତ ପରୀକ୍ଷାରେ ସେ ଉତ୍ତୀର୍ଣ୍ଣ ହୋଇ ଆସିଛନ୍ତି ପ୍ରଥମ ଶ୍ରେଣୀରେ । ଉଦ୍ଭିଦ ରୋଗ ବିଜ୍ଞାନ ବିଭାଗ ସ୍ନାତକୋତ୍ତର ଶିକ୍ଷାର୍ଥୀ ଭାବରେ ସେ ମଧ୍ୟ ସ୍ୱର୍ଣ୍ଣପଦକପ୍ରାପ୍ତ । ଏକାଧାରରେ ଜଣେ କୃତୀଛାତ୍ର ଓ କୃତବିଦ୍ୟ କଥାକାର ଶ୍ରୀ ଧଳ ଏକାଧିକ ସାରସ୍ୱତ ଅନୁଷ୍ଠାନ ଦ୍ୱାରା ତାଙ୍କ ଗଳ୍ପ-ପ୍ରତିଭା ପାଇଁ ପୁରସ୍କୃତ । ଏହି ସଂକଳନ ଅନ୍ତର୍ଭୁକ୍ତ 'ସହିଦ' କ୍ଷୁଦ୍ରଗଳ୍ପ ପାଇଁ ୧୯୯୮ର ଚତୁର୍ଦ୍ଦଶ ଭୁବନେଶ୍ୱର ପୁସ୍ତକ ମେଳାରେ ସେ ପାଇଛନ୍ତି ରବି ପଟ୍ଟନାୟକ ସ୍ମୃତି ଗଳ୍ପ-ପୁରସ୍କାର ।

ସଂପ୍ରତି ଜଣେ ଉଦ୍ଭିଦ ରୋଗବିଜ୍ଞାନ ଗବେଷକ ଭାବରେ ସେ କାର୍ଯ୍ୟରତ ।

Digitized by srujanika@gmail.com